# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୯/୨୦୨୦ (୨୦ ପୃଷ୍ଠା) | Bhubaneswar, Monday, March 9/2020 | ★★★★★★

୪୬ଶ ଭାଗ ୧୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


## ହୋଲି ଶୁଭେଚ୍ଛା

ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁ ଓ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

## ଧରିତ୍ରୀର ଛୁଟି

ଦୋଳ ପୂର୍ଣ୍ଣିମା ଓ ହୋଲି ଉତ୍ସବ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମାର୍ଚ୍ଚ ୦୯ ଓ ୧୦ ତାରିଖ ସୋମବାର ଏବଂ ମଙ୍ଗଳବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ମାର୍ଚ୍ଚ ୧୨ ତାରିଖ ଗୁରୁବାର ସକାଳେ ପ୍ରକାଶ ପାଇବ।

## ଆଜିର ସମ୍ପାଦକୀୟ

ଆଜି 'ୟେସ୍'
କାଲି 'ନୋ'

## ଆଜିର ମନ୍ତବ୍ୟ

"ମହିଳାମାନେ ସମାଜର ସ୍ତମ୍ଭ। ସେମାନେ ଆମର ଗର୍ବ।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## କିଛି ତଥ୍ୟ

ଦେଶର ପୁଞ୍ଜିବଜାରରୁ ବିଦେଶୀ ନିବେଶକମାନେ ବର୍ତ୍ତମାନ ସୁଦ୍ଧା ୧୩,୧୫୭ କୋଟି ଟଙ୍କା ପ୍ରତ୍ୟାହାର କରିନେଇଛନ୍ତି। କରୋନା ଭାଇରସ ଯୋଗୁ ବିଦେଶୀ ନିବେଶକଙ୍କ ୬ ମାସର ନିବେଶ ଧାରା ଉପରେ ସାମାନ୍ୟ ପ୍ରଭାବ ପରିଲକ୍ଷିତ ହୋଇଛି।

ଷ୍ଟକ ବଜାର ଡିପୋଜିଟୋରୀ ଡାଟା














“ ମୁଁ କୌଣସି ଧର୍ମରେ ବିଶ୍ୱାସ କରେନି। ଧର୍ମ କେବଳ ଗୋଟିଏ, ତାହା ଭାରତୀୟ। ମୁଁ କେବଳ ଭାରତୀୟତାରେ ବିଶ୍ୱାସ କରେ। ଆଗାମୀ ଚଳଚ୍ଚିତ୍ର ‘ସୂର୍ଯ୍ୟବଂଶୀ’ରେ ତାହା ପ୍ରତିଫଳିତ ହୋଇଛି।

-ଅକ୍ଷୟ କୁମାର, ବଲିଉଡ୍ ସୁପର ଷ୍ଟାର



## ସଂକ୍ଷେପରେ

### ନୂଆ ଦଳ ଗଢ଼ିଲେ ଅଲ୍‌ତାଫ ବୁଖାରୀ



**ଶ୍ରୀନଗର,୮।୩(ପି.ଟି.):** ଜମ୍ମୁ-କଶ୍ମୀରର ପୂର୍ବତନ ଅର୍ଥମନ୍ତ୍ରୀ ଅଲ୍‌ତାଫ ବୁଖାରୀ ରବିବାର ‘ଜମ୍ମୁ-କଶ୍ମୀର ଅପ୍‌ନି ପାର୍ଟି’ (ଜେକେଏପି) ନାମରେ ନୂଆ ରାଜନୈତିକ ଦଳ ଗଠନ କରିଛନ୍ତି। ଏଥିରେ ବିଭିନ୍ନ ଆଞ୍ଚଳିକ ଓ ଜାତୀୟ ଦଳରୁ ୩୦ ଜଣ ନେତା ଯୋଗଦେଇଛନ୍ତି। ଜମ୍ମୁ-କଶ୍ମୀରର ରାଜ୍ୟ ମାନ୍ୟତା ଫେରାଇଆଣିବା ଏବଂ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସ୍ଥାୟୀ ବାସିନ୍ଦା ଅଧିକାର ପ୍ରଦାନ କରିବା ନୂଆ ଦଳ ଗଠନର ଲକ୍ଷ୍ୟ ରଖାଯାଇଛି। ଏହି ଦଳ ସାଧାରଣ ଲୋକଙ୍କର, ସେମାନଙ୍କ ଦ୍ୱାରା ଓ ସେମାନଙ୍କ ପାଇଁ ବୋଲି ପୂର୍ବତନ ପିଡିପି ନେତା ବୁଖାରୀ କହିଛନ୍ତି। ତାଙ୍କ ଦଳ କାହାକୁ ମିଥ୍ୟା ପ୍ରତିଶ୍ରୁତି ଦେବ ନାହିଁ, କେବଳ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ଗତବର୍ଷ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖରେ ବିଭକ୍ତ କରିଥିଲେ। ରାଜ୍ୟର ପୂର୍ବ ମାନ୍ୟତା ଓ ଗୌରବ ଫେରାଇ ଆଣିବା ଜେକେଏପିର ଲକ୍ଷ୍ୟ।

### ହଂସରାଜ ଭରଦ୍ୱାଜଙ୍କ ପରଲୋକ



**ନୂଆଦିଲ୍ଲୀ,୮।୩(ପି.ଟି.):** ପୂର୍ବତନ ଆଇନମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ହଂସରାଜ ଭରଦ୍ୱାଜ(୮୩)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି। ରବିବାର ସନ୍ଧ୍ୟା ୬ଟା ୩୦ରେ ଦିଲ୍ଲୀର ସାକେତସ୍ଥିତ ମାକ୍ସ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ଥିବା ହଂସରାଜଙ୍କୁ ବୁଧବାର ଉକ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ବୋଲି ତାଙ୍କ ପରିବାର ସୂତ୍ରରୁ ପ୍ରକାଶ। ନିଗମବୋଧ ଘାଟରେ ସୋମବାର ଅପରାହ୍ନ ୪ଟାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭଜପା ନେତା ତଥା ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ଏବଂ ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ହରିୟାଣାର ରୋହତକ ଜିଲା ଗଢ଼ି ସାମ୍ପଲାରେ ଜନ୍ମିତ ହଂସରାଜ ୧୯୮୨ରୁ ୨୦୦୯ ମଧ୍ୟରେ ୫ ଥର ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ, ନରସିଂହ ରାଓ ଏବଂ ମନମୋହନ ସିଂଙ୍କ ସରକାରରେ ଦୀର୍ଘ ୧୪ ବର୍ଷ ଧରି ସେ ଆଇନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୨୦୦୯ରେ ସେ କର୍ଣ୍ଣାଟକ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଥିଲେ।

# ଗାନ୍ଧୀ ପରିବାର ସହ ରାଣାଙ୍କ ସମ୍ପର୍କ

**ନୂଆଦିଲ୍ଲୀ,୮।୩**

ମନିଲଣ୍ଡରିଂ ନିବାରଣ ଆଇନ ବଳରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ରବିବାର ଭୋର ୩ଟାରେ ଗିରଫ ହୋଇଥିବା ୟେସ ବ୍ୟାଙ୍କ ପ୍ରତିଷ୍ଠାତା ରାଣା କପୁରଙ୍କୁ ନେଇ ଅନେକ ରୋଚକ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ରାଣା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଏକ ପେଣ୍ଟିଂକୁ ୨ କୋଟି ଟଙ୍କାରେ କିଣିଥିଲେ। ଆୟକର ବିଭାଗ ପକ୍ଷରୁ ଏହି ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ ହେବା ପରେ ଗାନ୍ଧୀ ପରିବାର ସହ ତାଙ୍କ ସମ୍ପର୍କ ପଦାରେ ପଡ଼ିଛି। ଏହାକୁ ନେଇ ଭାଜପା-କଂଗ୍ରେସ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହେବା ସହ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି।

୬୨ ବର୍ଷୀୟ ୟେସ ବ୍ୟାଙ୍କ ପ୍ରମୋଟର ରାଣା କପୁରଙ୍କୁ ଆର୍ଥିକ ଅନିୟମିତତା ଅଭିଯୋଗରେ ଇଡି ଶୁକ୍ରବାରଠାରୁ ୩୦ ଘଣ୍ଟା ଧରି ଜେରା କରିଥିଲା। ମୁମ୍ବାଇ ଅଫିସରେ ପଚରାଉଚରା ବେଳେ ମିଳିଥିବା ସୂଚନାନୁସାରେ ଗାନ୍ଧୀ ପରିବାରର ଅନ୍ୟତମ ଦାୟାଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ରାଣାଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଛି। ପ୍ରିୟଙ୍କାଙ୍କଠାରୁ ରାଣା ଏକ ପେଣ୍ଟିଂକୁ ୨ କୋଟି ଟଙ୍କାରେ କିଣିଥିଲେ। ତେବେ ଭାରତୀୟ ରାଜନୀତିର ଏହି ବିଶିଷ୍ଟ ପରିବାର ସହ ରାଣା ଆଉ କ'ଣ ସବୁ କାରବାର କରିଥିଲେ ତାହା ସ୍ପଷ୍ଟ କରିବା ଲାଗି ତଦନ୍ତକାରୀ ସଂସ୍ଥାଗୁଡ଼ିକ ତନାଘନା ଚଳାଇଛନ୍ତି। ୟେସ ବ୍ୟାଙ୍କ ସଙ୍କଟକୁ ନେଇ କେନ୍ଦ୍ର ସରକାରଙ୍କୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଟାର୍ଗେଟ କରୁଥିବାବେଳେ ସଦ୍ୟ ପ୍ରଘଟ ଗାନ୍ଧୀ ପରିବାରକୁ ଅଡୁଆରେ ପକାଇଛି। ଭାରତର ସମସ୍ତ ଆର୍ଥିକ ଅପରାଧ ସହ ଗାନ୍ଧୀ ପରିବାରର ଗଭୀର ସମ୍ପର୍କ ରହିଛି ବୋଲି ଭାଜପା ନେତା ଅମିତ ମାଲବ୍ୟ ଟୁଇଟ୍ କରିଛନ୍ତି। ଭାଜପାର ସୂଚନା ଓ ପ୍ରଯୁକ୍ତିବିଦ୍ୟା ଶାଖା ପ୍ରଭାରୀ ମାଲବ୍ୟ ଅଭିଯୋଗ ଆଣିଛନ୍ତି ଯେ କିଙ୍ଗଫିଶର ଏୟାରଲାଇନ୍ସର ମାଲିକ ତଥା ମଦ ବ୍ୟବସାୟୀ ବିଜୟ ମାଲ୍ୟା କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ଫ୍ଲାଇଟ୍ ଟିକେଟ ପଠାଉଥିଲେ। ଏପରି କି ମନମୋହନ ସିଂ (ଏମ୍ଏମ୍ଏସ୍) ଏବଂ ପି. ଚିଦାମ୍ବରମ (ପିସି)ଙ୍କ ସହ ମଧ୍ୟ ପଳାତକ ମାଲ୍ୟାଙ୍କ ସମ୍ପର୍କ ଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀ ପଳାତକ ଅଳଙ୍କାର ବ୍ୟବସାୟୀ ନୀରବ ମୋଦିଙ୍କ ବ୍ରାଇଡାଲ ଜୁଏଲେରି କଲେକ୍ସନ୍‌ର ଉଦ୍‌ଘାଟନ କରିଥିଲେ। ଏବେ ପ୍ରିୟଙ୍କାଙ୍କ ପେଣ୍ଟିଂକୁ ରାଣା କିଣିଥିବା ବିଷୟ ସାମ୍ନାକୁ ଆସିଛି ବୋଲି ମାଲବ୍ୟ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ଭାଜପାର ଏହି ଅଭିଯୋଗକୁ କଂଗ୍ରେସ ପକ୍ଷରୁ ଖଣ୍ଡନ କରାଯାଇଛି।

## ୨ କୋଟିରେ କିଣିଥିଲେ ପ୍ରିୟଙ୍କାଙ୍କ ପେଣ୍ଟିଂ



ରାଣା କପୁର



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

## ଖଣ୍ଡନ କଲା କଂଗ୍ରେସ



ଅଭିଷେକ ମନୁ ସିଂଘଭୀ

**ନୂଆଦିଲ୍ଲୀ,୮।୩:** ଭାଜପା ପକ୍ଷରୁ ଗାନ୍ଧୀ ପରିବାର ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ବରିଷ୍ଠ କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭୀ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ସରକାର ନିଜ ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏଭଳି କୌଶଳ ଅବଲମ୍ବନ କରୁଛନ୍ତି। ୨୦୧୪ ମାର୍ଚ୍ଚରେ ୟେସ ବ୍ୟାଙ୍କର ଋଣ ୫୫,୬୩୩ କୋଟି ଟଙ୍କାରେ ପହଞ୍ଚିଥିଲା। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରଠୁ ୨୦୧୯ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ପରିମାଣ ୨,୪୧,୪୯୯ କୋଟି ଟଙ୍କାରେ ପହଞ୍ଚିଥିଲା। ବିମୁଦ୍ରୀକରଣର ଦୁଇବର୍ଷ ପରେ ଲୋନ୍ ବୁକ୍‌ରେ ୧୦୦% କାହିଁକି ବୃଦ୍ଧି ପାଇଲା? ୨୦୧୬ ମାର୍ଚ୍ଚରେ ବ୍ୟାଙ୍କର ଋଣ ପରିମାଣ ୯୮,୨୧୦ କୋଟି ଟଙ୍କା ଥିବାବେଳେ ୨୦୧୮ ମାର୍ଚ୍ଚରେ ଏହା ୨,୦୩,୫୩୪ କୋଟିରେ ପହଞ୍ଚିଥିଲା। ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଶୋଇଥିଲେ କି ? ଯଦି ଶୋଇ ନ ଥିଲେ ତେବେ ଜାଣିଶୁଣି ବ୍ୟାଙ୍କକୁ ପ୍ରଶ୍ରୟ ଦେଉଥିଲେ କି ବୋଲି ସିଂଘଭୀ ପ୍ରଶ୍ନ କରିଛନ୍ତି। ସେହିପରି ପ୍ରିୟଙ୍କାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ନେଇ ସିଂଘଭୀ କହିଛନ୍ତି, ପ୍ରଖ୍ୟାତ ଚିତ୍ରକର ଏମ୍.ଏଫ୍. ହୁସେନ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପାଇଁ ଏକ ପେଣ୍ଟିଂ କରିଥିଲେ। ରାଜୀବଙ୍କ ଝିଅ ପ୍ରିୟଙ୍କା ଉକ୍ତ ପେଣ୍ଟିଂକୁ ରାଣା କପୁରଙ୍କୁ ୨ କୋଟି ଟଙ୍କାରେ ବିକ୍ରି କରିଥିଲେ। କଂଗ୍ରେସ ନେତ୍ରୀ ଏହି ଅର୍ଥ ଚେକ୍ ଆକାରରେ ନେଇଥିଲେ। ୨୦୧୦ରେ ପ୍ରିୟଙ୍କା ଆୟକର ରିଟର୍ନ ଦାଖଲ ବେଳେ ଏନେଇ ବିଭାଗକୁ ଜଣାଇଥିଲେ। ତେଣୁ ଭାଜପା ପକ୍ଷରୁ ଅଣାଯାଉଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ।



ଅନ୍ତର୍ଜାତୀୟ ମହିଳା ଦିବସରେ ମେହେନ୍ଦିରେ ନିଜ ପାପୁଲିରେ ସିଏଏ, ଏନ୍ଆର୍‌ସି, ଏନ୍‌ପିଆର ବିରୋଧୀ ସ୍ଲୋଗାନ ଲେଖାଉଛନ୍ତି ବେଙ୍ଗାଲୁରୁସ୍ଥିତ ବିଲାଲ୍ ବାଗର ଜଣେ ଯୁବତୀ।

## ‘ସୌଦି ରାଜା ମୃତ କିମ୍ବା ମୃତ୍ୟୁଶଯ୍ୟାରେ’

**ରିୟାଧ,୮।୩(ଆଇଏଏନ୍ଏସ୍)**



କିଙ୍ଗ୍ ସଲ୍‌ମାନ

ସୌଦି ଆରବରେ ବିଦ୍ରୋହ ଉଦ୍ୟମ ଅଭିଯୋଗରେ ରାଜ ପରିବାରର ୩ ଜଣଙ୍କୁ ଅଟକ ରଖାଯିବା ପରେ ୮୪ ବର୍ଷୀୟ ରାଜାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଫଳରେ ରବିବାର ରାଜା ସଲ୍‌ମାନଙ୍କ ଫଟୋ ଛଡ଼ାଯାଇଛି। ଫଟୋରେ ରାଜା ୟୁକ୍ରେନ ଓ ଉରୁଗୁଏ ପାଇଁ ନିଯୁକ୍ତ ନୂଆ ରାଷ୍ଟ୍ରଦୂତଙ୍କ ଶପଥ ଉତ୍ସବରେ ପୌରୋହିତ୍ୟ କରୁଥିବା ଦେଖାଯାଇଛି। ଅନ୍ୟପକ୍ଷରେ ରାଜା ସମ୍ଭବତଃ ମୃତ କିମ୍ବା ମୃତ୍ୟୁଶଯ୍ୟାରେ ବୋଲି ଟୁଇଟର ଆକ୍ଟିଭିଷ୍ଟ ତଥା ସୌଦି ହ୍ୱିସିଲ୍‌ବ୍ଲୋୟର ମୁଜ୍‌ତାହିଦ ଦାବି କରିଛନ୍ତି। ଇରାନର ଏକ ଗଣମାଧ୍ୟମ ଏହା ପ୍ରକାଶ କରିଛି। ବିଦ୍ରୋହ ଆଶଙ୍କାରେ ଶନିବାର ରାଜାଙ୍କ ଭାଇ ପ୍ରିନ୍ସ ଅହମଦ ବିନ୍ ଅବଦୁଲାଜିଜ୍ ଅଲ୍-ସୌଦ୍ ଏବଂ ପୁତୁରା ପ୍ରିନ୍ସ ମହମ୍ମଦ ବିନ୍ ନାୟେଫ୍‌ଙ୍କ ସମେତ ୩ ଜଣଙ୍କୁ ସୌଦି କର୍ତ୍ତୃପକ୍ଷ ଅଟକ ରଖିବା ଖବର ପ୍ରକାଶ ପାଇବା ପରେ ମୁଜତାହିଦ ଉପରୋକ୍ତ ପୋଷ୍ଟ କରିଛନ୍ତି। ରାଜାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ସେ ବାହାରକୁ ଯାଇପାରୁନାହାନ୍ତି ବୋଲି ରାଜପ୍ରାସାଦ କର୍ମଚାରୀ ଓ ସୁରକ୍ଷା କର୍ମୀଙ୍କଠାରୁ ଜଣାପଡିଛି। ତେଣୁ ରାଜାଙ୍କ ତରଫରୁ କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ରାଜାଙ୍କ ପଦତ୍ୟାଗ ଓ ନିଜକୁ ତାଙ୍କର ଉତ୍ତରାଧିକାରୀ ଘୋଷଣା କରିପାରନ୍ତି ବୋଲି ହ୍ୱିସିଲବ୍ଲୋୟର କହିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଚଳାଇଲେ ୭ ମହିଳା

**ନୂଆଦିଲ୍ଲୀ,୮।୩(ପି.ଟି.)**

ବିଭିନ୍ନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ଥିବା ୭ ଜଣ ମହିଳା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ବ୍ୟବହାର କରିବା ସୁଯୋଗ ପାଇଛନ୍ତି। ଜଳ ସଂରକ୍ଷଣଠାରୁ ଆରମ୍ଭ କରି ଭିନ୍ନକ୍ଷମମାନଙ୍କ ଅଧିକାର ପାଇଁ ଲଢ଼େଇ କରୁଥିବା ମହିଳାମାନଙ୍କୁ ଏହି ସୁଯୋଗ ମିଳିଛି। ପ୍ରଧାନମନ୍ତ୍ରୀ ସେମାନଙ୍କର ଏକ ଭିଡିଓ ଟୁଇଟର ଓ ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ଶେୟାର କରିବା ସହ ସେମାନଙ୍କ ସଫଳତାକୁ ନିଜ ଫେସ୍‌ବୁକ୍ ପେଜ୍‌ରେ ଶେୟାର କରିଛନ୍ତି। ଉକ୍ତ ମହିଳାମାନଙ୍କ ମଧ୍ୟରେ ଅଛନ୍ତି ସ୍ନେହା ମୋହନଦୋସ୍, ମାଳବିକା ଆୟେର, ଆରିଫା ଜାନ୍, କଳ୍ପନା ରମେଶ, ବିଜୟା ପାୱାର, କଳାବତୀ ଦେବୀ ଏବଂ ବୀଣା ଦେବୀ। ଦେଶରୁ କ୍ଷୁଧା ଦୂର କରିବା ଲାଗି ସ୍ନେହା ଦେଶବିଦେଶର ସ୍ୱେଚ୍ଛାସେବୀମାନଙ୍କ ସହ ମିଶି ଫୁଡ୍‌ବ୍ୟାଙ୍କ ଇଣ୍ଡିଆ ଚଳାଉଛନ୍ତି। ୧୩ ବର୍ଷ ବୟସରେ ବୋମା ବିସ୍ଫୋରଣରେ ହାତ ପାଦ ହରାଇଥିବା ମାଳବିକା ନିଜର ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ପାଇଁ ଜଣେ ପ୍ରେରଣାଦାୟକ ବକ୍ତା, ଭିନ୍ନକ୍ଷମ କର୍ମୀ ଓ ମଡେଲ ହୋଇପାରିଛନ୍ତି। କଶ୍ମୀରରେ ହଜିଯାଇଥିବା ପାରମ୍ପରିକ ହସ୍ତକଳାର ପୁନରୁଦ୍ଧାର କରିଥିବା ଆରିଫା, ଜଳ ସଂରକ୍ଷକ କଳ୍ପନା, ହସ୍ତଶିଳ୍ପର ପ୍ରସାରକ ବିଜୟା, ବାହ୍ୟ ମଳମୁକ୍ତ ସଚେତନତା ସୃଷ୍ଟି କରିଥିବା ମହିଳା ରାଜମିସ୍ତ୍ରି କଳାବତୀ, ଛତୁଚାଷର ପ୍ରସାର କରାଇଥିବା ବୀଣା ଦେବୀଙ୍କୁ ପ୍ରଧାନମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ବ୍ୟବହାର ପାଇଁ ପ୍ରଦାନ କରିଛନ୍ତି।



ନାରୀ ଶକ୍ତି ପୁରସ୍କାର ଗ୍ରହଣ କରିଥିବା ୯୮ ବର୍ଷୀୟା କାର୍ତ୍ତ୍ୟାୟିନୀ ଆମ୍ମାଙ୍କଠାରୁ ଆଶୀର୍ବାଦ ଗ୍ରହଣ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।



ପଞ୍ଜାବର ପଟିଆଲାଠାରେ ବିକ୍ଷୋଭରତ ଯୁବତୀଯୁବକଙ୍କ ଉପରେ ପୋଲିସର ଲାଠିମାଡ଼।

## ଚାକିରି ମାଗିବାରୁ ଲାଠିମାଡ଼

**ପଟିଆଲା,୮।୩(ଆଇଏଏନ୍ଏସ୍)**

ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ରାଜ୍ୟର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଥିବା ଦର୍ଶାଇ ରବିବାର ପଟିଆଲାସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନିଯୁକ୍ତି ଦାବିରେ ବହୁସଂଖ୍ୟକ ଯୁବତୀଯୁବକ ବିକ୍ଷୋଭ କରୁଥିବାବେଳେ ସେମାନଙ୍କ ଉପରେ ପୋଲିସ ଲାଠିମାଡ଼ କରିଛି। ଏଥିରେ ଅନେକେ ଆହତ ହୋଇଛନ୍ତି। ଏପରି କି ପୋଲିସ ଅନେକ ମହିଳା ବିକ୍ଷୋଭକାରୀଙ୍କ ଚୁଟିଟାଣି ଅଶାଳୀନ ବ୍ୟବହାର କରିଥିବା ଅଭିଯୋଗ ହୋଇଛି।

## ୭୦୦ ମାମଲା, ୨୪୦୦ ଗିରଫ

**ନୂଆଦିଲ୍ଲୀ,୮।୩(ପି.ଟି.):** ଦିଲ୍ଲୀରେ ନିକଟରେ ସିଏଏକୁ ନେଇ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗାରେ ୭୦୨ ମାମଲା ଦାଏର କରାଯାଇଛି। ସେଥିରୁ ୪୯ ହେଉଛି ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିବା ମାମଲା। ଏହାସହ ହିଂସାକାଣ୍ଡ ଭିଆଇବା ଅଭିଯୋଗରେ ବିଭିନ୍ନ ସ୍ଥାନରୁ ୨,୪୦୦ ଜଣଙ୍କୁ ଅଟକ କିମ୍ବା ଗିରଫ କରାଯାଇଛି। ଉତ୍ତର-ପୂର୍ବ ଦିଲ୍ଲୀର ଦଙ୍ଗା ପ୍ରଭାବିତ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ୨୮୩ ଅମନ କମିଟି ଗଠନ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

## ଦୁର୍ଘଟଣାରେ ୭ ମୃତ

**ଯୋଧପୁର,୮।୩:** ରାଜସ୍ଥାନର ଯୋଧପୁର ଜିଲାରେ ରବିବାର ଦୁଇଟି ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୩୨ ଆହତ ହୋଇଛନ୍ତି। ଆଜମେର ଯାଉଥିବା ଏକ ବସ୍‌କୁ ଟ୍ରକ୍ ଧକ୍କା ଦେବାରୁ ୪ ଜଣଙ୍କ ମୃତ୍ୟୁ ହୋଇଛି ଓ ୧୪ ଆହତ ହୋଇଛନ୍ତି। ଯୋଧପୁର-ଜୟପୁର ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଥିଲା। ଆଜମେର-ଜୟପୁର ଜାତୀୟ ରାଜପଥରେ ଏକ ବସ୍ ଓଲଟି ପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ହେବା ସହ ୧୮ ଆହତ ହୋଇଛନ୍ତି।

# କରୋନା: ବିଦେଶୀଙ୍କୁ ଅରୁଣାଚଳ ମନା

## କେରଳରେ ଆଉ ୫ ସଂକ୍ରମିତ

**ଥିରୁଭାନନ୍ଥପୁରମ୍,୮।୩(ପି.ଟି.)**

କେରଳରୁ ଆଉ ୫ ଜଣଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଦେଶରେ ରୋଗୀସଂଖ୍ୟା ୩୯କୁ ବୃଦ୍ଧି ପାଇଛି। କେରଳର ପଥନାମଥିଟ୍ଟା ଜିଲାରୁ ଚିହ୍ନଟ ୫ ରୋଗୀଙ୍କ ମଧ୍ୟରୁ ୩ ଜଣ ଫେବୃୟାରୀ ୨୯ରେ ଇଟାଲୀରୁ ଫେରିଥିଲେ। ଅନ୍ୟ ଦୁଇଜଣ ସେମାନଙ୍କ ସମ୍ପର୍କୀୟ ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ କେ.କେ. ଶୈଳଜା କହିଛନ୍ତି। ୫ ଜଣଙ୍କୁ ପଥନାମଥିଟ୍ଟା ଜେନେରାଲ ହସ୍ପିଟାଲରେ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ଭାରତରେ ପ୍ରଥମ ୩ କରୋନା ରୋଗୀ କେରଳରୁ ଚିହ୍ନଟ ହୋଇଥିଲେ। ସେମାନେ ଚାଇନାର ଉହାନରେ ଡାକ୍ତରୀ ପାଠ ପଢୁଥିଲେ। ଏବେ ସେମାନେ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଦେଶରେ କରୋନା ସଂକ୍ରମଣ ବଢୁଥିବାରୁ ଅରୁଣାଚଳପ୍ରଦେଶ ସରକାର ରାଜ୍ୟରେ ବିଦେଶୀ ପ୍ରବେଶ ଉପରେ ସାମୟିକ ଭାବେ କଟକଣା ଲାଗୁ କରିଛନ୍ତି। ଚାଇନା ସୀମାକୁ ଲାଗିଥିବା ଏହି ରାଜ୍ୟରେ ପ୍ରବେଶ ପାଇଁ ବିଦେଶୀଙ୍କୁ ସୁରକ୍ଷିତ ଅଞ୍ଚଳ ଅନୁମତି (ପିଏପି) ଆବଶ୍ୟକ ପଡ଼ିଥାଏ। ଏବେ ପିଏପି ଇସ୍ୟୁ ବନ୍ଦ କରିବାକୁ କୁହାଯାଇଛି।



ପଞ୍ଜାବର ଅମୃତସରରେ ଫ୍ୟାକ୍ଟ୍ରି କର୍ମଚାରୀମାନେ ମାସ୍କ ପିନ୍ଧିଛନ୍ତି।

## ଇରାନରେ ଦିନକରେ ୪୯ ମୃତ

**ତେହେରାନ,୮।୩(ଏଏଫ୍‌ପି)**

ଇରାନରେ ଗତ ୨୪ ଘଣ୍ଟା ମଧ୍ୟରେ ୪୯ କରୋନା ରୋଗୀଙ୍କ ମୃତ୍ୟୁ ଘଟିଛି। ଗୋଟିଏ ଦିନରେ ଏହା ସର୍ବାଧିକ ମୃତ୍ୟୁ। ଏହାକୁ ମିଶାଇ ସେଠାରେ ମୃତ୍ୟୁସଂଖ୍ୟା ୧୯୪ରେ ପହଞ୍ଚିଛି, ଯାହାକି ଚାଇନା ପରେ ଦ୍ୱିତୀୟ ସର୍ବାଧିକ। ଇରାନର ୩୧ ପ୍ରଦେଶରେ ମୋଟ ରୋଗୀ ସଂଖ୍ୟା ୬୫୬୬ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ହୋଟେଲ ଭୁଶୁଡ଼ି ୧୦ ମୃତ

**ବେଜିଂ,୮।୩:** ଚାଇନାର ଫୁଜିଆନ ପ୍ରଦେଶରେ ଏକ ହୋଟେଲ ଭୁଶୁଡ଼ି ପଡ଼ିବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଏହି ହୋଟେଲକୁ କରୋନା ସନ୍ଦିଗ୍ଧଙ୍କ ନିମନ୍ତେ କ୍ୱାରାଣ୍ଟାଇନ କେନ୍ଦ୍ର ଭାବେ ବ୍ୟବହାର କରାଯାଉଥିଲା। କୁଆନ୍‌ଝୋଉ ସହରରେ ଥିବା ଉକ୍ତ ହୋଟେଲ ଶନିବାର ରାତିରେ ଭୁଶୁଡ଼ି ପଡ଼ିବାରୁ ଭଗ୍ନାବଶେଷ ତଳେ ପାଖାପାଖି ୭୧ ଜଣ ଫସି ରହିଯାଇଥିଲେ। ସେମାନଙ୍କର ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତକଙ୍କଠାରେ କରୋନା ଭୂତାଣୁ ନ ଥିବା ପରୀକ୍ଷାରୁ ଜଣାପଡିଛି। ହୋଟେଲ ମାଲିକଙ୍କୁ ଅଟକ ରଖାଯାଇଛି।



## ଇଟାଲୀରେ ମୃତ୍ୟୁସଂଖ୍ୟା ୩୬୬

**ରୋମ,୮।୩:** ଇଟାଲୀରେ କରୋନାଜନିତ ମୃତ୍ୟୁସଂଖ୍ୟା ରବିବାର ୩୬୬ରେ ପହଞ୍ଚିଛି। ସେଠାରେ ଗୋଟିଏ ଦିନରେ ୧୩୩ ଜଣଙ୍କ ମୃତ୍ୟୁ ହେବା ସହ ୧୪୯୨ ଜଣ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ଇଟାଲୀରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୩୭୫ରେ ପହଞ୍ଚିଛି। ଚାଇନା ପରେ ଏଠାରେ ମୃତ୍ୟୁସଂଖ୍ୟା ସର୍ବାଧିକ ରହିଛି।

## ନ୍ୟୁୟର୍କରେ ସ୍ୱାସ୍ଥ୍ୟ ଜରୁରୀ ସ୍ଥିତି ଜାରି

**ଲସ୍ ଆଞ୍ଜେଲ୍ସ,୮।୩(ପି.ଟି.)**

ଆମେରିକାରେ କରୋନା ରୋଗୀ ସଂଖ୍ୟା ୪୦୦ ଟପିଥିବାବେଳେ ୧୯ ଜଣଙ୍କ ମୃତ୍ୟୁ ହେଲାଣି। ନ୍ୟୁୟର୍କ ପକ୍ଷରୁ ସ୍ୱାସ୍ଥ୍ୟ ଜରୁରୀ ସ୍ଥିତି ଘୋଷଣା କରାଯାଇଛି। କରୋନା ସଂକ୍ରମିତ ହୋଇଥିବା ଆମେରିକାର ଗ୍ରାଣ୍ଡ ପ୍ରିନ୍ସେସ୍ ଜାହାଜ ସାନ୍ ଫ୍ରାନ୍ସିସ୍କୋ ଉପକୂଳଠାରୁ କିଛି ଦୂରରେ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜାହାଜରେ ୨୧ ଜଣ କରୋନା ସଂକ୍ରମିତ ଥିବା ଜଣାପଡିଛି। ଏହା ଅକଲାଣ୍ଡ ନ ଯାଇ ସଂକ୍ରମିତ ରୋଗୀଙ୍କୁ ଚିକିତ୍ସା ପାଇଁ ପଠାଯିବ ବୋଲି ଜାହାଜ କର୍ତ୍ତୃପକ୍ଷ କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୯/୨୦୨୦ | Bhubaneswar, Monday, March 9/2020 | ପୃଷ୍ଠା-୧




**ଭାଗନେବାକୁ ପ୍ରମୋଦ ଆଶାୟୀ**

ବିଶ୍ୱ ର୍ୟାଙ୍କିଙ୍ଗ୍ ଓ ନିଜ ପଏଣ୍ଟ ଦୃଷ୍ଟିରୁ ଆଗାମୀ ଟୋକିଓ ପାରା ଅଲିମ୍ପିକ୍ସରେ ଭାଗନେବାକୁ ଦୃଢ଼ ଆଶା ପୋଷଣ କରିଛନ୍ତି ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ। ୧୭

୦୭ **ଧର୍ମେନ୍ଦ୍ରଙ୍କ 'ହି-ମ୍ୟାନ୍' ରେଷ୍ଟୁରାଣ୍ଟ ସିଲ୍**

ଅଭିନେତା ଧର୍ମେନ୍ଦ୍ରଙ୍କ ହରିୟାଣାର କରନାଲସ୍ଥିତ 'ହି-ମ୍ୟାନ୍' ରେଷ୍ଟୁରାଣ୍ଟକୁ ବେଆଇନ ଭାବେ ଗଢ଼ାଯାଇଥିବା ଦର୍ଶାଇ ସିଲ୍ କରିଦିଆଯାଇଛି।



# ମହିଳାଙ୍କୁ ଉତ୍ସର୍ଗ ମିଶନ ଶକ୍ତି

- ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
- ମହିଳା ଓ ଶିଶୁ ବିକାଶଠାରୁ ଅଲଗା ହୋଇ ସ୍ୱତନ୍ତ୍ର ବିଭାଗ ହେଲା
- ସଶକ୍ତୀକରଣ ସହ ପୋଷଣକୁ ଗୁରୁତ୍ୱ

ଭୁବନେଶ୍ୱର,୮।୩(ବ୍ୟୁରୋ)

ବିଗତ ଦୁଇ ଦଶନ୍ଧିରେ ଓଡ଼ିଶା ନାରୀ ସଶକ୍ତୀକରଣ ସମ୍ପର୍କିତ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ବିଶେଷ କରି ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍ଏଚ୍‌ଜି) ଗଠନ ଏବଂ ମମତା, ଖୁସି ପରି ଯୋଜନା ଓଡ଼ିଆ ନାରୀଙ୍କୁ ଭିନ୍ନ ପରିଚୟ ଦେଇଛି। ଏହି ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନା ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ହୋଇ ଆସୁଥିଲା। ହେଲେ ଏବେ ରାଜ୍ୟର କୋଟି କୋଟି ମହିଳାଙ୍କ ସଶକ୍ତୀକରଣକୁ ଲକ୍ଷ୍ୟ ରଖି 'ମିଶନ ଶକ୍ତି' ବିଭାଗକୁ ସ୍ୱତନ୍ତ୍ର ବିଭାଗ ଭାବେ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଲୋକସେବା ଭବନର କନଭେନସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହା କହିଛନ୍ତି। ସ୍ୱୟଂ ସହାୟିକା ଏବଂ ସବୁ ବର୍ଗର ମହିଳାଙ୍କ ପାଇଁ ମିଶନ ଶକ୍ତିକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରି ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରାଯିବା ସାରା ଦେଶରେ ପ୍ରଥମ। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଦ୍ୱାରା ମିଶନ ଶକ୍ତି ବିଭାଗ ମହିଳା ଓ ଶିଶୁ କଲ୍ୟାଣ ବିଭାଗଠାରୁ ଅଲଗା ହୋଇଛି।

ମହିଳା ଦିବସ ଅବସରରେ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହିଳା ସଶକ୍ତୀକରଣରେ ଓଡ଼ିଶା ଏକ ଆଗୁଆ ରାଜ୍ୟ। ବିକାଶ କ୍ଷେତ୍ରରେ ମା' ମାନେ ସବୁଠୁ ଆଗରେ। ମା' ମାନଙ୍କର ସଂଗ୍ରାମ, ଆତ୍ମବିଶ୍ୱାସ ଓ ସଫଳତା ସମସ୍ତଙ୍କୁ ଆହ୍ଲାଦିତ କରିଛି। ୭୦ ଲକ୍ଷ ମା' ମାନଙ୍କୁ ନେଇ ମିଶନ୍ ଶକ୍ତି, ମମତା କାର୍ଯ୍ୟକ୍ରମ ଓ ପଞ୍ଚାୟତିରାଜ ନିର୍ବାଚନ ବ୍ୟବସ୍ଥାରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ରାଜ୍ୟର ନାରୀମାନଙ୍କ ସାମାଜିକ ଓ ଅର୍ଥନୈତିକ ଉତ୍ଥାନରେ ସହାୟକ ହୋଇଛି। କ୍ରୀଡ଼ାଠାରୁ ଆରମ୍ଭ କରି ଉଦ୍ୟୋଗ ସବୁଥିରେ ମା' ମାନଙ୍କ ସଫଳତା ପ୍ରେରଣାଦାୟୀ। ସରକାର ସବୁବେଳେ ନାରୀ ସଶକ୍ତୀକରଣକୁ ଗୁରୁତ୍ୱ ଦେଇଛନ୍ତି। ସରକାର ନୂତନ ଭାବେ ସ୍ୱତନ୍ତ୍ର ପୋଷଣ ବଜେଟ୍ ଆଗତ କରିଛନ୍ତି। ମା ଓ ଶିଶୁମାନଙ୍କ ପୋଷଣ ବିକାଶରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ଚଳିତ ବର୍ଷର ବାର୍ତ୍ତା ରହିଛି 'ଆଇ ଆମ୍ ଜେନେରେଶନ୍ ଇକ୍ୱାଲିଟି; ରିଅଲାଇଜିଂ ୱେମନ୍ସ ରାଇଟ୍'। ଓଡ଼ିଶାର ଝିଅ ଓ ମା'ମାନେ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ପାଇଁ ସୁନାମ ଆଣିଛନ୍ତି। ଦୂତୀ ଚାନ୍ଦ, ପ୍ରତିଭା ରାୟ ଓ ନନ୍ଦିତା ଦାସଙ୍କ ଭଳି ମହିଳାମାନେ ଦେଶ ବିଦେଶରେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଏହି ମହିଳାମାନେ ସାରା ଦେଶର ନାରୀମାନଙ୍କ ପାଇଁ ଆଦର୍ଶ। ମା' ମାନଙ୍କ ଅଧିକାର, ହକ୍ ଓ ମା' ମାନଙ୍କ କଲ୍ୟାଣ ପାଇଁ ସରକାର ପ୍ରତିବଦ୍ଧତା ସହ କାର୍ଯ୍ୟ କରୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩ଟି ଶ୍ରେଷ୍ଠ ଆଇସିଡିଏସ୍ ଭାବେ ମୟୂରଭଞ୍ଜ,ଢେଙ୍କାନାଳ ଓ ଗଜପତି ଜିଲାକୁ ପୁରସ୍କୃତ କରାଯାଇଥିଲା। ଏହା ବ୍ୟତୀତ ଶ୍ରେଷ୍ଠ ସ୍ୱୟଂ ସହାୟିକା ଗୋଷ୍ଠୀ, ଶ୍ରେଷ୍ଠ ବ୍ୟାଙ୍କ୍(ଏସ୍‌ବିଆଇ, ରାଜ୍ୟ ସମବାୟ ବ୍ୟାଙ୍କ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ)କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା, ବିଭାଗୀୟ ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ଉପଦେଷ୍ଟା ସୁଲତା ଦେଓ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ମହିଳା ଓ ଶିଶୁ ବିକାଶ ସଚିବ ଅନୁ ଗର୍ଗ, ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ ପ୍ରମୁଖ ଉପସ୍ଥିତ ରହିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଲ୍ଲେଖନୀୟ ଅବଦାନ ପାଇଁ ଜଣେ ମହିଳାଙ୍କୁ ପୁରସ୍କୃତ କରୁଛନ୍ତି।

## ଦିଲ୍ଲୀକୁ ଲମ୍ବିଛି ଆଇଏସ୍ ଚେର

### କଶ୍ମୀରୀ ଦମ୍ପତି ଗିରଫ



ହିନା ବଶିର ବେଗ୍



ଜାହାନଜେବ ସାମି

ନୂଆଦିଲ୍ଲୀ,୮।୩

ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସହ ସମ୍ପୃକ୍ତି ଅଭିଯୋଗରେ ଦିଲ୍ଲୀର ଏକ କଶ୍ମୀରୀ ଦମ୍ପତି ଗିରଫ ହୋଇଛନ୍ତି। ସେମାନେ ହେଲେ ଜାହାନଜେବ ସାମି ଓ ତାଙ୍କ ସ୍ତ୍ରୀ ହିନା ବଶିର ବେଗ୍। ସୁରକ୍ଷା ସଂସ୍ଥାଗୁଡ଼ିକ ଦକ୍ଷିଣ-ପୂର୍ବ ଦିଲ୍ଲୀସ୍ଥିତ ଜାମିଆ ନଗରର ଓଖ୍‌ଲାରୁ ଦୁହିଙ୍କୁ ଧରିବାରେ ସକ୍ଷମ ହୋଇଛନ୍ତି।

ପୋଲିସଠାରୁ ମିଳିଥିବା ସୂଚନାନୁସାରେ କେନ୍ଦ୍ରର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ଜାହାନଜେବ ଓ ହିନା ଶାହିନବାଗ ଅଞ୍ଚଳର ଲୋକଙ୍କୁ ବିକ୍ଷୋଭ ପ୍ରଦର୍ଶନ ପାଇଁ ଉସୁକାଉଥିଲେ। କେବଳ ଏତିକି ନୁହେଁ, ଦିଲ୍ଲୀର କେତେକ ସ୍ଥାନରେ ଆକ୍ରମଣ ପାଇଁ ମଧ୍ୟ ଏମାନେ ଷଡ଼ଯନ୍ତ୍ର ରଚୁଥିଲେ। ଦୁହିଙ୍କ ନିକଟରୁ ବିପୁଳ ପରିମାଣର ଜେହାଦୀ ଦସ୍ତାବିଜ ଓ ଆପତ୍ତିଜନକ ଲେଖା ଥିବା କାଗଜପତ୍ର ଜବତ ହୋଇଛି। ବିଦେଶରେ ଥିବା ଆଇଏସ୍-ଖୋରାସାନ ମୋଡ୍ୟୁଲ୍‌ର ବରିଷ୍ଠ ସଦସ୍ୟମାନଙ୍କ ସହ ଉଭୟେ ଯୋଗସୂତ୍ରରେ ଥିଲେ ବୋଲି ଗିରଫ ପରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ପକ୍ଷରୁ କୁହାଯାଇଛି। ପୋଲିସ ଏବେ ଦୁହିଙ୍କୁ ଜେରା କରିବା ସହ ସେମାନଙ୍କ ମୋବାଇଲ୍ ଫୋନ୍‌କୁ ସ୍କାନ୍ କରୁଛି। ଏହି ନେଟ୍‌ୱର୍କରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଛି।

## ମେଳଣ ସାରି ଫେରିବାବେଳେ ବୁଡ଼ିଲା ଡଙ୍ଗା: ଜଣେ ଛାତ୍ର ମୃତ

ସାଲେପୁର, ୮।୩(ଡି.ଏନ୍.ଏ.)

ମେଳଣ ସାରି ଭକ୍ତଙ୍କୁ ନେଇ ବିରୂପା ନଦୀରେ ଫେରୁଥିବା ବେଳେ ଗୋଟିଏ ଡଙ୍ଗା ରବିବାର ସାଲେପୁର ବ୍ଲକ ନରଦା ପଞ୍ଚାୟତ ଅନ୍ତର୍ଗତ ହରିପୁର ଘାଟ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଛି। ଫଳରେ ଜଣେ ଯୁକ୍ତ ୨ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ବ୍ଲକ ଅନ୍ତର୍ଗତ ଭୀମଦାସପୁର ପଞ୍ଚାୟତସ୍ଥିତ ଗୋଠଦାର କୁଣ୍ଡିକୂଳ ଗ୍ରାମର ବିଭୁ ବେହେରାଙ୍କ ପୁତ୍ର ରଶ୍ମିରଞ୍ଜନ (୧୮)। ସୌଭାଗ୍ୟବଶତଃ ଡଙ୍ଗାରେ ଥିବା ଅନ୍ୟ ୨୯ ଜଣ ବର୍ତ୍ତିଯାଇଛନ୍ତି। ପ୍ରତିବର୍ଷ ଭଳି ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ସିଦ୍ଧଗିରି ଦୋଳମେଳଣରେ ସାଲେପୁର ବ୍ଲକ ଅନ୍ତର୍ଗତ ଲେଖନପୁର ଓ ନରଦା ପଞ୍ଚାୟତ ସମେତ ଅନ୍ୟ କିଛି ଅଞ୍ଚଳର ପ୍ରାୟ ୩୦ଜଣ ଭକ୍ତ ଯୋଗଦେଇଥିଲେ। ସେମାନେ ସାଙ୍ଗରେ ୨ ବିମାନ ନେଇ ଆସିଥିଲେ। ମେଳଣ ପରେ ଭକ୍ତମାନେ ଟାଙ୍ଗି ଜରିପଡା ନିକଟ ନାଳିକୂଳ ଘାଟରୁ ଡଙ୍ଗାରେ ଫେରିଥିଲେ। ଡଙ୍ଗାଟି ହରିପୁର ଘାଟ ନିକଟ ହୋଇଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ପାଣିରେ ଓଲଟି ପଡିଥିଲା। ଫଳରେ ବିମାନସମେତ ସମସ୍ତ ଭକ୍ତମାନେ ପାଣିରେ ଭାସିଯାଇଥିଲେ। ସେମାନଙ୍କ ଚିତ୍କାର ଶୁଣି ଘାଟରେ ସେମାନଙ୍କୁ ଅପେକ୍ଷା କରିଥିବା ଲୋକେ ତୁରନ୍ତ ସେଠାରେ ପହଞ୍ଚି ବୁଡିଯାଉଥିବା ଭକ୍ତ ଓ ବିମାନ ଦ୍ୱୟକୁ ଉଦ୍ଧାର କରିଥିଲେ। ମାତ୍ର ରଶ୍ମିରଞ୍ଜନଙ୍କ କୌଣସି ପତ୍ତା ମିଳି ନ ଥିଲା। ଖବରପାଇ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ଗୁରୁତର ଅବସ୍ଥାରେ ତାଙ୍କୁ ପାଣିରୁ ଉଦ୍ଧାର କରିଥିଲା। ଏହାପରେ ତାଙ୍କୁ ପ୍ରଥମେ ନିକଟସ୍ଥ ରାମେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତ୍‌ପୁରସ୍ଥିତ ସଦ୍‌ଗୁରୁ ☞ପୃଷ୍ଠା-୧୩

# ହୋଲିରେ ବର୍ଷା

- ୧୦ରୁ ୧୨ପର୍ଯ୍ୟନ୍ତ ବର୍ଷା ସହ ଝଡ଼ତୋଫାନ

ଭୁବନେଶ୍ୱର, ୮।୩(ବ୍ୟୁରୋ)

ହୋଲିକୁ ଫିକା କରିଦେବ ବର୍ଷା। ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୧୦ରେ କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, କୋରାପୁଟ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ମୟୂରଭଞ୍ଜ, କେନ୍ଦୁଝର, ନୂଆପଡ଼ା, ନବରଙ୍ଗପୁରରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିଦିନ କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, କୋରାପୁଟ, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ନୂଆପଡ଼ା, ବରଗଡ଼ ଓ ମୟୂରଭଞ୍ଜ ଆଦି ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବ। ତେଣୁ ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୧ ତାରିଖରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲା ସମେତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ସୋନପୁର, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର ଓ ନୂଆପଡ଼ାରେ ବର୍ଷା ହେବ। ଉକ୍ତଦିନ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ସୋନପୁର, ବଲାଙ୍ଗୀର, କନ୍ଧମାଳ ଓ ବାଲେଶ୍ୱରରେ ୩୦ରୁ ୪୦କିମି ବେଗରେ ପବନ ବହିବା ସହିତ ବଜ୍ରପାତ ହେବ। ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୨ତାରିଖ ଦିନ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ସମେତ ବଲାଙ୍ଗୀର, ସୋନପୁର, ନୂଆପଡ଼ା, ବୌଦ୍ଧ, ବାଲେଶ୍ୱର ଓ ରାଜ୍ୟର ଆଉକିଛି ସ୍ଥାନରେ ବର୍ଷା ହେବାର ଆଶଙ୍କା ରହିଛି। ଏଥିସହ ବଲାଙ୍ଗୀର, ସୋନପୁର, ବୌଦ୍ଧ, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ଢେଙ୍କାନାଳ, ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କନ୍ଧମାଳ ଓ କଳାହାଣ୍ଡି ଆଦି ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବ। ଏସବୁ ସ୍ଥାନରେ ୩୦ରୁ ୪୦କିମି ବେଗରେ ପବନ ବହିବ। ସେଥିପାଇଁ ଏ ସମସ୍ତ ଜିଲାକୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ଅନ୍ୟପଟେ ସୋମବାର ପାଗ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ୟେସ୍ ବ୍ୟାଙ୍କ ପ୍ରତିଷ୍ଠାତା ରାଣା ଗିରଫ

- ୧୧ ଯାଏ ରିମାଣ୍ଡରେ ନେଲା ଇଡି
- ପିଏମ୍ଏଲ୍ଏରେ କାର୍ଯ୍ୟାନୁଷ୍ଠାନ
- ତଦନ୍ତରେ ସହଯୋଗ କରୁ ନ ଥିବା ଇଡିର ଅଭିଯୋଗ
- ଅସହଯୋଗ ଅଭିଯୋଗକୁ ଖଣ୍ଡନ
- ପୂର୍ଣ୍ଣ ସହଯୋଗ କରୁଥିବା କହିଲେ ରାଣା
- ଡିଏଚ୍ଏଫ୍ଏଲ୍‌କୁ ଋଣ ଦେଇ ଫସିଲେ



ରାଣା କପୁରଙ୍କୁ ଗିରଫ କରି ନେଉଛି ଇଡି।

ମୁମ୍ବାଇ,୮।୩

ୟେସ୍ ବ୍ୟାଙ୍କର ପ୍ରତିଷ୍ଠାତା ରାଣା କପୁରଙ୍କୁ ବେଆଇନ ଅର୍ଥ କାରବାର ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରବିବାର ଗିରଫ କରିଛି। ମାର୍ଚ୍ଚ ୧୧ ଯାଏ ଇଡି ତାଙ୍କୁ ରିମାଣ୍ଡରେ ନେଇଥିବା ଜଣାପଡିଛି। ୬୨ ବର୍ଷୀୟ ୟେସ୍ ବ୍ୟାଙ୍କର ପୂର୍ବତନ ସିଇଓ ରାଣାଙ୍କୁ ବେଆଇନ ଅର୍ଥ କାରବାର ନିରୋଧୀ ଆଇନ(ପିଏମ୍ଏଲ୍ଏ) ଅଧୀନରେ ଗିରଫ କରାଯାଇଛି। ତଦନ୍ତରେ ସେ ସହଯୋଗ କରୁ ନ ଥିବା ଏଜେନ୍ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ୟେସ୍ ବ୍ୟାଙ୍କରେ ବିଭିନ୍ନ ଆର୍ଥିକ ଅନିୟମିତତା ଏବଂ ପରିଚାଳନାରେ ତ୍ରୁଟି ଯୋଗୁ ଏହାର ସ୍ଥିତି ବର୍ତ୍ତମାନ ବିଗିଡିଛି। ବ୍ୟାଙ୍କର ସ୍ଥିତିକୁ ସୁଧାରିବା ଲାଗି ରିଜର୍ଭ ବ୍ୟାଙ୍କ ଏବଂ କେନ୍ଦ୍ର ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ରାଣାଙ୍କୁ ପ୍ରଥମେ ମୁମ୍ବାଇର ହଲିଡେ କୋର୍ଟରେ ହାଜର କରାଯାଇଥିଲା। ତାଙ୍କ ପରିବାର ସଦସ୍ୟଙ୍କ ପକ୍ଷରୁ ପରିଚାଳିତ କେତେକ କମ୍ପାନୀର କାର୍ଯ୍ୟକଳାପ ଉପରେ ମଧ ଏହି ତଦନ୍ତକାରୀ ଏଜେନ୍ସି ନଜର ରଖିଛି। ଏହି ବ୍ୟକ୍ତିବିଶେଷଙ୍କ ଭୂମିକା ସନ୍ଦେହ ଘେରରେ ରହିଥିବା ଇଡି ପକ୍ଷରୁ ନ୍ୟାୟାଳୟଙ୍କୁ କୁହାଯାଇଛି।

ମାତ୍ର ଇଡିର ଏହି ଅଭିଯୋଗକୁ ପ୍ରତିପକ୍ଷ ଓକିଲ ଖଣ୍ଡନ କରିଛନ୍ତି। ପ୍ରତିପକ୍ଷ ଓକିଲ କହିଛନ୍ତି ଯେ, ଇଡି ପକ୍ଷରୁ ରାଣାଙ୍କୁ ଟାର୍ଗେଟ କରାଯାଇଛି ଏବଂ ସେ ତଦନ୍ତ ପ୍ରକ୍ରିୟାରେ ପୂର୍ଣ୍ଣ ସହଯୋଗ କରୁଛନ୍ତି। ମାମଲାରେ ଆଇନଗତ ଦିଗ ଅନୁସାରେ ଇଡି ଚାହୁଁଥିବା ସବୁ ଦସ୍ତାବିଜ ପ୍ରଦାନ କରାଯିବ। ତଦନ୍ତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହାୟତା କରିବେ ବୋଲି ନିଜେ ରାଣା କୋର୍ଟଙ୍କ ସାମ୍ନାରେ କହିଥିବା ଜଣାପଡିଛି। ଠକେଇ ଦ୍ୱାରା ପ୍ରଭାବିତ ଦିୱାନ ହାଉସିଂ ଫାଇନାନ୍ସ ଲିମିଟେଡ (ଡିଏଚ୍ଏଫ୍ଏଲ୍) ସହ ସମ୍ପର୍କ ରଖିଥିବା ଏକ ଫାର୍ମଠାରୁ ରାଣାଙ୍କ ପାରିବାରିକ କମ୍ପାନୀ ୬୦୦ କୋଟି ଟଙ୍କାର ଲାଭ କରିଥିବା ଅଭିଯୋଗ ଆସିଛି ବୋଲି ତଦନ୍ତ କରୁଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପ୍ରାଥମିକ ଭିତ୍ତିରେ ଏହି ମାମଲାରେ ରାଣା, ତାଙ୍କ ସ୍ତ୍ରୀ ଏବଂ ୩ ଝିଅ ଇଡି ନଜରରେ ରହିଥିବା ଜଣାପଡିଛି। ୟେସ୍ ବ୍ୟାଙ୍କ ଡିଏଚ୍ଏଫ୍ଏଲ୍‌କୁ ୩ ହଜାର କୋଟି ଟଙ୍କାର ଋଣ ଯୋଗାଇ ଦେଇଥିଲା। ରାଣାଙ୍କ ପରିବାର ସହ ସମ୍ପର୍କ ଥିବା ଫାର୍ମ ଡିଓଆଇଟି ଅର୍ବାନ ଭେଞ୍ଚର (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ ଅନୁକମ୍ପା ରାଶି ଲାଭ କରିଥିବା ଅଭିଯୋଗ ଆସିଛି। ୟେସ୍ ବ୍ୟାଙ୍କରୁ ଋଣ ☞ପୃଷ୍ଠା-୧୩

# ମ୍ୟାଜିକ୍ ପେନ୍ ମାଧ୍ୟମରେ ଟଙ୍କା ଠକେଇ

- ଲୋନ୍ ଦେବା ବାହାନାରେ ସଂଗ୍ରହ କରିନେଉଛନ୍ତି ଚେକ୍
- ଟାୟାର ଶୋରୁମ୍ ମାଲିକଙ୍କଠାରୁ ୭୬ ହଜାର ହଡ଼ପ



ସିସିଟିଭି ଫୁଟେଜ୍‌ରେ ଠକେଇର ଦୃଶ୍ୟ।

ଭୁବନେଶ୍ୱର,୮।୩ (ବ୍ୟୁରୋ)

କୌଣସି ନେଣଦେଣ ପାଇଁ ବ୍ୟାଙ୍କ ଚେକ୍ ବ୍ୟବହାର କରିବାବେଳେ ନିଜ ପେନ୍‌ରେ ଦସ୍ତଖତ, ଟଙ୍କାର ପରିମାଣ, 'କ୍ୟାନସଲଡ୍' ଓ ଅନ୍ୟ ତଥ୍ୟ ଲେଖନ୍ତୁ। କାହା ଦ୍ୱାରା କିମ୍ବା କାହା ପେନ୍‌ରେ ଚେକ୍‌ରେ ଲେଖନ୍ତୁନାହିଁ। ଏଥିପ୍ରତି ସତର୍କ ନ ହେଲେ ଆକାଉଣ୍ଟରେ ଥିବା ଟଙ୍କା ହରାଇବାକୁ ପଡ଼ିପାରେ। କାରଣ ଏବେ ମାତିଛନ୍ତି ମ୍ୟାଜିକ୍ ପେନ୍ ମାଧ୍ୟମରେ ଟଙ୍କା ଠକେଇ କରୁଥିବା ଗ୍ୟାଙ୍ଗ। ଉକ୍ତ ପେନ୍‌ରେ ଲେଖାଯାଇଥିବା ଅକ୍ଷର ଲିଭିଯାଉଥିବାରୁ ସେମାନେ ତାହାର ଫାଇଦା ଉଠାଇ ଲୋକଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନେଉଛନ୍ତି। ବିଶେଷକରି ଠକମାନେ ନିଜକୁ ବ୍ୟାଙ୍କ କର୍ମଚାରୀ ବୋଲି ପରିଚୟ ଦେଇ ଲୋନ୍ ଦେବା ବାହାନାରେ ଏପରି ଉପାୟରେ ଟଙ୍କା ହଡପ କରୁଛନ୍ତି। ଏଭଳି ଠକାମିର ଶିକାର ହୋଇଛନ୍ତି ଖଣ୍ଡଗିରି ଅଞ୍ଚଳର ବ୍ୟବସାୟୀ ସୋମନାଥ ସାହୁ ଓ ପାହାଳର ଏକ ଟାୟାର ଶୋରୁମ୍ ମାଲିକ କୃଷ୍ଣ ପାଢ଼ୀ। ସୋମନାଥ ୨୩ ହଜାର ଟଙ୍କା ଏବଂ କୃଷ୍ଣ ୭୬ ହଜାର ଟଙ୍କା ହରାଇଛନ୍ତି। ଠକେଇ ସମ୍ପର୍କରେ ସୋମନାଥ ଶନିବାର ଅଭିଯୋଗ କରିଥିଲେ। ରବିବାର ପାହାଳ ଫାଣ୍ଡିରେ ଅଭିଯୋଗ କରିଛନ୍ତି କୃଷ୍ଣ। ପୋଲିସ ଘଟଣାର ଖୋଳତାଡ଼ କରିଥିଲେ ମଧ କାହାରିକୁ ଗିରଫ କରିପାରିନାହିଁ।

ମ୍ୟାଜିକ୍ ପେନ୍ ମାଧ୍ୟମରେ ଠକେଇ କରୁଥିବା ଗ୍ୟାଙ୍ଗର ଟାର୍ଗେଟ ହେଉଛନ୍ତି ବ୍ୟାଙ୍କକୁ ଲୋନ୍ ପାଇଁ ଯାଉଥିବା ଲୋକ। ସେହି ବ୍ୟକ୍ତିମାନଙ୍କ ସମ୍ପର୍କରେ ଯଥେଷ୍ଟ ତଥ୍ୟ ଠକମାନେ ହାସଲ କରିନେଉଛନ୍ତି। ଯେପରି କି ସେହି ବ୍ୟକ୍ତିମାନଙ୍କ ଆକାଉଣ୍ଟରେ କେତେ ଟଙ୍କା ରହିଛି, ସେମାନଙ୍କ ଠିକଣା, ବୃତ୍ତି ଇତ୍ୟାଦି। ବ୍ୟାଙ୍କ ଯଦି ଲୋନ ଦେବାକୁ ମନାକରେ ତାହାହେଲେ ଠକମାନେ ନିଜକୁ ବ୍ୟାଙ୍କ କର୍ମଚାରୀ ବୋଲି ପରିଚୟ ଦେଇ ଫୋନ କରିବା ସହ ଘରେ ପହଞ୍ଚିଯାଆନ୍ତି। ସେହିପରି ଯଦି ବ୍ୟାଙ୍କ ଲୋନ୍ ଦେବାକୁ ରାଜି ହୋଇଥାଏ, ତାହାହେଲେ କମ୍ ସୁଧହାର ଏବଂ ପ୍ରୋସେସିଂ ଫି ବାହାନାରେ ଘରେ ପହଞ୍ଚିଯାଉଛନ୍ତି। ଏହାପରେ ସେମାନେ ବିଭିନ୍ନ ପ୍ରଲୋଭନ ଦେଖାଇ ଡକ୍ୟୁମେଣ୍ଟ ସଂଗ୍ରହ କରିବା ସହ କମ୍ ଟଙ୍କାର ପ୍ରୋସେସିଂ ଫି ବାବଦରେ ଚେକ୍ କିମ୍ବା 'କ୍ୟାନସଲଡ୍ ଚେକ୍' ନେଇଥାନ୍ତି, ଯେଉଁଥିରେ ସେମାନେ ଚାଲାକି କରି ମ୍ୟାଜିକ୍ ପେନ୍ ମାଧ୍ୟମରେ ଦସ୍ତଖତ, ଟଙ୍କା ପରିମାଣ ଏବଂ ଅନ୍ୟାନ୍ୟ ତଥ୍ୟ ଲେଖିନିଅନ୍ତି। ପରବର୍ତ୍ତୀ ସମୟରେ ଲେଖାକୁ ପରିବର୍ତ୍ତନ କରି ଆକାଉଣ୍ଟରୁ ଟଙ୍କା ଉଠାଇ ନେଇଥାନ୍ତି।

ଶୋରୁମ୍ ମାଲିକ କୃଷ୍ଣଙ୍କୁ ମଧ ଏଭଳି ଉପାୟରେ ଠକିଛନ୍ତି ଜଣେ ଯୁବକ। ସେ ଫୋନ୍‌କଲ୍ ମାଧ୍ୟମରେ ନିଜକୁ ବ୍ୟାଙ୍କ କର୍ମଚାରୀ ବୋଲି ପରିଚୟ ଦେଇ ଲୋଭନୀୟ ସ୍କିମ୍ ବିଷୟରେ କହିଥିଲେ। କୃଷ୍ଣ ରାଜି ହେବା ପରେ ତା' ପରଦିନ ଯୁବକ ଜଣକ ଡକ୍ୟୁମେଣ୍ଟ ଭେରିଫିକେଶନ୍ କରିବାକୁ ଆସିଥିଲେ। ୧୦ ଲକ୍ଷ ଟଙ୍କାର ଲୋନ୍ କରାଇ ଦେବାକୁ କହି ସବୁ କାଗଜପତ୍ର ନେଇଥିଲେ। ଏହାପରେ ଠକ ଜଣକ ଆରମ୍ଭ କରିଥିଲେ ତାଙ୍କ ଅପରେଶନ। ବ୍ୟାଙ୍କ୍‌ର ପ୍ରୋସେସିଂ ଫି' ବାବଦକୁ ୧୪୯ ଟଙ୍କାର ଚେକ୍ ଦେବାକୁ କହିବା ସହ ସାଙ୍ଗରେ ଆଣିଥିବା ପେନ୍‌ରେ ଲେଖାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଚେକ୍‌ରେ ଉଲ୍ଲେଖ ଥିବା ଟଙ୍କାର ପରିମାଣକୁ ବଦଳାଇ ୭୬ ହଜାର ଟଙ୍କା ଉଠାଇ ନେଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ସିସିଟିଭି ଫୁଟେଜ ଆଧାରରେ ତନାଘନା ଚଳାଇଛି। କେତେକ ଘଟଣାରେ 'କ୍ୟାନସଲଡ୍ ଚେକ୍' ମଧ୍ୟ ମ୍ୟାଜିକ୍ ପେନ୍‌ରେ ଲେଖାଯାଉଛି। ପରବର୍ତ୍ତୀ ସମୟରେ 'କ୍ୟାନସଲଡ୍'କୁ ଲିଭାଇ ଟଙ୍କା ହଡପ କରାଯାଉଥିବା ଜଣାପଡୁଛି। ଏଭଳି ଠକେଇକୁ ଅନୁଧ୍ୟାନ କଲେ ର୍ୟାକେଟ୍ ସହ ବ୍ୟାଙ୍କ କର୍ମଚାରୀଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରକୁ ଟାଣି ହୋଇଯାଉଛି।


Vencobb FRESH CHICKEN — Taste the difference!

08.03.2020

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସଦିଚ୍ଛା
ପରିବାରବର୍ଗ


ତନ୍ମୟ ତଥାଗତ
ପରିବାରବର୍ଗ


କଶ୍ୟପ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଚେନ୍ନାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ଶେରଗଡ଼,୮।୩(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଅଣ୍ଡରସିଙ୍ଗି ଗ୍ରାମର ଜଣେ ଶ୍ରମିକଙ୍କ ଚେନ୍ନାରେ ମୃତ୍ୟୁ ଘଟିଛି। ସେ ହେଲେ ପପୁନ ପରିଡା। ପ୍ରକାଶ ଯେ, କିଛିଦିନ ତଳେ ଅଣ୍ଡରସିଙ୍ଗି ଗ୍ରାମର ୧୬ଜଣ କାମ କରିବାକୁ ଚେନ୍ନାଇ ଯାଇଥିଲେ। ସେଠାରେ କୋୟମ୍ବାଟୁର ଅଞ୍ଚଳରେ ଏକ କୋଠା ନିର୍ମାଣ କାମରେ ଏମାନେ ନିୟୋଜିତ ଥିଲେ। କିଛିଦିନତଳେ ପପୁନଙ୍କ ଦେହ ଖରାପ ହୋଇଥିଲା। ସେ ରବିବାର ଘରକୁ ଫେରିବାକୁ କୋୟମ୍ବାଟରୁ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ବସିଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ରେଳବାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।



## ଜିଲା ଚିଠି
## ବଲାଙ୍ଗୀର

# ବନ୍ୟା ପାଣିରେ ନିଆଁ

ବଲାଙ୍ଗୀର ସହର ନିକଟରେ କୌଣସି ନଦୀ ପ୍ରବାହିତ ହୋଇନାହିଁ। ସହର ମଧ୍ୟଦେଇ ଅଙ୍କାବଙ୍କା ହୋଇ ଲକ୍ଷ୍ମୀଯୋର ପ୍ରବାହିତ ହେଉଛି। ସାଧାରଣତଃ ସହରରେ ବନ୍ୟା ପ୍ରଭାବ ଦେଖାଯାଏ ନାହିଁ। ମାତ୍ର ୨୦୧୯ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ମୂଷଳ ଧାରାରେ ବର୍ଷା ଫଳରେ ବଲାଙ୍ଗୀର ସହର ଓ ଆଖପାଖ ଅଞ୍ଚଳରେ ପ୍ରଳୟଙ୍କରୀ ବନ୍ୟା ଦେଖାଦେଇଥିଲା। ଏହି ବନ୍ୟା ଯୋଗୁ ସହର ତଥା ଆଖପାଖ ଗାଁର ଅଧାରୁ ଅଧିକ ଅଞ୍ଚଳ ଜଳମଗ୍ନ ହୋଇଯାଇଥିଲା। ଶତାଧିକ ଲୋକଙ୍କ ଘରଦ୍ୱାର, ଧନସମ୍ପତ୍ତି, ଖାଦ୍ୟଦ୍ରବ୍ୟ, ଆସବାବପତ୍ର, ରାସ୍ତାଘାଟ, ଜଳାଶୟ, ଜଳପ୍ରକଳ୍ପ ଓ ପଶୁ ସମ୍ପଦ ବନ୍ୟାପାଣିରେ ନଷ୍ଟ ହୋଇଯାଇଥିଲା। ସହରର ଗରିବ ଲୋକେ ସବୁଠୁ ବେଶି ପ୍ରଭାବିତ ହୋଇଥିଲେ। ଘରକାନ୍ଥ ପଡି କେତେକ ସ୍ଥାନରେ ଲୋକେ ଆହତ ହୋଇଥିବା ବେଳେ ବିଷ୍ଣୁମୁଣ୍ଡାଠାରେ ଜଣେ ବାଳକର ମୃତ୍ୟୁ ହୋଇଥିଲା। ଦୀର୍ଘଦିନ ଧରି ପ୍ରଶାସନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଖାଦ୍ୟ ଓ ରିଲିଫ ବଣ୍ଟନ କରାଯାଇଥିଲା। କହିବାକୁ ଗଲେ ବହୁ ଦିଗରୁ ବନ୍ୟା ସହ ଅପରିଚିତ ଥିବା ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବନ୍ୟା ପରେ କେନ୍ଦ୍ରମନ୍ତ୍ରୀ, ରାଜ୍ୟ ରାଜସ୍ୱ ମନ୍ତ୍ରୀ, ସ୍ଥାନୀୟ ମନ୍ତ୍ରୀ, ଏମ୍‌ପି, ବିଧାୟକ, ସ୍ୱତନ୍ତ୍ର ରିଲିଫ୍ କମିଶନର, ବରିଷ୍ଠ ବିଭାଗୀୟ ପ୍ରଶାସକ, ଜିଲାପାଳ ଓ ଅନ୍ୟାନ୍ୟ ଅଧିକାରୀମାନେ ସମୀକ୍ଷା ବୈଠକ କରିଥିଲେ। ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ଉଚିତ କ୍ଷତିପୂରଣ ଦିଆଯିବା ଉପରେ ଗୁରୁତ୍ୱାରୋପ କରିବା ସହ ଧୋଇ ହୋଇଯାଇଥିବା ରାସ୍ତାଘାଟ, ଜଳାଶୟ ଓ ଜଳପ୍ରକଳ୍ପଗୁଡିକର ଶୀଘ୍ର ମରାମତି ଓ ଉନ୍ନତି ଉପରେ ଜୋର ଦିଆଯାଇଥିଲା। ନଷ୍ଟ ହୋଇଥିବା ସମ୍ପତ୍ତି ସବୁର ଭିଡିଓ ରେକର୍ଡିଂ ମାଧ୍ୟମରେ ସର୍ଭେ କରି କ୍ଷତିଗ୍ରସ୍ତଙ୍କୁ କିପରି ଉଚିତ୍ କ୍ଷତିପୂରଣ ଦିଆଯିବ ତା'ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପ୍ରଳୟଙ୍କରୀ ବନ୍ୟାକୁ ଇତିମଧ୍ୟରେ ୬ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଛି। ମାତ୍ର ବନ୍ୟା ପାଣି ମାଡରେ କ୍ଷତିଗ୍ରସ୍ତ ଲୋକଙ୍କ ଭିତରେ ଏବେ ଆକ୍ରୋଶର ବହ୍ନି ଜଳିବାକୁ ବସିଲାଣି। ବନ୍ୟା କ୍ଷୟକ୍ଷତି ଆକଳନ ଓ ସହାୟତା ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଯେଉଁ ପରିବାର ବନ୍ୟାରେ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ ସେମାନଙ୍କୁ କମ୍ କ୍ଷତିପୂରଣ ଓ ଯେଉଁମାନଙ୍କ କମ୍ କ୍ଷତି ହୋଇଥିଲା ସେମାନଙ୍କୁ ଅଧିକ ସହାୟତା ମିଳିଥିବା କ୍ଷତିଗ୍ରସ୍ତ ଲୋକେ ଅଭିଯୋଗ କରୁଛନ୍ତି। ମ୍ୟୁନିସିପାଲିଟି, ତହସିଲ ପ୍ରଶାସନର କେତେକ କର୍ମଚାରୀଙ୍କୁ ହାତ କରି କେତେଜଣ ଲୋକ ଲକ୍ଷାଧିକ ଟଙ୍କାର ସରକାରୀ ସହାୟତା ଆତ୍ମସାତ୍ କରିଥିବା ଅଭିଯୋଗ ଉଠିଲାଣି। ଏହା ସହିତ କ୍ଷତିଗ୍ରସ୍ତ ହୋଇ ନ ଥିବା ସତ୍ତ୍ୱେ ଜାଲ କାଗଜପତ୍ର ତିଆରି କରି କେତେକ ବ୍ୟକ୍ତି ସରକାରୀ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହେଲାଣି। ବନ୍ୟା ସହାୟତା ଟଙ୍କା ବଣ୍ଟନ ପ୍ରକ୍ରିୟାରେ ଘୋର ଅନିୟମିତତା ହୋଇଥିବା ନେଇ କିଛିଦିନ ତଳେ ଅନୁଷ୍ଠିତ ବଲାଙ୍ଗୀର ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକରେ ମଧ୍ୟ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ଏଭଳି କ୍ଷେତ୍ରରେ ବଲାଙ୍ଗୀରରେ ପୁଣିଥରେ ଏକ ବଡଧରଣର ଅନିୟମିତତା ଓ ଦୁର୍ନୀତି ହୋଇଥିବା ଜଣାପଡିଲାଣି। କେତେଜଣ ସରକାରୀ କର୍ମଚାରୀ, ମଧ୍ୟସ୍ଥ ଓ ଖଳ ପ୍ରକୃତିର ଲୋକ ବିଭିନ୍ନ ଜାଲିଆତି କରି ସରକାରୀ ବନ୍ୟା ସହାୟତା ଟଙ୍କା ହଡ଼ପ କରିଥିବା ଏବେ ଖୋଲାଖୋଲି ଚର୍ଚ୍ଚାର ବିଷୟ ହୋଇଛି। ଏହି ଅନିୟମିତତା ଓ ଦୁର୍ନୀତିକୁ ନେଇ ବିଭିନ୍ନ ପଡାରେ ପ୍ରଭାବିତ ଓ ବଞ୍ଚିତ ବର୍ଗ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡିଲାଣି। ଏନେଇ ବିଧିବଦ୍ଧ ତଦନ୍ତ କରାଗଲେ ବନ୍ୟା ପାଣିରେ ଲଗାଯାଇଥିବା ଦୁର୍ନୀତି ନିଆଁ ଖୁବ୍‌ଶୀଘ୍ର ଉଜାଗର ହେବ ବୋଲି ଚର୍ଚ୍ଚା ଜୋର ଧରିଛି।

– ବୀରେନ୍ଦ୍ର କୁମାର ଝାଙ୍କର

# ଓଡ଼ିଶାରେ ଆରମ୍ଭ ହେଲା କରୋନା ପରୀକ୍ଷା

ଭୁବନେଶ୍ୱର, ୮।୩(ବ୍ୟୁରୋ)

ଏଣିକି ଓଡ଼ିଶାରେ ହୋଇପାରିବ କରୋନା ଭାଇରସ୍ ପରୀକ୍ଷା। ଭୁବନେଶ୍ୱରସ୍ଥିତ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର(ଆର୍‌ଏମ୍‌ଆର୍‌ସି)ରେ ଏହି ବ୍ୟବସ୍ଥା ଶନିବାରଠାରୁ ଆରମ୍ଭ ହୋଇଛି। ପୂର୍ବରୁ ପୁଣେକୁ ନମୁନା ପରୀକ୍ଷା ପାଇଁ ପଠାଯାଉଥିଲା। ସେଥିପାଇଁ କିଛିଦିନ ଅପେକ୍ଷା କରିବାକୁ ପଡୁଥିଲା। ଏବେ କିନ୍ତୁ ଆର୍‌ଏମ୍‌ଆର୍‌ସିରେ ସ୍ଥାପନ କରାଯାଇଥିବା ସ୍ୱତନ୍ତ୍ର ଲାବ୍‌ରୁ ଶୀଘ୍ର ରିପୋର୍ଟ ମିଳିପାରୁଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ କହିଛନ୍ତି।

ରବିବାର ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସଚିବ କରୋନା ସମ୍ପର୍କରେ ସୂଚନା ଦେବା ସହ ଏହାକୁ ନେଇ କେହି ଆତଙ୍କିତ ନ ହେବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, କରୋନା ପରୀକ୍ଷା ପାଇଁ ଓଡ଼ିଶାରେ ଏସ୍‌ସିବି ମେଡିକାଲ ଓ ଆର୍‌ଏମ୍‌ଆର୍‌ସିରେ ଆବଶ୍ୟକ ଭିତ୍ତିଭୂମି ରହିଛି। ଏଥିପାଇଁ ଆମେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲୁ। ଆର୍‌ଏମ୍‌ଆର୍‌ସି ପାଇଁ ଅନୁମତି ମିଳିଛି। ଏଠାରେ ଦିନକୁ ୨୦ ନମୁନା ପରୀକ୍ଷା କରାଯିବାର ବ୍ୟବସ୍ଥା ରହିଛି। କ୍ୟାପିଟାଲ ହସ୍ପିଟାଲ ଆଇସୋଲେଶନ ୱାର୍ଡରେ ଭର୍ତ୍ତି ହୋଇଥିବା ଆୟର୍ଲାଣ୍ଡ ନାଗରିକ ଓ ତାଙ୍କ ସହଯୋଗୀଙ୍କ କରୋନା ପରୀକ୍ଷା ଶନିବାର ଆର୍‌ଏମ୍‌ଆର୍‌ସିରେ କରାଯାଇଥିଲା। ସମସ୍ତ ରିପୋର୍ଟ ନେଗେଟିଭ୍ ବାହାରିଛି। ଏମ୍‌ସ ସମେତ ରାଜ୍ୟର ସମସ୍ତ ହସ୍ପିଟାଲ ଆର୍‌ଏମ୍‌ଆର୍‌ସିକୁ କରୋନା ପରୀକ୍ଷା ପାଇଁ ନମୁନା ପଠାଇପାରିବେ। ବର୍ତ୍ତମାନ ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲ ସମେତ କ୍ୟାପିଟାଲ ହସ୍ପିଟାଲରେ ଆଇସୋଲେଶନ ୱାର୍ଡ ପ୍ରସ୍ତୁତ ରଖାଯାଇଛି। ଘରୋଇ ହସ୍ପିଟାଲରେ ଆଇସୋଲେଶନ ୱାର୍ଡ ସ୍ଥାପନ ପାଇଁ ଯୋଜନା ହେଉଛି। ଏଥିପାଇଁ ଶନିବାର ପ୍ରାଇଭେଟ୍ ହସ୍ପିଟାଲ ଆସୋସିଏଶନ ସହିତ ଆଲୋଚନା ହୋଇଥିବା ସଚିବ କହିଛନ୍ତି। ଅନ୍ୟପକ୍ଷରେ ହୋଲି ପାଇଁ ସୋମବାର ବିଭାଗ ପକ୍ଷରୁ ଏକ ଆଡଭାଇଜରି ଜାରି ହେବ। ତଥାପି ବଡ଼ ଆକାରରେ ଓ ବଡ଼ ସମାବେଶ କରି ହୋଲି ନ ଖେଳିବାକୁ ସେ ପରାମର୍ଶ ଦେଇଛନ୍ତି।

ଡିଏମ୍‌ଇଟି ନିର୍ଦ୍ଦେଶକ ଡା. ସିବିକେ ମହାନ୍ତି କହିଛନ୍ତି, ଶୁକ୍ରବାର ଏସ୍‌ସିବିରେ ଦୁଇଜଣ ଡାକ୍ତରଙ୍କୁ କରୋନା ହୋଇଥିବା ମିଛ ଖବର ପ୍ରଚାରିତ ହୋଇଥିଲା। ଫଳରେ ରବିବାର ଲୋକେ ଏସ୍‌ସିବିକୁ ଆସିବା ପାଇଁ ଭୟ କରିଥିଲେ। ତେଣୁ କରୋନା ସମ୍ପର୍କରେ ମିଛ ପ୍ରଚାର ନ କରି ଠିକ୍ ଖବର ପ୍ରକାଶ କରିବାକୁ ସେ କହିଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ କୌଣସି କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ଏସ୍‌ସିବି, ଏମ୍‌କେସିଜି, ଭିମ୍‌ସାର ଓ କ୍ୟାପିଟାଲ ହସ୍ପିଟାଲରେ ମୋଟ ୧୦ଜଣ ସନ୍ଦିଗ୍ଧ ଭର୍ତ୍ତି ହୋଇଥିଲେ ମଧ୍ୟ ରିପୋର୍ଟ ନେଗେଟିଭ୍ ଆସିଛି। କରୋନା ସତର୍କତା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ମାସ୍ କ୍ୱାରେଣ୍ଟାଇନ ପାଇଁ ଜଟଣୀ, କଟକ, ବୁର୍ଲା ଓ ବ୍ରହ୍ମପୁରରେ ସ୍ଥାନ ଚିହ୍ନଟ ହୋଇଛି। ସମସ୍ତ ଜିଲାପାଳଙ୍କୁ ଜିଲା ମନିଟରିଂ ମୁଖ୍ୟ ଭାବେ ମନୋନୀତ କରାଯାଇଛି। ନମୁନା ପରୀକ୍ଷା ପାଇଁ ଡିଷ୍ଟ୍ରିକ୍ଟ ରାପିଡ୍ ଟିମ୍ ପ୍ରସ୍ତୁତ ରଖାଯାଇଛି। ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ସମେତ ୩ଟି ଟେଲିଫୋନ୍ ନମ୍ବର ଜାରି କରାଯାଇଛି ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଏମ୍‌ସ ନିର୍ଦ୍ଦେଶିକା ଗୀତାଞ୍ଜଳି ବାଟମାନବେନଙ୍କ ସମେତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ କରୋନା ପରୀକ୍ଷା ସମ୍ପର୍କରେ ସୂଚନା ଦିଆଯାଉଛି।

### ଆର୍‌ଏମ୍‌ଆର୍‌ସିରେ ଖୋଲିଲା ସ୍ୱତନ୍ତ୍ର ଲାବ୍

- ଦିନକୁ ହୋଇପାରିବ ୨୦ଜଣଙ୍କ ପରୀକ୍ଷା
- ଆୟର୍ଲାଣ୍ଡ ନାଗରିକଙ୍କ ନମୁନା ନେଗେଟିଭ୍
- ଘରୋଇ ହସ୍ପିଟାଲରେ ଖୋଲିବ ଆଇସୋଲେଶନ ୱାର୍ଡ

# ହୃଷୀକେଶ ପଣ୍ଡା ଆଦିବାସୀ ମନ୍ତ୍ରଣାଳୟ ଏକ୍ସପର୍ଟ ପ୍ୟାନେଲ ମୁଖ୍ୟ

**ଭୁବନେଶ୍ୱର,୮।୩(ବ୍ୟୁରୋ):** ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଚାକିରିରୁ ଅବସର ଗ୍ରହଣ କରିଥିବା ଓଡ଼ିଆ ଅଫିସର ହୃଷୀକେଶ ପଣ୍ଡାଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂଆ ଦାୟିତ୍ୱ ମିଳିଛି। ହୃଷୀକେଶଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଦିବାସୀ ମନ୍ତ୍ରଣାଳୟ ଏକ୍ସପର୍ଟ ପ୍ୟାନେଲ ମୁଖ୍ୟ ଭାବେ ନିଆଯାଇଛି। ଏହି ପ୍ୟାନେଲ ଜଙ୍ଗଲ ଅଧିକାର ଆଇନର ବିଭିନ୍ନ ଦିଗ ଉପରେ ତର୍ଜମା କରିବ ବୋଲି ଜଣାପଡିଛି। ଏହି ପ୍ୟାନେଲ ତିନି ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବ। ମୂଳ ନିୟମରେ ଆବଶ୍ୟକ ପରିବର୍ତ୍ତନ ପାଇଁ ଗଠନଧର୍ମୀ ପ୍ରସ୍ତାବ ମଧ୍ୟ ପ୍ୟାନେଲ ଦେବ। ସେହିଭଳି ପର୍ଟିକୁଲାର୍‌ଲି ଭନରେବଲ ଟ୍ରାଇବାଲ ଗ୍ରୁପ(ପିଭିଟିଜି) ବର୍ଗର ଜଙ୍ଗଲ ଅଧିକାର, ଯାଯାବର ଜୀବନଯାପନ କରୁଥିବା ଏବଂ ଖାଦ୍ୟ ସରିଗଲେ ଅନ୍ୟତ୍ର ସ୍ଥାନାନ୍ତରିତ ହେଉଥିବା ସମ୍ପ୍ରଦାୟଙ୍କ ସମସ୍ୟା, ତାହାର ସମାଧାନ ଏବଂ ଅଧିକାର ଉପରେ ପ୍ୟାନେଲ କାର୍ଯ୍ୟ କରିବ।

# ଶିଶୁକନ୍ୟାକୁ ଡ୍ରେନ୍‌ରେ ଫିଙ୍ଗିଦେଲେ

**ବଲାଙ୍ଗୀର ଅଫିସ, ୮।୩:** ଆନ୍ତର୍ଜାତିକ ମହିଳା ଦିବସରେ ରବିବାର ବଲାଙ୍ଗୀର ସହରରେ ସଦ୍ୟଜାତ ଏକ ଜୀବନ୍ତ ଶିଶୁକନ୍ୟାକୁ କେହି ଡ୍ରେନ୍‌ରେ ଫିଙ୍ଗିଦେଇ ଫେରାର ହୋଇଯିବା ଘଟଣା ଆଲୋଡନ ସୃଷ୍ଟି କରିଛି। ସହର ତୁଳସୀନଗର ଆୟୁର୍ବେଦିକ କଲେଜ ପାଚେରି ନିକଟ ଡ୍ରେନ୍‌ରେ ଅପରାହ୍ଣ ପ୍ରାୟ ୪ଟାରେ ଏକ ଶିଶୁକନ୍ୟାକୁ ଫିଙ୍ଗି ଦିଆଯାଇଥିବା କେତେକ ଲୋକ ଦେଖିଥିଲେ। ଏହାପରେ ସେହି ପଡାର ଆଲୋକ ଖର୍ସେଲ ନାମକ ଜଣେ ଯୁବକ ଉକ୍ତ ଶିଶୁକନ୍ୟାକୁ ଡ୍ରେନ୍‌ରୁ ଉଦ୍ଧାର କରି ନିକଟସ୍ଥ ଆୟୁର୍ବେଦିକ କଲେଜ ହସ୍ପିଟାଲକୁ ନେଇ ଯାଇଥିଲେ। ସେଠାରେ ଶିଶୁକନ୍ୟାଙ୍କୁ ଭର୍ତ୍ତି କରି ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବାକୁ ଅନୁରୋଧ କରିଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ଉକ୍ତ ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ ଓ ଏହାପରେ ଜିଲା ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି) ଓ ଚାଇଲ୍ଡ ଲାଇନ୍‌କୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ଚାଇଲ୍ଡ ଲାଇନ୍‌ର ଦୁଇଜଣ ସଦସ୍ୟ ପରେଶ ସୁନା ଓ ସଞ୍ଜୁକ୍ତା ଏକ୍କା ଆୟୁର୍ବେଦିକ କଲେଜରେ ପହଞ୍ଚି ଉକ୍ତ ଶିଶୁକୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇ ଯାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ଶିଶୁକନ୍ୟାକୁ ହସ୍ପିଟାଲର ସ୍ପେଶାଲ ନିଓବର୍ନ କେୟାର ୟୁନିଟ୍ (ଏସ୍‌ଏନ୍‌ସିୟୁ)ରେ ଭର୍ତ୍ତି କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଏହାପରେ ଶିଶୁକୁ ଏସଏନ୍‌ସିୟୁରେ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂଙ୍କୁ ପଚାରିବାରୁ ଡ୍ରେନ୍‌ରୁ ଶିଶୁକନ୍ୟାକୁ ଉଦ୍ଧାର କରି ହସ୍ପିଟାଲରେ ରଖାଯାଇଥିବା ସୂଚନା ଦେଇଥିଲେ। ସୁସ୍ଥ ହେବା ପରେ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସେ ସୂଚନା ଦେଇଥିଲେ। ସିଡବ୍ଲ୍ୟୁସି ସ୍ୱେଚ୍ଛାସେବୀ ଅରୁଣ ଖୁଆସ ମଧ୍ୟ ହସ୍ପିଟାଲ ଯାଇ ଶିଶୁକନ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। କିଏ ଓ କାହିଁକି ଏହି ଶିଶୁକନ୍ୟାକୁ ଡ୍ରେନ୍‌ରେ ଫିଙ୍ଗିଦେଲେ ସେନେଇ କିଛି ବି ଜଣାପଡିନାହିଁ। ତେବେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ମହିଳାମାନଙ୍କ ସୁରକ୍ଷା, ସମ୍ମାନ, ଅଧିକାର ଓ ଲିଙ୍ଗଗତ ବିଦ୍ୱେଷକୁ ନେଇ ବ୍ୟାପକ ସଚେତନତା, ରାଲି, ସଭା ସମିତି କରାଯାଉଥିବାବେଳେ ବଲାଙ୍ଗୀର ସହରରେ ଜଣେ ଶିଶୁକନ୍ୟାକୁ ଡ୍ରେନ୍‌ରେ ଫିଙ୍ଗି ଦିଆଯିବା ଘଟଣାକୁ ନେଇ ସଚେତନ ବର୍ଗ ବିଶେଷକରି ମହିଳାମାନେ ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଶନି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ଯୋଗୁ ମନ ମୁତାବକ କାମ କରିବାରେ ବିଫଳ ହେବେ। ଅବଶ୍ୟ ପ୍ରତିଯୋଗିତାରେ ସଫଳତା ଯୋଗୁ କେତେକାଂଶରେ ମନକୁ ବୁଝାଇ ଖୁସି ରହିବେ। ଅଫିସ୍ କାମରେ ଏପରିକି ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ।

**ବୃଷ** ଧନସ୍ଥ ରାହୁ ଓ ଧନାଧିପଙ୍କ ଦୁର୍ବଳତା କାରଣରୁ ଅର୍ଥ ସମ୍ପର୍କୀୟ ବିବାଦର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢ଼ାଇ ଦେବ। ତଥାପି ରୋହିଣୀ ନକ୍ଷତ୍ର ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ।

**ମିଥୁନ** ଧନାଧିପ ସପ୍ତମ ଭାବସ୍ଥ ପ୍ରଭାବରେ ଋଣ ପରିଶୋଧ କରିବା ସକାଶେ କିମ୍ବା ବିଭିନ୍ନ ପ୍ରକାରର ଧନ୍ଦା କରିବା ସକାଶେ ମନ ବଳାଇ ପାରନ୍ତି। ଜଣେ ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜି ପାରନ୍ତି, ଯାହାକି ଆପଣଙ୍କ ସକାଶେ ହିତକର ହେବ। କର୍ମକ୍ଷେତ୍ର, ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣ କଲେ ମନ୍ଦ ହେବନି।

**କର୍କଟ** ଚନ୍ଦ୍ର ପାପଗ୍ରହଙ୍କ ପ୍ରଭାବରୁ ମୁକ୍ତ ଯୋଗୁ ମାନସିକ ସ୍ଥିତି ପ୍ରାୟତଃ ଭଲ ରହିବ। କିନ୍ତୁ ଅଶ୍ଳେଷା ନକ୍ଷତ୍ର ଯୋଗୁ କର୍ମବ୍ୟସ୍ତତା ବୃଦ୍ଧି ପାଇପାରେ। ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ କରି ସହକର୍ମୀମାନେ କଳହର ମାତ୍ରାକୁ ବଢ଼ାଇ ଦେଇପାରନ୍ତି।

**ସିଂହ** ସୁଯୋଗ ଅଭାବରୁ ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ ବରଂ ଓଲଟି ନିନ୍ଦାଗାନ କରିବେ। କିନ୍ତୁ ଶନି ଓ ମଙ୍ଗଳଙ୍କ ସ୍ଥିତିରୁ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଶୁକ୍ରଙ୍କ ଶୁଭ ସଂସ୍ଥାନରୁ କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପ୍ରତିବନ୍ଧକ ଦେଖାଦେଇପାରେ।

**କନ୍ୟା** ଧନ ସ୍ଥାନକୁ ଧନାଧିପତି ଦେଖୁଥିବାରୁ ହଠାତ୍ ଆଜି ବହୁତ ଦିନରୁ ଟଙ୍କା ବାକି ରଖିଥିବା ଲୋକଟି ଘରେ ଆସି ଟଙ୍କା ଦେଇଯିବ। ଅଫିସରେ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ସୂଚନା ରହିଛି। ଗୃହସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିପାରନ୍ତି।

**ତୁଳା** ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଆପଣଙ୍କର ସମସ୍ତ ଆଶା ଓ କାମନା ପୂର୍ଣ୍ଣତା ଲାଭ କରିବ। ଆଇନର ସହାୟତା ନେଇ ମାଲିମୋକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିବେ। କିନ୍ତୁ ଚିତ୍ରା ନକ୍ଷତ୍ର ମାନସିକ ଦୁଶ୍ଚିନ୍ତା ଭିତରେ ନିଜର ଭାରସାମ୍ୟ ହରାଇ ପାରନ୍ତି।

**ବିଛା** ଅଷ୍ଟମାଧିପତି ନବମ ଭାବରେ ରହି ଆପଣଙ୍କ ଉଦ୍ୟମ ଓ ଚିନ୍ତାଧାରାକୁ ବିକ୍ଷିପ୍ତ କରିପାରନ୍ତି। ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଚାପ ବଢିଯିବା କାରଣରୁ ବ୍ୟସ୍ତତା ବଢ଼ି ଯାଇପାରେ। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ।

**ଧନୁ** ରାହୁ ଓ ରାଶିରେ ପାପଗ୍ରହ ପ୍ରଭାବରେ ବିଭିନ୍ନ ପ୍ରକାରର ସମସ୍ୟା ଓ ପ୍ରତିବନ୍ଧକ ଭିତର ଦେଇ ଚଳିବା ପାଇଁ ବାଧ ହେବେ ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ନିଜ ନିଜ ସ୍ଥାନରେ ବେଶ୍ ଖୁସୀ ରହିବେ। ରାଜନୀତିରେ ଓ ସାଙ୍ଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହୋଇପାରନ୍ତି।

**ମକର** ଶନି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି କାରଣରୁ ଆପଣ ଭାବୁଥିବେ ଗୋଟିଏ କଥା କହିଲା ବେଳକୁ ତାହା ଓଲଟା ହୋଇ ଯାଇପାରେ। ଫଳରେ ବନ୍ଧୁଙ୍କ ସହ ବିତର୍କଜନିତ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ତଥାପି ଶ୍ରବଣା ନକ୍ଷତ୍ର ବନ୍ଧୁଙ୍କ କଥା ମାନି କାମ କଲେ ବହୁତ ଭଲ ହେବ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ୍ ହେବେ।

**କୁମ୍ଭ** ଷଷ୍ଠାଧିପ ସପ୍ତମ ଭାବସ୍ଥ ଯୋଗୁ ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସବୁ କାମଗୁଡ଼ିକ ଘାତପ୍ରତିଘାତ ମଧ୍ୟ ଦେଇ ସମ୍ପନ୍ନ ହେବାର ସୂଚନା ରହିଛି। ପରିବାରରେ କାହାର ସ୍ୱାସ୍ଥ୍ୟ ସକାଶେ ମନ ବ୍ୟସ୍ତ ରହିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଘରର ଥିବା ଭୂ-ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ।

**ମୀନ** ଚତୁର୍ଥ ଭାଗରେ ରାହୁ ଥିବାରୁ ଘରୋଇ କ୍ଷେତ୍ରରେ ଆତ୍ମୀୟମାନେ କେତେକ କାରଣକୁ କେନ୍ଦ୍ରକରି ବିଶ୍ୱାସଘାତକତା କରିପାରନ୍ତି। ଶୁକ୍ରଙ୍କ ଧନଭାବ ସଂସ୍ଥାନରୁ ଅର୍ଥଲାଭ ସହ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲିମୋକଦ୍ଦମା, ଜମିଜମା କାରବାରରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ।

ଆଜି ଦୋଳପୂର୍ଣ୍ଣିମା ସୋମବାର, ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରାଜବେଶ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଜୟନ୍ତୀ, ଦୋଳଯାତ୍ରା, ବସନ୍ତରାସ, ମାର୍ଚ୍ଚ ୯ ତାରିଖ, ରାଜ୍ୟଗୋଷ୍ଠୀ ଦିବସ (ମାର୍ଚ୍ଚ ଦ୍ୱିତୀୟ ସୋମବାର) ରାଶି ନକ୍ଷତ୍ର-ପୂର୍ବା ଫାଲ୍‌ଗୁନୀ/ସିଂହ, ମିଥୁନ ରାଶିର ଘାତବାର, ପୂର୍ଣ୍ଣିମାଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୩୭ମି. ମଧ୍ୟେ ଘ୯୦।୪୬ମି. ଗତେ, ଘ୧।୦୭ମି. ମଧ୍ୟେ ଅମୃତବେଳା। ଦିବା ଘ୮।୫୮ମି. ଗତେ ଘ୧୦।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୩୨ମି. ଗତେ ଘ୯।୦୦ମି. ମଧ୍ୟେ ରାହୁକାଳ।

classifieds Everyday
0674-2580101, 2549302

real estate
SALE

Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/-(installment/outright ରେ) ମିଳୁଅଛି। 9937025614, 7008390130. D-68480

Bhubaneswar, Patia, Bigbazar ରୁ 3.5k.m ଘର କରିବା ପାଇଁ plot 50 x 30= 1500sqft. କୁ 8,25,000/-ରେ ମିଳୁଛି। 9937065503, 8249005131, 9337061817. D-68500

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି patta, boundary plot psqft. 1250/-, 750/- ବିକ୍ରିହେବ। 9439270333. D-69108

ଭୁବନେଶ୍ୱର Sum Hospital, IIIT, Birla University ନିକଟ କାଟେଣୀରେ gharabari boundary Patta plot-499/-, 7077730754. D-69103

Holi Offer:- Book ready to move 2BHK/ 3BHK flats with all amenities @ "The Landmark" apartment from Bhubaneswar. It is the best right side Sundarpada location project. Basic price per sqft. is 2800/- for top floor & other floor is 3,000/-. Holi discount 50,000/- for 3BHK & 30,000/- for 2BHK. 9938569014, 9861433014. D-17003

ଶାଳଗାଁ ଷ୍ଟେସନ୍ ପାଖରେ 5,50,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି) D-17082

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

ଫାର୍ମ ହାଉସ୍/ରିସର୍ଟ/ହସ୍ପିଟାଲ, ୨ତାଲା ଘର, 7300sqft. ଜମି ସହ ବାଲୁଗାଁ ନିକଟ, NH-16 ପାର୍ଶ୍ୱରେ ବିକ୍ରି ପାଇଁ ଯୋଗାଯୋଗ- 9958280148. D-17100

Schedule caste gharabari boundary corner plot sale IIT Argul Station Bazar 5000sqft. 10,50,000/, 9439006524. D-69102

Booking 2BHK simplex East facing Tankapani Road, Saimandir 1200Sqft. land cost 31,50,000/-. 7735738102. D-17013

Book 2BHK flat near Tamando overbridge, RERA, SBI approved. 7978584549. D-69241

2900 Sqft. gharabari yellow zone plot for sale at Kapilaprasad, Bhubaneswar. Price- 75 lakh. Contact: 7504392698. D-69240

3Acres land for Sale at Mouza- Chakulia, Mayurbhanj District- 9437087261, 7008275280. D-68677

Gharabari sthitiban land 3k.m from Hanspal (Rasulgarh). Contact: 9937816565, 9937568585. D-69242

PURCHASE

Required land at Nageswartangi, Goutam Nagar, BJB Nagar, Bapuji Nagar, Bhubaneswar. Contact No: 9238805505. D-67300

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

healthcare

Ayurvedic full body massage ladies and gents. Contact- 9861064981. D-68794

Newly open full body massage by ladies, gents therapist. 8018656899 D-60878

Ayurvedic refreshment massage therapy refresh mind and body. Appointment: 7894855541. D-69301

Ayurvedic full body massage ladies/gents smart experts therapist:- 8480939300. D-68795

Full body herbal massage with refreshment expert therapist. 7381239385, 06742540855. D-69243

Experience full body massage with us (expert). Call: 7377048581, 06742597822. D-69244

Herbal full body massage by smart / expert therapist. Contact: 8338067247. D-69245

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69246

Body massage @ 1099 at mystic Unisex Salon and Spa. 9556978408. D-69248

Rejuvenate and Ayurvedic full body massage by smart therapist. 9114402304. D-69247

AFFIDAVIT

I Ndee Janakiram S/O- Ndee Rambabu have changed my name to Endi Janakiram S/O- Endi Rambabu vide Affidavit Dt. 28.02.2020 sworn before notary B K. Banka, Attabira. D-17102

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ ପଦବୀରେ ଓଡ଼ିଆ

ଭୁବନେଶ୍ୱର,୮ା୩(ବ୍ୟୁରୋ)

ଓଡ଼ିଶାରେ ଜନ୍ମିତ ବହୁ ପ୍ରଶାସନିକ ଅଧିକାରୀ ବର୍ତ୍ତମାନ କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରୁଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ସମୟଠାରୁ ଅନୁଧ୍ୟାନ କଲେ ବର୍ତ୍ତମାନ ସମୟରେ ଏକାଧିକ ଓଡ଼ିଆ ଅଫିସର କେନ୍ଦ୍ର ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଦାୟିତ୍ୱ ତୁଲାଉଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଦକ୍ଷତାର ସହ ନିଜ ଦାୟିତ୍ୱ ତୁଲାଇ ପ୍ରଶଂସା ମଧ୍ୟ ସାଉଁଟିବାର ନଜିର ରହିଛି।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ସବୁଠୁ ପ୍ରଭାବଶାଳୀ ଅଫିସ। ଦେଶର ସବୁ ଗୁରୁତ୍ୱପୂର୍ଣ୍ଣ ନୀତିଗତ ନିଷ୍ପତ୍ତି ସେହିଠାରେ ହୋଇଥାଏ। ସମ୍ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ଶାସନ ସଚିବ ଭାବେ ପ୍ରମୋଦ କୁମାର ମିଶ୍ର ଅବସ୍ଥାପିତ ହୋଇଛନ୍ତି। ପ୍ରମୋଦ ଓଡ଼ିଶାର ସମ୍ବଲପୁର ବାସିନ୍ଦା। କୌଣସି ଓଡ଼ିଆ ଭାବେ ଦେଶର ସବୁଠୁ ପ୍ରଭାବଶାଳୀ ପ୍ରଶାସନିକ କାର୍ଯ୍ୟାଳୟରେ


ପ୍ରମୋଦ ମିଶ୍ର


ଶକ୍ତିକାନ୍ତ ଦାସ


ଡ. ମୃତ୍ୟୁଞ୍ଜୟ ମହାପାତ୍ର


ଗିରୀଶ ଚନ୍ଦ୍ର ମୁର୍ମୁ

କାର୍ଯ୍ୟ କରିବା ରାଜ୍ୟ ପାଇଁ ଗୌରବର ବିଷୟ। ୧୯୮୨ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ପ୍ରମୋଦ ପୂର୍ବରୁ ପିଏମ୍‌ଓରେ ଅତିରିକ୍ତ ଶାସନ ସଚିବ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ନୃପେନ୍ଦ୍ର ମିଶ୍ର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପଦରୁ ଇସ୍ତଫା ଦେବା ପରେ ପ୍ରମୋଦଙ୍କୁ ଏହି ଦାୟିତ୍ୱ ମିଳିଥିଲା। ପ୍ରମୋଦ କ୍ୟାବିନେଟ ସେକ୍ରେଟାରିଏଟ୍ ଆଇନ ମନ୍ତ୍ରଣାଳୟ କାର୍ଯ୍ୟ ମଧ୍ୟ ଅନୁଧ୍ୟାନ କରୁଛନ୍ତି। ଦେଶର ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ରୂପାୟନରେ ତାଙ୍କର ସକ୍ରିୟ ଅଂଶଗ୍ରହଣ ରହୁଛି। ପ୍ରଧାନମନ୍ତ୍ରୀ ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ପ୍ରମୋଦ ସେହି ରାଜ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦରେ କାର୍ଯ୍ୟ କରିଥିଲେ।

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ଆଉ ଜଣେ ଓଡ଼ିଆ। ଦେଶର ଅର୍ଥନୀତି ଏକ ବିଶେଷ ପରିସ୍ଥିତି ଦେଇ ଗତି କରୁଥିବାବେଳେ ୧୯୮୦ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଶକ୍ତିକାନ୍ତଙ୍କ ନିଯୁକ୍ତି ଅନେକ ଗୁରୁତ୍ୱ ବହନ କରୁଛି। ଶକ୍ତିକାନ୍ତ ପୂର୍ବରୁ ଭାରତ ସରକାରଙ୍କ ଅର୍ଥନୈତିକ ବ୍ୟାପାର, ରାଜସ୍ୱ ଏବଂ ଶିଳ୍ପ ମନ୍ତ୍ରଣାଳୟରେ କାର୍ଯ୍ୟ କରିସାରିଛନ୍ତି। ଆରବିଆଇ ଗଭର୍ନର ଭାବେ ଉର୍ଜିତ ପଟେଲ ଇସ୍ତଫା ଦେବା ପରେ ଭୁବନେଶ୍ୱରରେ ଜନ୍ମିତ ଶକ୍ତିକାନ୍ତଙ୍କୁ ଏହି ଦାୟିତ୍ୱ ମିଳିଥିଲା। ସେହିପରି ରାଜ୍ୟକୁ ଗୌରବାନ୍ୱିତ କରିଥିବା ଅନ୍ୟ ଜଣେ ଓଡ଼ିଆ ହେଉଛନ୍ତି ଡ. ମୃତ୍ୟୁଞ୍ଜୟ ମହାପାତ୍ର। ମୃତ୍ୟୁଞ୍ଜୟଙ୍କ ଘର ଭଦ୍ରକ ଜିଲାରେ। ସେ ବର୍ତ୍ତମାନ ଭାରତୀୟ ପାଣିପାଣ ସଂସ୍ଥାନର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ। ୨୦୧୯ରେ ଭୟାନକ ସାମୁଦ୍ରିକ ଝଡ଼ 'ଫନୀ'ର ବହୁ ପୂର୍ବରୁ ସୂଚନା ସଂଗ୍ରହ କରିବା, ତା' ଗତିପଥର ସବିଶେଷ ସୂଚନା ରଖିବା ଏବଂ ଏହାର ସଫଳ ମୁକାବିଲା କରିବା ପାଇଁ ଓଡ଼ିଶା ଓ ଭାରତ ସରକାରଙ୍କୁ ମୃତ୍ୟୁଞ୍ଜୟ ଆବଶ୍ୟକ ସହଯୋଗ କରିଥିଲେ। ଆଗାମୀ ଦିନରେ ବହୁ ପୂର୍ବରୁ ପାଣିପାଗ ନିର୍ଣ୍ଣୟ ଏବଂ ଉଚ୍ଚତର ଗବେଷଣା ପାଇଁ ସେ ନିଜର ଅଧ୍ୟବସାୟ ଜାରି ରଖିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଓଡ଼ିଶାରୁ ମୃତ୍ୟୁଞ୍ଜୟଙ୍କ ପ୍ରତିନିଧିତ୍ୱ ନିହାତି ଗୌରବର କଥା।

ଜମ୍ମୁ ଓ କଶ୍ମୀରରେ ଲାଗୁ ହୋଇଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ଗତବର୍ଷ ଅଗଷ୍ଟ ୫ରେ ଉଚ୍ଛେଦ କରିଥିଲେ। ଏହାପରେ ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଥିଲା। ଏହାପରେ ଗୁରୁତ୍ୱପୂର୍ଣ୍ଣ ଜମ୍ମୁ ଓ କଶ୍ମୀରର କିଏ ଲ୍ୟୁଟନାଣ୍ଟ ଗଭର୍ନର ହେବେ, ତାହା ଉପରେ ସାରା ଦେଶର ନଜର ରହିଥିଲା। ଶେଷରେ ଏହି ଗୁରୁତ୍ୱପୂର୍ଣ୍ଣ ପଦ ପାଇଁ ୧୯୮୫ ବ୍ୟାଚ୍‌ର ଗୁଜରାଟ କ୍ୟାଡର ଓଡ଼ିଆ ଆଇଏଏସ୍ ଅଫିସର ଗିରୀଶ ଚନ୍ଦ୍ର ମୁର୍ମୁଙ୍କୁ ମନୋନୀତ କରାଯାଇଥିଲା। ଏହି ନିଯୁକ୍ତି ପୂର୍ବରୁ ମୋଦିଙ୍କ ଗୁଜରାଟ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଗିରୀଶ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପଦରେ କାର୍ଯ୍ୟ କରିଥିଲେ। ଉପରୋକ୍ତ ୪ ଅଧିକାରୀଙ୍କୁ ବାଦ୍ ଦେଲେ ଆହୁରି ଅନେକ ଓଡ଼ିଆ ବିଭିନ୍ନ ଦାୟିତ୍ୱରେ ରହିଛନ୍ତି। ଯେପରି ନ୍ୟାଶନାଲ କାଉନସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆରଟି)ର ନିର୍ଦ୍ଦେଶକ ଡ. ହୃଷୀକେଶ ସେନାପତି। ନିକଟରେ ୟୁପି କ୍ୟାଡର ଓଡ଼ିଆ ଆଇଏଏସ୍ ଅଫିସର ଦେବାଶିଷ ପଣ୍ଡା ଗୁରୁତ୍ୱପୂର୍ଣ୍ଣ ଅର୍ଥ ମନ୍ତ୍ରଣାଳୟର ସଚିବ ଭାବେ କିଛିଦିନ ଦାୟିତ୍ୱ ତୁଲାଇଥିଲେ।

# ଏସ୍‌ସିବିକୁ ମୃତଶରୀର ଦାନ

- ବାପାଙ୍କ ଶେଷ ଇଚ୍ଛା ପୂରଣ କଲେ ତିନିପୁଅ
- ବର୍ଷା, ବିଳମ୍ବରୁ ଦେଇପାରିଲେନି ଚକ୍ଷୁ


ବିମଳକାନ୍ତି ଘୋଷ

ଅନୁଗୋଳ ସହର,୮ା୩

ବାପାଙ୍କ ଶେଷ ଇଚ୍ଛା ପୂରଣ କରିଛନ୍ତି ତିନି ପୁଅ। ମୃତ୍ୟୁ ପରେ ତାଙ୍କ ଶରୀରକୁ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜକୁ ଦାନ କରିବା ପାଇଁ ବାପା ନାମ ପଞ୍ଜୀକରଣ କରିଥିବାରୁ ତଦନୁଯାୟୀ ଶନିବାର ରାତିରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ମୃତଦେହ ହସ୍ତାନ୍ତର କରିଛନ୍ତି ପରିବାରବର୍ଗ। ମେଡିକାଲ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଶରୀର ବ୍ୟବହାର ପାଇଁ ବାପା ରଖିଥିବା ଲକ୍ଷ୍ୟ ପୂରଣ କରିଥିବାରୁ ଅନୁଗୋଳ ସହର ଶିମିଳିପଡ଼ାର ତପନ କୁମାର ଘୋଷ, ସପନ କୁମାର ଘୋଷ ଓ ପ୍ରଦ୍ୟୁତ୍ କୁମାର ଘୋଷ ଖୁସିବ୍ୟକ୍ତ କରିଛନ୍ତି।

ପରିବାର ଲୋକଙ୍କ କହିବା ଅନୁଯାୟୀ, ଅନୁଗୋଳ ସହର ଶିମିଳିପଡାର ବିମଳକାନ୍ତି ଘୋଷ ତାଙ୍କ ଶରୀର ଦାନ ପାଇଁ ୨୦୧୩ ଜୁନ ୨୬ରେ ଏସ୍‌ସିବିରେ ନାମ ପଞ୍ଜୀକରଣ କରିଥିଲେ, ଯାହାର କ୍ରମିକ ସଂଖ୍ୟା ଥିଲା ୪୦। ଏଥିପୂର୍ବରୁ ସେ ଅନୁଗୋଳ କୋର୍ଟରେ ୨୦୧୨ ଅକ୍ଟୋବର ୧୦ରେ ଏକ ସତ୍ୟପାଠ (ନଂ. ୨୦୩୬) ମଧ୍ୟ କରିଥିଲେ। ଏଥିସହ ତାଙ୍କ ଚକ୍ଷୁ ଭୁବନେଶ୍ୱରସ୍ଥିତ ଏକ ଚକ୍ଷୁ ଚିକିତ୍ସାଳୟକୁ ଦାନ ପାଇଁ ମଧ୍ୟ ଇଚ୍ଛାପ୍ରକାଶ କରିଥିଲେ। ଶୁକ୍ରବାର ସକାଳ ୯ଟାରେ ବିମଳକାନ୍ତି ପୁଅମାନଙ୍କୁ ପାଖକୁ ଡାକି ନିଜ ଇଚ୍ଛା ସମ୍ପର୍କରେ ମନେପକାଇ ଦେଇଥିଲେ। ତେବେ ଶନିବାର ଅପରାହ୍ନ ୨ଟା୧୫ରେ ବିମଳକାନ୍ତିଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ପୁଅମାନେ ଅନୁଗୋଳ କୋର୍ଟରେ ଏକ ସତ୍ୟପାଠ କରିବା ସହ କଟକ ବଡ଼ ଡାକ୍ତରଖାନାକୁ ଯୋଗାଯୋଗ କରିଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସେପରି ସହଯୋଗ କରାଯାଇ ନ ଥିଲା। ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ଶରୀର ଗ୍ରହଣ କରାଯିବା ନିୟମ ଥିବାରୁ ପରିବାର ଲୋକେ ବିଳମ୍ବ ନ କରି ଏକ ଗାଡ଼ିରେ ମୃତଦେହ ଧରି କଟକରେ ପହଞ୍ଚିବା ପରେ ଘୋଷ ପରିବାରର ଜ୍ୱାଇଁ ତଥା କଟକ ହାଇକୋର୍ଟର ଅବସରପ୍ରାପ୍ତ ରେଜିଷ୍ଟ୍ରାର ଗୋପୀନାଥ ସେନଙ୍କ ହସ୍ତକ୍ଷେପରେ ରାତି ୭ଟା୨୫ରେ ମେଡିକାଲ କଲେଜ କର୍ତ୍ତୃପକ୍ଷ ଶରୀର ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ରାତି ୭ଟା ୪୫ରେ ବିମଳକାନ୍ତିଙ୍କ ମୃତଦେହ ଫ୍ରିଜରରେ ଭର୍ତ୍ତି କରାଯାଇଥିଲା। ତେବେ ବର୍ଷା ଓ ବିଳମ୍ବ କାରଣରୁ ମୃତଦେହରୁ ଚକ୍ଷୁ ଦାନ କରାଯାଇପାରି ନ ଥିଲା। ତଥାପି ବାପାଙ୍କ ଶେଷ ଇଚ୍ଛା ପୂରଣ କରିପାରିଥିବାରୁ ତିନିପୁଅ ତପନ, ସପନ ଓ ପ୍ରଦ୍ୟୁତ୍ ବହୁତ ଖୁସି ବୋଲି କହିଛନ୍ତି।

# ଦୋଳବେଦିରେ ମହାପ୍ରଭୁଙ୍କ ମେଣ୍ଢାପୋଡ଼ି ନୀତି ସମ୍ପନ୍ନ

ପୁରୀ ଅଫିସ, ୮ା୩



ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ରବିବାର ମହାପ୍ରଭୁଙ୍କ ଅଗ୍ନି ଉତ୍ସବ ନୀତି ସମ୍ପନ୍ନ ହୋଇଛି। ଏହି ଅଗ୍ନି ଉତ୍ସବକୁ ମେଣ୍ଢାପୋଡ଼ି ନୀତି କୁହାଯାଏ। ଏହି ଅବସରରେ ଠାକୁରଙ୍କ ଦର୍ଶନ ଲାଗି ଦୋଳବେଦି ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ସୋମବାର ପବିତ୍ର ଦୋଳ ପୂର୍ଣ୍ଣିମା। ଶ୍ରୀମନ୍ଦିର ରତ୍ନସିଂହାସନରେ ବିରାଜିତ ଚତୁର୍ଦ୍ଧାବିଗ୍ରହଙ୍କ ଦୁର୍ଲ୍ଲଭ ସୁନାବେଶ ଅନୁଷ୍ଠିତ ହେବ।

ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ପରେ ତିନି ବାଡ଼ରେ ମଇଲମ ହୋଇଥିଲା। ପାଳିଆ ମେକାପ ଭଣ୍ଡାରଘରୁ ଚନ୍ଦନ ବିଜେ କରାଇବା ପରେ ପୁଷ୍ପାଳକ ସେବକ ସର୍ବାଙ୍ଗ ଲାଗି କରାଇଥିଲେ। ଏହାପରେ ଚାଚେରୀ ବେଶ ନିମନ୍ତେ ଶ୍ରୀଦେବୀ, ଭୂଦେବୀ ଦକ୍ଷିଣୀ ଘରେ ପଡ଼ିଥିବା ଖଟଶେଜ ଉପରକୁ ବିଜେ କରିଥିଲେ। ତିନି ବାଡ଼ରେ ଚାଚେରୀ ବେଶ ବଢ଼ି ମାଳଫୁଲ ଓ କର୍ପୁର ଲାଗି ହୋଇଥିଲା। ପାଳିଆ ପଢିଆରୀ ଚାଚେରୀ ଭୋଗ ଡାକି ଯାଇଥିଲେ। ଚାଚେରୀ ଭୋଗ ଉଠିଲା ପରେ ଦକ୍ଷିଣୀଘର ଭୋଗ ସରି ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ଭିତରକୁ ବିଜେ କରିଥିଲେ। ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦ ଲାଗି ଏବଂ ପଣ୍ଡା ପଞ୍ଚୋପଚାରରେ ଭୋଗ କରିଥିଲେ। ପଣ୍ଡା, ପତି, ମୁଦିରସ୍ତ ଘଟୁଆରି ଘରଠାରୁ ଘଣ୍ଟ, ଛତା, କାହାଳି ସହ ଚନ୍ଦନ, ଫଗୁ ବିଜେ କରାଇ ଆଣି ଶ୍ରୀଅଙ୍ଗ ଲାଗି କରାଇଥିଲେ। ସିଂହାସନ ତଳେ ମୁଦିରସ୍ତ ତିନିବାଡ଼ରେ ଝିମିରି ଫଗୁ ଅଞ୍ଜଳି କରିବା ପରେ ଶ୍ରୀଅଙ୍ଗରେ ଚନ୍ଦନ ଫଗୁମଣି ଲାଗି କରିଥିଲେ। ପଣ୍ଡା ଆଜ୍ଞାମାଳ ଦେଲା ପରେ ମହାଜନେ ଠାକୁରଙ୍କୁ ହାତରେ ଜୟବିଜୟ ଦ୍ୱାର, ମୁକ୍ତିମଣ୍ଡପ ଦେଇ ଲକ୍ଷ୍ମୀମନ୍ଦିରଠାରେ ପଲଙ୍କରେ ବିଜେ କରାଇଥିଲେ। ସେଠାରେ ଲକ୍ଷ୍ମୀ ନାରାୟଣଙ୍କ ଫଗୁଖେଳ ହୋଇଥିଲା। ପ୍ରସାଦ ଲାଗି ହୋଇ ବନ୍ଦାପନା ପରେ ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀଙ୍କୁ ପଲଙ୍କରୁ ଆଣି ବିମାନରେ ବିଜେ କରାଯାଇଥିଲା। ଠାକୁର ସିଂହଦ୍ୱାର, ଲଙ୍ଗୁଳି ମଠ ଦେଇ ଦୋଳବେଦିସ୍ଥିତ ଅଗ୍ନି ଉତ୍ସବକୁ ବିଜେ କରିଥିଲେ। ସେଠାରେ ହୋମ ବଢିବା ପରେ ପ୍ରସାଦ ଲାଗି ଏବଂ ଶୀତଳ ଭୋଗ ମଣୋହି ହୋଇ ଚାମର ଆଳଟ ହୋଇଥିଲା। ଏହାପରେ ଅଗ୍ନିଘରେ ନିଆଁ ଲଗାଯାଇଥିଲା। ଅଗ୍ନିଘର ଚତୁଃପାର୍ଶ୍ୱରେ ଠାକୁର ବିମାନରେ ୭ଥର ପ୍ରଦକ୍ଷଣ କରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ପୋଷଣ ପାଇଁ 'ସୋପାନ' ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର,୮ା୩(ବ୍ୟୁରୋ)

ମହିଳା ଏବଂ ଶିଶୁଙ୍କ ପୋଷଣଗତ ବିକାଶକୁ ରାଜ୍ୟ ସରକାର ଅଗ୍ରାଧିକାର ଦେଇ ଆସୁଛନ୍ତି। ନିକଟରେ ରାଜ୍ୟ ସରକାର ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ସ୍ୱତନ୍ତ୍ର ପୋଷଣ ବଜେଟ୍ ଆଗତ କରିଛନ୍ତି। ପୋଷଣ କାର୍ଯ୍ୟକ୍ରମଜନିତ ଲକ୍ଷ୍ୟ ହାସଲ ପାଇଁ ଷ୍ଟ୍ରାଟେଜି ଫର୍ ଓଡ଼ିଆସ୍ ପାଥ୍ ୱେ ଟୁ ଆସଲେରେଟେଡ୍ ନ୍ୟୁଟ୍ରିଶନ୍ (ଏସ୍‌ଓପିଏଏନ୍- ସୋପାନ) ଯୋଜନାର ଆରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଛନ୍ତି। ୨୨ ଜିଲାରେ ଥିବା ୧୨୫ ବ୍ଲକକୁ ଏକକ ଭାବେ ଧରାଯାଇଛି। ଏହି ସବୁ ଅଞ୍ଚଳରେ ୬ ବର୍ଷରୁ କମ୍ ଶିଶୁ, କିଶୋରୀ ବାଳିକା ଓ ଗର୍ଭବତୀ ଏବଂ ପ୍ରସୂତି ଉପକୃତ ହେବେ।

ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ୧୫ରୁ ୧୯ ବର୍ଷ ବୟସର କିଶୋରୀ ବାଳିକା ଓ ଗର୍ଭବତୀ ମହିଳାଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ପାଇଁ ଅତିରିକ୍ତ ଗରମ ଖାଦ୍ୟ ବ୍ୟବସ୍ଥା କରାଯିବ। ୩ ବର୍ଷରୁ କମ୍ ପିଲାଙ୍କ ପୁଷ୍ଟି ପରିଚାଳନା, ଅତିଶୟ ପୁଷ୍ଟିହୀନତା ପାଇଁ ସ୍ୱତନ୍ତ୍ର ଗୋଷ୍ଠୀଗତ ପଦକ୍ଷେପ, ଅପହଞ୍ଚ ଇଲାକାରେ ପଡ଼ାପୁଷ୍ଟି କାର୍ଯ୍ୟକ୍ରମ, ଘର ଖାଦ୍ୟକୁ ଅଧିକ ଭିଟାମିନ୍ ଓ ପୁଷ୍ଟିକର କରିବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ସେହିଭଳି ଅର୍ଦ୍ଧବାର୍ଷିକ ଓଜନ ଦିବସରେ ପ୍ରତ୍ୟେକ ଶିଶୁଙ୍କର ଓଜନ ସହ ଦୃଷ୍ଟିହୀନ ଶିଶୁଙ୍କ ଉପରେ ପ୍ରତ୍ୟକ୍ଷ ନଜର ରଖାଯିବ। ଅପହଞ୍ଚ ଇଲାକାରେ ପୁଷ୍ଟିସଖୀ ନାମରେ ଗୋଷ୍ଠୀଗତ ମାନବ ସମ୍ବଳ ମୁତୟନ କରାଯିବ। ଅନୁରୂପ ଭାବେ ପୁଷ୍ଟିସାଧନରେ ପଞ୍ଚାୟତକୁ ସାମିଲ କରି ଉନ୍ନତ ପଞ୍ଚାୟତଗୁଡ଼ିକୁ ପୁରସ୍କାର ଦିଆଯିବାର ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମର ପରିଚାଳନା କରୁଥିବା ଅଙ୍ଗନୱାଡି କର୍ମୀଙ୍କୁ ରାଜଧାନୀ ଭୁବନେଶ୍ୱରରେ ପ୍ରଶିକ୍ଷଣ, ୩୬୦ ଡିଗ୍ରୀର ପୁଷ୍ଟି ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ପୁରୁଷମାନଙ୍କୁ ନିୟୋଜିତ କରିବା ଉପରେ ମଧ୍ୟ ଧ୍ୟାନ ଦିଆଯାଉଛି। ସେହିପରି ଆର୍ଥିକ ଦୃଷ୍ଟିକୋଣରୁ ପଞ୍ଚାୟତିରାଜ ଓ ପାନୀୟ ଜଳ, ଡିଏମ୍‌ଏଫ୍, ଓମ୍‌ବାଡାକ୍ ସହ ସମନ୍ୱୟ ରଖାଯିବ। ଜିଓ ଟ୍ୟାଗିଂ ଏବଂ ଏ ସମ୍ପର୍କିତ ଆପ୍‌ର ବ୍ୟବହାର, ପୁଷ୍ଟି ସମ୍ପର୍କିତ ଗବେଷଣା ଓ ପରିସଂଖ୍ୟାନ ଉପରେ ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମକୁ ଅଧିକ ସଫଳ କରିବା ପାଇଁ ବିଭିନ୍ନ ସଂସ୍ଥାର ସହଭାଗିତା ନିଆଯାଇଛି। ଏହି ସଂସ୍ଥାଗୁଡିକ ହେଉଛି- ଅଜିମ୍ ପ୍ରେମ୍‌ଜୀ ଫିଲାନଥ୍ରୋପିକ୍ ଇନିସିଏଟିଭ୍ (ଏପିପିଆଇ), ସେଣ୍ଟ୍ରାଲ ଫୁଡ୍ ଟେକ୍ନୋଲୋଜିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ସିଏଫ୍‌ଟିଆର୍‌ଆଇ), ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର ନ୍ୟୁଟ୍ରିଶନ୍ (ଏନ୍‌ଆଇଏନ୍), ୱାର୍ଲ୍ଡ ଫିଶ୍, ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ (ଡବ୍ଲ୍ୟୁଏଫ୍‌ପି), ୟୁନିସେଫ୍ ଇତ୍ୟାଦି।

# ମୃତଦେହ ସତ୍କାର କଲେ ମହିଳା ସ୍ୱେଚ୍ଛାସେବୀ

ବରଗଡ଼ ଅଫିସ୍,୮ା୩

ମହିଳା ଚାରିକାନ୍ଥ ମଧ୍ୟରେ ଆବଦ୍ଧ ନୁହେଁ। ରବିବାର ସାରାବିଶ୍ୱରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହେଉଥିବା ବେଳେ ଏକ ଅସହାୟ ପରିବାରର ମୁଖ୍ୟଙ୍କ ମୃତଦେହକୁ ବରଗଡ଼ ସହରର ସ୍ୱେଚ୍ଛାସେବୀ ମହିଳାମାନେ ଚାରିକାନ୍ଧ ଦେଇ ଶ୍ମଶାନକୁ ନେବା ସହ ଅନ୍ତିମ ସଂସ୍କାର କରିଛନ୍ତି। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଏଭଳି ସାମାଜିକ କାର୍ଯ୍ୟ କରି ମହିଳାମାନେ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଛନ୍ତି।

ପ୍ରକାଶ ଯେ, ଲକ୍ଷ୍ମଣ କୁଅଁର ବରଗଡ଼ ସହରର ଅମ୍ବାପାଲିରେ ରହି ଶ୍ରମିକ ଭାବେ କାମ କରୁଥିଲେ। ସ୍ତ୍ରୀ ଗଙ୍ଗା ଓ ୪ ଝିଅ ମନିଷା, ନିଶା, ରାଶୀ ଓ ପ୍ରିୟାଙ୍କୁ ନେଇ ତାଙ୍କ ପରିବାର। ଗତ ୨ତାରିଖରେ ଲକ୍ଷ୍ମଣ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୀମସାର ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ରାତ୍ରିରେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ବୁର୍ଲାରେ ମୃତଦେହ ବ୍ୟବଚ୍ଛେଦ ପରେ ରବିବାର ଅମ୍ବାପାଲି ସ୍ଥିତ ତାଙ୍କ ଘରକୁ ମୃତଦେହ ପହଞ୍ଚିଥିଲା। ଲକ୍ଷ୍ମଣଙ୍କ ପରିବାରରେ ଅନ୍ୟ କେହି ପୁରୁଷ ଲୋକ ନ ଥିବାରୁ ମୃତଦେହ ସଂସ୍କାର ହୋଇ ପାରି ନ ଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ମହିଳା ସ୍ୱେଚ୍ଛାସେବୀ ମେରିୟମ ବାର୍ଲା, ସୀମା ସିଂ, ସାବିତ୍ରୀ ମଲ୍ଲିକ, ଶାନ୍ତି ମେହେର, ରାଧାରାଣୀ ସରକାର ମୃତଦେହ ସଂସ୍କାର ପାଇଁ ଆଗେଇ ଆସିଥିଲେ। ସେମାନେ ମୃତଦେହକୁ କାନ୍ଧ ଦେଇ ସ୍ଥାନୀୟ ଜିରା ନଦୀ କୂଳ ଶ୍ମଶାନକୁ ଆଣିଥିଲେ। ସେଠାରେ ମୃତକଙ୍କ ବଡ଼ଝିଅ ମନିଷା ମୁଖାଗ୍ନି ଦେଇଥିଲେ। ଜିଲାରେ ପ୍ରଥମଥର ପାଇଁ ମହିଳା ସ୍ୱେଚ୍ଛାସେବୀଙ୍କ ଏଭଳି ସାମାଜିକ କାର୍ଯ୍ୟକୁ ସବୁ ମହଲରେ ପ୍ରଶଂସା କରାଯାଇଛି।


ମହିଳାମାନେ ମୃତଦେହକୁ କାନ୍ଧ ଦେଇ ଶ୍ମଶାନକୁ ନେଉଛନ୍ତି।



ଆମ ଭିତରେ ଯାହା ଥାଏ- ତାହା ହିଁ ଆମେ ଦେଖୁ ଅନ୍ୟମାନଙ୍କଠାରେ। ଆମେ ଯଦି ଆମ ଚତୁଃପାର୍ଶ୍ୱରେ କେବଳ ପଙ୍କ ଦେଖୁଥାଉ- ତେବେ ତାହା ହିଁ ପ୍ରମାଣିତ କରୁଛି ଯେ, ଆମ ନିଜ ଭିତରେ କୋଉଠି ପଙ୍କ ରହିଛି।

-ଶ୍ରୀମା

# ଆଜି 'ୟେସ୍' କାଲି 'ନୋ'

କିଛିବର୍ଷ ଧରି ଭାରତର ନେତୃତ୍ୱ କେବଳ ପରାମର୍ଶ ନୁହେଁ, ବିମୁଦ୍ରୀକରଣ ଭଳି ପଦକ୍ଷେପ ନେଇ ଦେଶବାସୀଙ୍କୁ ବାଧ୍ୟ କରୁଛନ୍ତି ବ୍ୟାଙ୍କ ମାଧ୍ୟମରେ ସବୁ ସାନବଡ଼ ଆର୍ଥିକ କାରବାର କରିବା ପାଇଁ। ଡିଜିଟାଲକୁ ଭଗବାନ ଭାବରେ ଦର୍ଶାଉଥିବା ବେଳେ ନଗଦ ଟଙ୍କାକୁ ସଇତାନ୍‌ର ଆଖ୍ୟା ଦିଆଯାଉଛି। ଏହି ଚିନ୍ତାଧାରାର ସମର୍ଥକମାନେ ନଗଦ କାରବାରକୁ କଳାଧନର ଆଧାର ବୋଲି ଘୋଷି ହେଉଛନ୍ତି। ପରିସ୍ଥିତି ଏମିତି ସୃଷ୍ଟି କରିଦିଆଗଲା ଯେ, ଅନିଚ୍ଛୁକ ନାଗରିକ ମଧ୍ୟ ଏହି ଭିଡ଼ରେ ସାମିଲ ହେବାକୁ ବାଧ୍ୟ ହେଲେ। ପୃଥିବୀବ୍ୟାପୀ ସମସ୍ତେ ବୁଝନ୍ତି ଯେ, ଭିଡ଼ କିମ୍ବା ଗୋଠ ମାନସିକତା କେବେହେଲେ ଏକ ଜାତିକୁ ଆଗେଇ ନିଏନାହିଁ। ସେଥିପାଇଁ ଓଡ଼ିଆରେ ଢଗ ଅଛି- 'ଭିଡ଼କୁ ନୁହେଁ'। ଏବେ ଭାରତର ବିଭିନ୍ନ ବ୍ୟାଙ୍କରେ ଉପୁଜୁଥିବା ପରିସ୍ଥିତି ଏହି ଗୋଠ ମାନସିକତାର ତ୍ରୁଟିକୁ ବେଶ୍ ଦର୍ଶାଉଛି। ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର କୋଅପରେଟିଭ୍ (ପିଏମ୍‌ସି) ବ୍ୟାଙ୍କ ଏବଂ ଏବେ ସୁପରିଚିତ ଘରୋଇ ବ୍ୟାଙ୍କ 'ୟେସ୍ ବ୍ୟାଙ୍କ'ର ଘଟଣା ଦେଶର ମୂର୍ଖଙ୍କୁ ବି ବ୍ୟାଙ୍କ କାରବାର ପ୍ରତି ସାବଧାନ ରହିବାକୁ ଚେତାଇ ଦେଇଛି। ଇନ୍ଦିରା ଗାନ୍ଧୀଙ୍କ ବ୍ୟାଙ୍କ ଜାତୀୟକରଣକୁ ଏକ କ୍ଷତିକାରକ ନିଷ୍ପତ୍ତି ଭାବେ ଦର୍ଶାଇବାକୁ ଯାଇ ଆଜିର ସରକାର ଆହୁରି ଏକ ବିରାଟକାୟ କ୍ଷତି ଘଟାଇବାକୁ ଯାଉଛନ୍ତି। ୟେସ୍ ବ୍ୟାଙ୍କ ଭଳି ବୁଡ଼ିଯାଉଥିବା ସଂସ୍ଥାକୁ ମୃତ୍ୟୁ ପୂର୍ବରୁ ଆଇସିୟୁରେ ଭର୍ତ୍ତି କଲାଭଳି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏସ୍‌ବିଆଇ ଉପରେ ଲଦି ଦେଉଛନ୍ତି। ବିଭିନ୍ନ ରୁଗ୍‌ଣ ବ୍ୟାଙ୍କକୁ ଚିହ୍ନଟ କରି ଯେଉଁ କେତୋଟି ସୁସ୍ଥ ବ୍ୟାଙ୍କ ସହିତ ମିଶ୍ରଣ ଉଦ୍ୟମ ଆରମ୍ଭ ହୋଇଛି, ତାହାଦ୍ୱାରା ସେହି ସୁସ୍ଥ ବ୍ୟାଙ୍କଗୁଡ଼ିକ ଖୁବ୍‌ଶୀଘ୍ର ଅସୁସ୍ଥ ହୋଇଯିବେ କିମ୍ବା ବୁଡ଼ିଯିବେ।

ଯେଉଁ ଅର୍ଥନୈତିକ ବ୍ୟବସ୍ଥାରେ ବ୍ୟାଙ୍କ ଭଳି ଆର୍ଥିକ ସଂସ୍ଥା ବୁଡ଼ିବାକୁ ଆରମ୍ଭ କରେ ସେଠାରେ ଅର୍ଥନୈତିକ ଚିନ୍ତାଧାରାର ସମ୍ପୂର୍ଣ୍ଣ ଅଭାବ ରହିଛି ବୋଲି ବୁଝିବା କଥା। ଆଜିର ଭାଜପା ସରକାର ପ୍ରଥମ ଛେକରେ କ୍ଷମତାକୁ ଆସିବା ମାତ୍ରକେ ଯେତୋଟି ପଦକ୍ଷେପ ନେଲେ ତହିଁରୁ ବିମୁଦ୍ରୀକରଣ ବ୍ୟତୀତ, ଆଉ ଗୋଟିଏ ଅତ୍ୟନ୍ତ ମାରାତ୍ମକ ନିଷ୍ପତ୍ତି ଥିଲା- ଅନେକ ହଜାର ତଥାକଥିତ ଅଦରକାରୀ ପୁରୁଣା ଆଇନକୁ ଉଚ୍ଛେଦ କରିବା। ଏଭଳି ନିଷ୍ପତ୍ତି ନେଇ ବାହାବା ନେଉଥିବା ସରକାର ଏକାଥରକେ ଦୀର୍ଘବର୍ଷବ୍ୟାପୀ ସଞ୍ଚିତ ହୋଇ ଆସିଥିବା ଅଭିଜ୍ଞତାକୁ ଅଳିଆଗଦାରେ ଫୋପାଡ଼ିଦେଲେ। କୁହାଯାଉଥିବା ଏପରି ଅଦରକାରୀ ଆଇନ ପ୍ରସ୍ତୁତ ବେଳେ ନିଶ୍ଚିତ ଭାବେ ସେହି ସମୟର ସରକାରୀ କର୍ମଚାରୀ ତାହାକୁ ଲେଖିଥିବେ। ପ୍ରତ୍ୟେକ ଆଇନର ଜନ୍ମ ପଛରେ କୌଣସି ନା କୌଣସି ଗୁରୁତ୍ୱପୂର୍ଣ୍ଣ କାରଣ ରହିଥାଏ। ଆଜି ଆଧୁନିକ ପ୍ରଶାସକଙ୍କୁ କୌତୂହଳପୂର୍ଣ୍ଣ ମନେହେଉଥିବା ପୁରାତନ ଆଇନ କେଉଁ ପରିସ୍ଥିତିରେ ସୃଷ୍ଟି ହୋଇଥିଲା ଜାଣିବା ସେମାନଙ୍କ ବୁଦ୍ଧି ବାହାରେ। ସେଥିପାଇଁ ବିନା ତର୍ଜମାରେ, ଜନସାଧାରଣଙ୍କୁ ବିନା ଆଲୋଚନାରେ ସାମିଲ କରି ଏବଂ ଏଭଳି ଉଚ୍ଛେଦ ନିଷ୍ପତ୍ତି ନେବା ପୂର୍ବରୁ ସାଂସଦମାନଙ୍କୁ ଆଇନ ସୃଷ୍ଟିର କାରଣ ଦର୍ଶା ନ ଯାଇ ଏକତରଫା ପଦକ୍ଷେପ ନିଆଗଲା। ପୂର୍ବରୁ ପଢ଼ିଥିବା ଏକ ଇଂଲିଶ ଗପ ଏଠାରେ ମନେପଡ଼େ। ରୋମାନିଆର ଏକ ଲୋକ କାହାଣୀ -ଦି ଲ୍ୟାଣ୍ଡ ହୋୟାର ଦେୟାର ଓ୍ୱାର ନୋ ଓଲ୍ଡ ମ୍ୟାନ୍ (ଯେଉଁ ଦେଶରେ କୌଣସି ବୟସ୍କ ଲୋକ ନ ଥିଲେ)। ଏହି କାହାଣୀରେ ଉଲ୍ଲେଖ ଥିଲା ଯେ, ଦେଶର ଯୁବକମାନେ ବୟସ୍କମାନଙ୍କୁ ଅଦରକାରୀ ଭାବି ମାରିଦେବାକୁ ଚାହିଁଲେ।

**ତଥାଗତ ସତପଥୀ**

ସେହି ଦେଶର ରାଜା ଜଣେ ଯୁବକ ହୋଇଥିବାରୁ ଏହି ମତ ସହିତ ଏକମତ ହେଲେ। ସମସ୍ତେ ନିଜ ମାତାପିତାଙ୍କୁ ମାରିଦେଇଥିବା ବେଳେ ଜଣେ ଯୁବକ ତାଙ୍କ ପିତାଙ୍କୁ ଭଲ ପାଇ ଲୁକ୍କାୟିତ ଭାବେ ବଞ୍ଚାଇ ରଖିଥିଲେ। ଥରେ ଦୁର୍ଭିକ୍ଷ ଆସିଲା । ପୁନର୍ବାର ଚାଷ ଆରମ୍ଭ କରିବାର ପଦ୍ଧତି କେହି ଜାଣି ନ ଥିଲେ। ଲୁଚି ରହିଥିବା ବୁଢ଼ା ନିଜ ପୁଅ ଚିନ୍ତିତ ଥିବା ଦେଖି କାରଣ ପଚାରିଲେ। ପରିସ୍ଥିତି ବୁଝିବା ପରେ ପୁଅକୁ ରାସ୍ତା କଡ଼ ଜମିରେ ହଳ ବୁଲାଇବାକୁ କହିଲେ। ଫଳସ୍ୱରୂପ ସେଠାରେ ଧାନଗଛ ଉଠିଲା। ଏହି ଖବର ଯେତେବେଳେ ବ୍ୟାପିଲା ରାଜା ସେହି ଯୁବକଙ୍କୁ ଡକାଇ ତା' ବୁଦ୍ଧିର ସୂତ୍ର ସମ୍ପର୍କରେ ପଚାରିଲେ। ଯୁବକ ନିଜ ବାପାଙ୍କ ଅଭିଜ୍ଞତାକୁ ବ୍ୟବହାର କରି ଏଭଳି ପଦକ୍ଷେପ ନେଇଥିବା ସତ କହିଥିଲେ। ବୃଦ୍ଧଙ୍କୁ ଡକାଇ ରାଜା ଏହାର ରହସ୍ୟ ଜାଣିବାକୁ ଚାହିଁଲେ। ଉତ୍ତରରେ ବୟସ୍କ ବ୍ୟକ୍ତି କହିଲେ ଯେ ଦେଶରେ ପୂର୍ବରୁ ଧାନ ରାସ୍ତାରେ ନିଆଅଣା ହେଉଥିବା ବେଳେ କିଛି ଶସ୍ୟ ନିଶ୍ଚିତ ଭାବେ ତଳେ ପଡ଼ିଯାଏ। ତାହା ଏବେ ଆପଣଙ୍କ ବିହନ ଭାବେ କାର୍ଯ୍ୟ ଦେଲା। ରାଜା ବୁଝିଲେ ଯେ ଯେତେ ଅଦରକାରୀ ବା ବିକଳାଙ୍ଗ ଦିଶୁଥିଲେ ମଧ୍ୟ ଅଭିଜ୍ଞତାର କୌଣସି ବିକଳ୍ପ ନାହିଁ।

ଅର୍ଥନୈତିକ ଚିନ୍ତାଧାରାରେ ଭାଜପା ନେତୃତ୍ୱ ସମ୍ପୂର୍ଣ୍ଣ ଶୂନ୍ୟ ବୋଲି ଆଜିର ସଚେତନ ଭାରତୀୟ ବୁଝିପାରୁଥିବେ। ୟେସ୍ ବ୍ୟାଙ୍କ ଘଟଣା ପ୍ରମାଣ କରିଦେଉଛି ଯେ, ବୁଦ୍ଧିଶୂନ୍ୟ ହେବା ସହିତ ସବୁ ଅଭିଜ୍ଞତାକୁ ଧ୍ୱଂସ କରିଦେଉଥିବା ସରକାର ଦେଶର ଅଭୂତପୂର୍ବ କ୍ଷତି ଘଟାଉଛି। ବିଭିନ୍ନ ପ୍ରକାର ଆର୍ଥିକ ପରିସ୍ଥିତି ଦେଇ ଗତି କରିଆସୁଥିବା ଭାରତବର୍ଷର ସବୁ ପୁରାତନ ଆଇନ ବେକାର ହୋଇ ନ ଥାଇପାରେ। ମଣିଷର ମାନସିକ ଏବଂ ଶାରୀରିକ ଯୋଗ୍ୟତାରୁ ଉପୁଜୁଥିବା ଆଇନ ଅର୍ଦ୍ଧଶତାବ୍ଦୀ ପୂର୍ବେ ଯେତିକି ବ୍ୟବହାରଯୋଗ୍ୟ ଥିଲା, ଆଜି ମଧ୍ୟ ସେତିକି କାର୍ଯ୍ୟଦକ୍ଷତା ପ୍ରମାଣ କରିପାରେ। ବାରମ୍ବାର ତତ୍‌କ୍ଷଣାତ୍ ନିଷ୍ପତ୍ତି ନିଆଯାଉଥିବାରୁ ଅନେକ ତ୍ରୁଟି ଘଟିଲା ବୋଲି ମନେହେଉଛି। ଅପରପଟେ ସରକାରଙ୍କୁ ସମର୍ଥନ କରୁଥିବା ମାନସିକତା ଯୁକ୍ତି ବାଢ଼ିପାରନ୍ତି ଯେ ୟେସ୍ ବ୍ୟାଙ୍କର ସମସ୍ୟା ଦୀର୍ଘକାଳ ଧରି ଚାଲିଆସୁଥିବା ବେଳେ ତାହା କେତେକ ବ୍ୟକ୍ତିବିଶେଷ ଓ ପରିଚାଳନାଗତ ତ୍ରୁଟି ଯୋଗୁ ଘଟିଛି। ଏହିଭଳି ସହଜ ଯୁକ୍ତି ବାଢ଼ି ଖସିଯିବା କଷ୍ଟକର ନୁହେଁ। ଅନ୍ୟପଟେ ବୁଝିବା ଦରକାର ଯେ, ୟେସ୍ ବ୍ୟାଙ୍କ ପରିଚାଳକଙ୍କ ଭଳି ଅନ୍ୟ ବ୍ୟାଙ୍କଗୁଡ଼ିକରେ ମଧ୍ୟ ଏହିଭଳି ବ୍ୟକ୍ତିବିଶେଷ କ୍ଷମତାସୀନ ହୋଇ ବସିଛନ୍ତି। ଏହି ସ୍ତମ୍ଭ ଲେଖାଯାଉଥିବା ବେଳେ ଅନେକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନିଆଯାଉଥାଇପାରେ। ଉଦାହରଣସ୍ୱରୂପ କୃଷିଭିତ୍ତିକ ଭାରତୀୟ ଅର୍ଥନୀତି ଭଲ ଫସଲରେ ଆଧୁନିକ ମାପକାଠିରେ ବ୍ୟବସାୟକୁ ସାହାଯ୍ୟ କରିପାରୁଛି। ଭଲ ବର୍ଷା ହେଲେ ଶେୟାର ବଜାର ସଫଳତା ପ୍ରଦର୍ଶନ କରୁଛି। ଅନ୍ୟପଟେ କୃଷକର କ୍ଷତି ଘଟିଲେ ବ୍ୟବସାୟିକ ବିଫଳତା ମଧ୍ୟ ଦେଖାଦେଉଛି। ଏଭଳି ପ୍ରଚ୍ଛଦପଟରେ ରାତିଅଧିଆ ନିଷ୍ପତ୍ତି ନେଇ ଡିଜିଟାଲ ଦିଗରେ ମାଡ଼ିଗଲା ବେଳକୁ ଦେଶର ସ୍ୱାର୍ଥ ଜଗିବାକୁ ସୁସ୍ଥ ବ୍ୟବସ୍ଥା ସୃଷ୍ଟି କରାଯାଇପାରି ନାହିଁ। ନଗଦ ଟଙ୍କାରେ ବିଶ୍ୱାସ ରଖିଥିବା କୃଷକ ଯେତେବେଳେ ବ୍ୟାଙ୍କକୁ ଯାଉଛି ଏବଂ ସେହି ବ୍ୟାଙ୍କ ରୁଗ୍‌ଣ ପାଲଟୁଛି, ସେତେବେଳେ ଉକ୍ତ ଚାଷୀକୁ ରକ୍ଷାକରିବାକୁ କୌଣସି ପଦ୍ଧତି ନାହିଁ। ବିକଳ୍ପ ସୃଷ୍ଟି କରା ନ ଯାଇ ଯେତେବେଳେ ଅର୍ଥନୀତିକୁ କେତେଜଣ ବ୍ୟକ୍ତିବିଶେଷଙ୍କ ହାତରେ ଛାଡ଼ିଦିଆଯାଉଛି, ସେତେବେଳେ ପିଏମ୍‌ସି କିମ୍ବା ୟେସ୍ ବ୍ୟାଙ୍କ ପରିସ୍ଥିତି ସୃଷ୍ଟି ହେଉଛି। ଆଜିର ସରକାରରେ ଅଭିଜ୍ଞ ଅର୍ଥନୀତିଜ୍ଞ ନ ଥିବା ବେଳେ ଅମର୍ତ୍ତ୍ୟ ସେନ୍ ଏବଂ ଅଭିଜିତ ବାନାର୍ଜୀଙ୍କ ଭଳି ବିକଳ୍ପ ବୁଦ୍ଧିକୁ ଦେଶବିରୋଧୀ ଆଖ୍ୟା ଦେଇ ସେମାନଙ୍କ ପରାମର୍ଶକୁ ନାକଚ କରିଦିଆଯାଉଛି। ବିଶେଷଜ୍ଞଙ୍କ ମତକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଆଉ କୌଣସି ବ୍ୟାଙ୍କ ବୁଡ଼ିଯିବା ଆଶଙ୍କା ସୃଷ୍ଟି ହୋଇପାରେ। ତେବେ ଭବିଷ୍ୟବାଣୀ କରିବା କଷ୍ଟକର। କିନ୍ତୁ ୟେସ୍ ବ୍ୟାଙ୍କର ବିଫଳତା ସ୍ପଷ୍ଟ ଦର୍ଶାଉଛି ଯେ ଭାରତର ଆର୍ଥିକ 'ବ୍ୟବସ୍ଥା' ଭୁଶୁଡ଼ିପଡ଼ିଲାଣି। ଆଜି 'ୟେସ୍' କାଲି 'ନୋ'।

# କୃଷି କ୍ଷେତ୍ରରେ ଜୀବିକାର ସନ୍ଧାନ



**ଶକ୍ତି ପ୍ରସାଦ ଦାସ**

ଗତ ତିନି ଦଶନ୍ଧି ମଧ୍ୟରେ ଗ୍ରାମ୍ୟ କୃଷିବଳର ବେଶ୍ କିଛି ବଡ ଅଂଶ କୃଷି କ୍ଷେତ୍ର ଛାଡି ନିର୍ମାଣ ତଥା ଅନ୍ୟାନ୍ୟ କ୍ଷେତ୍ରକୁ ମୁହାଇଁଛନ୍ତି। ଏହା ଦର୍ଶାଉଛି କି କୃଷିକ୍ଷେତ୍ରରେ ଉତ୍ପାଦକତା ଓ ଆୟ ବଢୁନାହିଁ। ତଥ୍ୟ କହୁଛି ଗ୍ରାମ୍ୟ ଶ୍ରମବଳର ୩୪ ପ୍ରତିଶତ ଅଣ-କୃଷି କ୍ଷେତ୍ରରେ ନିୟୋଜିତ ଅଛନ୍ତି। ଗତ କିଛିବର୍ଷ ହେଲା ଚାଷ ହେଉଥିବା ଜମି ପରିମାଣ କମିଛି ଓ ପୂର୍ବରୁ ଚାଷ ହେଉଥିବା ଜମିସବୁ ଅନାବାଦୀ ପଡିଛି।

ଭାରତରେ ଆର୍ଥିକ ଉଦାରୀକରଣ ପରେ କୃଷି-ଉତ୍ପାଦନ ବଢ଼ିଛି ନିଶ୍ଚୟ। ରାଜ୍ୟ ସରକାର କୃଷି କର୍ମଣ ପୁରସ୍କାର ପାଇ ନିଜ ପିଠି ଥାପୁଡେଇଛନ୍ତି। ଚଳିତ ବଜେଟ ଅଧିବେଶନରେ ବକ୍ତବ୍ୟ ରଖିଛନ୍ତି କି ରାଜ୍ୟର କୃଷକମାନଙ୍କର ଆୟ ଦୁଇଗୁଣରୁ ଅଧିକ ହୋଇସାରିଛି। ଏତେସବୁ ଦାବି ପରେ ବି ବାସ୍ତବ ସ୍ଥିତି ଅଲଗା। ନିକଟରେ ଭୁବନେଶ୍ୱରରେ ୧୨୦ ଇନ୍‌ଫାଣ୍ଟ୍ରି ବାଟାଲିୟନରେ ସୈନିକ, କିରାଣି, ରୋଷେୟା, ଧୋବା ଇତ୍ୟାଦି ପଦ ପାଇଁ ରାଜ୍ୟର ହଜାର ହଜାର ପ୍ରତ୍ୟାଶୀ ରୁଣ୍ଡ ହେବା ଅଲଗା କଥା କହୁଛି। ତେଣୁ ଶିଳ୍ପ ଓ ସେବା କ୍ଷେତ୍ର ସହିତ କୃଷି କ୍ଷେତ୍ରକୁ ମଧ୍ୟ ଲାଭଜନକ କରିବାକୁ ହେବ। ଏ କ୍ଷେତ୍ରରେ ଅନ୍ୟାନ୍ୟ କାରଣ ମଧ୍ୟରୁ କିଛି ସହଜାତ ପ୍ରତିବନ୍ଧକ ଯେପରି କି ବାରମ୍ବାର ଘଟୁଥିବା ପ୍ରାକୃତିକ ଦୁର୍ବିପାକ, ଜଳସେଚନର ଅଭାବ, ନିମ୍ନସ୍ତରର ଫସଲ-ଉତ୍ପାଦକତା, ଅମଳ ପରବର୍ତ୍ତୀ ଢାଞ୍ଚା ଯେପରି କି ଶୀତଳଭଣ୍ଡାର, ଗୋଦାମଘର, ଦକ୍ଷ ବଜାର ସୁବିଧା ଇତ୍ୟାଦିର ଅଭାବ ପ୍ରଭୃତି ସମସ୍ୟାର ସମାଧାନ କରିବାକୁ ହେବ ଏବଂ ଗତାନୁଗତିକତା ଛାଡିବାକୁ ହେବ।

୨୦୧୭-୧୮ ବର୍ଷ ସୁଦ୍ଧା ରାଜ୍ୟର ଜଳସେଚିତ ଜମି ପରିମାଣ ୩୪.୪ଲକ୍ଷ ହେକ୍ଟର, ଯାହା ସମୁଦାୟ ଚାଷଯୋଗ୍ୟ ଜମିର ମାତ୍ର ୪୧.୧ପ୍ରତିଶତ। ରାଜ୍ୟର ଉପଲବ୍ଧ ଭୂତଳ-ଜଳର ମାତ୍ର ୨୬ପ୍ରତିଶତ ବ୍ୟବହାର କରାଯାଉଛି, ତେଣୁ ଜଳସେଚନର ପରିସର ବଢ଼ାଇବାର ସୁଯୋଗ ରହିଛି। ଅଣମୌସୁମୀ କାଳରେ ଜଳର ଉତ୍କଟ ଅଭାବ ଆମକୁ ପ୍ରବାହିତ ଜଳସେଚନ ପାଇଁ ଆଉ ଅନୁମତି ଦେବନାହିଁ। ତେଣୁ ନିୟନ୍ତ୍ରିତ ଜଳସେଚନ ପାଇଁ ଉଠା ଜଳସେଚନ ପ୍ରଣାଳୀ ଅନ୍ତର୍ଗତ ପାଇପ-ଜଳସେଚନ ପ୍ରଣାଳୀକୁ ଆପଣାଇବାକୁ ହେବ। କିନ୍ତୁ ଏଥିପାଇଁ ଶସ୍ତା ବିଜୁଳିଶକ୍ତି ଚାଷୀ ପାଇଁ ଏକ ସମସ୍ୟା। ଆମ ରାଜ୍ୟରେ ସରକାରୀ ଉଠାଜଳସେଚନ କଥା ଦେଖନ୍ତୁ। ଅଚଳ ହୋଇଯାଉଥିବା ପ୍ରକଳ୍ପଗୁଡିକ ମଧ୍ୟରୁ ସଂଖ୍ୟାଧିକ କେବଳ ଅନାଦେୟ ବିଦ୍ୟୁତ ବିଲ୍ କାରଣରୁ ହିଁ ହେଉଛି। ଗତାନୁଗତିକ ଅଣ-ଅର୍ଥକରୀ ଫସଲ ଚାଷ କରି ବିଦ୍ୟୁତ୍ ବିଲ୍ ଭରିବାକୁ ଚାଷୀ ପାଖରେ ଅର୍ଥ ନାହିଁ। ଏହାର ସରଳ ସମାଧାନ ହେଉଛି- ଫସଲର ବିବିଧୀକରଣ ଏବଂ କମ୍ ପରିଚାଳନା ଖର୍ଚ୍ଚ-ଯୁକ୍ତ ସୌରଚାଳିତ ପମ୍ପର ବହୁଳ ବ୍ୟବହାର।

୨୦୨୦-୨୧ ବଜେଟରେ ଭାରତ ସରକାର ପିଏମ୍-କୁସୁମ ଯୋଜନାରେ ୨୦ଲକ୍ଷ ଚାଷୀଙ୍କୁ ସବ୍‌ସିଡିଯୁକ୍ତ ଏକକ ସୌରଚାଳିତ ପମ୍ପସେଟ୍ ଯୋଗାଇଦେବା ଓ ୧୫ଲକ୍ଷ ଚାଷୀଙ୍କୁ ସେମାନଙ୍କ ଗ୍ରୀଡ୍ ସହିତ ସଂଯୁକ୍ତ ଥିବା ପମ୍ପସେଟ୍ ସବୁକୁ ସୌରଚାଳିତ କରିବାରେ ସହଯୋଗ କରିବାର ପ୍ରସ୍ତାବ ରଖିଛନ୍ତି। ଆଶା କରିବା ଓଡିଶା ସରକାର ରାଜ୍ୟର ହଜାର ହଜାର ବୋର୍-ୱେଲ୍, ଟ୍ୟୁବ୍-ୱେଲ୍ ଇତ୍ୟାଦିକୁ ସୌରଚାଳିତ କରିବାରେ ସହଯୋଗ କରିବେ। ତା' ସହ ଗ୍ରୀଡ୍ ସଂଯୁକ୍ତ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପଗୁଡିକୁ ନାବାର୍ଡର ସହାୟତାରେ ସୌରଶକ୍ତିଯୁକ୍ତ କରିବା ପାଇଁ ଅଗ୍ରାଧିକାର ଦେବେ। ଏହା ବ୍ୟତୀତ ଅନାବାଦୀ/ପତିତ ଜମିରେ ସୌରଶକ୍ତି ଉତ୍ପାଦନ କ୍ଷମତା ସୃଷ୍ଟିକରି, ଉଦ୍‌ବୃତ୍ତ ବିଦ୍ୟୁତ୍ ଶକ୍ତିକୁ ଗ୍ରୀଡ୍‌କୁ ବିକି ନିଜର ଜୀବିକା ଅର୍ଜନ କରିବାରେ ଚାଷୀକୁ ସହଯୋଗର ପ୍ରସ୍ତାବ ରଖିଛନ୍ତି କେନ୍ଦ୍ର ସରକାର। ଆଶା କରିବା, ରାଜ୍ୟ ସରକାର ଏଥିରେ ସହଯୋଗ କରିବେ।

ଅମଳ ପରବର୍ତ୍ତୀ ଅବସ୍ଥାରେ ଚାଷୀର ଉତ୍ପାଦ ଅନେକ ସମୟରେ ଉପଯୁକ୍ତ ପରିବହନ ଅଭାବରୁ ବଜାର ଦେଖି ପାରେନାହିଁ ଓ ଚାଷୀ ତା'ର ନ୍ୟାଯ୍ୟ ଲାଭ ପାଇବାରୁ ବଞ୍ଚିତ ହୁଏ। ଖୁସିର କଥା, କେନ୍ଦ୍ର ସରକାର କିଷାନ ରେଲ୍ ଓ କୃଷି ଉଡାନ ନାମରେ ଦୁଇଟି ଉପାଦେୟ ବ୍ୟବସ୍ଥା ଆଣୁଛନ୍ତି। କିଷାନ ରେଲ୍ ବ୍ୟବସ୍ଥାରେ ପଚନଶୀଳ ଦ୍ରବ୍ୟ ଯେପରି କି ଦୁଗ୍ଧ, ମାଛ, ମାଂସ ଇତ୍ୟାଦିର ସହଜ ଓ ସୁରକ୍ଷିତ ପରିବହନ ପାଇଁ ଭାରତୀୟ ରେଳବାଇ ସହିତ ପି.ପି.ପି. ମୋଡ୍‌ରେ ରାଷ୍ଟ୍ରୀୟ ଶୀତଳ ଆପୂର୍ତ୍ତି ଶୃଙ୍ଖଳା ସୃଷ୍ଟି କରାଯିବାର ଯୋଜନା ରହିଛି। ଏକ୍ସପ୍ରେସ୍ ଓ ମାଲ୍‌ଗାଡ଼ିରେ ଶୀତଳୀକୃତ କୋଚ୍‌ର ବ୍ୟବସ୍ଥା କରାଯିବ। ପଚନଶୀଳ ଦ୍ରବ୍ୟଗୁଡିକ ବଜାରରେ ପହଞ୍ଚିବାରେ ସୁରକ୍ଷିତ ପରିବହନ ସୁବିଧା ଯୋଗାଇଦେବାରେ ଏସବୁ ଉଦ୍ୟମ ଫଳପ୍ରଦ ହେବ। ଫୁଲଚାଷ-ଉଦ୍ୟୋଗୀଙ୍କ ପାଇଁ ବିଭିନ୍ନ ଫୁଲ ଯେପରି କି ଗ୍ଲାଡିଓଲସ, ଅର୍କିଡ୍ସ ଇତ୍ୟାଦିକୁ ବାଙ୍ଗାଲୋର ଓ ଅନ୍ୟାନ୍ୟ ମେଟ୍ରୋ ନଗରୀକୁ ଆକାଶମାର୍ଗରେ ପହଞ୍ଚାଇବାରେ କୃଷି ଉଡାନ ଯୋଜନା ସହାୟକ ହେବ। ଏସବୁ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରାଥମିକ ଅବସ୍ଥାରେ ରାଜ୍ୟ ସରକାରଙ୍କୁ ମୁଖ୍ୟ ସମନ୍ୱୟକାରୀର ଭୂମିକା ନେବାକୁ ହେବ।

ଫଳ ବଗିଚା ପାଇଁ ରାଜ୍ୟ ସରକାର ୪୦ରୁ ୫୦ପ୍ରତିଶତ ସହାୟତା ଦେଉଥିବା ଜଣାଯାଏ। ଆଳୁ ଓ ପିଆଜ ଚାଷ ପାଇଁ ସରକାରଙ୍କ ପ୍ରଚେଷ୍ଟା ଉତ୍ସାହପ୍ରଦ ନୁହେଁ। ମସଲା ଜାତୀୟ ଫସଲ ମଧ୍ୟରେ ଅଦା ଓ ହଳଦୀ ଚାଷ ଆଖିରେ ପଡେ। ଫୁଲଚାଷ ଆମ ରାଜ୍ୟରେ ଶୈଶବ ଅବସ୍ଥାରେ ଅଛି। ଫୁଲଚାଷ କ୍ଷେତ୍ରରେ ଚୁକ୍ତି-ଭିତ୍ତିକ କୃଷିକୁ ପ୍ରୋତ୍ସାହନ ଦେବାକୁ ସରକାର ଅଙ୍ଗୀକାରବଦ୍ଧ। ରାଷ୍ଟ୍ରୀୟ ଉଦ୍ୟାନକୃଷି ମିଶନ ଅନ୍ତର୍ଗତ ୨୪ଟି ଜିଲାରେ ନଅ ଗୋଟି ପ୍ରମୁଖ ଫସଲ ଯେପରି କି ଆମ୍ବ, ଲେମ୍ବୁ, ଲିଚୁ, କଦଳୀ ଓ କାଜୁ ଇତ୍ୟାଦିକୁ ଚୟନ କରାଯାଇଛି। ଉଦ୍ୟାନକୃଷି କ୍ଷେତ୍ରରେ ବିପଣନ ଓ ରପ୍ତାନିକୁ ଅଧିକ କ୍ରିୟାଶୀଳ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏକ ଉତ୍ପାଦ-ଏକ ଜିଲା କାର୍ଯ୍ୟକ୍ରମ ଏହି ୨୪ଟି ଜିଲାରେ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡିବାର ଅଛି। ଅନେକ ସମୟରେ ଉପଯୁକ୍ତ ସଂରକ୍ଷଣ ଅଭାବରୁ କୃଷି ଉତ୍ପାଦଗୁଡିକ ଖରା-ବର୍ଷାରେ ନଷ୍ଟ ହେଉଛି। ଜିଲା/ବ୍ଲକ୍‌ରେ ଥିବା ସରକାରୀ ଗୋଦାମକୁ ନିଜର ଉତ୍ପାଦ ବୋହିନେବା ପାଇଁ ଚାଷୀ ପରିବହନ ବାବଦରେ ଖର୍ଚ୍ଚାନ୍ତ ହେଉଛି। ତେଣୁ କେନ୍ଦ୍ର ସରକାରଙ୍କ ମହିଳା-ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଗ୍ରାମ୍ୟ ଗୋଦାମ ଯୋଜନା ଏ ବାବଦରେ ଉପାଦେୟ ହେବ ବୋଲି ଆଶା କରିବା।

ପଚନଶୀଳ ଫଳ, ପନିପରିବା, ଆଳୁ ଓ ଫୁଲ ଇତ୍ୟାଦିର ସଂରକ୍ଷଣ ଚାଷୀ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏଥିପାଇଁ ଉଦ୍ୟାନକୃଷିକୁ ଚାଷୀ ଆପଣାଇବାକୁ ସାହସ ଯୁଟାଇପାରୁନାହିଁ। ଶୀତଳଭଣ୍ଡାରଗୁଡିକ ଆର୍ଥିକ ଦୃଷ୍ଟିରୁ ଲାଭପ୍ରଦ ହୋଇପାରୁନାହିଁ। ବିଦ୍ୟୁତ୍ ବାବଦ ଖର୍ଚ୍ଚ ସମୁଦାୟ ଶୀତଳଭଣ୍ଡାର ସ୍ଥାପନର ପ୍ରାୟ ୨୮ରୁ ୩୦ ପ୍ରତିଶତ। ଅଧିକନ୍ତୁ, ଗ୍ରାମାଞ୍ଚଳରେ ଗ୍ରୀଡ୍ ବିଦ୍ୟୁତ୍ ଉଭୟ ପରିମାଣ ଓ ମାନ ଦୃଷ୍ଟିରୁ ନିକୃଷ୍ଟ ଧରଣର। ତେଣୁ ସୌରଶକ୍ତିଯୁକ୍ତ ଛୋଟ ଛୋଟ ଶୀତଳଭଣ୍ଡାର ପରିଚାଳନାଗତ ଖର୍ଚ୍ଚକୁ କମାଇବା ସହ ନିର୍ଭରଯୋଗ୍ୟ ହୋଇପାରିବ। ୬ରୁ ୮ଟନ୍ ବିଶିଷ୍ଟ ସୌରଶକ୍ତିଯୁକ୍ତ ଶୀତଳଭଣ୍ଡାରରେ ଫଳ, ପନିପରିବା ଓ ଫୁଲ ଇତ୍ୟାଦି ତିନିରୁ ଚାରି ସପ୍ତାହ ପର୍ଯ୍ୟନ୍ତ ସତେଜ ରଖାଯାଇ ପାରିବ ଓ ଅନୁକୂଳ ସମୟରେ ବିକ୍ରିବଟା କରାଯାଇ ପାରିବ। ସଂରକ୍ଷିତ ଉତ୍ପାଦର ପରିଚାଳନାଗତ ଖର୍ଚ୍ଚ ୨ଟଙ୍କା ପ୍ରତି କିଲୋଗ୍ରାମ୍ ପ୍ରତି ସପ୍ତାହ ବୋଲି ଦାବି କରାଯାଉଛି। ଆଜିର ଦିନରେ ଏପରି ଏକ ଶୀତଳଭଣ୍ଡାର ସ୍ଥାପନ କରିବାର ସ୍ଥାୟୀ ମୂଳଧନ ୧୫ରୁ ୨୦ ଲକ୍ଷ ଟଙ୍କା ବୋଲି ଜଣାଯାଏ। ସମୁଦାୟ ଖର୍ଚ୍ଚ ମୂଳଧନ ୧୦ ବର୍ଷରେ ଅସୁଲ ହୋଇପାରିବ ବୋଲି ହିସାବ କରାଯାଇଛି। ରାଜ୍ୟରେ ଘରୋଇ ଉଦ୍ୟୋଗୀଙ୍କୁ ଏଭଳି ଶୀତଳ ଭଣ୍ଡାର ସ୍ଥାପନ ଓ ପରିଚାଳନା କରିବା ପାଇଁ ଆକର୍ଷିତ କରିବା ପୂର୍ବରୁ ନିଜେ ସରକାର ଏକ ଉତ୍ପାଦ-ଏକ ଜିଲା ଅନ୍ତର୍ଗତ ଅଞ୍ଚଳରେ କିଛି ଆଗୁଆ ପ୍ରକଳ୍ପ ହାତକୁ ନେବାର ଅଛି।

ବଜାର ସୁବିଧାରେ ସୁଧାର ଆଣିବା ପାଇଁ ସମ୍ବଲପୁର, ରାଉରକେଲା, ପୁରୀ, କଟକ, ବ୍ରହ୍ମପୁର ଓ ଭୁବନେଶ୍ୱର ଭଳି ରାଜ୍ୟର ପ୍ରମୁଖ ବ୍ୟବସାୟିକ ସହରରେ ଆବଶ୍ୟକ ମୌଳିକ ଢାଞ୍ଚା ସହିତ ପାଇକାରୀ ବଜାରର ବ୍ୟବସ୍ଥା ଚିନ୍ତା କରାଯାଇପାରେ। ପ୍ୟାକ୍ସ ଓ ଗ୍ରାମ୍ୟ ହାଟଗୁଡ଼ିକୁ ପେସାଗତ ପରିଚାଳନା ଦ୍ୱାରା ସଂଗ୍ରହ-କେନ୍ଦ୍ର ହିସାବରେ ବ୍ୟବହାର କରାଯାଇପାରିବ। ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହଯୋଗରେ ନିଜର ପ୍ରଶାସନିକ ସାମର୍ଥ୍ୟ ଦ୍ୱାରା କୃଷିକୁ ଅଧିକ ସ୍ମାର୍ଟ, ଦକ୍ଷ, ବିଜ୍ଞାନସମ୍ମତ କରି ରାଜ୍ୟରେ ଲକ୍ଷ ଲକ୍ଷ ଛୋଟ ଚାଷୀଙ୍କ ଲାଗି ଏକ ପୋଷଣୀୟ ଜୀବିକାର ସମ୍ଭାବନା ସୃଷ୍ଟି କରିପାରିବେ।

ଶ୍ରୀଜଗନ୍ନାଥ ବିହାର, ଭୁବନେଶ୍ୱର,
ମୋ- ୯୪୩୭୧୬୪୬୧୧

# ଓଡ଼ିଶାରେ ଦୋଳଯାତ୍ରା



**ଡ. ଭାଗ୍ୟଲିପି ମଲ୍ଲ**

ଶୀତ ସରି ସରି ଆସୁଛି। ଖରା ଧରାକୁ ମୁହାଁଇଛି। ସନ୍ଧି ସମୟ। କାଳପ୍ରବାହରେ ମଧୁମାସ। ବସନ୍ତ। ଚାରିଆଡ଼େ ଫୁଲ ଆଉ ଫୁଲ। ଗଛଗଛରେ ନୂଆପତ୍ର, ନୂଆଫୁଲର କଢ଼ି। ପବନରେ ହାଲୁକା ତାତି। ନୂଆ ପ୍ରକୃତିର ଛୁଆଁ ଦେହ ଓ ମନରେ। ପ୍ରକୃତି ଏବଂ ମଣିଷ ଉଭୟ ପୁଲକିତ। ସାଧାରଣ ମଣିଷ ଓ ପ୍ରକୃତିର ଏହି ଅଭିବ୍ୟକ୍ତି ସଞ୍ଚରି ଯାଇଛି ଦେବତାଙ୍କ ପାଖକୁ। ସେ ଦେବତା ରାଧା ଆଉ କୃଷ୍ଣ। ପୂର୍ଣ୍ଣତମ ଓ ପୂର୍ଣ୍ଣତମା। ଓହ୍ଲେଇ ଆସନ୍ତି ଧରାକୁ ବସନ୍ତକୁ ଉପଭୋଗ କରିବାକୁ। ଫୁଲ, ରଙ୍ଗ, ପରାଗ ଓ ସମ୍ମୋହନରେ ସମାହିତ କରିବାକୁ ସକଳ ସୃଷ୍ଟିକୁ।

ସେହି ଦିନକୁ କୁହାଯାଏ ଦୋଳପୂର୍ଣ୍ଣମୀ। ଦୋଳଗୋବିନ୍ଦଙ୍କର ଦୋଳବିମାନରେ ଦୋଳିଖେଳ। ଫଗୁ ଦଶମୀରୁ ଦୋଳଯାତ୍ରା ଆରମ୍ଭ ହୋଇଥାଏ। ପ୍ରମୂର୍ତ୍ତ ବସନ୍ତରେ ପ୍ରକୃତି ସହ ଦେବତା ବି ପୁଲକିତ। ସକଳ ସଂସ୍କାର ବନ୍ଧନରୁ ମୁକ୍ତହୋଇ ପ୍ରକୃତି ସ୍ୱରୂପିଣୀ ଶ୍ରୀରାଧା ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କ ପାଦତଳେ ରଙ୍ଗ ଖେଳିବାକୁ ପ୍ରସ୍ତୁତ। ଶ୍ୟାମ ପ୍ରେମରେ ବିଭୋର ଗୋପାଙ୍ଗନା। ପରମ ପ୍ରେମିକ ଶ୍ରୀକୃଷ୍ଣ ସେମାନଙ୍କ ପ୍ରେମ ସ୍ୱୀକାର କରନ୍ତି। ଦୋଳମଣ୍ଡପରେ ଦୋଳବିମାନରେ ବିଜେ କରନ୍ତି।

ରାତିରେ ନିରୂପିତ ହୋଇଥିବା ମେଳଣ ପଡ଼ିଆକୁ ଦୋଳବିମାନରେ ଦୋଳଗୋବିନ୍ଦ ଆସନ୍ତି। ସୁସଜ୍ଜିତ ବିମାନ। ରଙ୍ଗବେରଙ୍ଗ ଚିତ୍ରରେ ଚିତ୍ରାୟିତ। ଫୁଲମାଳରେ ବିମଣ୍ଡିତ। ସେଇଠି ହୁଏ ଦୋଳଗୋବିନ୍ଦଙ୍କ ମହାମିଳନ। ସମବେତ ବିମାନଗୁଡ଼ିକୁ ଧାଡ଼ି ଧାଡ଼ି କରି ସଜେଇ ରଖାଯାଇଥାଏ। ବାଦ୍ୟଯନ୍ତ୍ର, ସଂକୀର୍ତ୍ତନ ଓ ସାଂସ୍କୃତିକ ଅଭିବାଦନରେ ମୁଖରିତ ହୁଏ ମେଳଣପଡ଼ିଆ। ଆରମ୍ଭ ହୁଏ ଫଗୁଖେଳର ପର୍ବ। ରଙ୍ଗର ମଉଛବ। ଶ୍ୟାମ ପ୍ରେମରେ ବିଭୋର ଗୋପାଙ୍ଗନା ଓ ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ଶ୍ରୀଅଙ୍ଗରେ ଅବିର, ଅଗୁରୁ, ଚନ୍ଦନର ପ୍ରଲେପରେ କରନ୍ତି ମିଳନର ଆବାହନ। ଶ୍ରୀକୃଷ୍ଣ ସେମାନଙ୍କ ପ୍ରେମ ସ୍ୱୀକାର କରନ୍ତି। ଜୀବ ଓ ପରମଙ୍କ ଅନୁରାଗରେ ଦୋଳରେ ସିକ୍ତ ହୁଅନ୍ତି ଦୋଳଗୋବିନ୍ଦ।

ଦୋଳବିମାନରେ ବସି କେବଳ ଦୋଳଗୋବିନ୍ଦ ମେଳଣ ପଡ଼ିଆକୁ ଯାଆନ୍ତି ନାହିଁ, ମହାପ୍ରଭୁ ଶ୍ରୀଜଗନ୍ନାଥ ମଧ୍ୟ ଏହିଦିନ ଚାଚେରୀ ବେଶରେ ସଜ ହୁଅନ୍ତି। ନାଲିରଙ୍ଗର ବସ୍ତ୍ରରେ ବିମଣ୍ଡିତହୋଇ ଫଗୁଭର୍ତ୍ତି ମୁଣାଧରି ଭକ୍ତଙ୍କୁ ଅପେକ୍ଷା ରଖନ୍ତି। ଦୋଳଉତ୍ସବ ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ଚଳନ୍ତିପ୍ରତିମା ଶ୍ରୀମଦନମୋହନ ଦୋଳମଣ୍ଡପକୁ ବିଜେ କରନ୍ତି। ଏଣେ ଶ୍ରୀଜଗନ୍ନାଥଙ୍କୁ ପୂର୍ଣ୍ଣମୀ ଦିନ ରାଜବେଶରେ ଭୂଷିତ କରାଯାଏ। ଦୋଳରେ ଦୋଳଗୋବିନ୍ଦଙ୍କ ଲୀଳା ସମ୍ପର୍କରେ ପଦ୍ମପୁରାଣ ଓ ସ୍କନ୍ଦପୁରାଣରେ ବର୍ଣ୍ଣନା ରହିଛି। ଏହିଦିନ ଦୋଳରେ ଠାକୁରଙ୍କୁ ଦର୍ଶନ କଲେ କୁଆଡ଼େ ପୁନର୍ଜନ୍ମ ହୁଏନାହିଁ। ଶ୍ରୀମନ୍ଦିର ଭଳି ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ମଧ୍ୟ ଦୋଳ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୁଏ। ଫାଲ୍‌ଗୁନ ପୂର୍ଣ୍ଣମୀର ଛଅଦିନ ପୂର୍ବରୁ ଆରମ୍ଭ ହୋଇ ପୂର୍ଣ୍ଣମୀ ଦିନ ଶେଷ ହୁଏ। ଦୋଳଗୋବିନ୍ଦଙ୍କ ପ୍ରତିନିଧି ଏଠି ହରିହର। ପ୍ରତିଦିନ ସୁସଜ୍ଜିତ ବିମାନରେ ଦୋଳି ଖେଳି ଖେଳି ହରିହର ନଗର ପରିକ୍ରମା କରନ୍ତି। ଶେଷଦିନ ଫଗୁ ଖେଳିସାରି ଯାତ୍ରା ସାରନ୍ତି। ମନ୍ଦିରର ଉତ୍ତରପଟରେ କାରୁକାର୍ଯ୍ୟମଣ୍ଡିତ ତୋରଣରେ ଦୋଳମଣ୍ଡପ। ସେଇଠି ହୁଏ ହରିହରଙ୍କ ଦୋଳଯାତ୍ରାର ଦୋଳିଖେଳ।

ଶ୍ରୀମନ୍ଦିର ଓ ଶ୍ରୀଲିଙ୍ଗରାଜ ମନ୍ଦିର ପରି ଓଡ଼ିଶାର ବହୁ ସ୍ଥାନରେ ଦୋଳରେ ଦୋଳଗୋବିନ୍ଦ ଦୋଳି ଖେଳନ୍ତି ଦୋଳବିମାନରେ। ବିଶେଷକରି ନେମାଳ ମଠରେ ଦୋଳ ଉତ୍ସବ, ବୟାଳିଶ ମୌଜାର ଗୋପୀନାଥ ଦେବଙ୍କ ଦୋଳ ମେଳଣ, ବାଲିକୁଦା ଚଉଁରପୁର ମାଧୁରୀମଠର ବୈଷ୍ଣବମେଳା, ବ୍ରହ୍ମଗିରିର ହରିହର ଭେଟ, ଅରିଲୋ ଗ୍ରାମର ଶ୍ରୀଯୁଗଳକିଶୋର ଦେବଙ୍କ ଦୋଳଯାତ୍ରା, କରଞ୍ଜିଆର ଦୋଳମେଳଣ, ହରିରାଜପୁରର ଦୋଳଯାତ୍ରା, ବରୁଣା ଗ୍ରାମର ଦୋଳମେଳଣ, କୁଲାଡ଼ର ବ୍ୟାଘ୍ରଦେବୀଙ୍କ ପୀଠର ଦୋଳଯାତ୍ରା, ପାଣ୍ଡୁଆ ଦୋଳ, ଶ୍ରୀବରାହଦେବଙ୍କ ଦୋଳଯାତ୍ରା, ଏରଞ୍ଚ ଗ୍ରାମର ନୃସିଂହନାଥଙ୍କ ଦୋଳ ଓ ପତରାଜପୁରର ଦୋଳ ଉତ୍ସବ ପ୍ରସିଦ୍ଧ। ମାତ୍ର ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବ୍ରଜଭୂମି ବୃନ୍ଦାବନକୁ କେନ୍ଦ୍ରକରି ଭାରତବର୍ଷର ବହୁ ବୈଷ୍ଣବମଠ ଓ ପୀଠରେ ରାଧାକୃଷ୍ଣଙ୍କ ଲୀଳାର ଉଷ୍ମତା ଅନୁଭବ କରିହୁଏ ଏହି ଅବସରରେ।

ଦୋଳର ଏକ ସମୃଦ୍ଧ ବିଭବ- ରାଧାକୃଷ୍ଣଙ୍କ ହୋଲିଖେଳ। ଏହା ଅହଂର ବିସର୍ଜନ। ସମର୍ପଣ। ସମର୍ପଣର କାରଣ ଭୟ ନୁହେଁ, ସମ୍ମୋହନ। ସମର୍ପଣରେ ଆନନ୍ଦ ଓ ସୁଖ। ପୂର୍ଣ୍ଣଆତ୍ମସମର୍ପଣରେ ମହାନନ୍ଦ ଓ ମହାସୁଖ। ଚେତନାରେ ସମ୍ମେଳନର ନାଦ ପ୍ରତିଧ୍ୱନିତ। ମୁକ୍ତ ମିଳନ ପାଇଁ ତ ସେମାନେ ବାହାରି ଆସନ୍ତି ମନ୍ଦିର ଭିତରୁ! ଦୋଳବିମାନରେ ବସି ଭକ୍ତର କାନ୍ଧରେ ଝୁଲି ଝୁଲି ଦୋଳି ଖେଳନ୍ତି। ପ୍ରକୃତିରୂପାମାନଙ୍କ ସହିତ ମିଶି ଯାଆନ୍ତି। ଜୀବଜଗତ ହୋଇଯାଏ ଆତ୍ମ-ଦର୍ଶନ-ଉନ୍ମୁଖ।

ତେବେ ଦୋଳରେ ଦୋଳଗୋବିନ୍ଦଙ୍କୁ ଏପରି ସ୍ୱୀକାର କରିବାର ମାନସିକତା ମଣିଷ ଭିତରେ କେବେ ଆସିଲା, ତାହା ନିର୍ଦ୍ଦିଷ୍ଟକରି କହିହେବ ନାହିଁ। ମାତ୍ର ଏହା ଯେ ହଜାରେ ବର୍ଷ ତଳର ପ୍ରାଚୀନ ପର୍ବ, ଏ କଥା ଏକାଦଶ ଶତାବ୍ଦୀରେ ଓଡ଼ିଆ ସ୍ମୃତିକାର ଶତାନନ୍ଦ ଆଚାର୍ଯ୍ୟ 'ଶତାନନ୍ଦ ସଂଗ୍ରହ'ରେ ଲେଖିଛନ୍ତି। ଭାରତବର୍ଷର ବହୁ ସନ୍ଥ, ସାଧକ ଓ ସୃଜନ-ପ୍ରତିଭା ପୁରୁଷ-ପ୍ରକୃତିଙ୍କ ଏହି ଦିବ୍ୟଲୀଳା ଅନୁଗାମୀ ହୋଇଛନ୍ତି। ଫଗୁଖେଳ ମାଧ୍ୟମରେ କୁହାଯାଇଛି କୃଷ୍ଣ ବା ଦୋଳଗୋବିନ୍ଦ ହିଁ ବ୍ରହ୍ମଙ୍କର ମାନବାୟନ। ଅର୍ଥାତ୍ ସେ ଆଚରଣରେ କହିଦେବାକୁ ଚାହାନ୍ତି- ସଂସାରୀର କୌଣସି ସତ୍ତା ମିଛ ନୁହେଁ, ମାତ୍ର ସତ୍ୟ ଅହଂକେନ୍ଦ୍ରିକ ହୋଇଗଲେ ଆତଙ୍କ ସୃଷ୍ଟି କରେ। ଆଚରଣରେ ଅହଂମୁକ୍ତ ସମ୍ପୃକ୍ତି ହିଁ ସମ୍ପର୍କ। ଏହି ସମ୍ପର୍କ ବ୍ୟକ୍ତି ଚେତନାକୁ ଶାନ୍ତ ଓ ଉଦ୍‌ବେଗମୁକ୍ତ କରେ। ଏ ସମ୍ପର୍କର ଅନ୍ୟ ନାଁ- ଆଧ୍ୟାତ୍ମିକତା।

ଦୋଳବିମାନରେ ବସି ଦୋଳି ଖେଳି ଖେଳି ଦୋଳମଣ୍ଡପରେ ପରମ ରସିକ ଦୋଳଗୋବିନ୍ଦ ଏଇ କଥା ବୁଝେଇ ଦେଇଛନ୍ତି। କହିଛନ୍ତି, କର୍ମ ହିଁ ଏକମାତ୍ର ସତ୍ୟ। କର୍ମ ଭିତରେ ଆତ୍ମଦର୍ଶନ ହିଁ ପ୍ରେମ ଏବଂ ପ୍ରେମ ଏକ ଅମୂର୍ତ୍ତ ଅନୁଭବ।

ମୋ-୯୪୩୯୨୮୧୫୬୧

## ଏଇ ଭାରତରେ

ଆହତ ପ୍ରାଣୀମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ସୁରକ୍ଷିତ ଭାବେ ରଖିବାରେ ସମୟ କାଟୁଥିବା ମୁମ୍ବାଇର ଜଣେ ମହିଳା ହେଉଛନ୍ତି ଫିଜା ଶାହା। ତାଙ୍କୁ ବର୍ତ୍ତମାନ ବୟସ ୫୪। ସେ ଆହତ କିମ୍ବା ରାସ୍ତାରେ ବୁଲୁଥିବା, ପରିତ୍ୟକ୍ତ ତଥା ରୋଗଗ୍ରସ୍ତ ପ୍ରାଣୀଙ୍କୁ ଉଦ୍ଧାର କରୁଛନ୍ତି। ବିରାର ଅଞ୍ଚଳରେ ଥିବା ୬ ଏକର ବିଶିଷ୍ଟ ଫାର୍ମରେ ୩୦୦ରୁ ଊର୍ଦ୍ଧ୍ୱ କୁକୁର, ଛେଳି,ଠେକୁଆ,ଘୋଡା, ଗାଈ, ବଳଦ, କୁକୁଡା, ବତକ,ବିଲେଇଙ୍କୁ ରଖିଛନ୍ତି। ଫାର୍ମରେ ସବୁ ବର୍ଗର ଜୀବଙ୍କୁ ଅଲଗା ରଖିବାର ବ୍ୟବସ୍ଥା କରିଛନ୍ତି। ଦିନରାତି ଏମାନଙ୍କ ଯତ୍ନ ନେବା ପାଇଁ ୧୫ ଜଣ ଲୋକଙ୍କୁ ମଧ୍ୟ ନିଯୁକ୍ତି ଦେଇଛନ୍ତି। ଜୀବଙ୍କ ଖାଦ୍ୟ, ଚିକିତ୍ସା ତଥା ପୂରା ବ୍ୟବସ୍ଥାର ପରିଚାଳନା ଓ କର୍ମଚାରୀମାନଙ୍କ ଦରମା ବାବଦୀୟ ସବୁ ଖର୍ଚ୍ଚ ନିଜେ ବହନ କରୁଛନ୍ତି। ସେ ପାଞ୍ଚବର୍ଷ ପୂର୍ବେ ପାରିବାରିକ ବ୍ୟବସାୟ ଛାଡି ଏହି କାର୍ଯ୍ୟରେ ଲାଗିଛନ୍ତି। ପ୍ରତ୍ୟେକ ବର୍ଗର ପ୍ରାଣୀଙ୍କ ଚିକିତ୍ସା ପାଇଁ ସପ୍ତାହକୁ ପ୍ରାୟ ୨୦ହଜାର ଟଙ୍କା ବ୍ୟୟ କରୁଛନ୍ତି। ମାସକୁ ଏହି ଫାର୍ମରେ ପାଖାପାଖି ୪ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଏମିତିକି ପୋଲିସରୁ ଅବସର ନେଇଥିବା ୩୦ରୁ ଊର୍ଦ୍ଧ୍ୱ କୁକୁର ତାଙ୍କ ପାଖରେ ରହୁଛନ୍ତି ବୋଲି କୁହନ୍ତି ଫିଜା।

## ୨୫ ବର୍ଷ ତଳର ଧରିତ୍ରୀ

୯ ମାର୍ଚ୍ଚ ୧୯୯୫

- ଆସନ୍ତା ଏପ୍ରିଲ ମାସରେ ଜାତିସଂଘର ସମ୍ମିଳନୀରେ ଆଣବିକ ନିରସ୍ତ୍ରୀକରଣ ଚୁକ୍ତିର ନବୀକରଣ ପାଇଁ ଲିବିୟା ସ୍ୱାକ୍ଷର କରିବ ନାହିଁ ବୋଲି ଦେଶର ନେତା ମୁଆମାର ଗଦାଫି ସ୍ପଷ୍ଟ ଭାବେ ଘୋଷଣା କରିଛନ୍ତି।
- ଲାଞ୍ଚ କାରବାର ଘଟଣାରେ ପାକିସ୍ତାନ କ୍ରିକେଟିୟର ସଲିମ ମଲିକ ସସ୍‌ପେଣ୍ଡ।

## ଚିରନ୍ତନୀ

ପମରମ ମରୁ ହେଉ ସୁରଭି
ନନ୍ଦନ ହେ ନନ୍ଦନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ! (ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ମାର୍ଚ୍ଚ ୧- ଚାଇନା ସମେତ ୬୦ ଦେଶରେ କରୋନା ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୩,୦୦୦ ଅତିକ୍ରମ କରିଛି। ଏହି ଭୂତାଣୁ ଦ୍ୱାରା ପାଖାପାଖି ୮୯,୦୦୦ ଲୋକ ସଂକ୍ରମିତ ହୋଇଛନ୍ତି।

୨- ଜଣେ ଆଇନ ଛାତ୍ରୀଙ୍କୁ ଗଣବଳାତ୍କାର କରିବା ମାମଲାରେ ରାଞ୍ଚିର ଏକ କୋର୍ଟ ୧୧ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।

୩- ଚାଇନା ପରେ ସର୍ବାଧିକ କରୋନା ଆକ୍ରାନ୍ତ ଦକ୍ଷିଣ କୋରିଆ, ଇରାନ, ଇଟାଲି ଓ ଜାପାନର ନାଗରିକଙ୍କୁ ମିଳିଥିବା ନିୟମିତ ଭିଜାଗୁଡ଼ିକୁ ସରକାର ରଦ୍ଦ କରିଛନ୍ତି।

୪- ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଦୌଡ଼ରୁ ଓହରିଯାଇଛନ୍ତି ବିଲିୟନେୟାର ବିଜ୍‌ନେସମ୍ୟାନ ମାଇକ୍ ବ୍ଲୁମ୍‌ବର୍ଗ।

୫- ଦିଲ୍ଲୀ ଦଙ୍ଗାବେଳେ ଆଇବି କର୍ମଚାରୀ ଅଙ୍କିତ ଶର୍ମାଙ୍କୁ ହତ୍ୟା କରିବା ଅଭିଯୋଗରେ ଏଏପି ନେତା ତାହିର ହୁସେନ ଗିରଫ ହୋଇଛନ୍ତି।

## ଆମ ସମସ୍ୟା

### ମହଙ୍ଗା ଭତ୍ତା ମିଳୁ

ମହାଶୟ,

କେନ୍ଦ୍ର ସରକାର ସେମାନଙ୍କ କର୍ମଚାରୀଙ୍କୁ ଗତ ଜୁଲାଇ ମାସରୁ ୫ ପ୍ରତିଶତ ମହଙ୍ଗାଭତ୍ତା ଦେଲେଣି। ରାଜ୍ୟ ସରକାର ଏହି ମହଙ୍ଗା ଭତ୍ତା ଦେବାକୁ ବହୁ ବିଳମ୍ବ କଲେଣି। ଏଣୁ ରାଜ୍ୟର ଅବସରପ୍ରାପ୍ତ କର୍ମଚାରୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ସରକାରୀ କର୍ମଚାରୀମାନଙ୍କ ଭଳି ପେନସନରମାନଙ୍କୁ ଚିକିତ୍ସା ଭତ୍ତା ଓ ଇନ୍‌କ୍ରିମେଣ୍ଟ (ବାର୍ଷିକ ବୃଦ୍ଧି) ଦେବାକୁ ଦାବି ହେଉଛି।

କଳ୍ପତରୁ ପଣ୍ଡା, ପଞ୍ଚସଖା ନଗର, ଡୁମୁଡୁମା, ଭୁବନେଶ୍ୱର

### ରାସ୍ତା ଓସାରିଆ ହେଉ

କଟକ-ପାରାଦୀପ ଭାୟା ଜଗତ୍‌ସିଂହପୁର ରାସ୍ତା ଦୁଇଟି ସମ୍ପ୍ରସାରଣ କରାଯିବା ଦରକାର। ଯାନବାହନ ସଂଖ୍ୟା ଓ ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଦୈନନ୍ଦିନ ଯାତ୍ରା କରିବା ସୁବିଧାଜନକ ହେଉନାହିଁ। ଅଣଓସାରିଆ ରାସ୍ତାରେ ପରସ୍ପର ଗାଡିକୁ ଅତିକ୍ରମ କରିବା କଷ୍ଟସାଧ୍ୟ ହେଉଛି। କିନ୍ତୁ ରାସ୍ତା ସମ୍ପ୍ରସାରଣ ପାଇଁ ବୃକ୍ଷ କଟାଗଲେ ତା'ଠାରୁ ଅଧିକ ଗଛ ଲଗାଯିବା ଆବଶ୍ୟକ। କନ୍ଦରପୁରଠାରୁ ମାଛଗାଁ ରାସ୍ତା ଆଦୌ ଓସାରିଆ ହୋଇନାହିଁ। ଭବିଷ୍ୟତ ପ୍ରତି ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରାଯାଉ।

ରମେଶଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | | | | 3 | A | | | 9 | | 8 | | | 5 |
| | | 4 | 7 | 9 | | E | | | B | 5 | | 1 | | A |
| | | | | | | 0 | 2 | | | 7 | 6 | B | D | |
| | | | | E | A | | | | | | | 4 | | |
| | | | C | | 5 | 9 | B | | | 3 | | | | |
| 9 | | | | A | | | 0 | | | | E | D | | |
| B | | | | | | | 6 | | 2 | D | 7 | | | |
| | | 7 | | | 6 | | | 1 | 4 | | | | | |
| | E | | 1 | 4 | | C | | | | | B | | | |
| | | | | 3 | | | | | | 6 | | | B | C |
| | | | B | 5 | 4 | | | | A | | | | | |
| 7 | 1 | | | C | | 2 | | 5 | 8 | | | | E | 9 |
| | | E | 9 | | | | 1 | | C | | 3 | | A | |
| 5 | | | | 2 | | | | B | | | 0 | | | |
| | | | | 6 | | | 3 | | | | | 0 | 1 | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 7 | D | B | 6 | 1 | C | E | 3 | 4 | A | 8 | 0 | 2 | 9 |
| B | 0 | A | C | E | 2 | 4 | 6 | 5 | 3 | 7 | 9 | D | 8 | 1 |
| 3 | 9 | 4 | 0 | 8 | A | 7 | B | 1 | 2 | 5 | D | C | 6 | E |
| C | E | 2 | 3 | 5 | 7 | 8 | D | 9 | 0 | 6 | 1 | 4 | A | B |
| 6 | 1 | 8 | D | 4 | 9 | A | 2 | 0 | C | B | E | 5 | 3 | 7 |
| E | 2 | 1 | 7 | 9 | 4 | B | 0 | D | 8 | 3 | 6 | A | 5 | C |
| 7 | 3 | 9 | 5 | 1 | 0 | 2 | 8 | 4 | A | E | C | 6 | B | D |
| 8 | D | 5 | 6 | A | C | 1 | 7 | E | B | 2 | 0 | 3 | 9 | 4 |
| 4 | A | B | E | 2 | 3 | 9 | C | 6 | 1 | D | 5 | 7 | 0 | 8 |
| 0 | 6 | C | 8 | B | D | 5 | 3 | A | 9 | 4 | 7 | 1 | E | 2 |
| 1 | B | 6 | 4 | D | 8 | 3 | 9 | 7 | E | 0 | A | 2 | C | 5 |
| 9 | C | 0 | 2 | 7 | E | 6 | A | B | 5 | 1 | 4 | 8 | D | 3 |
| D | 5 | 3 | A | C | 6 | E | 1 | 8 | 7 | 9 | 2 | B | 4 | 0 |
| 2 | 4 | 7 | 9 | 0 | B | D | 5 | C | 6 | 8 | 3 | E | 1 | A |
| A | 8 | E | 1 | 3 | 5 | 0 | 4 | 2 | D | C | B | 9 | 7 | 6 |

ଗତକାଲିର ଉତ୍ତର

# ଦୁଇ ବାଇକ୍ ଧକ୍କା: ୩ ମୃତ

ବାଲିଆପାଳ, ୮।୩ (ଡି.ଏନ.ଏ./ସ୍ୱ.ପ୍ର.): ବାଲେଶ୍ୱର ଜିଲା ବାଲିଆପାଳ-ବସ୍ତା ମୁଖ୍ୟ ରାସ୍ତାର ଖାଣମୁହାଣି ନିକଟରେ ରବିବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ବାଇକ ଆରୋହୀଙ୍କର ମୃତ୍ୟୁ ହୋଇଛି। ଏ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ରବିବାର ସକାଳେ ବାଲିଆପାଳ ଥାନା ସାନମହିଷାଡ଼ି ଗ୍ରାମର ଶଙ୍କର ପଣ୍ଡିତ (୨୩) ଓ ଗଙ୍ଗାଧର ପାତ୍ର (୩୬) ବାଇକ୍ ଯୋଗେ ନେପୁରା ଗ୍ରାମର ଜଣେ ଝିଆରୀଙ୍କ ଘରକୁ ବାଇକ୍‌ରେ ଯାଉଥିଲେ। ଖାଳମୁହାଣି ଗ୍ରାମର ହଲର ମେଶିନ ନିକଟରେ ବିପରୀତ ଦିଗରୁ ବାଇକରେ ଆସୁଥିବା ଜଳେଶ୍ୱର ଥାନା ଶାଳୀକେଠା ଗ୍ରାମର ରାଜେଶ ବେହେରା(୩୨)ଙ୍କ ସହ ଧକ୍କା ହୋଇଥିଲା। ଉଭୟ ବାଇକ୍‌ରେ ଥିବା ୩ଜଣ ରାସ୍ତାରେ ଛିଟିକି ପଡ଼ିଥିଲେ। ଫଳରେ ସେମାନଙ୍କର ମୁଣ୍ଡ ଏବଂ ଛାତିରେ ଗୁରୁତର ଆଘାତ ଲାଗିଥିଲା। ଘଟଣାସ୍ଥଳରେ ରାଜେଶଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ବାଲିଆପାଳ ସିଏଚ୍‌ସିକୁ ନିଆଯାଇଥିଲା। ଡାକ୍ତର ସେଠାରେ ସେମାନଙ୍କୁ ମୃତ ଘୋଷଣା କରିଥିଲେ। ବାଲିଆପାଳ ପୋଲିସ ପହଞ୍ଚି ଗୋଟିଏ ନମ୍ବର ନ ଥିବା ବାଇକ ଏବଂ ଅନ୍ୟ ଏକ ବାଇକ(ନଂ. ଓଡି୦୧ଡବ୍ଲ୍ୟୁ୫୦୭୮) କୁ ଜବତ କରି ମାମଲା ରୁଜୁ କରିଛି।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିଲେ ଭାଜପା, କଂଗ୍ରେସ

- ନିର୍ଭୟା ମା'ଙ୍କ ନାମରେ ଦିନଟି ଅର୍ପଣ କଲା ଭାଜପା
- ରଥ ବୁଲାଇ କରୋନା ସମ୍ପର୍କରେ ସଚେତନ କଲା ମହିଳା କଂଗ୍ରେସ

ଭୁବନେଶ୍ୱର,୮।୩(ବ୍ୟୁରୋ)

ଓଡ଼ିଶାରେ ମହିଳାଙ୍କ ସ୍ଥିତି ସଙ୍କଟାପନ୍ନ। ସେମାନଙ୍କ ସୁରକ୍ଷା ଏବଂ ସ୍ୱାଭିମାନ ଏବେ ପ୍ରତିହତ ହୋଇଛି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶ୍ୱାସ କେବଳ ମହିଳା ସଶକ୍ତୀକରଣ ନୁହେଁ, ସମାଜ ସଶକ୍ତୀକରଣ ପାଇଁ ମହିଳାମାନେ ବିକାଶର ବାର୍ତ୍ତାବହ ହେବା ଜରୁରୀ। ବିଶ୍ୱ ମହିଳା ଦିବସରେ ପ୍ରଧାନମନ୍ତ୍ରୀଙ୍କ ମହିଳାଙ୍କ ପ୍ରତି ସମର୍ପିତ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ମହିଳାମାନଙ୍କୁ ଅବଗତ କରାଯିବ। ଏହା ସହ ଆଗାମୀ ଦିନରେ ଉଜ୍ଜ୍ୱଳା, ମୁଦ୍ରା, ପ୍ରଧାନମନ୍ତ୍ରୀ ଆବାସ, ସ୍ୱଚ୍ଛ ଭାରତ (ଶୌଚାଳୟ) ଏବଂ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଭଳି ୫ଟି ଯୋଜନାର ସଫଳ ରୂପାୟନ ପାଇଁ ଜାଗୃତି ସଭା ଜିଲା ଏବଂ ମଣ୍ଡଳସ୍ତରରେ କରାଯିବ ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଭାଜପା ଏହି ଦିନଟିକୁ ନିର୍ଭୟାଙ୍କ ମା'ଙ୍କୁ ଅର୍ପଣ କରିଛି। ନିର୍ଭୟାକୁ ନ୍ୟାୟ ଦେବା ପାଇଁ ତାଙ୍କ ମା' ସଂଗ୍ରାମ ଜାରି ରଖିଥିବାରୁ ଏହା କରାଯାଇଛି। ଏହାସହ 'ସମାନତାରେ ସାମର୍ଥ୍ୟ' ବାର୍ତ୍ତାକୁ ନେଇ ଦଳ ପକ୍ଷରୁ ଦସ୍ତଖତ ଅଭିଯାନ କରାଯିବା ସହ 'ମହିଳା ଜାଗୃତି' ସଭାର ଆୟୋଜନ କରାଯାଇଛି। ଏହି ସଭାରେ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଛନ୍ତି। ବିଭିନ୍ନ କ୍ଷେତ୍ରରେ ନିଜ ପାରଦର୍ଶିତା ସମ୍ପାଦନା କରିଥିବା ମହିଳାମୋର୍ଚ୍ଚାର କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ସେହିପରି ଭୁବନେଶ୍ୱର ଜିଲା ମହିଳା କଂଗ୍ରେସ ପକ୍ଷରୁ ସଭାପତି ଗୀତାଞ୍ଜଳି ମହାନ୍ତିଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମହିଳା ଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ପ୍ରଚାର ରଥ ଅଣାଯାଇଥିଲା। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏହି ରଥର ଉଦ୍‌ଘାଟନ କରିଛନ୍ତି। ରଥରେ କରୋନା ସଚେତନତା ଉପରେ ଉପାଦେୟ ଲେଖାମାନ ପ୍ରଦର୍ଶିତ କରାଯାଇଥିଲା। ମହିଳା କଂଗ୍ରେସ ନେତୃବୃନ୍ଦ ଏହି ରଥ ସହ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇ ସେଠାରେ କରୋନା ସଚେତନତା ଉପରେ ପ୍ରଚାରପତ୍ର ବଣ୍ଟନ କରିଛନ୍ତି। ନିରଞ୍ଜନ ବିଶ୍ୱ ମହିଳା ଦିବସ ଉପଲକ୍ଷେ କହିଛନ୍ତି ଯେ, ଦେଶ ଓ ରାଜ୍ୟରେ ଏବେ ମହିଳା ଅସୁରକ୍ଷିତ। ଭାଜପା ଓ ବିଜେଡି ସରକାର ମହିଳା ସଶକ୍ତୀକରଣ ଉପରେ ଡିଣ୍ଡିମ ପିଟୁଛନ୍ତି, ମାତ୍ର ଆମ ରାଜ୍ୟରେ ଦିନକୁ ୬ ଜଣ ମହିଳା ପ୍ରତିଦିନ ବଳାତ୍କାରର ଶିକାର ହେଉଛନ୍ତି। ମହିଳା ସୁରକ୍ଷା ଆଜିର ଦିନରେ ସମସ୍ତଙ୍କ ପାଇଁ ଆହ୍ୱାନ ବୋଲି ସେ କହିଛନ୍ତି।

# ପୌର ନିର୍ବାଚନକୁ ଓହ୍ଲାଇବ ଏଏପି

ଭୁବନେଶ୍ୱର,୮।୩(ବ୍ୟୁରୋ)

ରାଜ୍ୟରେ ଚଳିତବର୍ଷ ଶେଷ ଆଡକୁ ପୌର ନିର୍ବାଚନ ହେବାର ସମ୍ଭାବନା ରହିଛି। ଏହି ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ଅଂଶଗ୍ରହଣ କରିବ। ଓଡ଼ିଶା ଗସ୍ତରେ ଥିବା ଦଳୀୟ ପ୍ରଭାରୀ ତଥା ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ରବିବାର ଏହା କହିଛନ୍ତି। ଏ ନେଇ ରାଜ୍ୟ କମିଟି ପକ୍ଷରୁ ପୂର୍ବରୁ ପ୍ରସ୍ତାବ ରହିଥିଲା। ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ନେଇ ଏଏପି ରାଜ୍ୟ କମିଟି ନିଷ୍ପତ୍ତି ନେଇଛି। ଦିଲ୍ଲୀ ମଡେଲ ବିକାଶର ବାର୍ତ୍ତା ନେଇ ପୌର ନିର୍ବାଚନରେ ଦଳ ଲମ୍ଫ ମାରିବ। ଏବେଠାରୁ କିଏ କେଉଁ ୱାର୍ଡରେ ପ୍ରାର୍ଥୀ ହେବ, ସେ ନେଇ ବିଚାରବିମର୍ଶ ଆରମ୍ଭ ହୋଇଯାଇଛି। ଅନୁରୂପ ଭାବେ ଦଳ ପକ୍ଷରୁ ରାଜ୍ୟରେ ସଦସ୍ୟତା ଅଭିଯାନ ଜାରି ରହିଛି। ଚଳିତ ମାସ ୨୩ ଯାଏ ହେବାକୁ ଥିବା ଏହି ଅଭିଯାନରେ ଏଏପି ପକ୍ଷରୁ ପ୍ରାୟ ୨ ଲକ୍ଷ ସଭ୍ୟ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ସଞ୍ଜୟ କହିଛନ୍ତି ଯେ, ଦିଲ୍ଲୀ ଫଳାଫଳ ପରେ ସଦସ୍ୟ ସଂଖ୍ୟା ରାଜ୍ୟରେ ବଢ଼ିଛି। ପୌର ନିର୍ବାଚନରେ ଲଢ଼ିବା ପରେ ଦଳର ସ୍ଥିତି ଜଣାପଡ଼ିବ। ଏହାକୁ ଆଧାର କରି ଆଗାମୀ ଦିନରେ ସଙ୍ଗଠନ ସୁଦୃଢ କରାଯିବ। ସାରା ଦେଶର ଯେକୌଣସି ରାଜ୍ୟ ଅଥବା କେନ୍ଦ୍ରଶାସିତ ଅଞ୍ଚଳରେ ଏଏପିର କର୍ମୀ ମିଳିଯିବେ। ତେଣୁ ଏଏପିର ଜାତୀୟ ରାଜନୀତିରେ ପ୍ରମୁଖ ଭୂମିକା ରହିବ। ସ୍ଥାନୀୟ ଅଞ୍ଚଳର ସମସ୍ୟାକୁ ଆୟୁଧ କରି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଦଳକୁ ସଫଳତା ଦେବ ବୋଲି ସଞ୍ଜୟ ଆଶାବାଦୀ।

# ରାଜ୍ୟ ସଭା ନିର୍ବାଚନ: ଚତୁର୍ଥ ଆସନ ପାଇଁ ବାଟ ଫିଟୁଛି

ଭୁବନେଶ୍ୱର,୮।୩(ବ୍ୟୁରୋ)

ଓଡିଶାରେ ଖାଲି ହେବାକୁ ଥିବା ୪ ରାଜ୍ୟ ସଭା ଆସନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇସାରିଥିବା ବେଳେ ଆସନ୍ତା ୨୬ରେ ନିର୍ବାଚନ ହେବ। ଇତି ମଧ୍ୟରେ ବିଜେଡି ଏହି ସମସ୍ତ ଆସନ ଲାଗି ପ୍ରାର୍ଥୀଙ୍କ ନାମ ଘୋଷଣା କରି ଦେଇଛି। ଭାଜପା ପ୍ରାର୍ଥୀ ଦେବ ନା ନାହିଁ ସେନେଇ କୌଣସି ସୂଚନା ଦଳ ପକ୍ଷରୁ ଦିଆଯାଉନାହିଁ। ସଂଖ୍ୟା ହିସାବ ଦେଖିଲେ ଭାଜପା ପ୍ରାର୍ଥୀ ଦେଇ ନ ପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେବାରେ ଲାଗିଛି। ଅପରପକ୍ଷରେ ଆବଶ୍ୟକ ସଂଖ୍ୟା ନଥିବା କାରଣରୁ କଂଗ୍ରେସ ଭୋଟିଂ ପ୍ରକ୍ରିୟାରୁ ବିରତ ରହିବ ବୋଲି ଶନିବାର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେବା ପରେ ବିଜେଡିର ଚତୁର୍ଥ ଆସନର ବିଜୟ ଏକପ୍ରକାର ନିଶ୍ଚିତ ହୋଇଯାଇଛି।

ରାଜ୍ୟ ସଭା ଗଣିତ ଅନୁଯାୟୀ ବିଧାୟକଙ୍କ ଭୋଟ ସଂଖ୍ୟା (୧୪୭x୧୦୦/୪+୧)+୧ ଅଟେ। ସେହି ଅନୁସାରେ ଦେଖିଲେ ଏଠାରେ ୧୪୭ ବିଧାୟକ ହେଉଛନ୍ତି ଭୋଟର। ଆସନ ସଂଖ୍ୟା ହେଉଛି ୪। ଅର୍ଥାତ୍ ହିସାବ ଅନୁଯାୟୀ ଜଣେ ପ୍ରାର୍ଥୀଙ୍କୁ ୨୯୪୧ ଭୋଟ ଆବଶ୍ୟକ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗୋଟିଏ ଭୋଟକୁ ୧୦୦ ବୋଲି ହିସାବ କରାଯିବ। ଅର୍ଥାତ୍ ଜଣେ ପ୍ରାର୍ଥୀକୁ ୩୦ଜଣଙ୍କ ଭୋଟ ଆବଶ୍ୟକ ରହିଛି। ଏହି ଅନୁସାରେ ବିଜେଡିର ୩ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଯିବେ। ୪ର୍ଥ ପ୍ରାର୍ଥୀ ପାଇଁ ଆବଶ୍ୟକ ଭୋଟ ଶାସକ ଦଳ ପାଖରେ ନାହିଁ। ବିଧାନସଭାରେ ଶାସକ ଦଳର ମୋଟ ବିଧାୟକଙ୍କ ସଂଖ୍ୟା ୧୧୩ ଥିବାବେଳେ ୪ର୍ଥ ପ୍ରାର୍ଥୀ ପାଇଁ ମାତ୍ର ୨୩ଟି ଭୋଟ ରହିବ, ଆବଶ୍ୟକ ୭ ଭୋଟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏ କ୍ଷେତ୍ରରେ ଭାଜପାର ବିଧାନସଭାରେ ସଦସ୍ୟ ସଂଖ୍ୟା ୨୩ ରହିଛି, ତେଣୁ ଯଦି ମୁଖ୍ୟ ବିରୋଧୀ ଦଳ ତରଫରୁ ପ୍ରାର୍ଥୀ ଦିଆଯାଏ ସେମାନଙ୍କୁ ମଧ୍ୟ ୭ଟି ଭୋଟର ଆବଶ୍ୟକତା ରହିବ। ଅପରପକ୍ଷରେ କଂଗ୍ରେସର ୯ଜଣ ବିଧାୟକ ଥିବାବେଳେ ଏମାନଙ୍କ ଭୋଟ ବହୁ ଗୁରୁତ୍ୱ ବହନ କରିବ। ହେଲେ ଦଳ ପ୍ରାର୍ଥୀ ଦେଉ ନ ଥିବାରୁ ଭୋଟିଂ ପ୍ରକ୍ରିୟାରୁ ବିରତ ରହିବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ନିରଞ୍ଜନଙ୍କ ଏପରି ସୂଚନା ଶାସକ ଦଳକୁ ବେଶ୍ ସୁହାଇବ ବୋଲି ସଂଖ୍ୟା ହିସାବରୁ ଜଣାପଡୁଛି। ଅନ୍ୟପଟେ ସିପିଆଇ(ଏମ୍) ଏବଂ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଏକ ପ୍ରକାର ବିଜେଡି ସପକ୍ଷରେ ରହିବ ବୋଲି କୁହାଯାଉଥିବା ବେଳେ ଉଭୟ ଏ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇ ନ ଥିବା ଧରିତ୍ରୀକୁ କହିଛନ୍ତି। ଯଦିଓ ବିଜେଡି ସପକ୍ଷରେ ଅନ୍ୟ ଦଳର ଭୋଟ ପଡ଼ିବାର ସମ୍ଭାବନା ରହିଛି ଭାଜପା କ୍ଷେତ୍ରରେ ସେଭଳି ଆଶା କମ୍। ଅନ୍ୟପଟେ ବିଜେଡି ଏବଂ ଭାଜପାର ସମାନ ସମାନ ଭୋଟ ହେଲେ ମଧ୍ୟ ଦ୍ୱିତୀୟ ପସନ୍ଦ ଭୋଟରେ ବିଜେଡିର ୪ର୍ଥ ପ୍ରାର୍ଥୀ ନିଶ୍ଚିତ ବିଜୟୀ ହେଉଥିବା ଜଣାପଡିଛି।

ଅନ୍ୟପଟେ ଦେଖିଲେ ସିପିଆଇ(ଏମ୍) ବିଧାୟକ ପୂର୍ବରୁ ଭୋଟିଂରେ ଭାଗ ନେବ ନାହିଁ ବୋଲି କହିବାପରେ କଂଗ୍ରେସ ମଧ୍ୟ ଏହି ପ୍ରକ୍ରିୟାରୁ ଓହରିଛି। ପ୍ରାର୍ଥୀ ଦେବାକୁ ହେଲେ ଗୋଟିଏ ଦଳକୁ ସର୍ବନିମ୍ନ ୧୦ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ ପଡେ। ଯେହେତୁ ସିପିଆଇ(ଏମ୍) ରାଜି ହେଲାନାହିଁ ସେହି ଅନୁଯାୟୀ ୯ଜଣ ବିଧାୟକରେ କଂଗ୍ରେସ ପ୍ରାର୍ଥୀ ଦେବାରୁ ଅସମର୍ଥ ହୋଇ ଏଭଳି ନିଷ୍ପତ୍ତି ନେଇଛି। ଯଦି ୧୦ଜଣ ବିଧାୟକଙ୍କ ଭୋଟ ନ ଦିଅନ୍ତି, ସେକ୍ଷେତ୍ରରେ ରାଜ୍ୟ ସଭା ଅଙ୍କରେ ପରିବର୍ତ୍ତନ ହେବ। ଭୋଟର ସଂଖ୍ୟା ୧୩୭ଜଣ ହୋଇଯିବ, ସେହି ଦୃଷ୍ଟିରୁ ହିସାବ କରାଗଲେ ଜଣେ ପ୍ରାର୍ଥୀକୁ ବିଜୟୀ ହେବାକୁ ୨୮ଟି ଭୋଟର ଆବଶ୍ୟକତା ପଡିବ। ଏମିତି ହେଲେ ୪ଜଣ ପ୍ରାର୍ଥୀ ଜିତିବାକୁ ବିଜେଡିକୁ ୧୧୨ଟି ଭୋଟର ଆବଶ୍ୟକତା ପଡିବ, ଯାହା ଶାସକ ଦଳ ନିକଟରେ ରହିଛି। ଏହାବାଦ୍ ବିଜେଡି ପାଖରେ ଆଉ ଗୋଟିଏ ଭୋଟ ବଳକା ପଡ଼ିବ।

ସେହିପରି ଭାଜପା ନିକଟରେ ଆବଶ୍ୟକ ସଂଖ୍ୟା ନ ଥିବାବେଳେ ଦଳ ତରଫରୁ ପ୍ରାର୍ଥୀ ଦିଆଯିବ ନା ନାହିଁ ସେନେଇ କିଛି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ଦଳର ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଏନେଇ ପାର୍ଲାମେଣ୍ଟାରୀ ବୋର୍ଡ ନିଷ୍ପତ୍ତି ନେବେ। ସିଆଡୁ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁଯାୟୀ ଖୁବ୍‌ଶୀଘ୍ର ଜଣାଇ ଦିଆଯିବ। କିନ୍ତୁ କୌଣସି ଦଳକୁ ସମର୍ଥନ ଦେବାର ନାହିଁ ବୋଲି ସମୀର ଜଣାଇ ଦେଇଛନ୍ତି। ରାଜନୈତିକ ମହଲରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ, ଭାଜପା ରାଜ୍ୟ ସଭା ପାଇଁ ପ୍ରାର୍ଥୀ ଦେଇ ହାରିବାକୁ ଚାହୁଁନାହିଁ। ପରାଜିତ ହେବା ଅପେକ୍ଷା ପ୍ରାର୍ଥୀ ନ ଦେବାକୁ ଦଳ ପସନ୍ଦ କରିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ବିଜେଡି ସବୁ ଆସନ ହାତେଇବାର ସମ୍ଭାବନା ଉଜ୍ଜ୍ୱଳ ଥିବାବେଳେ ଭାଜପା ସତ ମାନିବାକୁ ଅମଙ୍ଗ ବୋଲି ଚାରିଆଡେ ଗୁଞ୍ଜରଣ ହେବାରେ ଲାଗିଛି।

# ଏସ୍‌ସିବିରେ କରୋନା ସନ୍ଦିଗ୍ଧ, ୩ ସ୍ୱାଇନ୍ ଫ୍ଲୁ ରୋଗୀ

**କଟକ ଅଫିସ,୮।୩:** କରୋନା ଭାଇରସରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଇ ରବିବାର ଜଣଙ୍କୁ ଏସ୍‌ସିବି ମେଡିକାଲର ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରାଯାଇଛି। ସେ ଜଣେ ଇଞ୍ଜିନିୟର ହୋଇଥିବାବେଳେ ଚାଇନାରେ ଚାକିରୀ କରୁଥିଲେ। ସେଠାରେ କରୋନା ଭୂତାଣୁ ବ୍ୟାପିଥିବାବେଳେ ସେ ଓଡ଼ିଶା ଫେରିଥିଲେ। କିଛିଦିନ ହେବ ତାଙ୍କୁ ଥଣ୍ଡା, ଜ୍ୱର ଲାଗି ରହିଥିଲା। କରୋନାରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରି ସେ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏସ୍‌ସିବି ମେଡିକାଲରେ କରୋନା ସନ୍ଦିଗ୍ଧଙ୍କ ସଂଖ୍ୟା ୬ରେ ପହଞ୍ଚିଛି। ପୂର୍ବରୁ ଏକ ଦମ୍ପତିଙ୍କୁ କରୋନା ଆକ୍ରାନ୍ତ ସନ୍ଦେହ କରାଯାଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଉଭୟଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପୁଣେ ପଠାଯାଇଥିଲା। ରିପୋର୍ଟ ନେଗେଟିଭ ଆସିବା ସତ୍ତ୍ୱେ ସେମାନଙ୍କୁ ମେଡିକାଲରେ ରଖାଯାଇଛି। ରବିବାର ଏସ୍‌ସିବି ମେଡିକାଲରେ ୩ ଜଣ ସ୍ୱାଇନ୍ ଫ୍ଲୁ ରୋଗୀ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରିନାହିଁ।


## ପୂର୍ବ ତଟ ରେଳପଥ

### ପୂର୍ଣ୍ଣକାଳୀନ ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ

ନିଯୁକ୍ତି ସୂଚନା ସଂ. 01/2020-Med/CMP ତା.04.03.2020 ରିଖ

ସେଣ୍ଟ୍ରାଲ ହସ୍ପିଟାଲ, ଭୁବନେଶ୍ୱରଠାରେ ପୂର୍ଣ୍ଣକାଳୀନ ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP)ଙ୍କୁ ନିଯୁକ୍ତି।

ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା, ବୟସ, ପାରିଶ୍ରମିକ, ଦରଖାସ୍ତ ଫର୍ମାଟ ଏବଂ ଅନ୍ୟ ସମ୍ପୂର୍ଣ୍ଣ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ୱେବ୍‌ସାଇଟ୍ ୱେବସାଇଟ୍ http://www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

"ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ, ତାରିଖ ଓ ସମୟ:

| "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ | ରିପୋର୍ଟ କରିବା ତାରିଖ, ସମୟ ଏବଂ "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସମୟ |
| --- | --- |
| ଅଧକ୍ଷଙ୍କ କାର୍ଯ୍ୟାଳୟ, ରେଳ ଭର୍ତ୍ତି ସେଲ୍, ଦ୍ୱିତୀୟ ମହଲା, ସାଉଥ ବ୍ଲକ୍, ରେଳ ଓଦନ, ଭୁବନେଶ୍ୱର-751017 | ତା.20.03.2020ରିଖ 1000 ଘଟିକାରୁ 1030 ଘଟିକା ଇଣ୍ଟରଭ୍ୟୁ 1100 ଘଟିକା ଠାରୁ ଆରମ୍ଭ |

PR-775/K/19-20

ଉପ ମୁଖ୍ୟ କାର୍ମିକ ଅଧିକାରୀ (Gaz)/ଭୁବନେଶ୍ୱର


# କ୍ରିକେଟ ମ୍ୟାଚକୁ ନେଇ ବେଟିଂ, ୩ ଗିରଫ

ଗୁଣପୁର,୮।୩ (ଡି.ଏନ.ଏ): ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚକୁ ନେଇ ବେଟିଂ କରିବା ଅଭିଯୋଗରେ ଗୁଣପୁର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ରାମନାଗୁଡା ବ୍ଲକ ଉକୁମ୍ବା ପଞ୍ଚାୟତ ସୁଭଦ୍ରାପୁର ଅଞ୍ଚଳର ପିଚିକି ଈଶ୍ୱର ରାଓ (୩୬), ଗୁଣପୁର ସହର ଜେଲପେଟାରସାହିର ଦାଡି ରାଜେଶ(୩୦) ଏବଂ ବାଉରିସାହିର ସନ୍ତୋଷ ବାଉରି(୩୫)। ସେମାନଙ୍କଠାରୁ ୧ ଲକ୍ଷ ୨୬ ହଜାର ଟଙ୍କା, ୨ଟି ବାଇକ, ୩ଟି ଏଟିଏମ କାର୍ଡ ଏବଂ ୬ଟି ମୋବାଇଲ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୧୫ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସ୍‌ଡିପିଓ ରାଜକିଶୋର ଦାସ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସହରର ଗାନ୍ଧୀନଗର ଅଞ୍ଚଳରେ ଆଇସିସି ମହିଳା ଟି-୨୦ ବିଶ୍ୱକପ ଫାଇନାଲ ମ୍ୟାଚ ପାଇଁ ଅନଲାଇନରେ ବେଟିଂ ଚାଲିଥିବା ଏସ୍‌ପିଙ୍କ ନିକଟରେ ଖବର ପହଞ୍ଚିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗୁଣପୁର ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଉକ୍ତ ଅଞ୍ଚଳରେ ଚଢାଉ କରାଯାଇଥିଲା। ଘଟଣାସ୍ଥଳରୁ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଫେରାର ହୋଇଯାଇଥିଲେ। ଏମାନଙ୍କ ସମ୍ପର୍କ ହାଇଦ୍ରାବାଦ ଏବଂ ଛତିଶଗଡ଼ର ରାୟପୁର ପର୍ଯ୍ୟନ୍ତ ରହିଥିଲା।


## ପୂର୍ବ ତଟ ରେଳପଥ

### ଇ-କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/KUR/EP/2019-20/79, ତା.02.03.2020ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ http://www.ireps.gov.in ରେ ଅପଲୋଡ୍ କରାଯାଇଛି।

ଟେଣ୍ଡର ସଂ.81205088: ସାମଗ୍ରୀ ଗୁଡ଼ିକର ବିବରଣୀ: ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଏପ୍ରିଲ-2005 କିମ୍ବା ସଦ୍ୟତମର RDSO ବିନିର୍ଦ୍ଦେଶ ନଂ.ELRS/SPEC/PBS/0034, Rev-1 ଅନୁଯାୟୀ WAG-7 ଇଂଜିନ୍(ଲୋକୋମୋଟିଭ) ନିମନ୍ତେ ଟ୍ରିପ୍ଲେଟ୍ (Triplate) ପ୍ୟାନେଲ ମାଉଣ୍ଟେଡ୍ IRAB-9/10 ବ୍ରେକ୍ ସିଷ୍ଟମ୍।, ପରିମାଣ-10 ଗୋଟି।

ବନ୍ଦ ହେବା ତାରିଖ ଓ ସମୟ: ତା.02.04.2020 ରିଖ 1500 ଘଟିକାରେ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-772/K/19-20



## ODISHA UNIVERSITY OF AGRICULTURE AND TECHNOLOGY, BHUBANESWAR

No.80/CL Dated 07.03.2020

**Expression of Interest for RFID**

Odisha University of Agriculture and Technology (OUAT), Bhubaneswar invites sealed Expression of Interest (EOI) from Original Equipment Manufacturers (OEM) or their authorized distributors or vendors/ suppliers with adequate credential for supply, installation and maintaining RFID-based solutions at Central Library, Odisha University of Agriculture and Technology (OUAT), Bhubaneswar.

The detailed information in this regard is available and can be downloaded from the University website: www.ouat.nic.in.

Chief Librarian









୨୦୨୦-୨୧ ବର୍ଷ ପାଇଁ ନାମଲେଖା ଚାଲୁଅଛି

ସରସ୍ୱତୀ ଶିକ୍ଷା ମନ୍ଦିର

ସ୍ଥାପିତ-୨୦୦୧ (ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ)

ନହରକଣ୍ଟା, ଶ୍ରୀ ଜୟଦେବ କଲେଜ ନିକଟ, ଭୁବନେଶ୍ୱର- ୭୫୨୧୦୧

ମୋ: ୯୯୩୮୫୦୭୬୭, ୯୦୯୦୪୫୧୯୯୦

ଶିଶୁ ପ୍ରାରମ୍ଭ: ବୟସ- ୩ବର୍ଷ | ଶିଶୁବୋଧ: ବୟସ- ୪ ବର୍ଷ

ପ୍ରଥମ ଶ୍ରେଣୀଠାରୁ ଦଶମ ପର୍ଯ୍ୟନ୍ତ

ସ୍କୁଲବସ୍‌ର ସୁବିଧା

ବିଶେଷ ସୁବିଧା: କମ୍ପ୍ୟୁଟର ଶିକ୍ଷା, ଚିତ୍ରାଙ୍କନ ଶିକ୍ଷା, ଓଡ଼ିଶୀ ନାଚ, ଗୀତାଜ୍ଞାନ ଓ ଯୋଗଶିକ୍ଷା, ସଙ୍ଗୀତଶିକ୍ଷା

୨୦୧୨-୧୩ଠାରୁ ୨୦୧୮-୧୯ ମାଟ୍ରିକ୍ ପରୀକ୍ଷାର ଶତ ପ୍ରତିଶତ ସଫଳତା

ବି.ଦ୍ର.:- ନାମଲେଖା ପାଇଁ ଶତକଡ଼ା ୨୫ଭାଗ ସ୍ଥାନ ଅନୁସୂଚିତ ଜାତି ଓ ଜନଜାତି ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀ ପାଇଁ ସଂରକ୍ଷିତ।
















See Career Appointment on every Wednesday & Saturday





ନିର୍ବୋଧମାନଙ୍କ ଅଭିଧାନରେ
ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
-ନେପୋଲିୟନ



## ସଂକ୍ଷେପରେ

### ମୋରମ ବୋଝେଇ ୩ ହାଇୱା ଜବତ

ବାରଙ୍ଗ,୮।୩ (ଡି.ଏନ୍.ଏ.)- ବାରଙ୍ଗ ଅଞ୍ଚଳରେ ଦିନକୁ ଦିନ ବେଆଇନ ଭାବେ ମୋରମ ଚୋରା ଚାଲାଣ ବଢ଼ିବାରେ ଲାଗିଛି। ଶନିବାର ବିଳମ୍ବିତ ରାତିରେ ଚନ୍ଦକା ଥାନା ପୋଲିସ ଖୋର୍ଦ୍ଧାଆଡୁ ମୋରମ ନେଇ ଆସୁଥିବା ତିନୋଟି ଗାଡ଼ିକୁ ଜବତ କରିଛି। ପୋଲିସ ପାଟ୍ରୋଲିଂ କରୁଥିବାବେଳେ ନଂ.ଓଡି୦୨-ଏଏଚ-୪୪୧୧, ଓଡି୦୨-ଏଫ-୯୫୨୮, ଓଡି୦୨-ଏଭି-୫୫୧୧ ବିଶିଷ୍ଟ ତିନୋଟି ମୋରମ ବୋଝେଇ ହାଇୱାକୁ ପୋଲିସ ଅଟକାଇଥିଲା। ପରେ ମୋରମ ଆଣିବା ନେଇ କାଗଜପତ୍ର ପୋଲିସ ମାଗିବାବେଳେ ଚାଳକ ଦେଖାଇପାରି ନ ଥିଲେ। ଫଳରେ ଏହି ତିନୋଟି ଗାଡ଼ିକୁ ପୋଲିସ ଜବତ କରି ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇ ଦେଇଛି। ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ମୋଟାଅଙ୍କର ପାଉଣା ଦେଇ ନିର୍ବିଘ୍ନରେ ଏହି ଚୋରା ବ୍ୟବସାୟ ଚାଲୁଥିବାର ସୂଚନା ମିଳିଛି।

### ଦୁଇ ଦିନିଆ ପରିବାର ପଦଯାତ୍ରା ଶେଷ

**ପୁରୁଣା ଭୁବନେଶ୍ୱର, ୮।୩ (ଡି.ଏନ.ଏ.):** କୌଶଲ୍ୟାଗଙ୍ଗ ମଣ୍ଡଳରେ ଭାଜପାର ୨ ଦିନିଆ ପରିବାର ସମ୍ପର୍କ ପଦଯାତ୍ରା ରବିବାର ଅନ୍ତର୍ଜାତୀୟ ମହିଳା ଦିବସରେ ଶେଷ ହୋଇଛି। ମଣ୍ଡଳର ୯ଟି ପଞ୍ଚାୟତର ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ ପାତ୍ର ଘରକୁ ଘର ବୁଲି ଲୋକମାନଙ୍କ ସମସ୍ୟା ବୁଝିଥିଲେ। ପଦଯାତ୍ରା ମାଧମରେ ଅନ୍ତର୍ଜାତୀୟ ମହିଳା ଦିବସ ନିଆରା ଢଙ୍ଗରେ ପାଳନ କରିଥିଲେ। ରାଜଧାନୀ ଉପକଣ୍ଠ ବିଲିପଡା ଗାଁରେ ସେ ମହିଳା ସଶକ୍ତୀକରଣ ସମ୍ପର୍କରେ ବୁଝାଇଥିଲେ। ପରେ କଣ୍ଟାପଡା, କୁଞ୍ଜର ଆଦି ଗାଁକୁ ଯାଇଥିଲେ। ପଦଯାତ୍ରାରେ ଭାଜପାର ଆଶ୍ରିତ ପଟ୍ଟନାୟକ, ଚକ୍ରଧର ପ୍ରଧାନ, ପର୍ଶୁରାମ ମହାପାତ୍ର, ଗୌରାଙ୍ଗ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

### ଛାତ୍ରଙ୍କ ଲୁଟ୍ ମୋବାଇଲ ଜବତ, ୨ ଗିରଫ

**ଭୁବନେଶ୍ୱର, ୮।୩(ବ୍ୟୁରୋ):** ଛାତ୍ରଙ୍କଠାରୁ ଲୁଟ୍ ହୋଇଥିବା ମୋବାଇଲ୍ ଫୋନ୍‌କୁ ପୋଲିସ ଶନିବାର ଜବତ କରିବା ସହ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସାମନ୍ତରାପୁର ମହାବୀରନଗର ଅଞ୍ଚଳର ଅନିଲ କୁମାର ସାହୁ ଓ ପୁରୀ ଜିଲା ଗୋପ ଅଞ୍ଚଳର ସେକ୍ ସାଜିଦ। ସୂଚନା ମୁତାବକ, ନୟାଗଡ଼ ଜିଲାର ବିକାଶ ପ୍ରସାଦ ତ୍ରିପାଠୀ ଶହୀଦନଗର ଥାନା ଅଞ୍ଚଳରେ ଥିବା ଏକ ଘରୋଇ କଲେଜରେ ପାଠ ପଢ଼ନ୍ତି। ଗତ ଜାନୁୟାରୀ ୭ରେ ସେ କ୍ଲାସ ସାରି ଶହୀଦନଗରସ୍ଥିତ ଘରକୁ ଚାଲି ଚାଲି ଫେରୁଥଲେ। ୨ ଅଭିଯୁକ୍ତ ଅନିଲ ଓ ସାଜିଦ୍ ବାଇକରେ ଆସି ତାଙ୍କୁ ଧକ୍କା ମାରି ତାଙ୍କଠାରୁ ମୋବାଇଲ ଛଡାଇ ଫେରାର ହୋଇଯାଇଥିଲେ। ଏ ନେଇ ବିକାଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୭/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ ଫୋନ୍‌କୁ ଟ୍ରାକ କରି ପୋଲିସ ଅଭିଯୁକ୍ତଙ୍କୁ ଠାବ କରିଥିଲା।

### ଖମଙ୍ଗ ଛକରେ ମହିଳା ସମାବେଶ

**ବାଲିଅନ୍ତା,୮।୩ (ଡି.ଏନ୍.ଏ.):** ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ରବିବାର ବାଲିଅନ୍ତା ବ୍ଲକର ଖମଙ୍ଗ ଛକ ନିକଟରେ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲିଙ୍କ ନେତୃତ୍ୱରେ ଆୟୋଜିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ନାରୀନେତ୍ରୀ ସନ୍ଧ୍ୟାରାଣୀ ବିଶ୍ୱାଳ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର, ଅରୁନ୍ଧତୀ ସାହୁ, ଶରତଚନ୍ଦ୍ର ପଟ୍ଟନାୟକ, ବାବୁନି ନାୟକ, ସରପଞ୍ଚ ରଶ୍ମିତା ସାହୁ, ଜୟଶ୍ରୀ ନାୟକ, ପ୍ରଜ୍ଞା ପାରମିତା ଜେନାମଣି, ରମେଶ ଚନ୍ଦ୍ର ପାଳ, ବିଜୟ ସାହୁ, ସୂର୍ଯ୍ୟନାରାୟଣ ଦାସ, ମୀର ନସିର ଅଲ୍ଲୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ବିଜେଡି ପକ୍ଷରୁ ଆୟୋଜିତ ଏହି ସମାବେଶରେ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ।



ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମହିଳାମାନେ ସମାନତା ବାର୍ତ୍ତା ଦେଉଛନ୍ତି।



ପାର୍କ ଉତ୍ସବରେ ଯୁବତୀ ଓ ମହିଳାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ସଚେତନ କଲେ ଅର୍ଚ୍ଚିତା, ନଚେଇଲେ ବର୍ଣ୍ଣାଳୀ

**ଭୁବନେଶ୍ୱର, ୮।୩(ବ୍ୟୁରୋ)**

**ପାର୍କ ଉତ୍ସବରେ ଅନ୍ତର୍ଜାତୀୟ ମହିଳା ଦିବସ**
- ନାଚିଲେ, ଗାଇଲେ, ର୍‌ୟାମ୍ପ୍‌ରେ ଚାଲିଲେ ମହିଳା
- ମାର୍ଚ୍ଚ ୧୫ରେ ଶେଷ ପାର୍କ ଉତ୍ସବ

ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିଛି ପାର୍କ ଉତ୍ସବ। ରାଜ୍ୟ ତଥା ବାହାରେ ନିଜର କଳା ପ୍ରଦର୍ଶନ କରି ରାଜ୍ୟ ପାଇଁ ଗର୍ବ ଆଣିଥିବା ଚଳଚ୍ଚିତ୍ର ଅଭିନେତ୍ରୀ ଅର୍ଚ୍ଚିତା, ଶୀତଲ, କଣ୍ଠଶିଳ୍ପୀ ବର୍ଣ୍ଣାଳୀ ଓ ନେହାଙ୍କ ଯୋଗଦାନରେ ପାର୍କ ଉତ୍ସବ ଉଚ୍ଛୁଳି ଉଠିଥିଲା। ନାଚ ହେଉ କି ନୃତ୍ୟ ଅବା ର୍‌ୟାମ୍ପ ଶୋ ସବୁଠି ମହିଳାଙ୍କ ଯାଦୁଗରି ଦେଖିବାକୁ ମିଳିଥିଲା। ବର୍ତ୍ତମାନ ପୁରୁଷଙ୍କ ପରି ମହିଳାମାନେ ମଧ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଭଲ ପ୍ରଦର୍ଶନ କରୁଛନ୍ତି। କିନ୍ତୁ ସେମାନଙ୍କୁ ପୁରୁଷଙ୍କ ପରି ସାମାଜିକ ପ୍ରଶଂସା ଓ ସମ୍ମାନ ଠିକ୍ ଢଙ୍ଗରେ ମିଳୁନାହିଁ। ସମାଜରେ ମହିଳାଙ୍କୁ ସାମାଜିକ ସମ୍ମାନ ମିଳିବା ଆବଶ୍ୟକ ବୋଲି ସେମାନେ କହିଥିଲେ।

ବିଜୁ ପଟ୍ଟନାୟକ ଓ ଖାରବେଳନଗର ପାର୍କରେ ଅନୁଷ୍ଠିତ ପାର୍କ ଉତ୍ସବ ମହିଳାଙ୍କ ପାଇଁ ଉତ୍ସର୍ଗୀକୃତ ଥିଲା। ଏହାକୁ ସ୍ମରଣୀୟ କରିବା ପାଇଁ ମହିଳା ଅଂଶଗ୍ରହଣକାରୀଙ୍କ ପାଇଁ ନୃତ୍ୟ, ଗୀତ, ଚିତ୍ର, ର୍‌ୟାମ୍ପ ଚାଲିବା ପରି ବହୁ ସୃଜନଶୀଳ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମ୍ରିଲାନି ନନ୍ଦା ଓ ପୁରବାଶା ମଲିକ ମହିଳା ଦିବସ ବାର୍ତ୍ତାର ବିଷୟବସ୍ତୁ ସହ ୫ ମିନିଟର ଅଭିନୟ କରିଥିଲେ। ସାଇ ୱାର୍ଲ୍ଡ ଅଫ୍ ଡ୍ୟାନ୍ସ ସ୍କୁଲ୍‌ର ସିମିଲାରୀ ଓ ଲିଟିଲ୍ ଷ୍ଟାର୍ସ ଗ୍ରୁପ୍‌ର ଶିଶୁ କଳାକାରଙ୍କ ଚମତ୍କାର ପ୍ରଦର୍ଶନ ଦର୍ଶକଙ୍କୁ ଆକର୍ଷିତ କରିଥିଲା।

ଏହି ଅବସରରେ ଡିଆର୍‌ପି ଆର୍ଟ ଲାଇଫ୍‌ର ଶିଳ୍ପୀମାନେ କାଠଗୁଣ୍ଡରେ ତୁଳସୀ ମୁଣ୍ଡା, ରମା ଦେବୀ, ଦୂତୀ ଚାନ୍ଦଙ୍କ ଚିତ୍ର ଆଙ୍କି ଜୀବନ୍ତ ରୂପ ଦେଇଥିଲେ। ଦୁଇ ପାର୍କରେ ଯୋଗ, ଧ୍ୟାନ, ଚିତ୍ରାଙ୍କନ, କାହାଣୀ, ସଙ୍ଗୀତ ଓ ନୃତ୍ୟ ଆଦି ବହୁ କାର୍ଯ୍ୟକ୍ରମରେ ଶିଶୁଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ଭାଗ ନେଇଥିଲେ। ଏହାବ୍ୟତୀତ ଖାରବେଳ ପାର୍କରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୫ ତାରିଖରେ ଆଇଜି ପାର୍କ ଓ ମଧୁସୂଦନ ପାର୍କରେ ଶେଷ ପାର୍କ ଉତ୍ସବ ଅନୁଷ୍ଠିତ ହେବ।



ପାର୍କ ଉତ୍ସବରେ ଜଣେ ଯୁବତୀ ର୍‌ୟାମ୍ପ ଶୋ'ରେ ଚାଲୁଛନ୍ତି।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସାନ ଥିଲେ ପଚାରି**
**ବଡ଼ ଥିଲେ ବିଚାରି।**

ବୟସରେ ସାନ ହେଲେ ମଧ ତାଙ୍କ କଥାକୁ ଟାଳି ନ ଦେଇ ବିଚାର କରିବା ଉଚିତ। ସେହିପରି ବୟସ୍କ ବ୍ୟକ୍ତି ବହୁ ଅଭିଜ୍ଞତା ହାସଲ କରିଥାନ୍ତି। କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ତାଙ୍କ ମତାମତ ବା ପରାମର୍ଶ ଗ୍ରହଣ କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସମସ୍ତଙ୍କ ସହ ବିଚାରବିମର୍ଶ କରିବା ଜରୁରୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହାଟର କନିଆ ବାଟର ବର**
**ଧରିଆଣି ବିଭାଘର କର।**

ସାଧାରଣତଃ ପୁଅ ହେଉ ବା ଝିଅ ବାହାହେବା ପୂର୍ବରୁ ଅନେକ ଧାଁଧଉଡ଼ କରିବାକୁ ପଡ଼ିଥାଏ। ଝିଅର ସଂସ୍କାର, ଚାଲିଚଳଣ ତଥା ପୁଅର ଗୁଣଗ୍ରାମ, ଚାକିରି ଘର ପରିବାର ବିଷୟରେ ଟିକିନିଖି ଜାଣି ପରଖି ପସନ୍ଦ ଆସିଲେ ଯାଇ ବାହାଘର କରାଯାଏ। ତେବେ ଏଥିରେ ବ୍ୟତିକ୍ରମ ଘଟି ବେଳେ ବେଳେ ଅଚାନକ ଭାବେ ବାହାଘର ସ୍ଥିର ହୋଇଯାଉଥିବା ଦେଖିବାକୁ ମିଳିଥାଏ। ହାଟସଉଦା କରିବାକୁ ଯାଇ କନିଆଁ ପସନ୍ଦ କରି ବାହା ହେବା ଭଳି ହଠାତ୍ ବୁଝାବୁଝି ବିଭାଘର ଅନୁଷ୍ଠିତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃ ଲିଃ

# ପ୍ରତ୍ୟେକ ମହିଳା ସଚେତନ, ଶିକ୍ଷିତା ହେବା ଜରୁରୀ

**ଭୁବନେଶ୍ୱର, ୮।୩ (ବ୍ୟୁରୋ)**

ଲିଙ୍ଗଭିତ୍ତିକ ସମାନତା ସମାଜ ଗଠନ ପାଇଁ ପ୍ରତ୍ୟେକ ମହିଳା ଓ ଯୁବତୀ ଶିକ୍ଷିତ ହେବା ଜରୁରୀ। ସେମାନଙ୍କ ପ୍ରତି ହେଉଥିବା ହିଂସା ଦୂର ପାଇଁ ମହିଳାମାନେ ଚୁପ୍ ନ ରହି ସ୍ୱର ଉତ୍ତୋଳନ କରିବା ଦରକାର ବୋଲି ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି। ରବିବାର ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ମହିଳା ଦିବସ ପାଳିତ ହୋଇଯାଇଛି। ଓଜସ୍ୱୀ ଫାଉଣ୍ଡେଶନ ପକ୍ଷରୁ ୟୁନିଟ୍-୬ ସରକାରୀ ଉଚ୍ଚବିଦ୍ୟାଳୟ ଆବାସିକ ଛାତ୍ରୀ ନିବାସରେ 'ସୁରକ୍ଷା ଓ ସଚେତନତା' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ସ୍ୱାବଲମ୍ବୀ, ସାହସୀ ଏବଂ ଆତ୍ମ ନିର୍ଭରଶୀଳ କରିବା ପାଇଁ ବିଶିଷ୍ଟ ବ୍ୟକ୍ତିମାନେ ଆହ୍ୱାନ ଦେଇଥିଲେ। ସେହିଭଳି ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ୍) ଦ୍ୱାରା ଉତ୍କଳ କରାଟେ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ୧୦୦ ବସ୍ତିରୁ ୧୫୦ରୁ ଅଧିକ ବାଳିକା, ମହିଳାଙ୍କ ସହ ପ୍ରଗତି ସାଥୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଲିଙ୍ଗଗତ ସମାନତା ବିଷୟକୁ ନେଇ ବାଳିକା ଓ ଯୁବକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାବ୍ୟତୀତ ବାଳିକା ଓ ମହିଳାଙ୍କ ପାଇଁ ଜୋନ୍ ସ୍ତରୀୟ କ୍ରିକେଟ୍ ଏବଂ କବାଡି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଦିନତମାମ ପଟିଆସ୍ଥିତ ଜୟଦେବ ଶିକ୍ଷାକେନ୍ଦ୍ରରେ ସଂସଦ ପକ୍ଷରୁ ମହିଳା ସଶକ୍ତୀକରଣ ଉପରେ କବିତା ପାଠ, ଆଲୋଚନାଚକ୍ର ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବହୁ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଏକକ ନାଟକ ପରିବେଷିତ ହୋଇଥିବାବେଳେ ମହିଳାଙ୍କୁ ସେମାନଙ୍କ ଅଧିକାର ଉପରେ ସଚେତନ କରାଯାଇଥିଲା। ସିସିଡବ୍ଲୁଡି, ଆକ୍ସନ୍‌ଏଡ୍ ଓ ଏଚ୍‌ପି ପକ୍ଷରୁ ପଥରବନ୍ଧ ବସ୍ତିଠାରେ ମହିଳା ଦିବସ ପାଳନ ଅବସରରେ ରଙ୍ଗୋଲି, ଶପଥ ପାଠ, ମାନବ ଶୃଙ୍ଖଳ ଓ ହାତଛପା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ରାଜଧାନୀର ବିଭିନ୍ନ ବସ୍ତି ଅଞ୍ଚଳରୁ ମହିଳା ମଣ୍ଡଳ ସଦସ୍ୟା, ଅଣସଂଗଠିତ ଶ୍ରମିକ ମଞ୍ଚ ଓ ଭୁବନେଶ୍ୱରର ୟଙ୍ଗ ଅର୍ବାନ ୱିମେନ ଫୋରମର ପ୍ରତିନିଧିମାନେ ଯୋଗଦାନ ଥିଲେ।

# ଛାତ୍ରଙ୍କୁ ଭୁଜାଲିରେ ଆକ୍ରମଣ ଘଟଣା, ଜଣେ ଗିରଫ
## ■ ସହଯୋଗୀଙ୍କ ସମେତ ୨ ନାବାଳକଙ୍କୁ ଖୋଜୁଛି ପୋଲିସ

**ଭୁବନେଶ୍ୱର,୮।୩(ବ୍ୟୁରୋ)**

ସାମାନ୍ୟ ବଚସାକୁ କେନ୍ଦ୍ରକରି ନୟାପଲ୍ଲୀ ଥାନା ଆଇଆରସି ଭିଲେଜ ସାଇମନ୍ଦିର ନିକଟରେ ଜଣେ ଛାତ୍ରଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜଗତ୍‌ସିଂପୁର ତିରତୋଲ ଅଞ୍ଚଳର ସଞ୍ଜୟ କୁମାର ନାୟକ(୨୦)। ଏହି ଘଟଣାରେ ସଞ୍ଜୟଙ୍କ ସହଯୋଗୀ ଓ ଅନ୍ୟ ୨ ଜଣ ନାବାଳକଙ୍କୁ ଧରିବା ନେଇ ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ ବାଜପେୟୀ ନଗର ଅଞ୍ଚଳରେ ଆକ୍ରମଣର ଶିକାର ଛାତ୍ର ଅନନ୍ତ ମହାନ୍ତି ରୁହନ୍ତି। ଗତ ଶୁକ୍ରବାର ସନ୍ଧ୍ୟା ୮ଟାରେ ସେ ଟିଉସନ୍ ସାରି ଘରକୁ ଫେରୁଥିବାବେଳେ ସାଇ ମନ୍ଦିର ଦେଇ ବାଇକରେ ଯାଉଥିବା ୨ଜଣ ନାବାଳକ ଅଶ୍ଳୀଳ ଭାଷାରେ ଗାଳିଗୁଳଜ କରି ଯାଉଥିଲେ। ଏହାକୁ ଅନନ୍ତ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ହାତାହାତି ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଦୁଇ ନାବଳକ ଫୋନ୍ କରି ଅଭିଯୁକ୍ତ ସଞ୍ଜୟଙ୍କୁ ଡକାଇଥିଲେ। ସଞ୍ଜୟ ସହଯୋଗୀଙ୍କ ସହ ଭୁଜାଲି ଧରି ଘଟଣାସ୍ଥଳରେ ପହଞ୍ଚି ଅନନ୍ତଙ୍କୁ ଭୁଜାଲିରେ ହାଣି ଫେରାର ହୋଇଯାଇଥିଲେ। ଏ ନେଇ ଅନନ୍ତଙ୍କ ପରିବାର ଲୋକ ଅଭିଯୋଗ କରିବା ପରେ ପୋଲିସ ନଂ.୧୨୬/୨୦ରେ ମାମଲା ରୁଜୁ କରି ସଞ୍ଜୟଙ୍କୁ ଗିରଫ କରିଥିଲା। ରବିବାର କୋର୍ଟ ଚାଲାଣ ପରେ ଜାମିନ ଖାରଜ ହେବାରୁ ସଞ୍ଜୟଙ୍କୁ ଜେଲ ଯିବାକୁ ପଡିଛି। ପ୍ରକାଶ ଥାଉକି ଅଭିଯୁକ୍ତ ସଞ୍ଜୟଙ୍କ ପିତା କୃଷ୍ଣ ନାୟକଙ୍କ ନୟାପଲ୍ଲୀ ଅଞ୍ଚଳରେ ରହୁଥିବା ଜଣେ ଭେଟେରାନ କ୍ରିମିନାଲ ତାରିଣୀଙ୍କ ସହ ପୂର୍ବରୁ ଶତ୍ରୁତା ରହିଥିଲା। ୨୦୧୩ରେ ଅଭିଯୁକ୍ତ ସଞ୍ଜୟଙ୍କ ଉପର ଦୁଇ ଭାଇ ତାରିଣୀ ଗ୍ୟାଙ୍ଗର ଜଣେ ଯୁବକଙ୍କୁ ହତ୍ୟା କରିବା ମାମଲାରେ ସମ୍ପୃକ୍ତି ନେଇ ପୂର୍ବରୁ ଜେଲ ଯାଇଥିଲେ। ପରେ ପୂର୍ବ ଶତ୍ରୁତାରୁ କେନ୍ଦ୍ର କରି ତାରିଣୀ ଅଭିଯୁକ୍ତ ସଞ୍ଜୟଙ୍କ ପିତା କୃଷ୍ଣ ନାୟକଙ୍କୁ ହତ୍ୟା କରିବା ମାମଲାରେ ସଂପୃକ୍ତି ନେଇ ଜେଲ ଯାଇଥିଲେ।

### ବିଶ୍ୱ ମହିଳା ଦିବସ ପାଳନ

**କଟକ ରୋଡ,୮।୩ (ଡି.ଏନ୍.ଏ.)**

ବଡ଼ଗଡ଼ସ୍ଥିତ ନେତାଜୀ ଯୁବକ ସଂଘ ପରିସରରେ ରବିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଯୁବକ ସଂଘ ସଭାପତି ସନ୍ତୋଷ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୫୭ ନଂ ୱାର୍ଡ ଅଞ୍ଚଳରେ ଥିବା ପ୍ରାୟ ୬୫ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏସ୍‌ଜି) ଗ୍ରୁପ ପକ୍ଷରୁ ତିଆରି କରାଯାଇଥିବା ବିଭିନ୍ନ ଘରକରଣା ସହ ଅନ୍ୟାନ୍ୟ ସାମଗ୍ରୀର ଷ୍ଟଲକୁ ମନ୍ତ୍ରୀ ପଣ୍ଡା ବୁଲି ଦେଖିବା ସହ ସବୁବେଳେ ମହିଳାମାନେ ସ୍ୱାବଲମ୍ବୀ ହେବା ଜରୁରୀ ବୋଲି ପରାମର୍ଶ ଦେଇଥିଲେ।

### ନିର୍ଯାତନା ଦେଇ ସ୍ୱାମୀ ଗିରଫ

**କଟକ ରୋଡ,୮।୩ (ଡି.ଏନ୍.ଏ.)**

ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ରବିବାର ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଗୋଲାବାରି ଅଞ୍ଚଳର ନାଲୁ ସାହୁ। ଗତ କିଛିଦିନ ଧରି ନାଲୁ ନିଜ ସ୍ତ୍ରୀଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦେଇ ଆସୁଥିଲେ। ଗତ ଶୁକ୍ରବାର ରାତିରେ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ଥାନାରେ ମାମଲା ନଂ.୭୩/୨୦ ରୁଜୁ କରି ନାଲୁଙ୍କୁ ଧରିଥିଲେ।

# ଚୋରି ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୮।୩ (ବ୍ୟୁରୋ)**

ଭୁବନେଶ୍ୱର ରେଲୱେ ଷ୍ଟେଶନ ପରିସରରେ ଥିବା ପ୍ରତିକ୍ଷାଳୟ ରୁମରୁ ଚୋରି ମୋବାଇଲକୁ ଜିଆରପି ଥାନା ପୋଲିସ ଶନିବାର ଜବତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳର ମାନସ ରଞ୍ଜନ ନାୟକ। ସୂଚନା ମୁତାବକ, ହାଇଦ୍ରାବାଦର ଟି. ସୀମା ତାଙ୍କ ପରିବାର ସହ ଭୁବନେଶ୍ୱର ଓ ପୁରୀ ବୁଲିବାକୁ ଆସିଥିଲେ। ବୁଲାବୁଲି ସାରି ଫେରିବା ନେଇ ଶୁକ୍ରବାର ରାତିରେ ଭୁବନେଶ୍ୱର ଷ୍ଟେସନ ପରିସରରେ ଥିବା ପ୍ରତୀକ୍ଷାଳୟରେ ଟ୍ରେନକୁ ଅପେକ୍ଷା କରିଥିଲେ। ତାଙ୍କର ଭ୍ୟାନିଟି ବ୍ୟାଗ ଭିତରେ ମୋବାଇଲ ରଖି ଚାର୍ଜରେ ବସାଇଥିଲେ। ମଉକା ଦେଖି ଅଭିଯୁକ୍ତ ମାନସ ତାଙ୍କ ଭ୍ୟାନିଟି ବ୍ୟାଗ ସମେତ ମୋବଇଲ ଚୋରି କରି ଫେରାର ହୋଇଯାଇଥିଲା। ଏ ନେଇ ସୀମା ଜିଆରପି ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୪୯/୨୦ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ସିସିଟିଭି ଫୁଟେଜ ସହ ଚୋରି ମୋବଇଲକୁ ଟ୍ରାକ କରି ପୋଲିସ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଥିଲା। ଏଥିସହ ତାଙ୍କ ନିକଟରୁ ୨ଟି ମୋବାଇଲ ଓ ଗୋଟିଏ ଏଟିଏମ କାର୍ଡ ଜବତ କରିଥିଲା।

# ମିଶନ ଶକ୍ତି ମହିଳାମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି

**ପୁରୁଣା ଭୁବନେଶ୍ୱର, ୮।୩ (ଡି.ଏନ.ଏ.)**

ମିଶନ ଶକ୍ତି ମହାସଂଘ ଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ହେବା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରନ୍ତି। ବିଏମସିର ୬୦ ନଂ. ୱାର୍ଡର ଶକ୍ତିସୁଧା ମିଶନ ଶକ୍ତି ମହାସଂଘ ପକ୍ଷରୁ ମହିଳା ଦିବସ ସ୍ଥାନୀୟ ରବି ଟକିଜ ଛକ ନିକଟସ୍ଥ ଏକ କଲ୍ୟାଣ ମଣ୍ଡପରେ ପାଳିତ ହୋଇଯାଇଛି। ଅନୁଷ୍ଠିତ ପ୍ରତିଯୋଗିତାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୪୫ ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଖୋର୍ଦ୍ଧା ଜିଲାପାଳ ହୃଷୀକେଶ ତ୍ରିପାଠୀ, ବିଜେଡି ରାଜ୍ୟ ଯୁବ ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା, ଏକାମ୍ର ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଧୀରେନ ପଟ୍ଟନାୟକ ଉପସ୍ଥିତ ଥିଲେ। ମହାସଂଘର ସଭାନେତ୍ରୀ ପ୍ରତିଭା ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା ଅନ୍ନପୂର୍ଣ୍ଣା ବାରିକ ବିବରଣୀ ପାଠ କରିଥିଲେ। ସୂର୍ଯ୍ୟପ୍ରଭା ମେକାପ ଧନ୍ୟବାଦ ଦେଇଥିଲେ।

# ଆଖଣ୍ଡଳେଶ୍ୱର ଦେବଙ୍କ ଦୋଳ ଉତ୍ସବ

**ବାଲିଅନ୍ତା,୮।୩ (ଡି.ଏନ୍.ଏ.)**



ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ଅଞ୍ଚଳର ଆରାଧ୍ୟ ଠାକୁର ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଦୋଳ ଉତ୍ସବ ଗତ ୩ଦିନ ଧରି ଚାଲିଛି। ପ୍ରତିଦିନ ରାତିରେ ଆଖଣ୍ଡଳେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ଏକ ସୁସଜ୍ଜିତ ଦୋଳ ବିମାନରେ ଆସି ବ୍ରାହ୍ମଣ ଶାସନର ୪୦ଟି ପରିବାରଙ୍କ ଘରୁ ଭୋଗ ଖାଇଥାନ୍ତି। କେବଳ ୪୦ଟି ବ୍ରାହ୍ମଣ ପରିବାରଙ୍କ ଘରେ ଠାକୁର ଭୋଗ ଖାଇବାର ବିଧି ରହିଛି। ୫ଦିନ ଧରି ଭୋଗରେ ୫୦ପ୍ରକାର ମିଠା, ଫଳମୂଳ, ଉଖୁଡ଼ା, ନଡ଼ିଆ ଆଦି ଲାଗି କରାଯାଇଥିଲା। ପୂର୍ଣ୍ଣିମା ଦିନ ଗ୍ରାମର ଝୁଲଣ ମଣ୍ଡରେ ମହାଦେବଙ୍କ ଚଳନ୍ତି ପ୍ରତିମା ବିଜେ ହୋଇ ଝୁଲିଥାନ୍ତି। ଏହି ଦିନ ସକାଳେ ହରଡ଼ କାଠିକୁ ଘଷାଯାଇ ଉପନ୍ନ ନିଆଁରେ ମେଣ୍ଢା କୁଡ଼ିଆ ପୋଡ଼ାଯାଇଥାଏ। ସନ୍ଧ୍ୟାରେ ୨ଟି ହଣ୍ଡାରେ ଭାଙ୍ଗପଣା ଠାକୁରଙ୍କ ପାଖରେ ଲାଗିହେବା ପରେ ଲୋକଙ୍କୁ ବଣ୍ଟାଯାଇଥାଏ। ହୋଲି ରାତିର ଭୋର ୫ଟାରେ ଠାକୁରଙ୍କ ଯମୁନା ସ୍ନାନ ନୀତି ଅନୁଷ୍ଠିତ ହୋଇଥାଏ। ମହାଦେବଙ୍କ ଚଳନ୍ତି ପ୍ରତିମାକୁ କୁଶଭଦ୍ରା ନଦୀରେ ଖୋଳାଯାଇଥିବା ନୂଆ ଚୁଆରେ ସ୍ନାନ କରାଯାଇଥାଏ। ପରେ ଠାକୁରଙ୍କୁ ମନ୍ଦିର ଅଭିମୁଖେ ନିଆଯାଇଥାଏ। ମହାଦେବଙ୍କୁ ସମ୍ମାନ ଜଣାଇ ଏହି ପ୍ରତାପରୁଦ୍ରପୁରର ୬ଟି ସାହିର ଲୋକେ ହୋଲି ଖେଳନ୍ତି ନାହିଁ ବୋଲି ଗ୍ରାମର ରାଧାକାନ୍ତ ନନ୍ଦ କହିଛନ୍ତି।

# ଏକାମ୍ର କ୍ଷେତ୍ର ଉଚ୍ଛେଦ ସ୍ଥଳରେ ଉଠା ଦୋକାନୀ

**ପୁରୁଣା ଭୁବନେଶ୍ୱର, ୮।୩ (ଡି.ଏନ.ଏ.)**



ଏକାମ୍ର କ୍ଷେତ୍ର ଉଚ୍ଛେଦସ୍ଥଳରେ ହୋଇଥିବା ଉଠାଦୋକାନୀ।

ଏକାମ୍ର କ୍ଷେତ୍ରର ବିକାଶ ଓ ସୌନ୍ଦର୍ଯ୍ୟକରଣ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇ ସେଠାରେ ସିମେଣ୍ଟ ଟାଇଲ ବିଛା ଯାଇଥିଲା। ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ପ୍ଲାଷ୍ଟିକ କୁଣ୍ଡରେ ଭଳିକିଭଳି ଗଛ ଲଗା ଯାଇଥିଲା। ସାଧାରଣ ଟ୍ରାଫିକ ସମସ୍ୟା, ଉଚ୍ଛେଦ ସ୍ଥଳ ଓ ଦେବୀପାଦହରା ତଳ ବଜାର ନିକଟରେ ପୂର୍ବରୁ ଯେଉଁଭଳି ଉଠା ଦୋକନୀମାନଙ୍କ ସମସ୍ୟା ଲାଗି ରହିଥିଲା ଏବେ ତାହାଠାରୁ ଅଧିକ ବଢି ଯାଇଛି। ପ୍ରଶାସନ ପକ୍ଷରୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ଉପଲକ୍ଷେ ସାଧାରଣ ଲୋକଙ୍କୁ ପାର୍କିଂ ପକେଟମାର ପ୍ରତି ସଚେତନ କରିବା ଉଦ୍ଦେଶ୍ୟରେ ହୋର୍ଡିଂମାନ ଲଗା ଯାଇଥିଲା। ବେଆଇନ ଭାବେ ପାର୍କିଂ ଜରିମାନା ଦେବାକୁ ପଡିବ ବୋଲି ହୋର୍ଡିଂମାନ ଲଗାଯାଇଥିଲା। ଅଳିଆ ନ ପକାଇବାକୁ ମଧ୍ୟ କୁହାଯାଇଥିଲା। ହେଲେ ଏସବୁର ତଦାରଖ କିଏ କରିବ, ଫାଇନ କିଏ ଆଦାୟ କରିବ ତାହାକୁ ଅଧିକାରୀମାନେ ପାସୋରି ଗଲେଣି। ଯେଉଁଠାରେ କଟକଣା ହୋର୍ଡିଂ ଲଗାଯାଇଥିଲା ସେଠାରେ ଆଇନକୁ ଆଖିଠାର ମାରି ଗୁପଚୁପ, ଦହିବରା, ଆଇସକ୍ରିମ ଠେଲା ଗାଡିରେ ବ୍ୟବସାୟୀମାନେ ଆଣି ପସରା ମେଲାଇ ବିକ୍ରୟ କରୁଛନ୍ତି। ବିଏମସି କର୍ମଚାରୀ ଓ ପୋଲିସ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ଅଜଥା ଉଠା ଦୋକାନୀଙ୍କ ରୋଷର ଶିକାର ହେବାକୁ ଚାହୁଁ ନାହିଁ। ଏଣୁ ସାଧାରଣ ଛୋଟଛୋଟ ସମସ୍ୟା ଦୂର କରି ଟ୍ରାଫିକ୍ ଓ ଉଠାଦୋକାନୀଙ୍କ ଯୋଗୁ ଉପୁଜୁ ଥିବା ସମସ୍ୟା ଦୂର କରିବାକୁ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏହାସହ କଟକଣା ନେଇ ଲଗା ଯାଇଥିବା ହୋର୍ଡିଂ ଅନୁଯାୟୀ ଫାଇନ ଆଦାୟ ସହ ବିଦ୍ୟୁତ୍ ଅଫିସ ଛକ ଓ ବଢେଇବାଙ୍କ ଛକ ପରି ଜାଗାକୁ ଉଠା ଦୋକାନୀ ମୁକ୍ତ କରିବାକୁ ସ୍ଥାନୀୟ ବାସିନ୍ଦା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ସ୍ଥାନୀୟ ଲୋକଙ୍କ ମତରେ କେବଳ ଉଚ୍ଛେଦ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରଶାସନ ଚୁପ ହୋଇ ବସିଲେ ଏକାମ୍ର କ୍ଷେତ୍ରର ବିକାଶ ଓ ସୌନ୍ଦର୍ଯ୍ୟକରଣ ଅଧୁରା ରହିଯିବ।



ଭାଇଜାନ୍ ସଲ୍‌ମାନ ଖାନ୍ ତାଙ୍କ ଭଉଣୀ ଅର୍ପିତାଙ୍କ ପିଲାମାନଙ୍କ ସହ ବେଶ୍ କୌତୁକିଆ ଢଙ୍ଗରେ ବେଳେବେଳେ ନଜରକୁ ଆସନ୍ତି। ଏଥର ତାଙ୍କ ଜନ୍ମଦିନ ଅବସରରେ ଅର୍ପିତା ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ଭାଣିଜୀଙ୍କ ସହ ସଲ୍‌ମାନଙ୍କର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏବେ ଅର୍ପିତା ଏମିତି ଏକ ଭିଡିଓ ଶେୟାର କରିଛନ୍ତି। ଉକ୍ତ ଭିଡିଓରେ ସଲ୍‌ମାନ, ଭାଣିଜୀ ଆୟତଙ୍କୁ କିସ୍ କରୁଥିବା ଦେଖିବାକୁ ମିଳିଛି। ଅର୍ପିତା ଏହି ଭିଡିଓ ଶେୟାର କରିବା ସହ ଲେଖିଛନ୍ତି, ମାମୁ ଆମେ ତୁମକୁ ବହୁତ ଭଲପାଉ। ଯଦିଓ ଆୟତ ଏବେ କଥା କହିନାହାନ୍ତି ହେଲେ ତାଙ୍କର ଭାବନାକୁ ମାଆ ଅର୍ପିତା ଶେୟାର କରିଛନ୍ତି ବୋଲି କୁହାଯାଉଛି।



# ଟ୍ରାନ୍ସପ୍ଲାଣ୍ଟ ପରେ ବଦଳିଲା ହାତର ସ୍କିନଟୋନ






**ପୁଣେ:** ଚିକିତ୍ସା ବିଜ୍ଞାନର ଅନ୍ୟତମ ଚମତ୍କାରିତା ହେଉଛି ଅଙ୍ଗ ପ୍ରତିରୋପଣ। ଏହାଦ୍ୱାରା ଅନେକ ଦୁର୍ଘଟଣାଗ୍ରସ୍ତ ରୋଗୀ ପାଉଛନ୍ତି ନୂଆ ଜୀବନ। ତେବେ 'ଇଣ୍ଟର ଜେଣ୍ଡର ହ୍ୟାଣ୍ଡ ଟ୍ରାନ୍ସପ୍ଲାଣ୍ଟେଶନ'ର ଏକ ବିରଳ ମାମଲା ଆସିଛି ମହାରାଷ୍ଟ୍ର ରାଜ୍ୟର ପୁଣେରୁ। ଦୁର୍ଘଟଣାରେ ଦୁଇ ହାତ ହରାଇଥିବା ଜଣେ ଯୁବତୀଙ୍କ ପ୍ରତିରୋପଣ କରାଯାଇଥିବା ହାତର ରଙ୍ଗ କଳାରୁ ଗୋରା ହୋଇଯାଇଛି। ଏହି ଘଟଣା ଡାକ୍ତର, ବିଶେଷଜ୍ଞଙ୍କୁ ଚକିତ କରିଦେଇଥିବାବେଳେ ଏହାକୁ ନେଇ ଆରମ୍ଭ ହୋଇଛି ଗବେଷଣା।

ଶ୍ରେୟା ସିଦ୍ଦନାଗୋଦର। ଏହି ୨୧ବର୍ଷୀୟା ଯୁବତୀଙ୍କ ଜୀବନରେ ୨୦୧୬ରେ ଘୋଟି ଆସିଥିଲା ଦୁଃଖର କଳାବାଦଲ। ଏକ ଦୁର୍ଘଟଣାର ଶିକାର ହେବା ପରେ ଦୁଇହାତ ହରାଇଥିଲେ ଶ୍ରେୟା। ଏହାପରେ ୨୦୧୭ରେ ତାଙ୍କର ଇଣ୍ଟର ଜେଣ୍ଡର ହ୍ୟାଣ୍ଡ ଟ୍ରାନ୍ସପ୍ଲାଣ୍ଟେଶନ କରାଯାଇଥିଲା। କୋଚିର ଅମୃତା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ)ରେ ଏହି ଜଟିଳ ଅସ୍ତ୍ରୋପଚାର କରାଯାଇଥିଲା। ଏ ନେଇ ଶ୍ରେୟା କୁହନ୍ତି, ଜଣେ ଦକ୍ଷିଣ ଭାରତୀୟ ଯୁବକଙ୍କ ହାତ ତାଙ୍କ ଦେହରେ ପ୍ରତିରୋପଣ କରାଯାଇଥିଲା। ଅସ୍ତ୍ରୋପଚାର ସଫଳ ହୋଇଥିଲେ ମଧ୍ୟ ଉକ୍ତ ଦୁଇ ହାତ ନିଜର ବୋଲି ଅନୁଭବ ହେଉ ନ ଥିଲା। ଏହାକୁ ନେଇ ସେ ଚିନ୍ତିତ ଥିଲେ। ପ୍ଲାଷ୍ଟିକ୍ ସର୍ଜରି କରିବା କଥା ମଧ୍ୟ ଚିନ୍ତା କରିଥିଲେ। ହେଲେ ହଠାତ୍ ହାତର ରଙ୍ଗ ବଦଳିବାକୁ ଲାଗିଲା। ଏବେ ଏହା ଦେହର ରଙ୍ଗ ସହିତ ସମ୍ପୂର୍ଣ୍ଣ ମିଶିଯାଇଛି। କେବଳ ସେତିକି ନୁହେଁ, ଆଙ୍ଗୁଠି ଏବଂ ହାତର ଗଠନ ମଧ୍ୟ ବଦଳିଯାଇଛି। ଏହାକୁ ନେଇ ସେ ବେଶ୍ ଖୁସି ଥିବା କହିଛନ୍ତି। ଅପରେଶନ ଟିମ୍‌ର ପ୍ରମୁଖ ସଦସ୍ୟ ମୋହିତ ଶର୍ମା କୁହନ୍ତି, ଯୁବତୀଙ୍କ ହର୍‌ମୋନର ପ୍ରଭାବରେ ହାତର ସ୍କିନ୍‌ଟୋନ୍‌ରେ ଏପରି ପରିବର୍ତ୍ତନ ଆସିଥିବା ଅନୁମାନ କରାଯାଉଛି। ସାରା ଦୁନିଆରେ ୨୦୦ରୁ ଊର୍ଦ୍ଧ୍ୱ ହାତ ପ୍ରତିରୋପଣ ହୋଇଛି। ହେଲେ ଏପରି ଘଟଣା ବିରଳରୁ ବିରଳତମ। ସମ୍ଭବତଃ ଏହା ପ୍ରଥମ ବୋଲି ଡା. ମୋହିତ କହିଛନ୍ତି। ଏମ୍ସର ପ୍ଲାଷ୍ଟିକ ସର୍ଜରି ବିଭାଗର ମୁଖ୍ୟ ଡା. ସୁବ୍ରମଣ୍ୟମ୍ ଆୟାର କହିଛନ୍ତି, ହାତ ପ୍ରତିରୋପଣ ସମ୍ପର୍କିତ ଦୁଇଟି ଘଟଣା ସାଇଣ୍ଟିଫିକ୍ ଜର୍ନାଲରେ ପ୍ରକାଶିତ କରିବାକୁ ଚାହୁଁଛୁ। ଶ୍ରେୟାଙ୍କ ହାତର ରଙ୍ଗ ପରିବର୍ତ୍ତନ ହେବା ଏକ ରେକର୍ଡ। ହେଲେ ଆଙ୍ଗୁଠି ସମେତ ହାତର ଗଠନ ବି ବଦଳିଯିବା ଆଶ୍ଚର୍ଯ୍ୟଜନକ। ଏହାକୁ ଜାଣିବାକୁ ହେଲେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

# ଫୁଲ ସଂଗ୍ରହ କରି ମହିଳା ତିଆରି କରିଛନ୍ତି ପ୍ରାକୃତିକ ରଙ୍ଗ

**ରାୟପୁର:** ଛତିଶଗଡ଼ ସରକାରଙ୍କ 'ବିହାନ' ଯୋଜନାରେ ସେରିଖେଡିଠାରେ ଥିବା ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହୋଲି ପର୍ବ ପାଇଁ ଫୁଲରେ ତିଆରି କରିଛନ୍ତି ପ୍ରାକୃତିକ ରଙ୍ଗ। ଏମାନେ ଏସବୁ ଫୁଲ ମନ୍ଦିର, ବିବାହ ମଣ୍ଡପ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଘରେ ବ୍ୟବହାର ହୋଇସାରିଥିବା ଫୁଲକୁ ସଂଗ୍ରହ କରି ତିଆରି କରିଥିବା କୁହନ୍ତି। ଉଜାଲା ନାମକ ଏହି ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ସଦସ୍ୟ ସକାଳ ୯ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ଏହି ଫୁଲରୁ ପାଖାପାଖି ୩ କିଲୋଗ୍ରାମ ରଙ୍ଗ ତିଆରି କରନ୍ତି ବୋଲି କହିଛନ୍ତି। ମନ୍ଦିର, ବିବାହ ମଣ୍ଡପ, ମୁଖ୍ୟମନ୍ତ୍ରୀଙ୍କ ଘର ଓ ସରକାରୀ କାର୍ଯ୍ୟକ୍ରମରେ ବ୍ୟବହାର କରାଯାଇଥିବା ଫୁଲ ଓ ଏହାର ପତ୍ରକୁ ଶୁଖାଇ ମେଶିନରେ ପ୍ରୋସେସିଂ କରି ଏହି ରଙ୍ଗ ପ୍ରସ୍ତୁତ କରାଯାଉଛି। ୩ମାସ ପୂର୍ବରୁ ଏହି କାମ ଆରମ୍ଭ କରାଯାଇଥିବା ବେଳେ ଏବେ ପ୍ରତିଦିନ ପ୍ରାୟ ସମସ୍ତେ ମିଶି ଏହିପରି ୨୦-୨୫ କିଲୋଗ୍ରାମ ରଙ୍ଗ ତିଆରି କରୁଥିବାରୁ ଏହା ବେଶ୍ ଲାଭଦାୟକ ବ୍ୟବସାୟ ବୋଲି ଜଣାପଡିଛି। ପଞ୍ଚାୟତ ଓ ଜିଲ୍ଲା ପ୍ରଶାସନର ସହାୟତାରେ ସେମାନେ ଏହି ରଙ୍ଗ ତିଆରି କରୁଛନ୍ତି। ଏହା କେବଳ ରାୟପୁର ବା ଛତିଶଗଡ଼ ନୁହେଁ ଦେଶର ବିଭିନ୍ନ ଭାଗକୁ ପଠାଯାଉଛି। ଏହାର ଚାହିଦା ମଧ୍ୟ ରହିଛି। ଫୁଲତୋଡାରେ ଆସୁଥିବା କପଡା ଅବା ପ୍ଲାଷ୍ଟିକକୁ ସାବୁନ ପ୍ୟାକିଂରେ ବ୍ୟବହାର କରାଯାଉଛି। ଗତବର୍ଷ ମଧ୍ୟ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଦୀପାବଳି ସମୟରେ ମାଟି ଓ ଗୋବରରେ ତିଆରି ଦୀପର ଚାହିଦା ଥିଲା।



# ପୋଷା ପ୍ରାଣୀ ବି ମନୁଷ୍ୟଙ୍କୁ ରଖିଥାନ୍ତି ସୁସ୍ଥ

**ୱାଶିଂଟନ:** କେତେକ ଲୋକଙ୍କର ଘରେ ପୋଷା ପ୍ରାଣୀ ପାଳିବା ସଉକ ରହିଥାଏ। କେହିକେହି କୁକୁର, ବିଲେଇ, ଠେକୁଆ, ଶୁଆ, କଇଁଛ ଆଦି ପ୍ରାଣୀ ଘରେ ପାଳିଥାନ୍ତି। ତେବେ ଏହାଦ୍ୱାରା ମନୁଷ୍ୟ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ଘରେ ପୋଷା ପ୍ରାଣୀ ରଖିଲେ ମନ ଆନନ୍ଦିତ ରହିବା ସହିତ ଶରୀର ବି ସୁସ୍ଥ ରହିଥାଏ। କିଛି ସମୟ ପୋଷା ପ୍ରାଣୀଙ୍କ ସହିତ ଖେଳିଲେ ଶରୀରରେ ଡୋପାମାଇନ୍, ଅକ୍ସିଟୋସିନ୍, ସେରୋଟୋନି ଏବଂ ଏଣ୍ଡୋରଫିନ୍ ହରମୋନ୍ କ୍ଷରଣ ବୃଦ୍ଧି ପାଇଥାଏ। ଫଳରେ ମନରେ ଖୁସିଜାତ ହେବା ସହିତ ରକ୍ତ ସଞ୍ଚାଳନ ସ୍ୱାଭାବିକ ଭାବେ ହୁଏ। ଏହା ଦ୍ୱାରା ହାର୍ଟ ଆଟାକ୍, ବ୍ରେନ୍ ଷ୍ଟ୍ରୋକ୍, ଡାଇବେଟିସ୍ ସହିତ କିଡ୍‌ନୀ, ଲିଭର, ସ୍ପାଇନାଲ୍ କର୍ଡ ସମସ୍ୟା ଆଦି ଦୂର ହୋଇଥାଏ ବୋଲି ସାନ୍ ଫ୍ରାନ୍ସିକୋର କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ଆମେରିକାରେ କାହିଁକି ୬୮ ପ୍ରତିଶତ ଲୋକଙ୍କ ଘରେ ପୋଷା ପ୍ରାଣୀ ପାଳନ କରାଯାଇଥାଏ ସେ ନେଇ ଗବେଷକମାନେ ଅଧ୍ୟୟନ କରିଥିଲେ। ମନୁଷ୍ୟଙ୍କ ଉପରେ ପଡୁଥିବା ପୋଷା ପ୍ରାଣୀଙ୍କ ପ୍ରଭାବ ସମ୍ପର୍କରେ ପରୀକ୍ଷା ନିରୀକ୍ଷା ହୋଇଥିଲା। ଘରେ ପାଳିତ ହୋଇଥିବା ପୋଷା ପ୍ରାଣୀଙ୍କର ସକାରାତ୍ମକ ପ୍ରଭାବ ନବଜାତ ଶିଶୁ ଉପରେ ମଧ୍ୟ ପଡ଼ିଥାଏ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ସେହିପରି ଅଟିଜିମ୍, ଅଲଝାଇମର୍, ମାନସିକ ବିସାଦ ଆଦି ସମସ୍ୟା ପୋଷା ପ୍ରାଣୀଙ୍କୁ ଘରେ ପାଳନ କରିବା ଦ୍ୱାରା ସହଜରେ ଦୂର ହୋଇପାରିଥାଏ ବୋଲି ଗବେଷକ କହିଛନ୍ତି।



# ଡାଇନୋସର୍ସ ମେଳରେ ବୁଲିବେ ଲୋକେ

**ଇଡେନବର୍ଗ:** ଲକ୍ଷ ଲକ୍ଷ ବର୍ଷ ତଳେ ପୃଥିବୀ ପୃଷ୍ଠରୁ ଲୋପ ପାଇଥିବା ଡାନୋସରସ୍‌ଙ୍କ ମେଳରେ ବୁଲିବା ସେମାନଙ୍କର ଭୟଙ୍କର ଶବ୍ଦ ଶୁଣିବା ଏବେ ସମ୍ଭବ ହୋଇପାରିବ। କେନ୍ଦ୍ରୀୟ ସ୍କଟଲାଣ୍ଡର ଏକ ସଫାରି ପାର୍କରେ ବିଭିନ୍ନ ପ୍ରଜାତିର ଡାଇନୋସରସ୍‌ଙ୍କ ପ୍ରତିକୃତି ସ୍ଥାପନ କରାଯାଇଛି। ସ୍ଥାନୀୟ ଷ୍ଟିର୍ଲିଙ୍ଗ୍ ସ୍ଥିତ ବ୍ଲେଆର ଡ୍ରୁମୋଣ୍ଡ ସଫାରି ପାର୍କ କର୍ତ୍ତୃପକ୍ଷ ଏଭଳି ଏକ ନିଆରା ପଦକ୍ଷେପ ଗ୍ରହଣ କରିଛନ୍ତି। ପାର୍କର ୧୦୦୦ ବର୍ଗ ମିଟର ପରିମିତ ଅଞ୍ଚଳରେ ୨୦ଟି ଡାଇନୋସରସ୍ ମଡେଲ ସ୍ଥାପନ କରାଯାଇଛି। ସେଥିମଧ୍ୟରେ ଭେଲୋସିରାପଟୋର୍, ଡାଇପ୍ଲୋଡୋକସ୍ ଏବଂ ଟି-ରେକ୍ସ ଆଦି ଡାଇନୋସରସ୍ ପ୍ରଜାତିର ମଡେଲ ରହିଛି। ଏହାକୁ ଷ୍ଟିଲରେ ନିର୍ମାଣ କରାଯାଇଥିବାବେଳେ ଏଥିରେ ସିଲିକନ୍ ଚର୍ମର ଆବରଣ ଦିଆଯାଇଛି। ଡାଇନୋସରସ୍ ମଡେଲ ଗୁଡ଼ିକ ଆଖି ମିଟି ମିଟି କରିବା ସହିତ ନିଶ୍ୱାସ ପ୍ରଶ୍ୱାସ ନେଉଥିବାର ଦେଖିବାକୁ ମିଳିବ। ଏହି ମଡ଼େଲଗୁଡ଼ିକ ମୁଣ୍ଡ ହଲାଇ ଜୀବିତ ଡାଇନୋସରସ୍ ଭଳି ଭୟଙ୍କର ଶବ୍ଦ ସୃଷ୍ଟି କରିବେ ବୋଲି ପାର୍କର ପରିଚାଳକ ଗାରି ଗିଲମୋର୍ ସୂଚନା ଦେଇଛନ୍ତି। ପାର୍କରେ ଥିବା ସର୍ବବୃହତ୍ ଡାଇନୋସରସ୍‌ର ଲମ୍ବ ୨୧ ମିଟର। ଏହା ଡାଇପ୍ଲୋଡୋକସ୍ ପ୍ରଜାତିର ପ୍ରତିକୃତି। ପାର୍କର ୫୦ତମ ପ୍ରତିଷ୍ଠା ଦିବସ ଅବସରରେ ଏଭଳି ଡାଇନୋସରସ୍ ସଫାରି ନିର୍ମାଣ କରାଯାଇଥିବା ସେ କହିଛନ୍ତି।





# ଦେଢ଼ ନିୟୁତ କିମି ଅତିକ୍ରମ କରିବ ଆଦିତ୍ୟ ଏଲ୍-୧




**ନୂଆଦିଲ୍ଲୀ:** ଭାରତ ସରକାର ସୂର୍ଯ୍ୟ ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ ମିଶନ ଆଦିତ୍ୟ ଆରମ୍ଭ କରିଛନ୍ତି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ପକ୍ଷରୁ ମିଶନ ଆଦିତ୍ୟର କାମ ଜାରି ରହିଛି। ଆଦିତ୍ୟ ଏଲ୍-୧ ସୂର୍ଯ୍ୟର କୋରୋନା ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବା ସହିତ ଆବଶ୍ୟକ ଫଟୋ ପୃଥିବୀ ପୃଷ୍ଠକୁ ପଠାଇବ। ଏଥିପାଇଁ ଆଦିତ୍ୟ ଏଲ୍-୧କୁ ଦେଢ଼ ନିୟୁତ କିମି ଅତିକ୍ରମ କରିବାକୁ ପଡ଼ିବ। ଏହା ସୂର୍ଯ୍ୟ ଚାରିପଟେ ଥରେ ବୁଲି ଆସିବାକୁ ୧୭୮ ଦିନ ନେବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ପୃଥିବୀର କୌଣସି ଦେଶ ସୂର୍ଯ୍ୟ ମିଶନ ଉପରେ କାର୍ଯ୍ୟ କରି ନ ଥିବା ବେଳେ ଭାରତ ଏକ୍ଷେତ୍ରରେ ଉଦ୍ୟମ ଆରମ୍ଭ କରିଛି।

# ମହୁମାଛିର ରହିଛି ଗଣିତ ଜ୍ଞାନ



**ବର୍ଲିନ୍:** ମହୁମାଛିର ବି ଗଣିତ ଜ୍ଞାନ ରହିଛି। ଦୁଇଟି ସଂଖ୍ୟା ମଧ୍ୟରେ କେଉଁଟି ବଡ଼ ଏବଂ କିଏ ସାନ ତାହା ମହୁମାଛି ଜାଣିପାରିଥାଏ। ଏନେଇ ଜର୍ମାନୀର କୋଲୋଜେନ୍ ବିଶ୍ୱ ବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ମହୁମାଛି ଦୁଇଟି ପଦାର୍ଥ ମଧ୍ୟରେ ତୁଳନାତ୍ମକ ପାର୍ଥକ୍ୟ ଜାଣିପାରିଥାଏ। ଏହା ସହିତ ମହୁମାଛି ଭିନ୍ନ ଭିନ୍ନ ଆକାର ମଧ୍ୟରେ ପାର୍ଥକ୍ୟ ସହଜରେ ଜାଣିପାରିଥାଏ ବୋଲି କମ୍ପ୍ୟୁଟେଶନାଲ ସିଷ୍ଟମ ନ୍ୟୁରୋସାଇନ୍ସ ବିଭାଗର ପ୍ରଫେସର ଡ. ମାର୍ଟିନ୍ ପାଉଲ୍ ନାଓ୍ୱରୋଟ୍ ଏବଂ ହାନେସ୍ ରାପ୍ପା ସୂଚନା ଦେଇଛନ୍ତି।

# ସିଲ୍ ହେଲା ଧର୍ମେନ୍ଦ୍ରଙ୍କ 'ହି ମ୍ୟାନ' ରେଷ୍ଟୁରାଣ୍ଟ

**କରନାଲ:** ବଲିଉଡ୍‌ର ହି ମ୍ୟାନ ଭାବେ ପରିଚିତ ଭେଟେରାନ ଆକ୍ଟର ଧର୍ମେନ୍ଦ୍ର ଭାଲେଣ୍ଟାଇନ୍ସ ଡେ' ଅବସରରେ ଏକ ରେଷ୍ଟୁରାଣ୍ଟ ଖୋଲିଥିଲେ। ଆଉ ଏହାର ନାଁ ରଖିଥିଲେ 'ହି ମ୍ୟାନ୍'। ଏବେ ଏହି ରେସ୍ତୋରାଁକୁ ସିଲ୍ କରି ଦିଆଯାଇଥିବା ଖବର ମିଳିଛି। ତେବେ ବେଆଇନ ଭାବେ ସେ ଏହାକୁ ନିର୍ମାଣ କରିଥିବାରୁ ରେଷ୍ଟୁରାଣ୍ଟକୁ ସିଲ୍ କରିଦିଆଯାଇଥିବା ସୂଚନା ମିଳିଛି। ନିକଟରେ ନଗର ନିଗମ ପକ୍ଷରୁ ଉକ୍ତ ରେଷ୍ଟୁଣ୍‌ରାଣ୍ଟ ଉପରେ ଚଢାଉ କରାଯାଇ ସେଠାରେ ଥିବା କର୍ମଚାରୀ ଓ ଗ୍ରାହକଙ୍କୁ ବାହାର କରିଦେବା ପରେ କରନାଲ ପକ୍ଷରୁ ରେଷ୍ଟୁରାଣ୍ଟ ବାହାରେ ନୋଟିସ ଲଗାଇ ଦିଆଯାଇଥିବା ଜଣାପଡିଛି। ବେଶ୍ କିଛିଦିନ ହେବ ବଲିଉଡ୍ ଦୁନିଆରୁ ଦୂରେଇ ରହିଥିବା ଧର୍ମେନ୍ଦ୍ର ଏବେ ନିଜ ଫାର୍ମ ହାଉସ ଉପରେ ଅଧିକ ନଜର ଦେଉଥିବା କୁହାଯାଏ। ଅନ୍ୟପଟେ ଧର୍ମେନ୍ଦ୍ର ରେସ୍ତୋରାଁ ମାଧ୍ୟମରେ କିଛି ଆୟ କରିବାର ଲକ୍ଷ୍ୟ ରଖିଥିବା ବେଳେ ଏବେ ତାହା ବନ୍ଦ ହୋଇଯିବାରୁ ତାଙ୍କୁ ଚିନ୍ତାରେ ପକାଇବ ବୋଲି ଆଲୋଚନା ହେଉଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୯ ମାର୍ଚ୍ଚ, ୨୦୨୦



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତିମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।
- ଭଲ୍‌ଟାୟାର



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଏଏସ୍‌ଜି ଆଇ ହସ୍ପିଟାଲ ପକ୍ଷରୁ ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳନ, ଏଏସ୍‌ଜି ଆଇ ହସ୍ପିଟାଲ, ଖାରବେଳନଗର, ସକାଳ ୯ଟା।
- କଥା କଳିକାର ୫ମ ବାର୍ଷିକ ଉତ୍ସବ, ହୋଟେଲ କେଶରୀ, ପୂର୍ବାହ୍ନ ୧୦ଟା।
- ଡ୍ରିମଜ୍ ଅନଲିମିଟେଡ ପକ୍ଷରୁ ମ୍ୟୁଜିକାଲ ହୋଲି ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**
- ଭୂତପଦା ଦୋଳମେଳଣ, କାକରୁଦ୍ରପୁର ମେଳଣ ପଡ଼ିଆ, ମଧ୍ୟାହ୍ନ ୧୨ଟା।
- ଦୋଳମେଳଣ, ନୂତନ ପାଞ୍ଜିପଠନ, ଭିଙ୍ଗାରପୁର ଶାସନ ଦୋଳବେଦି, ଅପରାହ୍ନ ୩ଟା।
- ଶ୍ରୀ ଆଖଣ୍ଡଳେଶ୍ୱରଙ୍କ ଦୋଳ ଉତ୍ସବ ଓ ଭଜନ ସମାରୋହ, ପ୍ରତାପରୁଦ୍ରପୁର, ଦୋଳବେଦି, ସନ୍ଧ୍ୟା ୬ଟା।

**କଟକ**
- ଧ୍ରୁବତାରା ପକ୍ଷରୁ ହୋଲି ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସକାଳ ୯ଟା ୩୦।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ରେଳ ଧାରଣାରୁ ୨ ଅଜଣା ମୃତଦେହ ଉଦ୍ଧାର

**କଟକ ଅଫିସ/ନିରାକାରପୁର, ୮।୩ (ଡି.ଏନ୍.ଏ.)**- ରବିବାର କଟକ ଓ ଖୋର୍ଦ୍ଧା ଅଞ୍ଚଳରେ ରେଳଧାରଣାରୁ ୨ଟି ଅଜଣା ମୃତଦେହ ଉଦ୍ଧାର କରାଯାଇଛି। ମଧ୍ୟାହ୍ନରେ କଟକ ଶିଖରପୁର ଛକ ନିକଟ ରେଳଧାରଣାରେ ମୃତଦେହଟି ଖଣ୍ଡବିଖଣ୍ଡିତ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ଜିଆର୍‌ପି ପୋଲିସ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା(ନଂ. ୮/୨୦) ରୁଜୁ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ଏହା ଏକ ଆତ୍ମହତ୍ୟା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସେହିପରି ନିରାକାରପୁର ରେଲୱେ ଫାଣ୍ଡି ପୋଲିସ ସୋଲରୀ ଷ୍ଟେଶନ ନିକଟ ରେଳ ଧାରଣରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଛି। ରାତି ହୋଇ ଯାଇଥିବାରୁ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଫାଣ୍ଡି ପକ୍ଷରୁ ସୂଚନା ମିଳିଛି। ମୃତ ଯୁବକଙ୍କ ବୟସ ୩୦ରୁ ୩୫ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ଏ ନେଇ ନଂ. ୨୦/୨୦ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସରିଲା ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା

### ୫୩ ଲକ୍ଷ ଟଙ୍କାର ବିକ୍ରିବଟା

**ଭୁବନେଶ୍ୱର,୮।୩(ବ୍ୟୁରୋ):** ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ଗତ ୨ ତାରିଖଠାରୁ ଚାଲିଥିବା ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ମେଳାରେ ୫୩ ଲକ୍ଷ ଟଙ୍କାର ବିକ୍ରିବଟା ହୋଇଥିବାବେଳେ ୩୫ ହଜାର ଦର୍ଶକ ମେଳା ବୁଲିଥିବା ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବସନ୍ତ କୁମାର ଦାଶ ସୂଚନା ଦେଇଛନ୍ତି। କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ପଥର ଖୋଦେଇ, କାଠ ଖୋଦେଇ, ଧାନଶିଳ୍ପ, ଜନଜାତି ଅଳଙ୍କାର, ବାଉଁଶ, ଶିଙ୍ଗକାମ, ଲାଖଚୁଡ଼ି, ଚିତ୍ରକଳା, ଚାନ୍ଦୁଆ ତିଆରି ସାମଗ୍ରୀ, ବେତ ତିଆରି ଜିନିଷ, ପିତଳ, କଂସାବାସନ, ଟେରାକୋଟା ସାମଗ୍ରୀ, ପଟ୍ଟଚିତ୍ର, ରୁପା ତାରକସୀ କାମ, ଡୋକ୍ରା ସାମଗ୍ରୀ, ଆଣ୍ଟିକ୍ ଘର ସଜସଜ୍ଜା ପ୍ରଭୃତି ଗ୍ରାହକଙ୍କୁ ଆକୃଷ୍ଟ କରିଥିଲା। ପ୍ରଦର୍ଶନୀର ୧୧୦ ଷ୍ଟଲରେ ୧୩୬ ଜଣ କାରିଗର ସେମାନଙ୍କ ହସ୍ତଶିଳ୍ପ ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରୟ କରିଥିଲେ।




ଚନ୍ଦ୍ରଭାଗା ବେଳାଭୂମିରେ ଶିଳ୍ପୀ ସରିତା ଓ ଶିଳ୍ପା ଗୋଚ୍ଛାୟତ ବାଲୁକା କଳା ମାଧ୍ୟମରେ ହୋଲିର ଶୁଭେଚ୍ଛା ଜଣାଇବା ସହ କରୋନା ପ୍ରତି ସତର୍କ ରହିବା ବାର୍ତ୍ତା ଦେଉଛନ୍ତି।



ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ରବିବାର ପୁରୀ ବେଳାଭୂମିରେ ଶିଳ୍ପୀ ରଞ୍ଜନ ଗାଙ୍ଗୁଲି ତିଆରି କରିଥିବା ବାଲୁକାକଳା।

# ଅବିରରୁ ହୋଲି ପାର୍ଟି

**ନବରାତ୍ର ହେଉ କି ହୋଲି, ଦୀପାବଳି ଦେଶର ବିଭିନ୍ନ ପ୍ରାନ୍ତରେ ଏହି ଉତ୍ସବକୁ ଭିନ୍ନ ଶୈଳୀରେ ପାଳନ କରାଯାଉଥିବା ଦେଖିବାକୁ ମିଳିଥାଏ। ହେଲେ ବର୍ତ୍ତମାନର ଟେକ୍ନୋଲୋଜି ଓ ସୋସିଆଲ ମିଡିଆ ଯୁଗରେ ପର୍ବପର୍ବାଣିର ପାଳନ ଶୈଳୀ ଆଉ ଗୋଟିଏ ସ୍ଥାନରେ ସୀମିତ ନ ରହି ପରିବ୍ୟାପ୍ତ ହୋଇଛି। ପଶ୍ଚିମ ଭାରତର ପର୍ବପର୍ବାଣି ପୂର୍ବ ଭାରତରେ ଲୋକପ୍ରିୟ ହେଉଥିବା ବେଳେ ଉତ୍ତର ଭାରତର ଲୋକପ୍ରିୟ ଦେଶର ବିଭିନ୍ନ ସ୍ଥାନରେ ପାଳନ ହେଉଥିବା ଦେଖିବାକୁ ମିଳୁଛି। ସମଗ୍ର ଦେଶରେ ନବରାତ୍ର ଦାଣ୍ଡିଆ ଖେଳର ଲୋକପ୍ରିୟତା ଭଳି ଆଜିକାଲି ହୋଲିରେ ମଧ୍ୟ ଲଉଡି ଖେଳ ଓ ଦହିହାଣ୍ଡି ଭଙ୍ଗା ପରମ୍ପରା ଚାରିଆଡ଼େ ହେଉଥିବା ଦେଖିବାକୁ ମିଳୁଛି।**

ରିପୋର୍ଟ: ସସ୍ମିତା ପାଇକରାୟ

ଭୁବନେଶ୍ୱର,୮।୩(ବ୍ୟୁରୋ)

ଦିନଥିଲା ଦୋଳ ପୂର୍ଣ୍ଣିମା, ରାଧାକୃଷ୍ଣଙ୍କ ମେଳଣ ଓ ଅବିର ଖେଳର ଉତ୍ସାହ ନେଇ ଆସୁଥିଲା ହୋଲି। ରାଧାକୃଷ୍ଣ ବିମାନରେ ବୁଲି ଭୋଗ ଖାଇବାର ପରମ୍ପରା ଆଜି ବି ରହିଥିଲେ ମଧ୍ୟ ପୂର୍ବଭଳି ଉତ୍ସାହ କିନ୍ତୁ ଦେଖିବାକୁ ମିଳୁନି। ହୋଲି ପାଳନର ଶୈଳୀ ପରିବର୍ତ୍ତନ ହୋଇଛି। ଲାଇଭ୍ ଡିଜେ, ରେନ୍ ଡ୍ୟାନ୍ସ, ମଡ୍ ପୁଲ୍‌ରେ ହୋଲି ଖେଳ ଭଳି ନୂଆ କନ୍‌ସେପ୍ଟ ବର୍ତ୍ତମାନର ଯୁବପିଢ଼ିଙ୍କ ମଧ୍ୟରେ ବହୁଳଭାବେ ଆଦୃତ ହେଉଛି। ନୂଆବର୍ଷ ପାର୍ଟି ଭଳି ବିଭିନ୍ନ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ତଥା ହୋଲି ପାର୍ଟିର ଆୟୋଜନ କରାଯାଉଛି। କୃତ୍ରିମ ବର୍ଷାରେ ଧୁମ୍‌ଧଡ଼କ ଗୀତର ତାଳେ ତାଳେ ନାଚି କିଏ ଏହି ରଙ୍ଗର ପର୍ବରେ ଖୁସି ମନାଉଛି ତ କିଏ ମୁଲତାନି ମାଟି, ଗୋଲାପ ପାଖୁଡ଼ା, ଚନ୍ଦନ ପେଷ୍ଟ, ଲିମ୍ବ ପତ୍ର ଆଦି ପକାଯାଇ ପ୍ରସ୍ତୁତ ହେଉଥିବା ଅର୍ଗାନିକ କାଦୁଅରେ ହୋଲି ଖେଳୁଛନ୍ତି। ଅବଶ୍ୟ ଏଥର କରୋନା ଭୟରେ ହୋଲି ପାଇଁ ଆୟୋଜିତ ହେବାକୁ ଥିବା ଅଧିକାଂଶ ଇଭେଣ୍ଟକୁ ବାତିଲ କରାଯାଇଛି। କେତେକ ସ୍ଥାନରେ ଆୟୋଜକ ସଂସ୍ଥା ମାସ୍କ ପିନ୍ଧି ହୋଲି ଖେଳିବାର ବ୍ୟବସ୍ଥା ମଧ୍ୟ କରିଛନ୍ତି।





### ଦହିହାଣ୍ଡି ଭଙ୍ଗା ପରମ୍ପରା

ହୋଲିରେ ଦହିହାଣ୍ଡି ଭଙ୍ଗା ହେବାର ଏକ ପରମ୍ପରା ରହିଛି। ପଶ୍ଚିମ ଭାରତର କିଛି ରାଜ୍ୟରେ ଏହି ପରମ୍ପରା ରହିଆସିଥିବା ବେଳେ ଏବେ ଓଡିଶାରେ ମଧ୍ୟ ଏହାର ଲୋକପ୍ରିୟତା ବଢ଼ିବାରେ ଲାଗିଛି। ହୋଲି ଅବସରରେ ବିଭିନ୍ନ ସ୍ଥାନରେ ଏଭଳି ଦହିହାଣ୍ଡି ଭଙ୍ଗା ପରମ୍ପରା ଦେଖିବାକୁ ମିଳୁଛି। ପୁରୁଣା ଭୁବନେଶ୍ୱର, ମଞ୍ଚେଶ୍ୱର ସମେତ ରାଜଧାନୀର କେତେକ ସ୍ଥାନରେ ଦହିହାଣ୍ଡି ଭଙ୍ଗା ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଏଥିପାଇଁ ପ୍ରସ୍ତୁତି ଚାଲିଛି।

### ଜମୁଛି ଲଉଡି ଖେଳ

ଯାଦବମାନଙ୍କ ପାଇଁ ଦୋଳ ପୂର୍ଣ୍ଣିମା ହେଉଛି ସ୍ୱତନ୍ତ୍ର ଉତ୍ସବ। ଏହି ଦିବସରେ ସେମାନେ ରଙ୍ଗ ଖେଳିବା ସହ ବିଭିନ୍ନ ପ୍ରକାର ଗୀତ ଗାଇ ଉତ୍ସବ ମନାଇଥାନ୍ତି। ସେହିପରି ଲଉଡି ଖେଳ ମଧ୍ୟ ସେମାନଙ୍କ ପାଇଁ ସ୍ୱତନ୍ତ୍ର। ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଦଳ ହୋଇ ଏଥିରେ ନୃତ୍ୟ କରିଥାନ୍ତି। ହୋଲି ଉପଲକ୍ଷେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଯାଦବମାନଙ୍କ ପକ୍ଷରୁ ଲଉଡି ଖେଳର ଆୟୋଜନ କରାଯାଇଛି। ନୟାପଲ୍ଲୀ, ଲକ୍ଷ୍ମୀସାଗର, ଚନ୍ଦ୍ରଶେଖରପୁର, ୟୁନିଟ୍-୯ ପରି ସହରର ବିଭିନ୍ନ ସ୍ଥାନରେ ଥିବା ପଡ଼ିଆରେ ନାଚ, ଗୀତ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ନୟାପଲ୍ଲୀ ବେହେରା ସାହି ପକ୍ଷରୁ ସ୍ୱତନ୍ତ୍ରଭାବେ ଲଉଡ଼ି ଖେଳ ପରିବେଷଣ କରାଯାଇଥିଲା। ସାହିର ଗୋପାଳ ଭାଇମାନଙ୍କ ଦ୍ୱାରା ବାହୁଙ୍ଗି ଜରିଆରେ କୁମ୍ଭ ବୁଡ଼ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଏହି ଅବସରରେ ଲଉଡି ଖେଳ, ଶିଙ୍ଗା ଘାଗୁଡ଼ି ପରିବେଷଣ ଆକର୍ଷଣ ସାଜିଥିଲା। ଏନେଇ ନୟାପଲ୍ଲୀ ବେହେରା ସାହି ରାଧାମୋହନ ଉନ୍ନୟନ କମିଟିର ସଭାପତି ନବକିଶୋର ବେହେରା କହିଛନ୍ତି, ହୋଲିରେ ଲଉଡି ଖେଳର ସ୍ୱତନ୍ତ୍ରତା ରହିଛି। ଏହା ହେଉଛି ଆମର ପର୍ବ। ଏହି ଦିନ ଆମେ ନୂତନ ବସ୍ତ୍ର ପରିଧାନ କରିବା ସହ ଭାଙ୍ଗ ପାନ କରି ଲଉଡି ଖେଳିଥାଉ। ଲଉଡି ବାଡି ନାଚ ସହ ଘୋଡାନାଚ, ଷଣ୍ଢ ନାଚ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣ ସାଜିଥାଏ।

## ହରିରାଜପୁର ମେଳଣ ୧୪ରୁ

**ଜଟଣୀ, ୮।୩(ଡି.ଏନ.ଏ.):** ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚୁଦୋଳ ମେଳଣ ପାଇଁ ଏହାର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଜଟଣୀ ନିକଟବର୍ତ୍ତୀ ହରିରାଜପୁରସ୍ଥିତ ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ଏହି ମେଳଣର ଜମାଣ ଉତ୍ସବ ଆସନ୍ତା ୧୪ରୁ ୧୭ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୮୦ ଏକର ବିଶିଷ୍ଟ ମେଳଣ ପଡିଆରେ ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମେଳଣରେ ଲକ୍ଷାଧିକ ଜନସମାଗମ ହେବ। ଚଳିତବର୍ଷ ବିପଦ ସୃଷ୍ଟିକାରୀ ବାଣ ଉପରେ କଟକଣା କରାଯାଇ କେବଳ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ ଉପରେ ଏଥର ଗୁରୁତ୍ୱ ଦିଆଯାଇଛି। ପୂର୍ବବର୍ଷ ଭଳି ଚଳିତବର୍ଷ ଜମାଣ ଉତ୍ସବରେ ଏକ କୋଟିରୁ ଅଧିକ ଟଙ୍କାର ଆତସବାଜି ପ୍ରଦର୍ଶନ ହେବ ବୋଲି ମେଳଣ କମିଟିର ସଂଯୋଜକ ପ୍ରସନ୍ନ ମହାରଥୀ ରବିବାର କହିଛନ୍ତି। ଏଥିପାଇଁ ୪୦ଟି ବାଣ ପାଲି ପ୍ରସ୍ତୁତ କରାଯାଉଥିବା ସେ ସୂଚନା ଦେଇଥିଲେ। ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଟ୍ରାଫିକ କଟକଣା, ଆଲୋକୀକରଣ, ରାସ୍ତା ପ୍ରଶସ୍ତୀକରଣ, ସୁରକ୍ଷା ଓ ଅନ୍ୟାନ୍ୟ ଆବଶ୍ୟକ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦେବାକୁ ମେଳଣ କମିଟିର କର୍ମକର୍ତ୍ତାଙ୍କ ପକ୍ଷରୁ କୁହାଯାଇଛି। ଏହାଛଡ଼ା ୪ଦିନ ଧରି ଅନୁଷ୍ଠିତ ମେଳଣରେ ସ୍ୱଚ୍ଛତା ବଜାୟ ରଖିବା ଓ ପଲିଥିନ୍ ବ୍ୟବହାର ନ କରିବାକୁ କମିଟି ପକ୍ଷରୁ ସଚେତନ କରାଯାଉଥିବା ସେ କହିଛନ୍ତି। ଏହାଛଡ଼ା ଅଧିକ ସଂଖ୍ୟାରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ର, ପାନୀୟ ଜଳ, ପୋଲିସ ମୁତୟନ ଉପରେ ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସଂଯୋଜକ ପ୍ରସନ୍ନ କହିଥିଲେ। ଏ ନେଇ ପ୍ରଶାସନକୁ କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଥିବା ସେ ସୂଚନା ଦେଇଥିଲେ।

**ଆତସବାଜି ପ୍ରଦର୍ଶନ ପାଇଁ ହେବ ୪୦ ବାଣ ପାଲି**

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ନାୱେଦ ସୟଦ



ବିକ୍ରମ



ଅଭି



ବିଶ୍ୱରଞ୍ଜନ



ପପୁ



ରବି

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## 'ଆକାଶରେ ମେଘ ନାହିଁ' ଲୋକାର୍ପିତ




**ଭୁବନେଶ୍ୱର,୮।୩(ବ୍ୟୁରୋ)**

ବିଜୟିନୀ ପବ୍ଲିକେଶନ୍ସ ଦ୍ୱାରା ପ୍ରକାଶିତ ଯୁବକବି ନୃସିଂହ ତରାଇଙ୍କ ଚତୁର୍ଥ କବିତା ସଂକଳନ 'ଆକାଶରେ ମେଘ ନାହିଁ' ରବିବାର ଗୀତଗୋବିନ୍ଦ ସଦନଠାରେ ଲୋକାର୍ପିତ ହୋଇଯାଇଛି। ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କବି ନିରାକାର ଦାସ ସ୍ୱାଗତ ଭାଷଣଦେଇ ବ୍ୟସ୍ତବହୁଳ ଜୀବନରେ କବିତା ଲେଖି ସମାଜକୁ ଦିଗ୍‌ଦର୍ଶନ ଦେବା ଓ କବିତା ମାଧ୍ୟମରେ ସମ୍ଭାବନାର ସୂତ୍ର ଖୋଜିବାରେ କବି ନୃସିଂହ ତରାଇଙ୍କ କାବ୍ୟଶିଳ୍ପ ଧୁରୀଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ର କବିତାରେ ବିଶ୍ୱାସ ଓ ପ୍ରେମକୁ ଗୁରୁତ୍ୱ ଦେଇ ସାମ୍ପ୍ରତିକ ସମାଜର ପ୍ରତିଛବି ତୋଳିବାକୁ କହିଥିଲେ। ମୁଖ୍ୟବକ୍ତା ପ୍ରଖ୍ୟାତ କଥାଶିଳ୍ପୀ ଡ. ବିଭୂତି ପଟ୍ଟନାୟକ ନୃସିଂହ ତରାଇଙ୍କ କବିତାରେ ମାନବବାଦର ଅବତାରଣା କରି କବିତା ସର୍ବଦା ଜୀବନଧର୍ମୀ ହେବା ଉଚିତ୍ ବୋଲି ମତପ୍ରକାଶ କରିଥିଲେ। ଉତ୍ସବରେ ପଦ୍ମଭୂଷଣ ରମାକାନ୍ତ ରଥ, ଡ. ହୁସେନ ରବି ଗାନ୍ଧୀ, ଇନ୍ଦିରା ଦାଶ, କୃଷ୍ଣ ବଳ, ଡ. ଝାନ୍‌ସୀ ସିଂ ପ୍ରମୁଖ ଉପସ୍ଥିତ ରହି ନୃସିଂହ ତରାଇଙ୍କ କବିତାରେ ସାଧାରଣ ମଣିଷ ଓ ସାମ୍ପ୍ରତିକ ସମାଜର ପ୍ରତିଛବି ମିଳୁଥିବା ବେଳେ ନିରାଶା, ଦୁଃଖ ମଧ୍ୟରେ ସ୍ନେହ, ପ୍ରେମ, କରୁଣା ଓ ମାନବବାଦ ତାଙ୍କ କବିତାର ମୁଖ୍ୟ ଉପଜୀବ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାବନ୍ଧିକ ଓ ସମୀକ୍ଷକ ଅସିତ୍ ମହାନ୍ତି ପୁସ୍ତକ ସମୀକ୍ଷା ପୂର୍ବକ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କବି ନିରାକାର ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରକାଶକ ଦିଲୀପ କୁମାର ବେଉରା ଧନ୍ୟବାଦ ଅର୍ପଣ କରିଥିଲେ।

## ଉଦ୍ୟୋଗୀ ରଶ୍ମୀ ସାହୁଙ୍କୁ ଯୁବା ସାଫଲ୍ୟ ସମ୍ମାନ



**ଭୁବନେଶ୍ୱର, ୮।୩(ବ୍ୟୁରୋ)**

ଭାରତୀୟ ଏକାଡେମୀ ପକ୍ଷରୁ ଭାରତ ଅଙ୍ଗଦାନ ସମିତି ସହାୟତାରେ ରବିବାର ସୂଚନା ଭବନଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ନିଜର ବିଶେଷ ଅବଦାନ ପାଇଁ ରୁଚି ଶିଳ୍ପୋଦ୍ୟୋଗର ଫ୍ରୋଜିଟ୍ ଡିଭିଜନ ନିର୍ଦ୍ଦେଶିକା ରଶ୍ମୀ ସାହୁଙ୍କୁ ଯୁବା ସାଫଲ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନାଲ୍‌କୋ ମହିଳା ସମିତିର ଅଧ୍ୟକ୍ଷା ସସ୍ମିତା ପାତ୍ର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ନିର୍ଦ୍ଦେଶିକା ଦୀପ୍ତି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାଦମ୍ବିନୀର ସମ୍ପାଦିକା ଡ. ଇତିରାଣୀ ସାମନ୍ତ, ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ସୁଜାତା ମହାପାତ୍ର ଓ ପ୍ରଭା ପଟ୍ଟନାୟକ ପ୍ରମୁଖ ଏହି ଅବସରରେ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ରଶ୍ମୀ ଅନୁପସ୍ଥିତ ଥିବାରୁ ତାଙ୍କ ମା' ରୁଚି ଶିଳ୍ପୋଦ୍ୟୋଗର ନିର୍ଦ୍ଦେଶିକା ସଙ୍ଗୀତା ସାହୁ ଏହି ସମ୍ମାନ ଗ୍ରହଣ କରିଥିଲେ।



ଯେତେବେଳେ ନିଜ ଶକ୍ତି ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ୧୦ ଗ୍ରାମ୍ ବ୍ରାଉନସୁଗାର, ୧୧ହଜାର ଟଙ୍କା ଜବତ ଅଭିଯୁକ୍ତ ନାଗା ଗିରଫ

**ଭୁବନେଶ୍ୱର,୮।୩(ବ୍ୟୁରୋ):** ବେଆଇନ ବ୍ରାଉନସୁଗାର କାରବାର ଚଳାଇଥିବା ସହଦେବ ବାରିକ ଓରଫ ନାଗାଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ଏଥିସହ ତାଙ୍କ ନିକଟରୁ ୧୦ ଗ୍ରାମ ବ୍ରାଉନସୁଗାର ଓ ୧୧ ହଜାର ଟଙ୍କା ଜବତ କରିଛି। ନାଗା ଅତି ଚତୁରତାର ସହ ଖଣ୍ଡଗିରି ଥାନା ଓ ରାଜଧାନୀ ଉପକଣ୍ଠରେ ଥିବା ଶିକ୍ଷାନୁଷ୍ଠାନର ଛାତ୍ରଙ୍କୁ ଟାର୍ଗେଟ କରି ବେପାର ଚଳାଇଥିଲେ। ଏପରି କି କେତେଜଣ ଛାତ୍ରଙ୍କୁ ଏହି କାରବାରରେ ସାମିଲ କରି ବେପାର ବଢ଼ାଇଥିଲେ। କିଛିଦିନ ଟାର୍ଗେଟରେ ଥିବା ଛାତ୍ରଙ୍କୁ ମାଗଣାରେ ବ୍ରାଉନସୁଗାର ନିଶା ଦେଇ ଅଭ୍ୟସ୍ତ କରାଇବା ପରେ ସେମାନଙ୍କୁ ନିଜ ବ୍ୟବସାୟରେ ସାମିଲ୍ କରୁଥିଲେ। ପୋଲିସ ନିକଟରେ ସୂଚନା ପହଞ୍ଚିବା ପରେ ତାଙ୍କୁ ଧରିବାକୁ ଯୋଜନା ହୋଇଥିଲା। ଶନିବାର ସନ୍ଧ୍ୟାରେ ଭରତପୁରସ୍ଥିତ ଶିବମନ୍ଦିର ନିକଟରେ ନାଗା ଗ୍ରାହକଙ୍କୁ ବ୍ରାଉନସୁଗାର ବିକ୍ରି କରୁଥିବା ଖବର ପାଇ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ଏ ନେଇ ପୋଲିସ ୧୬୬/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତ ନାଗାଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ନୀଳ ଇଗୁଆନା ଏଣ୍ଡୁଅ ଦେଲା ୪ ଅଣ୍ଡା

**ବାରଙ୍ଗ,୮।୩ (ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଅସୁସ୍ଥ ହୋଇପଡିଥିବା କଲରାପତାରିଆ ବାଘ ସୂରଜର ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଛି। ଏ ନେଇ ଶନିବାର ଓୟୁଏଟିର ବିଶେଷଜ୍ଞମାନେ ନନ୍ଦନକାନନ ଆସି ସୂରଜର ସ୍ୱାସ୍ଥ୍ୟାବସ୍ଥା ପରଖିବା ସହ ଅଲଟ୍ରାସାଉଣ୍ଡ କରିଛନ୍ତି। ଚିକିତ୍ସା ପଦ୍ଧତିରେ ପରିବର୍ତ୍ତନ ପାଇଁ ନନ୍ଦନକାନନର ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ହେଲେ ଏବେ ବି ତା'ର ତରଳଝାଡା କମି ନ ଥିବାର ଜଣାପଡିଛି। ସେହିପରି ଶନିବାର ନୀଳ ଇଗୁଆନା ଏଣ୍ଡୁଅ ୪ଟି ଅଣ୍ଡା ଦେଇଛି। ଆଉ ଅଧିକ ଅଣ୍ଡାଦେଇପାରୁ ନ ଥିବାରୁ ତାକୁ ଏନକ୍ଲୋଜର ନଂ ୪୪ଆଇ ରେ ଅଲଗା କରାଯାଇଛି। ଏହାସହ ଉପଯୁକ୍ତ ଚିକିତ୍ସା କରାଯାଇ କର୍ମଚାରୀମାନେ ତା'ର ଯତ୍ନ ନେଉଛନ୍ତି। ଏବେ ନନ୍ଦନକାନନରେ ନୀଳ ଇଗୁଆନା ୨ ନାଲି ଇଗୁଆନା ୩କୁ ମିଶାଇ ସମୁଦାୟ ୫ଟି ଅଛନ୍ତି। ୨୬ ସେପ୍ଟେମ୍ବର ୨୦୧୭ରେ ଚେନ୍ନାଇର ଏକ ସଂସ୍ଥାଠାରୁ କିଣାହେଇ ୮ଟି ଦକ୍ଷିଣ ଆମେରିକୀୟ ଏଣ୍ଡୁଅ ଅଣାଯାଇଥିଲା। ସେଥିମଧ୍ୟରେ ୪ ଲାଲ ଇଗୁଆନା ଓ ୪ ନୀଳ ଇଗୁଆନା ରହିଥିଲେ।



ଲୋକଙ୍କୁ ଜୈବିକ କୃଷି ପଦ୍ଧତିରେ ଉତ୍ପାଦିତ ପନିପରିବା, ବିଭିନ୍ନ ପ୍ରକାର ଚାଉଳ, ମଞ୍ଜି, ମହୁ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଯୋଗାଇବା ଉଦ୍ଦେଶ୍ୟରେ 'ଦ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା' ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନସ୍ଥିତ ନିଜ କ୍ୟାମ୍ପସରେ ରବିବାର ଆୟୋଜିତ ଦ୍ୱିତୀୟ ଅର୍ଗାନିକ୍ ଫେୟାର।

# ନିଆଁରେ ପୋଡ଼ି ମହିଳାଙ୍କୁ ହତ୍ୟା

**ନିଆଳି,୮।୩ (ଡି.ଏନ୍.ଏ.)**

ରବିବାର ସାରା ଦେଶରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ହେଉଥିବାବେଳେ କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ଖରିଗର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ନିଆଁରେ ପୋଡି ହତ୍ୟା କରିଥିବା ନିଆଳି ଥାନାରେ ଅଭିଯୋଗ ହୋଇଛି। ମୃତା ମହିଳାଙ୍କ ଭାଇ ଧରଣୀଧର ଦାସଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ନିଆଳି ଥାନା ଅଧୀନ ସିଠାଲୋ ଗ୍ରାମର ବବିତା କୁମାରୀ ଦାସଙ୍କୁ ପ୍ରାୟ ୨୫ ବର୍ଷ ତଳେ ଖରିଗର ଗ୍ରାମର ଜ୍ୟୋତିରଞ୍ଜନ ଦାସ ବିବାହ କରିଥିଲେ। ଜ୍ୟୋତିରଞ୍ଜନ ଅଧିକାଂଶ ସମୟ ନିଶାଦ୍ରବ୍ୟ ଖାଇବା ସହିତ ପରକିୟା ପ୍ରୀତିରେ ଲିପ୍ତ ରହୁଥିଲେ। ଏହାକୁ ବବିତା ବିରୋଧ କରିବାରୁ ଜ୍ୟୋତିରଞ୍ଜନ ତାଙ୍କୁ ନିର୍ଯାତନା ଦେଉଥିଲେ। ଏ ସମ୍ପର୍କରେ ବବିତା ବାପଘର ଲୋକଙ୍କୁ ଜଣାଇଥିଲେ। ପରବର୍ତ୍ତୀ ସମୟରେ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଘଟଣାର ସମାଧାନ ହୋଇଥିଲା। ମାତ୍ର ଜ୍ୟୋତିରଞ୍ଜନ ରବିବାର ସକାଳେ ବବିତାଙ୍କ ସହିତ ଝଗଡ଼ା କରିବା ସହ ତାଙ୍କ ଶରୀରରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ବବିତା ଚିତ୍କାର କରିବାରୁ ଜ୍ୟୋତିରଞ୍ଜନ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ବବିତାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ସହ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସରେ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବବିତାଙ୍କ ମୃତ୍ୟୁ ଘଟିଥିବା ଧରଣୀଧର ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ଥାନାରେ ଦଫା ୩୦୨ ଅନୁଯାୟୀ ଏକ ହତ୍ୟା ମାମଲା(ନଂ.୫୪/୨୦୨୦) ରୁଜୁ ହୋଇଛି। ଏ ସମ୍ପର୍କରେ ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ହତ୍ୟା ମାମଲା ରୁଜୁ ହୋଇଛି। ଘଟଣା ପରଠାରୁ ଅଭିଯୁକ୍ତ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି।

# ଗାଁ ଚଳଣି, ପରମ୍ପରା ଦେଖିଲେ ବିଦେଶୀ ପର୍ଯ୍ୟଟକ



ଫ୍ରାନ୍ସର ପର୍ଯ୍ୟଟକମାନେ ଗାଁ ବୁଲୁଛନ୍ତି।

**କଣାସ, ୮।୩(ସ୍ୱ.ପ୍ର.)**

ପୁରୀ ଜିଲା କଣାସ ବ୍ଲକ ସିରେଇ ପଞ୍ଚାୟତର ସିରେଇ ଓ ରାହାଦିଆ ଗ୍ରାମରେ ରବିବାର ୮ଜଣ ବିଦେଶୀ ପର୍ଯ୍ୟଟକ ବୁଲି ଗ୍ରାମ୍ୟ ଚାଲିଚଳଣ ଓ ପରମ୍ପରା ସମ୍ପର୍କରେ ଅବଗତ ହୋଇଛନ୍ତି। ଗାଁର ମହିଳାମାନେ ସେମାନଙ୍କୁ ସ୍ୱାଗତ ଜଣାଇଥିଲେ। ଫ୍ରାନ୍ସରୁ ଆସିଥିବା ଏହି ପର୍ଯ୍ୟଟକମାନେ ହେଲେ ଖ୍ରୀଷ୍ଟିନ୍, ମିଶେଲ୍, ଇଭି, ପ୍ରଫେସର ଆନ୍ଦ୍ରେ, ଜେନ୍, ରିସା, ମୁନିକ ଏବଂ ବ୍ରିଥାଇସ୍। ଏମାନେ ସିରେଇ ଓ ରାହାଦିଆ ଗ୍ରାମରେ ବୁଲି କଣାସ ଅଞ୍ଚଳର ଐତିହ୍ୟ, ସଂସ୍କୃତି, ପରମ୍ପରା, ଯୌଥ ପରିବାର, ଗାଁ ଗହଳିର ନ୍ୟାୟ ନିଶାପ ପଦ୍ଧତି, ଶିକ୍ଷା ଏବଂ ବୃତ୍ତି ସମ୍ପର୍କରେ ଲୋକଙ୍କୁ ପଚାରି ବୁଝିଥିଲେ। ଏ ସମ୍ପର୍କରେ ସେମାନଙ୍କୁ କବି ଦିଲ୍ଲୀପ ଶ୍ରୀଚନ୍ଦନ, ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ଦକ୍ଷିଣରାୟ ଏବଂ ଫ୍ରେଞ୍ଚ ଗାଇଡ୍ ପ୍ରଭାତ କୁମାର ବାରିକ ବୁଝାଇଥିଲେ। ବିଦେଶୀ ପର୍ଯ୍ୟଟକମାନେ ଯୌଥ ପରିବାରର ଚଳଣି ଓ ଭାଇଚାରା ସମ୍ପର୍କରେ ଜାଣି ଖୁସି ହେବା ସହ ଏହାକୁ ବହୁତ ପ୍ରଶଂସା କରିଥିଲେ।

# ନୀଳାଦ୍ରି ନିଳୟ ଯୋଜନା: ଝୁଣ୍ଟିଲା ପ୍ରଶାସନ

- କେନ୍ଦ୍ର କର୍ମଚାରୀଙ୍କ ରୁକ୍ଷ ବ୍ୟବହାର ଅଭିଯୋଗ
- ପ୍ରତିବାଦରେ ଆଇନଜୀବୀଙ୍କ ଧାରଣା

**ପୁରୀ ଅଫିସ, ୮।୩**

ପୁରୀ ସହରକୁ ଭିକାରିମୁକ୍ତ କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଗତ ୩ ତାରିଖରୁ ଆରମ୍ଭ ହୋଇଛି ନୀଳାଦ୍ରି ନିଳୟ ଯୋଜନା। ଭିକ୍ଷାବୃତ୍ତି କରୁଥିବା ଲୋକଙ୍କୁ ଉଦ୍ଧାର କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏହାର ଲକ୍ଷ୍ୟ। ସହରର ବିଭିନ୍ନ ସ୍ଥାନରୁ ଭିକାରିଙ୍କୁ ଉଦ୍ଧାର କରି ନୀଳାଦ୍ରି ନିଳୟ (ଭିକାରି ପୁନର୍ବାସ କେନ୍ଦ୍ର)ରେ ରଖାଯାଉଛି। ହେଲେ ଏହି ମହତ ଯୋଜନା ଆରମ୍ଭର ମାତ୍ର ୫ଦିନରେ ପ୍ରଶାସନ ଝୁଣ୍ଟିଛି। ଏହାର ଦାୟିତ୍ୱ ଯେଉଁମାନଙ୍କ କାନ୍ଧରେ ଦିଆଯାଇଛି ସେମାନଙ୍କ ମଧ୍ୟରୁ କେତେଜଣଙ୍କ ରୁକ୍ଷ ବ୍ୟବହାର ଏହି ଯୋଜନାର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶ୍ରୀମନ୍ଦିର ପରିସରରୁ ଜଣେ ୮୦ ବର୍ଷୀୟା ବୃଦ୍ଧାଙ୍କୁ ଭୁଲରେ ଉଠାଇ ଆଣିବା ଏବଂ ତାଙ୍କ ପରିବାର ଲୋକେ ନେବାକୁ ପହଞ୍ଚିବା ପରେ ୧୦ ହଜାର ଟଙ୍କା ଫାଇନ ମଗାଯିବା ନେଇ ହୋଇଛି ଅଭିଯୋଗ। ଏପରି କି ଏଥିପାଇଁ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସମ୍ମୁଖରେ ଜଣେ ଯୁବ ଆଇନଜୀବୀଙ୍କୁ ଦୁର୍ବ୍ୟବହାର କରାଯିବାରୁ ସେ ସର୍ବୋଦୟନଗରସ୍ଥିତ କେନ୍ଦ୍ର ସମ୍ମୁଖରେ ଧାରଣାରେ ବସିବା ଘଟଣା ଏହି ପ୍ରସଙ୍ଗକୁ ଅଧିକ ବିବାଦୀୟ କରିଛି।

ଏହି ଯୋଜନାକୁ ସଫଳ କରିବା ପାଇଁ କେତେକ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ସିଂହଦ୍ୱାର ସମ୍ମୁଖ ଓ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ଭିକ୍ଷାବୃତ୍ତି କରୁଥିବା ଲୋକଙ୍କୁ ବୁଝାଶୁଝା କରି ଭିକାରି ପୁନର୍ବାସ କେନ୍ଦ୍ରକୁ ଆଣିଥାନ୍ତି। ଶନିବାର ଶ୍ରୀମନ୍ଦିର ପରିସରରୁ ପୁରୀ ମାର୍କଣ୍ଡେଶ୍ୱର ସାହିର ଦୀନମଣି ମହାନ୍ତି(୮୦)ଙ୍କୁ ଧରି ଏହି କେନ୍ଦ୍ରକୁ ଆଣିଥିଲେ। ସନ୍ଧ୍ୟାରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ମାତ୍ର ନ ପାଇ ସିଂହଦ୍ୱାର ଥାନାକୁ ଯିବା ପରେ କେତେଜଣ ବୃଦ୍ଧାଙ୍କୁ ସ୍ୱେଚ୍ଛାସେବୀମାନେ ନେଇଥିବା ଶୁଣିଲେ। ରାତିରେ ଯୋଗାଯୋଗ ପରେ ଦୀନମଣି ଉକ୍ତ କେନ୍ଦ୍ରରେ ଥିବା ଜାଣିବାକୁ ପାଇଲେ। ସକାଳେ ପୁତୁରା ଦେବରାଜ ମହାନ୍ତି ତାଙ୍କୁ ନେବା ପାଇଁ କେନ୍ଦ୍ରରେ ପହଞ୍ଚିଥିଲେ। କେନ୍ଦ୍ରର ଜଣେ ଯୁବତୀ ଚଡା ଗଳାରେ ୧୦ ହଜାର ଟଙ୍କା ଫାଇନ ଦିଅ, ନ ହେଲେ ପିଉସୀଙ୍କ ସହ ଦେଖା କରିପାରିବ ନାହିଁ ବୋଲି କହିଥିଲେ। ତେଣୁ ସେ ଫେରିଯାଇ ସମ୍ପର୍କୀୟ ଆଇନଜୀବୀ ଚିନ୍ମୟ ଦାଶଙ୍କୁ ଆଣି ଆସିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ସମ୍ପୃକ୍ତା ଯୁବତୀ ଏବଂ ଅନ୍ୟ ଜଣେ ଯୁବକ ତାଙ୍କୁ ମଧ ଦୁର୍ବ୍ୟବହାର କରିଥିବା ଆଇନଜୀବୀ ଦାଶ ଅଭିଯୋଗ ଆଣି କେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିଲେ। ଖବର ପାଇ ଯୋଜନା ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ପହଞ୍ଚି ଦାଶଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ଆବଶ୍ୟକ କାଗଜପତ୍ର କରି ଦେବରାଜଙ୍କ ସାଥୀରେ ତାଙ୍କ ପିଉସୀଙ୍କୁ ଛାଡ଼ିଥିଲେ।



ପୁତୁରା ସହ ଦୀନମଣି ମହାନ୍ତି।

### ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଦୀନମଣି

ଦୀନମଣି ଶ୍ରୀମନ୍ଦିର ପରିସରରେ ଭିକ୍ଷାବୃତ୍ତି କରୁଥିବାରୁ ତାଙ୍କୁ ସ୍ୱେଚ୍ଛାସେବୀମାନେ ଧରି ଆଣିଥିବା କହୁଥିବାବେଳେ ତାଙ୍କ ପରିବାର କିନ୍ତୁ ଏହାକୁ ଅସ୍ୱୀକାର କରିଛନ୍ତି। ପୁତୁରା ଦେବରାଜ କହିଛନ୍ତି, ପିଉସୀ ଦୀନମଣି ସ୍କୁଲ ଶିକ୍ଷୟିତ୍ରୀ ଥିଲେ। ଅବସର ନେବା ପରେ ପ୍ରତିଦିନ ମନ୍ଦିରକୁ ଯାଇ ଫୁଲ ଗୁନ୍ଥିଥାନ୍ତି। ସନ୍ଧ୍ୟାରେ ଘରକୁ ଆସନ୍ତି। ସେ ଏବେ ୧୩ ହଜାର ଟଙ୍କା ପେନ୍‌ସନ ପାଉଛନ୍ତି। ଭିକ୍ଷାବୃତ୍ତି ସେ କରନ୍ତିନି। ସେହିପରି ଦୀନମଣି ମଧ ଭିକ୍ଷାବୃତ୍ତି କରୁଥିବା କଥାକୁ ଅସ୍ୱୀକାର କରିଛନ୍ତି। ଶନିବାର ଆନନ୍ଦ ବଜାର ପରିସରରେ ଅବଢା ଖାଉଥିବାବେଳେ ତାଙ୍କ ସମେତ ୫/୬ ଜଣଙ୍କୁ ଧରି ଆଣିଥିଲେ। କାହିଁକି ନେଉଛନ୍ତି, କୁଆଡ଼େ ନେଉଛନ୍ତି ସେ କିଛି ଜାଣି ନ ଥିବା ଦୀନମଣି କହିଛନ୍ତି। ସପ୍ତମ ଶ୍ରେଣୀ ଯାଏ ସେ ପଢିଥିବା ବେଳେ ଦ୍ୱିତୀୟ, ତୃତୀୟ ଶ୍ରେଣୀ ପିଲାଙ୍କୁ ପାଠ ପଢାଉଥିଲେ। ୧୯୯୯ ମସିହାରେ ସେ ଚାକିରିରୁ ଅବସର ନେଇଥିଲେ ବୋଲି ଦୀନମଣି ପ୍ରକାଶ କରିଛନ୍ତି।

# ମହାପ୍ରଭୁଙ୍କ ଜମିର ହିସାବ ନାହିଁ

**ପୁରୀ ଅଫିସ, ୮।୩**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ବିଶ୍ୱବାସୀଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ତାଙ୍କ ସାନ୍ନିଧ୍ୟ ପାଇବା ପାଇଁ କାହିଁ କେତେ ଦୂରରୁ ଭକ୍ତମାନେ ଛୁଟି ଆସୁଛନ୍ତି। ଆଉ ମହାପ୍ରଭୁଙ୍କ ସେବା କରିବାର ଯିଏ ସାମାନ୍ୟ ସୁଯୋଗ ପାଇଛି ସେ ନିଜକୁ କୃତାର୍ଥ ମନେ କରୁଛନ୍ତି। ହେଲେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଠାକୁରଙ୍କ ସମ୍ପତ୍ତିକୁ ବି ହାତେଇବାକୁ ପଛାଉ ନାହାନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ଏବଂ ଟଙ୍କାକୁ ଦେଖିଲେ ଏହାର ପ୍ରାସଙ୍ଗିକତା ରହିଛି। ଠାକୁରଙ୍କର ପ୍ରାୟ ୨୫ହଜାର ଏକର ଜମିର ହିସାବ ନ ଥିବାବେଳେ ଏବେ ମହାପ୍ରଭୁଙ୍କ ଟଙ୍କା ଅଧାଗିଳା ଅବସ୍ଥାରେ ରହିଛି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରାୟ ୬୦,୪୨୬ ଏକର ଜମି ରହିଛି। ଏହି ଜମି ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ବିହାର ଓ ଛତିଶଗଡ଼ ରାଜ୍ୟରେ ଅଛି। କିନ୍ତୁ ଅନେକ ସ୍ଥାନରେ ଲୋକେ ଏହି ଜମିକୁ ମାଡ଼ି ବସିଛନ୍ତି। ଫଳରେ ଠାକୁରଙ୍କ ମୋଟ ସମ୍ପତ୍ତିର ରେକର୍ଡ ଅଫ୍ ରାଇଟ୍ସ (ଆର୍‌ଓଆର୍) ଶ୍ରୀମନ୍ଦିର ପ୍ରଶାସନ ନିକଟରେ ନାହିଁ। ଗତ ମାସ ୨୫ତାରିଖରେ ବିଧାନସଭାରେ ଆଇନମନ୍ତ୍ରୀ ରଖିଥିବା ତଥ୍ୟ ଅନୁଯାୟୀ, ମହାପ୍ରଭୁଙ୍କର ୬୦୪୨୬.୯୪୩ ଏକର ଜମି ଚିହ୍ନଟ କରାଯାଇଛି। ଏଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୪୮୦୩. ୦୧୩ ଏକର ଜମିର ଆର୍‌ଓଆର୍ ଶ୍ରୀମନ୍ଦିର ପ୍ରଶାସନ ପାଖରେ ରହିଛି। ତେବେ ମନ୍ତ୍ରୀଙ୍କ ଏହି ତଥ୍ୟ ପ୍ରଦାନ ପରେ ପ୍ରାୟ ୨୫ ହଜାର ଏକର ଜମିର ହିସାବ ସରକାରଙ୍କ ପାଖରେ ନ ଥିବା ସ୍ପଷ୍ଟ ହୋଇଛି।

### ଅଧାଗିଳା ଅବସ୍ଥାରେ ଟଙ୍କା



ଅପରପକ୍ଷେ ମହାପ୍ରଭୁଙ୍କ ଜମିକୁ ବେଆଇନ ଭାବେ ଜବରଦଖଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯାଇଛି। ଏହି ଜବରଦଖଲକୁ ଉଚ୍ଛେଦ କରାଯିବା ନିମନ୍ତେ ୮୬୪ଟି ମାମଲା ସମ୍ପୃକ୍ତ ତହସିଲଦାରଙ୍କ ନିକଟରେ ମନ୍ଦିର ପ୍ରଶାସନ ପକ୍ଷରୁ ଦାଏର କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ୨୫ ହଜାର ଏକର ଜମିର ସ୍ଥିତି କ'ଣ ସେ ନେଇ କୌଣସି ସ୍ପଷ୍ଟ ଚିତ୍ର ନ ଥିବାବେଳେ ଏବେ ମହାପ୍ରଭୁଙ୍କ ଟଙ୍କା ବି ସଂକଟରେ। ୟେସ୍ ବ୍ୟାଙ୍କରେ ଥିବା ୫୪୫ କୋଟି ଟଙ୍କା ଫେରିବ ନା ବୁଡ଼ିଯିବ ତାହା ଆଶା ଆଶଙ୍କାରେ ଥିବାବେଳେ ଏହାକୁ ନେଇ ଝଡ଼ ସୃଷ୍ଟି ହୋଇଛି।

ବ୍ୟକ୍ତିଗତ ଫାଇଦା ହାସଲ କରି କେତେଜଣ ଅଧିକାରୀ ଏଭଳି ଚଞ୍ଚକତା କରିଛନ୍ତି। ମହାପ୍ରଭୁଙ୍କ ଟଙ୍କାକୁ ସଂକଟକୁ ଠେଲି ନିଜେ ସନ୍ତୁଷ୍ଟି ହୋଇଛନ୍ତି। ବିଦେଶ ଗସ୍ତ ସହ ମଉଜ କରିଛନ୍ତି ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଜାତୀୟକରଣ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା ଜମା କରାଯାଉଥିଲା। କିନ୍ତୁ ଗତବର୍ଷ ଜାତୀୟକରଣ ବ୍ୟାଙ୍କରୁ ଟଙ୍କା ଉଠାଯାଇ ୟେସ୍ ବ୍ୟାଙ୍କରେ ୫୯୨ କୋଟି (୫୪୫ କୋଟି ସ୍ଥାୟୀ ଜମା ଓ ୪୭ କୋଟି ଫ୍ଲେକ୍ସି ଜମା) ଟଙ୍କା ରଖାଯାଇଥିଲା। ଏ କଥା ଜଣାପଡ଼ିବା ପରେ ପରିଚାଳନା କମିଟିରେ ଏହାକୁ ନେଇ ତୁମ୍ଫିତୋଫାନ ହୋଇଥିଲା। ବିଭିନ୍ନ ସଙ୍ଗଠନ ବିକ୍ଷୋଭ କରିବା ସହ ଥାନାରେ ଏତଲା ଦେଇଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ଚଞ୍ଚକତାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ଅନ୍ୟପକ୍ଷରେ ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ୟେସ୍ ବ୍ୟାଙ୍କର ଆର୍ଥିକ ସ୍ଥିତି ଦୁର୍ବଳ ଥିବା ଜଣାପଡ଼ିବା ପରେ ତିରୁପତି ମନ୍ଦିର ଟଙ୍କାକୁ ଯଦି ସେଠାକାର ପ୍ରଶାସନ ଉଠାଇ ନେଲେ ତେବେ ଓଡ଼ିଶା ସରକାର କାହିଁକି ଚୁପ୍ ରହିଲେ ବୋଲି ପ୍ରଶ୍ନ କରିଛନ୍ତି। ତେବେ ମହାପ୍ରଭୁଙ୍କ ଟଙ୍କା ଫେରିପାଇବା ପାଇଁ ଆର୍‌ବିଆଇକୁ ଚିଠି ଲେଖାଯାଇଥିବା ଶାସକ ଦଳ ପକ୍ଷରୁ କୁହାଯାଉଥିଲେ ବି ୟେସ୍ ବ୍ୟାଙ୍କର ବର୍ତ୍ତମାନ ସ୍ଥିତିକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ମହାପ୍ରଭୁଙ୍କ ୫୪୫ କୋଟି ଟଙ୍କା ଏମିତି ଅଧାଗିଳା ଅବସ୍ଥାରେ ଥିବାରୁ ଏହା ଫେରିବ ନା ବୁଡ଼ିଯିବ ତା' ଉପରେ ଏବେ ସମସ୍ତଙ୍କ ନଜର।

# ମୋ ବସ୍‌ରେ ମାଗଣା ଯାତ୍ରା କଲେ ୬୦ ହଜାର ମହିଳା

**ଭୁବନେଶ୍ୱର, ୮।୩(ବ୍ୟୁରୋ):** ଅନ୍ତର୍ଜାତୀୟ ମହିଳା ଦିବସରେ ୬୦ ହଜାରରୁ ଊର୍ଦ୍ଧ୍ୱ ମହିଳା 'ମୋ ବସ୍'ରେ ମାଗଣା ଯାତ୍ରା କରିଛନ୍ତି। ରବିବାର ସକାଳ ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ୩ ପୌରାଞ୍ଚଳ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାରେ ଏହି ସେବା ମିଳିଛି। ବସ୍‌ର ମହିଳା କର୍ମଚାରୀମାନେ ମହିଳା ଯାତ୍ରୀଙ୍କୁ ଆବଶ୍ୟକ ସେବା ଯୋଗାଇଛନ୍ତି। ମୋ ବସ୍ ପରିଚାଳନା କରୁଥିବା କ୍ୟାପିଟାଲ ରିଜିଅନ ଅର୍ବାନ ଲିମିଟେଡ୍ (କ୍ରୁଟ୍) ଏଭଳି ଅଭିନବ ଭାବେ ମହିଳା ଦିବସ ପାଳନ କରିଛି। କ୍ରୁଟ୍‌ର ଏପରି କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ ମୋ ବସ୍ ଉପରେ ଭରସା କରୁଥିବା ସମସ୍ତ କର୍ମଜୀବୀ ଓ ଘରୋଇ ମହିଳାଙ୍କୁ କ୍ରୁଟ୍ ପକ୍ଷରୁ ଧନ୍ୟବାଦ ଦିଆଯାଇଛି।



ମୋ ବସ୍‌ରେ ଯାତ୍ରା କରିଥିବା ମହିଳା ଓ ମହିଳା କର୍ମଚାରୀ।



ଆଧ୍ୟାତ୍ମିକ ଗୁରୁ ରବିଶଙ୍କର ରବିବାର ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିବାକୁ ଯାଉଛନ୍ତି।

# ଧବଳେଶ୍ୱରଙ୍କୁ ଦର୍ଶନ କଲେ ରବିଶଙ୍କର

**ଖୁଣ୍ଟୁଣୀ,୮।୩ (ଡି.ଏନ୍.ଏ.)**

ଆର୍ଟ ଅଫ୍ ଲିଭିଂର ପ୍ରତିଷ୍ଠାତା ତଥା ଆଧ୍ୟାତ୍ମିକ ଧର୍ମଗୁରୁ ରବିଶଙ୍କର ରବିବାର ଅପରାହ୍ଣ ସାଢ଼େ ୫ଟାରେ ପ୍ରସିଦ୍ଧ ଶୈବ ପୀଠ ଧବଳେଶ୍ୱରଙ୍କୁ ଦର୍ଶନ କରିଛନ୍ତି। ରବିଶଙ୍କର ମଞ୍ଚେଶ୍ୱରଠାରେ ଅପରାହ୍ଣରେ ପହଞ୍ଚିବା ପରେ ଗୁରୁଡିଝାଟିଆ ଥାନାଧିକାରୀ ବିଜୟ କେତନ ବିଶି, ଧବଳେଶ୍ୱର ଫାଣ୍ଡି ଅଧିକାରୀ ବସନ୍ତ ବେହେରା ପ୍ରମୁଖ ତାଙ୍କୁ ଧବଳେଶ୍ୱରଙ୍କ ଦର୍ଶନ ପାଇଁ ପାଛୋଟି ନେଇଥିଲେ। ରବିଶଙ୍କରଙ୍କ ଏହି ଅଚାନକ ଗସ୍ତ ବିଷୟରେ କୌଣସି ପ୍ରଶାସନିକ ଅଧିକାରୀ ଜାଣି ନ ଥିଲେ। ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ମନ୍ଦିର ମଧ୍ୟରେ ଧବଳେଶ୍ୱରଙ୍କୁ ଦର୍ଶନ କରି ସେଠାରେ ମନ୍ଦିରର ପୂଜକ ସଂଖ୍ୟା ପଚାରି ବୁଝିଥିଲେ। ପୂଜକ ସମାଜ ପକ୍ଷରୁ ଅନିଲ ପତ୍ରୀ ଧବଳେଶ୍ୱରଙ୍କୁ ୧୦୮ ଘର ବ୍ରାହ୍ମଣ ପରିବାରର କେହି ବି ଛାତ୍ରୀଛାତ୍ର ଚାହିଁଲେ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିପାରିବେ ବୋଲି ରବିଶଙ୍କର ପ୍ରକାଶ କରି ସେଠାରୁ ଫେରିଥିଲେ। ତାଙ୍କ ସହ ୨୦ରୁ ଊର୍ଦ୍ଧ୍ୱ ସହଯୋଗ ଓ ସୁରକ୍ଷାକର୍ମୀ ଆସିଥିଲେ।

## ଏମିତି ପାଳନ୍ତୁ ହୋଲି



କରୋନା ଭାଇରସ୍ କାରଣରୁ ଏଥର ହୋଲି ଉତ୍ସବ ପାଳନକୁ ନେଇ ବିଭିନ୍ନ ସ୍ଥାନରେ ଦ୍ୱନ୍ଦ୍ୱ ଦେଖା ଦେଇଛି। କିଛି ଲୋକ ତ ଏପର୍ଯ୍ୟନ୍ତ ଦ୍ୱନ୍ଦ୍ୱରେ ଅଛନ୍ତି ଯେ ହୋଲି ଖେଳିବେ କି ନାହିଁ। ଆପଣ ଯଦି ହୋଲି ଖେଳର ମଜା ନେବାକୁ ଚାହାନ୍ତି ତା'ହେଲେ କରୋନା ଭାଇରସରୁ ରକ୍ଷା ପାଇବା ସହ କିପରି ସୁରକ୍ଷିତ ଭାବେ ହୋଲି ପାଳନ କରିପାରିବେ ସେ ସମ୍ପର୍କରେ ଜାଣି ରଖନ୍ତୁ।

- ସର୍ବପ୍ରଥମେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ ଏବଂ କୌଣସି ପ୍ରକାର ରାସାୟନିକ ରଙ୍ଗ ବ୍ୟବହାର କରନ୍ତୁ ନାହିଁ।
- ପିଲାଙ୍କୁ ପାଣି ସହ ହୋଲି ଖେଳିବାକୁ ମନା କରନ୍ତୁ। କାରଣ କରୋନା ଭାଇରସ୍ ଓଦା ଏବଂ ଥଣ୍ଡା ଦେହରେ ଶୀଘ୍ର ସଂକ୍ରମଣ ସୃଷ୍ଟି କରିଥାଏ।
- ଭିଡ଼ ସ୍ଥାନରେ ଅଧିକ ଲୋକଙ୍କ ସହ ହୋଲି ନ ଖେଳି ଘରେ ପରିବାର ତଥା ସମ୍ପର୍କୀୟମାନଙ୍କ ସହ ହୋଲି ଖେଳର ମଜା ନିଅନ୍ତୁ।
- ବାହାର ଲୋକ ଆପଣଙ୍କ ପାଖକୁ ହୋଲି ଖେଳିବା ନିମନ୍ତେ ଆସିଲେ ସେମାନଙ୍କୁ ପ୍ରଥମେ ସାନିଟାଇଜର ବ୍ୟବହାର କରିବାକୁ ଦିଅନ୍ତୁ।
- ଅଜବ ଲାଗିଲେ ବି ମାସ୍କ ଲଗାଇ ହୋଲି ଖେଳିବାକୁ ଚେଷ୍ଟା କରନ୍ତୁ।
- ରଙ୍ଗରେ ପୂରା ବୁଡ଼ି ନ ଯାଇ ଅଳ୍ପ ରଙ୍ଗ ବ୍ୟବହାର କଲେ ଭଲ। ଏହା ସହ ବାହାରୁ ଆସିଥିବା ମିଠା ଖାଇବା ବଦଳରେ ଘର ତିଆରି ମିଠା ବ୍ୟବହାର କରନ୍ତୁ।

## ହୋଲିରେ ପରିବେଶ ସୁରକ୍ଷା ବାର୍ତ୍ତା

ରଙ୍ଗର ପର୍ବ ହୋଲିକୁ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରାଯାଇଥାଏ। ତେବେ ହୋଲିକୁ ବିଶେଷ ଭାବରେ ପାଳନ କରି ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଥାଏ ମଧ୍ୟପ୍ରଦେଶ ଉଜ୍ଜୟିନୀ ସହରର ହୋଲି। ୩୦୦୦ ବର୍ଷ ତଳୁ ଏହି ସହରରେ ଏକ ଭିନ୍ନ ଢଙ୍ଗରେ ହୋଲି ପାଳନ କରାଯାଉଛି। ଏଠାରେ ହୋଲି ଦିନ ହୋଲିକା ଦହନ ନିମନ୍ତେ ବ୍ୟବହାର କରାଯାଏ ଗୋବରରେ ତିଆରି ହୋଇଥିବା ଘଷି। ବ୍ରାହ୍ମଣମାନେ ମନ୍ତ୍ର ଉଚ୍ଚାରଣ ସହିତ ପ୍ରଥମେ ଘଷିଗୁଡ଼ିକୁ ଏକାଠି ହୋଲିକା ସଜାଇ ରଖିଥାନ୍ତି। ଏହାପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନ୍ତ୍ରପାଠ ସହ ପୂଜାର୍ଚ୍ଚନା କରି ଶେଷରେ ହୋଲିକା ଦହନ କରିଥାନ୍ତି। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଠାରେ ପୂର୍ବପୁରୁଷମାନେ ଏପରି ହୋଲି ଉତ୍ସବ ପାଳନ କରିବାର ପରମ୍ପରା ରହିଆସିଛି। ଏବେ ବି ଏଇ ପରମ୍ପରାକୁ ଲୋକେ ସମ୍ମାନ ଜଣାଇ ଘଷିରେ ହୋଲିକା ଦହନ କରୁଛନ୍ତି। ତେବେ ହୋଲିକା ନିମନ୍ତେ ଏକ ମାସ ପୂର୍ବରୁ ମନ୍ତ୍ର ଉଚ୍ଚାରଣ ସହିତ ଗୋବରରେ ଘଷି ତିଆରି କରାଯାଇଥାଏ।



# ଫିକା ପଡ଼ିଛି ଫଗୁ

ଭାରତ ସମେତ ସାରା ବିଶ୍ୱରେ କରୋନା ଭାଇରସ୍ ପ୍ରଭାବ ବିସ୍ତାର କରିଚାଲିଛି। ଏହାକୁ ନେଇ ଏଥର ସବୁ ରାଜ୍ୟରେ ହୋଲି ଉତ୍ସବ ଧିମା ହୋଇଯାଉଛି। ମାନ୍ଦା ପଡ଼ିଯାଇଛି ରଙ୍ଗ ବଜାର। ତେବେ ଧୁମଧାମରେ ହୋଲି ପାଳନ ହେଉଥିବା ମଥୁରା, ବୃନ୍ଦାବନ, ହରିଦ୍ୱାର, ଋଷିକେଶ, କର୍ଣ୍ଣାଟକର ହାମ୍ପି, ଅହମଦାବାଦ୍ ତଥା ମଣ୍ଡି ଆଦି ସ୍ଥାନରେ ଏଥର ଫଗୁ ଫିକା ପଡ଼ିଛି।

ସବୁଠି ଏବେ କରୋନା ଭାଇରସ ସଂକ୍ରମଣର ଭୟ। ଏହି କାରଣରୁ ମଥୁରା, ବୃନ୍ଦାବନ, ହରିଦ୍ୱାର, ଋଷିକେଶ ତଥା କର୍ଣ୍ଣାଟକର ହାମ୍ପି ଆଦି ସ୍ଥାନରେ ଆକର୍ଷଣୀୟ ହୋଲି ଉତ୍ସବ ଫିକା ଲାଗୁଛି। ଏସବୁ ସ୍ଥାନରେ ହୋଲି ଉତ୍ସବ ପ୍ରସିଦ୍ଧ ହୋଇଥିବାରୁ ବହୁସଂଖ୍ୟାରେ ବିଦେଶୀ ଏଠାକୁ ହୋଲିରେ ଭାଗ ନେବାକୁ ଆସିଥାନ୍ତି। କିନ୍ତୁ କରୋନା ଭାଇରସ୍ କାରଣରୁ ଏସବୁ ଅଞ୍ଚଳରେ ବିଦେଶୀଙ୍କ ଆଗମନ ଉପରେ କଟକଣା ଲଗାଯାଇଛି। ବୃନ୍ଦାବନରେ ଇସ୍କନ ମନ୍ଦିର ପକ୍ଷରୁ ବିଦେଶୀ ଭକ୍ତମାନଙ୍କ ନିମନ୍ତେ ଆଡଭାଇଜରି ଜାରି କରାଯାଇ ସେମାନଙ୍କୁ ଆସନ୍ତା ଦୁଇ ମାସ ମଧ୍ୟରେ ମନ୍ଦିରକୁ ନ ଆସିବା ନିମନ୍ତେ କୁହାଯାଇଛି। ଏଥର ଫଗୁ ଉତ୍ସବକୁ ମଧ୍ୟ ନିରାଡମ୍ବର ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆଡଭାଇଜରି ସତ୍ତ୍ୱେ କୌଣସି ଭକ୍ତ ବୃନ୍ଦାବନକୁ ଆସିବାକୁ ଚାହୁଁଥିଲେ ସ୍ୱାସ୍ଥ୍ୟ ବିଭାଗକୁ ନିଜର ସ୍ୱାସ୍ଥ୍ୟ ସମ୍ପର୍କିତ ସାର୍ଟିଫିକେଟ୍ ଦେବାକୁ ହେବ ଯେ, ସେମାନେ କୌଣସି ପ୍ରକାରର ସଂକ୍ରମଣର ଶିକାର ହୋଇନାହାନ୍ତି ବୋଲି।

କର୍ଣ୍ଣାଟକର ହାମ୍ପିରେ ବି ଏଥର ସବୁ ହୋଟେଲ୍ ବୁକିଂ କ୍ୟାନସେଲ୍ କରାଯାଉଛି। ପ୍ରାୟ ୧୦୦ରୁ ଅଧିକ ଦେଶରୁ ଲୋକ ଏଠାକୁ ହୋଲିରେ ଭାଗ ନେବାକୁ ଆସିଥାନ୍ତି। ସେହିପରି ଋଷିକେଶରେ ଥିବା ବିଦେଶୀ ଭକ୍ତଙ୍କ ଉପରେ କଡ଼ା ନଜର ରଖାଯାଇଛି। ଡାକ୍ତରମାନେ ଏଠାରେ ବିଦେଶୀମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରୁଛନ୍ତି। ତେଣୁ ଏଥର ସବୁ ସ୍ଥାନରେ ଫଗୁ ଖେଳର ପରମ୍ପରା ଫିକା ପଡ଼ିଯାଇଛି।



## ଅହମଦାବାଦରେ ରେନ୍‌ଡ୍ୟାନ୍ସ ବନ୍ଦ



ଗୁଜରାଟ ସମେତ ପୂରା ବିଶ୍ୱରେ କରୋନା ଭାଇରସର ପ୍ରଭାବ ବିସ୍ତାର କରି ଚାଲିଛି। ଏହାର ସିଧା ପ୍ରଭାବ ହୋଲି ଉପରେ ପଡ଼ିଛି। କରୋନା ଭାଇରସ୍ ସଂକ୍ରମଣ ହୋଲି ଦ୍ୱାରା ଅଧିକ ବ୍ୟାପିବାର ଆଶଙ୍କା ରହିଥିବାରୁ ସରକାର ଏଠାରେ ରେନ୍‌ଡ୍ୟାନ୍ସ ବନ୍ଦ କରିଦେଇଛନ୍ତି। ଅହମଦାବାଦ ରାଜପଥ କ୍ଲବ୍ ଓ କର୍ଣ୍ଣାବତୀ କ୍ଲବ ସମେତ ଅନ୍ୟ କ୍ଲବ୍‌ଗୁଡ଼ିକରେ ହୋଲି ଅବସରରେ ରେନ୍‌ଡ୍ୟାନ୍ସ ତଥା ଅନ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। କୁହାଯାଏ, ଏହି ରେନ୍‌ଡ୍ୟାନ୍ସରେ ଦେଶ ତଥା ବିଦେଶର ବହୁ ପର୍ଯ୍ୟଟକ ଭାଗନେଇଥାନ୍ତି। ସମସ୍ତେ ଏକାଠି ହୋଇ ଏଠାରେ ହାତ ମିଳାଇବା ସହ ରଙ୍ଗ ଖେଳନ୍ତି। ପରସ୍ପରକୁ ଆଲିଙ୍ଗନ ମଧ୍ୟ କରିଥାନ୍ତି। ଏଣେ କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଏଭଳି ଉତ୍ସବକୁ ବନ୍ଦ କରାଯାଇଛି।

## ମଣ୍ଡିରେ ଉଡିବନି ଅବିର



ହିମାଚଳପ୍ରଦେଶର ସାଂସ୍କୃତିକ ରାଜଧାନୀ ଛୋଟକାଶୀ କୁହାଯାଉଥିବା ମଣ୍ଡିର ଐତିହାସିକ ସେରି ମଞ୍ଚରେ ଏଥର ଅବିର ଉଡିବନି। କରୋନା ଭାଇରସ ସଂକ୍ରମଣ ବ୍ୟାପୁଥିବାରୁ ୯ ମାର୍ଚ୍ଚରେ ହେବାକୁ ଥିବା ରଙ୍ଗୋତ୍ସବ କାର୍ଯ୍ୟକ୍ରମ ବନ୍ଦ କରାଯାଇଛି। ପ୍ରଶାସନ ଏହି ଖେଳ ଲାଗି ଅନୁମତି ଦେଇଥିଲେ ବି ଲୋକହିତକୁ ଦୃଷ୍ଟିରେ ଏଭଳି ନିଷ୍ପତ୍ତି ନିଆଯାଇଛି। ୨୦୦୩ରୁ ସେରି ମଞ୍ଚରେ ରଙ୍ଗ ଉତ୍ସବ ଆରମ୍ଭ ହୋଇ ୧୭ ବର୍ଷ ଧରି ଆୟୋଜିତ ହେଉଛି। ଏହି ଉତ୍ସବରେ ବାଦ୍ୟର ତାଳେ ତାଳେ ଲୋକମାନେ ଏଠାରେ ହୋଲି ମନାନ୍ତି। ଏଥିରେ ଭାଗ ନେବା ପାଇଁ ପଡୋଶୀ ରାଜ୍ୟ ପଞ୍ଜାବ, ଚଣ୍ଡିଗଡ ଓ ହରିୟାଣାରୁ ମଧ୍ୟ ଲୋକମାନେ ଆସିଥାନ୍ତି। ହଜାର ହଜାର ଲୋକଙ୍କ ଭିଡ ଭିତରେ ହୋଲି ଖେଳର ପରିବେଶ ବେଶ୍ ଆକର୍ଷଣୀୟ ହୋଇଥାଏ। ଏଣୁ ଏଠାରେ ଯଦି କୌଣସି ବ୍ୟକ୍ତି କରୋନା ସଂକ୍ରମିତ ହୋଇଥାନ୍ତି ତେବେ ପରିସ୍ଥିତ ଭାରି ସାଂଘାତିକ ହୋଇଯିବ। ଏଣୁ ସ୍ୱାସ୍ଥ୍ୟ ସୁରକ୍ଷାକୁ ଧ୍ୟାନରେ ରଖି ଏହି ଉତ୍ସବକୁ ବନ୍ଦ କରାଯାଇଛି। ମଣ୍ଡିର ହୋଲି ଉତ୍ସବ ପୂରା ନିଆରା। ଦେଶର ଅନ୍ୟ ଅଞ୍ଚଳରେ ପାଳନ କରାଯାଉଥିବା ହୋଲିର ଗୋଟିଏ ଦିନ ପୂର୍ବରୁ ଏଠାରେ ଏହା ପାଳିତ ହୋଇଥାଏ। ସହରର ସବୁ ରାସ୍ତାରେ ଦଳ ଦଳ ହୋଇ ଲୋକମାନେ ହୋଲି ଖେଳନ୍ତି। ମହିଳାମାନେ ବି ଏହି ଦଳରେ ସାମିଲ ହୁଅନ୍ତି। କିନ୍ତୁ କୌଣସି ଅଜଣା ବ୍ୟକ୍ତିଙ୍କୁ ଏମାନେ ରଙ୍ଗ ଲଗାନ୍ତିନି। ଶିବରାତ୍ରି ପରେ ହୋଲି ପାଇଁ ରାଜଦେବତା ମାଧୋରାୟଙ୍କ ଶୋଭାଯାତ୍ରା ବାହାରିଥାଏ। ମଣ୍ଡିରେ ଶୋଭାଯାତ୍ରା ପ୍ରବେଶ କରିବା ସମୟରେ ଏଭଳି ଉତ୍ସବ ଧୁମଧାମରେ ପାଳନ କରାଯାଇଥାଏ। ଏହି ଶୋଭାଯାତ୍ରା ମଣ୍ଡି ଛାଡିବା ପରେ ହୋଲି ଖେଳ ଶେଷ ହୋଇଯାଏ।

## ହୋଲି ରାସାୟନିକ ରଙ୍ଗ ମାରାତ୍ମକ

ହୋଲି। ରଙ୍ଗର ପର୍ବ। ପରସ୍ପରକୁ ରଙ୍ଗ ଏବଂ ଫଗୁ ବୋଳି ଖୁସି ମନେଇବା ଅବସର। ଅନେକଙ୍କର ଅପେକ୍ଷା ଥାଏ ଏହି ପର୍ବକୁ। ସେଥିପାଇଁ ବଜାରରେ ମେଲିଗଲାଣି ବିଭିନ୍ନ କିସମର ରଙ୍ଗର ପସରା। ଖାଲି ଆଖିରେ ସୁନ୍ଦର ଦେଖାଯାଉଥିବା ରଙ୍ଗ ମାରାତ୍ମକ ରାସାୟନିକ ଦ୍ରବ୍ୟରୁ ପ୍ରସ୍ତୁତ। କେତେକ ଲାଭଖୋର ବ୍ୟବସାୟୀ ଏହି ରଙ୍ଗ ଏବଂ ଫଗୁରେ ଇଞ୍ଜିନ ତେଲ ଏବଂ କାରଖାନାର ବର୍ଜ୍ୟ ତୈଳ ମିଶାଇଥାନ୍ତି। ଏଗୁଡିକ ଶରୀର ପ୍ରତି କ୍ଷତିକାରକ। ତେଣୁ ରଙ୍ଗ କିଣିବା ବେଳେ ସତର୍କ ରୁହନ୍ତୁ। ପ୍ରାକୃତିକ ରଙ୍ଗର ବ୍ୟବହାର ଅଧିକ ମାତ୍ରାରେ କରନ୍ତୁ। ଜନହିତ ପାଇଁ ଧରିତ୍ରୀ ପକ୍ଷରୁ ଏପରି ରଙ୍ଗ ସମ୍ପର୍କରେ ସତର୍କ କରିଦିଆଯାଉଛି।

- ସବୁଜ ରଙ୍ଗରେ କପର ସଲ୍‌ଫେଟ୍ ମିଶିଥାଏ। ଏହା ଆଖି ରୋଗର କାରଣ ହେବା ସହ ମଣିଷକୁ ଅଣନିଃଶ୍ୱାସୀ କରିଦିଏ। ଏହି ରଙ୍ଗ ମଧ୍ୟ ଆଂଶିକ ଭାବେ ଅନ୍ଧ କରିଦେଇପାରେ।
- ରୁପେଲି ରଙ୍ଗରେ ଆଲୁମିନିୟମ୍ କ୍ରୋମାଇଟ୍ ରହିଛି। ଏଥିଯୋଗୁ କର୍କଟ ରୋଗ ହେବାର ସମ୍ଭାବନା ଅଧିକ। ହାଲୁକା ବାଇଗଣୀ ରଙ୍ଗରେ କ୍ରୋମିୟମ୍‌ବାଇଡାଇଡ୍ ମିଶିଥାଏ। ଏହି ରଙ୍ଗ ବ୍ୟବହାର କଲେ ଶ୍ୱାସରୋଗ ଏବଂ ଆଲର୍ଜି ସୃଷ୍ଟି ହୋଇଥାଏ। ନୀଳରଙ୍ଗରେ ଥିବା ପ୍ରୁସିଆନ୍ ବ୍ଲୁ ରାସାୟନିକ ଯୋଗୁ ବିଭିନ୍ନ ପ୍ରକାର ଚର୍ମରୋଗ ହେବା ସମ୍ଭାବନା ଥାଏ।
- ଲାଲ ରଙ୍ଗରେ ମର୍କ୍ୟୁରି ସଲ୍‌ଫାଇଡ୍ ମିଶିଥାଏ। ସେଥିଯୋଗୁ ଚର୍ମ କର୍କଟ ସହ ମାନସିକ ଅବସାଦ, ପକ୍ଷାଘାତ ଏବଂ ଦୃଷ୍ଟିଦୋଷ ପରି ବିଭିନ୍ନ ରୋଗ ଦେଖାଦେଇଥାଏ। ଚକ୍‌ଚକ୍ କରୁଥିବା ରଙ୍ଗଗୁଡିକରେ ଗୁଣ୍ଡକାଚ ମିଶିଥାଏ। ଏହାଛଡା ତରଳ ରଙ୍ଗରେ ଥିବା ଆଲ୍‌କାଲାଇନ୍ ପଦାର୍ଥ ଶରୀର ପ୍ରତି ବହୁ କ୍ଷତିକାରକ।
- ରଙ୍ଗ ଛଡାଇବା ଲାଗି ଶରୀରକୁ ସାବୁନ କିମ୍ବା କିରୋସିନରେ ଧୁଅନ୍ତୁ ନାହିଁ।
- ହାଲ୍‌କା ସ୍କିନ୍ କ୍ରିମ୍ ବ୍ୟବହାର କରି ଧୀରେ ଧୀରେ ରଙ୍ଗ ଲାଗିଥିବା ସ୍ଥାନକୁ ଘଷନ୍ତୁ।
- ରଙ୍ଗ ଖେଳରେ ମାତିବା ପୂର୍ବରୁ ଦେହରେ ସ୍କିନ୍ କ୍ରିମ୍, ନଡିଆତେଲ କିମ୍ବା ସନ୍‌ସ୍କିନ୍ ଲୋଶନ ବ୍ୟବହାର କରନ୍ତୁ।
- ଆଖିରେ ରଙ୍ଗ ଭର୍ତ୍ତି ବେଲୁନ୍ ମାଡ଼ ହେଲେ ସଙ୍ଗେ ସଙ୍ଗେ ଆଖିକୁ ପାଣିରେ ଧୋଇଦିଅନ୍ତୁ। ଏହାସତ୍ତ୍ୱେ ଆଖି ଜଳାପୋଡ଼ା ହେଲେ ସଙ୍ଗେ ସଙ୍ଗେ ଡାକ୍ତରଙ୍କୁ ଦେଖାନ୍ତୁ।



## ୪୯୯ ବର୍ଷ ପରେ ହୋଲିରେ ଦୁର୍ଲଭ ସଂଯୋଗ

ଫାଲ୍‌ଗୁନ ପୂର୍ଣ୍ଣିମାରେ ହୋଲିକା ଦହନର ପରଦିନ ହୋଲି ଉତ୍ସବ ପାଳନ କରାଯିବ। ଏବର୍ଷ ଏହି ଉତ୍ସବରେ ବୃହସ୍ପତି ଓ ଶନି ଏକ ଦୁର୍ଲଭ ଯୋଗ ସୃଷ୍ଟି କରିଛନ୍ତି। ହୋଲି ଦିନ ଉକ୍ତ ଗ୍ରହମାନେ ସେମାନଙ୍କ ନିଜ ନିଜ ରାଶିରେ ରହିବେ ବୋଲି କହିଛନ୍ତି ଉଜ୍ଜୟନୀର ଜ୍ୟୋତିଷ ପଣ୍ଡିତ ମନୀଷ ଶର୍ମା। ତାଙ୍କ ମତରେ ଏହି ଦିନ ବୃହସ୍ପତି ତାଙ୍କ ସ୍ୱରାଶି ଧନୁରେ ଓ ଶନି ସ୍ୱରାଶି ମକରରେ ରହିବେ। ଏଭଳି ସଂଯୋଗ ୩ ମାର୍ଚ୍ଚ ୧୫୨୧ରେ ପଡିଥିଲା। ଏହି ଯୋଗରେ ହୋଲି ଅସିଲେ ଶୁଭ ଫଳ ପ୍ରଦାନ କରିଥାଏ। ପ୍ରତିବର୍ଷ ସୂର୍ଯ୍ୟ କୁମ୍ଭ ରାଶିରେ, ଚନ୍ଦ୍ର ସିଂହ ରାଶିରେ ରହନ୍ତି ଓ ହୋଲି ପାଳନ କରାଯାଏ। କିନ୍ତୁ ଏଥର ବୃହସ୍ପତି ଧନୁ ରାଶିରେ ରହୁଥିବାରୁ ହୋଲିଦିନ ବୃହସ୍ପତିଙ୍କ ଉଦ୍ଦେଶ୍ୟରେ ଚଣା ଦାନ କରନ୍ତୁ। ଭଗବାନ ଶିବଙ୍କୁ ବେସନ ଲଡୁ ଭୋଗ ଲଗାନ୍ତୁ। ହଳଦିଆ ବସ୍ତ୍ର ଓ କଦଳୀ ଦାନ କରନ୍ତୁ। ଶନିଙ୍କ ଲାଗି ଏହି ଦିନ 'ଓଁ ଶନୈଶ୍ଚରାୟ ନମଃ' ମନ୍ତ୍ର ଅତି କମ୍‌ରେ ୧୦୮ ଥର ଜପ କରନ୍ତୁ। ଶିବଲିଙ୍ଗରେ କଳାରାଶି ଚଢାନ୍ତୁ। କୌଣସି ଗରିବ ବ୍ୟକ୍ତିଙ୍କୁ କଳାବିରି ଦାନ କରନ୍ତୁ।

## ମେଳଣ ଆଣିଛି ଗାଁରେ ଏକତା

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ବଡ଼ବିଶୋଳ ପଞ୍ଚାୟତର ବେଲଡ଼ିହାରେ ୧୯୮୭ ମସିହାରୁ ପାଳିତ ହୋଇ ଆସୁଥିବା ଦୋଳ ଉତ୍ସବ ଗାଁରେ ଆଣିଛି ଏକତା। ନିଜ ନିଜ ଭିତରେ ଭେଦଭାବ ଭୁଲି ସ୍ୱାଭିମାନ ରକ୍ଷା କରିବା ସହିତ ଭଗବତ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଶୃଙ୍ଖଳିତ ଜୀବନ ବିତାଇବାରେ ଏହି ଉତ୍ସବ ସହାୟକ ହୋଇଥିବା ଗ୍ରାମବାସୀ କହିଛନ୍ତି।

ଅନ୍ୟ ଦୋଳଯାତ୍ରାଠାରୁ ବେଲଡ଼ିହା ଗ୍ରାମର ଦୋଳ ପୂର୍ଣ୍ଣିମା ଉତ୍ସବ ଭିନ୍ନ ଢଙ୍ଗରେ ପାଳିତ ହୋଇଥାଏ। ଏଥିଲାଗି ଗୋ ମାତାଙ୍କ ସମ୍ମୁଖରେ ଶ୍ରୀକୃଷ୍ଣ ଓ ରାଧାଙ୍କ ସହିତ ଦୁଇ ଜଣ ସଖୀଙ୍କର ମୃଣ୍ମୟ ମୂର୍ତ୍ତି ତିଆରି ହୋଇଥାଏ। ପରମ୍ପରା ଅନୁଯାୟୀ ଏବର୍ଷ ରବିବାର ଠାକୁରଙ୍କ ଘଟ ଉତ୍ତୋଳନ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ପୂର୍ବାହ୍ନରେ ନିକଟସ୍ଥ ନଦୀଘାଟରେ ଘଟ ପୂଜା କରାଯାଇଥିଲା। ଗାଁର ଜଣେ ବୟସ୍କ ବ୍ୟକ୍ତି(ମୁଖିଆ) ଗ୍ରାମବାସୀଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ଆମ୍ବ, ମହୁଲ ଇତ୍ୟାଦି ନୂଆ ଫଳ ଠାକୁରଙ୍କୁ ଅର୍ପଣ କରିଥିଲେ। ଉପସ୍ଥିତ ସମସ୍ତ ପୁରୁଷ ଲୋକେ ଗାଧୋଇ ସାରି ନୂଆ ପଇତା ଧାରଣ କରିଥିଲେ। ଘଟ ଉତ୍ତୋଳନ କରିଥିବା ୩ଜଣ ବ୍ୟକ୍ତି ଘଟ ଆଣି ଗ୍ରାମରେ ପହଞ୍ଚିବା ବେଳେ ପ୍ରତ୍ୟେକ ପରିବାରର ସ୍ତ୍ରୀ ଲୋକମାନେ ଦ୍ୱାର ସମ୍ମୁଖରେ ସେମାନଙ୍କୁ ସ୍ୱାଗତକରିବନ୍ଦାପନାକରିଥିଲେ।ପରେପୂଜାମଣ୍ଡପରେଘଟସ୍ଥାପନକରାଯାଇଥିଲା।

ବେଲଡ଼ିହା ଗ୍ରାମରେ ମୋଟ ୭୫ ପରିବାର ମଧ୍ୟରୁ ୭୦ ପରିବାର ଗୋପାଳ ସମ୍ପ୍ରଦାୟର। ଏମାନଙ୍କ ମଧ୍ୟରେ ୮୦ଭାଗରୁ ଅଧିକ ନିରକ୍ଷର, ଦିନମଜୁରିଆ ଓ ଖଟିଖିଆ ଶ୍ରେଣୀର। ବିକାଶ ଧାରାରେ ସାମିଲ ହେବା ଆଶା ନେଇ ସେମାନେ ଏକତା, ସଦ୍‌ଭାବ ରକ୍ଷା କରି କାର୍ଯ୍ୟ କରିଆସୁଛନ୍ତି। ଦୋଳ ଉତ୍ସବ ପରିଚାଳନା ପାଇଁ ଏକ କମିଟି ଗଢାଯାଇଛି। ୫ବର୍ଷରେ ଥରେ ଏହାର ପୁନର୍ଗଠନ କରାଯାଉଛି। ବର୍ତ୍ତମାନ ପ୍ରସନ୍ନ କୁମାର ମହାକୁଡ ସଭାପତି, ଅନିରୁଦ୍ଧ ମହାକୁଡ ସମ୍ପାଦକ ଓ ପୁରୁଷୋତ୍ତମ ମହାକୁଡ କମିଟିର କୋଷାଧ୍ୟକ୍ଷ ଅଛନ୍ତି। ଏଥର ଗ୍ରାମରେ ୩୪ତମ ଦୋଳପୂର୍ଣ୍ଣିମା ଉତ୍ସବ ପାଳନ ହେଉଥିବାରୁ ସମସ୍ତେ ଆୟୋଜନରେ ଲାଗି ପଡିଥିଲେ। ଉତ୍ସବ ଲାଗି ପ୍ରତି ପରିବାରରୁ ସାହାଯ୍ୟ ଗ୍ରହଣ କରାଯିବା ସହ ନିମନ୍ତ୍ରିତ ଅତିଥି ଓ ବଦାନ୍ୟ ବ୍ୟକ୍ତି ଆର୍ଥିକ ସହାୟତା ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ମହିଳା ଡ. ପ୍ରେମଲତା ବେହେରା ରାଧାକୃଷ୍ଣଙ୍କ ମନ୍ଦିର ନିର୍ମାଣ ପାଇଁ ୧ ଏକର ଜମି ପ୍ରଦାନ କରିଥିବାରୁ ଏବେ ମନ୍ଦିର ନିର୍ମାଣ ଲାଗି ଉଭୟ ପରିଚାଳନା କମିଟି ଓ ଗ୍ରାମବାସୀ ଉଦ୍ୟମ ଜାରି ରଖିଛନ୍ତି। ଦୋଳଯାତ୍ରାର ଦ୍ୱିତୀୟ ଦିବସରେ ଠାକୁରଙ୍କ ନିକଟରେ କାନିକା, ଖେଚୁଡ଼ି, ଡାଲମା, ଖଟା ପ୍ରସ୍ତୁତ ହୋଇ ଭୋଗ ଲାଗିବା ପରେ ଗ୍ରାମର ସମସ୍ତ ବ୍ୟକ୍ତି ମଧ୍ୟାହ୍ନ ସମୟରେ ଏକାଠି ହୋଇ ନିମନ୍ତ୍ରିତ ଅତିଥିଙ୍କ ଗହଣରେ ପ୍ରସାଦ ସେବନ କରିବା କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଲା, ଦାସକାଠିଆ, ଚଢେୟା ନାଟ, ନୃତ୍ୟସଙ୍ଗୀତ ପରିବେଷଣ କରାଯାଉଛି। ଦୋଳପୂର୍ଣ୍ଣିମାର ପର ଦିନ ସକାଳେ ମୂର୍ତ୍ତି ବିସର୍ଜନ କାର୍ଯ୍ୟକ୍ରମ ସହିତ ହୋଲିଖେଳ ଅନୁଷ୍ଠିତ ହେବ। ପୂଜା ୩ ଦିନ ଗାଁରେ ଆମିଷକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥାଏ ବୋଲି କମିଟି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।



ଦୋଳ ଉତ୍ସବ ଲାଗି ନିର୍ମାଣ କରାଯାଉଥିବା ମୂର୍ତ୍ତି।

- ଭିନ୍ନ ଢଙ୍ଗରେ ଦୋଳ ଉତ୍ସବ ପାଳନ
- ଗୋ ମାତାଙ୍କ ସମ୍ମୁଖରେ ଶ୍ରୀକୃଷ୍ଣ, ଶ୍ରୀରାଧାଙ୍କ ପୂଜନ

ରିପୋର୍ଟ: **ନିହାର ମହାପାତ୍ର**, କପ୍ତିପଦା



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
-ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ: କାର୍ ଚାଳକ ଗିରଫ

ପିପିଲି, ୮।୩ (ସ୍ୱ.ପ୍ର.): ପିପିଲି ଥାନା ଅନ୍ତର୍ଗତ ମକୁନ୍ଦପୁର ୪ର୍ଥ ବାଇପାସ ନିକଟରେ ଶନିବାର ରାତିରେ ବାଇକକୁ କାର୍ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛି। ମୃତକ ହେଲେ ଏହି ଥାନା ଅଧୀନ ନୂଆଶାସନ ଗ୍ରାମର ଲିଟୁ ରଥ(୨୯)। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରି ନଂ.୬୯/୨୦ରେ ଏକ ମାମଲା ରୁଜୁ କରିବା ସହ କାର୍ ଚାଳକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗର ସାଇକତ ଭଟ୍ଟାଚାର୍ଯ୍ୟ। ସୂଚନାଯୋଗ୍ୟ, ଶନିବାର ବିଳମ୍ବିତ ରାତିରେ ଲିଟୁଙ୍କ ସହ ସ୍ଥାନୀୟ ଗ୍ରାମର ରମାକାନ୍ତ ବେହେରା(୨୮) ଏକ ବାଇକରେ ମକୁନ୍ଦପୁର ନିକଟ ବାଇପାସ୍‌ରେ ରାସ୍ତା ପାର ହେଉଥିଲେ। ଏହି ସମୟରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା (ଡବ୍ଲୁବି୦୨ଏଏନ୩୫୩୬) କାର ଉକ୍ତ ବାଇକ୍‌କୁ ଧକ୍କା ଦେବାରୁ ବାଇକ ଆରୋହୀଦ୍ୱୟ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ପୋଲିସଙ୍କୁ ଜଣାଇବା ସହ ଗୁରୁତର ଦ୍ୱୟଙ୍କୁ ପିପିଲି ସରକାରୀ ଡାକ୍ତରଖାନାକୁ ଆଣିଥିଲେ। କିନ୍ତୁ ଉଭୟଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଭୁବନେଶ୍ୱର ପଠାଯାଇଥିଲା। ମାତ୍ର ସେଠାରେ ଡାକ୍ତର ଲିଟଙ୍କୁ ମୃତ ଘୋଷଣା କରିଥିଲେ। ରମାକାନ୍ତ ଅବସ୍ଥା ଆହୁରି ସଙ୍ଗିନ ହେବାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

### ୧୦ରେ ମା' ମଙ୍ଗଳାଙ୍କ ଚୈତ୍ର ପ୍ରଥମ ପାଳି, ନେତ ଉତ୍ସବ

କାକଟପୁର, ୮।୩ (ଡି.ଏନ୍.ଏ.)

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା' ମଙ୍ଗଳାଙ୍କ ଚୈତ୍ର ମାସର ପ୍ରଥମ ପାଳି ମଙ୍ଗଳବାର ତଥା ନେତ ବନ୍ଧା ଉତ୍ସବ ଆସନ୍ତା ୧୦ତାରିଖି ପବିତ୍ର ହୋଲି ଦିନ ଅନୁଷ୍ଠିତ ହେବ। ଏଥିପାଇଁ ଏହି ପ୍ରସିଦ୍ଧ ଶକ୍ତି ପୀଠ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ମନ୍ଦିର ଭିତର ଏବଂ ବାହାରକୁ ଉଜ୍ଜ୍ୱଳ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଭକ୍ତମାନେ ଶାନ୍ତିଶୃଙ୍ଖଳା ଭାବେ ମା'ଙ୍କ ଦର୍ଶନ ନିମନ୍ତେ ମନ୍ଦିର ବେଢାରେ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ଉକ୍ତ ଦିନ ଘ୧.୩୦ମିନିଟ୍‌ରୁ ୨ଘଟିକା ମଧରେ ନେତ ବନ୍ଧା ଉତ୍ସବ ଅନୁଷ୍ଠିତ ହେବ। ଯେହେତୁ ଏହି ଉତ୍ସବ ହୋଲି ଦିନ ପଡୁଥିବାରୁ ଏ ନେଇ ଶ୍ରଦ୍ଧାଳୁମାନେ ପ୍ରତ୍ୟୁଷରୁ ମନ୍ଦିରରେ ମା'ଙ୍କ ଦର୍ଶନ ନିମନ୍ତେ ଭିଡ ହେବ। ଏହାକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ମଧରାତ୍ରରୁ ମା'ଙ୍କ ନିତିକାନ୍ତି କାର୍ଯ୍ୟ ସମାପନ କରାଯିବ ବୋଲି ମନ୍ଦିର ପ୍ରଶାସନ ସ୍ଥିର କରିଛି।

### ବିଡିଏ କଲୋନୀର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର, ୮।୩ (ବ୍ୟୁରୋ): ପୋଖରୀପୁଟ ବିଡିଏ କଲୋନୀ ରେସିଡେଣ୍ଟ ୱେଲଫେୟାର ଆସୋସିଏଶନର ଏକ ବୈଠକ ରବିବାର ସ୍ଥାନୀୟ ଗୋଷ୍ଠୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଆସାସିଏଶନ ସଭାପତି ସର୍ବେଶ୍ୱର ବାଘ, ସମ୍ପାଦକ ଗିରିଶଚନ୍ଦ୍ର ଲେଙ୍କା ବୈଠକ ପରିଚାଳନା କରିଥିଲେ। କଲୋନୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ କେତେଜଣ ସଭ୍ୟ ଗଠନଧର୍ମୀ ପ୍ରସ୍ତାବ ଦେଇଥିଲେ। ଶେଷରେ ଆସୋସିଏଶନର ଯୁଗ୍ମ ସମ୍ପାଦକ ବିଶ୍ୱନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୩୬ ଅମୃତ ପାର୍କର ନିର୍ମାଣ, ନବୀକରଣ ଶେଷ

ଭୁବନେଶ୍ୱର, ୮।୩(ବ୍ୟୁରୋ)

ମନ୍ଦିରମାଳିନୀ ଭୁବନେଶ୍ୱରକୁ ଅଧିକ ବାସପଯୋଗୀ ଓ ଶିଶୁବନ୍ଧୁ ସହର ଭାବେ ଗଢି ତୋଳିବାର ପ୍ରୟାସ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅମୃତ ଯୋଜନାକୁ ଅଗ୍ରାଧିକାର ଦେଇଛି। ଏହ ଯୋଜନା ଅଧୀନରେ ସହରର ବିଭିନ୍ନ ପ୍ରାନ୍ତରରେ ୩୬ ପାର୍କର ନିର୍ମାଣ ଓ ନବୀକରଣ କରାଯାଇଛି। ପାର୍କଗୁଡ଼ିକ ବିଭିନ୍ନ କଲୋନୀ ମଧରେ ଅବସ୍ଥିତ ଥିବାବେଳେ ଏଗୁଡ଼ିକୁ ଶିଶୁସୁଲଭ କରାଯାଇଛି। ପ୍ରତି ପାର୍କରେ ଶିଶୁ ଉଦ୍ୟାନ, ଶିଶୁଙ୍କ ପାଇଁ ଦୋଳି ଏବଂ ଅନ୍ୟାନ୍ୟ ଖେଳ ଉପକରଣ ସ୍ଥାପନ ସହ ଖୋଲା ଆକାଶ ବ୍ୟାୟାମଶାଳାର ବ୍ୟବସ୍ଥା ମଧ ରହିଛି। ଏହା ସାଙ୍ଗକୁ ଆଲୋକୀକରଣ ଓ ଶୌଚାଳୟ ବ୍ୟବସ୍ଥା ସମସ୍ତ ପାର୍କକୁ ଲୋକାଭିମୁଖି କରାଇପାରିଛି ବୋଲି ବିଏମ୍‌ସି ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୧୫-୧୬ ଆର୍ଥିକ ବର୍ଷରେ ୪ ପାର୍କ, ୨୦୧୬-୧୭ରେ ୧୭ ପାର୍କ, ୨୦୧୭-୧୮ରେ ୧୨ଟି ପାର୍କର ନିର୍ମାଣ ଓ ନବୀକରଣ କରାଯାଇଛି।



ଭାର ନେଇଥିବା ସଂସ୍ଥାଗୁଡ଼ିକୁ ମାସିକ ୧୦ ହଜାର ଟଙ୍କା ଲେଖାଏ ଦିଆଯିବ। ଏହି ଖର୍ଚ୍ଚମଧରେ ଆଲୋକୀକରଣ, ବୃକ୍ଷରୋପଣ, ଜଳଯୋଗାଣ, ଜଳସିଞ୍ଚନ ଓ ପରିମଳ ଆଦି ଅନ୍ତର୍ଭୁକ୍ତ କରାଯାଇଛି। ପାର୍କର ମୁଖ୍ୟ ନିର୍ମାଣ ଓ ନବୀକରଣ କେବଳ ବିଏମ୍‌ସି ଦ୍ୱାରା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବାତ୍ୟା ଫନି ପରେ ବୃକ୍ଷରୋପଣ କରାଯାଇ ଆବଶ୍ୟକ ନିର୍ମାଣ ଓ ମରାମତି ପରେ ପାର୍କଗୁଡ଼ିକ ସମ୍ପୂର୍ଣ୍ଣ ହୋଇଛି। ଏହାଦ୍ୱାରା ଭୁବନେଶ୍ୱର ଏକ ଶିଶୁବନ୍ଧୁ ସହର ଭାବେ ପରିଗଣିତ ହୋଇଥିବା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

**ନାଗରିକ ସେବା ଯୋଗାଇବ କଲୋନୀ ଅମୃତ ପାର୍କ**

ଏସବୁ ପାର୍କ ମଧ୍ୟରୁ ୫୦ ପ୍ରତିଶତ ପାର୍କକୁ ଗୋଷ୍ଠୀ ପରିଚାଳନା ପାଇଁ ଆବାସିକ କଲ୍ୟାଣ ସଂଘ ଓ ୟୁଥ୍ କ୍ଲବ୍‌କୁ ହସ୍ତାନ୍ତର କରାଯାଇଛି। ଫଳରେ ପାର୍କଗୁଡ଼ିକର ରକ୍ଷଣାବେକ୍ଷଣ ଅଧିକ ସୁରକ୍ଷିତ ହେବ ବୋଲି ବିଏମ୍‌ସି ଆଶାପୋଷଣ କରିଛି। ପାର୍କର ସମୁଦାୟ ଖର୍ଚ୍ଚ ୧୦ କୋଟିରୁ ଅଧିକ ହୋଇଥିବାବେଳେ ଏହାର ପିଚାଳନା

# ସିବିଆଇକୁ ଦିଆଯିବ ଭକ୍ତଙ୍କ ଦସ୍ତଖତପତ୍ର

ପୁରୀ ଅଫିସ, ୮।୩:

- ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି
- ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା ରଖାଯିବା ପ୍ରସଙ୍ଗ

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ୟେସ୍ ବ୍ୟାଙ୍କ କାରବାର ଉପରେ କଟକଣା ଜାରି କରିଛି। ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ି ଥିବାରୁ ଆର୍‌ବିଆଇ ଏହି ପଦକ୍ଷେପ ନେଇଛି। ଏଭଳି ସ୍ଥିତିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ଫେରିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପରିଚାଳନା କମିଟି ଏବଂ ଗଜପତି ମହାରାଜଙ୍କୁ କାହିଁକି ଆଡୁଆଳରେ ରଖାଯାଇଥିଲା ବୋଲି ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥ ପ୍ରଶ୍ନ କରିଛନ୍ତି। ଉକ୍ତ ଟଙ୍କାକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପରିବର୍ତ୍ତେ ଘରୋଇ ବ୍ୟାଙ୍କରେ ରଖିବା ପଛରେ ନିଶ୍ଚିତ ଭାବେ ମନ୍ଦ ଉଦ୍ଦେଶ୍ୟ ରହିଛି। ପରିଚାଳନା କମିଟି ଓ ଅର୍ଥ ସବ୍ କମିଟି ଅଗୋଚରରେ ଏହି ଟଙ୍କା ଏକ ଘରୋଇ ବ୍ୟାଙ୍କରେ ରଖାଯାଇଥିଲା। ଏହି ଘଟଣାର ସିବିଆଇ ତଦନ୍ତ ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବନ ଓ ଗିରଫ କରାଯିବାକୁ ରଥ ଦାବି କରିଛନ୍ତି। ଏ ନେଇ ୯ତାରିଖଠାରୁ ଭକ୍ତଙ୍କ ଦସ୍ତଖତ ଅଭିଯାନ ଆରମ୍ଭ କରାଯିବ। ୧୦ହଜାରରୁ ଊର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଦାବିପତ୍ର ସିବିଆଇକୁ ଦିଆଯିବ। ସେହିପରି ଆଇନମନ୍ତ୍ରୀଙ୍କ ମନ୍ତବ୍ୟ ହାସ୍ୟାସ୍ପଦ ବୋଲି ସେ କହିଛନ୍ତି। ତାଙ୍କୁ ହଟାଯିବାକୁ ସେ ଦାବି କରିଛନ୍ତି। ୟେସ୍ ବ୍ୟାଙ୍କରେ ଏତେ ଟଙ୍କା ରଖିବା ପଛରେ ଅଧିକ ସୁଧ ଲୋଭ ନା ଆଉ କିଛି ରହସ୍ୟ ରହିଛି ତାହାର ତଦନ୍ତ ପାଇଁ ରଥ ଏକ ପ୍ରେସ ବିବୃତିରେ ଦାବି କରିଛନ୍ତି।

# ୧୮ରେ ନୀଳାଦ୍ରି ଭକ୍ତ ନିବାସରେ ଜନଶୁଣାଣି

ପୁରୀ ଅଫିସ, ୮।୩:

**ଶ୍ରୀମନ୍ଦିର ସୁରକ୍ଷା ବଳୟ ଉନ୍ନତୀକରଣ**

ଶ୍ରୀମନ୍ଦିର ସୁରକ୍ଷା ବଳୟ ଉନ୍ନତୀକରଣ ନିମନ୍ତେ ସାମାଜିକ ପ୍ରଭାବ ବିବରଣୀ ପ୍ରସ୍ତୁତ କରାଯାଇଛି। ପ୍ରଭାବିତ ହେଉଥିବା ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବାସେଳିସାହି, ଦୋଳମଣ୍ଡପ ସାହି, ମଣିକର୍ଣ୍ଣିକା ସାହି, କାଳିକାଦେବୀ ସାହି ଏବଂ ଚୁଡ଼ଙ୍ଗସାହି ଅଧୀନ ୱାର୍ଡ ୨, ୩, ୪, ୯, ୧୨, ୧୫ ଏବଂ ୧୭ର ଅଧିବାସୀଙ୍କ ଅବଗତି ନିମନ୍ତେ ଏହି ବିବରଣୀ ଜାରି ହୋଇଛି। ଏ ସମ୍ପର୍କରେ ଉକ୍ତ ୱାର୍ଡବାସୀଙ୍କ ମତାମତ ନେବା ପାଇଁ ଆସନ୍ତା ୧୮ ତାରିଖରେ ନୀଳାଦ୍ରି ଭକ୍ତ ନିବାସରେ ଜନଶୁଣାଣି ହେବ। ଏଥିରେ ପ୍ରଭାବିତ ୱାର୍ଡବାସୀ ଜମି ଅଧିଗ୍ରହଣ ଓ ତଜ୍ଜନିତ ପ୍ରସଙ୍ଗ ଉପରେ ସେମାନଙ୍କ ମତାମତ ଉପସ୍ଥାପନ କରିବେ।

ଶ୍ରୀମନ୍ଦିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧରେ ଜମି ଅଧିଗ୍ରହଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୫ ପ୍ରତିଶତ ଜମିର ବିକ୍ରି କବଲା ସରିଥିବାବେଳେ ସୁରକ୍ଷା ଜୋନରେ ଉଚ୍ଛେଦ ଚାଲିଛି। ଅଧିଗ୍ରହଣ ଜମି ମଧରେ ବାସେଳି ସାହି ମୌଜାର ୩ ଏକର ୨୮ ଡେସିମିଲ ବେସରକାରୀ ଓ ୬୪ ଡେସିମିଲ ସରକାରୀ ଜମି ରହିଛି। ସେହିପରି ମଣିକର୍ଣ୍ଣିକା ସାହିର ୩ ଏକର ୬୨୭ ଡେସିମିଲ ବେସରକାରୀ ଓ ୧୩୩ ଡେସିମିଲ ସରକାରୀ, କାଳିକାଦେବୀ ସାହିର ୧ ଏକର ୯୫୧ ଡେସିମିଲ ବେସରକାରୀ ଓ ୫୨ ଡେସିମିଲ ସରକାରୀ, ଦୋଳମଣ୍ଡପ ସାହିର ୭୭ ଡେସିମିଲ ବେସରକାରୀ ଓ ୭୪ ଡେସିମିଲ ସରକାରୀ, ଚୁଡ଼ଙ୍ଗସାହି ମୌଜାର ୩ ଏକର ୮୧୫ ଡେସିମିଲ ବେସରକାରୀ ଏବଂ ୧ ଏକର ୨୮ ଡେସିମିଲ ସରକାରୀ ଜମି ରହିଛି।





ମଞ୍ଚେଶ୍ୱରସ୍ଥିତ ଉତ୍କଳ ବିପନ୍ନ ସହାୟତା ସମିତିର ବାର୍ଷିକ ଉତ୍ସବ ପାଳନ ଅବସରରେ ରବିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ପଦ୍ମଚରଣ ନାୟକଙ୍କୁ 'ଉତ୍କଳମଣି ସେବା ସମ୍ମାନ-୨୦୨୦' ପ୍ରଦାନ କରୁଛନ୍ତି।

### ଥାନାରେ ରହିବ ସାନିଟାରୀ ନାପ୍‌କିନ

ଭୁବନେଶ୍ୱର, ୮।୩(ବ୍ୟୁରୋ)

ମହିଳା ଦିବସରେ କମିଶନରେଟ ପୋଲିସ ପକ୍ଷରୁ ମହିଳା ପୋଲିସ ପାଇଁ ନୂଆ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମସ୍ତ ଥାନାରେ ଏଣିକି ସାନିଟାରୀ ନାପ୍‌କିନ ମହଜୁଦ ରହିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ତାଙ୍କ ସୂଚନାନୁସାରେ, ଥାନାରେ ଡ୍ୟୁଟି ସମୟରେ ରକ୍ତସ୍ରାବ ହେଲେ ମହିଳା ପୋଲିସମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଫଳରେ ସେମାନେ କାର୍ଯ୍ୟ ଛାଡ଼ି ଘରକୁ ଚାଲିଯାଇଥାନ୍ତି। କିନ୍ତୁ ଏବେ ଆଉ ସେହି ସମସ୍ୟା ରହିବ ନାହିଁ। ପ୍ରଥମେ ଟ୍ରାଫିକ ଥାନାରେ ସାନିଟାରୀ ନାପ୍‌କିନ ରଖାଯିବ। ପ୍ରଥମ ପର୍ଯ୍ୟାୟରେ ୧୨ ଥାନା ଓ ପରେ ଅନ୍ୟ ସମସ୍ତ ଥାନାରେ ଏଥିପାଇଁ ବ୍ୟବସ୍ଥା ହେବ। ଏଥିପାଇଁ ଏକ ଘରୋଇ ସଂସ୍ଥା ଥାନାକୁ ସାନିଟାରୀ ବକ୍ସ ଯୋଗାଇବ। ମହିଳା ପୋଲିସ ଉକ୍ତ ବକ୍ସରେ ୫ ଟଙ୍କା ପକାଇ ଗୋଟିଏ ସାନିଟାରୀ ନାପ୍‌କିନ ପାଇପାରିବେ ବୋଲି କମିଶନର କହିଛନ୍ତି।

### କ୍ରିକେଟ: ଜରିପୁଟ ଚାମ୍ପିୟନ

ଭୁବନେଶ୍ୱର,୮-୩

ମେଣ୍ଢାଶାଳଠାରେ ବିଶ୍ୱଜିତ ମେମୋରିଆଲ କପ୍ କ୍ରିକେଟ ରବିବାର ଉଦଯାପିତ ହୋଇଯାଇଛି। ଇଗଲ୍ ସ୍ପୋର୍ଟିଂ କ୍ଲବ ଦ୍ୱାରା ଆୟୋଜିତ ହୋଇଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଜରିପୁଟ ଦଳ ୭ ଉଇକେଟରେ ପଳାସପୁର ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଜରିପୁଟ ଦଳର ମାନସ ୬୨ ରନ୍ ସହ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚୂଡାନ୍ତ ମ୍ୟାଚରେ ଶ୍ରୀପତି ବଡଜେନା, ସନ୍ଦୀପ ପ୍ରଧାନ, ସର୍ବେଶ୍ୱର ସାମନ୍ତରାୟ, ବିଜୟ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ କ୍ରୀଡାବିତଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ସତ୍ୟଜିତ ରାୟ, କ୍ଷୀତିଶ ମହାନ୍ତି, ତନୋଜ ମହାନ୍ତି ଏବଂ ଶିବ ପ୍ରସାଦ ମିଶ୍ର, ସୁକାନ୍ତ ପାତ୍ର ମ୍ୟାଚ ପରିଚାଳନା ଦାୟିତ୍ୱରେ ରହିଥିଲେ। ଟୁର୍ନାମେଣ୍ଟରେ ମୋଟ ୧୬ ଟିମ୍ ଅଂଶ ଗ୍ରହଣ କରିଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ରହିଛି।

# ଏନ୍‌ଡିଆରଏଫ୍ ଡିଜିଙ୍କ ମୁଣ୍ଡଳୀ କେନ୍ଦ୍ର ପରିଦର୍ଶନ



ନରାଜ, ୮।୩ (ଡି.ଏନ୍.ଏ.)

ଏନ୍‌ଡିଆରଏଫ୍ ମହାନିର୍ଦ୍ଦେଶକ ସତ୍ୟ ନାରାୟନ ପ୍ରଧାନ ରବିବାର ପୂର୍ବାହ୍ନରେ ମୁଣ୍ଡଳୀସ୍ଥିତ ଏନ୍‌ଡିଆରଏଫ୍‌ର ୩ୟ ବାହିନୀ କେନ୍ଦ୍ର ପରିଦର୍ଶନ କରିଛନ୍ତି । ପ୍ରଧାନ କେନ୍ଦ୍ରରେ ପହଞ୍ଚିଲା ପରେ ପ୍ରଥମେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପରେ ଡିଜି କେନ୍ଦ୍ର ପରିସରରେ ଏକ ସୁଇମିଙ୍ଗ ପୁଲ୍, ପ୍ରଶିକ୍ଷଣ କେନ୍ଦ୍ର ଓ ମୋଟର ଯାନ ୱାର୍କସପ୍ ଉଦଘାଟନ କରିଥିଲେ। ଏଥିସହ କେନ୍ଦ୍ର ପରିସରରେ ଚାରାରୋପଣ କରିଥିଲେ। ପରିଶେଷରେ କ୍ୟାମ୍ପ କାର୍ଯ୍ୟାଳୟ ନିକଟ ହିଲ୍‌ଟପରେ ଅନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ମହିଳାମାନଙ୍କୁ ଉଚ୍ଚ ପ୍ରଶଂସା କରିବା ସହ କୌଣସି ପରିସ୍ଥିତିରେ ସେମାନଙ୍କୁ ହୀନ ମନେକରିବା ଉଚିତ୍ ନୁହେଁ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଏହି କାର୍ଯ୍ୟକ୍ରମରେ ତାଲିମ କେନ୍ଦ୍ରର ପ୍ରିନ୍ସିପାଲ ସିନିୟର କମାଣ୍ଡାଣ୍ଟ ଜାକବ୍ କିସ୍‌ପୋଟା, ଡେପୁଟି କମାଣ୍ଡାଣ୍ଟ ସୋନାଲି ଦେଭ୍‌ଭରମନ, ଆସିଷ୍ଟାଣ୍ଡ ଜିଏସ ପଟେଲ, ଏକେ ପଟ୍ଟନାୟକ ଓ ସିପିଡବ୍ଲୁଡିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ନାରୀ ସଶକ୍ତୀକରଣ ଦେଖାଇଲେ ୭୦ ମହିଳା ବାଇକର୍





**ଭୁବନେଶ୍ୱର,୮।୩(ବ୍ୟୁରୋ):** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରବିବାର ମହିଳାଙ୍କ ବାଇକିଂ କ୍ଲବ୍ 'ୱି ଦ ରୋଡ୍ କୁଇନ୍‌ସ' ପକ୍ଷରୁ 'ରାଇଡ୍ ଏଗେନ୍‌ଷ୍ଟ ଭାଓଲେନ୍ସ ଅନ୍ ୱିମେନ୍' ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦ଜଣ ମହିଳା ବାଇକର୍ ଭାଗନେଇ ବାଇକ୍ ଚଲାଇ ମହିଳା ସଶକ୍ତୀକରଣର ବାର୍ତ୍ତା ଦେଇଛନ୍ତି। ମହିଳାଙ୍କ ଉପରେ ହେଉଥିବା ହିଂସା ରୋକିବା ଏବଂ ଏନେଇ ସାଧାରଣ ଲୋକଙ୍କ ମଧରେ ସଚେତନତା ସୃଷ୍ଟି ପାଇଁ ଏହି ବାଇକ୍ ରାଲି ଆୟୋଜିତ ହୋଇଥିଲା। ଟ୍ରାଫିକ୍ ଡିସିପି ସାଗରିକା ନାଥ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ଏଥିରେ ଅଭିନନ୍ଦନ ଆଚାର୍ଯ୍ୟ ଯୋଗଦେଇ ସମାଜରେ ଘଟୁଥିବା କୌଣସି ପ୍ରକାର ହିଂସା ରୋକିବାକୁ ମହିଳାମାନେ ସକ୍ଷମ ବୋଲି କହିଥିଲେ। କମିଶନରେଟ ପୋଲିସ ମୁଖ୍ୟାଳୟଠାରୁ ଆରମ୍ଭ ହୋଇ ଏହି ରାଲି ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ଶହୀଦନଗର, ରାମମନ୍ଦିର, ଆଇଜି ପାର୍କ ଲେନ୍ ହୋଇ ସୂଚନା ଭବନଠାରେ ଶେଷ ହୋଇଥିଲା।

# ସୁସ୍ଥ ସମାଜ ଗଠନରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା

ପୁରୀ ଅଫିସ, ୮।୩ :

ପୁରୀ ଜିଲା ଆଇନସେବା ପ୍ରାଧିକରଣ ଓ ଜିଲା ସମାଜ କଲ୍ୟାଣ ବିଭାଗ ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସୁଭାଷ ବୋଷ ଛକରୁ ବାହାରି ସିଭିଲ କୋର୍ଟ ପରିସରରେ ପହଞ୍ଚିଥିଲା। ସଭାରେ ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର ମାଗଣା ଆଇନ ସେବା, ମହିଳାଙ୍କ ଲାଗି ରହିଥିବା ନ୍ୟାୟିକ ପ୍ରକ୍ରିୟା, ଘରୋଇ ହିଂସା ଅଧିନିୟମ, ଯୌତୁକ ନିରୋଧ ଅଧିନିୟମ, ପୀଡ଼ିତାଙ୍କୁ କ୍ଷତିପୂରଣ ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲା ଓ ଦୌରା ଜଜ୍ ଶୁଭଶ୍ରୀ ତ୍ରିପାଠୀ କହିଲେ ଯେ, ଏକ ସୁସ୍ଥ ସମାଜ ଗଠନ ଦିଗରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଅତିଥି ଭାବେ ବିଚାର ବିଭାଗୀୟ ଅଧିକାରୀ ଇନ୍ଦୁ ଶର୍ମା, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅତ୍ୟାଚାର ବିରୋଧରେ ସଂଗ୍ରାମ ପାଇଁ ଆହ୍ୱାନ

କଟକ ଅଫିସ, ୮।୩

**ରାଜ୍ୟସ୍ତରୀୟ ଶିକ୍ଷୟିତ୍ରୀ ସମ୍ମିଳନୀ**

ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଆହ୍ୱାନକ୍ରମେ ରାଜ୍ୟସ୍ତରୀୟ ଶିକ୍ଷୟିତ୍ରୀ ସମ୍ମିଳନୀ କଟକସ୍ଥିତ ସଙ୍ଗଠନର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପିକା ଆଶା ହଂସ ଏହାକୁ ଉଦ୍‌ଘାଟନ କରିବା ସହ ଶିକ୍ଷୟିତ୍ରୀ ଓ କର୍ମଜୀବୀମହିଳାମାନଙ୍କୁ ସଙ୍ଗଠିତ କରି ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରାଯିବା ଲାଗି ଆହ୍ୱାନ ଦେଇଥିଲେ। ଏଥିରେ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଥିଲେ, ଅଗ୍ରାଧିକାର ଭିତ୍ତିରେ ମହିଳାମାନଙ୍କ ସମସ୍ୟା ଓ ଦାବି ପୂରଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ ହେବା ଉଚିତ୍। ଏ ଦିଗରେ ସଚେତନତାର ଆବଶ୍ୟକତା ମଧ ରହିଛି। ଏହି ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲାରୁ ୧୦୫ ଜଣ ମହିଳା ପ୍ରତିନିଧି ଯୋଗଦେଇଥିଲେ। ଓଷ୍ଟାର ରାଜ୍ୟ ସମ୍ପାଦିକା ସୁରଜିତା ନାୟକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ କରାଯିବା, ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଓ ଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ସହିତ ବିଶ୍ରାମାଗାର, ସବୁ ବିଦ୍ୟାଳୟରେ ଛାତ୍ରୀନିବାସ ସହ ମହିଳା ୱାର୍ଡେନ୍ ନିଯୁକ୍ତି, ଶିକ୍ଷୟିତ୍ରୀ ଓ ମହିଳା କର୍ମଚାରୀଙ୍କ ପାଇଁ ୨ ବର୍ଷ ଚାଇଲ୍ଡ କେୟାର ଲିଭ୍ ପ୍ରଦାନ, ଯୌନ ନିର୍ଯାତନା ଘଟଣାରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ କଠୋରଦଣ୍ଡ ବିଧାନ କରିବା ଆଦି ଦାବି ଆଗାମୀ ଦିନରେ ସରକାରଙ୍କ ନଜରକୁ ଆଣି ସମାଧାନ କରିବା ପାଇଁ ଉଦ୍ୟମ କରିବାକୁ ସମ୍ମିଳନୀରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଓଷ୍ଟାର କାର୍ଯ୍ୟକାରୀ ସଭାପତି ଭିକାରି ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ ଦାଶ, କୋଷାଧକ୍ଷ ଅଶୋକ ମହାପାତ୍ର, ଉପସଭାନେତ୍ରୀ ରେବତୀ ଜେନା, ଲୀଳାବତୀ ପଟ୍ଟନାୟକ ଓ ଯୁଗପ୍ରଭା ସାବତ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଭାଙ୍ଗି ୩ ଗିରଫ

ସାଲେପୁର, ୮।୩(ଡି.ଏନ.ଏ.)

ସାଲେପୁର ବ୍ଲକ ଅଧୀନ ସିଡ଼ୋ ପଞ୍ଚାୟତର ତାରିଣୀ ଛକଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଶନିବାର ରାତିରେ ଭଙ୍ଗାଯାଇଛି। ଏହି ଘଟଣା ରବିବାର ସକାଳେ ସ୍ଥାନୀୟ ଲୋକ ଦେଖିଲାପରେ ଜପକୁଦ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସେହିପରି ସେଠାରେ ପୂର୍ବରୁ ଦୋକାନ କରିଥିବା ମୀନକେତନ ନାୟକଙ୍କୁ ମଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଉଭୟ ଅଭିଯୋଗକୁ ଗ୍ରହଣ କରି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣକବାଟ ୯୯/୨୦ ଓ ୧୦୦/୨୦ରେ ୨ଟି ମାମଲା ରୁଜୁ କରିବାସହ ସିଡ଼ୋ ଗ୍ରାମର ଅବିନାଶ ମହାନ୍ତି(୨୨), ଦେବାଶିଷ ବଳ(୨୪), ଡମ୍ବରୁଧର ନାୟକ(୪୯)ଙ୍କୁ ଗିରଫ କରିଛନ୍ତି। ଏହାପରେ ନବଘନ ଜେନା ନାମକ ଯୁବକ ଫେରାର ହୋଇ ଯାଇଛନ୍ତି। ପ୍ରତିମୂର୍ତ୍ତି ଭଙ୍ଗା ଘଟଣାକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଛି।



ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯାଇଛି।

**ସାଲେପୁର ବ୍ଲକ**

- ଜଣେ ଫେରାର
- ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା

ଏହି ଘଟଣାକୁ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ନିନ୍ଦା କରିଛନ୍ତି। ସେହିପରି ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ମଧ ଦୃଢ଼ ନିନ୍ଦା କରିଛନ୍ତି। ସୂଚନା ଅନୁସାରେ, ଶନିବାର ରାତି ୯ଟା ପରେ ପଞ୍ଚାୟତର କେତେଜଣ ଯୁବକ ଗାନ୍ଧିଜୀଙ୍କ ଏହି ପ୍ରତିମୂର୍ତ୍ତି ତଳେ ବସି ମଦ୍ୟପାନ କରିଥିଲେ। ପରେ ସମ୍ପୃକ୍ତ ଯୁବକମାନେ ନିଶାଶକ୍ତ ହୋଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିଥିବା କୁହାଯାଉଛି।



ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ଡେମୋକ୍ରାଟିକ୍ ପାର୍ଟିରୁ ଆଗୁଆ ଥିବା ପ୍ରାର୍ଥୀ ଜୋ ବିଡେନଙ୍କୁ ରବିବାର ଭାରତୀୟ ବଂଶୋଦ୍ଭବ ତଥା କାଲିଫର୍ନିଆ ସିନେଟର କମଲା ହାରିସ୍‌ଙ୍କ ସମର୍ଥନ ମିଳିଛି। ପୂର୍ବତନ ଉପରାଷ୍ଟ୍ରପତି ବିଡେନ ରାଷ୍ଟ୍ରପତି ହୁଅନ୍ତୁ ବୋଲି ସାରା ଦେଶ ଚାହୁଁଥିବା କମଲା କହିଛନ୍ତି। ଏହା ପୂର୍ବରୁ ମାଇକ୍ ବ୍ଲୁମବର୍ଗ ଏହି ଦୌଡ଼ରୁ ଓହରିଯାଇ ୭୭ ବର୍ଷୀୟ ବିଡେନଙ୍କୁ ସମର୍ଥନ ଘୋଷଣା କରିଥିଲେ।

## ସଂକ୍ଷେପରେ

### ପାରିବାରିକ ବିବାଦରୁ ପିଟି ହତ୍ୟା

**ଶାହାଜାହାନପୁର(ୟୁପି),୮।୩:** ଉତ୍ତରପ୍ରଦେଶର ଶାହାଜାହାନପୁର ଜିଲାରେ ପାରିବାରିକ ବିବାଦରୁ ଜଣେ ବ୍ୟକ୍ତିଙ୍କୁ ତାଙ୍କ ସମ୍ପର୍କୀୟମାନେ ପିଟି ହତ୍ୟା କରିଛନ୍ତି। ତିଲହାର ଅଞ୍ଚଳର ଯୋଗୀପୁର ଗ୍ରାମରେ ଯୁଗଳ କିଶୋର (୫୨)ଙ୍କ ସହ ସମ୍ପର୍କୀୟ ଭାଇ ନରେନ୍ଦ୍ରଙ୍କର କେତେକ କାରଣକୁ ନେଇ ବିବାଦ ଥିଲା। ନରେନ୍ଦ୍ର, ତାଙ୍କ ବାପା ଓ ଦୁଇଭାଇଙ୍କ ସହ ମିଶି ଯୁଗଳଙ୍କୁ ପିଟି ମାରିଦେଇଛନ୍ତି। ପୋଲିସ ହତ୍ୟା ମାମଲା ରୁଜୁ କରି ଫେରାର ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ଅନୁସନ୍ଧାନ ଜାରି ରଖିଛି।

### ଫେରିଲେ ନିଖୋଜ କଂଗ୍ରେସ ବିଧାୟକ



**ଭୋପାଳ,୮।୩(ପି.ଟି.):** ମଧ୍ୟପ୍ରଦେଶ ଶାସକ ଦଳର ନିଖୋଜ ଥିବା ୧୦ ବିଧାୟକଙ୍କ ମଧ୍ୟରୁ ୮ ଜଣ ଫେରିଆସିଲେଣି। ବାକି ୨ ଜଣ ଫେରୁଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଘୋଡାବେପାର ଓ ଅପହରଣର ନାଟକବାଜି ପରେ ମୁଖ୍ୟମନ୍ତ୍ରୀ କମଳନାଥ ତାଙ୍କ ମନ୍ତ୍ରିମଣ୍ଡଳରେ ଖୁବ୍‌ଶୀଘ୍ର ସମ୍ପ୍ରସାରଣ କରିବାକୁ ଯାଉଥିବା ସୂଚନା ମିଳିଛି। ଅସନ୍ତୁଷ୍ଟ ବିଧାୟକମାନଙ୍କୁ କ୍ୟାବିନେଟରେ ଥଇଥାନ କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି। ନିଖୋଜର ୬ ଦିନ ପରେ ରବିବାର ବିଧାୟକ ବିସାହୁଲାଲ ସିଂ ଫେରିଛନ୍ତି। ଫଳରେ ସରକାରକୁ ଭାଙ୍ଗିବା ଲାଗି ବିରୋଧୀ ଦଳ ଭାଜପା ଚଳାଇଥିବା ଷଡ଼ଯନ୍ତ୍ର ଫସର ଫାଟିଯାଇଛି ବୋଲି ରାଜ୍ୟ ଗୃହମନ୍ତ୍ରୀ ବାଲା ବଚନ କହିଛନ୍ତି। ଅନ୍ୟପକ୍ଷରେ ୨୬ ତାରିଖ ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ଦଳରେ ଆଭ୍ୟନ୍ତରୀଣ କନ୍ଦଳ ଦେଖାଦେଇଥିବା ସୂଚନା ମିଳୁଛି।

# ୧୫ ମହିଳାଙ୍କୁ ନାରୀଶକ୍ତି ପୁରସ୍କାର

ନୂଆଦିଲ୍ଲୀ,୮।୩(ପି.ଟି.)



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ନାରୀ ଶକ୍ତି ପୁରସ୍କାର ଗ୍ରହଣ କରୁଛନ୍ତି କ୍ଲାସିକାଲ ଭୋକାଲିଷ୍ଟ କୌଶିକୀ ଚକ୍ରବର୍ତ୍ତୀ। ପାଖରେ ଅଛନ୍ତି ଫାଷ୍ଟ ଲେଡି ସବିତା କୋବିନ୍ଦ ଓ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଦେଶର ୧୫ ଜଣ ମହିଳାଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ନାରୀ ଶକ୍ତି ପୁରସ୍କାରରେ ସମ୍ମାନିତ କରିଛନ୍ତି। ଏହି ମହିଳାମାନେ ସେମାନଙ୍କ ଅବଦାନ ବଳରେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିଛନ୍ତି। ମହିଳା ସଶକ୍ତିକରଣ ଓ ସାମାଜିକ କଲ୍ୟାଣ ଲାଗି ଅନବରତ ସେବାର ସ୍ୱୀକୃତି ସ୍ୱରୂପ ପ୍ରତିବର୍ଷ ସରକାର ନାରୀଶକ୍ତି ପୁରସ୍କାର ପ୍ରଦାନ କରିଥାନ୍ତି।

ଛତୁଚାଷକୁ ଲୋକପ୍ରିୟ କରି 'ମସ୍‌ରୁମ ମହିଳା'ର ପରିଚୟ ହାସଲ କରିଥିବା ବୀଣା ଦେବୀଙ୍କୁ ପୁରସ୍କୃତ କରାଯାଇଛି। ସରପଞ୍ଚ ଥିବା ବୀଣା ଦେବୀ କୃଷକମାନଙ୍କୁ ଛତୁଚାଷ, ଜୈବ କୃଷି ତାଲିମ ଦେବା ସହ ଘରେ କିପରି ଜିଆଖତ, ଜୈବ କୀଟନାଶକ ଉତ୍ପାଦନ କରିହେବ ତାହା ଶିଖାଇଥାନ୍ତି। ସେହିପରି 'ଚଣ୍ଡିଗଡ଼ର ବିସ୍ମୟ' ଭାବେ ପରିଚିତ ୧୦୩ ବର୍ଷୀୟ ମାନ୍ କୌରଙ୍କୁ ନାରୀଶକ୍ତି ପୁରସ୍କାର ମିଳିଛି। ସେ ୯୩ ବର୍ଷ ବୟସରେ କ୍ରୀଡାରେ କ୍ୟାରିୟର ଆରମ୍ଭ କରି ପୋଲାଣ୍ଡରେ ଖେଳାଯାଇଥିବା ବିଶ୍ୱ ମାଷ୍ଟର୍ସ ଆଥଲେଟିକ ଚାମ୍ପିୟନ୍‌ସିପ୍‌ରେ ୪ଟି ସ୍ୱର୍ଣ୍ଣ ଜିତିଛନ୍ତି। ୨୦୧୬ ଆମେରିକୀୟ ମାଷ୍ଟର୍ସ ଗେମ୍‌ରେ ସେ ବିଶ୍ୱର ଦ୍ରୁତତମ ଶତାୟୁ ଧାବିକା ହେବାର ରେକର୍ଡ ଅର୍ଜନ କରିଥିଲେ। ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ସହ ସେ ନିଜକୁ ସାମିଲ କରିଛନ୍ତି। ପୁରସ୍କୃତ ଅନ୍ୟ ଜଣେ ମହିଳା ହେଲେ ରାଜମିସ୍ତ୍ରି କଳାବତୀ ଦେବୀ। ଉତ୍ତରପ୍ରଦେଶର କାନପୁରରେ ବାହ୍ୟ ମଳତ୍ୟାଗ ରୋକିବାରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ସେ ୪୦୦୦ରୁ ଅଧିକ ପାଇଖାନା ନିର୍ମାଣ କରିବା ସହ ଘରକୁ ଘର ଯାଇ ପାଇଖାନା ବ୍ୟବହାର ନିମନ୍ତେ ସଚେତନତା ସୃଷ୍ଟି କରିଛନ୍ତି।

**ଅନ୍ତର୍ଜାତୀୟ ମହିଳା ଦିବସ**

ଆଦିବାସୀ ମହିଳାମାନଙ୍କ ପାଇଁ କାର୍ଯ୍ୟ କରୁଥିବା ପାଦଲା ଭୂଦେବୀ, ହଜିଯାଇଥିବା ନୁମ୍‌ଧା ହସ୍ତଶିଳ୍ପ କଳାକୁ ଫେରାଇ ଆଣିଥିବା କଶ୍ମୀରର ଆରିଫା ଜାନ୍, ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ଝାଡ଼ଖଣ୍ଡର ଲେଡି ଟାର୍ଜନ ଭାବେ ପରିଚିତ ଚାମି ମୁର୍ମୁ, ଆଲ୍‌ଚି କିଚେନ ରେଷ୍ଟୁରାଣ୍ଟ ଚଳାଉଥିବା ନିଳଜା ୱାଙ୍ଗମୋ, ଅଟୋମୋଟିଭ ପେସାଦାର ରଶ୍ମି ଉର୍ଦ୍ଧ୍ୱାର୍ଦେଶ, ଏଭରେଷ୍ଟ ଆରୋହଣ କରିଥିବା ପ୍ରଥମ ଯମଜ ମହିଳା ଉତ୍ତରାଖଣ୍ଡର ତାଷୀ ଓ ନୁଙ୍ଗ୍‌ଶୀ ମଲିକ, କ୍ଲାସିକାଲ ଭୋକାଲିଷ୍ଟ କୌଶିକି ଚକ୍ରବର୍ତ୍ତୀ, ବାୟୁସେନାରେ ପ୍ରଥମ ମହିଳା ଯୋଦ୍ଧା ଅବନୀ ଚତୁର୍ବେଦୀ, ଭୱାନା କାନ୍ତ, ମୋହନା ସିଂ ଜିତରୱାଲ ପୁରସ୍କୃତ ହୋଇଛନ୍ତି। ସେହିପରି ୧୦୫ ବର୍ଷରେ ଚତୁର୍ଥ ଶ୍ରେଣୀ ପାସ୍ କରିଥିବା ଭାଗୀରଥି ଆମ୍ମା ଓ ୯୮ ବର୍ଷୀୟା କାର୍ତ୍ୟାୟିନୀ ଆମ୍ମା ମଧ୍ୟ ପୁରସ୍କୃତ ହୋଇଛନ୍ତି।

# ବୁଲେଟପ୍ରୁଫ୍ ମନ୍ଦିରକୁ ସ୍ଥାନାନ୍ତର ହେବେ ରାମଲାଲା

ନୂଆଦିଲ୍ଲୀ,୮।୩

ଆଗାମୀ ୨୫ରେ ଭକ୍ତମାନେ ରାମଲାଲାଙ୍କୁ ଦର୍ଶନ କରିବାକୁ ଗଲେ ସେମାନେ ଖୁବ୍ ପାଖରୁ ତାଙ୍କୁ ଦେଖିବାର ସୁଯୋଗ ପାଇବେ। କାରଣ ରାମଲାଲାଙ୍କୁ ସେଠାରେ ଥିବା ଏକ ବୁଲେଟପ୍ରୁଫ୍ ମନ୍ଦିରକୁ ସ୍ଥାନାନ୍ତର କରାଯାଉଥିବା ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ନେତା ବିନୋଦ କୁମାର ବଂଶଲ କହିଛନ୍ତି। ଏବେ ଭକ୍ତମାନଙ୍କୁ ୫୨ ଫୁଟ ଦୂରରୁ ରାମଲାଲାଙ୍କୁ ଦର୍ଶନ କରିବାକୁ ପଡୁଛି। ଖୁବ୍‌ଶୀଘ୍ର ସେମାନେ ମାତ୍ର ୨୬ ଫୁଟ ଦୂରରୁ ଦେଖିବାର ସୁଯୋଗ ପାଇବେ। ଏଥିପାଇଁ ସୁରକ୍ଷା କଡ଼ାକଡ଼ି କରାଯିବା ସହ ଏକ୍ସ-ରେ ସ୍କାନିଂ ମେଶିନ୍ ଲାଗିବ ଏବଂ ବୟସ୍କ ଦର୍ଶକମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ବଂଶଲ ସୂଚନା ଦେଇଛନ୍ତି।



ଅଯୋଧ୍ୟାର ଅସ୍ଥାୟୀ ମନ୍ଦିରରେ ପୂଜା ପାଉଛନ୍ତି ରାମଲାଲା।

# ପେଟ୍ରୋଲ ଢାଳି ୪ ଜଣଙ୍କୁ ଜାଳିଦେଲେ

**୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ**

ବିକାନେର,୮।୩

ରାଜସ୍ଥାନର ବିକାନେର ଜିଲା ନୋଖାରେ ରବିବାର ୪ ଜଣ ବ୍ୟକ୍ତିଙ୍କ ଉପରେ ପୋଟ୍ରୋଲ ଢାଳି ଜାଳିଦେବା ଭଳି ଅଭାବନୀୟ କାଣ୍ଡ ସାମ୍ନାକୁ ଆସିଛି। ନିଆଁରେ ପୋଡ଼ି ହୋଇଯିବା ପରେ ସେମାନଙ୍କ ମଧ୍ୟରୁ ୨ ଜଣ ଜୀବନ ସହ ସଂଘର୍ଷ କରୁଛନ୍ତି। ୪ ଜଣ ଯୁବକ ଏକ ଜିପ୍‌ରେ ଯାଉଥିବାବେଳେ ନୋଖା ଥାନା ପଞ୍ଚପଟ ରାସ୍ତାରେ ୭ରୁ ୮ ଜଣ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇଥିଲେ। ଦୁର୍ବୃତ୍ତମାନେ ଉକ୍ତ ଜିପ୍‌ରେ ପୋଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଯୁବକମାନେ ଜିପ୍‌ରୁ ତଳକୁ ଓହ୍ଲାଇ ଆସିବାରେ ସକ୍ଷମ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ପିବିଏମ୍ ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଶାନ୍ତିଲାଲ ଓ ଅଜିତ ସିଂ ନାମକ ଦୁଇ ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁର୍ବୃତ୍ତମାନେ ଏପରି କାଣ୍ଡ ଭିଆଇଥିବା ବିକାନେରର ଏସ୍‌ପି ପ୍ରଦୀପ ମୋହନ ଶର୍ମା ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, ଅଜିତ ଓ ଅନ୍ୟମାନେ କିଛିଦିନ ତଳେ ନୋଖା ନିକଟସ୍ଥ ଉଗମସର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରିଥିଲେ। ଏହାର ପ୍ରତିଶୋଧ ନେବାକୁ ଯାଇ ସେମାନେ ଏପରି କରିଛନ୍ତି। ୪ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ସେମାନେ ହେଲେ ସୁରେଶ ବିଷ୍ଣୋଇ, ଗୋବିନ୍ଦ ଡାନ, ରାହୁଲ ଓ ରେଓ୍ୱନ୍ତ। ଇତିମଧ୍ୟରେ ସ୍ଥାନୀୟ ଭାଜପା ଏମ୍‌ପି ବିହାରୀ ଲାଲ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି।

## ଇତିହାସର ଆଇନାରେ

### ମାର୍ଚ୍ଚ ୯ର ପ୍ରମୁଖ ଘଟଣା

୧୯୩୪ ମାର୍ଚ୍ଚ ୯ରେ ବିଶ୍ୱର ପ୍ରଥମ ମହାକାଶ ଯାତ୍ରୀ ସୋଭିଏଟ୍ ରୁଷ୍‌ର ବାୟୁସେନା ପାଇଲଟ ୟୁରୀ ଗାଗାରିନ୍‌ଙ୍କ ଜନ୍ମ। ୧୯୬୧ ଏପ୍ରିଲ ୧୨ରେ ତାଙ୍କର ଭୋସ୍ତକ୧ ମହାକାଶ ଯାନ ପୃଥିବୀ ପରିକ୍ରମା କରିଥିଲା।

୧୯୪୫ ମାର୍ଚ୍ଚ ୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବାବେଳେ ଟୋକିଓ ଉପରେ ଆମେରିକା ପ୍ରଥମ ବୋମା ପକାଇଥିଲା। ଏହି ସିରିଜ ବୋମାମାଡ଼ରେ ଟୋକିଓର ୪୧ ବର୍ଗ କିଲୋମିଟର ଅଞ୍ଚଳ ଧ୍ୱଂସ ହେବା ସହ ଲକ୍ଷେ ଲୋକଙ୍କ ମୃତ୍ୟୁ ଘଟିଥିଲା।

# ୪ ଦେଶରେ ଲଜିଷ୍ଟିକ୍ ବେସ୍ ଖୋଲିବ ହାଲ୍



**ନୂଆଦିଲ୍ଲୀ,୮।୩(ପି.ଟି.):** ରାଷ୍ଟ୍ରାୟତ୍ତ କମ୍ପାନୀ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ହାଲ୍) ମାଲେସିଆ, ଭିଏତନାମ, ଇଣ୍ଡୋନେସିଆ ଓ ଶ୍ରୀଲଙ୍କାରେ ଏହାର ଲଜିଷ୍ଟିକ୍ ବେସ୍ ଖୋଲିବା ପାଇଁ ଯୋଜନା କରୁଛି। ସେହିସବୁ ଦେଶକୁ ହାଲୁକା ଲଢୁଆ ବିମାନ ତେଜସ୍ ଓ ସାମରିକ ହେଲିକପ୍ଟର ବିକ୍ରି କରିବାକୁ ଲକ୍ଷ୍ୟ ରଖିଛି ହାଲ୍। ଉପରୋକ୍ତ ଦେଶଗୁଡ଼ିକ ରୁଷିଆ ନିର୍ମିତ ଯୁଦ୍ଧବିମାନ ଓ ହେଲିକପ୍ଟର ବ୍ୟବହାର କରୁଛନ୍ତି, ଯାହାର ସେବା ପ୍ରଦାନ କ୍ଷମତା ଅତ୍ୟନ୍ତ ନିକୃଷ୍ଟ ବୋଲି ହାଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଆର୍. ମାଧବନ କହିଛନ୍ତି। ସରକାର ଏବେ ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର, ପଶ୍ଚିମ ଏସିଆ ଓ ଉତ୍ତର ଆଫ୍ରିକୀୟ ଦେଶଗୁଡ଼ିକୁ ତେଜସ୍, ଲଢୁଆ ହେଲିକପ୍ଟର ରୁଦ୍ର ଓ ହାଲୁକା ହେଲିକପ୍ଟର ଧ୍ରୁବ ରପ୍ତାନି ଉପରେ ଗୁରୁତ୍ୱ ଦେଉଛନ୍ତି। ଆଗାମୀ ୫ ବର୍ଷରେ ପ୍ରତିରକ୍ଷା ରପ୍ତାନି ୫ ବିଲିୟନ ଡଲାରକୁ ବଢ଼ାଇବା ପାଇଁ ଗତମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷ୍ୟଧାର୍ଯ୍ୟ କରିଥିଲେ।

# ଗିରଫ ହେଲେ ଜାଲ୍ ସାର୍ଟିଫିକେଟ୍‌ଧାରୀ ଶିକ୍ଷକ

ଆସିକା,୮।୩(ଡି.ଏନ୍.ଏ.)

ଆସିକା ଥାନା ଇଲାକାରେ ଜାଲ୍ ସାର୍ଟିଫିକେଟ୍ ଦାଖଲ କରି ଶିକ୍ଷକତା କରୁଥିବା ଅଭିଯୋଗରେ ରବିବାର ପୋଲିସ ଜଣେ ଶିକ୍ଷକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ସାହାପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଏବଂ କଲେଜ ଛକ ବାସିନ୍ଦା ଶିବରାମ ପଣ୍ଡା। ଗିରଫ ଅଭିଯୁକ୍ତଙ୍କୁ ରବିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଶିବରାମଙ୍କୁ ମିଶାଇ ଅଦ୍ୟାବଧି ଆସିକା ପୋଲିସ ପକ୍ଷରୁ ଜାଲ୍ ସାର୍ଟିଫିକେଟ୍ ମାମଲାରେ ୫ଜଣ ଶିକ୍ଷକ ଓ ତିନିଜଣ ଜାଲ୍ ସାର୍ଟିଫିକେଟ୍ ପ୍ରସ୍ତୁତକର୍ତ୍ତା ଓ ଦଲାଲଙ୍କୁ ମିଶାଇ ୮ଜଣ ଗିରଫ ହେଲେଣି। ତେବେ ପୋଲିସ ତାଲିକାରେ ଆହୁରି ବହୁ ଅଭିଯୁକ୍ତ ରହିଛନ୍ତି। ଫେରାର୍ ଅଭିଯୁକ୍ତଙ୍କୁ ଗିରଫ ଲାଗି ପୋଲିସ ଉଦ୍ୟମ ଜାରି ରଖିଛି।

ସୂଚନା ଯୋଗ୍ୟ, ଏହି ଜାଲ୍ ସାର୍ଟିଫିକେଟ୍‌ଧାରୀ ଶିକ୍ଷକଙ୍କୁ ଗିରଫ କରିବା ନେଇ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପକ୍ଷରୁ ଗତ ଡିସେମ୍ବରରେ ଥାନାରେ ଅଭିଯୋଗ କରାଯାଇଥିଲା। ଆସିକା ଥାନାରେ ନଂ.୪୬୬/୧୯ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।



ଜାଲ୍ ସାର୍ଟିଫିକେଟ୍ ଦାଖଲ ଅଭିଯୋଗରେ ଗିରଫ ଶିକ୍ଷକ।

## ୨ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ: ଶିକ୍ଷକ ଗିରଫ

**କୋରେଇ,୮।୩(ସ୍ୱ.ପ୍ର):** ଯାଜପୁର ଜିଲା କୋରେଇ ଅଞ୍ଚଳର କରଦାସ୍ଥିତ ଏକ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ପଢୁଥିବା ୨ଜଣ ଛାତ୍ରୀ ଉକ୍ତ ବିଦ୍ୟାଳୟର ଶିକ୍ଷକଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିବା ନେଇ ପରିବାର ପକ୍ଷରୁ କୋରେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏ ନେଇ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ରବିବାର ଅଭିଯୁକ୍ତ ଶିକ୍ଷକ ମୋହନ କୁମାର ଭୂୟାଁ(୩୦)ଙ୍କୁ ଗିରଫ କରିଛି। ଦୁଇ ପୀଡିତାଙ୍କ ବୟାନ ନେବା ପରେ ପୋଲିସ ସେମାନଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ପ୍ରକାଶ ଯେ, ଶିକ୍ଷକ ମୋହନ ୨ ମାସ ଧରି ବିଦ୍ୟାଳୟର ଉକ୍ତ ଦୁଇ ଛାତ୍ରୀଙ୍କୁ ଟିଉସନ ସମୟରେ ବିଦ୍ୟାଳୟରେ ବଳାତ୍କାର କରିଥିଲେ। ଫଳରେ ପୀଡ଼ିତା ଛାତ୍ରୀଦ୍ୱୟ ସ୍କୁଲ ଆସିବାକୁ ଅମଙ୍ଗ ହୋଇଥିଲେ। ଏନେଇ ପରିବାର ଲୋକ ପିଲାଙ୍କୁ ପଚାରିବାରେ ଶିକ୍ଷକ ସେମାନଙ୍କୁ ବଳାତ୍କାର କରିଥିବା ନେଇ ପ୍ରକାଶ କରିଥିଲେ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

# ନୀଳାଚଳ ଇସ୍ପାତକୁ ବନ୍ଦ କରିବାକୁ ମସୁଧା




ନୀଳାଚଳ ଏକ୍‌ଜିକ୍ୟୁଟିଭ୍ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

ଭୁବନେଶ୍ୱର,୮।୩(ବ୍ୟୁରୋ)

**ଜୀବିକା ହରାଇବେ ୧୦ ହଜାର କର୍ମଚାରୀ**

ଭାରତର ବୃହତ୍ ପିଗ୍ ଆଇରନ୍ ରପ୍ତାନିକାରୀ କମ୍ପାନୀ ଭାବେ ଖ୍ୟାତି ଅର୍ଜନ କରିଥିବା ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍)କୁ ବନ୍ଦ କରିବାକୁ କେନ୍ଦ୍ର ସରକାର ମସୁଧା କରୁଛନ୍ତି। ଭାରତ ସରକାରଙ୍କ ମେଟାଲ ଆଣ୍ଡ ମିନେରାଲ୍‌ସ ଟ୍ରେଡିଂ କର୍ପୋରେଶନ(ଏମ୍‌ଏମ୍‌ଟିସି) ଏବଂ ଓଡ଼ିଶା ସରକାରଙ୍କ ଇପିକଲ୍ ଏବଂ ଓଏମ୍‌ସି ସହଭାଗିତାରେ କଳିଙ୍ଗନଗରରେ ଥିବା ଏହି ଏକମାତ୍ର ରାଷ୍ଟ୍ରାୟତ୍ତ ସଂସ୍ଥା ଏବେ ତାଲା ଝୁଲିବା ଅବସ୍ଥାକୁ ଆସିଛି। ନିକଟରେ କେନ୍ଦ୍ର ସରକାର ନୀଳାଚଳରୁ ସମ୍ପୂର୍ଣ୍ଣ ପୁଞ୍ଜି ପ୍ରତ୍ୟାହାର କରିବାର ନିଷ୍ପତ୍ତି ନେଇଥିବା ବେଳେ ନିବେଶ ଏବଂ ଲୋକପରିସମ୍ପତ୍ତି ପ୍ରବନ୍ଧନ ବିଭାଗ ଏହି ପ୍ରକ୍ରିୟା ସମ୍ପାଦନ କରିବାର ଦାୟିତ୍ୱ ନେଇଛି। ୧.୧ ମିଲିୟନ୍ ଟନ୍ କ୍ଷମତା ବିଶିଷ୍ଟ ଏହି ଇସ୍ପାତ କାରଖାନା ଯଦି ବନ୍ଦ ହୁଏ ତା' ହେଲେ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ୧୦ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ଜୀବିକା ହରାଇବେ।

ନୀଳାଚଳ ଏକ୍‌ଜିକ୍ୟୁଟିଭ୍ ଆସୋସିଏଶନ୍ ପକ୍ଷରୁ ଏଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନର ସାଧାରଣ ସମ୍ପାଦକ ଅଜିତ କୁମାର ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ନୀଳାଚଳରେ ଏମ୍‌ଏମ୍‌ଟିସିର ସର୍ବାଧିକ ୪୯.୭୮% ଅଂଶଧନ ଏବଂ ଓଡିଶା ସରକାରଙ୍କର ୩୨.୪୭% ଅଂଶଧନ ରହିଛି। କମ୍ପାନୀ ନିକଟରେ ନିଜସ୍ୱ ୧୧୦ ମିଲିୟନ୍ ଟନ୍ ଲୁହାପଥର ଥିବା ଏକ ବୃହତ୍ ଲୁହାପଥର ଖଣି ରହିଛି। ପିଗ୍ ଆଇରନ୍ ସହ କାମଧେନୁ ସାର ଏବଂ ଅଶୋଧିତ ପିଚୁ ଉତ୍ପାଦନ କରି ନୀଳାଚଳ ଅନେକ ସୁନାମ ଅର୍ଜନ କରିଛି। ମାତ୍ର କାରଖାନା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାକୁ ଆବଶ୍ୟକ ଅର୍ଥ ବିନିଯୋଗ କରାଯାଉ ନ ଥିବାରୁ ଯନ୍ତ୍ରାଂଶ କିଣା ଏବଂ କଞ୍ଚାମାଲ୍ ଅଭାବରୁ ଅନେକ ସମୟରେ ଅନିଚ୍ଛାକୃତ ଭାବେ ଉତ୍ପାଦନ ବନ୍ଦ ହେଉଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ବାଧାବିଘ୍ନ ସତ୍ତ୍ୱେ ଏହି କାରଖାନା ୨୦୧୧-୧୨ ପର୍ଯ୍ୟନ୍ତ ଲାଭଜନକ ସଂସ୍ଥା ରହିଥିବାବେଳେ ସବୁ ଆର୍ଥିକବର୍ଷରେ ଅପରେଶନାଲ ପ୍ରଫିଟ୍ କରିଛି। ମାତ୍ର ଏମ୍‌ଏମ୍‌ଟିସି ପାଇଁ ୫, ୭୧୨ କୋଟିର ଋଣବୋଝ କମ୍ପାନୀକୁ ଏବେ କ୍ଷତିରେ ପହଞ୍ଚାଇଛି। ଏପଟେ ୨୦୧୯ରେ ଅନୁମୋଦନ ମିଳିଥିଲେ ମଧ୍ୟ ଅର୍ଥାଭାବ ଯୋଗୁଁ ନୀଳାଚଳ ନିଜ ଖଣିରୁ ଲୁହାପଥର ଉତ୍ତୋଳନ କରିବାରେ ଅକ୍ଷମ ହୋଇଛି। ଫଳରେ ବାହାରୁ ଲୁହାପଥର ଚଢ଼ାଦରରେ ଆମଦାନୀ କରିବାରୁ ପାଖାପାଖି ୧,୫୦୦ କୋଟିରୁ ଅଧିକ କ୍ଷତି ସହିବାକୁ ପଡୁଛି। ଅର୍ଥାଭାବ, କଞ୍ଚାମାଲର ଅଭାବ, ଯନ୍ତ୍ରାଂଶ କିଣାରେ ଅଭାବ ପାଇଁ କାରଖାନା ନିଜ କ୍ଷମତା ମୁତାବକ ଉତ୍ପାଦନ କରିପାରୁନାହିଁ ବୋଲି ଆସୋସିଏଶନ୍ ପକ୍ଷରୁ କୁହାଯାଇଛି।

ତେବେ ସେଲ୍ କିମ୍ବା ଆର୍‌ଆଇଏନ୍‌ଏଲ୍ ସହ ସମ୍ମିଶ୍ରଣ କରି ନୀଳାଚଳର ଆଧୁନିକୀକରଣ ତଥା ସମ୍ପ୍ରସାରଣ କରାଗଲେ ଏହାର ୧୧୦ ମିଲିୟନ ଟନ୍‌ର ଗଚ୍ଛିତ ଲୁହାପଥର ସେଲ୍ କିମ୍ବା ଆର୍‌ଆଇଏନ୍‌ଏଲ୍‌କୁ ମିଳିପାରିବ ବୋଲି ଆସୋସିଏଶନ ତରଫରୁ କୁହାଯାଇଛି। ଫଳରେ ନୀଳାଚଳ କାରଖାନା ଉପରେ ନିର୍ଭର କରୁଥିବା ପାଖାପାଖି ୧୦ ହଜାର ପରିବାରର ଜୀବିକା ସୁରକ୍ଷିତ ରହିବା ସହ ବହୁ ବେକାର ଯୁବତୀଯୁବକ ନିଯୁକ୍ତି ପାଇପାରନ୍ତେ। ଏହାସହ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଲାଭାନ୍ୱିତ ହୁଅନ୍ତେ। ଦୁର୍ଭାଗ୍ୟର ବିଷୟ ହେଉଛି, ନୀଳାଚଳ କାରଖାନାର ଦୁଇଟି ୟୁନିଟ୍‌କୁ ଛାଡ଼ି ବାକି ସବୁ ବନ୍ଦ ହୋଇଯାଉଛି। ତେଣୁ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ଆସୋସିଏଶନର ସଭାପତି ଅଭିଜିତ କୋଲି, ଉପସଭାପତି ସ୍ୱରୂପାନନ୍ଦ ମହାପାତ୍ର, ଚିତ୍ତରଞ୍ଜନ ପ୍ରଧାନ ଏବଂ ସଦସ୍ୟ ମାନସରଞ୍ଜନ ଖଟେଇ ଦାବି କରିଛନ୍ତି।

ବ୍ଲକସ୍ତରୀୟ ନିଯୁକ୍ତି
Odishaର ପ୍ରତ୍ୟେକ ଜିଲ୍ଲାରୁ 10th / +2 & above Qualification ଥିବା candidate ଆବଶ୍ୟକ।
ଦରମା - ୭000/- ରୁ ୩୮000/-
7894509327

Ordeal Management
Institute ର Branch ବିସ୍ତାର ପାଇଁ ମ୍ୟାନେଜର, ଅଫିସ୍ ପୋଷ୍ଟ ପାଇଁ 49- ଜଣ ପୁଅ/ଝିଅ ର ଆବଶ୍ୟକତା ଅଛି। ଯୋଗ୍ୟତା- 10th to Post Graduate, ଟ୍ରେନିଙ୍ଗ୍ + ହଷ୍ଟେଲ ଫ୍ରି।
ଆୟ- 8500/- ରୁ 10,000/-, ଟ୍ରେନିଙ୍ଗ୍ ପରେ ଆୟ- 25,000/- ରୁ 35,000/-
Mob : 7008360189
ଠିକଣା-ITI ଛକ, ବାଲେଶ୍ୱର

Wanted Sales Executives for Logistic Firm at Bhubaneswar.
email cv to :-
chandandash@rediffmail.com
Contact : 9238306766

WANTED
For officially Job
Qualification 10th above
Salary up to 25000/-
Mob.- 9938699963
8598992540

COLORCLASSIFIEDDISPLAY
on Every
Tuesday and Friday

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ବରିଷ୍ଠ ସହସମ୍ପାଦକ
- ପ୍ରାର୍ଥୀଙ୍କର ଡେସ୍କ କାର୍ଯ୍ୟରେ ଅନ୍ୟୂନ ୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ।
- ସାମ୍ବାଦିକତାରେ ଡିଗ୍ରୀ କରିଥିବା ଆବଶ୍ୟକ।
- ଖବରକୁ ବୁଝିବା, ଅନୁବାଦ, ସମ୍ପାଦନା ଏବଂ ଆକର୍ଷଣୀୟ ଶିରୋନାମା ଦେବାରେ ପ୍ରାର୍ଥୀଙ୍କର ବିଶେଷଜ୍ଞତା ରହିବା ଆବଶ୍ୟକ।
- ଖବରଗୁଡ଼ିକୁ ୱେବ୍‌ସାଇଟ୍ ଏବଂ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବାରେ ଅଭିଜ୍ଞ ପ୍ରାର୍ଥୀମାନଙ୍କୁ ପ୍ରାଧାନ୍ୟ ଦିଆଯିବ।

ବରିଷ୍ଠ ଖବରଦାତା
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୫ ବର୍ଷର ଅଭିଜ୍ଞତା ରହିବା ଆବଶ୍ୟକ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବା ଆବଶ୍ୟକ।

ଆବେଦନ କରନ୍ତୁ:-
recruitment@dharitri.com
ଅଭିଜ୍ଞତା ଆଧାରରେ ପାରିଶ୍ରମିକ ଦିଆଯିବ।

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ମହିଳା ମାଓବାଦୀ ଦେବେଙ୍କ ଆତ୍ମସମର୍ପଣ

ମାଲକାନଗିରି,୮।୩ (ଡି.ଏନ.ଏ.)



ମହିଳା ମାଓବାଦୀ ଦେବେ ସୋଡି ମାଲକାନଗିରି ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରୁଛନ୍ତି।

- ପୋଲିସ ସହ ଗୁଳି ବିନିମୟରେ ସମ୍ପୃକ୍ତ ଥିଲେ
- ସରକାର ଘୋଷଣା କରିଥିଲେ ୪ଲକ୍ଷ ପୁରସ୍କାର ରାଶି
- ମାଓବାଦୀ ସଙ୍ଗଠନରେ ମିଳୁଛି ନିର୍ଯାତନା

ରବିବାର ଆନ୍ତର୍ଜାତିକ ମହିଳା ଦିବସ। ଏହି ଅବସରରେ ଜଣେ ମହିଳା ମାଓବାଦୀ ସମାଜର ମୁଖ୍ୟ ସ୍ରୋତକୁ ଫେରିବା ପାଇଁ ମାଲକାନଗିରି ଏସ୍‌ପିଙ୍କ ନିକଟରେ ଆତ୍ମ ସମର୍ପଣ କରିଛନ୍ତି। ତାଙ୍କ ନାମ ଦେବେ ସୋଡି (୨୨)। ଏନେଇ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ହୃଷିକେଶ ଡି. ଖିଲାରି ସୂଚନା ଦେଇଛନ୍ତି। ସୁକୁମା ଜିଲା ଗାଦିରସ ଥାନା ଅନ୍ତର୍ଗତ କୁସରାଜ ଗ୍ରାମର ଉରା ସୋଡିଙ୍କ ଝିଅ ଦେବେ ୨୦୧୨ରେ ପେଦାରସ୍ ଏଲ୍‌ଓଏସ୍‌ର ସିପିଆଇ (ମାଓବାଦୀ) ଦଳରେ ସାମିଲ ହୋଇଥିଲେ। ଆତ୍ମସମର୍ପଣ ପୂର୍ବରୁ ସେ ଦର୍ଭା ଡିଭିଜନ କଟକଲ୍ୟାଣ ଏରିଆ କମିଟିର ସଦସ୍ୟା ଭାବେ କାର୍ଯ୍ୟ କରୁଥିଲେ। ସେ ୨୦୧୭ରେ ଦାନ୍ତେୱାଡା ଜିଲା କଟକଲ୍ୟାଣ ଥାନା ଅନ୍ତର୍ଗତ ମାଡଜୁମ ଗ୍ରାମରେ, ୨୦୧୮ରେ ତୁରନାର ଗ୍ରାମରେ, ୨୦୧୯ ଅଗଷ୍ଟରେ ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ତୁଳସୀ ଗ୍ରାମ ନିକଟରେ ପୋଲିସ ସହ ଗୁଳି ବିନିମୟରେ ସାମିଲ ଥିଲେ। ଦାନ୍ତେୱାଡା ଜିଲା କଟକଲ୍ୟାଣ ଥାନା ଚିକପାଲ୍ ଗ୍ରାମର ଆଡମା, ମୋପାଡ଼ ଥାନା କାର୍କାମ ଗ୍ରାମର ଲଛମନ ହତ୍ୟା ଘଟଣାରେ ସାମିଲ ଥିଲେ। ତାଙ୍କ ନାମରେ ଓଡ଼ିଶା ସରକାର ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ବର୍ତ୍ତମାନ ସରକାର ତୁଳସୀ ଜଙ୍ଗଲ ନିକଟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେବା, ଶାନ୍ତିପୂର୍ଣ୍ଣ ଭାବେ ମାଓବାଦୀଙ୍କୁ ଦମନ କରିବା କାର୍ଯ୍ୟରେ ସେ ଆକୃଷ୍ଟ ହୋଇ ସମାଜର ମୁଖ୍ୟ ସ୍ରୋତକୁ ଫେରିବା ପାଇଁ ମାଓବାଦୀ ସଙ୍ଗଠନ ଛାଡ଼ିଛନ୍ତି। ମାଓବାଦୀ ସଙ୍ଗଠନରେ ଆଉ ପୂର୍ବ ଆଦର୍ଶ ନ ଥିବା, ମହିଳା ମାଓବାଦୀମାନଙ୍କୁ ନାନା ପ୍ରକାର ମାନସିକ ଓ ଶାରୀରିକ ନିର୍ଯାତନା ଦେବା ତାଙ୍କୁ ସଙ୍ଗଠନ ଛାଡ଼ିବା ଲାଗି ବାଧ କରିଛି ବୋଲି ଦେବେ କହିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଦେବେଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ସହ ଘର ଓ ଉଚ୍ଚ ଶିକ୍ଷା ପାଇଁ ତାଙ୍କୁ ସମସ୍ତ ପ୍ରକାର ଆର୍ଥିକ ସହାୟତା ମିଳିବ ବୋଲି ଏସପି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସହ ବିଏସ୍‌ଏଫ୍ ୧୬୦ ବାଟାଲିୟନର କମାଣ୍ଡାଣ୍ଟ ଅମରେନ୍ଦ୍ର ସିଂ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ଆତ୍ମ ସମର୍ପଣ କରିଥିବା ୧୨ ଜଣ ମହିଳା ମାଓବାଦୀଙ୍କୁ ଏସପି ଖିଲାରି ମହିଳା ଦିବସ ଅବସରରେ ଶାଢି ପ୍ରଦାନ କରି ସମ୍ମାନିତ କରିଛନ୍ତି।

# ଟ୍ରକ୍ ଧକ୍କାରେ ଚାଲିଗଲା ଦମ୍ପତିଙ୍କ ଜୀବନ

ଅନୁଗୋଳ ଅଫିସ୍, ୮।୩



ଦୁର୍ଘଟଣାସ୍ଥଳରେ ଲୋକଙ୍କ ଭିଡ଼।

- ଚିକିତ୍ସା ପାଇଁ ଆସିଥିଲେ ଅନୁଗୋଳ
- ଟ୍ରକ୍ ଜବତ, ଡ୍ରାଇଭର ଗିରଫ

ଚିକିତ୍ସା ପାଇଁ ଅନୁଗୋଳ ସହରକୁ ଆସିଥିବା ସାନକେରଜାଙ୍ଗ ଗ୍ରାମର ଏକ ଦମ୍ପତି ରବିବାର ଟ୍ରକ୍ ଧକ୍କାରେ ପ୍ରାଣ ହରାଇଛନ୍ତି। ଉଭୟେ ଏକ ସ୍କୁଟି ଯୋଗେ ୫୫ନଂ. ଜାତୀୟ ରାଜପଥରେ ଯାଉଥିବାବେଳେ ଅନୁଗୋଳ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ଜୀବନ ଚାଲିଯାଇଥିଲା। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା।

ଘଟଣାରୁ ଜଣାପଡିଛି, ସାନକେରଜାଙ୍ଗର ବାଉରାଣୀ ଗୋଚ୍ଛାୟତ(୪୦) ଅସୁସ୍ଥ ଥିବାରୁ ସ୍ୱାମୀ ଚିନ୍ତାମଣି ଗୋଚ୍ଛାୟତ (୪୫) ତାଙ୍କୁ ସ୍କୁଟିରେ (ନଂ. ଓଡ଼ି୧୯କେ-୦୫୪୯) ଅନୁଗୋଳ ସହର କାଲଟାକ୍ସ ଛକକୁ ଆସୁଥିଲେ। ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ପଛରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ୍(ନଂ. ଓଡି୧୫ଏ-୮୭୯୫) ସ୍କୁଟିକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଅନୁଗୋଳ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିବା ସହ ଡ୍ରାଇଭର ଢେଙ୍କାନାଳ ଜିଲା ମହୁଲଖଲି ଅଞ୍ଚଳର ପ୍ରକାଶ ସେଠୀ(୩୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମୃତକଙ୍କ ପରିବାରର ଅଭିଯୋଗ କ୍ରମେ ଅନୁଗୋଳ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ରାଜପଥରେ ବାରମ୍ବାର ଭାରିଯାନ ଧକ୍କାରେ ଜୀବନ ଯାଉଥିବାରୁ ଦିନବେଳା ଏହି ଯାନଗୁଡିକର ଯାତାୟାତ ବନ୍ଦ କରାଯିବା ପାଇଁ ଦାବି ହୋଇଛି।

# ଗ୍ୟାଙ୍ଗଷ୍ଟର ଟିଟୋଙ୍କ ଭାଇ ସଫୋଙ୍କ ଘରେ ପୋଲିସର ଲଟକା ଜାରି

କେନ୍ଦ୍ରାପଡା ଅଫିସ, ୮।୩

ଗ୍ୟାଙ୍ଗଷ୍ଟର ଟିଟୋ ଓରଫ ସୟଦ ଉସମାନ ଅଲ୍ଲୀଙ୍କ ସାନଭାଇ ସଫୋ ଓରଫ ସୟଦ ଇମ୍ରାନ ଅଲ୍ଲୀଙ୍କ ଟାଉନ ଥାନା ଅନ୍ତର୍ଗତ ଦିଲାରପୁରସ୍ଥ ଘରେ ପୋଲିସ ପକ୍ଷରୁ ରବିବାର ଲଟକା ଜାରି ହୋଇଛି। କୋର୍ଟଙ୍କ ଆଦେଶ ପାଳନ କରି ନ ଥିବାରୁ ସଫୋଙ୍କୁ ନୋଟିସ ମାଧମରେ ଟାଉନ ଥାନାରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନାଯୋଗ୍ୟ ଯେ, ଗତ ୨୦୧୮ ଜୁନ ୩୦ରେ ଗ୍ୟାଙ୍ଗଷ୍ଟର ଟିଟୋଙ୍କୁ କ୍ରାଇମ ବ୍ରାଞ୍ଚ ଗିରଫ କରିଛି । ଏନେଇ ଏସଟିଏଫ କେସ ନଂ ୧୨/୨୦୧୮ ଓ ଟାଉନ ଥାନା ଜିଆର କେସ ନଂ -୧୦୦୫/୨୦୧୮ରେ ମାମଲା ହୋଇଛି। ଏହି ମାମଲାରେ ସଫୋ ସାମିଲ ଥିବା କ୍ରାଇମ ବ୍ରାଞ୍ଚ ଓ ଟାଉନ ପୋଲିସ ଦର୍ଶାଇଛି। ମାମଲାରେ ଜାମିନ ପାଇବା ପାଇଁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପରେ ସେ ଗତ ଫେବୃୟାରୀ ୨୫ରେ କେନ୍ଦ୍ରାପଡା ଏସଡିଜେଏମ କୋର୍ଟରେ ହାଜର ହୋଇଥିଲେ। କେନ୍ଦ୍ରାପଡା ଏସଡିଜେଏମ ଅଭିଯୁକ୍ତ ସଫୋଙ୍କୁ ପ୍ରତି ସପ୍ତାହରେ ଟାଉନ ଥାନାରେ ହାଜର ହେବା ସର୍ତ୍ତରେ ଜାମିନ ପ୍ରଦାନ କରିଥିଲେ। ତେବେ ଅଦ୍ୟାବଧି ସେ ଟାଉନ ଥାନାରେ ହାଜର ହୋଇ ନ ଥିବାରୁ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସାମନ୍ତରାୟ ଏହି ନୋଟିସ (ନଂ- ୫୪୮)କୁ ତାଙ୍କ ଘରେ ଲଟକାଇଛନ୍ତି। ଏଥିସହିତ ସଫୋଙ୍କ ସ୍ତ୍ରୀ ସୟଦ ଫଜିଆ ଖାତୁନଙ୍କୁ ଏହାର ଏକ କପି ପ୍ରଦାନ କରିଛନ୍ତି। ଟାଉନ ଥାନାରେ ହାଜିର ନ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୋଟିସରେ ଉଲ୍ଲେଖ ଅଛି।

# ଜଗନ୍ନାଥଙ୍କ ଅର୍ଥ ଫେରାଇବାକୁ ନେଇ ଦୋଷ ଲଦାଲଦି

ଭୁବନେଶ୍ୱର,୮।୩(ବ୍ୟୁରୋ)

- ନିର୍ମଳାଙ୍କୁ ଚିଠି ଲେଖିଲେ ରାଜ୍ୟ ଅର୍ଥମନ୍ତ୍ରୀ
- ଟଙ୍କା ସୁରକ୍ଷିତ ଥିବା ଆଶ୍ୱସ୍ତ କରିଛି ଆର୍‌ବିଆଇ: ମୀନା
- ଶ୍ୱେତପତ୍ର ଦାବି କଲା ଭାଜପା

ୟେସ୍ ବ୍ୟାଙ୍କ ଖରାପ ସ୍ଥିତିଦେଇ ଗତି କରୁଥିବାବେଳେ ମହାପ୍ରଭୁ ଜଗନ୍ନାଥଙ୍କ ଅର୍ଥ ସେଥିରେ ରହିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଏହି ବ୍ୟାଙ୍କରେ ମହାପ୍ରଭୁଙ୍କ ପ୍ରାୟ ୫୪୫ କୋଟି ଟଙ୍କା ରଖାଯାଇଛି। ବର୍ତ୍ତମାନ ଉକ୍ତ ବ୍ୟାଙ୍କରୁ ୩୦ଦିନରେ ମୋଟ ୫୦ହଜାର ଟଙ୍କା ଉଠାଯାଇପାରିବ ବୋଲି ଖବର ଆସିବାପରେ ମହାପ୍ରଭୁଙ୍କ ଅର୍ଥକୁ ନେଇ ସମସ୍ତେ ସରକାରଙ୍କୁ ଆଙ୍ଗୁଳି ଉଠାଇଛନ୍ତି। ଏହି ୫୪୫ କୋଟି ଟଙ୍କା ଏକ ଘରୋଇ ବ୍ୟାଙ୍କରେ ସମସ୍ତଙ୍କ ଅଗୋଚରରେ ଜମା ରଖିବା ପଛରେ ମନ୍ଦ ଉଦ୍ଦେଶ୍ୟ ଥିବା ସ୍ପଷ୍ଟ ହେଉଛି ବୋଲି ଭାଜପା ଅଭିଯୋଗ କରିଛି। ଅନ୍ୟପଟେ କଂଗ୍ରେସ ମଧ୍ୟ ଏହି ଘଟଣାରେ ସରକାରଙ୍କୁ ଘେରିଥିବା ବେଳେ ବିଜେଡି ପକ୍ଷରୁ ଭାଜପାକୁ ଟାର୍ଗେଟ କରାଯାଇ ଏ ବିଷୟରେ କେନ୍ଦ୍ରରେ ଶାସନ ଦାୟିତ୍ୱରେ ଥିବା ତାଙ୍କ ସରକାରକୁ ପଚାରନ୍ତୁ ବୋଲି କୁହାଯାଇଛି। ଅନ୍ୟପଟେ ଅର୍ଥ ସଚିବ ଅଶୋକ ମୀନା କହିଛନ୍ତି ଯେ, ଜଗନ୍ନାଥଙ୍କ ଟଙ୍କା ସୁରକ୍ଷିତ ଥିବା ଆର୍‌ବିଆଇ ଜଣାଇଛି। ଶ୍ରୀମନ୍ଦିର ପ୍ରଶାସନ ଏବଂ ଅର୍ଥ ବିଭାଗ ଅଧିକାରୀ ଆର୍‌ବିଆଇ ସହ ଏ ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ସେପଟୁ ଆଶ୍ୱସ୍ତ କରାଯାଇଥିବା ସେ କହିଛନ୍ତି। ସେହିପରି ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ରବିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚିଠି ଲେଖି ୟେସ୍ ବ୍ୟାଙ୍କରେ ଜମା ଥିବା ଅର୍ଥ ଉଠାଣ ପାଇଁ ଆର୍‌ବିଆଇକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ପୃଥ୍ୱିରାଜ ହରିଚନ୍ଦନ କହିଛନ୍ତି ଯେ, ଏସଏଲବିସିଙ୍କ ଗାଇଡଲାଇନ ଆଧାରରେ ତତ୍କାଳୀନ ଅତିରିକ୍ତ ଶାସନ ସଚିବ ସରକାରଙ୍କ ଅର୍ଥ କେଉଁ ବ୍ୟାଙ୍କରେ ଜମା ରହିବ, ତାର ଏକ ତାଲିକା ୨୦୧୭ରେ ଦେଇଥିଲେ। ଏହି ତାଲିକାରେ ୨୨ଟି ବିଭିନ୍ନ ରାଷ୍ଟ୍ରାୟତ୍ତ ଓ ବୃହତ୍ ବ୍ୟାଙ୍କ ଏବଂ ୩ଟି ସମବାୟ ବ୍ୟାଙ୍କର ନାମ ଉଲ୍ଲେଖ ରହିଥିଲା। ଏହି ତାଲିକାରେ ପ୍ରଭୁ ଜଗନ୍ନାଥଙ୍କ ଦାନ ଅର୍ଥରାଶି ଜମା ଥିବା ୟେସ୍ ବ୍ୟାଙ୍କର ନାମ ଯୋଗ୍ୟତା ତାଲିକାରେ ନ ଥିଲା। ୟେସ୍ ବ୍ୟାଙ୍କ ଦେବାଳିଆ ସ୍ଥିତି ସମ୍ପର୍କରେ ଜାଣି ତିରୁପତି ମନ୍ଦିର ଟ୍ରଷ୍ଟ ନିଜ ୧୩୦୦ କୋଟି ଟଙ୍କା ଜମା ରାଶି ଉଠାଇ ନେଇଥିବାବେଳେ ଜଗନ୍ନାଥ ମନ୍ଦିର ପ୍ରଶାସନ କିପରି ଚିନ୍ତାମୁକ୍ତ ଏବଂ ନୀରବଦ୍ରଷ୍ଟା ସାଜିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାପରେ ୨୦୧୯ ଜୁଲାଇରେ ୟେସ୍ ବ୍ୟାଙ୍କକୁ ସରକାର ଯୋଗ୍ୟତା ତାଲିକାରେ ସାମିଲ କଲେ। ଏତେବଡ଼ ଭୁଲ୍ ପାଇଁ କିଏ ଉତ୍ତରଦାୟୀ ରହିବ ବୋଲି ଭାଜପା ପ୍ରଶ୍ନ କରିବା ସହ ଏନେଇ ସରକାର ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ହରିଚନ୍ଦନ ଦାବି କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ପ୍ରଥମ କଥା ହେଉଛି ଏହି ଅର୍ଥ କୌଣସି ଘରୋଇ ବ୍ୟାଙ୍କରେ ରଖାଯାଇପାରିବ ନାହିଁ। ଘରୋଇ ବ୍ୟାଙ୍କକୁ ଏତେ ଟଙ୍କା ଗଲା କିପରି। ଏ ବିଷୟରେ ଯଦି ଆଇନ ବିଭାଗ, ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଜାଣିଥାଆନ୍ତି ତେବେ ସେମାନେ ହିଁ ଏଥିପାଇଁ ଦାୟୀ। ସୌନ୍ଦର୍ଯ୍ୟକରଣ ନାଁରେ ଜଗନ୍ନାଥଙ୍କ ସମ୍ପତ୍ତିକୁ ଲୁଟିବା ପାଇଁ ଏମାନେ ଚେଷ୍ଟା କରୁଛନ୍ତି ବୋଲି ନିରଞ୍ଜନ କହିଛନ୍ତି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ତାଲିକାରେ ଏହି ବ୍ୟାଙ୍କ ରହିଛି। ରିଜର୍ଭ ବ୍ୟାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାଙ୍କ କାର୍ଯ୍ୟ କରିଥାଏ। ସେହି ଅନୁସାରେ ଏହା ସିଡ୍ୟୁଲ ବ୍ୟାଙ୍କ ହୋଇଥିବାବେଳେ କେନ୍ଦ୍ର ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ଦେଇଥିବା ସାର୍ବଭୌମତ୍ୱ ଗ୍ୟାରେଣ୍ଟିକୁ ଉପଭୋଗ କରୁଛି। ଭାଜପା ମୁଖପାତ୍ର ଏହା ଭଲଭାବେ ଜାଣିଥିଲେ ମଧ୍ୟ ମିଥ୍ୟା ଏବଂ ଅବାସ୍ତବ ମନ୍ତବ୍ୟ ଦେଇ ନିୟମିତ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ୟେସ ବ୍ୟାଙ୍କର ଜମା ଅର୍ଥର ସୁରକ୍ଷା ଓ ନିରାପତ୍ତା କେନ୍ଦ୍ର ସରକାରଙ୍କ ଦାୟିତ୍ୱ। ଜଗନ୍ନାଥଙ୍କ ଅର୍ଥ ଏବଂ ସାଧାରଣ ଲୋକଙ୍କ ଅର୍ଥକୁ କେନ୍ଦ୍ରରେ କ୍ଷମତାରେ ଥିବା ସରକାର ସୁରକ୍ଷା ଦେଇପାରି ନାହାନ୍ତି। ଏଠି ମିଛ କହିବା ପରିବର୍ତ୍ତେ ଭାଜପା ଲୋକଙ୍କୁ ଧରି ଦିଲ୍ଲୀ ଯାଇ ସେଠାରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଭେଟି ଜଗନ୍ନାଥଙ୍କ ଅର୍ଥ କିଭଳି ସୁରକ୍ଷିତ ଭାବେ ଫେରିବ ତାହା ଉପରେ ପଦକ୍ଷେପ ନେଉ ବୋଲି ଲେନିନ୍ କହିଛନ୍ତି।

ପୂର୍ବ ଭାରତର ତ୍ରିବେଣୀ

# ବଳଙ୍ଗ, ଶୋଣ, ଗଙ୍ଗାହାର

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ,୮।୩



୩ଟି ନଦୀର ମିଳନ ସ୍ଥଳ

- ଐତିହ୍ୟର ପୁନରୁଦ୍ଧାର ସାଙ୍ଗକୁ ବିକାଶ ଲକ୍ଷ୍ୟ
- ୯ରୁ ଗଣ ପିତୃତର୍ପଣ ଓ ପିଣ୍ଡଦାନ ମହାଯଜ୍ଞ
- ମହାକୁମ୍ଭ ଆୟୋଜନ ଲାଗି ଉଦ୍ୟମ

ବାଲେଶ୍ୱର ଜିଲା ସଦର ମହକୁମାରୁ ୫ କି.ମି. ଦୂରରେ ବଳଙ୍ଗ, ଶୋଣ, ଗଙ୍ଗାହାର ତିନୋଟି ନଦୀର ସଙ୍ଗମ ସ୍ଥଳ ଅବସ୍ଥିତ। ଉତ୍ତରରୁ ବଳଙ୍ଗ, ଦକ୍ଷିଣରୁ ଶୋଣ ଓ ଦକ୍ଷିଣ ଓ ଉତ୍ତର ମଧ୍ୟରୁ ଗଙ୍ଗାହାର ରେମୁଣା ବ୍ଲକ ମନ୍ଦାରପୁର ପଞ୍ଚାୟତର କାଠସଙ୍ଗଡ଼ା ଗ୍ରାମ ନିକଟରେ ଏକତ୍ର ହୋଇ ସୃଷ୍ଟି କରିଛନ୍ତି ପୂର୍ବଭାରତର ତ୍ରିବେଣୀ ସଙ୍ଗମ। ଏହି ପବିତ୍ର ସ୍ଥାନରେ ମହାକୁମ୍ଭ ଆୟୋଜନ ଲାଗି ତ୍ରିବେଣୀ ତୀର୍ଥ ଉନ୍ନୟନ ପରିଷଦ ପକ୍ଷରୁ ଉଦ୍ୟମ ଜାରି ରହିଛି।

କିମ୍ବଦନ୍ତୀ ଅଛି ଯେ, ବୈଦିକ ଯୁଗରେ ଦଧିଚୀ ଋଷିଙ୍କ ଶିଷ୍ୟ ତଥା ପ୍ରଶ୍ନ ଉପନିଷଦର କର୍ତ୍ତା ଋଷି ପିପ୍ପଳାଦଙ୍କର ମୁଖ୍ୟ ପ୍ରଚାର କେନ୍ଦ୍ର ଥିଲା ଏହି ସ୍ଥାନ । ଏହାର ବିଭବ, ଗରିମା ଓ ମହତ୍ତ୍ୱ କ୍ରମେ ଲୁପ୍ତ ପ୍ରାୟ ଅବସ୍ଥାରେ ଥିଲା। ଆଧାତ୍ମିକ କ୍ଷେତ୍ର ଛଡ଼ା ଏହାର ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ସଭିଙ୍କୁ ଆନମନା କରିଥାଏ। ଏହି ତ୍ରିବେଣୀ ସଙ୍ଗମର ଐତିହ୍ୟକୁ ଲୋକଲୋଚନକୁ ଆଣିବା ପାଇଁ ସ୍ଥାନୀୟ ଲୋକଙ୍କୁ ନେଇ ଗଢାଯାଇଛି ତ୍ରିବେଣୀ ତୀର୍ଥ ଉନ୍ନୟନ ପରିଷଦ । ପ୍ରଥମଥର ଲାଗି ପରିଷଦ ପକ୍ଷରୁ ଆସନ୍ତା ୯ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଗଣ ପିତୃତର୍ପଣ ଓ ପିଣ୍ଡଦାନ ମହାଯଜ୍ଞ ଆୟୋଜନ କରାଯାଉଛି। ଉକ୍ତ ସ୍ଥାନର ଆଧାତ୍ମିକ ଓ ପୌରାଣିକ ମହତ୍ତ୍ୱକୁ ଲୋକ ଲୋଚନକୁ ଆଣିବା ସହ ଅଞ୍ଚଳର ସାମଗ୍ରୀକ ବିକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି।

ବାଲେଶ୍ୱର ଷ୍ଟେଶନରୁ ରେମୁଣା ଗୋଲେଇ ଦେଇ ବାରିପଦା ରାସ୍ତାରେ ଗଲେ ୧୬ନଂ. ଜାତୀୟ ରାଜପଥ ଉପରେ ବୁଢ଼ାବଳଙ୍ଗ ନଦୀର ସେତୁ 'ବାରୁଣୀ ପୋଲ' ଅତିକ୍ରମ କରିବାକୁ ପଡିଥାଏ। ଏହର ପଶ୍ଚିମ ଦିଗକୁ ମାତ୍ର ୧.୫ କି.ମି. ଦୂରରେ ମୟୂରଭଞ୍ଜ ଜିଲା ଶିମିଳିପାଳରୁ ପ୍ରବାହିତ ହୋଇ ଆସିଥିବା ବଳଙ୍ଗ, ଗଙ୍ଗାହାର ଓ ଶୋଣ ନଦୀର ପବିତ୍ର ତ୍ରିବେଣୀ ତୀର୍ଥ ବା ମିଳନ ସ୍ଥଳ ପଡେ। ସ୍ଥାନୀୟ ତ୍ରିବେଣୀ ତୀର୍ଥ ଉନ୍ନୟନ ପରିଷଦର ଆବାହକ ବାବାଜୀ ଦୟାନନ୍ଦ ଦାସ କହନ୍ତି, ଏହି ତୀର୍ଥ ସହ ସନାତନ ଧର୍ମର ପରମ୍ପରା ଓ ବିଶ୍ୱାସ ଜଡିତ । କୁମ୍ଭ ଶବ୍ଦର ଅର୍ଥ ସ୍ନାନଯୋଗ। ଏହି ଯୋଗରେ ଏଭଳି ତୀର୍ଥ ସ୍ଥାନରେ ସ୍ନାନ କଲେ ଅମୃତତ୍ତ୍ୱ ପ୍ରାପ୍ତି ହୁଏ। ଏଠାକାର କାଠସଙ୍ଗଡ଼ା, ହଳଦିଆ ଏବଂ ଦୁମୁଦା ଗ୍ରାମର ଭୌଗୋଳିକ ସୀମାରେ ଏହି ୩ଟି ନଦୀର ସଙ୍ଗମ ତୀର୍ଥରେ ବାରୁଣୀ ସ୍ନାନ ତିଥିରେ ବାରୁଣୀ ମେଳା ଅନୁଷ୍ଠିତ ହୋଇଆସୁଛି। ଅନ୍ୟାନ୍ୟ କର୍ମ ଯଥା ପିଣ୍ଡଦାନ, ଶ୍ରାଦ୍ଧ, ତର୍ପଣ, ଅସ୍ଥି ବିସର୍ଜନ ଆଦି କ୍ରିୟା ପ୍ରାୟ ହେଉ ନ ଥିଲା। ୨୦୧୬ ମସିହାରୁ ଅନେକ ସାଧୁସନ୍ଥ ଏବଂ ବାଲେଶ୍ୱର ଜିଲା ବ୍ରାହ୍ମଣ ମହାସଭାଙ୍କ ଦ୍ୱାରା ଉକ୍ତ କାର୍ଯ୍ୟ ପୁନଃ ପ୍ରବର୍ତ୍ତନ କରାଯାଇଛି। ଏହାର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ଏବେ ମହାକୁମ୍ଭ ପ୍ରକ୍ରିୟା ଆରମ୍ଭ କରାଯାଉଛି। ସ୍ଥାନୀୟ ବାସୀନ୍ଦା କବି ଚକ୍ରଧର ଦାସ କହନ୍ତି, ଏ ଅଞ୍ଚଳର ଆଦିବାସୀମାନେ ମକର ସଂକ୍ରାନ୍ତିରେ ଉକ୍ତ ସ୍ଥାନରେ ପିଣ୍ଡଦାନ କରିଥାନ୍ତି। ପରବର୍ତ୍ତୀ ଅବସ୍ଥାରେ ଏଠି ବାରୁଣୀ ମେଳା ଆୟୋଜିତ ହୋଇ ଆସୁଛି, ଯାହା 'ତେମୁହାଣୀ' ଭାବେ ପ୍ରସିଦ୍ଧ। କବିବର ରାଧାନାଥ ରାୟଙ୍କ 'ଉଷା' କାବ୍ୟରେ ଏସମ୍ପର୍କରେ ବର୍ଣ୍ଣନା ରହିଛି। ଏଭଳି ଏକ ସ୍ଥାନକୁ ପର୍ଯ୍ୟଟନ ବିଭାଗ ଅଣଦେଖା କରିବା ଅଞ୍ଚଳବାସୀଙ୍କୁ ଆଲୋଡିତ କରିଛି। ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ଗଗନ ସାହୁଙ୍କୁ ପଚାରିବାରୁ କହିଛନ୍ତି, ତ୍ରିବେଣୀ ସଙ୍ଗମ ଅଞ୍ଚଳ ନେଇ ପର୍ଯ୍ୟଟନ ବିଭାଗକୁ କୌଣସି ଲିଖିତ ଆବେଦନ ଆସି ନାହିଁ। ସ୍ଥାନୀୟ ଲୋକେ ନିର୍ଦ୍ଦିଷ୍ଟ ସ୍ଥାନର ଫଟୋ ଓ ନକ୍ସା ସହ ବିଧିବଦ୍ଧ ଭାବେ ଆବେଦନ କଲେ ବିଚାର କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ।

# ଚାଉଳ ହେରଫେର ମାମଲା
# ଜେଲ ଗଲେ ମୁଜାଗଡ଼ ସରପଞ୍ଚ

ଭଞ୍ଜନଗର,୮।୩(ଡି.ଏନ.ଏ)

ଭଞ୍ଜନଗର ବ୍ଲକ ମୁଜାଗଡ଼ ପଞ୍ଚାୟତରେ ସରକାରୀ ଚାଉଳ ଓ ଗହମ ହେରଫେର ନେଇ ଶନିବାର ରାତିରେ ବିଡ଼ିଓ ଅନିଲ କୁମାର ସେଠୀ ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାରେ ପୋଲିସ ରବିବାର ଅପରାହ୍ନରେ ସରପଞ୍ଚ ଶିବ ଶଙ୍କର ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ମାମଲାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରଜନୀ ପ୍ରଧାନ, ଯୋଗାଣ ସହାୟକ ସୋମନାଥ ବେହେରା ମଧ୍ୟ ଜଡ଼ିତ ଥିବା ବିଡ଼ିଓ ଅଭିଯୋଗ କରିଛନ୍ତି।

ପ୍ରକାଶଯେ ମୁଜାଗଡ଼ ପଞ୍ଚାୟତରେ ସରକାରୀ ଚାଉଳ ହେରଫେର ନେଇ ବିଡ଼ିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ବ୍ଲକ ଯୋଗାଣ ଅଧିକାରୀଙ୍କ ଉପସ୍ଥିତିରେ ଗୋଦାମ ଘର ଯାଞ୍ଚ କରାଯାଇଥିଲା। ଏହି ସମୟରେ ୬୧.୦୩ କୁଇଣ୍ଟାଲ ଚାଉଳ ଓ ୪.୫୫ କୁଇଣ୍ଟାଲ ଗହମ ହେରଫେର ହୋଇଥିବା ଜଣାପଡ଼ିଥିଲା। ବ୍ଲକ ଯୋଗାଣ ଅଧିକାରୀଙ୍କ ସୂଚନାକୁ ଆଧାର କରି ବିଡ଼ିଓ ଅନିଲ କୁମାର ସେଠୀ ରାତିରେ ଥାନାରେ ଚାଉଳ ହେରଫେର ନେଇ ଉକ୍ତ ୩ ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ପୋଲିସ ରବିବାର ସରପଞ୍ଚଙ୍କୁ ଥାନାକୁ ଆଣିଥିଲେ। ପଚରାଉଚରା ପରେ ତାଙ୍କୁ ଗିରଫ କରି ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଭଞ୍ଜନଗର ସ୍ୱତନ୍ତ୍ର ଉପକାରାଗାରକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଭାଜପା ନେତା ରମେଶ ବେହେରା, ବଟକୃଷ୍ଣ ପଣ୍ଡା, ହର ଗୌଡ଼, ଲେଲିନ ରାଉତ ଏକ ବିବୃତିରେ କହିଛନ୍ତି ଯେ, ସରପଞ୍ଚ ଏହି ମାମଲାରେ ଜଡ଼ିତ ନାହାନ୍ତି ତାଙ୍କୁ ଫସାଇ ଦିଆଯାଇଛି। ପିଇଓ ଏବଂ ଯୋଗାଣ ସହାୟକ ଏଥିରେ ସମ୍ପୃକ୍ତ। ଅପରପକ୍ଷେ ଶିବଶଙ୍କରଙ୍କୁ ପୋଲିସ ନେଇ ଆସିବା ପରେ ମୁଜାଗଡ଼ ପଞ୍ଚାୟତ ରାଜନୀତି ଚଳଚଞ୍ଚଳ ହୋଇପଡ଼ିଛି।

# ଟୁଙ୍ଗି ପରମ୍ପରାର ସଂରକ୍ଷକ ରମେଶ

ଚନ୍ଦାହାଣ୍ଡି,୮।୩(ଡି.ଏନ୍.ଏ.)



ରମେଶ ଚୌହାନ

- ଗ୍ରାମରେ ଗଠନ କରୁଛନ୍ତି ଭାଗବତ ଟୁଙ୍ଗି
- ଭାଗବତ ଶୁଣାଇ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି କରୁଛନ୍ତି

ପୂର୍ବରୁ ଗାଁ ଗାଁରେ ଭାଗବତ ଟୁଙ୍ଗି ରହିଥିଲା। ପ୍ରତି ସନ୍ଧ୍ୟାରେ ଗ୍ରାମବାସୀ ଜଗନ୍ନାଥ ଦାସଙ୍କ ରଚିତ ଭାଗବତ ଶ୍ରବଣ କରୁଥିଲେ। କ୍ରମଶଃ ଆଧୁନିକତାର ସ୍ପର୍ଶରେ ଏହି ଭାଗବତ ଟୁଙ୍ଗିଗୁଡିକ ବନ୍ଦ ହୋଇଗଲା। ଟିଭି ଏବଂ ମୋବାଇଲ ଆସିଲା ପରେ ଏଥିରେ ଲୋକେ ଅଭ୍ୟସ୍ତ ହୋଇ ଭାଗବତ ପଠନରୁ ଦୂରେଇ ରହିଲେ। ଭାଗବତ ପଠନ ଭଳି ପରମ୍ପରାକୁ ବଞ୍ଚାଇ ରଖିବାକୁ ଉଦ୍ୟମ ଜାରି ରଖିଛନ୍ତି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଜମାଦାରପଡା ଗ୍ରାମର ରମେଶ ଚୌହାନ (୩୦)। ଅନୁସୂଚିତ ଜାତି ପରିବାରରେ ସେ ଜନ୍ମିତ। ଉଚ୍ଚ ଶିକ୍ଷିତ ହୋଇ ପୋଷ୍ଟମାଷ୍ଟର ଭାବେ ଚାକିରି କରୁଛନ୍ତି। ସରକାରୀ ଚାକିରି ନିଷ୍ଠାର ସହ କରି ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ଗ୍ରାମ ବୁଲି ଲୋକମାନଙ୍କୁ ସଚେତନ କରି ଭାଗବତ ଟୁଙ୍ଗି ଗଠନ କରୁଛନ୍ତି। ଭାଗବତର ପ୍ରଚାର ପ୍ରସାର ଓ ଗୋସେବା କରିବାକୁ ଆହ୍ୱାନ ଦେଇ ବ୍ଲକରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିପାରିଛନ୍ତି।

୧୦ ବର୍ଷ ତଳେ ରମେଶଙ୍କୁ ଜଗନ୍ନାଥଙ୍କ ସ୍ୱପ୍ନାଦେଶ ହୋଇଥିଲା। ଏହା ପରେ ଗ୍ରାମ ପାଖରେ ବୋହିଯାଉଥିବା ନଦୀରୁ ସେ ଜଗନ୍ନାଥଙ୍କ ମୂର୍ତ୍ତି ପାଇଥିଲେ। ଗ୍ରାମବାସୀଙ୍କ ସହ ମିଶି ଗ୍ରାମରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ। ପୁରୀ ଜଗନ୍ନାଥ ମନ୍ଦିର ରୀତିନୀତିରେ ଉକ୍ତ ମନ୍ଦିରରେ ବର୍ତ୍ତମାନ ପୂଜାର୍ଚ୍ଚନା କରାଯାଉଛି। ଚନ୍ଦାହାଣ୍ଡି ବ୍ଲକରେ ନିଜସ୍ୱ ଉଦ୍ୟମରେ ୨୦ରୁ ଊର୍ଦ୍ଧ୍ୱ ଗ୍ରାମରେ ଭାଗବତ ଟୁଙ୍ଗି ଗଠନ କରିଛନ୍ତି। ସନ୍ଧ୍ୟାରେ ଗାଁ ଗାଁ ବୁଲି ଲୋକମାନଙ୍କୁ ଭାଗବତ ପଢି ଶୁଣାଇଥାନ୍ତି। ରମେଶଙ୍କ ଭାଗବତ ପଠନ ଓ ବ୍ୟାଖ୍ୟା କରିବାରେ ତାଙ୍କର ଅସାଧାରଣ ଦକ୍ଷତା ରହିଛି। ସେ ଭାଗବତର ବିଭିନ୍ନ ସ୍କନ୍ଧର ଅଧ୍ୟାୟକୁ କଣ୍ଠସ୍ଥ କରିପାରିଛନ୍ତି। ପବିତ୍ର କାର୍ତ୍ତିକ ଓ ବୈଶାଖ ମାସରେ ବିଭିନ୍ନ ଗ୍ରାମକୁ ଯାଇ ୧୧ ଖଣ୍ଡ ଭାଗବତ ପଢ଼ି ଲୋକଙ୍କୁ ଭାଗବତ ଚେତନାର ଉଦ୍‌ବୁଦ୍ କରୁଛନ୍ତି। ଏଥିସହ ପୁରୁଣା ପରମ୍ପରା ଓ ଆଧାତ୍ମିକ ଚେତନା ସୃଷ୍ଟି ପାଇଁ ଉଦ୍ୟମ କରୁଛନ୍ତି। ପୂର୍ବରୁ ଗ୍ରାମରେ ସାମୂହିକ ଭାଗବତ ପଠନ ହେଉଥିଲା। ଏହା ସାମାଜିକ ଜୀବନକୁ ସରସ ସୁନ୍ଦର କରୁଥିଲା। ଭାଗବତରେ ବର୍ଣ୍ଣିତ ଉପଦେଶ ମଣିଷ ଜୀବନକୁ ବାଟ ଦେଖାଉଥିଲା। ଏବେ ଗାଁ ଗଣ୍ଡାରେ ଆଉ ଭାଗବତ ଟୁଙ୍ଗି ଦେଖିବାକୁ ମିଳୁନାହିଁ। ଏହାର ପୁନରୁଦ୍ଧାର ହେଲେ ଗ୍ରାମ୍ୟ ସଂସ୍କୃତିର ସୁରକ୍ଷା ହୋଇପାରିବ। ଭାଗବତ ପଠନ ଓ ଶ୍ରବଣ ଦ୍ୱାରା ବ୍ୟକ୍ତିର ଉତ୍ତମ ଚରିତ୍ର ଗଠନ ହୋଇପାରିବ। ଯୁବ ସମାଜ ଭାଗବତ ପଠନ ପ୍ରତି ଧ୍ୟାନ ଦେଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ରମେଶ କହିଛନ୍ତି।

# ୟେସ୍ ବ୍ୟାଙ୍କ...

ନେଇ ଏହାକୁ ଆର୍ଥିକ ହେରଫେର କରାଯାଇଥିବା ଇଡି ତଦନ୍ତ କରୁଛି। ଡିଏଚ୍‌ଏଫ୍‌ଏଲ୍ କମ୍ପାନୀ ନେଇଥିବା ବୃହତ୍ ପରିମାଣର ଋଣ ଅନାଦାୟ ଋଣ(ଏନ୍‌ପିଏ) ହୋଇଥିବା ବେଳେ ସେହି କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏହା ସମସ୍ତଙ୍କ ଲାଗି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପଟେ ଋଣ ଟଙ୍କାରୁ ରାଣାଙ୍କ ପରିବାର ଅର୍ଥ ଫେରି ପାଇଥିବା ନେଇ ଇଡି ସନ୍ଦେହରେ ରହିଛି।

ଡିଓଆଇଟି କମ୍ପାନୀ ରାଣାଙ୍କ ଦୁଇ ଝିଅ ରାଧା କପୁର ଏବଂ ରୋଶନୀ କପୁରଙ୍କ ନାମରେ ରହିଥିବା ସେ କୋର୍ଟଙ୍କୁ କହିଛନ୍ତି। ଟ୍ରିପଲ ଏଏଏ ରେଟିଂ ପାଇଥିବା ଡିଏଚ୍‌ଏଫ୍‌ଏଲ୍ କମ୍ପାନୀକୁ ୟେସ୍ ବ୍ୟାଙ୍କ ପ୍ରାୟ ୩,୭୦୦ କୋଟି ଟଙ୍କା ଋଣ ଦେଇଛି। ଏହାପରେ ଡିଓଆଇଟି କମ୍ପାନୀ ଡିଏଚ୍‌ଏଫ୍‌ଏଲ୍‌ଠାରୁ ୬୦୦ କୋଟି ଟଙ୍କା ଋଣ ଆକାରରେ ପାଇଥିବା ରାଣା କୋର୍ଟଙ୍କ ଆଗରେ ସ୍ପଷ୍ଟ କରିଛନ୍ତି। ଏହି ଋଣକୁ ଡିଓଆଇଟି ଡିଏଚ୍‌ଏଫ୍‌ଏଲ୍‌କୁ ଶୁଝୁଥିବା ବେଳେ ଏହା ଏନ୍‌ପିଏ ହୋଇନାହିଁ। ସ୍ୱାସ୍ଥ୍ୟ ଖରାପ ଥିବାରୁ ପରିବାର ଲୋକ ବିଚ୍ କ୍ୟାଣ୍ଡି ହସ୍ପିଟାଲ ନେଇଥିଲେ। ଏହା ସତ୍ତ୍ୱେ ଇଡିକୁ ତଦନ୍ତରେ ସହଯୋଗ କରୁଥିବା ରାଣା କୋର୍ଟଙ୍କୁ କହିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ ଇଡି ରାଣାଙ୍କ ମୁମ୍ବାଇ ବାସଭବନ ଉପରେ ଛଡଉ କରିଥିଲା। ଏହା ପରେ ତାଙ୍କୁ ପ୍ରାୟ ୨୦ ଘଣ୍ଟା ଧରି ମାରାଥନ ଜେରା କରାଯାଇଥିଲା। ଏହାବାଦ ରାଣାଙ୍କ ସ୍ତ୍ରୀ ଏବଂ ଝିଅଙ୍କ ବୟାନକୁ ମଧ୍ୟ ଇଡି ରେକର୍ଡ କରିଛି। ୟେସ୍ ବ୍ୟାଙ୍କ ଉପରେ ରିଜର୍ଭ ବ୍ୟାଙ୍କ ବର୍ତ୍ତମାନ ମୋରାଟୋରିୟମ ଲଗାଇଥିବା ବେଳେ ଉଠାଣ ସୀମା ଉପରେ କଟକଣା ଲାଗିଛି। ଲୋକମାନେ ମାତ୍ର ୫୦ ହଜାର ଟଙ୍କା ଉଠାଇ ପାରୁଛନ୍ତି। ଏହି ଘରୋଇ ବ୍ୟାଙ୍କର ବୋର୍ଡକୁ ରିଜର୍ଭ ବ୍ୟାଙ୍କ ବରଖାସ୍ତ କରିଛି। ସ୍ଥିତି ବିଗିଡିବା ଯୋଗୁ ନୂଆ, ଗ୍ରାଣ୍ଟ, ଋଣ ଅଗ୍ରିମ,ନିବେଶ ଏବଂ ଲାଏବିଲିଟି ଭଳି କାର୍ଯ୍ୟ କରିବାକୁ ୟେସ୍ ବ୍ୟାଙ୍କ ସକ୍ଷମ ହେଉନାହିଁ।

ପ୍ରଥମ ପୃଷ୍ଠାରୁ...

# ମେଳଣ ସାରି...

ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ରଶ୍ମିରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ । ଖବରଲେଖା ହେବା ବେଳକୁ ଏସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଦୁର୍ଘଟଣା ପରେ ଡଙ୍ଗାରେ ଥିବା ୨ ନାଉରିଆ ଫେରାର ହୋଇଯାଇଛନ୍ତି। କଟକ ଜିଲାପାଳ ଭବାନି ଶଙ୍କର ଚୟିନୀ ଓ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ଦନ୍ତକ୍ଷୟରୁ ରକ୍ଷାକରେ କ୍ଷୀର



କ୍ଷୀରରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଆଜିକାଲି ଦନ୍ତକ୍ଷୟ ଏକ ସାଧାରଣ ସମସ୍ୟା ହୋଇଗଲାଣି। ଏହାକୁ ରୋକିବାକୁ ଆପଣ କ୍ଷୀର ପିଇପାରନ୍ତି। ଜଣେ ବ୍ୟକ୍ତି ଯଦି ସକାଳ ଜଳଖିଆ ଖାଇସାରିବା ପରେ ଏକ ଗ୍ଲାସ କ୍ଷୀର ପିଅନ୍ତି, ତେବେ ତାହା ଦାନ୍ତକୁ ମଜଭୁତ କରିଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ଦନ୍ତକ୍ଷୟ ପରି ସମସ୍ୟାଠାରୁ ନିଜକୁ ଜଣେ ଦୂରେଇ ରଖିପାରିବ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। 'କ୍ଷୀର ପିଇବା ଏବଂ ଦନ୍ତକ୍ଷୟ' ବିଷୟ ଉପରେ ଆଟଲାଣ୍ଟା ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଗବେଷଣା କରି ଏପରି ତଥ୍ୟ ବିଷୟରେ ସୂଚନା ଦେଇଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ କ୍ଷୀର ପିଇବା ଦ୍ୱାରା ଏଥିରେ ଥିବା ତତ୍ତ୍ୱ ଦାନ୍ତ ସନ୍ଧିରେ ଲୁଚି ରହିଥିବା ଜୀବାଣୁଗୁଡ଼ିକୁ ମାରିଦିଏ। ଯଦି ଛୋଟ ପିଲାଙ୍କୁ କ୍ଷୀରରେ ସେରେଲାକ ମିଶାଇ ପିଇବାକୁ ଦିଅନ୍ତି, ତେବେ ତାହା ସେମାନଙ୍କ ପାଇଁ ଆହୁରି ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ।

# ବୁଦ୍ଧିମତ୍ତା ବଢ଼ାଏ ବ୍ରେକ୍‌ଫାଷ୍ଟ

ଆମେ ସକାଳୁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆ ଖାଇବା ନିହାତି ଦରକାର। କାରଣ ଏହା ଆମ ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଏହି ତାଲିକାରେ ତଟକା ଫଳମୂଳ, ଜୁସ୍ ଆଦି ସାମିଲ କରନ୍ତୁ। ଯଦି ଜଣେ ବ୍ୟକ୍ତି ନିୟମିତ ବ୍ରେକ୍‌ଫାଷ୍ଟ କରୁଛନ୍ତି ତେବେ ତାଙ୍କର ବୁଦ୍ଧିମତ୍ତା ପୂର୍ବାପେକ୍ଷା ସକ୍ରିୟ ରହିଥାଏ। ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ପୁଷ୍ଟିବିଜ୍ଞାନୀମାନେ ଏପରି ମତବ୍ୟକ୍ତ କରିଛନ୍ତି। ନିକଟରେ ସେମାନେ 'ବ୍ରେକ୍‌ଫାଷ୍ଟ ଓ ବୁଦ୍ଧିମତ୍ତା' ଶୀର୍ଷକ ବିଷୟ ଉପରେ କରିଥିବା ସର୍ଭେରୁ ଏକଥା ଜଣାପଡ଼ିଛି।



ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ପ୍ରତିଦିନ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲୁ ନ ଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ପୂର୍ବାପେକ୍ଷା ଆହୁରି ସକ୍ରିୟ ଥିବା ଜଣାପଡ଼ିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ହୋଲି ରଙ୍ଗର ପ୍ରତିକୂଳ ପ୍ରଭାବ







ରଙ୍ଗର ପର୍ବ ହୋଲି ଆମର ଏକ ପ୍ରିୟ ପର୍ବ। ମାତ୍ର ହୋଲିରେ ବ୍ୟବହାର କରାଯାଉଥିବା ଅଧିକାଂଶ ରଙ୍ଗ କୃତ୍ରିମ, ସଂଶ୍ଳେଷିତ ରଙ୍ଗ ଯାହା ଆମ ଶରୀର ଓ ପରିବେଶ ଉପରେ ଯଥେଷ୍ଟ କୁପ୍ରଭାବ ପକାଇଥାଏ। ହୋଲିରେ ସାଧାରଣତଃ ଚାରି ପ୍ରକାରର ରଙ୍ଗ ବ୍ୟବହାର କରାଯାଏ। ଯଥା- ଅବିର, ଶୁଖିଲା ଗୁଣ୍ଡରଙ୍ଗ, କାଦୁଅା ରଙ୍ଗ ବା ପେଷ୍ଟ ଏବଂ ତରଳ ରଙ୍ଗ।

**ଅବିର:** ଅବିରରେ ସାଧାରଣତଃ ଦୁଇ ପ୍ରକାରର ଉପାଦାନ ଥାଏ। ଯଥା ରଞ୍ଜକ ଓ ବେସ୍। ବେସ୍‌କୁ ରଙ୍ଗିନ କରିବା ପାଇଁ ବ୍ୟବହୃତ ରଞ୍ଜକରେ ବିଭିନ୍ନ ଭାରି ଧାତୁ, ଯଥା କ୍ୟାଡ୍‌ମିୟମ୍ କ୍ରୋମିୟମ୍, ଲୌହ, ସୀସା, ପାରଦ, ନିକେଲ୍, ଦସ୍ତା ଇତ୍ୟାଦିର ଅକ୍ସାଇଡ୍ କିମ୍ବା ପିଚୁଭିତ୍ତିକ ବିଷାକ୍ତ ରଙ୍ଗଥାଏ। ରଞ୍ଜକ ନିମନ୍ତେ ମଧ୍ୟ ସାଧାରଣତଃ ବିଭିନ୍ନ 'ଏଜୋ' ଗ୍ରୁପ୍‌ର ରସାୟନ ଯଥା ହଳଦୀ ରଙ୍ଗ ପାଇଁ ଅରାମାଇନ୍, ସବୁଜ ରଙ୍ଗ ପାଇଁ ମାଲାଚାଇଟ୍, କମଳା ରଙ୍ଗ ପାଇଁ ରୋଡାମାଇନ୍, ନୀଳ ରଙ୍ଗ ପାଇଁ ମିଥିଲିନ୍ ଇତ୍ୟାଦି ବ୍ୟବହାର କରାଯାଏ। ଅନ୍ୟପକ୍ଷରେ, ବେସ୍ ପ୍ରସ୍ତୁତି ନିମନ୍ତେ ସାଧାରଣତଃ ଆଜ୍‌ବେଷ୍ଟସ୍ କିମ୍ବା ସିଲିକା ବ୍ୟବହାର କରାଯାଏ। ରଞ୍ଜକ ଓ ବେସ୍ ଛଡ଼ା ଅବିରରେ ମଧ୍ୟ ବାଲି, ଷ୍ଟାର୍ଚ୍ଚ, ଲୁଣ, ଅଭ୍ର ଓ ଏପରିକି ଚିକ୍‌ମିକ୍ କରିବା ପାଇଁ କାଚଗୁଣ୍ଡ ମଧ୍ୟ ମିଶାଯାଏ।

**ଶୁଖିଲା ଗୁଣ୍ଡ ରଙ୍ଗ:** ହୋଲିରେ ବ୍ୟବହାର କରାଯାଉଥିବା ଶୁଖିଲା ଗୁଣ୍ଡ ରଙ୍ଗରେ ସାଧାରଣତଃ ବିଭିନ୍ନ ଅଜୈବିକ ରାସାୟନିକ ପଦାର୍ଥ ଯଥା ସବୁଜ ରଙ୍ଗ ସୃଷ୍ଟି ନିମନ୍ତେ କପରସଲ୍‌ଫେଟ୍, କଳା ରଙ୍ଗ ସୃଷ୍ଟି ନିମନ୍ତେ ରେଡ୍ ଅକ୍ସାଇଡ୍, ଲାଲ୍ ରଙ୍ଗ ସୃଷ୍ଟି ନିମନ୍ତେ ମର୍କୁରୀ ସଲ୍‌ଫେଟ୍, ବାଇଗଣୀ ରଙ୍ଗ ସୃଷ୍ଟି ନିମନ୍ତେ ଆଲୁମିନିୟମ୍ ବ୍ରୋମାଇଡ୍ ଇତ୍ୟାଦି ବ୍ୟବହାର କରାଯାଏ।

**କାଦୁଅା ରଙ୍ଗ ବା ପେଷ୍ଟ:** ଶରୀରରେ ସହଜରେ ପ୍ରଲେପ ପାଇଁ ଉପରୋକ୍ତ ଶୁଖିଲା ଗୁଣ୍ଡ ରଙ୍ଗକୁ ବେଳେବେଳେ ମୋଟର ଗାଡ଼ିର ଇଞ୍ଜିନ୍‌ରେ ବ୍ୟବହୃତ ତେଲ କିମ୍ବା ଅନ୍ୟ ଶସ୍ତା ତେଲ ସଙ୍ଗେ ମିଶାଇ ପ୍ରୟୋଗ କରାଯାଏ। ରଙ୍ଗ ସହିତ ତେଲ ମିଶାଇବା ଦ୍ୱାରା ଏହାର ବିଷାକ୍ତ ମାତ୍ରା ବୃଦ୍ଧିପାଏ ଏବଂ ଏହା ଶରୀର ମଧ୍ୟରେ ପ୍ରବେଶ ମାତ୍ରା ତ୍ୱରାନ୍ୱିତ ହୁଏ।

**ତରଳ ରଙ୍ଗ:** ହୋଲିରେ ବ୍ୟବହୃତ ବିଭିନ୍ନ ତରଳ ରଙ୍ଗସବୁ ହେଲା- କାଳି, ଆୟୋଡିନ୍ ଦ୍ରବଣ, ମିଥିଲିନ୍ ନୀଳ, ମର୍କୁରିକ୍ରୋମ୍, ପୋଟାସିୟମ୍ ପରମାଙ୍ଗାନେଟ୍ ଇତ୍ୟାଦି।

**ଶରୀର ଉପରେ କୁପ୍ରଭାବ:** ଅବିରରେ ରଞ୍ଜକ ରୂପେ ବ୍ୟବହାର କରାଯାଉଥିବା ଭାରି ଧାତୁ ଶରୀର ପାଇଁ କେବଳ ବିଷାକ୍ତ ନୁହେଁ, କର୍କଟ ରୋଗ ସୃଷ୍ଟିକାରୀ ମଧ୍ୟ। ଏହାର କେତେକ ଉଦାହରଣ ନିମ୍ନରେ ଦିଆଗଲା। ସୀସା ମଣିଷର ସ୍ନାୟୁତନ୍ତ୍ର ଓ ପ୍ରଜନନତନ୍ତ୍ର ଉପରେ କୁପ୍ରଭାବ ପକାଇଥାଏ। ଏହାଦ୍ୱାରା ରକ୍ତହୀନତା, ମୁଣ୍ଡବ୍ୟଥା, ପେଟଶୂଳ, ଆଣ୍ଠୁଗଣ୍ଠି ବିନ୍ଧା ଏବଂ ବୃଦ୍ଧାବସ୍ଥାରେ ହାଡ଼ପୋରିଆ ରୋଗ ସୃଷ୍ଟି ହୋଇଥାଏ। ସୀସା ବିଷାକ୍ତକରଣ ଦ୍ୱାରା ମଧ୍ୟ ଶିଶୁମାନଙ୍କର ଶାରୀରିକ ଓ ମାନସିକ ଅଭିବୃଦ୍ଧିରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ। ଏହାଦ୍ୱାରା ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ଗର୍ଭ ନଷ୍ଟ, ଅସମୟରେ ଶିଶୁ ଜନ୍ମ, ଶିଶୁର ଓଜନ ହ୍ରାସ ତଥା ଗର୍ଭସ୍ଥ ସନ୍ତାନ, ଭ୍ରୁଣର ସ୍ନାୟୁତନ୍ତ୍ର ନଷ୍ଟ ହେବାର ଆଶଙ୍କା ଥାଏ। ସେହିପରି ଲାଲ୍ ରଙ୍ଗରେ ବ୍ୟବହାର କରାଯାଉଥିବା ପାରଦ ବିଷାକ୍ତକରଣ ଦ୍ୱାରା ଶ୍ୱାସରୋଗ, ମୁଣ୍ଡବ୍ୟଥା, ହୃତ୍‌ପିଣ୍ଡର ସ୍ପନ୍ଦନ ହାର ବୃଦ୍ଧି, ରକ୍ତଚାପ ହ୍ରାସ, ମତିଭ୍ରମତା ତଥା ଚର୍ମ କୁଣ୍ଡେଇ ହେବା ଭଳି ଲକ୍ଷଣମାନ ପ୍ରକାଶ ପାଏ। ସବୁଜ ରଙ୍ଗ ପାଇଁ ବ୍ୟବହାର କରାଯାଉଥିବା କପର୍ ସଲ୍‌ଫେଟ୍ ସଂସ୍ପର୍ଶ ଦ୍ୱାରା ଆଖି ଲାଲ୍ ପଡ଼ିବା, ଆଖି କୁଣ୍ଡେଇ ହେବା ଇତ୍ୟାଦି ଲକ୍ଷଣମାନ ପ୍ରକାଶ ପାଇବା ସଙ୍ଗେସଙ୍ଗେ ଅସ୍ଥାୟୀ କିମ୍ବା ସ୍ଥାୟୀ ଭାବରେ ଦୃଷ୍ଟିଶକ୍ତି ଲୋପ ପାଇବାର ଆଶଙ୍କା ଥାଏ। ବାଇଗଣୀ ରଙ୍ଗ ପ୍ରସ୍ତୁତିରେ ବ୍ୟବହାର କରାଯାଉଥିବା କ୍ରୋମିୟମ୍ ଅକ୍ସାଇଡ୍ ବିଷାକ୍ତକରଣ ଦ୍ୱାରା ଆଜ୍‌ମା ଭଳି ଆଲର୍ଜିଜନିତ ରୋଗ ସୃଷ୍ଟି ହେଉଥିଲା ବେଳେ ରୂପେଲି ରଙ୍ଗ ନିମନ୍ତେ ପ୍ରୟୋଗ କରାଯାଉଥିବା ଆଲୁମିନିୟମ୍ ବ୍ରୋମାଇଡ୍ ଶରୀରରେ କର୍କଟ ରୋଗ ସୃଷ୍ଟି କରେ। ସେହିପରି, ଅରାମାଇନ୍ ବିଷାକ୍ତକରଣ ଦ୍ୱାରା ମୁଖ, ଗଳା ତଥା ପାକସ୍ଥଳୀ ବ୍ୟଥା, ଚକ୍ଷୁପୀଡ଼ା ଓ ଅସ୍ପଷ୍ଟ ଦୃଷ୍ଟି, ଚର୍ମ କୁଣ୍ଡେଇ ହେବା ଏବଂ ଲାଲ୍ ପଡ଼ିଯିବା ଭଳି ଲକ୍ଷଣମାନ ପ୍ରକାଶ ପାଇବା ସହିତ ଶରୀରର ଯକୃତ, ବୃକ୍କ, ପ୍ଲୀହା, ଛାତି, ପୁରୁଷଙ୍କ ଅଣ୍ଡକୋଷ ଓ ମହିଳାଙ୍କ ଜରାୟୁରେ ଟ୍ୟୁମର ସୃଷ୍ଟି ହେବାର ଆଶଙ୍କା ଥାଏ। ରୋଡାମାଇନ୍ ବିଷାକ୍ତକରଣ କ୍ଷେତ୍ରରେ କର୍କଟ ତଥା ବିଭିନ୍ନ ବଂଶାନୁକ୍ରମିକ ରୋଗ ପ୍ରକାଶ ପାଇବାର ସମ୍ଭାବନା ଥାଏ।

ଏହାଛଡ଼ା ରଞ୍ଜକକୁ ଧାରଣ କରୁଥିବା ବେସ୍‌ରେ ବ୍ୟବହୃତ ଆଜ୍‌ବେଷ୍ଟସ୍, ସିଲିକା ଏବଂ କାଚଗୁଣ୍ଡ ମଧ୍ୟ ଶରୀର ପାଇଁ ହାନିକାରକ। ଆଜ୍‌ବେଷ୍ଟସ୍‌ର କର୍କଟ ରୋଗ ସୃଷ୍ଟି କରିବାର କ୍ଷମତା ଥିଲାବେଳେ ସିଲିକା ଏବଂ କାଚଗୁଣ୍ଡ ଚକ୍ଷୁ ଏବଂ ଚର୍ମ ଉପରେ ପ୍ରତିକୂଳ ପ୍ରଭାବ ପକାଏ। ପେଷ୍ଟ ରଙ୍ଗରେ ବ୍ୟବହୃତ ଶସ୍ତା ତୈଳ ଦ୍ୱାରା ଚର୍ମ ଆଲର୍ଜି, ଚକ୍ଷୁ କୁଣ୍ଡେଇ ହେବା ତଥା ସମ୍ପୂର୍ଣ୍ଣ ଅନ୍ଧତ୍ୱ ଭଳି ଲକ୍ଷଣମାନ ପ୍ରକାଶ ପାଏ। ଅଧିକାଂଶ ତରଳ ରଙ୍ଗରେ ବେସ୍ ରୂପେ 'କ୍ଷାରକ' ବ୍ୟବହାର କରାଯାଏ। ଏହା ଆଖିରେ ପଡ଼ିଲେ ଚକ୍ଷୁ ବ୍ୟଥା ଭଳି ସମସ୍ୟାମାନ ସୃଷ୍ଟି କରେ। ହୋଲିରେ ବ୍ୟବହୃତ ଖଇରିଆ ମୁଣ୍ଡଫଟା ରଙ୍ଗ ଚର୍ମ ସହିତ ପ୍ରତିକ୍ରିୟା କରି ଚର୍ମର ବର୍ଣ୍ଣଶୂନ୍ୟତା, ଚର୍ମ କୁଣ୍ଡେଇ ହେବା ତଥା ସ୍ୱେଦଗ୍ରନ୍ଥୀ କ୍ଷତିଗ୍ରସ୍ତ ଇତ୍ୟାଦି ପ୍ରତିକୂଳ ପ୍ରଭାବମାନ ପକାଏ। ଲୋକଙ୍କର ହୋଲି ଖେଳିବା ପଦ୍ଧତି ମଧ୍ୟ ବିପଜ୍ଜନକ। ଲୋକେ ସାଧାରଣତଃ ଶୁଖିଲା ଗୁଣ୍ଡ ରଙ୍ଗରେ ପାଣି ମିଶାଇ ଅନ୍ୟର ଗାଲରେ ବୋଳିଥାଆନ୍ତି। ଶୁଖିଲା ରଙ୍ଗ ଗୁଣ୍ଡରେ ଥିବା କାଚ ଭଳି ସରୁସରୁ କଣିକା ବ୍ୟକ୍ତିର ଚକ୍ଷୁରେ ପ୍ରବେଶ କଲେ ଚକ୍ଷୁ ବ୍ୟଥା ସୃଷ୍ଟି କରେ। ସେହିପରି ମୁହଁରେ ଶସ୍ତା ଅବିର ଘଷିବା ଦ୍ୱାରା କୋମଳ ଚର୍ମରେ ଆଞ୍ଚୁଡ଼ା ଦାଗମାନ ସୃଷ୍ଟି ହେବାର ଆଶଙ୍କା ଥାଏ।

"ଅବିରରେ ରଞ୍ଜକ ରୂପେ ବ୍ୟବହାର କରାଯାଉଥିବା ଭାରି ଧାତୁ ଶରୀର ପାଇଁ କେବଳ ବିଷାକ୍ତ ନୁହେଁ, କର୍କଟ ରୋଗ ସୃଷ୍ଟିକାରୀ ମଧ୍ୟ। ଏହାର କେତେକ ଉଦାହରଣ ଦିଆଗଲା। ସୀସା ମଣିଷର ସ୍ନାୟୁତନ୍ତ୍ର ଓ ପ୍ରଜନନତନ୍ତ୍ର ଉପରେ କୁପ୍ରଭାବ ପକାଇଥାଏ। ଏହାଦ୍ୱାରା ରକ୍ତହୀନତା, ମୁଣ୍ଡବ୍ୟଥା, ପେଟଶୂଳ, ଆଣ୍ଠୁଗଣ୍ଠି ବିନ୍ଧା ଏବଂ ବୃଦ୍ଧାବସ୍ଥାରେ ହାଡ଼ପୋରିଆ ରୋଗ ସୃଷ୍ଟି ହୋଇଥାଏ।"



ନିକୁଞ୍ଜ ବିହାରୀ ସାହୁ

**ପରିବେଶ ସମସ୍ୟା:** ହୋଲି ରଙ୍ଗରେ ଥିବା ବିଭିନ୍ନ ଅଜୈବିକ ଉପାଦାନ ବିଘଟିତ ହୋଇ ମାଟିରେ ମିଶିପାରେ ନାହିଁ। ତେଣୁ ଏସବୁ ରଙ୍ଗକୁ ପାଣିରେ ଧୋଇ ହେଲେ ଏହା ପାଣିରେ ମିଶି ଜଳ ପ୍ରଦୂଷଣ ସୃଷ୍ଟି କରେ। ଏହା ମଧ୍ୟ ଜଳୀୟ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ସମସ୍ତ ପରିସଂସ୍ଥାକୁ ପ୍ରଭାବିତ କରେ।

**ପ୍ରତିକାର:** ଏସବୁ ସ୍ୱାସ୍ଥ୍ୟଗତ ଓ ପରିବେଶଗତ ସମସ୍ୟାର ପ୍ରତିକାର ସ୍ୱରୂପ ହୋଲି ପର୍ବକୁ ପାରମ୍ପରିକ ଉତ୍ସାହ ଓ ଉଦ୍ଦୀପନାରେ ଉପଭୋଗ କରିବାକୁ ହେଲେ କୃତ୍ରିମ ରାସାୟନିକ ରଙ୍ଗ ପରିବର୍ତ୍ତେ ପ୍ରାକୃତିକ ହର୍ବାଲ୍ ରଙ୍ଗ ବ୍ୟବହାର ଆବଶ୍ୟକ। ଗଛର ଫୁଲ, ପତ୍ର ଇତ୍ୟାଦି ଅଂଶରୁ ଶରୀର ତଥା ପରିବେଶପ୍ରିୟ ବିଭିନ୍ନ ରଙ୍ଗ ପ୍ରସ୍ତୁତ କରିହେବ। ନିରାପଦ ହୋଲି ନିମନ୍ତେ ବିଭିନ୍ନ ଅର୍ଗାନିକ୍ ରଙ୍ଗ ପ୍ରସ୍ତୁତି ନିମନ୍ତେ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଅବ୍ୟାହତ ରହିଛି।

*- ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ*
*ମୋ: ୮୦୧୮୭୦୮୮୫୮*

# ଚର୍ମ ରୋଗର ଆୟୁର୍ବେଦୀୟ ଉପଚାର



ଡା. ଆଶିଷ ବାନାର୍ଜୀ

"ଅତ୍ୟଧିକ ଆମିଷ ଦ୍ରବ୍ୟ ସେବନ, ଅପରିଷ୍କାର ରହିଲେ ବା ପ୍ରତ୍ୟହ ସଫା ଲୁଗାପଟା ନ ପିନ୍ଧିଲେ, ଗାଁ ଗହଳିରେ ଥିବା ଅପରିଷ୍କାର ଦଳ ଭର୍ତ୍ତି ଗାଡ଼ିଆ ପୋଖରୀ ଏବଂ ଯେଉଁଥିରେ ଗାଈ, ମଇଁଷି, ଗୃହପାଳିତ ପଶୁମାନେ ଗାଧୋଇଥାନ୍ତି, ସେହି ପାଣିରେ ଗାଧୋଇଲେ ଚର୍ମରୋଗ ବେଶି ହେବାର ଆଶଙ୍କା ଥାଏ।"

କଥାରେ ଅଛି, ଆଜ୍‌ମା ଓ ଏକ୍‌ଜିମା ଭଲ ହୁଏ ନାହିଁ। ଏହା ଥରେ ଆରମ୍ଭ ହେଲେ ଜୀବନ ସାରା କଷ୍ଟଦିଏ ଏବଂ ରୋଗୀକୁ ସବୁଦିନ ପାଇଁ ଆବଶ୍ୟକ ଅନୁଯାୟୀ ଔଷଧ ସେବନ ସହ ମଲମ ବା ଲୋଶନ୍ ଲଗାଇବାକୁ ହୁଏ। ପ୍ରାୟତଃ ଅପରିଷ୍କାର ଅପରିଚ୍ଛନ୍ନତାରୁ ଗାଁ ଗହଳିରେ ବେଶି ହୋଇଥିବା ଏହି ରୋଗ। ଏହି ରୋଗୀ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ ମଧ୍ୟ ରୋଗ ହେବା ଯୋଗୁଁ ଏହାକୁ ଡିଆଁରୋଗ ବୋଲି କୁହାଯାଏ। ଏହା ପ୍ରାୟତଃ ଜଂଘସନ୍ଧି, ଜଂଘ, ହାତ ଇତ୍ୟାଦି ଝାଳ ବହୁଥିବା ସ୍ଥାନରେ ବେଶି ହୋଇଥାଏ।

ଅତ୍ୟଧିକ ଆମିଷ ଦ୍ରବ୍ୟ ସେବନ, ଅପରିଷ୍କାର ରହିଲେ ବା ପ୍ରତ୍ୟହ ସଫା ଲୁଗାପଟା ନ ପିନ୍ଧିଲେ, ଗାଁ ଗହଳିରେ ଥିବା ଅପରିଷ୍କାର ଦଳ ଭର୍ତ୍ତି ଗାଡ଼ିଆ ପୋଖରୀ ଏବଂ ଯେଉଁଥିରେ ଗାଈ, ମଇଁଷି, ଗୃହପାଳିତ ପଶୁମାନେ ଗାଧୋଇଥାନ୍ତି, ସେହି ପାଣିରେ ଗାଧୋଇଲେ ଚର୍ମରୋଗ ବେଶି ହେବାର ଆଶଙ୍କା ଥାଏ। ଚର୍ମରୋଗ ବର୍ଷଯାକ ଦେହରେ ଥାଏ ମାତ୍ର ଗ୍ରୀଷ୍ମ ଓ ବର୍ଷା ଋତୁରେ ଗରମ ଓ ଆର୍ଦ୍ରତା କାରଣରୁ ପ୍ରକୋପ ବଢ଼ି ରୋଗୀର ଚର୍ମ କୁଣ୍ଡାଇ ଛିଣ୍ଡି ବିବ୍ରତ କରିପକାଏ ଏବଂ ଆସ୍ତେ ଆସ୍ତେ ଗୋଟିଏ ସ୍ଥାନରୁ ଦେହ ସାରା ମାଡ଼ି ଯାଇଥାଏ। ଆରମ୍ଭରୁ ରୋଗୀ ଅବହେଳା କରି ଟିକିଏ ମଲମ, ତେଲ ବା ଔଷଧ ବ୍ୟବହାର କରି ସାମୟିକ ଉପଶମ ପାଇଲେ ମଧ୍ୟ ରକ୍ତରେ ଥିବା ଜୀବାଣୁ ଦେହସାରା ମାଡ଼ି ବଂଶବିସ୍ତାର କରି ସ୍ଥାନେସ୍ଥାନେ ଚକଡ଼ା ଆକାରରେ ଯାଦୁ, କାଛୁ ବାହାରେ ଏବଂ ଶେଷରେ ଫଳିଯାଏ, କାତି ପରି ଛାଡ଼େ ଓ ଲସି ଭଳି ତରଳ ପଦାର୍ଥ ନିର୍ଗତ ହୋଇଥାଏ।

ଏଥିରେ ସ୍ୱର୍ଶ ଉତ୍ତାପ ଓ ସୂଚୀ ଭେଦନବତ ଯନ୍ତ୍ରଣା ସହ ଚର୍ମ କୁଣ୍ଡାଇ ହୋଇ ସ୍ନାୟୁର ଅଗ୍ରଭାଗରେ ଥିବା ସମ୍ବେଦନଶୀଳ ତନ୍ତୁ ବା ରିସେପ୍ଟର ଦ୍ୱାରା ପ୍ରଥମେ ସୃଷ୍ଟି ହୋଇଥାଏ। ସ୍ନାୟୁରେ ଥିବା "ଅଜମାଇ ରିନେଟଡସି" ତନ୍ତୁ ମଧ୍ୟରେ ଅନ୍ତର୍ଗାମୀ ଗତି (ଆଫାରେଣ୍ଟ ପାଥୱେ) ଦେଇ ମେରୁଦଣ୍ଡରେ ଥିବା ସ୍ନାୟୁଗୁଚ୍ଛରେ ପ୍ରବେଶ କରି ଉପରକୁ ଅନୁଭୂତି ସ୍ନାୟୁ ଦ୍ୱାରା ମସ୍ତିଷ୍କରେ ପହଞ୍ଚେ, ପରେ କାର୍ଯ୍ୟବାହୀ ନାଡ଼ି ଦ୍ୱାରା ତା'ର କାର୍ଯ୍ୟ ସମ୍ପାଦକ କରିଥାଏ। ଏହିପରି କିଛି ଦିନ କୁଣ୍ଡାଇବା ଦ୍ୱାରା ସେଠାରେ ବିର୍ ବିର୍ ପରି ଫଳି ବାହାରି ଆସ୍ତେଆସ୍ତେ ଛିଣ୍ଡି ଫୋଟକା ହୋଇ ପାର୍ଶ୍ୱରେ ଶୁଷ୍କ କାତି ପରି ଚର୍ମ ଛାଡ଼େ ଓ ସେଥିମଧ୍ୟରୁ ଲସି ପରି ତରଳ ପଦାର୍ଥ ନିର୍ଗତ ହୋଇ ଏପରି ଶୁଷ୍କ ଓ ପିଚ୍ଛିଳ ଯାଦୁ ବା ଏକ୍‌ଜିମା ଆକାର ଧାରଣ କରେ। କେତେକ ରୋଗୀଙ୍କ ଦେହସାରା ଶ୍ୱେତବର୍ଣ୍ଣର ମାଛ କାତି ପରି ବାହାରିବା ସହ ପ୍ରବଳ କୁଣ୍ଡାଇ ହୁଏ, ତାହାକୁ "ସୋରିଆସିସ୍" ବୋଲି କୁହାଯାଏ।



କୁଣ୍ଡାଇବା ସହ ଜଳିଯାଉଥିବା ସ୍ଥାନକୁ "ଡର୍ମାଟାଇଟିସ" କୁହାଯାଏ।

**ସାବଧାନତା:** ରୋଗୀ ନିଜ ଲୁଗାପଟା ନିମ୍ବ ପତ୍ର ସିଝା ପାଣି/ ଡେଟଲ ପାଣିରେ ଧୋଇବା ସହ ସଂକ୍ରମିତ ସ୍ଥାନକୁ ମଧ୍ୟ ଦୁଇବେଳା ସଫା କରିବେ। ମାଛ, ମାଂସ, ଅଣ୍ଡା ଇତ୍ୟାଦି ପୁଷ୍ଟିସାର ଖାଦ୍ୟ ବର୍ଜନୀୟ, ଆଣ୍ଟିଫଙ୍ଗଲ ଟେଲକମ୍ ପାଉଡର (ହର୍ବାଲ) ଦେହରେ ସିଞ୍ଚନ କରିବେ। ପିଲାମାନେ ଥଣ୍ଡା ପାନୀୟ, କୁଲ୍‌ଫି, ଆଇସ୍‌କ୍ରିମ୍ ଖାଇବା ଅନୁଚିତ। ଶୀତଦିନେ ମଶ୍ଚରାଇଜର, ନଡ଼ିଆ ତେଲରେ ଗନ୍ଧକର୍ପୂର ମିଶାଇ ଚାଲ ମୁଗୁରା ତେଲ, ନିମ୍ବ ତେଲ ବା କରଞ୍ଜ ତେଲ ଏଥିମଧ୍ୟରୁ ଗୋଟିଏ ଲଗାଇଲେ କୁଣ୍ଡାଇବା ବନ୍ଦ ହୁଏ। ଚାଷୀ ଭାଇମାନେ ପାଣିରେ ପଶି କାମ କରିବା ପୂର୍ବରୁ ହାତଗୋଡ଼ରେ ସୋରିଷତେଲ/ ନିମ୍ବତେଲ ଲଗାଇବା ପରେ ହାତ ଓ ଗୋଡ଼ରେ ଜରି ବା ଗ୍ଲୋବ୍‌ସ ଓ ଫୁଲ୍ ଶୋ ପ୍ଲାଷ୍ଟିକ୍ ଯୋତା ଆଣ୍ଠୁ ପର୍ଯ୍ୟନ୍ତ ପିନ୍ଧି କାମ କଲେ ଏହି ରୋଗରୁ ମୁକ୍ତି ପାଇବେ।

*-ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ*
*ମୋ: ୯୮୬୧୩୭୪୩୮୫*

# ବ୍ୟାୟାମ ପୂର୍ବରୁ ଓ ପରେ



ବ୍ୟାୟାମ କରିବା ପୂର୍ବରୁ ଆମେ ଫିଟ୍ ରହିବା ନିହାତି ଜରୁରୀ। ଯଦି ଅସୁସ୍ଥ ରହିବା ସତ୍ତ୍ୱେ ଆମେ ବ୍ୟାୟାମ କରୁ ତେବେ ଏହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ତେଣୁ ଏହାପୂର୍ବରୁ ନିଜକୁ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖନ୍ତୁ। ପ୍ରତିଦିନ କେତେବେଳେ ଏବଂ କେତେ ସମୟ ବ୍ୟାୟାମ କରିବେ ସେ ନେଇ ସମୟ ନିର୍ଘଣ୍ଟ ସ୍ଥିର କରନ୍ତୁ। ଯଦି ବ୍ୟାୟାମ ସମ୍ପର୍କିତ ଆପଣଙ୍କର ସବିଶେଷ ଜ୍ଞାନ ନାହିଁ ତେବେ ଜଣେ ବ୍ୟାୟାମ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରନ୍ତୁ। ଏହାପୂର୍ବରୁ ଅଳ୍ପ ପାଣି ପିଇପାରନ୍ତି। ହେଲେ କିଛି ଖାଆନ୍ତୁ ନାହିଁ। ଏପରି ବ୍ୟାୟାମ କରନ୍ତୁ ନାହିଁ, ଯାହାର କୁପ୍ରଭାବ ଶରୀର ଉପରେ ପଡ଼ିବ। ବ୍ୟାୟାମ କରିବା ସମୟରେ ଯଦି ହାଲିଆ ଲାଗିଲା ତେବେ କିଛି ସମୟ ବିଶ୍ରାମ ନିଅନ୍ତୁ। ସକାଳୁ ଅତିକମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ। ସବୁଠାରୁ ଖାସ୍ କଥା ହେଲା, ପ୍ରଦୂଷଣମୁକ୍ତ ଅଞ୍ଚଳରେ ହିଁ ବ୍ୟାୟାମ କରନ୍ତୁ। ବ୍ୟାୟାମ ଶେଷ କରିବାର କିଛି ସମୟ ପରେ ଆପଣ ଜୁସ୍ କିମ୍ବା ପାଣି ପିଇପାରନ୍ତି। ଯଦି ପାଗ ଖରାପ ଅଛି ତେବେ ଘରେ ହାଲକା ଫୁଲକା ବ୍ୟାୟାମ କରନ୍ତୁ।



ଇ-ଯାନ କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନରେ ରହିବା ଲାଗି ଯୋଜନା ରହିଛି। ଆଗାମୀ ଗୋଟିଏ ବର୍ଷ ମଧ୍ୟରେ ୧୨୦ ନିୟୁତ ଡଲାର ରାଜସ୍ୱ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।
– ଆନନ୍ଦ ଆୟାଦୁରାଇ, ଭୋଗୋ ସିଇଓ



ନିରନ୍ତର ଭିତ୍ତିରେ ଭାରତରେ ବାଣିଜ୍ୟ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ଆସନ୍ତା ବର୍ଷ ଦେଶ ମଧ୍ୟରେ କିଛି ବଡ ବାଇକ୍ ଉତ୍ପାଦନ କରାଯିବ।
– ଯଦବିନ୍ଦର ସିଂ ଗୁଲେରିଆ,
ବରିଷ୍ଠ ଉପସଭାପତି, ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆ

# ଭୂତ କମ୍ପାନୀ ସହ ରାଣାଙ୍କ ଲିଙ୍କ୍

ମୁମ୍ବାଇ,୮-୩

ଯେସ୍ ବ୍ୟାଙ୍କର ପ୍ରତିଷ୍ଠାତା ରାଣା କପୁରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବେଆଇନ ଅର୍ଥ କାରବାର ନିରୋଧ ଆଇନ(ପିଏମ୍‌ଏଲ୍‌ଏ) ଅଧୀନରେ ରବିବାର ଗିରଫ କରିଛି। ୨୦ ଭୂତ କମ୍ପାନୀଙ୍କ ସହ ରାଣାଙ୍କ ଲିଙ୍କ ରହିଥିବା ଅଭିଯୋଗ ଆସିଛି। ଏହି କମ୍ପାନୀଗୁଡିକ ପ୍ରତିଷ୍ଠା ଦ୍ୱାରା ବେଆଇନ ନିବେଶ ଏବଂ ଅର୍ଥ ହେରଫେର କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏହିଭଳି ଭାବେ ୨ ହଜାର କୋଟି ଟଙ୍କାର ନିବେଶ ଏବେ ଇଡି ସ୍କାନରରେ ରହିଛି। ତାଙ୍କ ପାଖରେ ପ୍ରାୟ ୪୪ ବହୁମୂଲ୍ୟ ପେଣ୍ଟିଂ ରହିଛି। ଇଡି ସୂଚନା ମୁତାବକ, ରାଣାଙ୍କ ପରିବାର ଲଣ୍ଡନରେ ସମ୍ପତ୍ତି ହାସଲ କରିଛନ୍ତି। କେଉଁ ସୂତ୍ରରୁ ଅର୍ଥରେ ଏହି ସମ୍ପତ୍ତି ସେଠାରେ କିଣା ଯାଇଛି ତାହା ଇଡି ତଦନ୍ତ ଘେରରେ ରହିଛି। ସାଉଥ ମୁମ୍ବାଇରେ ରହିଥିବା ତାଙ୍କ ବାସଭବନ ଉପରେ ଇଡି ପ୍ରଥମେ ଚଢାଉ କରିଥିଲା। ଏବେ ତଦନ୍ତ ଘେରରେ ତାଙ୍କର ୩ ଝିଅ ଏବଂ ସ୍ତ୍ରୀ ରହିଛନ୍ତି। ରାଣାଙ୍କ ସ୍ତ୍ରୀ ବିନ୍ଦୁ ଏବଂ ୩ ଝିଅଙ୍କୁ ଜେରା ବେଳେ ଇଡି ବିଭିନ୍ନ ଘଟଣା ଜାଣିବାକୁ ପାଇଛି। ରାଣାଙ୍କ ପରିବାର ୨ ହଜାର କୋଟି ଟଙ୍କା ନିବେଶ କରିଥିବା ବେଳେ ପ୍ରାୟ ୧୨ରୁ ଅଧିକ ଭୂତ କମ୍ପାନୀ ଏବଂ ଡମି କମ୍ପାନୀ ଦ୍ୱାରା ଅର୍ଥ ହେରଫେର କରିଥିବା ତଦନ୍ତ ଏଜେନ୍ସି ପକ୍ଷରୁ କୁହାଯାଇଛି। ରାଣା ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନିକଟରେ ଯେଉଁ ଦାମୀ ପେଣ୍ଟିଂ ରହିଛି ସେଥି ମଧ୍ୟରୁ କିଛି ଭାରତୀୟ ରାଜନେତାଙ୍କ ସହ ସମ୍ପର୍କ ରଖିଥିବା ଜଣା ପଡିଛି।

### ଟଣାହେଲେ ଡିଏଚ୍‌ଏଫ୍‌ଏଲ୍ ପ୍ରମୋଟର

ଯେସ୍ ବ୍ୟାଙ୍କ ମାମଲାରେ ସିବିଆଇ ରାଣା କପୁରଙ୍କ ସହ ଡିଏଚ୍‌ଏଫ୍‌ଏଲ୍‌ର ପୂର୍ବତନ ଏମ୍‌ଡି ତଥା ସିଇଓ ଏବଂ ପ୍ରମୋଟର କପିଲ ୱାଧୱାନ ମଧ୍ୟ ଟଣାହୋଇଛନ୍ତି। ତାଙ୍କ ନାମରେ ସିବିଆଇ ମାମଲା ରୁଜୁ କରିଛି।

### ଇଡି କାର୍ଯ୍ୟାଳୟରେ ହାଜର ହେଲେ ରାଣାଙ୍କ ସ୍ତ୍ରୀ

ରାଣା କପୁରଙ୍କ ସ୍ତ୍ରୀ ବିନ୍ଦୁ କପୁର ରବିବାର ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ଏହି ମାମଲାରେ ରାଣାଙ୍କ ସହ ସମ୍ପୃକ୍ତି ନେଇ ବିଭିନ୍ନ ପ୍ରଶ୍ନ ବିନ୍ଦୁଙ୍କୁ ଅଧିକାରୀମାନେ କରିଛନ୍ତି। ରବିବାର ସକାଳେ ବିନ୍ଦୁ ଇଡି କାର୍ଯ୍ୟାଳୟରୁ ବାହାରୁଥିବା ଦେଖାଯାଇଥିଲା ତାଙ୍କ ସହ ଇଡିର ଦୁଇ ଜଣ ଅଧିକାରୀ ରହିଥିଲେ।

### ଏୟାରପୋର୍ଟରେ ରାଣାଙ୍କ ଝିଅ ଅଟକ

ଏକ ନ୍ୟୁଜ ଏଜେନ୍ସି ତଥ୍ୟ ମୁତାବକ ରାଣାଙ୍କ ଝିଅ ରୋଶନୀ କପୁରଙ୍କୁ ମୁମ୍ବାଇ ଏୟାରପୋର୍ଟରେ ରବିବାର ଅଟକ ରଖାଯାଇଥିଲା। ବ୍ରିଟିଶ ଏୟାରୱେଜର ଏକ ବିମାନରେ ସେ ଲଣ୍ଡନ ଯିବାର କାର୍ଯ୍ୟକ୍ରମ ରହିଥିଲା। ଦିୱାନ ହାଉସିଂ ଫାଇନାନ୍ସ ଲିମିଟେଡ (ଡିଏଚ୍‌ଏଫ୍‌ଏଲ୍)କୁ ବେଆଇନ ଋଣ ଯୋଗାଣ ଅଭିଯୋଗରେ ତାଙ୍କ ବାପା ରାଣା କପୁରଙ୍କୁ ଇଡି ଗିରଫ କରିବା ପରେ ଏଭଳି ଘଟଣା ସାମ୍ନାକୁ ଆସିଛି। ରାଣା ଏବଂ ତାଙ୍କ ପରିବାର ସଦସ୍ୟ ବିରୋଧରେ ଇଡି ଲୁକ୍ ଆଉଟ ନୋଟିସ ଜାରି କରିଛି। ଇଡିର ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ରାଣାଙ୍କ ସ୍ତ୍ରୀ ବିନ୍ଦୁ, ଝିଅ ରାକ୍ଷୀ କପୁର ଟଣ୍ଡନ, ରଶନୀ କପୁର ଏବଂ ରାଧା କପୁର ମଧ୍ୟ ଇଡି ନଜରରେ ରହିଛନ୍ତି।

### ଅସୁବିଧାରେ ବ୍ୟାଙ୍କର ଫରେକ୍ସକାର୍ଡଧାରୀ

ଯେସ୍ ବ୍ୟାଙ୍କ ଉପରେ କଟକଣା ଲାଗିବା ଯୋଗୁ ଏହି ବ୍ୟାଙ୍କର ଫରେକ୍ସ କାର୍ଡ ବ୍ୟବହାର କରୁଥିବା ଟ୍ରାଭେଲର ଏବଂ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କ ଉପରେ ୫୦ ହଜାର ଟଙ୍କାର ଉଠାଣ କଟକଣା ଲାଗିବା ଯୋଗୁ ଲୋକମାନେ ଗତ ୩ ଦିନ ଧରି ବିଭିନ୍ନ ସମସ୍ୟା ସାମ୍ନା କରୁଥିବା ଜଣାପଡିଛି। ଯେସ୍ ବ୍ୟାଙ୍କ ସହ ଫୋନ୍‌ପେର ଅନୁବନ୍ଧନ ରହିଥିଲା। କଟକଣା ଯୋଗୁ ଏହା ନେଣଦେଣରେ ଅସୁବିଧା ସାମ୍ନା କରିବା ଯୋଗୁ ଆଇସିଆଇସିଆଇକୁ ନିଜ ସହ ସାମିଲ କରିବା ପରେ ଫୋନପେରେ ନେଣଦେଣ ସ୍ୱାଭାବିକ ହୋଇଛି। ବୁକ୍‌ମାଇଁ ଫରେକ୍ସ ଡଟ୍ କମ୍ ଭଳି ସଂସ୍ଥା ଯେସ୍ ବ୍ୟାଙ୍କ ସହ ସହବନ୍ଧିତଥିବାରୁ ଏହାର ଗ୍ରାହକମାନେ ବିଦେଶରେ ହଇରାଣ ହେଉଛନ୍ତି।

### ଯେସ୍ ବ୍ୟାଙ୍କ ସଙ୍କଟ




- ଇଡି ସ୍କାନରରେ ୨ହଜାର କୋଟି ଟଙ୍କାର ନିବେଶ
- ପାଖରେ ରଖିଛନ୍ତି ୪୪ ଦାମୀ ପେଣ୍ଟିଂ
- ରାଣାଙ୍କ ୩ ଝିଅ, ସ୍ତ୍ରୀ ତଦନ୍ତ ପରିସରରେ



### ସିବିଆଇର ତଦନ୍ତ ଆରମ୍ଭ

ଯେସ୍ ବ୍ୟାଙ୍କ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ତଦନ୍ତ ଆରମ୍ଭ କରିଥିବା କୁହାଯାଇଛି। ଏହି ଘଟଣା ଉପରେ ରବିବାର ଠାରୁ ସିବିଆଇ ଅଧିକାରୀମାନେ କାଗଜପତ୍ର ଖୋଳତାଡ ଆରମ୍ଭ କରିଥିବା ଜଣାପଡିଛି। ତଦନ୍ତ ଉପରେ ଅଧିକାରୀମାନେ କିଛି ସ୍ପଷ୍ଟ ସୂଚନା ଦେଇ ନାହାନ୍ତି। ଆଗାମୀ କାର୍ଯ୍ୟପନ୍ଥା କ'ଣ ରହିବ ତାକୁ ସମ୍ପୂର୍ଣ୍ଣ ଗୋପନୀୟ ରଖାଯାଇଛି। ମାତ୍ର ପ୍ରାଥମିକ ଭିତ୍ତିରେ ତଦନ୍ତ ଆରମ୍ଭ କରାଯାଇଥିବା ଜଣେ ଅଧିକାରୀ କହିଛନ୍ତି। ଘଟଣାର ଆପରାଧିକ ଦିଗ, ଠକେଇ ଏବଂ ଦୁର୍ନୀତି ଭଳି ପ୍ରସଙ୍ଗକୁ ସିବିଆଇ ବିଚାର କରିବ।

### ଜମାକାରୀଙ୍କ ଟଙ୍କା ସୁରକ୍ଷିତ: ଆର୍‌ବିଆଇ




ଯେସ୍ ବ୍ୟାଙ୍କ ଘଟଣା ଉପରେ ରିଜର୍ଭ ବ୍ୟାଙ୍କ ରବିବାର ପୁଣି ଥରେ ସ୍ପଷ୍ଟୀକରଣ ଦେଇଛି। ଜମାକାରୀ ବର୍ତ୍ତମାନ ବ୍ୟାଙ୍କର ସ୍ଥିତିକୁ ନେଇ ଆଶଙ୍କାରେ ରହିଛନ୍ତି। ଏଭଳି ସ୍ଥିତିରେ ଆର୍‌ବିଆଇ ଲୋକମାନଙ୍କୁ ଆଶ୍ୱାସନା ଦେଇଛି। ଲୋକଙ୍କୁ ଭରସା ଦେଇ କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ, ଜମାକାରୀଙ୍କ ଟଙ୍କା ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ଏହାକୁ ନେଇ କୌଣସି ଚିନ୍ତା ନ କରିବା ଆବଶ୍ୟକ। ବ୍ୟାଙ୍କର ସମ୍ପୂର୍ଣ୍ଣ ଘଟଣା ଉପରେ ନଜର ରଖାଯାଇଥିବା କେନ୍ଦ୍ରୀୟ ବ୍ୟାଙ୍କ ସ୍ପଷ୍ଟ କରିଛି। ଜମାକାରୀଙ୍କ ଅର୍ଥର ସୁରକ୍ଷା ନେଇ କେତେକ ଗଣମାଧ୍ୟମରେ ବାହାରିଥିବା ଏକ ରିପୋର୍ଟକୁ ନେଇ ରିଜର୍ଭ ବ୍ୟାଙ୍କ ଟୁଇଟ ଯୋଗେ ଏଭଳି ସ୍ପଷ୍ଟୀକରଣ ଦେଇଛି। କେବଳ ଯେସ୍ ବ୍ୟାଙ୍କ ନୁହେଁ ସବୁ ବ୍ୟାଙ୍କର ସ୍ଥିତି ଉପରେ ଆର୍‌ବିଆଇ ନଜର ରଖିଥିବା କହିଛି। ଏଣୁ ଲୋକମାନେ ଜମାର ସୁରକ୍ଷା ନେଇ ବେଶି ଚିନ୍ତିତ ନ ହେବାକୁ ଏହା ସ୍ପଷ୍ଟ କରିଛି।

### ଚିନ୍ତାର କାରଣ ନାହିଁ, ବ୍ୟାଙ୍କଗୁଡିକରେ ପୁଞ୍ଜି ଦୃଢ ରହିଛି: ସିଇଏ



ଯେସ୍ ବ୍ୟାଙ୍କ ଘଟଣା ଉପରେ ମଧ୍ୟ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି। ସେ କହିଛନ୍ତି ଯେ, ଭାରତୀୟ ବ୍ୟାଙ୍କଗୁଡିକ ଦୃଢ ରହିଛନ୍ତି। ବ୍ୟାଙ୍କଗୁଡିକରେ ସରକାର ଉନ୍ନତ ପୁଞ୍ଜି ଯୋଗାଣ କରୁଛନ୍ତି। ଏଣୁ ଲୋକମାନେ କୌଣସି ମତେ ଚିନ୍ତା ନ କରିବାକୁ ସେ ଭରସା ଦେଇଛନ୍ତି। ଏହାବାଦ ବ୍ୟାଙ୍କଗୁଡିକର ଆର୍ଥିକ ସ୍ୱାସ୍ଥ୍ୟ ମାପିବା ପଦ୍ଧତିକୁ ସେ ଭୁଲ୍ ବୋଲି କହିଛନ୍ତି। ବଜାର ପୁଞ୍ଜୀକରଣ ଅନୁସାରେ ଜମା ଅନୁପାତ କେତେ ରହିଛି ସେ ପଦ୍ଧତିକୁ ସୁବ୍ରମଣ୍ୟନ ଭୁଲ୍ ଣାଁଇଛନ୍ତି।

# ସାମ୍‌ସଙ୍ଗ ଆଣିଲା ୨ ନୂଆ ସ୍ମାର୍ଟଫୋନ୍



ଭୁବନେଶ୍ୱର,୮-୩

ସାମ୍‌ସଙ୍ଗ ପକ୍ଷରୁ ୨ ନୂଆ ସ୍ମାର୍ଟଫୋନ୍ ଗାଲାକ୍ସି ଏସ୍୨୦ ଏବଂ ଗାଲାକ୍ସି ଏସ୍୨୦ ପ୍ଲସ ବଜାରକୁ ଆସିଛି। ଏସ୍‌ପିଡି ପପୁ ହଂସ ଏବଂ ଜେଡ୍‌ଏସ୍‌ଏମ୍ ଆଶୁତୋଷ ଶର୍ମା ଏହି ମଡେଲଗୁଡିକୁ ବଜାର ପ୍ରବେଶ କରାଇଥିଲେ। ଏହି ସମୟରେ ଶର୍ମା ୨ଟି ଫୋନର ଫିଚର ସମ୍ପର୍କରେ ସୂଚନା ଦେଇଥିଲେ। ୩୩ ମେଗା ପିକ୍ସେଲ ଏବଂ ୬୪ ମେଗାପିକ୍ସେଲ କ୍ୟାମେରା ସହିତ ଫୋନରେ ୩୦ଏକ୍ସ ଜୁମ, ୮କେ ଭିଡିଓ ଶୁଟିଂ ସହ ଦେଖିବାର ସୁବିଧା ଗ୍ରାହକଙ୍କ ପାଇଁ ରହିଛି। ଗାଲାକ୍ସି ଏସ୍ ୨୦ ପ୍ଲସ ସ୍ମାର୍ଟଫୋନ ୪୫୦୦ ଏମ୍‌ଏଏଜେଡ ବ୍ୟାଟେରି, ୨୫ ଡବ୍ଲ୍ୟୁ ସୁପରଫାଷ୍ଟ ଚାର୍ଜିଂ, ୮ଜିବି,୧୨୮ ଜିବି ମେମୋରି କ୍ଷମତା ରହିଛି। ଏହାକୁ ୧ଟିବି ପର୍ଯ୍ୟନ୍ତ ବୃଦ୍ଧି କରିହେବ। ଗାଲାକ୍ସି ଏସ୍୨୦ ପ୍ଲସର ବଜାର ଦର ୬୬,୯୯୯ ଟଙ୍କା ରହିଥିବା ବେଳେ ଗାଲାକ୍ସି ଏସ୍ ୨୦ର ବଜାର ଦର ୭୩,୯୯୯ ଟଙ୍କା ରହିଥିବା ପପୁ ହଂସ କହିଛନ୍ତି।

# ହିରୋର ମେଗା ସର୍ଭିସ କାର୍ନିଭାଲ

ଭୁବନେଶ୍ୱର,୮-୩

ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ସାରା ଦେଶରେ ମେଗା ସର୍ଭିସ କାର୍ନିଭାଲ ଆୟୋଜିତ ହୋଇଯାଇଛି। ଗ୍ରାହକ କୈନ୍ଦ୍ରିକ ପ୍ରତିବଦ୍ଧତାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ଏକ ପଦକ୍ଷେପ ହାତକୁ ନେଇଛି। ସାରା ଦେଶର ୧୦୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ କମ୍ପାନୀ ସର୍ଭିସ କ୍ୟାମ୍ପମାନ ଆୟୋଜନ କରିଥିଲା। ୩ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ଏହି କ୍ୟାମ୍ପରେ କମ୍ପାନୀ ଟୁହ୍ୱିଲର୍ସ ଉପରେ ଗ୍ରାହକମାନେ ପଲ୍ଟିଫୁଲ ପରଚେଜ ଏବଂ ଏକ୍ସଚେଞ୍ଜ ଲାଭ କରିଛନ୍ତି। ଏହି ଅବସରରେ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ପ୍ରଦାନ କରାଯାଇଛି। ସଡକ ନିରାପତ୍ତା, ପ୍ରକୃତ ଅଏଲ, ପାର୍ଟସ ଏବଂ ଆସେସୋରିଜ ଉପରେ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା।

# ବିଓବିରେ ଅନ୍ତର୍ଜାତୀୟ ମହିଳା ଦିବସ



ଭୁବନେଶ୍ୱର,୮-୩

ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସୂଚନା ଆୟୋଗର ଅଧିକାରୀ ଶଶିପ୍ରଭା ବିନ୍ଧାଣି ମହିଳାଙ୍କ ଶସକ୍ତୀକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମହିଳାମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ଉପରେ ବିନ୍ଧାଣି ମତ ରଖିଥିଲେ। କାର୍ଯ୍ୟକ୍ରମରେ କ୍ଷେତ୍ରୀୟ ମୁଖ୍ୟ ସୋମନାଥ ନନ୍ଦ, ଡିଆର୍‌ଏମ୍-୧ ଭାରତ ଭୂଷଣ, ଡିଆର୍‌ଏମ୍-୨ ହରିଶ ସିହ୍ନା, କ୍ଷେତ୍ରୀୟ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର ନିକଟବର୍ତ୍ତୀ ଶାଖାଗୁଡିକରୁ ମହିଳା କର୍ମଚାରୀମାନେ ଯୋଗଦେଇଥିଲେ।

# ୟୋନୋରେ ୨୦ ନିୟୁତ ପଞ୍ଜୀକୃତ ୟୁଜର

ନୂଆଦିଲ୍ଲୀ,୮-୩

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ବିବିଧ ଡିଜିଟାଲ୍ ସେବା ପ୍ଲାଟଫର୍ମ ୟୋନୋ (ୟୁ ଓନଲି ନିଡ୍ ୱାନ) ୨୦ ନିୟୁତ ପଞ୍ଜୀକୃତ ବ୍ୟବହାରକାରୀଙ୍କ ମାଇଲଖୁଣ୍ଟ ଛୁଇଁଛି। ୨୦୧୭ ନଭେମ୍ବରରେ ଶୁଭାରମ୍ଭ ହେବା ପରଠାରୁ ଗ୍ରାହକମାନଙ୍କୁ ସେମାନଙ୍କ ବ୍ୟାଙ୍କିଙ୍ଗ୍, ସପିଙ୍ଗ୍, ଜୀବନଶୈଳୀ ଓ ନିବେଶ ଆବଶ୍ୟକତା ପାଇଁ ଅଲ୍-ଇନ୍-ୱାନ୍ ସମାଧାନ ପ୍ରଦାନ କରି ୟୋନୋ ସେମାନଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟତା ହାସଲ କରିଛି। ଦୁଇ ବର୍ଷରୁ ମାତ୍ର କିଛି ଅଧିକ ସମୟ ଭିତରେ ୟୋନୋ ପ୍ରାୟ ୨୦ ରୁ ଅଧିକ ବର୍ଗର ୧୦୦ରୁ ଅଧିକ ଇ-କମର୍ସ ସଂସ୍ଥା ସହିତ ସହଯୋଗିତା ସ୍ଥାପନ କରିଛି। ସବୁ ବର୍ଗର ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରିବା ଲାଗି ୟୋନୋ ଜରିଆରେ ଏସ୍‌ବିଆଇ ବିଭିନ୍ନ ପ୍ରକାର ଅଭିଯାନ ଯଥା ୟୋନୋ କୃଷି, ୟୋନୋ ଗ୍ଲୋବାଲ, ୟୋନୋ କ୍ୟାଶ ୟୋନୋ ସପିଙ୍ଗ ଫେଷ୍ଟିଭାଲ ଓ ସେହି ଭଳି ଧରଣର ଅଭିଯାନ ଆଣିଛି। କେୱାଇସି ପାଇଁ ଶାଖାକୁ ମାତ୍ର ଥରେ ପରିଦର୍ଶନକରି୨୪ ଘଣ୍ଟାର ଯେକୌଣସି ସମୟରେ ଡିଜିଟାଲ୍ ସଞ୍ଚୟ ଖାତା ଖୋଲିବାର ବିକଳ୍ପକୁ ଗ୍ରାହକ ମାନଙ୍କୁ ପ୍ରଦାନ କରୁଥିବା ୟୋନୋ ଜରିଆରେ ଏସ୍‌ବିଆଇ ପକ୍ଷରୁ ୬.୮ ନିୟୁତରୁ ଅଧିକ ଏସ୍‌ବି ଖାତା ଖୋଲାଯାଇଛି। ୟୋନୋ ଏସ୍‌ବିଆଇ ଜରିଆରେ ବ୍ୟାଙ୍କ ପ୍ରତିଦିନ ୨୦,୦୦୦ ଖାତା ଖୋଲୁଛି। ୟୋନୋ କ୍ୟାଶ ବର୍ତ୍ତମାନ ଏଟିଏମ ଓ ମର୍ଚ୍ଚାଣ୍ଟ ଆଉଟଲେଟ୍‌କୁ ମିଶାଇ ୨୫୦୦୦୦ ଟଚ୍ ପଏଣ୍ଟରେ ୫ନିୟୁତରୁ ଅଧିକ ସୁରକ୍ଷିତ ଏବଂ ନିରାପଦ କାର୍ଡ-ଲେସ୍ ଏଟିଏମ୍ କାରବାର ପ୍ରଦାନ କରୁଛି। ବିଗତ ଦୁଇବର୍ଷରେ ୟୋନୋ ଜରିଆରେ ବ୍ୟାଙ୍କ ପକ୍ଷରୁ ୧ ଲକ୍ଷରୁ ଅଧିକ ଏସ୍‌ବିଆଇ କ୍ରେଡିଟ କାର୍ଡ ଜାରି କରାଯାଇଛି।

# ବିଏଫଆଇଏନ-ଜେଏନଆଇବିଏଫ ଏମ୍‌ଓୟୁ




ମୁମ୍ବାଇ,୮-୩

ତାଲିମ ଓ ଆନୁଷଙ୍ଗିକ କ୍ଷେତ୍ରରେ ପାରସ୍ପରିକ ସହଯୋଗ ଲାଗି ବ୍ୟାଙ୍କିଙ୍ଗ ଫାଇନାନ୍ସ ଆଣ୍ଡ ଇନସ୍ୟୁରାନ୍ସ ଇନଷ୍ଟିଚ୍ୟୁଟ ଅଫ ନେପାଳ ଲିମିଟେଡ଼ ( ବିଏଫଆଇଏନ) ସହ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ଼ର ଅଗ୍ରଣୀ ତାଲିମ ପ୍ରତିଷ୍ଠାନ ଜବାହରଲାଲ ନେହେରୁ ଇନଷ୍ଟିଚ୍ୟୁଟ ଅଫ ବ୍ୟାଙ୍କିଙ୍ଗ ଆଣ୍ଡ ଫାଇନାନ୍ସ (ଜେଏନଆଇବିଏଫ), ହାଇଦ୍ରାବାଦ, ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଜେଏନଆଇବିଏଫ ପକ୍ଷରୁ ନିର୍ଦ୍ଦେଶକ କୁମାର ନିଲ ଲୋହିତ ଓ ବିଏଫଆଇଏନ ପକ୍ଷରୁ ଏମ୍‌ଡ଼ି ବିନୋଦ ଅତ୍ରେୟ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ଏହି ଅବସରରେ ଉଭୟ ବ୍ୟାଙ୍କର ସଦସ୍ୟ ଓ ଆଇଡ଼ିବିଆଇ ବ୍ୟାଙ୍କର ମାନବ ସମ୍ବଳ ଓ ତାଲିମ ଇଡ଼ି ଭି.ନାରାୟଣମୂର୍ତ୍ତି ଉପସ୍ଥିତ ଥିଲେ । ଆଲୋଚନାଚକ୍ର, ସମ୍ମିଳନୀ, ତାଲିମ ଓ କର୍ମଶାଳା ଆଦି ଜରିଆରେ ଦୁଇ ରାଷ୍ଟ୍ରର ପେସାଦାରଙ୍କ ମଧ୍ୟରେ ପରିଚାଳନାଗତ ଦକ୍ଷତା ବୃଦ୍ଧି ଏହି ବୁଝାମଣାପତ୍ର ସ୍ୱାକ୍ଷରର ଲକ୍ଷ୍ୟ ଅଟେ।

# ଏଚ୍‌ଡିଏଫ୍‌ସି-ଇଣ୍ଡିଗୋର ନୂଆ ଟ୍ରାଭେଲ କ୍ରେଡିଟ କାର୍ଡ

ନୂଆଦିଲ୍ଲୀ,୮-୩: ଇଣ୍ଡିଗୋ, ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ସହ ମିଳିତ ହୋଇ ମାଷ୍ଟରକାର୍ଡ଼ ଦ୍ୱାରା ସଂଚାଳିତ ଏହାର ପ୍ରଥମ ଟ୍ରାଭେଲ କ୍ରେଡ଼ିଟ୍ କାର୍ଡ଼ 'କା-ଚିଙ୍ଗ୍'ର ଶୁଭାରମ୍ଭ କରିଛି । ଏହା ୬ଇ ରିୱାର୍ଡ଼ସ୍ ଏବଂ ୬ଇ ରିୱାର୍ଡ଼ସ୍ ଏକ୍ସଏଲ୍ ନାମକ ଦୁଇ ପ୍ରକାରର କାର୍ଡ଼ରେ ଉପଲବ୍ଧ। ଯାହା ଗ୍ରାହକମାନଙ୍କୁ ଉଭୟ ଦେଶ ମଧ୍ୟରେ ଏବଂ ଆନ୍ତର୍ଜାତୀୟ ସ୍ତରର ଯାତ୍ରାରେ ବିଭିନ୍ନ ସୁବିଧା ଯୋଗାଇବ ।

**ଜଗତସିଂହପୁର ପୌର ପରିଷଦ ତରଫରୁ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ**

- ଟିକସ ଯଥା ସମୟରେ ପୌର ପରିଷଦରେ ପଇଠ କରନ୍ତୁ।
- ସରକାରୀ ତଥା ପୌର ପରିଷଦ ଜାଗା ଓ ଡ୍ରେନକୁ ଅବରୋଧ କରନ୍ତୁ ନାହିଁ।
- ପୌର ପରିଷଦରେ ଜନ୍ମ ମୃତ୍ୟୁର ପଞ୍ଜୀକରଣ ଯଥା ସମୟରେ କରନ୍ତୁ।
- ପୌରାଞ୍ଚଳରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ପୌର ପରିଷଦର ଅନୁମତି ନେଇ କରନ୍ତୁ।
- ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଅନୁସାରେ ପ୍ଲାଷ୍ଟିକ୍ ଥଳି ବିକ୍ରି ଓ ବ୍ୟବହାର ବାରଣ କରାଯାଇଅଛି, ଏଣୁ ପ୍ଲାଷ୍ଟିକ୍ ଥଳି ବ୍ୟବହାର କରନ୍ତୁ ନାହିଁ।
- ଘରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥକୀକରଣ କରି ବ୍ଲୁ ଏବଂ ଗ୍ରୀନ ଡଷ୍ଟବିନ୍‌ରେ ରଖନ୍ତୁ।
- ଗାଈ, ଗୋରୁ, ଛେଳି, ମେଣ୍ଢା ଇତ୍ୟାଦି ଗୃହପାଳିତ ପଶୁଙ୍କୁ ରାସ୍ତା ଉପରକୁ ଛାଡ଼ି ରାସ୍ତା ଅବରୋଧ କରନ୍ତୁ ନାହିଁ।
- ସମସ୍ତ କାର୍ଯ୍ୟ ପାଇଁ ଆପଣଙ୍କ ସହଯୋଗ ଆମର ଏକାନ୍ତ କାମ୍ୟ।

ଶ୍ରୀଯୁକ୍ତ ବିମଳ କୁମାର ଲେଙ୍କା
(ଓ.ଏ.ଏସ୍, ଜେବି)
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଜଗତସିଂହପୁର

ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ମହାପାତ୍ର
ଓ.ଏ.ଏସ୍. (ଏସ୍.ଏ.ଜି.)
ପ୍ରଶାସକ
ପୌର ପରିଷଦ, ଜଗତସିଂହପୁର

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007
Tel. No. 0674-2545586/2545852, E-mail : serifedodisha@gmail.com, website- www.serifedodisha.in
**INVITATION FOR BIDS (e-Procurement)**
Bid identification no:- VI-32(10)/SERIFED/2019-20/240/Dt.06.03.2020
The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE Only, for the 3 nos. of works at different location in Bargarh dist of individual Tender value of Rs.32,14,900/- (Excluding GST). The bid documents such as DTCN/BOQ etc. can be seen / downloaded from the government website : www.tendersodisha.gov.in during the period dt.13.03.2020 to 17.00 hours upto dt.26.03.2020. Online bids shall be received till 17.00 hours till dt.26.03.2020 & shall be opened at 3.30 PM on Dt.27.03.2020. Any addendum / corrigendum / cancellation of tender can also be seen in the said website.
Sd/- Managing Director

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007
Tel. No. 0674-2545586/2545852, E-mail : serifedodisha@gmail.com, website- www.serifedodisha.in
**INVITATION FOR BIDS (e-Procurement)**
Bid identification no:- VI-32(9)/SERIFED/2019-20/242/Dt.06.03.2020
The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE Only, for the work Renovation of Godown cum office Building of Sambalpuri Bastralaya at Bargarh, Tender value of Rs.60,27,487/- (Excluding GST). The bid document such as DTCN/BOQ etc. can be seen / downloaded from the government website : www.tendersodisha.gov.in during the period dt.13.03.2020 to 17.00 hours upto dt.31.03.2020. Online bids shall be received till 17.00 hours till dt.31.03.2020 & shall be opened at 3.30 PM on Dt.03.04.2020. Any addendum / corrigendum / cancellation of tender can also be seen in the said website. Sd/- Managing Director

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

BUSINESS BUSINESS

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

Fusion Microfinance PVT.LTD
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ Online ସୁବିଧା
CONTACT
90783-45815
gmail-fusionmicrofinance2020@gmail.com

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/-ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ମହିଳା କ୍ରିକେଟ୍‌ରେ ରେକର୍ଡ ଦର୍ଶକ

**ମେଲବୋର୍ନ, ୮।୩ (ପି.ଟି.):** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ରବିବାର ସ୍ଥାନୀୟ ମେଲବୋର୍ନ କ୍ରିକେଟ୍ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଖେଳାଯାଇଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍‌କୁ ରେକର୍ଡ ସଂଖ୍ୟକ ଦର୍ଶକ ଉପଭୋଗ କରିଛନ୍ତି। ଏମ୍‌ସିଜିର ମୋଟ୍ ଦର୍ଶକ ଧାରଣ କ୍ଷମତା ଏକ ଲକ୍ଷ ୨୪ ଜଣ ରହିଛି। ତେବେ ଏହି ଫାଇନାଲ ମ୍ୟାଚ୍‌କୁ ମୋଟ୍ ୮୬,୧୭୪ ଜଣ ଦର୍ଶକ ଷ୍ଟାଡିୟମରେ ବସି ଉପଭୋଗ କରିଛନ୍ତି। ଫଳରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ କୌଣସି ମହିଳା କ୍ରୀଡ଼ା ତଥା ବିଶ୍ୱ ମହିଳା କ୍ରିକେଟ୍‌ରେ ଦର୍ଶକଙ୍କ ଉପସ୍ଥିତି ଦୃଷ୍ଟିରୁ ଏହା ନୂତନ ରେକର୍ଡ ସୃଷ୍ଟି କରିଛି। ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ରହିଥିବାରୁ ଫାଇନାଲକୁ ରେକର୍ଡ ସଂଖ୍ୟକ ଦର୍ଶକ ଦେଖିବେ ବୋଲି ଆଶା କରାଯାଉଥିଲା। ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ର ପୂର୍ବ ୬ ସଂସ୍କରଣ ଫାଇନାଲ ମଧ୍ୟରୁ ୨୦୦୯ରେ ସର୍ବାଧିକ ଦର୍ଶକ ମ୍ୟାଚ୍ ଦେଖିଥିଲେ। ସିଡ୍‌ନୀରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ମୋଟ୍ ୧୨ ହଜାର ୭୧୭ ଦର୍ଶକ ଉପସ୍ଥିତ ରହିଥିଲେ।

### ଚାରି ଭାରତୀୟ ବକ୍ସରଙ୍କୁ ଅଲିମ୍ପିକ ଯୋଗ୍ୟତା

**ଅମ୍ମାନ (ଜୋର୍ଡାନ), ୮।୩ (ପି.ଟି.):** ଚାରି ଭାରତୀୟ ବକ୍ସର ପୂଜାରାଣୀ (୭୫ କିଗ୍ରା), ବିକାଶ କ୍ରିଷ୍ଣନ (୬୯ କିଗ୍ରା), ଲୋଭ୍‌ଲିନା ବୋରଗୋହେନ (୬୯ କିଗ୍ରା) ଓ ଆଶିଷ କୁମାର(୭୫ କିଗ୍ରା) ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏଠାରେ ଚାଲିଥିବା ଏସିଆନ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରେ ଏହି ୪ ବକ୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି।

କ୍ୱାର୍ଟର ଫାଇନାଲ ମୁକାବିଲାରେ ଏସିଆନ୍ ଚାମ୍ପିୟନ ପୂଜାରାଣୀ ୫-୦ରେ ଥାଇଲାଣ୍ଡ ବକ୍ସର ପୋର୍ନିପା ଚୁଟେଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ପୁରୁଷ ବିଭାଗ କ୍ୱାର୍ଟରରେ ବିକାଶ ଜଜ୍‌ଙ୍କ ସର୍ବସମ୍ମତି ନିଷ୍ପତ୍ତିକ୍ରମେ ଜାପାନର ସେୱନରେଟ୍ସ ଓକାଜାୱାଙ୍କୁ ହରାଇଛନ୍ତି। ଏଥିସହ ବିକାଶ କ୍ୟାରିୟରର ୩ୟ ଥର ଲାଗି ଅଲିମ୍ପିକ୍ସ ଖେଳିବାର ସୌଭାଗ୍ୟ ପାଇଛନ୍ତି।

### ରଣଜୀ ଟ୍ରଫି ଫାଇନାଲ ଆଜିଠାରୁ

**ରାଜକୋଟ,୮।୩(ପି.ଟି.):** ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ(ଏସ୍‌ସିଏ) ଷ୍ଟାଡିୟମରେ ଦେଶର ସର୍ବବୃହତ୍ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ରଣଜୀ ଟ୍ରଫିର ଫାଇନାଲ ମ୍ୟାଚ୍ ସୋମବାରଠାରୁ ଆରମ୍ଭ ହେବ। ଟାଇଟଲ ପାଇଁ ଘରୋଇ ସୌରାଷ୍ଟ୍ର ଓ ବେଙ୍ଗଲ ପରସ୍ପରକୁ ଭେଟିବେ। ଜୟଦେବ ଉନାଡକଟଙ୍କ ନେତୃତ୍ୱରେ ସୌରାଷ୍ଟ୍ର ଘରୋଇ ପରିବେଶରୁ ଫାଇଦା ଉଠାଇ ପୁଣି ଥରେ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି। ଅନ୍ୟପଟେ ୧୩ ବର୍ଷ ପରେ ବେଙ୍ଗଲ ରଣଜୀ ଟ୍ରଫି ଫାଇନାଲରେ ପ୍ରବେଶ କରିଥିବାରୁ ଏଥର ସୁଯୋଗ ହାତଛଡ଼ା କରିବାକୁ ଚାହିଁବ ନାହିଁ। ଗତ ୮ଟି ସେସନରେ ସୌରାଷ୍ଟ୍ର ଚତୁର୍ଥଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଶେଷଥର ପାଇଁ ଦୁଇ ଦଶନ୍ଧି ପୂର୍ବରୁ ବେଙ୍ଗଲ ୧୯୮୯-୯୦ରେ ରଣଜୀ ଟ୍ରଫି ଚାମ୍ପିୟନ ହୋଇଥିଲା।



“ ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ ସତ୍ତ୍ୱେ ଫାଇନାଲରେ ପରାଜୟର କାରଣ ନେଇ ଆତ୍ମସମୀକ୍ଷା ଆବଶ୍ୟକ।
– ସ୍ମୃତି ମନ୍ଧାନା, ଭାରତର ସିନିୟର ମହିଳା କ୍ରିକେଟର



“ ଫେଡ୍ କପ୍ ପ୍ଲେ-ଅଫ୍‌ରେ ପ୍ରବେଶ ମୋର ଏକ ସ୍ୱପ୍ନ ଥିଲା। ଏହା ସାକାର ହୋଇପାରିବ ବୋଲି ମୋର ବିଶ୍ୱାସ ନ ଥିଲା।
–ଅଙ୍କିତା ରାଇନା, ଭାରତୀୟ ଟେନିସ ଖେଳାଳି

# ଭାରତର ବିଶ୍ୱକପ୍ ଆଶା ଅଧୁରା



ବିଶ୍ୱକପ ବିଜୟୀ ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ଖେଳାଳିମାନେ ଖୁସି ମନାଉଛନ୍ତି ।

## ଶେଫାଳିଙ୍କୁ ଦୋଷ ଦେଇ ପାରିବା ନାହିଁ: କୌର

ମେଲବୋର୍ନ, ୮।୩ (ପି.ଟି.): ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଫାଇନାଲରେ ଭାରତ ୮୫ ରନରେ ଶୋଚନୀୟ ଭାବେ ଘରୋଇ ଅଷ୍ଟ୍ରେଲିଆ ନିକଟରୁ ହାରି ରନର୍ସଅପ୍ ହୋଇଛି। ଅଷ୍ଟ୍ରେଲିଆ ଇନିଂସରେ ବିସ୍ଫୋରକ ଇନିଂସ ଖେଳିଥିବା ଏଲିସା ହିଲି (୭୫ ରନ, ୩୯ ବଲ)ଙ୍କ କ୍ୟାଚ୍ ଶେଫାଳି ବର୍ମା ପ୍ରଥମ ଓଭରରେ ଡ୍ରପ୍ କରିଥିଲେ। କିନ୍ତୁ ଏହି ପରାଜୟ ଲାଗି ଶେଫାଳିଙ୍କୁ ଆମେ ଦୋଷ ଦେଇପାରିନା ନାହିଁ ବୋଲି ଭାରତୀୟ ଦଳର ଅଧିନାୟିକା ହର୍‌ମନ୍‌ପ୍ରୀତ୍ କୌର କହିଛନ୍ତି। 'ଶେଫାଳିଙ୍କୁ ମାତ୍ର ୧୬ ବର୍ଷ ହୋଇଛି। ସେ ତାଙ୍କର ପ୍ରଥମ ବିଶ୍ୱକପ୍ ଖେଳିଥିଲେ। ପ୍ରକୃତରେ ସେ ଆମ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ମାତ୍ର ୧୬ ବର୍ଷର ଜଣେ ବାଳିକା ପାଇଁ ସକାରାତ୍ମକ ଚିନ୍ତା କରିବା ଏବଂ ଖେଳରେ ଜମି ରହିବା କଷ୍ଟସାଧ୍ୟ' ବୋଲି ଖବରଦାତା ସମ୍ମିଳନୀରେରେ ହର୍‌ମନପ୍ରୀତ୍ ଏହା କହିଛନ୍ତି। ଏହା ତାଙ୍କ ପାଇଁ ଏକ ଶିକ୍ଷା ଅଟେ। କିନ୍ତୁ ଏହା କାହା ସହିତ ମଧ୍ୟ ହୋଇପାରେ। ତେଣୁ ଆମେ ତାଙ୍କୁ ଦୋଷ ଦେଇପାରିବା ନାହିଁ। ଭଲ ଫର୍ମରେ ଥିବା ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନଙ୍କୁ ଆମେ ସୁଯୋଗ ଦେଇଥିଲୁ। ଯେତେବେଳେ ଏହିଭଳି ଘଟିଥାଏ ସେତେବେଳେ ବୋଲର୍‌ଙ୍କୁ ପ୍ରତ୍ୟାବର୍ତ୍ତନ କରିବା କଷ୍ଟକର ହୋଇଥାଏ ବୋଲି ଭାରତୀୟ ମହିଳା ଦଳର ଏହି ଷ୍ଟାର୍ ଖେଳାଳି ପ୍ରକାଶ କରିଛନ୍ତି।

**ମେଲବୋର୍ନ, ୮।୩(ପି.ଟି.)**

ଘରୋଇ ପରିବେଶରୁ ଫାଇଦା ଉଠାଇ ଅଷ୍ଟ୍ରେଲିଆ ରେକର୍ଡ ପଞ୍ଚମଥର ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ମହିଳା ବିଶ୍ୱକପ୍ ଟାଇଟଲ ହାସଲ କରିଛି। ପ୍ରଥମେ ଦମ୍‌ଦାର ବ୍ୟାଟିଂ ଓ ପରେ ଉଚ୍ଚକୋଟୀର ବୋଲିଂ ସହାୟତାରେ ରବିବାର ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବୃହତ୍ ୮୫ ରନରେ ଭାରତକୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା। ତେବେ ଫାଇନାଲ ମ୍ୟାଚ୍‌ରେ ଏହି ପ୍ରଦର୍ଶନକୁ ଦୋହରାଇବାରେ ଭାରତ ବିଫଳ ହୋଇଥିଲା। ଏହି ନିର୍ଣ୍ଣାୟକ ତଥା ହାଇଭୋଲ୍‌ଟେଜ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ଚାପର ମୁକାବିଲା କରି ନ ପାରି ଆତ୍ମସମର୍ପଣ କରିଥିଲେ। ଐତିହାସିକ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ଦୁଇ ଓପନର ଏଲିସା ହିଲି ଓ ବେଥ ମୁନୀଙ୍କ ଧୂଆଁଧାର ବ୍ୟାଟିଂ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୮୪ ରନ ସଂଗ୍ରହ କରିଥିଲା। ଜବାବରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଭାରତ ୧୯.୧ ଓଭରରେ ୯୯ ରନରେ ଅଲଆଉଟ ହୋଇ ବିଜୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହିଯାଇଥିଲା। ୩୯ ବଲରୁ ୭ ଚୌକା ଓ ୫ ଛକା ସହ ୭୫ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଅଷ୍ଟ୍ରେଲିଆ ଓପନର ଏଲିସା ହିଲି ପ୍ଲେୟର ଅଫ୍ ଦି ଫାଇନାଲ ବିବେଚିତ ହୋଇଛନ୍ତି। ସେହିପରି ସାରା ଟୁର୍ନାମେଣ୍ଟରେ ସ୍ଥିର ପ୍ରଦର୍ଶନ କରିଥିବା ଅନ୍ୟତମ ଓପନର ବେଥ ମୁନୀ ପ୍ଲେୟାର ଅଫ୍ ଦି ସିରିଜ ଭାବେ ପୁରସ୍କୃତ ହୋଇଛନ୍ତି।

> **ଆଇସିସି ମହିଳା ଟି୨୦ ବିଶ୍ୱକପ୍**
> - ଅଷ୍ଟ୍ରେଲିଆକୁ ରେକର୍ଡ ପଞ୍ଚମ ଟାଇଟଲ
> - ହିଲି ପ୍ଲେୟର ଅଫ୍ ଦି ଫାଇନାଲ: ମୁନୀ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ
> - ଭାରତ ୮୫ ରନରେ ପରାସ୍ତ

୧୮୫ ରନ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି ଭାରତ ୧୮ ରନରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଉଚ୍ଚକୋଟୀର ପ୍ରଦର୍ଶନ କରିଥିବା ୧୬ ବର୍ଷୀୟା ଓପନର ଶେଫାଳୀ ବର୍ମା ମାତ୍ର ୨ ରନ କରି ମେଗାନ ସ୍କଟଙ୍କ ବଲ୍‌ରେ ଉଇକେଟକିପର ହିଲିଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ଭାରତୀୟ ଇନିଂସ ତାସ ଘରପରି ଭୁଶୁଡ଼ି ପଡ଼ିଥିଲା। ବେକରେ ବଲ୍ ବାଜିବା କାରଣରୁ ଉଇକେଟକିପର ବ୍ୟାଟ୍ସମ୍ୟାନ ତାନିୟା ଭାଟିଆ ରିଟାୟାର୍ଡ ହର୍ଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଜେମିମା ରୋଡ୍ରିଗୁଏଜ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ଫର୍ମରେ ନ ଥିବା ଅଭିଜ୍ଞ ଓପନର ସ୍ମୃତି ମନ୍ଧାନା ୧୧ ରନ କରିଥିବା ବେଳେ ସୋଫି ମୋଲିନିକ୍ସଙ୍କ ବଲ୍‌ରେ ମିଡ୍ ଅଫ୍‌ରେ ନିକୋଲା କାରେଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ପାଳି ପଡ଼ିଥିଲା ଅଧିନାୟିକା ହରମନପ୍ରୀତ କୌରଙ୍କର। ସେ ମାତ୍ର ୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ବେଦା କ୍ରିଷ୍ଣମୂର୍ତ୍ତି ୧୯, ଦୀପ୍ତି ଶର୍ମା ସର୍ବାଧିକ ୩୩, ଶିଖା ପାଣ୍ଡେ ୨, ରିଚା ଘୋଷ ୧୮, ରାଧା ଯାଦବ ୧ ଓ ପୁନମ ଯାଦବ ୧ ରନ କରି ଆଉଟ ହୋଇଥିଲେ। ରାଜେଶ୍ୱରୀ ଗାଏକ୍ୱାଡ ୧ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ମେଗାନ ସ୍କଟ ସର୍ବାଧିକ ୪, ଜେସ୍ ଜୋନାସିନ ୩, ମୋଲିନିକ୍ସ, ଡେଲିସା କିମିନ୍ସ ଓ ନିକୋଲା କେରୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ମୁନୀ- ହିଲିଙ୍କ ବିସ୍ଫୋରକ ବ୍ୟାଟିଂ

ପୂର୍ବରୁ ଟସ୍ ଜିତି ବ୍ୟାଟିଂ କରିବା ନିଷ୍ପତ୍ତି ଅଷ୍ଟ୍ରେଲିଆ ପାଇଁ ବେଶ୍ ଲାଭଦାୟକ ସାବ୍ୟସ୍ତ ହୋଇଥିଲା। ଦୁଇ ଓପନର ଏଲିସା ହିଲି ଓ ବେଥ ମୁନୀ ଭାରତୀୟ ବୋଲରଙ୍କୁ ନିର୍ମମ ପ୍ରହାର କରିବା ସହ ପଡ଼ିଆର ଚତୁର୍ଦ୍ଦିଗକୁ ଶଟ୍‌ମାନ ଖେଳିଥିଲେ। ଭାରତୀୟ ଦୁର୍ବଳ ଫିଲ୍ଡିଂର ଫାଇଦା ଉଠାଇ ଏହି ଦୁଇ ଖେଳାଳି ପ୍ରଥମ ଉଇକେଟରେ ୭୧ ବଲରେ ୧୧୫ ରନ ସଂଗ୍ରହ କରିଥିଲେ। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଉଚ୍ଚକୋଟୀର ପ୍ରଦର୍ଶନ କରି ଆସିଥିବା ଭାରତୀୟ ବୋଲର ଫାଇନାଲ ମ୍ୟାଚ୍‌ରେ ନିହାତି ମାମୁଲି ସାବ୍ୟସ୍ତ ହୋଇଥିଲେ। ଇନିଂସର ପଞ୍ଚମ ବଲ୍‌ରେ ହିଲି ଜୀବନଦାନ ପାଇଥିଲେ। ଦ୍ରୁତ ବୋଲର ଦୀପ୍ତି ଶର୍ମାଙ୍କ ବଲ୍‌ରେ ସେ ଶେଫାଳୀ ବର୍ମାଙ୍କୁ କ୍ୟାଚ୍ ଦେଇଥିଲେ। ତେବେ ଶେଫାଳୀ ଏହି କ୍ୟାଚ୍ ହାତଛଡ଼ା କରିଥିଲେ। ଏହାର ଭରପୂର ଫାଇଦା ଉଠାଇ ଥିଲେ ଉଇକେଟକିପର ବ୍ୟାଟ୍ସମ୍ୟାନ ହିଲି। ସେ ମାତ୍ର ୩୯ଟି ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ଓ ୫ ଛକା ସହ ୭୫ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଶତକ ଆଡକୁ ଅଗ୍ରସର ହେଉଥିବା ବେଳେ ରାଧା ଯାଦବଙ୍କ ବଲ୍‌ରେ ଲଙ୍ଗ୍ ଅନ୍‌ରେ ବେଦା କ୍ରିଷ୍ଣମୂର୍ତ୍ତିଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଧିନାୟିକା ମେଗ୍ ଲାନିଂ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ଯାଇ ୧୫ ବଲରେ ୨ ଚୌକା ସହ ୧୬ ରନ ସଂଗ୍ରହ କରି ଦୀପ୍ତି ଶର୍ମାଙ୍କ ବଲ୍‌ରେ ସ୍କୋୟାର ଲେଗ୍‌ରେ ଶିଖା ପାଣ୍ଡେଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଆଶଲେ ଗାର୍ଡନର ୨ ରନ କରିଥିବା ବେଳେ ଉଇକେଟକିପର ତାନିୟା ଭାଟିଆଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇ ଦୀପ୍ତିଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଶେଷରେ ରାଚେଲ ହେନ୍ସ ୪ ରନ କରି ଲାଇନ୍ ମିସ୍ କରିବା ସହ ସ୍ପିନର ପୁନମ ଯାଦବଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଓପନର ମୁନୀ ୫୪ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ସହ ୭୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ଦଳକୁ ବୃହତ୍ ସ୍କୋର ପ୍ରଦାନ କରିଥିଲେ। ନିକୋଲା କ୍ୟାରୀ ୫ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ଦୀପ୍ତି ୨, ପୁନମ ଓ ରାଧା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।







ଆଉଟ୍ ହେବା ପରେ ମର୍ମାହତ ଦୁଇ ଭାରତୀୟ ଖେଳାଳି ଅଧିନାୟିକା ହରମନପ୍ରୀତ କୌର ଓ ଶେଫାଳି ବର୍ମା।

> **ସଂକ୍ଷିପ୍ତ ସ୍କୋର**
> - ଅଷ୍ଟ୍ରେଲିଆ ୨୦ ଓଭରରେ ୧୮୪/୪ (ମୁନୀ- ୭୮*, ହିଲି- ୭୫, ଲାନିଂ- ୧୬, ଦୀପ୍ତି- ୨/୩୮, ପୁନମ- ୧/୩୦, ରାଧା-୧/ ୩୪)।
> - ଭାରତ ୧୯.୧ ଓଭରରେ ୯୯ରେ ଅଲ୍‌ଆଉଟ (ଦୀପ୍ତି- ୩୩, କ୍ରିଷ୍ଣମୂର୍ତ୍ତୀ- ୧୯, ଘୋଷ- ୧୮, ସ୍କଟ- ୪/୧୮, ଜୋନାସିନ- ୩/୨୦)।

## ପାଣ୍ଡ୍ୟା, ଧାୱନ, ଭୁବନେଶ୍ୱର ଫେରିଲେ

**ଅହମଦାବାଦ, ୮।୩(ପି.ଟି.)**

ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଘରୋଇ ଦିନିକିଆ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି। ନୂଆ ଚୟନ କମିଟି ମୁଖ୍ୟ ସୁନୀଲ ଜୋଷୀଙ୍କ ଅଧ୍ୟକ୍ଷତାରେ ଏହି ଦଳ ଘୋଷଣା କରାଯାଇଛି। ଦୀର୍ଘ ଦିନ ଧରି ଆଘାତ ସମସ୍ୟା ଦେଇ ଗତିକରିଆସୁଥିବା ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଅଭିଜ୍ଞ ଓପନର ଶିଖର ଧାୱନ ଓ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଏହି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେବେ ଉପ-ଅଧିନାୟକ ରୋହିତ ଶର୍ମା ସମ୍ପୂର୍ଣ୍ଣ ଫିଟ୍ ହୋଇ ନ ଥିବାରୁ ଦଳରେ ସ୍ଥାନ ପାଇନାହାନ୍ତି। ଆସନ୍ତା ୨୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପୂର୍ବରୁ ସେ ଫିଟ୍ ହୋଇଯାଇଥିବେ ବୋଲି ଆଶା କରାଯାଉଛି।

ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁର ଓ ଅଲରାଉଣ୍ଡର ଶିବମ୍ ଦୁବେଙ୍କୁ ଦଳରୁ ବାଦ୍ ଦିଆଯାଇଛି। ସେହିପରି ଅଭିଜ୍ଞ କେଦାର ଯାଦବଙ୍କ ବଦଳରେ ଯୁବ ବ୍ୟାଟ୍ସମ୍ୟାନ ଶୁବମନ ଗିଲଙ୍କୁ ସୁଯୋଗ ଦିଆଯାଇଛି। ଶୁବମନ ପାଖାପାଖି ଗୋଟିଏ ବର୍ଷ ତଳେ ଶେଷଥର ପାଇଁ ଦିନିକିଆ ଖେଳିଥିଲେ। ଇଞ୍ଜୁରି କାରଣରୁ ପାଣ୍ଡ୍ୟା ପିଠିରେ ଅସ୍ତ୍ରୋପଚାର କରାଇଥିଲେ। ଡିୱାଇ ପାଟିଲ କର୍ପୋରେଶନ ଟି୨୦ ଟୁର୍ନାମେଣ୍ଟରେ ସେ ଦମ୍‌ଦାର ବ୍ୟାଟିଂ କରି ନିଜ ଫିଟ୍‌ନେସର ପ୍ରମାଣ ଦେଇଛନ୍ତି। ସେହିପରି ଧାୱନ ଗତ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ଖେଳିବା ଅବସରରେ ଆହତ ହୋଇଥିଲେ। ଅନ୍ୟପଟେ ଭୁବନେଶ୍ୱର ଲଣ୍ଡନରେ ସ୍ପୋର୍ଟ୍ସ ହାର୍ନିଆ ସର୍ଜରୀ କରାଇଥିଲେ। ଧାୱନଙ୍କ ପ୍ରତ୍ୟାବର୍ତ୍ତନ ସହ ମୟଙ୍କ ଅଗ୍ରୱାଲ ତାଙ୍କ ସ୍ଥାନ ଦଳରେ ହରାଇଛନ୍ତି। ୩ଟି ଯାକ ଦିନିକିଆ ଯଥାକ୍ରମେ ୧୨, ୧୫ ଓ ୧୮ ତାରିଖରେ ଧର୍ମଶାଳା, ଲକ୍ଷ୍ନୌ ଓ କୋଲକାତାରେ ଖେଳାଯିବ।

> **ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ**



**ଘୋଷିତ ଦଳ:** ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ପୃଥ୍ୱୀ ଶ, ଲୋକେଶ ରାହୁଲ, ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଭୁବନେଶ୍ୱର କୁମାର, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ନବଦୀପ ସଇନି, କୁଲଦୀପ ଯାଦବ ଓ ଶୁବମନ ଗିଲ।

## ଓଡ଼ିଶା ଏଫସିର ସ୍ୱତନ୍ତ୍ର ବାଳିକା ଫୁଟବଲ ଫେଷ୍ଟିଭାଲ

**ଭୁବନେଶ୍ୱର, ୮।୩(କ୍ରୀଡ଼ା ପ୍ରତିନିଧି)**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଓଡ଼ିଶା ଏଫସିର ଗ୍ରାସରୁଟ୍ ଡେଭଲପମେଣ୍ଟ ପ୍ରୋଗ୍ରାମ ଅନ୍ତର୍ଗତ ସ୍ୱତନ୍ତ୍ର ବାଳିକା ଫୁଟବଲ ଫେଷ୍ଟିଭାଲ ଘାଟିକିଆସ୍ଥିତ ବଜରଙ୍ଗବାଲି ସ୍ପୋର୍ଟ୍ସ କ୍ଲବ ପରିସରରେ ରବିବାର ଆୟୋଜିତ ହୋଇଛି। ଏଥିରେ ଘାଟିକିଆ ଏବଂ ଏହାର ଆଖପାଖ ଅଞ୍ଚଳରୁ ୩୦ ବାଳିକା ଯୋଗ ଦେଇଥିଲେ। ଓଡ଼ିଶା ଏଫସିର ସହକାରୀ ଗ୍ରାସରୁଟ୍ ମ୍ୟାନେଜର ଶୁଭମ୍ ଦାସ ଟେକ୍ନିକାଲ ଡ୍ରିଲ କରାଇବାପରେ ୧୧-ଏ-ସାଇଡ୍ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବାଳିକା ଖେଳାଳିଙ୍କୁ ଫୁଟବଲ ଦକ୍ଷତା ଦେଖିବା ପାଇଁ ସେମାନଙ୍କ ପରିବାର ସଦସ୍ୟ ଗ୍ରାଉଣ୍ଡ ନିକଟରେ ଏକାଠି ହୋଇଥିଲେ। ଓଡ଼ିଶା ଏଫସି ଫ୍ୟାନ ଗ୍ରୁପ ସଦସ୍ୟମାନେ କାର୍ଯ୍ୟକ୍ରମର ସୁପରିଚାଳନାରେ ସହଯୋଗ କରିଥିଲେ।



ଓଡ଼ିଶା ଏଫସିର ଗ୍ରାସରୁଟ୍ ଡେଭଲପମେଣ୍ଟ ପ୍ରୋଗ୍ରାମରେ ଉପସ୍ଥିତ ଖେଳାଳି।

## ସାଇ ହଷ୍ଟେଲ ବିଜୟୀ

**କଟକ ଅଫିସ,୮।୩**

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ସାଇ ହଷ୍ଟେଲ ୧-୦ ଗୋଲରେ ବିଡ଼ାନାସୀ କ୍ଲବକୁ ହରାଇଥିଲା। ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପ୍ରୀତିରେଖା ଦାସ ପଟ୍ଟନାୟକ, ବିଶ୍ୱବିଦ୍ୟାଳୟର ଆଥ୍‌ଲେଟ ଚାମ୍ପିୟନ ବାସନ୍ତୀ ସୋରେନ ଅତିଥି ଭାବେ ଯୋଗ ଦେଇଥିଲେ। ଏହାଛଡ଼ା ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଯୁଗ୍ମ ସମ୍ପାଦିକା ସଙ୍ଗୀତା ଶର୍ମା, ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ଗୀତାଞ୍ଜଳି ଖୁଣ୍ଟିଆ, ଲୋଚନା ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ତିନି ଦଶନ୍ଧିର ଖେଳାଳି ଏକାଠି

**ବେନାଉଲିମ୍ (ଗୋଆ), ୮।୩ (ପି.ଟି.)**

ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ରବିବାର ସ୍ଥାନୀୟ ବେନାଉଲିମ୍ ଗ୍ରାଉଣ୍ଡରେ ୩ ଦଶନ୍ଧିର ଭାରତୀୟ ମହିଳା ଫୁଟ୍‌ବଲରମାନେ ଏକାଠି ହୋଇଥିଲେ। ଭାରତରେ ହେବାକୁଥିବା ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ୨୦୨୦ ସ୍ଥାନୀୟ ଆୟୋଜକ କମିଟି ତରଫରୁ ଏହି ଇଭେଣ୍ଟର ଆୟୋଜନ କରାଯାଇଥିଲା। ଏହି ଅବସରରେ ବର୍ତ୍ତମାନ ଓ ପୂର୍ବତନ ଖେଳାଳିମାନେ ଭବିଷ୍ୟତର ଖେଳାଳିମାନଙ୍କୁ ପ୍ରେରଣା ଦେଉଥିବା ଦେଖିବାକୁ ମିଳିଥିଲା। ପୂର୍ବତନ ଭାରତୀୟ ମହିଳା ଦଳର ଅଧିନାୟିକା ବେମ୍‌ବେମ୍ ଦେବୀ ଏବଂ ବର୍ତ୍ତମାନର ଅଧିନାୟିକା ଆଶାଲତା ଦେବୀ ଭାରତର ୧୭ ବର୍ଷରୁ କମ୍ ଦଳର ଖେଳାଳିମାନଙ୍କ ସହିତ ଭାବର ଆଦାନପ୍ରଦାନ କରୁଥିବା ଦେଖିବାକୁ ମିଳିଥିଲା, ଯେଉଁମାନେ ପ୍ରଥମ ଥର ଏକ ଫିଫା ଟୁର୍ନାମେଣ୍ଟ ଖେଳିବାକୁ ଯାଉଛନ୍ତି। ଗୋଆର ବିଭିନ୍ନ ଏନଜିଓ ଏବଂ ସ୍କୁଲଗୁଡ଼ିକରୁ ଆସିଥିବା ୧୦୦ରୁ ଊର୍ଦ୍ଧ୍ୱ ପିଲା ଏଥିରେ ଯୋଗଦାନ କରିଥିଲେ।

# ଏପ୍ରିଲରେ ମିଳିପାରେ ଖୁସି ଖବର




ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କମଲ ଗାଙ୍ଗୁଲି ସ୍ମାରକୀ କ୍ରୀଡ଼ା ପୁରସ୍କାର ବିଜେତା ଅଶୋକ ମହାନ୍ତି ଓ ଶିବପ୍ରସାଦ ଦାସ।

କରୋନା ଭୟ ଯୋଗୁ କ୍ରୀଡ଼ା ଜଗତ ପ୍ରଭାବିତ ହୋଇଛି। ଆଥଲେଟଙ୍କ ସୁରକ୍ଷା ଦୃଷ୍ଟିରୁ ଅନେକ କ୍ରୀଡ଼ା ଇଭେଣ୍ଟ ବାତିଲ ହୋଇଛି କିମ୍ବା ସ୍ଥଗିତ ରହିଛି। କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ ଉପରେ ଏହାର ପ୍ରଭାବ ପଡ଼ିବା ମଧ୍ୟ ସମ୍ଭାବନା ରହିଛି। ଏଥର ପାରା ଅଲିମ୍ପିକ୍ସରେ ଭାଗନେବା ପାଇଁ ଦୃଢ଼ ଆଶା ରଖିଛନ୍ତି ଅର୍ଜୁନ ପୁରସ୍କାରପ୍ରାପ୍ତ ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ। ଅଲିମ୍ପିକ୍ସ କ୍ୱାଲିଫାଇଂ ଟୁର୍ନାମେଣ୍ଟଗୁଡ଼ିକରେ ଚମତ୍କାର ପ୍ରଦର୍ଶନ କରି ସେ ୫୪୨୦ ପଏଣ୍ଟ ପାଇ ବିଶ୍ୱର ଅନ୍ୟ ସମସ୍ତ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କୁ ପଛରେ ପକାଇ ଦେଇଛନ୍ତି। ଇଂଲଣ୍ଡର ଡାନିଏଲ ବିଥେଲ ୪୨୨୦ ପଏଣ୍ଟ ସହ ପ୍ରମୋଦଙ୍କ ପଛକୁ ରହିଛନ୍ତି। ବିଶ୍ୱର ଶ୍ରେଷ୍ଠ ୬ ଖେଳାଳି ପାରା ଅଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନରେ ଭାଗ ନେବାକୁ ଥିବାରୁ ନିଶ୍ଚିନ୍ତ ଅଛନ୍ତି ପ୍ରମୋଦ। ଆସନ୍ତା ଏପ୍ରିଲରେ ରାଜ୍ୟବାସୀ ଶୁଭ ଖବର ପାଇବା ସମ୍ଭାବନା ଅଛି ବୋଲି ରବିବାର ସହିଦ ସ୍ପୋର୍ଟିଂ ପ୍ରଦତ୍ତ କମଲ ଗାଙ୍ଗୁଲି ସ୍ମାରକୀ କ୍ରୀଡ଼ା ପୁରସ୍କାର ଉତ୍ସବରେ ଯୋଗଦେବା ଅବସରରେ ପ୍ରକାଶ କରିଛନ୍ତି।

**ପ୍ର: ଏବେ ନିକଟରେ କ'ଣ ଟୁର୍ନାମେଣ୍ଟ ଅଛି ?**

ଉ: ଆଗକୁ ଅଲିମ୍ପିକ୍ସ ଆସୁଥିବାରୁ କରୋନା ଭୟ ଯୋଗୁ ସ୍ପେନରେ ହେବାକୁଥିବା ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟକୁ ବାତିଲ କରାଯାଇଛି। ଟୋକିଓ ପାରା ଅଲିମ୍ପିକ୍ସ ପୂର୍ବରୁ ସ୍ପେନରେ ମୋର ଶେଷ ଟୁର୍ନାମେଣ୍ଟ ଥିଲା। ମୁଁ ଗତ ଶନିବାର ସ୍ପେନ ଯାଇ ପ୍ରତିଯୋଗିତାରେ ଭାଗ ନେବାର ଥିଲା। ମାତ୍ର ବାତିଲ ହୋଇଯିବାରୁ ତାହା ସମ୍ଭବ ହୋଇନାହିଁ।

**ପ୍ର: ଅଲିମ୍ପିକ୍ସରେ ଭାଗନେବାର କେତେ ସମ୍ଭାବନା ରହିଛି ?**

ଉ: ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟଗୁଡ଼ିକରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ମୁଁ ୫ ହଜାରରୁ ଊର୍ଦ୍ଧ୍ୱ ପଏଣ୍ଟ ପାଇଛି। ବିଶ୍ୱରେ ନମ୍ବର ୱାନରେ ଅଛି। ତେଣୁ ଅଲିମ୍ପିକ୍ସରେ ଭାଗନେବା ଶତ ପ୍ରତିଶତ ସମ୍ଭାବନା ଅଛି। କେବଳ ଆନୁଷ୍ଠାନିକ ଘୋଷଣାକୁ ଅପେକ୍ଷା ରହିଛି।

**ପ୍ର: ପାରା ଅଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନ ପାଇଁ ଚୟନ ପ୍ରକ୍ରିୟା କିପରି ରହିଛି ?**

ଉ: ପାରା ଅଲିମ୍ପିକ୍ସରେ ବ୍ୟାଡ୍‌ମିଣ୍ଟନକୁ ପ୍ରଥମଥର ପାଇଁ ସାମିଲ କରାଯାଇଛି। ତେଣୁ ଏଥର କେବଳ ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟ ଅନୁଷ୍ଠିତ ହେବ। ବିଶ୍ୱର ଶ୍ରେଷ୍ଠ ୬ ଖେଳାଳି (ସେମାନେ ନିଜ ଦେଶର ଶ୍ରେଷ୍ଠ ଖେଳାଳି ହୋଇଥିବା ଆବଶ୍ୟକ) ଏଥିରେ ଭାଗନେବେ। ମୁଁ ଭାରତରେ ଏବଂ ବିଶ୍ୱରେ ନମ୍ବର ୱାନରେ ଥିବାରୁ ଭାଗନେବା ଏକପ୍ରକାର ନିଶ୍ଚିତ ରହିଛି। ଏପର୍ଯ୍ୟନ୍ତ ଯେତେଗୁଡ଼ିଏ ଟୁର୍ନାମେଣ୍ଟ ହୋଇଯାଇଛି ସେଥିରେ ପଏଣ୍ଟ ଓ ର୍ୟାଙ୍କିଙ୍ଗ୍ ଦୃଷ୍ଟିରୁ ମୁଁ ଆଗରେ ରହିଛି। ତେଣୁ ଅଲିମ୍ପିକ୍ସରେ ଭାଗନେବା ନେଇ ଦୃଢ଼ ଆଶାୟୀ ରହିଛି।

**ପ୍ର: ପାରା ଅଲିମ୍ପିକ୍ସ ପାଇଁ କେବେ ଖେଳାଳି ତାଲିକା ଘୋଷଣା ହେବ ?**

ଉ: ଅଲିମ୍ପିକ୍ସ ପାଇଁ ୧୩ଟି କ୍ୱାଲିଫାଇଙ୍ଗ୍ ରାଉଣ୍ଡ ମଧ୍ୟରୁ ଶେଷରେ ସ୍ପେନ୍ ଟୁର୍ନାମେଣ୍ଟ ହେବାର ଥିଲା। ତାହା ବାତିଲ ହେବା ସହ ସମସ୍ତ ରାଉଣ୍ଡ ଶେଷ ହୋଇଯାଇଛି। ଏବେ ଏପ୍ରିଲ ୯ରେ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନକାରୀ ପ୍ରଥମ ୩ ଜଣଙ୍କ ନାମ ଘୋଷଣା କରାଯିବ। ଆଶା କରୁଛି ମୁଁ ଏହି ପ୍ରଥମ ତାଲିକାରେ ରହିଥିବି। ଆସନ୍ତା ଏପ୍ରିଲରେ ଓଡ଼ିଶାବାସୀ ଖୁସି ଖବର ଶୁଣିବା ସମ୍ଭାବନା ରହିଛି।

**ପ୍ର: ପ୍ରସ୍ତୁତି କେମିତି ରହିଛି?**

ଉ: ଅଲିମ୍ପିକ୍ସ ପାଇଁ ମୁଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ଷ୍ଟାଡିୟମରେ ଚଳିତ ମାସ ୧୯ରୁ ୨୧ ପର୍ଯ୍ୟନ୍ତ ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ହେବାର ଅଛି। କରୋନା ଭୟ ଯୋଗୁ ଗୋଟିଏ ସ୍ଥାନରେ ବହୁ ବ୍ୟକ୍ତିଙ୍କ ସମାଗମ ଉପରେ ଅଙ୍କୁଶ ଲାଗିଛି। ତେଣୁ ସରକାରଙ୍କ ଅନୁମତିକୁ ଅପେକ୍ଷା କରାଯାଇଛି। ପ୍ରତିଯୋଗିତା ହେଲେ ସେଠାରେ ଭାଗନେବି। ଏହା ବ୍ୟତୀତ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ଲକ୍ଷ୍ନୌରେ ଆମର ଜାତୀୟ କ୍ୟାମ୍ପ ଚାଲିଛି। ଅନ୍ୟ ସମୟରେ ଟ୍ରେନିଂ ୬ ଘଣ୍ଟା ହେଉଥିବାବେଳେ ଏବେ ୧୨ ଘଣ୍ଟା ଦିଆଯାଉଛି। ଏହା ସକାଳ ୬ଟାରୁ ଆରମ୍ଭ ହେଉଛି ଏବଂ ରାତି ୯ଟାରେ ସରୁଛି। ମଝିରେ ବ୍ରେକ୍‌ଫାଷ୍ଟ, ଲଞ୍ଚ୍ ଓ ଡିନର ବ୍ରେକ୍ ହେଉଛି।

**–ସାକ୍ଷାତ: ତପନ ସ୍ୱାଇଁ**



ପ୍ରମୋଦ ଭଗତ

# ଶିବପ୍ରସାଦ, ଅଶୋକଙ୍କୁ କମଲ ଗାଙ୍ଗୁଲି କ୍ରୀଡ଼ା ପୁରସ୍କାର

**ଭୁବନେଶ୍ୱର, ୮।୩(କ୍ରୀଡ଼ା ପ୍ରତିନିଧି)**

ପାରା ଆଥଲେଟ୍ ପ୍ରମୋଦ ଭଗତଙ୍କ ପରି ଅର୍ଜୁନ ପୁରସ୍କାରପ୍ରାପ୍ତ ଖେଳାଳିଙ୍କ ମାର୍ଗ ଦର୍ଶକ ସାଜିଥିବା ଶିବପ୍ରସାଦ ଦାସ ଏବଂ ଓଡ଼ିଶା କ୍ରୀଡ଼ାର ଅନ୍ୟତମ ପ୍ରମୁଖ ବ୍ୟକ୍ତିତ୍ୱ ତଥା ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି କମଲ ଗାଙ୍ଗୁଲି ସ୍ମାରକୀ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ସହିଦସ୍ପୋର୍ଟିଂ ଆନୁକୂଲ୍ୟରେ ରବିବାର ଅପରାହ୍ନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ଦୁଇଜଣଙ୍କୁ ପୁରସ୍କୃତ କରାଯାଇଛି। ଓଡ଼ିଶାରେ ଏକାଧିକ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଇ ଜାତୀୟସ୍ତରରେ ରାଜ୍ୟକୁ ଗର୍ବିତ କରିଥିବା ଶିବପ୍ରସାଦ ୭ମ କମଲ ଗାଙ୍ଗୁଲି ଶ୍ରେଷ୍ଠ କୋଚ୍ ପୁରସ୍କାର ହାସଲ କରିଛନ୍ତି। ପୁରସ୍କାର ସ୍ୱରୂପ ତାଙ୍କୁ ମାନପତ୍ର ସହିତ ୨୦,୦୦୦ଟଙ୍କା ପ୍ରଦାନ କରାଯାଇଛି। ସେହିପରି ପୂର୍ବତନ ହକି ଖେଳାଳି ତଥା ଓଡ଼ିଶା କ୍ରୀଡ଼ା ପ୍ରଶାସନିକ ଜଗତର ଚର୍ଚ୍ଚିତ ବ୍ୟକ୍ତି ଅଶୋକ ମହାନ୍ତି ୫ମ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପାଇଛନ୍ତି। ତାଙ୍କୁ ମାନପତ୍ର ସହ ଏକ ଟିଭି ଉପହାର ଦିଆଯାଇଛି।

ସହିଦ ସ୍ପୋର୍ଟିଂ କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜାତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ବିଧାୟକ ଅନନ୍ତ ନାରାୟଣ ଜେନା, ମାରୁତି ଇଷ୍ଟେଟ ଇଣ୍ଡିଆ ଏମଡି ଜିତେନ୍ଦ୍ର ପ୍ରସାଦ ସିଂ ଓ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ଏମ୍‌ଡି ରାଜେଶ ଗୁପ୍ତା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ସ୍ପୋର୍ଟସ୍ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ସମ୍ପାଦକ ସମ୍ବିତ ମହାପାତ୍ର ସଂଯୋଜନା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ବିଶେଷ ସଫଳତା ପାଇଁ କ୍ଲବ ପକ୍ଷରୁ ଓଡ଼ିଶା ରଣଜୀ ଦଳର କୋଚ୍ ରଶ୍ମିରଞ୍ଜନ ପରିଡ଼ା, ଟ୍ରେନର ମନୋଜ ବିଶ୍ୱାଳ, ଜୁନିୟର ଓଡ଼ିଶା ଚୟନକର୍ତ୍ତା ସୌରଭ ସେହଗଲଙ୍କୁ ସମ୍ମାନିତ କରାଯାଇଥିଲା। କ୍ରୀଡ଼ା ପ୍ରୋତ୍ସାହନ ପାଇଁ ଜିତେନ୍ଦ୍ର ପ୍ରସାଦ ପାଇଥିଲେ 'ସହିଦ ସ୍ପୋର୍ଟିଂ ଗୌରବ' ସମ୍ମାନ। ଏହା ବ୍ୟତୀତ ଓଡ଼ିଶା ୨୩ ବର୍ଷରୁ କମ୍ ଦଳର ସଦସ୍ୟ ଶୁଭମ୍ ଶତ୍ରୁଜିତ, ଜ୍ୟୋତି ରଞ୍ଜନ ବେହେରା, ବିଶ୍ୱବିଦ୍ୟାଳୟ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରିୟମ ପ୍ରିୟଜିତ, ଓଡ଼ିଶା ୧୯ ବର୍ଷରୁ କମ୍ ଦଳର ସଦସ୍ୟ ମାନସ ରଞ୍ଜନ ନାୟକ, ସନ୍ଦୀପ ଚୌହାନ, ଆର୍ଯ୍ୟ ଜେନା, ବିଶ୍ୱ ମୁଦୁଲି, ଅନ୍ୱେଷ ତ୍ରିପାଠୀ ଓ ରିତେଶ ସିଂଙ୍କୁ ସମ୍ମାନିତ କରାଯାଇଥିଲା। ସମାରୋହରେ ବିଶିଷ୍ଟ ଫିଜିଓ ମୁକ୍ତି ପ୍ରସାଦ ଦାଶ, ପ୍ରଦୋଷ ପଟ୍ଟନାୟକ, ନିକୁଞ୍ଜ ମହାନ୍ତି, ବବିନ ମହାନ୍ତି, ସି.ପି. ଶର୍ମା, ସରୋଜ ବାରିକ, ଉମାନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଜନ୍ମଦିନ ଶୁଭେଚ୍ଛା



କଶ୍ୟପ୍
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୁମର ଭବିଷ୍ୟତ ଚଲାପଥ କୁସୁମିତ ହେଉ।
–:ଶୁଭେଚ୍ଛା ସହ:–
ଆଈ, ମାମୁ, ମାଇଁ, ମାଉସୀ ବନ୍ଧୁ ଓ ପରିବାରବର୍ଗ।
ଧ–୧୭୧୦୧

# ଶ୍ରୀଲଙ୍କା ଲିଜେଣ୍ଡ୍ସର ରୋମାଞ୍ଚକ ବିଜୟ

ମୁମ୍ବାଇ, ୮।୩: ରୋଡ୍ ସେଫ୍ଟି ୱାର୍ଲ୍ଡ ସିରିଜ ଟି୨୦ର ରବିବାର ଅନୁଷ୍ଠିତ ରୋମାଞ୍ଚକ ଦ୍ୱିତୀୟ ମ୍ୟାଚରେ ଶ୍ରୀଲଙ୍କା ଲିଜେଣ୍ଡ୍ସ ୭ ରନରେ ଅଷ୍ଟ୍ରେଲିଆ ଲିଜେଣ୍ଡ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଲିଜେଣ୍ଡ୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୬୧ ରନ କରିଥିଲା। ରମେଶ କାଲୁୱିଥରଣା ସର୍ବାଧିକ ୩୦, ଚାମରା କପୁଗେଡେରା ୨୮ ଓ ପରଭେଜ ମାହାରୁଫ ୨୦* ରନ କରିଥିଲେ। ପ୍ରତିପକ୍ଷ ଦଳର ଜାଭିଅନ ଡୋହର୍ଟି, ଜାସନ କ୍ରେଜା ଓ ବ୍ରାଡ୍ ହଜ୍ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୬୨ ରନ ବିଜୟ ଲକ୍ଷ୍ୟର ପିଛା କରି ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ ୧୯.୫ ଓଭରରେ ୧୫୪ ରନକରି ଅଲଆଉଟ ହୋଇ ଯାଇଥିଲା। ନାଥାନ ରିର୍ଡନ ୫୩ ବଲ୍‌ରୁ ୯ ଚୌକା ଓ ୫ ଛକା ସହାୟତାରେ ୯୬ ରନ ସ୍କୋର କରିଥିଲେ। ଶ୍ରୀଲଙ୍କା ଲିଜେଣ୍ଡ୍ସ ବୋଲରଙ୍କ ମଧ୍ୟରେ ଅଧିନାୟକ ତିଲକରତ୍ନେ ଦିଲସାନ ୩ଟି, ରଙ୍ଗନା ହେରାଥ ଓ ପରଭେଜ ମାହାରୁଫ ୨ଟି ଲେଖାଏ ଏବଂ ଚାମିଣ୍ଡା ଭାସ ଓ ସଚିତ୍ର ସେନାନାୟକେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# ୧୦ ସିନ୍ଥେଟିକ ଟର୍ଫ ପାଇଁ ହକି ଓଡ଼ିଶାର ପ୍ରସ୍ତାବ

କଟକ ଅଫିସ,୮।୩– ହକି ଓଡ଼ିଶାର ବାର୍ଷିକ ସାଧାରଣ ପରିଷଦ(ଏଜିଏମ) ବୈଠକ ରବିବାର ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା ଜଷ୍ଟିସ ଏ.ଏସ୍ ନାଇଡୁ ବୈଠକରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ପ୍ରତାପ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜ୍ୟରେ ହକି କ୍ରୀଡ଼ାର ବିକାଶ ନିମନ୍ତେ ରାଜ୍ୟ ସରକାର ଉଦ୍ୟମ କରିବା ନେଇ ଆଲୋଚନା ହୋଇଥିଲା। ଅତି କମ୍‌ରେ ୧୦ଟି ଜିଲାରେ ସିନ୍ଥେଟିକ ଟର୍ଫ ବିଛାଯାଇ ହକି ଖେଳ ଆୟୋଜନ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ଦିଆଯାଇଛି। ଏତଦବ୍ୟତୀତ କିଛି ଦିନ ତଳେ ହକି ଇଣ୍ଡିଆର ପୋର୍ଟାଲରେ ଖେଳାଳିମାନଙ୍କ ପଞ୍ଜୀକରଣକୁ ନେଇ ହୋଇଥିବା ବିବାଦ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଯାହାକୁ ନେଇ ରାଜ୍ୟ ଦଳକୁ ହକି ଇଣ୍ଡିଆ ଜାତୀୟ ଚାମ୍ପିୟନଶିପ୍‌ରୁ ବାଦ୍ ପକାଇଥିଲା। ପରବର୍ତ୍ତୀ ସମୟରେ ହକି ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଭାଗ ନେବାକୁ ସକ୍ଷମ ହୋଇଥିଲା। ଆଗାମୀ ଦିନରେ ଏହାର ପୁନରାବୃତ୍ତି ହେବନି ବୋଲି ସମ୍ପାଦକ କହିଛନ୍ତି। ବୈଠକ ପ୍ରାରମ୍ଭରୁ ହକି ଓଡ଼ିଶାର ପୂର୍ବତନ ଉପସଭାପତି ସ୍ୱର୍ଗତଃ ସଞ୍ଜୁବାଳା ମହାନ୍ତିଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା।

# ପ୍ରଗତି ଚାମ୍ପିୟନ

**ଭୁବନେଶ୍ୱର, ୮।୩(କ୍ରୀଡ଼ା ପ୍ରତିନିଧି)**

**ଓସିଏ ଭିଜନ-୨୦୨୪**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଭିଜନ–୨୦୨୪ ଅନ୍ତର୍ଗତ ଭୁବନେଶ୍ୱରରେ ଆୟୋଜିତ ଆନ୍ତଃ କ୍ଲବ ସିନିୟର କ୍ରିକେଟ ଟୁର୍ନାମେଣ୍ଟରେ ପ୍ରଗତି ସ୍ପୋର୍ଟିଂ ଚାମ୍ପିୟନ ଓ ଟାଉନ୍ କ୍ଲବ ରନର୍ସଅପ୍ ହୋଇଛି। ଇଷ୍ଟକୋଷ୍ଟ ରେଲୱେ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫାଇନାଲରେ ପ୍ରଗତି ୫ ଉଇକେଟରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ବର୍ଷା ଯୋଗୁ ମ୍ୟାଚକୁ ୨୫ ଓଭର ବିଶିଷ୍ଟ କରାଯାଇଥିବାବେଳେ ଟାଉନ୍ କ୍ଲବ ୨୧ ଓଭରରେ ୮୮ ରନକରି ଅଲଆଉଟ ହୋଇ ଯାଇଥିଲା। ଜବାବରେ ପ୍ରଗତି ୨୨ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ମୁଖ୍ୟଅତିଥି, ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ୍ ଆସୋସିଏଶନ (ଇକୋର୍ସା) ଉପସଭାପତି ବିଜୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ଅଶୋକ କୁମାର ମିଶ୍ର ଓ ଯୁଗ୍ମ ସମ୍ପାଦକ ରାଧା ମୋହନ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାଉଣ୍ଡର ଇନ୍‌ଚାର୍ଜଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ବ୍ରହ୍ମାନନ୍ଦ ବେହେରା, ସୁଧାଂଶୁ ଶେଖର ସିହ୍ନା, ଅଭିଳାଷ ହରିଚନ୍ଦନ, ଶଶାଙ୍କ ଶେଖର ଦାସ, ନିହାରକାନ୍ତ ପଟ୍ଟନାୟକ ଓ ପ୍ରମୋଦ କୁମାର ଦାସ। ରାମେଶ୍ୱର ସ୍ପୋର୍ଟିଂର ବିଶ୍ୱଜିତ ଭୂୟାଁ ଟପ୍ ସ୍କୋରର(୨୮୦ ରନ), ପ୍ରଗତିର ସୁକାନ୍ତ କୁମାର ହାତୀ ସର୍ବାଧିକ ଉଇକେଟ (୧୮) ହାସଲକାରୀ, ବିବେଚିତ ହୋଇଥିଲେ। ଅଶୋକ କୁମାର ମହାନ୍ତି ଓ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଲ ଓପନ ଚେସ୍ ଜିତିଲେ ଆରିନ

**ଭୁବନେଶ୍ୱର, ୮।୩(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଟଙ୍କପାଣି ରୋଡସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିରରେ ଅନୁଷ୍ଠିତ ସ୍କୁଲ ଓପନ ଚେସ୍‌ରେ ଲୟୋଲା ସ୍କୁଲର ଆରିନ ଅନ୍ୱେଷ ସ୍ୱାଇଁ ଚାମ୍ପିୟନ ଓ ସୁଧାଂଶୁ ଶେଖର ବାରିକ ରନର୍ସଅପ୍ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଆରିନ ୬ ପଏଣ୍ଟ ପାଇ ପ୍ରଥମ ଓ ସୁଧାଂଶୁ ୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜଳି ମିଶ୍ର, ବିକାଶ କୁମାର ଲେଙ୍କା, ସିଦ୍ଧାର୍ଥ ଭୂୟାଁ, ସାଇ ଅମୃତ ପରିଜା, ତ୍ରିଦେବ ତୀର୍ଥଙ୍କର, ସିଦ୍ଧାର୍ଥ ମିଶ୍ର, ଅଦଭିକା ଦାସ, ନିୟତି ନିହାରିକା ମହାପାତ୍ର ଟପ୍–୧୦ ଫିନିଶ୍ କରିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ୮, ୧୦, ୧୨ ବର୍ଷରୁ କମ୍, ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିମାନଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ୩ ଜଣ ଖେଳାଳିଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ମିଳିଛି। ଶ୍ରୁତିକାନ୍ତ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଭବାନୀ ଶଙ୍କର ମହାପାତ୍ର, ମମତା ମହାପାତ୍ର, ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।




ରେଡ୍‌ବୁଲ୍ ନେମାର ଜୁନିୟର୍ସ ଫାଇଭ୍–ଏ ସାଇଡ୍ ଫୁଟବଲ ଅନ୍ତର୍ଗତ ଭୁବନେଶ୍ୱର ଯୋଗ୍ୟତା ପର୍ଯ୍ୟାୟରେ ରବିବାର କିଟ୍ ପରିସରରେ ଅନୁଷ୍ଠିତ ମ୍ୟାଚ।

# ରାଣୀ, ମନପ୍ରୀତ ଶ୍ରେଷ୍ଠ ଖେଳାଳି

- ଦୀପଗ୍ରେସ୍‌ଙ୍କୁ ମାଇଲ୍‌ଷ୍ଟୋନ୍ ଆୱାର୍ଡ
- ଓଡ଼ିଶା କ୍ରୀଡ଼ା, ଯୁବସେବା ବିଭାଗକୁ ହକି ପ୍ରେସିଡେଣ୍ଟ୍ସ ଆୱାର୍ଡ

**ହକି ଇଣ୍ଡିଆର ବାର୍ଷିକ ପୁରସ୍କାର**

**ନୂଆଦିଲ୍ଲୀ, ୮।୩ (ପି.ଟି.)**

ରବିବାର ହକି ଇଣ୍ଡିଆର ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ ଏଠାରେ ଅନୁଷ୍ଠିତ ହୋଇଯାଇଛି। ରାଣୀ ରାମପାଲ ଓ ମନ୍‌ପ୍ରୀତ ସିଂ ଯଥାକ୍ରମେ ମହିଳା ଓ ପୁରୁଷ ବିଭାଗରେ ୨୦୧୯ ବର୍ଷ ପାଇଁ ଧ୍ରୁବ ବାତ୍ରା ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଛନ୍ତି। ଓଡ଼ିଶାର ଦୀପ୍‌ଗ୍ରେସ୍ ଏକ୍କାଙ୍କୁ ମାଇଲଷ୍ଟୋନ ଆୱାର୍ଡ ମିଳିଛି। ଅନ୍ୟପକ୍ଷରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗକୁ ହକି ପ୍ରେସିଡେଣ୍ଟ୍ସ ଆୱାର୍ଡ ମିଳିଛି। ଏବାବଦରେ ୫ ଲକ୍ଷ ଟଙ୍କା ବ୍ୟତୀତ ଏକ ଆକର୍ଷଣୀୟ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଛି।

ମନପ୍ରୀତ ଓ ରାଣୀ ଉଭୟ ଟ୍ରଫି ବ୍ୟତୀତ ପୁରସ୍କାର ବାବଦରେ ୨୫ ଲକ୍ଷ ଟଙ୍କା ଲେଖାଏଁ ପାଇଛନ୍ତି। ଆଡମ୍ବରପୂର୍ଣ୍ଣ ଉତ୍ସବରେ କେତେଜଣ ପୂର୍ବତନ ହକି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହକି ଇଣ୍ଡିଆର ମୋଟ ପୁରସ୍କାର ରାଶି ୧.୬୪ କୋଟି ରହିଛି। ମନପ୍ରୀତ ଓ ରାଣୀଙ୍କ ନେତୃତ୍ୱରେ ଉଭୟ ପୁରୁଷ ଓ ମହିଳା ହକି ଦଳ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତ ମାସରେ ମନପ୍ରୀତ ପ୍ରଥମ ଭାରତୀୟ ଭାବେ ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି। ସେହିପରି ଜାନୁୟାରୀରେ ରାଣୀ ପ୍ରଥମ ଖେଳାଳି ଭାବେ 'ୱାର୍ଲ୍ଡ ଗେମ୍ସ ଆଥଲେଟ୍ ଅଫ୍ ଦି ଇୟର' ପୁରସ୍କାର ଜିତିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଅନ୍ୟ ପୁରସ୍କାରଗୁଡ଼ିକ ମଧ୍ୟରେ ଖେଳ ପାଇଁ ଉଲ୍ଲେଖନୀୟ ଅବଦାନ ଲାଗି ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ହରବିନ୍ଦର ସିଂ ୨୦୧୯ ବର୍ଷ ପାଇଁ ମେଜର ଧ୍ୟାନଚାନ୍ଦ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ଲାଭ କରିଥିଲେ। ତାଙ୍କୁ ଏକ ଟ୍ରଫି ସହ ୩୦ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବାରୁ ଦୀପ୍‌ଗ୍ରେସ୍‌ଙ୍କ ବ୍ୟତୀତ କୋଥାଜିତ୍ ସିଂ ଏବଂ ସବିତାଙ୍କୁ ମାଇଲ ଷ୍ଟୋନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ପ୍ରତ୍ୟେକେ ଗୋଟିଏ ଲେଖାଏଁ ଟ୍ରଫି ବ୍ୟତୀତ ୧ଲକ୍ଷ ଟଙ୍କାର ଚେକ୍ ପାଇଥିଲେ। ସେହିପରି ଭାରତ ପାଇଁ ୧୦୦ ମ୍ୟାଚ ଖେଳିସାରିଥିବାରୁ ହରମନପ୍ରୀତ ସିଂ, ଲଳିତ କୁମାର ଉପାଧ୍ୟାୟ ଏବଂ ନିକ୍କି ପ୍ରଧାନଙ୍କୁ ୫୦,୦୦୦ ଟଙ୍କାର ଚେକ୍ ଏବଂ ଗୋଟିଏ ଲେଖାଏଁ ଟ୍ରଫି ପ୍ରଦାନ କରାଯାଇଥିଲା। ଏଫ୍‌ଆଇଏଚ୍ ପୁରୁଷ ପ୍ଲେୟାର ଅଫ୍ ଦି ଇୟର ୨୦୧୯ ପାଇଁ ମନପ୍ରୀତ ଆହୁରି ମଧ୍ୟ ପୁରସ୍କାର ବାବଦରେ ୧୦ ଲକ୍ଷ ଟଙ୍କା ପାଇଛନ୍ତି। ସେହିପରି ପୁରୁଷ ଓ ମହିଳା ବିଭାଗରେ ୨୦୧୯ ବର୍ଷର ଏଫ୍‌ଆଇଏଚ୍ ରାଇଜିଂ ଷ୍ଟାର ଅଫ୍ ଦି ଇୟର ପୁରସ୍କାର ଜିତିଥିବାରୁ ବିବେକ ସାଗର ପ୍ରସାଦ ଏବଂ ଲାଲ୍‌ରେମସିଆମି ୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପାଇଛନ୍ତି। ସେହିପରି ୨୦୧୯ର ଶ୍ରେଷ୍ଠ ଗୋଲକିପର ଭାବେ ବଲ୍‌ଜିତ୍‌ସିଂ ଆୱାର୍ଡ କ୍ରିଷନ ବି. ପାଠକ ପାଇଥିବାବେଳେ ହରମନପ୍ରୀତଙ୍କୁ ଡିଫେଣ୍ଡର ଅଫ୍ ଦି ଇୟର ପୁରସ୍କାର ମିଳିଛି। ବର୍ଷର ଶ୍ରେଷ୍ଠ ମିଡ୍ ଫିଲ୍ଡର ପୁରସ୍କାର ଅଜିତ ପାଲ୍ ସିଂ ଆୱାର୍ଡ ନେହା ଗୋଏଲ ଏବଂ ଶ୍ରେଷ୍ଠ ଫରୱାର୍ଡ ପାଇଁ ମନଦୀପ ସିଂଙ୍କୁ ଧନରାଜ ପିଲ୍ଲେ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦରେ ଉଭୟେ ଗୋଟିଏ ଲେଖାଏଁ ଟ୍ରଫି ଏବଂ ୫ ଲକ୍ଷ ଟଙ୍କା ପାଇଥିଲେ। ଏହି ଅବସରରେ ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ ଅହମ୍ମଦ ସମସ୍ତ ବିଜେତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଫ୍‌ଆଇଏଚ୍ ସଭାପତି ନରିନ୍ଦର ବାତ୍ରା କହିଥିଲେ ଯେ, ଅନ୍ତର୍ଜାତୀୟ ମହାସଂଘର ମୁଖ୍ୟ ଭାବେ ଭାରତୀୟ ଦଳଗୁଡ଼ିକର ଅଗ୍ରଗତିରେ ମୁଁ ଖୁବ୍ ଆନନ୍ଦିତ।





କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ୍ ରିଜିଜୁ ମନପ୍ରୀତ ସିଂଙ୍କୁ ପୁରସ୍କୃତ କରୁଛନ୍ତି। ପୁରସ୍କାର ସହ ରାଣୀ ରାମପାଲ।

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବଂଶୀଧର ସାହୁ
ସ୍ୱାମୀ: ସ୍ୱର୍ଗତା ଗୋଲାପ ସାହୁ
କାକରୁଦ୍ରପୁର, ବାଲିଅନ୍ତା
ଆବିର୍ଭାବ: ୧୯୪୪
ତିରୋଧାନ: ୨୮।୦୨।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛୁ।
–:ଶୋକସନ୍ତପ୍ତ:–
ସାହୁ ପରିବାର ଓ ବନ୍ଧୁବର୍ଗ
ପୁଅ: ରଞ୍ଜନ, ପ୍ରସନ୍ନ (ଗେଟ୍ଟୁ) ଓ ସରୋଜ
ବୋହୂ: ମୁକ୍ତାଞ୍ଜଳୀ, ମୋନାଲିସା ଓ ପୂଜା
ନାତି: ବଣ୍ଟି, ଜଣ୍ଟି ଓ ମଣ୍ଟି
ନାତୁଣୀ: ବର୍ଷା ଓ ଡୋନା
ଧ–୪୬୨୮୧

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୯/୨୦୨୦ Bhubaneswar, Monday, March 9/2020

# ବସ୍ ମାଲିକଙ୍କୁ ଗୁଳିମାଡ଼ ପରେ ଗୋଡ଼ାଇ ହାଣିଲେ

ଭୁବନେଶ୍ୱର, ୮।୩ (ବ୍ୟୁରୋ)

କମିଶନରେଟ ପୋଲିସ ଚାହିଁ ରହିଛି, ହେଲେ ରାଜଧାନୀରେ ଠୁହାକୁ ଠୁହା ଗୁଳି ଫୁଟୁଛି। ଅପରାଧୀମାନେ ଦିନଦ୍ୱିପ୍ରହରରେ ସଂଘବଦ୍ଧ ଭାବେ ଅପରାଧ ଘଟାଉଥିଲେ ମଧ୍ୟ ପୋଲିସ ସେମାନଙ୍କ ଟେର୍ ପାଉନି। ଫଳରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ିବାରେ ଲାଗିଛି। ବୁଧବାର ବାରଙ୍ଗ କାଟେଣି ଛକସ୍ଥିତ ଜଙ୍ଗଲ ଭ୍ୟୁ ରେଷ୍ଟୁରାଣ୍ଟରେ ଗୁଳିମାଡ଼ରେ ଜଣେ ଛାତ୍ର ଗୁରୁତର ଆହତ ହୋଇଥିବାବେଳେ ରବିବାର ଖଣ୍ଡଗିରି ଥାନାଞ୍ଚଳରେ ଫୁଟିଛି ଗୁଳି। ଆଇଗିଣିଆ ଦୁର୍ଗା ମଣ୍ଡପ ନିକଟରେ ବସ୍ ମାଲିକ ବିମ୍ବାଧର ସୁନ୍ଦରାୟଙ୍କ ଉପରକୁ ଦୁର୍ବୃତ୍ତମାନେ ଗୁଳିମାଡ଼ କରିଛନ୍ତି। ତେବେ ସୌଭାଗ୍ୟ ବଶତଃ ତାଙ୍କ ମୋବାଇଲ୍ ଫୋନ ଯୋଗୁ ସେ ବଞ୍ଚିଯାଇଥିଲେ ମଧ୍ୟ ୨୦ରୁ ୨୫ ଯୁବକ ସଂଘବଦ୍ଧ ଭାବେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଫଳରେ ବିମ୍ବାଧରଙ୍କ ହାତର ଗୋଟିଏ ଆଙ୍ଗୁଠି ସମ୍ପୂର୍ଣ୍ଣ ଛିଣ୍ଡିଯାଇଥିବାବେଳେ ଅନ୍ୟ ଏକହାତ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍ସରେ ଭର୍ତ୍ତି କରିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୬୭/୨୦) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ନେଇଛି। ଅଭିଯୁକ୍ତମାନେ ସିଜୁଆ ଅଞ୍ଚଳର ବୋଲି ପୋଲିସ ଜାଣିବାକୁ ପାଇଛି। ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ସୂଚନା ମିଳିଛି। ଶେଷ ରିପୋର୍ଟ ମୁତାବକ, ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।



## ରାଜଧାନୀରେ ଭୁଶୁଡ଼ି ପଡ଼ିଲାଣି ଆଇନଶୃଙ୍ଖଳା

- ଆଇଗିଣିଆରେ ଆତଙ୍କ ଖେଳାଇଲେ ୨୦ରୁ ଊର୍ଦ୍ଧ୍ୱ ଯୁବକ
- ୩ ଅଟକ, ଗୁଳିମାଡ଼କୁ ଲୁଚାଉଛି କମିଶନରେଟ ପୋଲିସ
- ୪ଦିନ ପୂର୍ବରୁ ବାରଙ୍ଗ ଜଙ୍ଗଲ ଭ୍ୟୁ ରେଷ୍ଟୁରାଣ୍ଟରେ ଫୁଟିଥିଲା ଗୁଳି

## ଏକ ମାସରେ ୩ ଗୁଳିକାଣ୍ଡ

ଫେବୃୟାରୀ ୧୧ରେ ଇନ୍‌ଫୋସିଟିଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କୁ ତାଙ୍କ ପ୍ରେମିକ ଗୁଳିମାଡ଼ କରିଥିଲେ। ଏହି ମାମଲାରେ ପୋଲିସ ୩ଜଣଙ୍କୁ ଗିରଫ କରିଥିଲେ ମଧ ଏପର୍ଯ୍ୟନ୍ତ ବନ୍ଧୁକ ଜବତ ହୋଇପାରିନି। ସେହିପରି ଗତ ବୁଧବାର ଚନ୍ଦକା ଥାନା କାଟେଣି ଛକ ନିକଟ ଜଙ୍ଗଲ ଭ୍ୟୁ ରେଷ୍ଟୁରାଣ୍ଟରେ ଜଣେ ଛାତ୍ର ଉପରକୁ ଗୁଳିମାଡ଼ ହୋଇଥିଲା। ଏହି ଘଟଣାରେ ମଧ ପୋଲିସ କାହାକୁ ଗିରଫ କରିପାରି ନ ଥିବାବେଳେ ରବିବାର ଗୁଳିକାଣ୍ଡ ପୋଲିସର ଚିନ୍ତା ବଢାଇ ଦେଇଛି।

## ମୋବାଇଲ ବଞ୍ଚାଇ ଦେଲା ଜୀବନ

ଦିନ ପ୍ରାୟ ସାଢ଼େ ଗୋଟାଏ। ବିମ୍ବାଧର ଆଇଗିଣିଆ ଦୁର୍ଗାମଣ୍ଡପ ନିକଟରେ ଠିଆ ହୋଇଥିଲେ। ହଠାତ୍ ୨୦ରୁ ୨୫ଜଣ ଯୁବକ ମୁହଁରେ କଳା କପଡ଼ା ବାନ୍ଧି ବାଇକ୍‌ରେ ଆସି ସେଠାରେ ପହଞ୍ଚି ତାଙ୍କୁ ଘେରି ଯାଇଥିଲେ। କାହା ହାତରେ ଖଣ୍ଡା, ଭୁଜାଲି, ହକି ଷ୍ଟିକ୍ ତ ଆଉ କାହା ହାତରେ ବନ୍ଧୁକ ଥିଲା। ବିମ୍ବାଧର କିଛି ବୁଝିବା ପୂର୍ବରୁ ଆରମ୍ଭ ହୋଇଯାଇଥିଲା ସଂଘବଦ୍ଧ ଆକ୍ରମଣ। ଦୁର୍ବୃତ୍ତଙ୍କ ମଧ୍ୟରୁ କେହିଜଣେ ବନ୍ଧୁକରୁ ବିମ୍ବାଧରଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳି ଚାଳନା କରିଥିଲେ। ହେଲେ ନିଜକୁ ବଞ୍ଚାଇବା ପାଇଁ ବିମ୍ବାଧର ହାତ ଦେଖାଇଦେଇଥିଲେ। ହାତରେ ମୋବାଇଲ୍ ଫୋନ୍ ଥିବାରୁ ଗୁଳିଟି ସେଥିରେ ବାଜିବାରୁ ତାହା ଫାଟିଯିବା ସହ ହାତର ମଧ୍ୟ କ୍ଷତ ସୃଷ୍ଟି କରିଥିଲା। ତେବେ ଗୁଳିଟି ଲକ୍ଷ୍ୟଭ୍ରଷ୍ଟ ହେବା ପରେ ଓ ବିମ୍ବାଧର ବଞ୍ଚିଯିବାରୁ ସେମାନେ ତାଙ୍କୁ ଗୋଡାଇ ଗୋଡାଇ ରାସ୍ତାରେ ହାଣିଥିଲେ। ବିମ୍ବାଧର ଚିତ୍କାର କରି ଅନ୍ୟମାନଙ୍କୁ ଡାକିଥିଲେ। ହେଲେ ଦୁର୍ବୃତ୍ତମାନେ ଆତଙ୍କ ରଚାଇ ଆଖପାଖ ଦୋକାନୀ ଓ ଲୋକଙ୍କୁ ଧମକ ଦେବା ସହ କେତେଜଣ ଏକ ଜିମ୍‌ରେ ପଶି ଭଙ୍ଗାରୁଜା କରିଥିଲେ। ବିମ୍ବାଧର ରାସ୍ତାରେ ପଡି ଛଟପଟ ହେଉଥିବାବେଳେ ସେମାନେ ଘଟଣାସ୍ଥଳରେ ବହୁ ସମୟ ଧରି ଆତଙ୍କ ଖେଳାଇ ଚାଲିଯାଇଥିଲେ।

ତେବେ ଗୁଳି ଫୁଟିବା ଘଟଣାକୁ ଖଣ୍ଡଗିରି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ଖଣ୍ଡନ କରିଛନ୍ତି। ଗୁଳିମାଡ଼ରେ ମୋବାଇଲ୍‌ଟି ବିସ୍ଫୋରଣ ହୋଇନି, ଲୁହା ରଡ୍‌ରେ ମାଡ଼ ହୋଇ ତାହା ଫାଟିଯାଇଛି। ପ୍ରତ୍ୟକ୍ଷଦର୍ଶୀମାନେ ଅତିରଞ୍ଜିତ କରୁଛନ୍ତି ବୋଲି ସେ କହିଛନ୍ତି।

## ପଡିଆରା ପାଇଁ ଆକ୍ରମଣ, ଜିମ୍‌ରୁ ହୋଇଥିଲା ବିବାଦ

ବିମ୍ବାଧରଙ୍କ ଉପରକୁ ହୋଇଥିବା ଆକ୍ରମଣର କାରଣ ପୋଲିସ ଖୋଜୁଥିବାବେଳେ ଇତିମଧ୍ୟରେ ବହୁ ତଥ୍ୟ ହାସଲ କରିଛି। ପଡିଆରାକୁ ନେଇ ଆକ୍ରମଣ ହୋଇଥିବା କୁହାଯାଉଛି। ରବିବାର ସକାଳୁ ଆଇଗଣିଆ ଦୁର୍ଗାମଣ୍ଡପ ନିକଟ ଜିମ୍‌ରୁ ହିଁ ଆରମ୍ଭ ହୋଇଥିଲା ବିବାଦ, ଯାହା ଅପରାହ୍ନରେ ଭୟଙ୍କର ରୂପ ନେଇଥିଲା। ବିମ୍ବାଧର ଜିମ୍‌କୁ ଯାଇଥିବାବେଳେ ସ୍ଥାନୀୟ ସିଜୁଆ ଅଞ୍ଚଳର କେତେଜଣ ଯୁବକଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଜିମ୍‌ରେ ଥିବା ଅନ୍ୟମାନେ ସମସ୍ତଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ପରେ ବିମ୍ବାଧରଙ୍କ ପରିବାର ଲୋକେ ଘଟଣା ନେଇ ଥାନାରେ ଅଭିଯୋଗ କରିଥିଲେ। ଏହା ଜାଣିବା ପରେ ସିଜୁଆ ଅଞ୍ଚଳର ଉକ୍ତ ଯୁବକମାନେ ଉତ୍ତେଜିତ ହୋଇପଡିବା ସହ ଆକ୍ରମଣ ଯୋଜନା କରିଥିଲେ।

ସୂଚନାଯୋଗ୍ୟ, ଖଣ୍ଡଗିରି ଅଞ୍ଚଳରେ ବିମ୍ବାଧରଙ୍କ ପଡିଆରା କିଛିଦିନ ହେବ ବଢିବାରେ ଲାଗିଥିଲା। ହେଲେ ପଡିଆରା ଜାହିର କରିବାକୁ ଚେଷ୍ଟା କରୁଥିବା ସିଜୁଆର ଏକ ଗୋଷ୍ଠୀ ଏହାକୁ ସହ୍ୟ କରି ପାରୁ ନ ଥିଲା। ଉକ୍ତ ଗୋଷ୍ଠୀରେ ୨୫ରୁ ୩୦ ପିଲା ସାମିଲ୍ ରହିଥିବାବେଳେ ସେମାନେ ଏକ ଗ୍ୟାଙ୍ଗ୍ ଗଢ଼ିଛନ୍ତି। ସ୍ଥାନୀୟ ଜଣେ ଯୁବକ ଗ୍ୟାଙ୍ଗ ଲିଡର ଥିବାବେଳେ ତାଙ୍କ ନିର୍ଦ୍ଦେଶ ଅନୁସାରେ ଆକ୍ରମଣ ଓ ଗୁଳିମାଡ଼ ହୋଇଥିବା ସୂଚନା ମିଳିଛି।

## ନୂଆ ଗ୍ୟାଙ୍ଗ୍ ପୋଲିସ ପାଇଁ ଚ୍ୟାଲେଞ୍ଜ ହେବ

ଗତ କିଛିମାସ ହେବ ପଡିଆରାକୁ ନେଇ ଗୋଷ୍ଠୀ ସଂଘର୍ଷ ଓ ଅପରାଧ ଘଟୁଥିବା ନଜର ରହିଛି। ବଡ଼ ବଡ଼ ଅପରାଧ ଘଟାଇ ନିଜର ପଡିଆରା ଜାହିର କରିବାକୁ ସ୍ଥାନୀୟ ଅଞ୍ଚଳର ଅସାମାଜିକ ଯୁବକ ଅଣ୍ଟାଭିଡ଼ିଛନ୍ତି। ସେମାନେ ବାହାର ରାଜ୍ୟର ଅପରାଧୀଙ୍କୁ ଏଠାରେ ଆଶ୍ରୟ ଦେବା ସହ ସେମାନଙ୍କଠାରୁ ବନ୍ଧୁକ, ଗୁଳି ଓ ମାରଣାସ୍ତ୍ର ହାତଉଥିବା ସୂଚନା ମିଳିଛି। ଗତ ୩ମାସରେ ୪ଟି ବଡ଼ ବଡ଼ ସଂଘବଦ୍ଧ ଆକ୍ରମଣ କରାଯାଇଛି। କଟକରୋଡ଼ରେ ଜଣେ ଶିଖ୍ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ପରେ ମାର୍କେଟ ବିଲ୍ଡିଂରେ ସଂଘବଦ୍ଧ ଆକ୍ରମଣ କରାଯାଇ ଦଙ୍ଗା ପରିସ୍ଥିତି ସୃଷ୍ଟି କରାଯାଇଥିଲା। ନିକଟରେ ଶହୀଦନଗର ଥାନା ୟୁନିଟ-୯ରେ ଜଣେ ଯୁବକଙ୍କୁ ଗୋଡାଇ ସର୍ବସମ୍ମୁଖରେ ହାଣିଥିଲେ ପ୍ରତିପକ୍ଷ ଗୋଷ୍ଠୀ। ସେହିଭଳି ପଡିଆରା ପାଇଁ ଗତବର୍ଷ ଦୀପାବଳିରେ ଏୟାରଫିଲ୍ଡ ଥାନାଞ୍ଚଳରେ ଜଣେ ଯୁବକଙ୍କୁ ଭୁଜାଲିରେ ହାଣି ହତ୍ୟା କରାଯାଇଥିଲା। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆରେ ଜଣେ ଯୁବକଙ୍କୁ ପ୍ରତିପକ୍ଷ ଗୋଷ୍ଠୀର ଯୁବକମାନେ ଗୋଡାଇ ଗୋଡାଇ ହାଣି ହତ୍ୟା କରିଥିଲେ। ତେଣୁ ଗଢ଼ିଉଠୁଥିବା ନୂଆ ନୂଆ ଗ୍ୟାଙ୍ଗ୍ ଓ ଗୋଷ୍ଠୀ ସଂଘର୍ଷ ରୋକିବା ଏବେ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ।

## ୧୫ରୁ ବୈଶାଖୀ ବାଣିଜ୍ୟ ମେଳା

### ସ୍ଥାନ ପାଇବ ୪୯୦ ଷ୍ଟଲ

କଟକ ଅଫିସ,୮।୩

କଟକ ଉପର ବାଲିଯାତ୍ରା ପଡିଆରେ ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ବୈଶାଖୀ ବାଣିଜ୍ୟ ମେଳା ଅନୁଷ୍ଠିତ ହେବ। ଏହାକୁ ମିନି ବାଲିଯାତ୍ରା ବୋଲି ମଧ୍ୟ କୁହାଯାଏ। ବୈଶାଖୀ ବାଣିଜ୍ୟ ମେଳା ଆୟୋଜକ କମିଟି ପକ୍ଷରୁ ରବିବାର ସନ୍ଧ୍ୟାରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମେଳା ଆୟୋଜନ ସମ୍ପର୍କରେ ସୂଚନା ଦିଆଯାଇଥିଲା।

ଚଳିତ ବର୍ଷର ମେଳାରେ ୪୯୦ ଷ୍ଟଲ ସ୍ଥାନ ପାଇବ। ପଶ୍ଚିମବଙ୍ଗ, ଗୁଜରାଟ, ଆସାମ, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ହରିୟାଣା, ଦିଲ୍ଲୀର ବ୍ୟବସାୟୀମାନେ ଏଥିରେ ଯୋଗଦେବେ। ଚଳିତବର୍ଷ ଅଟୋ ଏକ୍ସପୋ ଆୟୋଜନ ହେଉଥିବାବେଳେ ଫୁଡ୍‌କୋର୍ଟକୁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯିବାକୁ ସ୍ଥିର ହୋଇଛି। ଏହାଛଡ଼ା ୧୭ ଓ ୧୮ ତାରିଖ ଦୁଇଦିନ ଧରି ଚିତ୍ରାଙ୍କନ ପ୍ରତିଯୋଗିତା ହେବ। ଏଥିରେ ବିନା ପ୍ରବେଶ ଶୁଳ୍କରେ ବିଭିନ୍ନ ବୟସର ପ୍ରତିଯୋଗୀ ଭାଗନେବେ। ୨୦ ତାରିଖ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ପ୍ରତ୍ୟହ ସନ୍ଧ୍ୟାରେ ଲୋକଗୀତ, ନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରାଯିବ। ଗରିବ ଥାଲାସେମିଆ ରୋଗୀଙ୍କୁ ଆୟୋଜକଙ୍କ ପକ୍ଷରୁ ୨୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ସ୍ଥିର କରାଯାଇଛି ବୋଲି ସମ୍ମିଳନୀରେ କୁହାଯାଇଥିଲା। ଏହି ସମ୍ମିଳନୀରେ ମେଳା ଆୟୋଜକ କମିଟିର ପରାମର୍ଶଦାତା ଡ. ଶରତ କୁମାର ସାହୁ, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, ବିଧାୟକ ଇଂ. ମହମ୍ମଦ ମୋକିମ, ରଞ୍ଜନ ବିଶ୍ୱାଳ, ମଧୁସୂଦନ ସାହୁ, ଆବାହକ ଆଶୀର୍ବାଦ ବେହେରା ଉପସ୍ଥିତ ଥିଲେ। ସଂଯୋଜକ ଦେବୀପ୍ରସାଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




World leading brands from the House of Hero

Splendor+ | Super Splendor | splendor iSmart+ | Passion XPRO | GLAMOUR | HF Deluxe | MAESTRO EDGE 125 | Pleasure+ | Duet | DESTINI 125 | Xpulse 200T | XPULSE 200 | Xtreme 200R | XTREME 200S

INDIA'S FIRST 5 YEAR WARRANTY* *Conditions apply

Regd. Office: Hero MotoCorp Ltd. The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Cash Bonus of ₹5000/- on all BS IV Scooter models and on select Motorcycle models in Central, East & North Zones till 31st Mar'20 or till stock lasts, whichever is earlier. Hero MotoCorp reserves the right to modify / alter / withdraw offers without any prior intimation. #Finance scheme is at the sole discretion for the Financier & subject to its respective T&Cs. Finance schemes cannot be clubbed together. For details, please contact your nearest Authorized Hero outlet.*Loyalty/Exchange benefit of ₹12,500, Cash Benefit ₹10,000. Offer is valid till 9th March 2020 for women customers. T& C Apply.

HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com

For Institutional and Bulk Sales please write to bhubaneshwar@heromotocorp.com

ଅଥରାଇଜ୍‌ଡ ଡିଲର : ଭୁବନେଶ୍ୱର: ରୋହନ ହିରୋ - 7799766422. ଭାରତ ହିରୋ - 7799766378. ଡିଡି ହିରୋ - 7799766329. ବାଲେଶ୍ୱର: ନୀଲମ ହିରୋ - 7799766393. ବାରିପଦା : ଆଦିତ୍ୟ ହିରୋ - 7799766370. ଭଦ୍ରକ : ସଞ୍ଜୀବ ହିରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହିରୋ - 7799766362. କଟକ: ଜେଏମଜି ହିରୋ - 7799766366. ସନୀ ହିରୋ - 7799766401. ଏସେନ୍ ହିରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହିରୋ - 7799766383. ଯାଜପୁର ରୋଡ: ସୌମିକ ହିରୋ - 7799766410. ଜଳେଶ୍ୱର: ସାଇ ହିରୋ - 7799766407. ଜଟଣୀ: ବିଶାଳ ହିରୋ - 7799766398. କେନ୍ଦୁଝର: ସୁପ୍ରିମ ହିରୋ - 7799766360. ନୟାଗଡ଼: ଭଗବତୀ ହିରୋ - 7799766417. ପୁରୀ: ସଞ୍ଜୀବ ହିରୋ - 8448389695.
ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 9238551897. ବାଲୁଗାଁ: ମହାମାୟୀ ମୋଟର୍ସ - 8327793865. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 9853471301. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 9861242100. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 9437185858. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 9438139116. ପିପିଲି: ଶ୍ରୀରାମ ମୋଟର୍ସ - 9437110789. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 9437055552. ରାହାମା: ଶରଳା ଅଟୋମୋବାଇଲ୍ସ - 9937018532. ରାଇରଙ୍ଗପୁର: ମା ସାକମ୍ବରୀ ମୋଟର୍ସ - 7978560171. ସୋରୋ: ଟୁଇଙ୍କିଲ ମୋଟର୍ସ - 9861594852. ଉଦଳା: ମହାବୀର ମୋଟର୍ସ - 9853290346.



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।

- ନେପୋଲିୟନ



# କୋଦଣ୍ଡଙ୍କ ହତ୍ୟାକାରୀଙ୍କୁ ପାଉନି ପୋଲିସ

## କଟକ ଟ୍ରିପଲ ମର୍ଡର ଘଟଣା

### ୨ ହତ୍ୟା ଘଟଣାରେ ନାରାୟଣଙ୍କୁ ଗିରଫ ଦର୍ଶାଇଥିଲା

କଟକ ଅଫିସ,୮।୩

କଟକ ସହରରେ ଗତ ଜୁଲାଇ ଶେଷ ସପ୍ତାହରେ ଘଟିଥିଲା ଟ୍ରିପଲ ମର୍ଡର। ୨୪ ଘଣ୍ଟା ବ୍ୟବଧାନରେ ୩ଟି ସ୍ଥାନରେ ୩ ଜଣଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ଜୁଲାଇ ୨୩ ତାରିଖରେ ଏହି ଘଟଣା ଘଟିବା ପରେ ପ୍ରାୟ ଦୁଇ ସପ୍ତାହ ଧରି ସହରରେ କୋକୁଆ ଭୟ ଖେଳିଯାଇଥିଲା। ରାତି ୧୦ ବାଜିବା ମାତ୍ରେ ସହରର ରାସ୍ତାଘାଟ ଫାଙ୍କା ଓ ଦୋକାନ ବଜାର ବନ୍ଦ ହୋଇଯାଉଥିଲା। ରାସ୍ତାକଡ଼ରେ ଶୋଉଥିବା ନିରାଶ୍ରୟ ଲୋକଙ୍କୁ ଉଠାଇ ନେଇ ପୋଲିସ ଆଶ୍ରୟ ସ୍ଥଳରେ ରଖିଥିଲା। ପୋଲିସ ତଦନ୍ତ କରି ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ନାରାୟଣ ସାହୁଙ୍କୁ ଗିରଫ କରି ଚୌଦ୍ୱାର ଜେଲ୍ ପଠାଇଥିଲା। ମୁଖ୍ୟ କଥା ହେଉଛି ଦୁଇଟି ହତ୍ୟାକାଣ୍ଡରେ ନାରାୟଣଙ୍କୁ ଅଭିଯୁକ୍ତ ଦର୍ଶାଇ ପୋଲିସ ଗିରଫ କରିଥିଲା। ହେଲେ ଅନ୍ୟ ହତ୍ୟା ଘଟଣା ଉପରୁ ପୋଲିସ ଏପର୍ଯ୍ୟନ୍ତ ପରଦା ହଟାଇପାରିନାହିଁ। ଏହି ଘଟଣାକୁ ୮ ମାସ ପୂରଣ ହେବାକୁ ବସିଥିବାବେଳେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ବଉଳପୁର ଅଞ୍ଚଳର କୋଦଣ୍ଡ ରାଉତଙ୍କ ହତ୍ୟାକାରୀଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ପୋଲିସ ତଦନ୍ତରେ ଅଗ୍ରଗତି କରୁନି କି ନାରାୟଣଙ୍କୁ ଗିରଫ କରିବା ପରେ ଚୁପ୍ ହୋଇ ବସିଛି ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମଙ୍ଗଳାବାଗ ଥାନା ଅନ୍ତର୍ଗତ ରାଣୀହାଟ ଦୁର୍ଗାମଣ୍ଡପ ନିକଟସ୍ଥ ଗଳିରୁ ଜୁଲାଇ ୨୩ ତାରିଖ ସକାଳେ କୋଦଣ୍ଡ ରାଉତ(୫୫)ଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା କୋଦଣ୍ଡଙ୍କ ଗଳାକୁ ଧାରୁଆ ଅସ୍ତ୍ରରେ କାଟି ହତ୍ୟା କରାଯାଇଥିଲା। ଏହାର ପରଦିନ ସକାଳେ ମଙ୍ଗଳାବାଗ ଥାନା ଅନ୍ତର୍ଗତ ଏସ୍‌ସିବି ମେଡିକାଲ ହୃଦ୍‌ରୋଗ ବିଭାଗ ସମ୍ମୁଖ ଓ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଏମ୍‌ପି ଶିଶୁଉଦ୍ୟାନ ସମ୍ମୁଖରେ ସମାନ ଢଙ୍ଗରେ ଦୁଇଜଣ ବ୍ୟକ୍ତିଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ପୋଲିସ ଏହାର ତଦନ୍ତ କରିବା ସହ ୧୦୦ରୁ ଅଧିକ ଦୋକାନର ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ନାରାୟଣଙ୍କୁ ଚିହ୍ନଟ କରିଥିଲା। ପରେ ନୟାଗଡ଼ ଜିଲା ଓଡ଼ଗାଁ ନିକଟସ୍ଥ ସୁନାମୁହିଁ ଗ୍ରାମରୁ ନାରାୟଣଙ୍କୁ ପୋଲିସ ଗିରଫ କରିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ନାରାୟଣ ହତ୍ୟା କରିଥିଲେ ବୋଲି ଡିସିପି ଅଖିଳେଶ୍ୱର ସିଂ କହିଥିଲେ।

#### ଜେଲ୍‌ରେ ନାରାୟଣଙ୍କ ସ୍ୱାଭାବିକ ବ୍ୟବହାର

ନାରାୟଣ ମାନସିକ ବିକାରଗ୍ରସ୍ତ ବୋଲି ପ୍ରାରମ୍ଭରୁ ସନ୍ଦେହ କରାଯାଉଥିଲା। ହେଲେ ନାରାୟଣ ଜେଲ୍‌ରେ ସମ୍ପୂର୍ଣ୍ଣ ସ୍ୱାଭାବିକଭାବେ ବ୍ୟବହାର କରୁଛନ୍ତି ବୋଲି ଡା. ଯଦୁନାଥ ଦାସ କହିଛନ୍ତି। ମାନସିକ ରୋଗ ପାଇଁ ତାଙ୍କୁ କୌଣସି ମେଡିସିନ ଦିଆଯାଉନାହିଁ ବୋଲି ସେ କହିଥିଲେ।

#### କୋଦଣ୍ଡଙ୍କର ବି ଗଳା କଟାଯାଇଥିଲା

ଏସ୍‌ସିବି ମେଡିକାଲ ହୃଦ୍‌ରୋଗ ବିଭାଗ ସମ୍ମୁଖ ଏବଂ ଓଏମ୍‌ପି ଶିଶୁ ଉଦ୍ୟାନ ସମ୍ମୁଖରୁ ଉଦ୍ଧାର ହୋଇଥିବା ଦୁଇ ମୃତକଙ୍କ ଗଳା କଟାଯାଇଥିବାବେଳେ ରାଣୀହାଟ ଦୁର୍ଗାମଣ୍ଡପ ନିକଟ ଗଳିରୁ ଉଦ୍ଧାର ହୋଇଥିବା କୋଦଣ୍ଡଙ୍କ ଗଳାରେ ମଧ କଟା ଦାଗ ରହିଥିଲା। ନାରାୟଣଙ୍କ ନିକଟରୁ ପୋଲିସ ହତ୍ୟାରେ ବ୍ୟବହୃତ ଯେଉଁ ଟାଙ୍ଗିଆ ଜବତ କରିଥିଲା, ସେଥିରେ କୋଦଣ୍ଡଙ୍କୁ ହତ୍ୟା କରାଯାଇନାହିଁ ବୋଲି କୁହାଯାଇଥିଲା। ଏଣୁ କୋଦଣ୍ଡଙ୍କୁ କିଏ ହତ୍ୟା କରିଛି ତାହା ଏବେ ବି ଅନ୍ଧାରରେ।

#### ତଦନ୍ତ ଜାରି ରହିଛି

କୋଦଣ୍ଡଙ୍କ ହତ୍ୟା ଘଟଣାର ତଦନ୍ତ ଜାରି ରହିଛି। ଏବେ ସୁଦ୍ଧା ପୋଲିସକୁ ଏହି ଘଟଣାରେ କୌଣସି ଠୋସ୍ ପ୍ରମାଣ ମିଳିନି। ଅନ୍ୟ ଦୁଇ ହତ୍ୟା ଘଟଣାର ଅଭିଯୁକ୍ତ ନାରାୟଣଙ୍କୁ ୪ ଦିନିଆ ରିମାଣ୍ଡରେ ଅଣାଯାଇ ପଚରା ଉଚରା କରାଯାଇଛି। ସେ ୨ଜଣଙ୍କୁ ହତ୍ୟା କରିଛନ୍ତି ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିବା ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି।

## ସଂକ୍ଷେପରେ

### ମୋବାଇଲ ଜବତ, ୨ ଗିରଫ

ଭୁବନେଶ୍ୱର, ୮।୩(ବ୍ୟୁରୋ): ଛାତ୍ରଙ୍କଠାରୁ ଲୁଟ୍ ହୋଇଥିବା ମୋବାଇଲ୍ ଫୋନ୍‌କୁ ପୋଲିସ ଶନିବାର ଜବତ କରିବା ସହ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସାମନ୍ତରାପୁର ମହାବୀରନଗର ଅଞ୍ଚଳର ଅନିଲ କୁମାର ସାହୁ ଓ ପୁରୀ ଜିଲା ଗୋପ ଅଞ୍ଚଳର ସେକ୍ ସାଜିଦ। ସୂଚନା ମୁତାବକ, ନୟାଗଡ଼ ଜିଲାର ବିକାଶ ପ୍ରସାଦ ତ୍ରିପାଠୀ ଶହୀଦନଗର ଥାନା ଅଞ୍ଚଳରେ ଥିବା ଏକ ଘରୋଇ କଲେଜରେ ପାଠ ପଢ଼ନ୍ତି। ଗତ ଜାନୁୟାରୀ ୭ରେ ସେ କ୍ଲାସ ସାରି ଶହୀଦନଗରସ୍ଥିତ ଘରକୁ ଚାଲି ଚାଲି ଫେରୁଥିଲେ। ୨ ଅଭିଯୁକ୍ତ ଅନିଲ ଓ ସାଜିଦ୍ ବାଇକରେ ଆସି ତାଙ୍କୁ ଧକ୍କା ମାରି ତାଙ୍କଠାରୁ ମୋବାଇଲ ଛଡାଇ ଫେରାର ହୋଇଯାଇଥିଲେ। ଏ ନେଇ ବିକାଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୭/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ ଫୋନ୍‌କୁ ଟ୍ରାକ କରି ପୋଲିସ ଅଭିଯୁକ୍ତଙ୍କୁ ଠାବ କରିଥିଲା।

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

କଟକ ଅଫିସ, ୮।୩: କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ଲାଇନରେ ଥିବା ପୋଲିସ ଚିକିତ୍ସାଳୟଠାରେ ମହିଳା ପୋଲିସ କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟାଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପୋଲିସ, ଅଖିଳ ଭାରତୀୟ ସ୍ତ୍ରୀ ରୋଗ ମହାସଂଘ ଏବଂ ଓଡ଼ିଶା ସ୍ତ୍ରୀ ଓ ପ୍ରସୂତି ସଂଘର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ଡିଜିପି ଅଭୟ ଏବଂ ତାଙ୍କ ସ୍ତ୍ରୀ ରଶ୍ମୀ ଅଭୟ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସୂଚନାଯୋଗ୍ୟ, ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟବ୍ୟାପୀ ୩୭ଟି ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା।

### ଷ୍ଟୋରି ଇମେଜ୍‌ର ଅବିର ଡାଲା

ଚୌଦ୍ୱାର,୮।୩(ଡି.ଏନ୍.ଏ.): ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ଷ୍ଟୋରି ଇମେଜର ହୋଲି ଉତ୍ସବ ଅବିରଡାଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ମହାବିଦ୍ୟାଳୟ ପରିସରରେ ଅଧାପକ ପ୍ରଫୁଲ୍ଲ କୁମାର ସାହୁଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଘୋଡାନାଚ ଶିଳ୍ପୀ ଡ. ଉଚ୍ଛବ ଚରଣ ଦାସ, ଗୀତିକାର ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ, ପ୍ରଯୋଜକ ବାପୁ ଲେଙ୍କା, ଦୂରଦର୍ଶନର ଜ୍ଞାନ ମହାନ୍ତି, ଯାତ୍ରା କଳାକାର ସରୋଜିନୀ ସାହୁ, ସାହିତ୍ୟିକ ପ୍ରକାଶ ମହାପାତ୍ର, ପରେଶ ପଟ୍ଟନାୟକ, ଡ. ସୁରଞ୍ଜନ ଲେଙ୍କା,ଡ. ନିରଞ୍ଜନ ସାହୁଙ୍କ ସହ ବହୁ କବୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏଥିସହ ଷ୍ଟୋରି ଇମେଜର ମୁଖପତ୍ର 'ଅବିର ଡାଲା' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ନୃତ୍ୟ, ସଙ୍ଗୀତ, ସାହିତ୍ୟ ଆସର ଓ ଫଗୁଖେଳ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସାନ ଥିଲେ ପଚାରି**
**ବଡ଼ ଥିଲେ ବିଚାରି।**

ବୟସରେ ସାନ ହେଲେ ମଧ ତାଙ୍କ କଥାକୁ ଟାଳି ନ ଦେଇ ବିଚାର କରିବା ଉଚିତ। ସେହିପରି ବୟସ୍କ ବ୍ୟକ୍ତି ବହୁ ଅଭିଜ୍ଞତା ହାସଲ କରିଥାନ୍ତି। କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ତାଙ୍କ ମତାମତ ବା ପରାମର୍ଶ ଗ୍ରହଣ କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସମସ୍ତଙ୍କ ସହ ବିଚାରବିମର୍ଶ କରିବା ଜରୁରୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହାଟର କନିଆ ବାଟର ବର**
**ଧରିଆଣି ବିଭାଘର କର।**

ସାଧାରଣତଃ ପୁଅ ହେଉ ବା ଝିଅ ବାହାହେବା ପୂର୍ବରୁ ଅନେକ ଧାଁଧଉଡ଼ କରିବାକୁ ପଡ଼ିଥାଏ। ଝିଅର ସଂସ୍କାର, ଚାଲିଚଳଣ ତଥା ପୁଅର ଗୁଣଗ୍ରାମ, ଚାକିରି ଘର ପରିବାର ବିଷୟରେ ଟିଙ୍କିନିଖି ଜାଣି ପରଖି ପସନ୍ଦ ଆସିଲେ ଯାଇ ବାହାଘର କରାଯାଏ। ତେବେ ଏଥିରେ ବ୍ୟତିକ୍ରମ ଘଟି ବେଳେ ବେଳେ ଅଚାନକ ଭାବେ ବାହାଘର ସ୍ଥିର ହୋଇଯାଉଥିବା ଦେଖିବାକୁ ମିଳିଥାଏ। ହାଟସଉଦା କରିବାକୁ ଯାଇ କନିଆଁ ପସନ୍ଦ କରି ବାହା ହେବା ଭଳି ହଠାତ୍ ବୁଝାବୁଝି ବିଭାଘର ଅନୁଷ୍ଠିତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଅଭିଭାବକ ସଂଘର ନୂତନ କର୍ମକର୍ତ୍ତା ଚୟନ

କଟକ ଅଫିସ, ୮।୩

କଟକ ବାରବାଟି ଷ୍ଟାଡିୟମସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ (ସିବିଏସ୍‌ଇ) ଅଭିଭାବକ ସଂଘର ବାର୍ଷିକ ବୈଠକ ଏବଂ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିସରରେ ସଂଘର ମୁଖ୍ୟ ଉପଦେଷ୍ଟା ବିଜୟ କୁମାର ସାହୁ, କୈଳାସ ଚନ୍ଦ୍ର ଶତପଥୀଙ୍କ ମାର୍ଗଦର୍ଶନ ଏହି କାର୍ଯ୍ୟକ୍ରମ ହୋଇଥିଲା। ହୃଦରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ଅଭିଭାବକମାନେ ଯୋଗଦେଇ ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅଭିଭାବକ ସଂଘ ପକ୍ଷରୁ ସର୍ବସମ୍ମତିକ୍ରମେ ନୂତନ କମିଟି ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଅରୁପାନନ୍ଦ ବେହେରା, ଉପ ସଭାପତି ଅରୁଣ କୁମାର ଦାସ, ସମ୍ପାଦକ ଜ୍ୟୋତିରଞ୍ଜନ ଲେଙ୍କା, ସହ-ସମ୍ପାଦକ ଶୁଭେନ୍ଦୁ କୁମାର ପରିଡା, କୋଷାଧକ୍ଷ ନିରଞ୍ଜନ ସାହୁ, ନୂତନ କାର୍ଯ୍ୟକାରୀ ସଭ୍ୟ ଭାବେ ତୃପ୍ତିରଞ୍ଜନ ସାହୁ, ରଞ୍ଜିତ କୁମାର ସାହୁ, ବ୍ରଜ କିଶୋର ମୁଦୁଲି ଏବଂ ବାସୁଦେବ ସାହୁଙ୍କୁ ଚୟନ କରାଯାଇଥିଲା। ସେହିପରି ଉପଦେଷ୍ଟା ମଣ୍ଡଳୀରେ ନିହାର ରଞ୍ଜନ ମହାନ୍ତି, ହୃଦରଞ୍ଜନ ସ୍ୱାଇଁ ଏବଂ ପାର୍ଥସାରଥୀ ମହାରଣାଙ୍କୁ ଚୟନ କରାଯାଇଥିଲା।



ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ରବିବାର ତେରାପନ୍ଥା ମହିଳା ମଣ୍ଡଳ ପକ୍ଷରୁ କଟକ ଦୋଳମୁଣ୍ଡାଇ ଛକରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।

# ମୋରମ ବୋଝେଇ ୩ ହାଇୱା ଜବତ

ବାରଙ୍ଗ,୮।୩ (ଡି.ଏନ୍.ଏ.)

ବାରଙ୍ଗ ଅଞ୍ଚଳରେ ଦିନକୁ ଦିନ ବେଆଇନ ଭାବେ ମୋରମ ଚୋରା ଚାଲାଣ ବଢ଼ିବାରେ ଲାଗିଛି। ଶନିବାର ବିଳମ୍ବିତ ରାତିରେ ଚନ୍ଦକା ଥାନା ପୋଲିସ ଖୋର୍ଦ୍ଧାଆଡୁ ମୋରମ ନେଇ ଆସୁଥିବା ତିନୋଟି ହାଇୱା ଜବତ କରିଛି। ପୋଲିସ ପାଟ୍ରୋଲିଂ କରୁଥିବାବେଳେ ନଂ.ଓଡି୦୨-ଏଏଚ-୪୪୧୧, ଓଡି୦୨-ଏଫ-୯୫୨୮, ଓଡି୦୨-ଏଭି-୫୫୧୧ ବିଶିଷ୍ଟ ତିନୋଟି ମୋରମ ବୋଝେଇ ହାଇୱାକୁ ପୋଲିସ ଅଟକାଇଥିଲା। ପରେ ମୋରମ ଆଣିବା ନେଇ କାଗଜପତ୍ର ମାଗିବାବେଳେ ଚାଳକ ଦେଖାଇପାରି ନ ଥିଲେ। ଫଳରେ ଏହି ତିନୋଟି ଗାଡ଼ିକୁ ପୋଲିସ ଜବତ କରି ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇ ଦେଇଛି। ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ମୋଟାଅଙ୍କର ପାଉଣା ଦେଇ ନିର୍ବିଘ୍ନରେ ଏହି ଚୋରା ବ୍ୟବସାୟ ଚାଲୁଥିବାର ସୂଚନା ମିଳିଛି।

# ଅନ୍ତର୍ଜାତୀୟ ମହିଳା ଦିବସ

ଚୌଦ୍ୱାର/ନିଆଳି,୮।୩(ଡି.ଏନ୍.ଏ.)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସ୍ଥାନୀୟ ଟାଉନ ହଲ୍‌ଠାରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ପୌରପାଳିକାର ପୂର୍ବତନ ଉପାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରୋହିତ୍ୱରେ ଅନୁଷ୍ଠିତ ସମାବେଶରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ କହିଥିଲେ, ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ୭୦ଲକ୍ଷ ସ୍ୱୟଂ ସହାୟିକା ଗ୍ରୁପ ପ୍ରତିଷ୍ଠା କରିଛନ୍ତି। ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଳର ରାଜ୍ୟ ମହିଳା ଉପସଭାପତି ସରୋଜିନୀ ନନ୍ଦ, ପୂର୍ବତନ ଡେପୁଟି ମେୟର ସରୋଜିନୀ ସାହୁ, ପ୍ରଳୟା ବେଉରା, ରଞ୍ଜିତା କାହାଳୀ, ସରୋଜିନୀ ସାହୁ, ସଙ୍ଗୀତା ଶର୍ମା, ରଞ୍ଜିତା କରଣ, ରୀନାରାଣୀ ସେଠୀ, ସୌଭାଗିନୀ ଜେନା ପ୍ରମୁଖ ଯୋଗଦେଇଥିଲେ। ଚୌଦ୍ୱାର ନଗର ସଭାପତି ପ୍ରେମଚାନ୍ଦ ନାୟକ, ଯୁବ ସଭାପତି ବିଷ୍ଣୁଚରଣ ପରିଡା, ଶୁଭେନ୍ଦୁ ସାମଲ,କରୁଣାକର ସାହୁ ଯୋଗଦେଇଥିଲେ।

ନିଆଳି ନିର୍ବାଚନ ମଣ୍ଡଳୀସ୍ତରୀୟ ମହିଳା ଦିବସ ନିଆଳି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ପକ୍ଷରୁ ଆୟୋଜିତ ମହିଳା ସମାବେଶରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ ନାରୀମାନଙ୍କର ମହାନତା ଉପରେ ଗୁରୁତ୍ୱାରୋପ କରିଥିଲେ। ନାରୀନେତ୍ରୀ ଅନସ୍ୱୟା ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ନିଆଳି ବ୍ଲକ ଅଧକ୍ଷା କଳ୍ପନା ପାଣି, କଣ୍ଟାପଡା ବ୍ଲକ ଅଧକ୍ଷା ସ୍ମିତାରାଣୀ ସ୍ୱାଇଁ, ମାନସୀ ସୁନ୍ଦରୀ ରାୟ, ଜିଲାପରିଷଦ ସଭ୍ୟା ପୁଷ୍ପଲତା ଦାସ, ପୁଷ୍ପଲତା ପାତ୍ର, ମାମିନା ଜେନା, କବିତା ମହାପାତ୍ର, ମିତାଲି ଦାସ, ସ୍ମିତ୍ତାରାଣୀ ପ୍ରଧାନ, ସଂଯୁକ୍ତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ, ସାହିତ୍ୟିକା ପ୍ରଣତୀ ମହାପାତ୍ର, ଉର୍ମିଳା ରଥ, ଏବିଏସ୍ ଅକ୍ସଫୋର୍ଡ ସ୍କୁଲର ନିର୍ଦ୍ଦେଶିକା ରୀନାବାଳା ମଲ୍ଲିକ, ସାମାଜିକ କର୍ମୀ ଲକ୍ଷ୍ମୀପ୍ରିୟା ରାୟ, ମହିଳା ସଙ୍ଗଠକ ନିରୁପମା ସିଂଙ୍କୁ ସମ୍ମାନିତ କରାଯାଇଥିଲା।

## ବିମାନରେ ସାହି ପରିକ୍ରମା କଲେ ରାଧାକୃଷ୍ଣ

କଟକ ଅଫିସ, ୮।୩

କଟକ ମହାନଗର ନିଗମ ଅଧୀନ ରାଜେନ୍ଦ୍ରନଗରର ସାହିତ୍ୟିକ୍ୟ ପରିକ୍ଷିତ ମିଶ୍ରଙ୍କ ଘରୁ ରାଧାକୃଷ୍ଣ ବିମାନ ବାହାରି ସାହି ପରିକ୍ରମା କରିଥିଲା। ଗଡିରାଉତପାଟଣାର ଗୋବିନ୍ଦ ପରିଡାଙ୍କ ନେତୃତ୍ୱରେ ଭଜନ ପରିବେଷଣ କରାଯାଇଥିବାବେଳେ ମହାନଦୀବିହାରର କାଲୁ ସାହୁଙ୍କ ନେତୃତ୍ୱରେ କୀର୍ତ୍ତନ କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ସେନାଧିକାରୀ ହରେକୃଷ୍ଣ ପଲାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାରଦା ପ୍ରସାଦ ମହାନ୍ତି ଓ ସତ୍ୟନାରାୟଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ନୟାସଡ଼କସ୍ଥିତ ଶ୍ରୀଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଲି ଉତ୍ସବ।

# ଅତ୍ୟାଚାର ବିରୋଧରେ ସଂଗ୍ରାମ ପାଇଁ ଆହ୍ୱାନ

## ରାଜ୍ୟସ୍ତରୀୟ ଶିକ୍ଷୟିତ୍ରୀ ସମ୍ମିଳନୀ

କଟକ ଅଫିସ, ୮।୩

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଆହ୍ୱାନକ୍ରମେ ରାଜ୍ୟସ୍ତରୀୟ ଶିକ୍ଷୟିତ୍ରୀ ସମ୍ମିଳନୀ କଟକସ୍ଥିତ ସଙ୍ଗଠନର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପିକା ଆଶା ହଂସ ଏହାକୁ ଉଦ୍‌ଘାଟନ କରିବା ସହ ଶିକ୍ଷୟିତ୍ରୀ ଓ କର୍ମଜୀବୀମହିଳାମାନଙ୍କୁ ସଙ୍ଗଠିତ କରି ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ସଂଗ୍ରାମ କରାଯିବା ଲାଗି ଆହ୍ୱାନ ଦେଇଥିଲେ। ଏଥିରେ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଥିଲେ, ଅଗ୍ରାଧିକାର ଭିତ୍ତିରେ ମହିଳାମାନଙ୍କ ସମସ୍ୟା ଓ ଦାବି ପୂରଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ ହେବା ଉଚିତ୍। ଏ ଦିଗରେ ସଚେତନତାର ଆବଶ୍ୟକତା ମଧ ରହିଛି। ଏହି ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲାରୁ ୧୦୫ ଜଣ ମହିଳା ପ୍ରତିନିଧି ଯୋଗଦେଇଥିଲେ। ଓଷ୍ଟାର ରାଜ୍ୟ ସମ୍ପାଦିକା ସୁରଜିତା ନାୟକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ କରାଯିବା, ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଓ ଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ସହିତ ବିଶ୍ରାମାଗାର, ସବୁ ବିଦ୍ୟାଳୟରେ ଛାତ୍ରୀନିବାସ ସହ ମହିଳା ୱାର୍ଡେନ୍ ନିଯୁକ୍ତି, ଶିକ୍ଷୟିତ୍ରୀ ଓ ମହିଳା କର୍ମଚାରୀଙ୍କ ପାଇଁ ୨ ବର୍ଷ ଚାଇଲ୍ଡ କେୟାର ଲିଭ୍ ପ୍ରଦାନ, ଯୌନ ନିର୍ଯାତନା ଘଟଣାରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ କଠୋରଦଣ୍ଡ ବିଧାନ କରିବା ଆଦି ଦାବି ଆଗାମୀ ଦିନରେ ସରକାରଙ୍କ ନଜରକୁ ଆଣି ସମାଧାନ କରିବା ପାଇଁ ଉଦ୍ୟମ କରିବାକୁ ସମ୍ମିଳନୀରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଓଷ୍ଟାର କାର୍ଯ୍ୟକାରୀ ସଭାପତି ଭିକାରି ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ ଦାଶ, କୋଷାଧକ୍ଷ ଅଶୋକ ମହାପାତ୍ର, ଉପସଭାନେତ୍ରୀ ରେବତୀ ଜେନା, ଲୀଳାବତୀ ପଟ୍ଟନାୟକ ଓ ଯୁଗପ୍ରଭା ସାବତ ପ୍ରମୁଖ ବକ୍ତବ୍ୟ ରଖିଥିଲେ।




ରାଜ୍ୟସ୍ତରୀୟ ଶିକ୍ଷୟିତ୍ରୀ ସମ୍ମିଳନୀରେ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି।

# 'ବିଜ୍ଞାନକୁ ଛାଡ଼ି ସାହିତ୍ୟର କଳ୍ପନା ଅସମ୍ଭବ'

## ଶିଶୁ ସାହିତ୍ୟ ଲେଖକ ସମ୍ମେଳନର ସମାବର୍ତ୍ତନ ଉତ୍ସବ

କଟକ ଅଫିସ,୮।୩

କଟକ ତିନିକୋଣିଆ ବଗିଚାସ୍ଥିତ ଏକ ମଣ୍ଡପ ସମ୍ମିଳନୀ କକ୍ଷରେ ଶିଶୁ ସାହିତ୍ୟ ଲେଖକ ସମ୍ମେଳନର ସମାବର୍ତ୍ତନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ-ସାହିତ୍ୟ ଲେଖକ ସମ୍ମେଳନର ସଭାପତି ଡ. ମହେଶ୍ୱର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ଭାବେ ଯୋଗଦେଇ ସାରସ୍ୱତ ସାଧକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ କହିଥିଲେ, ବିଜ୍ଞାନକୁ ଛାଡି ସାହିତ୍ୟର କଳ୍ପନା ଅସମ୍ଭବ। ବିଜ୍ଞାନର ଦୃଷ୍ଟିକୋଣ ହିଁ ଶିଶୁ ସାହିତ୍ୟକୁ ସମୃଦ୍ଧ କରିଥାଏ। ସେହିପରି ବିଶିଷ୍ଟ ବିଜ୍ଞାନ ସାହିତ୍ୟ ସ୍ରଷ୍ଟା ପ୍ରଫେସର ରମେଶ ଚନ୍ଦ୍ର ପରିଡା ଯୋଗଦେଇ ବିଜ୍ଞାନ ସାହିତ୍ୟରେ ଆଣିଥିବା ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଶାସକ ଡ. ଧରଣୀଧର ନାଥ ଯୋଗଦେଇ ଶିଶୁଶିକ୍ଷା ଓ ଶିଶୁ ସାହିତ୍ୟ ସମ୍ପର୍କରେ ମତ ରଖିଥିଲେ। ସଂସ୍କୃତି ସମ୍ପାଦକ ଦିବ୍ୟଜ୍ୟୋତି ପାଣି ଅତିଥି ପରିଚୟ ପ୍ରଦାନ ଓ ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ବିବରଣୀ ପାଠ କରିଥିଲେ।




ଉତ୍ସବରେ ପ୍ରଫେସର ସୂର୍ଯ୍ୟମଣି ବେହେରାଙ୍କୁ ଅନନ୍ତ ପଟ୍ଟନାୟକ ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି।

ଏହି ଅବସରରେ ପ୍ରଫେସର ସୂର୍ଯ୍ୟମଣି ବେହେରା, ତନୟାଦାସ ଗୋସ୍ୱାମୀ, ଡ. ହେମନ୍ତ କୁମାର ଛୋଟରାୟ, ଡ. ଅନ୍ତର୍ଯ୍ୟାମୀ ପ୍ରଧାନ, ଇଂ. ବିଶ୍ୱରୂପ ସିଂ, ଦେବରାଜ ମିଶ୍ର, ଶଶିଧର ମହନୀ, ବିରଞ୍ଚି ନାରାୟଣ ଦାଶ, ଶୁଭଲକ୍ଷ୍ମୀ ସାମନ୍ତରାୟ, ସ୍ୱାଧୀନ ପ୍ରିୟଦର୍ଶନ ସାହୁ, ଅବିନାଶ ଭୁଜବଳ, ପ୍ରୀତି ପ୍ରଧାନ ଏବଂ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ପୁରସ୍କାରପ୍ରାପ୍ତ ବୀରେନ୍ଦ୍ର ସାମନ୍ତରାୟଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଉତ୍ସବର ପ୍ରଥମ ଅଧିବେଶନକୁ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ସମ୍ମେଳନର ଉପସଭାପତି ଆଦିତ୍ୟ ପ୍ରତାପ ଧଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମୁଖ୍ୟଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଶିଶୁସାହିତ୍ୟ ସ୍ରଷ୍ଟା ବଙ୍କିମ ଚନ୍ଦ୍ର ନାୟକ, ଶରତ କୁମାର ନାୟକ ଓ ପ୍ରକାଶକ ଶିବାଶିଷ କର ଯୋଗଦେଇ ଶିଶୁସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜୟ କୁମାର ନାଥ, ସରୋଜିନୀ ମିଶ୍ର କବିତା ପାଠ ଉତ୍ସବ ସଂଯୋଜନା କରିଥିଲେ। ସମ୍ମେଳନର ଉପସଭାପତି ଡ. ରାଜକିଶୋର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠୋତ୍ସବରେ ସମ୍ମାନିତ ଅତିଥି ଭାବେ ରଘୁନାଥ ମହାପାତ୍ର, ପ୍ରମୋଦ କୁମାର ପରିଡା, ଅରୁଣା ସାମନ୍ତରାୟ ଓ ନଳିନୀପ୍ରଭା ନାୟକ ଯୋଗଦେଇଥିଲେ। ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କ ଅନୁବାଦ ଉପନ୍ୟାସ 'ବଙ୍କାପୋଲ', ରବୀନ୍ଦ୍ରନାଥ ମାଝୀଙ୍କ 'ନୀଳଠେକୁଆ'ର ଇଂଲିଶ ଓ ହିନ୍ଦୀ ଅନୁବାଦ ପୁସ୍ତକ, ଇଂ. ହରିହର ରଣାଙ୍କ 'ଟିକି ପିଲାଟି', ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ 'ହିତ କାହାଣୀ ଗୀତମାଳା', ଇଂ. ପ୍ରେମାନନ୍ଦ ନାୟକଙ୍କ 'ରଙ୍ଗଲତା ଗୁଞ୍ଚିଟି', ନଳିନୀପ୍ରଭା ନାୟକଙ୍କ 'ସଂଗୃହୀତ ଲୋକକଥା', ରବିନାରାୟଣ ସାହୁଙ୍କ ସମ୍ପାଦିତ ପତ୍ରିକା 'ଶିଶୁଶ୍ରୀ' ଓ ସମ୍ମେଳନର ବାର୍ଷିକ ସାରସ୍ୱତ ମୁଖପତ୍ର 'କିଶଳୟ' ଉନ୍ମୋଚିତ ହୋଇଥିଲା। ଡ. ଉଦ୍ଧବ ଚରଣ ନାୟକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ



### ହାଇୱା-କାର ମୁହାଁମୁହିଁ ଧକ୍କା

**ନରାଜ,୮।୩ (ଡି.ଏନ.ଏ)-** ବାରଙ୍ଗ ଥାନା ଅନ୍ତର୍ଗତ ବାରଙ୍ଗ ବ୍ଲକ ସମୁଖ ପୁରୀ ମେନ କେନାଲ ନିକଟରେ ରବିବାର ହାଇୱା ଓ କାର ମୁହାମୁହିଁ ଧକ୍କା ହୋଇଛି। ଏଥିରେ କାହାର କୌଣସି କ୍ଷତି ହୋଇ ନଥିବା ବେଳେ କାର୍‌ର ଡାହାଣପାଖ ଭାଙ୍ଗିଯାଇଛି। ଅପରାହ୍ନ ସମୟରେ କଟକ-ଭୁବନେଶ୍ୱର ଟୁଇନ ସିଟି ମୁଖ୍ୟରାସ୍ତାର ପୁରୀ ମେନ କେନାଲ ନିକଟରେ ଏକ ହାଇୱା ଭୁବନେଶ୍ୱର ଆସୁଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର ସହ ତାର ମୁହାମୁହିଁ ଧକ୍କା ହୋଇଥିଲା।

### ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

**କଟକ ରୋଡ,୮।୩ (ଡି.ଏନ୍.ଏ.)-** ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ରବିବାର ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଗୋଳାବାରି ଅଞ୍ଚଳର ନାଲୁ ସାହୁ। ପୋଲିସ ସୂଚନା ଅନୁଯାୟୀ, ଗତ କିଛିଦିନ ଧରି ନାଲୁ ନିଜ ସ୍ତ୍ରୀଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ଗତ ଶୁକ୍ରବାର ରାତିରେ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ଥାନାରେ ମାମଲା ନଂ.୭୩/୨୦ ରୁଜୁ କରି ନାଲୁଙ୍କୁ ଧରିଥିଲେ।

### ଚୋରି ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୮।୩ (ବ୍ୟୁରୋ)-** ଭୁବନେଶ୍ୱର ରେଲୱେ ଷ୍ଟେଶନ ପରିସରରେ ଥିବା ପ୍ରତିକ୍ଷାଳୟ ରୁମରୁ ଚୋରି ମୋବାଇଲକୁ ଜିଆରପି ଥାନା ପୋଲିସ ଶନିବାର ଜବତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳର ମାନସ ରଞ୍ଜନ ନାୟକ। ସୂଚନା ମୁତାବକ, ହାଇଦ୍ରାବାଦର ଟି. ସୀମା ତାଙ୍କ ପରିବାର ସହ ଭୁବନେଶ୍ୱର ଓ ପୁରୀ ବୁଲିବାକୁ ଆସିଥିଲେ। ବୁଲାବୁଲି ସାରି ଫେରିବା ନେଇ ଶୁକ୍ରବାର ରାତିରେ ଭୁବନେଶ୍ୱର ଷ୍ଟେସନ ପରିସରରେ ଥିବା ପ୍ରତୀକ୍ଷାଳୟରେ ଟ୍ରେନକୁ ଅପେକ୍ଷା କରିଥିଲେ । ତାଙ୍କର ଭ୍ୟାନିଟି ବ୍ୟାଗ ଭିତରେ ମୋବାଇଲ ରଖି ଚାର୍ଜରେ ବସାଇଥିଲେ। ମଉକା ଦେଖି ଅଭିଯୁକ୍ତ ମାନସ ତାଙ୍କ ଭ୍ୟାନିଟି ବ୍ୟାଗ ସମେତ ମୋବଇଲ ଚୋରି କରି ଫେରାର ହୋଇଯାଇଥିଲା। ଏ ନେଇ ସୀମା ଜିଆରପି ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୪୯/୨୦ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ସିସିଟିଭି ଫୁଟେଜ ସହ ଚୋରି ମୋବଇଲକୁ ଟ୍ରାକ କରି ପୋଲିସ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଥିଲା। ଏଥିସହ ତାଙ୍କ ନିକଟରୁ ୨ଟି ମୋବାଇଲ ଓ ଗୋଟିଏ ଏଟିଏମ କାର୍ଡ ଜବତ କରିଥିଲା।

# ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଭାଙ୍ଗି ୩ ଗିରଫ

**ସାଲେପୁର, ୮।୩(ଡି.ଏନ.ଏ.)**

**ସାଲେପୁର ବ୍ଲକ**
- ଜଣେ ଫେରାର
- ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା

ସାଲେପୁର ବ୍ଲକ ଅଧୀନ ସିଡ଼ୋ ପଞ୍ଚାୟତର ତାରିଣୀ ଛକଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଶନିବାର ରାତିରେ ଭଙ୍ଗାଯାଇଛି। ଏହି ଘଟଣା ରବିବାର ସକାଳେ ସ୍ଥାନୀୟ ଲୋକ ଦେଖିଲାପରେ ଜପକୁଦ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସେହିପରି ସେଠାରେ ପୂର୍ବରୁ ଦୋକାନ କରିଥିବା ମୀନକେତନ ନାୟକଙ୍କୁ ମଧ୍ୟ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଉଭୟ ଅଭିଯୋଗକୁ ଗ୍ରହଣ କରି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣକବାଟ ୯୯/୨୦ ଓ ୧୦୦/୨୦ରେ ୨ଟି ମାମଲା ରୁଜୁ କରିବା ସିଡ଼ୋ ଗ୍ରାମର ଅବିନାଶ ମହାନ୍ତି(୨୨),



ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯାଇଛି।

ଦେବାଶିଷ ବଳ(୨୪), ଉମ୍ବରୁଧର ନାୟକ(୪୯)ଙ୍କୁ ଗିରଫ କରିଛନ୍ତି। ନବଘନ ଜେନା ନାମକ ଯୁବକ ଫେରାର ହୋଇ ଯାଇଛନ୍ତି। ପ୍ରତିଭୂର୍ତ୍ତି ଭଙ୍ଗା ଘଟଣାକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାକୁ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ନିନ୍ଦା କରିଛନ୍ତି। ସେହିପରି ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ମଧ୍ୟ ଦୃଢ଼ ନିନ୍ଦା କରିଛନ୍ତି।

ସୂଚନା ଅନୁସାରେ, ଶନିବାର ରାତି ୯ଟା ପରେ ପଞ୍ଚାୟତର କେତେଜଣ ଯୁବକ ଗାନ୍ଧୀଜୀଙ୍କ ଏହି ପ୍ରତିମୂର୍ତ୍ତି ତଳେ ବସି ମଦ୍ୟପାନ କରିଥିଲେ। ପରେ ସମ୍ପୃକ୍ତ ଯୁବକମାନେ ନିଶାଶକ୍ତ ହୋଇ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିଥିବା କୁହାଯାଉଛି।

# ସମବାୟ ସମିତି କାର୍ଯ୍ୟାଳୟ ଗୃହ ଶିଳାନ୍ୟାସ

**ଆଠଗଡ, ୮।୩(ସ୍ୱ.ପ୍ର.)**

ସମବାୟ ବିଭାଗ ପକ୍ଷରୁ ଆଠଗଡ଼ ଏନ୍‌ଏସିର କନ୍ତୋଲ ଏବଂ ଆଠଗଡ଼ ବ୍ଲକ ଅନ୍ତର୍ଗତ ସମସରପୁର ପଞ୍ଚାୟତର ଆଙ୍କୁଲାଠାରେ ୨ ସମବାୟ ସମିତି କାର୍ଯ୍ୟାଳୟର ନୂତନ ଗୃହ ନିମନ୍ତେ ଶିଳାନ୍ୟାସ ହୋଇଯାଇଛି। ଏଥିରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସ୍ୱାଇଁ ଆଗାମୀ ଦିନରେ ସମବାୟ ଅନୁଷ୍ଠାନଗୁଡ଼ିକ କିପରି ଚାଷୀଙ୍କ ମୌଳିକ ସମସ୍ୟା ସମାଧାନରେ ସହାୟକ ହୋଇପାରିବ ସେସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସମବାୟ ବିଭାଗ କଟକ ଉପନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି, ରାଜ୍ୟ ସମବାୟ ୟୁନିୟନର ନିର୍ଦ୍ଦେଶକ ରବୀନ୍ଦ୍ରନାଥ ରାଉତ, ନୃସିଂହଚରଣ ମହାପାତ୍ର, ବଟକିଶୋର ସେଠୀ, ବିରଜାନନ୍ଦନ ଦାସ ଓ ସୁରେଶ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀନାରାୟଣ ପୁର ସେବା ସମବାୟ ସମିତିର ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ ଏହାକୁ ସଂଯୋଜନା କରିଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ତାଲା ଭାଙ୍ଗି ଅଳଙ୍କାର, ଟଙ୍କା ଲୁଟ୍

**ମାହାଙ୍ଗା, ୮।୩(ସ୍ୱ.ପ୍ର.)**

ସାଲେପୁର ଉପଖଣ୍ଡ ପୋଲିସ ଅଧୀନ ମାହାଙ୍ଗା ଭଦ୍ରେଶ୍ୱର ଫାଣ୍ଡି ନିକଟ ରାଜୀବ ସେବା କେନ୍ଦ୍ର ପରିସରରେ ଥିବା ପଞ୍ଚାୟତ କାର୍ଯ୍ୟାଳୟରୁ ଦୁର୍ବୃତ୍ତମାନେ ଶନିବାର ବିଳମ୍ବିତ ରାତିରେ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ୪୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ନଗଦ ଚୋରି କରିନେଇଛନ୍ତି। ଏଥିସହ ଫାଣ୍ଡିଠାରୁ ମାତ୍ର ୫୦ମିଟର ଦୂରରେ ଥିବା ଅନନ୍ତ ନାଥଙ୍କ ପାନ ଦୋକାନର ତାଲା ଭାଙ୍ଗି ୨୦ ହଜାରୁ ଉର୍ଦ୍ଧ୍ୱ ଟଙ୍କାର ସମଗ୍ରୀ ଲୁଟି ନେଇଛନ୍ତି। ଏନେଇ ରବିବାର ଭଦ୍ରେଶ୍ୱର ଫାଣ୍ଡିରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ରାତିରେ ପଞ୍ଚାୟତ କାର୍ଯ୍ୟାଳୟର ତାଲା ଭାଙ୍ଗି ସେଠାରେ ଥିବା ଏକ ଟ୍ରଙ୍କରମା' ଦୁର୍ଗାଙ୍କ ଦେଢ଼ କେଜି ଓଜନର ୨ ରୂପା ମୁକୁଟ, ସୁନା ଆଖି ଓ ଏକ ବଡ ଘଣ୍ଟି ଚୋରି କରିନେଇଛନ୍ତି। ଏସବୁ ଅଳଙ୍କାର ଭଦ୍ରେଶ୍ୱର ଦୁର୍ଗାପୂଜା କମିଟର ବୋଲି ଜଣାପଡିଛି। ସେହିପରି ଆଲମିରା ତାଲା ଭାଙ୍ଗି ସେଥିରେ ଥିବା ନଗଦ ଟଙ୍କା ଲୁଟିନେଇଛନ୍ତି। ଗତ ୩ ଦିନ ପୂର୍ବେ ସାଲେପୁର ଉପଖଣ୍ଡ ପୋଲିସ ଅଧୀନରେ ଥିବା କୁମୁଡା ଜୟପୁର ଫାଣ୍ଡିର କୋଠପଦାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଟିଏମ୍‌କୁ ଦୁର୍ବୃତ୍ତମାନେ ତାଡି ଦେଇଥିଲେ। ମାତ୍ର ସେଥିରୁ ଟଙ୍କା ଲୁଟ୍ କରିବାରେ ବିଫଳ ହୋଇଥିଲେ। ସାଲେପୁର ଉପଖଣ୍ଡ ଅଧିକାରୀଙ୍କ ଅଧିନରେ ଥିବା ବିଭିନ୍ନ ଥାନା ଓ ଫାଣ୍ଡି ଅଞ୍ଚଳରେ ଚୋରି ଘଟଣା ଓ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି। ଫଳରେ ପୋଲିସର ପାରିବାପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଟ୍ରଙ୍କ ଭଙ୍ଗାଯାଇ ଚୋରି ହୋଇଛି।

# କ୍ୱାର୍ଟର ଫାଇନାଲରେ ଯୁବଜ୍ୟୋତି କ୍ଲବ




ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ତିଗିରିଆ, ୮।୩(ଡି.ଏନ୍.ଏ.)**

**ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ**

ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା ଖେଳପଡ଼ିଆରେ ୫ମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ୩ୟ ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଯୁବ ଅହମ୍ମଦିୟା କରଡାପଲ୍ଲୀ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ବନଦୁର୍ଗା କ୍ଲବ, ମୁଣ୍ଡୁଳିଆକୁ ୬-୫ ଗୋଲରେ ଟାଇବେକର ଜରିଆରେ ପରାସ୍ତ କରି ଯୁବଜ୍ୟୋତି କ୍ଲବ୍ ପଙ୍କାଳ (ତିଗିରଆ) କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଟି ପ୍ରଥମରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧର ୩୫ ମିନିଟରେ ଯୁବଜ୍ୟୋତି କ୍ଲବର ୧୦ନଂ ଖେଳାଳୀ ଚିଣ୍ଟୁ ଦାସ ଏକ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ । ୨ୟାର୍ଦ୍ଧର ଅନ୍ତିମ ମିନିଟରେ ବନଦୁର୍ଗା କ୍ଲବର ଦାରା ସିଂ ପେନାଲଟି ସୁଟକୁ ଗୋଲରେ ପରିଣତ କରି ଖେଳକୁ ସମାନସ୍ଥିତିକୁ ଆଣିଥିଲେ। ପରେ ମ୍ୟାଚର ଫଳାଫଳ ପାଇଁ ଟାଇବେକର ପ୍ରୟୋଗ କରାଯାଇଥିଲା। ଏଥିରେ ଯୁବଜ୍ୟୋତି କ୍ଲବ ୬-୫ ଗୋଲରେ ବିଜୟୀ ହୋଇଛି। ମ୍ୟାଚରେ ମୁଖ୍ୟ ଅତିଥିଭାବେ ଆଠଗଡ ବନଖଣ୍ଡ ଅଧିକାରୀ ଆଇଶା ଅଖତରୀ ନିଶା ଯୋଗଦେଇ ଉଭୟ ଦଳର ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥିଭାବେ ଜମାତ ଅହମ୍ମଦିୟା ପଙ୍କାଳର ସଭାପତି ରୋଶନ ଖାଁ ଓ ଜମାତ ଅହମ୍ମଦୟା କରଡାପଲ୍ଲୀର ସଭାପତି ଅବଦୁଲ ମାଲିକ ଯୋଗଦେଇଥିଲେ । ମ୍ୟାଚକୁ ରେଫରୀ କିଶାନ ଦାସ ପରିଚାଳନା କରିଥିଲେ। ତାଙ୍କୁ ଲାଇନ୍‌ରେ ସଞ୍ଜିବ ଦାଶ ଓ ମହମ୍ମଦ ଅତାଉଲ୍ ହଲିମ୍ ସହଯୋଗ କରିଥିଲେ । ୪ର୍ଥ ରେଫରିଭାବେ ସଫିକୁଲ ଖାଁ ଦାୟିତ୍ୱ ନର୍ବାହ କରିଥିଲେ । ଏହି ଅବସରରେ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଯୁବ ଅହମ୍ମଦିଆ ତରଫରୁ ବିଭିନ୍ନ ସ୍ଲୋଗାନ ଦେଇ ଖେଳାଳିମାନେ ଖେଳପଡିଆ ପରିକ୍ରମା କରିଥିଲେ।

### ଦୁର୍ଘଟଣାରେ ଜଣେ ମୃତ: କାର୍ ଚାଳକ ଗିରଫ

**ପିପିଲି, ୮।୩ (ସ୍ୱ.ପ୍ର.)**

ପିପିଲି ଥାନା ମକୁନ୍ଦପୁର ୪ର୍ଥ ବାଇପାସ ନିକଟରେ ଶନିବାର ରାତିରେ ବାଇକକୁ କାର୍ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଥାନା ଅଧୀନ ନୂଆଶାସନ ଗ୍ରାମର ଲିଟୁ ରଥ(୨୯)। ଖବରପାଇ ପୋଲିସ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରି ନଂ.୬୯/୨୦ରେ ଏକ ମାମଲା ରୁଜୁ କରିବା ସହ କାର୍ ଚାଳକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗର ସାଇକତ ଭଟ୍ଟାଚାର୍ଯ୍ୟ। ଶନିବାର ବିଳମ୍ବିତ ରାତିରେ ଲିଟୁଙ୍କ ସହ ସ୍ଥାନୀୟ ଗ୍ରାମର ରମାକାନ୍ତ ବେହେରା(୨୮) ବାଇକରେ ମକୁନ୍ଦପୁର ନିକଟ ବାଇପାସ୍‌ରେ ରାସ୍ତା ପାର ହେଉଥିଲେ। ଏହି ସମୟରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା କାର ଉକ୍ତ ବାଇକ୍‌କୁ ଧକ୍କା ଦେବାରୁ ବାଇକ ଆରୋହୀଦ୍ୱୟ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ପୋଲିସଙ୍କୁ ଜଣାଇବା ସହ ଗୁରୁତର ଦ୍ୱୟଙ୍କୁ ପିପିଲି ସରକାରୀ ଡାକ୍ତରଖାନାକୁ ଆଣିଥିଲେ। କିନ୍ତୁ ଉଭୟଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଭୁବନେଶ୍ୱର ପଠାଯାଇଥିଲା। ମାତ୍ର ସେଠାରେ ଡାକ୍ତର ଲିଟଙ୍କୁ ମୃତ ଘୋଷଣା କରିଥିଲେ। ରମାକାନ୍ତ ଅବସ୍ଥା ସଙ୍ଗିନ ହେବାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

### ଅଟୋ ଓଲଟି ୨ ଗୁରୁତର

**ବ୍ରହ୍ମଗିରି,୮।୩(ଡି.ଏନ.ଏ.)**

ବ୍ରହ୍ମଗିରି-ଡେଲାଙ୍ଗ ରାସ୍ତାରେ ରବିବାର ଏକ ଅଟୋ ଓଲଟି ପଡ଼ିବାରୁ ଦୁଇଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ, ଉକ୍ତ ବ୍ଲକ ଅନ୍ତର୍ଗତ ମଣପଡା ଭୋଇସାହିର ଶିବ ଭୋଇ ଏକ ଅଟୋ ଯୋଗେ ବେଣ୍ଟପୁର ଗ୍ରାମସ୍ଥିତ ତାଙ୍କ ବନ୍ଧୁ ଘରକୁ ଭାର ନେଇ ଆସୁଥିଲେ। ଏହି ସମୟରେ ରାସ୍ତାରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଅଟୋଚାଳକ ବିଦୁରବାଙ୍କ ଗ୍ରାମର ଅଜୟ ପ୍ରଧାନ ଓ ଶିବ ଗୁରୁତର ହୋଇଥିଲେ। ଏହାଦେଖି ସ୍ଥାନୀୟ ଲୋକେ ଗୁରୁତରଙ୍କୁ ରେବଣାନୂଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# ଏନ୍‌ଡିଆରଏଫ୍ ଡିଜିଙ୍କ ମୁଣ୍ଡଳୀ କେନ୍ଦ୍ର ପରିଦର୍ଶନ

**ନରାଜ, ୮।୩ (ଡି.ଏନ୍.ଏ.)**

ଏନ୍‌ଡିଆରଏଫ୍ ମହାନିର୍ଦ୍ଦେଶକ ସତ୍ୟ ନାରାୟନ ପ୍ରଧାନ ରବିବାର ପୂର୍ବାହ୍ନରେ ମୁଣ୍ଡଳୀସ୍ଥିତ ଏନ୍‌ଡିଆରଏଫ୍‌ର ୩ୟ ବାହିନୀ କେନ୍ଦ୍ର ପରିଦର୍ଶନ କରିଛନ୍ତି । ପ୍ରଧାନ କେନ୍ଦ୍ରରେ ପହଞ୍ଚିଲା ପରେ ପ୍ରଥମେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପରେ ଡିଜି କେନ୍ଦ୍ର ପରିସରରେ ଏକ ସୁଇମିଙ୍ଗ ପୁଲ୍, ପ୍ରଶିକ୍ଷଣ କେନ୍ଦ୍ର ଓ ମୋଟର ଯାନ ୱାର୍କସପ୍ ଉଦଘାଟନ କରିଥିଲେ। ଏଥିସହ କେନ୍ଦ୍ର ପରିସରରେ ଚାରାରୋପଣ କରିଥିଲେ। ପରିଶେଷରେ କ୍ୟାମ୍ପ କାର୍ଯ୍ୟାଳୟ ନିକଟ ହିଲ୍‌ଟପରେ ଅନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ମହିଳାମାନଙ୍କୁ ଉଚ୍ଚ ପ୍ରଶଂସା କରିବା



ଏନ୍‌ଡିଆରଏଫ୍ ମହାନିର୍ଦ୍ଦେଶକ ପ୍ରଶିକ୍ଷଣ କେନ୍ଦ୍ରର ଉଦ୍‌ଘାଟନ କରୁଛନ୍ତି।

ସହ କୌଣସି ପରିସ୍ଥିତିରେ ସେମାନଙ୍କୁ ହୀନ ମନେକରିବା ଉଚିତ୍ ନୁହେଁ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ତାଲିମ କେନ୍ଦ୍ରର ପ୍ରିନ୍ସିପାଲ ସିନିୟର କମାଣ୍ଡାଣ୍ଟ ଜାକବ୍ କିସ୍‌ପୋଟା, ଡେପୁଟି କମାଣ୍ଡାଣ୍ଟ ସୋନାଲି ଦେଭ୍‌ଭରମନ, ଆସିଷ୍ଟାଣ୍ଟ ଜିଏସ ପଟେଲ, ଏକେ ପଟ୍ଟନାୟକ ଓ ସିପିଡବ୍ଲୁଡିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଭାରତ ସଂସ୍କୃତିରେ ନାରୀ ସ୍ଥାନ ସ୍ୱତନ୍ତ୍ର

**ବାଙ୍କୀ/ଆଠଗଡ଼, ୮।୩(ସ୍ୱ.ପ୍ର.)**

ବାଙ୍କୀ ତାଲୁକ ଆଇନ୍ ସେବାକମିଟି ପକ୍ଷରୁ ରବିବାର ଉପଖଣ୍ଡ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତିକ ମହିଳା ଦିବସ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ତାଲୁକଆଇନ୍ ସେବାକମିଟି ଅଧ୍ୟକ୍ଷ ଦୀପଙ୍କର ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ ମୁଖ୍ୟବକ୍ତା, ପୂର୍ବତନ ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପଦ୍ମଲୋଚନ ପଣ୍ଡା ଓ ବାଙ୍କୀ ଥାନା ସେକେଣ୍ଡ ଅଫିସର ସୂର୍ଯ୍ୟାଂଶୁ ଶେଖର ପାଢୀ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଭାରତ ସଂସ୍କୃତିରେ ନାରୀ ସ୍ଥାନ ସ୍ୱତନ୍ତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପିରି ଆଠଗଡ଼ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ କୁଲାଇଲୋ ପଞ୍ଚାୟତ ଅନ୍ତର୍ଗତ କରିକମଳ କୋଠଘରଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆଇନ ସେବା ସମିତିର ଅଧ୍ୟକ୍ଷ ଅରବିନ୍ଦ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସେ ଏଥିରେ ଅଧ୍ୟକ୍ଷତା କରି ମହିଳାମାନଙ୍କୁ ପୁରୁଷଙ୍କ ସହ ସମକକ୍ଷ କରିବା ଲାଗି ସେମାନଙ୍କୁ ସଶକ୍ତ କରିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ବକ୍ତା ଭାବେ ଏସଡ଼ିଜେଏମ ଶାଶ୍ୱତୀ ମିଶ୍ର, ଜେଏମଏଫସି ସୌମ୍ୟଶଙ୍କର ମହାନ୍ତ, ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ଗୋପରଞ୍ଜନ ପ୍ରଧାନ, ପ୍ରମୋଦ କୁମାର ଜେନା ଓ ରାମନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଡମପଡାଗଡ଼ ଐତିହ୍ୟ, ସଂସ୍କୃତିର ପ୍ରଶଂସା

**ବାଙ୍କୀ, ୮।୩(ବି.ପ୍ର.)**

**ପ୍ରୀତମ କୁମାରୀ ବିଦ୍ୟାମନ୍ଦିର ହୀରକ ଜୟନ୍ତୀ ସମାରୋହ**

ଡମପଡାଗଡ ପ୍ରୀତମ କୁମାରୀ ବିଦ୍ୟାମନ୍ଦିରର ହୀରକ ଜୟନ୍ତୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଡମପଡାଗଡ ରାଜା ସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ, ମୁଖ୍ୟବକ୍ତା ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ,ସରପଞ୍ଚ ଦେବେନ୍ଦ୍ର ଧଳସାମନ୍ତ,ବରିଷ୍ଠ ଓକିଲ ଭବାନୀ ଶଙ୍କର ଧଳ ସାମନ୍ତ ଓ ଡ଼.ଦେବେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ହୀରକ ଜୟନ୍ତୀ ପାଳନ କମିଟି ସଭାପତି ମଦନମୋହନ ସାମନ୍ତରାୟ ଏଥିରେ ସଭାପତିତ୍ୱ କରିଥିଲେ। ଶୋଭନା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ହରିଚନ୍ଦନ



ହୀରକ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଡମପଡାଗଡର ମହାନ୍ ଐତିହ୍ୟ,ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ଡ଼ା.ବିଜୟ କୁମାର ବେହେରା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ପୂର୍ବାହ୍ନରେ ଡମପଡାଗଡ ମଦନମୋହନ,ଶ୍ରୀ ଜଗନ୍ନାଥ ଓ ଲୋକନାଥଙ୍କ ପୀଠରୁ ଜ୍ୟୋତି ଯାତ୍ରା ବାହାରି ଡମପଡାଗଡ ପରିକ୍ରମା କରି ହୀରକ ଜୟନ୍ତୀ ପଡିଆରେ ସଂସ୍ଥାପନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ସ୍ୱର୍ଗତ ପ୍ରଧାନଶିକ୍ଷକ ମଧୁସୂଦନ କର, ଦୀନବନ୍ଧୁ ତ୍ରିପାଠୀ, ନବକିଶୋର ସାମନ୍ତରାୟ ଓ ଗୋପୀନାଥ ପଟ୍ଟନାୟକଙ୍କୁ ମରୋଣତ୍ତର ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅଖିଳବୀରବର ହରିଚନ୍ଦନ, ବାଳକୃଷ୍ଣ କର, ଶିକ୍ଷକ ଘନଶ୍ୟାମ ଜେନା, ଘନଶ୍ୟାମ ଭୋଇ, ରାଜେନ୍ଦ୍ର କୁମାର ମିଶ୍ର, ଭାଗ୍ୟଧର ରାଉତ, ହରିବନ୍ଧୁ ନନ୍ଦ ଓ ମହେନ୍ଦ୍ର କୁମାର ପରିଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ କାହ୍ନୁଚରଣ ସାହୁ, ସରୋଜ କୁମାର ଦାସ,ନିରାକାର ସାମନ୍ତରାୟ, ପ୍ରଶାନ୍ତ କୁମାର ମହାନ୍ତି ଓ ସଞ୍ଜିବ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ମହିଳାଙ୍କ ଆର୍ଥିକ ଉନ୍ନତିରେ ପ୍ରକୃତ ବିକାଶ ସମ୍ଭବ

**ଆଠଗଡ, ୮।୩(ସ୍ୱ.ପ୍ର.)**

ଆନ୍ତର୍ଜାତୀୟ ମହିଳା ଦିବସରେ ଉପଲକ୍ଷେ ଆଠଗଡ଼ ମହୋତ୍ସବ ପଡ଼ିଆରେ ରବିବାର ବିଜେଡ଼ି ପକ୍ଷରୁ ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ମହିଳାଙ୍କର ଆର୍ଥିକ ଉନ୍ନତିରେ ରାଜ୍ୟ ତଥା ଦେଶର ପ୍ରକୃତ ବିକାଶ ହୋଇପାରିବ ବୋଲି କହିଥିଲେ। ରାଜ୍ୟ ସରକାର ମିଶନ ଶକ୍ତି ମାଧ୍ୟମରେ ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିଛନ୍ତି ବୋଲି କହିଥିଲେ। ମହିଳା ସଶକ୍ତୀକରଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମିଶନ ଶକ୍ତିକୁ ଏକ ସ୍ୱତନ୍ତ୍ର



କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ବିଭାଗରେ ପରିଣତ କରିଛନ୍ତି ବୋଲି ସ୍ୱାଇଁ କହିଥିଲେ। ଏହି ଅବସରରେ ୩୪ ଆଶାକର୍ମୀ, ୫ ଶ୍ରେଷ୍ଠ ମହିଳା ହୋମଗାର୍ଡ,୧୦ ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଭିନ୍ନ ମହିଳା ଭାଗବତ ମଣ୍ଡଳୀର ୨୫ ଗାୟକ ଓ ପାଳିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଠଗଡ଼ ବ୍ଲକ ମହିଳା ବିଜେଡ଼ି ସଭାନେତ୍ରୀ ବାସନ୍ତୀ ରାଉଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାବେଶରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥଲେ। ଅନ୍ୟମାନଙ୍କ ମଧ୍ୟରେ ସଭାରେ ରଞ୍ଜିତା ଭକ୍ତା, ସୁଚିତ୍ରା ସାହୁ ଓ ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ସୁଷମା ପରିଡ଼ା, ଅଶାନ୍ତି ବେହେରା, ଲକ୍ଷ୍ମୀପ୍ରୀୟା ବେହେରା, ବର୍ଷା ରଣା ଓ ରିନଝିମା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସଭାପୂର୍ବରୁ ମହିଳା ବିଜେଡି କର୍ମୀଙ୍କ ନେତୃତ୍ୱରେ ଏକ ଶୋଭଯାତ୍ରା ବାହାରି ବିରକିଶୋରପୁର ଛକ, ସାପୁଆ ନଦୀ କୂଳ, ରାଧାଗୋବିନ୍ଦପୁର ହନୁମାନ ମନ୍ଦିର ଓ ଜଗନ୍ନାଥ ମନ୍ଦିର ଛକ ପରିକ୍ରମା କରି ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲା।



ନିର୍ବୋଧମାନଙ୍କ ଅଭିଧାନରେ
ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
-ନେପୋଲିୟନ



## ସଂକ୍ଷେପରେ

### ମୋରମ ବୋଝେଇ ୩ ହାଇୱା ଜବତ

ବାରଙ୍ଗ,୮।୩ (ଡି.ଏନ୍.ଏ.)- ବାରଙ୍ଗ ଅଞ୍ଚଳରେ ଦିନକୁ ଦିନ ବେଆଇନ ଭାବେ ମୋରମ ଚୋରା ଚାଲାଣ ବଢ଼ିବାରେ ଲାଗିଛି। ଶନିବାର ବିଳମ୍ବିତ ରାତିରେ ଚନ୍ଦକା ଥାନା ପୋଲିସ ଖୋର୍ଦ୍ଧାଆଡୁ ମୋରମ ନେଇ ଆସୁଥିବା ତିନୋଟି ଗାଡ଼ିକୁ ଜବତ କରିଛି। ପୋଲିସ ପାଟ୍ରୋଲିଂ କରୁଥିବାବେଳେ ନଂ.ଓଡି୦୨-ଏଏଚ-୪୪୧୧, ଓଡି୦୨-ଏଫ-୯୫୨୮, ଓଡି୦୨-ଏଭି-୫୫୧୧ ବିଶିଷ୍ଟ ମୋରମ ବୋଝେଇ ତିନୋଟି ହାଇୱାକୁ ପୋଲିସ ଅଟକାଇଥିଲା। ପରେ ମୋରମ ଆଣିବା ନେଇ କାଗଜପତ୍ର ପୋଲିସ ମାଗିବାବେଳେ ଚାଳକ ଦେଖାଇପାରି ନ ଥିଲେ। ଫଳରେ ଏହି ତିନୋଟି ଗାଡ଼ିକୁ ପୋଲିସ ଜବତ କରି ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇ ଦେଇଛି। ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ମୋଟାଅଙ୍କର ପାଉଣା ଦେଇ ନିର୍ବିଘ୍ନରେ ଏହି ଚୋରା ବ୍ୟବସାୟ ଚାଲୁଥିବାର ସୂଚନା ମିଳିଛି।

### ଦୁଇ ଦିନିଆ ପରିବାର ପଦଯାତ୍ରା ଶେଷ

ପୁରୁଣା ଭୁବନେଶ୍ୱର, ୮।୩ (ଡି.ଏନ.ଏ.)- କୌଶଲ୍ୟାଗଙ୍ଗ ମଣ୍ଡଳରେ ଭାଜପାର ୨ ଦିନିଆ ପରିବାର ସମ୍ପର୍କ ପଦଯାତ୍ରା ରବିବାର ଅନ୍ତର୍ଜାତୀୟ ମହିଳା ଦିବସରେ ଶେଷ ହୋଇଛି। ମଣ୍ଡଳର ୯ଟି ପଞ୍ଚାୟତର ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ ପାତ୍ର ଘରକୁ ଘର ବୁଲି ଲୋକମାନଙ୍କ ସମସ୍ୟା ବୁଝିଥିଲେ। ପଦଯାତ୍ରା ମାଧ୍ୟମରେ ଅନ୍ତର୍ଜାତୀୟ ମହିଳା ଦିବସ ନିଆରା ଢଙ୍ଗରେ ପାଳନ କରିଥିଲେ। ରାଜଧାନୀ ଉପକଣ୍ଠ ବିଲିପଡା ଗାଁରେ ସେ ମହିଳା ସଶକ୍ତୀକରଣ ସମ୍ପର୍କରେ ବୁଝାଇଥିଲେ। ପରେ କଣ୍ଟାପଡା, କୁଞ୍ଜର ଆଦି ଗାଁକୁ ଯାଇଥିଲେ। ପଦଯାତ୍ରାରେ ଭାଜପାର ଆଶ୍ରିତ ପଟ୍ଟନାୟକ, ଚକ୍ରଧର ପ୍ରଧାନ, ପର୍ଶୁରାମ ମହାପାତ୍ର, ଗୌରାଙ୍ଗ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

### ଛାତ୍ରଙ୍କ ଲୁଟ୍ ମୋବାଇଲ ଜବତ, ୨ ଗିରଫ

ଭୁବନେଶ୍ୱର, ୮।୩(ବ୍ୟୁରୋ)- ଛାତ୍ରଙ୍କଠାରୁ ଲୁଟ୍ ହୋଇଥିବା ମୋବାଇଲ୍ ଫୋନ୍‌କୁ ପୋଲିସ ଶନିବାର ଜବତ କରିବା ସହ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସାମନ୍ତରାପୁର ମହାବୀରନଗର ଅଞ୍ଚଳର ଅନିଲ କୁମାର ସାହୁ ଓ ପୁରୀ ଜିଲା ଗୋପ ଅଞ୍ଚଳର ସେକ୍ ସାଜିଦ। ସୂଚନା ମୁତାବକ, ନୟାଗଡ଼ ଜିଲାର ବିକାଶ ପ୍ରସାଦ ତ୍ରିପାଠୀ ଶହୀଦନଗର ଥାନା ଅଞ୍ଚଳରେ ଥିବା ଏକ ଘରୋଇ କଲେଜରେ ପାଠ ପଢ଼ନ୍ତି। ଗତ ଜାନୁୟାରୀ ୭ରେ ସେ କ୍ଲାସ ସାରି ଶହୀଦନଗରସ୍ଥିତ ଘରକୁ ଚାଲି ଚାଲି ଫେରୁଥିଲେ। ୨ ଅଭିଯୁକ୍ତ ଅନିଲ ଓ ସାଜିଦ୍ ବାଇକରେ ଆସି ତାଙ୍କୁ ଧକ୍କା ମାରି ତାଙ୍କଠାରୁ ମୋବାଇଲ ଛଡାଇ ଫେରାର ହୋଇଯାଇଥିଲେ। ଏ ନେଇ ବିକାଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୭/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ ଫୋନ୍‌କୁ ଟ୍ରାକ କରି ପୋଲିସ ଅଭିଯୁକ୍ତଙ୍କୁ ଠାବ କରିଥିଲା।

### ଖମଙ୍ଗ ଛକରେ ମହିଳା ସମାବେଶ

ବାଲିଅନ୍ତା,୮।୩ (ଡି.ଏନ୍.ଏ.)-ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ରବିବାର ବାଲିଅନ୍ତା ବ୍ଲକର ଖମଙ୍ଗ ଛକ ନିକଟରେ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲୀଙ୍କ ନେତୃତ୍ୱରେ ଆୟୋଜିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ନାରୀନେତ୍ରୀ ସନ୍ଧ୍ୟାରାଣୀ ବିଶ୍ୱାଳ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର, ଅରୁନ୍ଧତୀ ସାହୁ, ଶରତଚନ୍ଦ୍ର ପଟ୍ଟନାୟକ, ବାବୁନି ନାୟକ, ସରପଞ୍ଚ ରଶ୍ମିତା ସାହୁ, ଜୟଶ୍ରୀ ନାୟକ, ପ୍ରଜ୍ଞା ପାରମିତା ଜେନାମଣୀ, ରମେଶ ଚନ୍ଦ୍ର ପାଳ, ବିଜୟ ସାହୁ, ସୂର୍ଯ୍ୟନାରାୟଣ ଦାସ, ମୀର ନସିର ଅଲ୍ଲୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ବିଜେଡି ପକ୍ଷରୁ ଆୟୋଜିତ ଏହି ସମାବେଶରେ ୫୦୦ରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ।

### ସ୍ୱପ୍ନା ସାହୁ ସମ୍ବର୍ଦ୍ଧିତ

ପୁରୀ ଅଫିସ, ୮।୩ : ପୁରୀ ରେଲୱେ ଆର୍‌ପିଏଫ୍ ଥାନାରେ କାର୍ଯ୍ୟରତ ମହିଳା କନଷ୍ଟେବଲ ସ୍ୱପ୍ନା ସାହୁଙ୍କୁ ଖୋର୍ଦ୍ଧା ଡିଭିଜନ ପକ୍ଷରୁ ବିଶ୍ୱ ମହିଳା ଦିବସରେ ସମ୍ବର୍ଦ୍ଧିତ କରାଯାଇଛି। ସ୍ୱପ୍ନାଙ୍କ କାର୍ଯ୍ୟଦକ୍ଷତା, ସାଧୁତା, କେସ୍ ପରିଚାଳନା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ତାଙ୍କୁ ଏହି ସମ୍ମାନ ଦିଆଯାଇଛି। ଏଥିଲାଗି ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ସଚେତନ କଲେ ଅର୍ଚ୍ଚିତା, ନଚେଇଲେ ବର୍ଣ୍ଣାଳୀ

ଭୁବନେଶ୍ୱର, ୮।୩(ବ୍ୟୁରୋ)

ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିଛି ପାର୍କ ଉତ୍ସବ। ରାଜ୍ୟ ତଥା ବାହାରେ ନିଜର କଳା ପ୍ରଦର୍ଶନ କରି ରାଜ୍ୟ ପାଇଁ ଗର୍ବ ଆଣିଥିବା ଚଳଚ୍ଚିତ୍ର ଅଭିନେତ୍ରୀ ଅର୍ଚ୍ଚିତା, ଶୀତଲ, କଣ୍ଠଶିଳ୍ପୀ ବର୍ଣ୍ଣାଳୀ ଓ ନେହାଙ୍କ ଯୋଗଦାନରେ ପାର୍କ ଉତ୍ସବ ଉଚ୍ଛୁଳି ଉଠିଥିଲା। ନାଚ ହେଉ କି ନୃତ୍ୟ ଅବା ର୍ୟାମ୍ପ ଶୋ ସବୁଠି ମହିଳାଙ୍କ ଯାଦୁଗରି ଦେଖିବାକୁ ମିଳିଥିଲା। ବର୍ତ୍ତମାନ ପୁରୁଷଙ୍କ ପରି ମହିଳାମାନେ ମଧ୍ୟ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଭଲ ପ୍ରଦର୍ଶନ କରୁଛନ୍ତି। କିନ୍ତୁ ସେମାନଙ୍କୁ ପୁରୁଷଙ୍କ ପରି ସାମାଜିକ ପ୍ରଶଂସା ଓ ସମ୍ମାନ ଠିକ୍ ଢଙ୍ଗରେ ମିଳୁନାହିଁ। ସମାଜରେ ମହିଳାଙ୍କୁ ସାମାଜିକ ସମ୍ମାନ ମିଳିବା ଆବଶ୍ୟକ ବୋଲି ସେମାନେ କହିଥିଲେ।

ବିଜୁ ପଟ୍ଟନାୟକ ଓ ଖାରବେଳନଗର ପାର୍କରେ ଅନୁଷ୍ଠିତ ପାର୍କ ଉତ୍ସବ ମହିଳାଙ୍କ ପାଇଁ ଉତ୍ସର୍ଗୀକୃତ ଥିଲା। ଏହାକୁ ସ୍ମରଣୀୟ କରିବା ପାଇଁ ମହିଳା ଅଂଶଗ୍ରହଣକାରୀଙ୍କ ପାଇଁ ନୃତ୍ୟ, ଗୀତ, ଚିତ୍ର, ର୍ୟାମ୍ପ ଚାଲିବା ପରି ବହୁ ସୃଜନଶୀଳ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମ୍ରିଲାନି ନନ୍ଦା ଓ ପୁରବାଶା ମଲିକ ମହିଳା ଦିବସ ବାର୍ତ୍ତାର ବିଷୟବସ୍ତୁ ସହ ୫ ମିନିଟର ଅଭିନୟ କରିଥିଲେ। ସାଇ ୱାର୍ଲ୍ଡ ଅଫ୍ ଡ୍ୟାନ୍ସ ସ୍କୁଲ୍‌ର ସିମିଲାରୀ ଓ ଲିଟିଲ୍ ଷ୍ଟାର୍ସ ଗ୍ରୁପ୍‌ର ଶିଶୁ କଳାକାରଙ୍କ ଚମତ୍କାର ପ୍ରଦର୍ଶନ ଦର୍ଶକଙ୍କୁ ଆକର୍ଷିତ କରିଥିଲା।

ଏହି ଅବସରରେ ଡିଆର୍‌ପି ଆର୍ଟ ଲାଇଫ୍‌ର ଶିଳ୍ପୀମାନେ କାଠଗୁଣ୍ଡରେ ତୁଳସୀ ମୁଣ୍ଡା, ରମା ଦେବୀ, ଦୂତୀ ଚାନ୍ଦଙ୍କ ଚିତ୍ର ଆଙ୍କି ଜୀବନ୍ତ ରୂପ ଦେଇଥିଲେ। ଦୁଇ ପାର୍କରେ ଯୋଗ, ଧ୍ୟାନ, ଚିତ୍ରାଙ୍କନ, କାହାଣୀ, ସଙ୍ଗୀତ ଓ ନୃତ୍ୟ ଆଦି ବହୁ କାର୍ଯ୍ୟକ୍ରମରେ ଶିଶୁଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ଭାଗ ନେଇଥିଲେ। ଏହାବ୍ୟତୀତ ଖାରବେଳ ପାର୍କରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୫ ତାରିଖରେ ଆଇଜି ପାର୍କ ଓ ମଧୁସୂଦନ ପାର୍କରେ ଶେଷ ପାର୍କ ଉତ୍ସବ ଅନୁଷ୍ଠିତ ହେବ।



ପାର୍କ ଉତ୍ସବରେ ଜଣେ ଯୁବତୀ ର୍ୟାମ୍ପ ଶୋ ଚାଲୁଛନ୍ତି ।



**ପାର୍କ ଉତ୍ସବରେ ଅନ୍ତର୍ଜାତୀୟ ମହିଳା ଦିବସ**

- ନାଚିଲେ, ଗାଇଲେ, ର୍ୟାମ୍ପ୍‌ରେ ଚାଲିଲେ ମହିଳା
- ମାର୍ଚ୍ଚ ୧୫ରେ ଶେଷ ପାର୍କ ଉତ୍ସବ



ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମହିଳାମାନେ ସମାନତାର ବାର୍ତ୍ତା ଦେଉଛନ୍ତି ।



ପାର୍କ ଉତ୍ସବରେ ମହିଳା ଓ ଯୁବତୀମାନେ ନାଚୁଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସାନ ଥିଲେ ପଚାରି**
**ବଡ଼ ଥିଲେ ବିଚାରି ।**

ବୟସରେ ସାନ ହେଲେ ମଧ୍ୟ ତାଙ୍କ କଥାକୁ ଟାଳି ନ ଦେଇ ବିଚାର କରିବା ଉଚିତ। ସେହିପରି ବୟସ୍କ ବ୍ୟକ୍ତି ବହୁ ଅଭିଜ୍ଞତା ହାସଲ କରିଥାନ୍ତି। କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ତାଙ୍କ ମତାମତ ବା ପରାମର୍ଶ ଗ୍ରହଣ କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସମସ୍ତଙ୍କ ସହ ବିଚାରବିମର୍ଶ କରିବା ଜରୁରୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହାଟର କନିଆ ବାଟର ବର**
**ଧରିଆଣି ବିଭାଘର କର ।**

ସାଧାରଣତଃ ପୁଅ ହେଉ ବା ଝିଅ ବାହାହେବା ପୂର୍ବରୁ ଅନେକ ଧାଁଧଉଡ଼ କରିବାକୁ ପଡ଼ିଥାଏ। ଝିଅର ସଂସ୍କାର, ଚାଲିଚଳଣ ତଥା ପୁଅର ଗୁଣଗ୍ରାମ, ଚାକିରି ଘର ପରିବାର ବିଷୟରେ ଟିକିନିଖି ଜାଣି ପରଖି ପସନ୍ଦ ଆସିଲେ ଯାଇ ବାହାଘର କରାଯାଏ। ତେବେ ଏଥିରେ ବ୍ୟତିକ୍ରମ ଘଟି ବେଳେ ବେଳେ ଅଚାନକ ଭାବେ ବାହାଘର ସ୍ଥିର ହୋଇଯାଉଥିବା ଦେଖିବାକୁ ମିଳିଥାଏ। ହାଟସଉଦା କରିବାକୁ ଯାଇ କନିଆଁ ପସନ୍ଦ କରି ବାହା ହେବା ଭଳି ହଠାତ୍ ବୁଝାବୁଝି ବିଭାଘର ଅନୁଷ୍ଠିତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃ ଲିଃ

# ଆଖଣ୍ଡଳେଶ୍ୱର ଦେବଙ୍କ ଦୋଳ ଉତ୍ସବ

ବାଲିଅନ୍ତା,୮।୩ (ଡି.ଏନ୍.ଏ.)



ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ଅଞ୍ଚଳର ଆରାଧ୍ୟ ଠାକୁର ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଦୋଳ ଉତ୍ସବ ଗତ ୩ଦିନ ଧରି ଚାଲିଛି। ପ୍ରତିଦିନ ରାତିରେ ଆଖଣ୍ଡଳେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ଏକ ସୁସଜ୍ଜିତ ଦୋଳ ବିମାନରେ ଆସି ବ୍ରାହ୍ମଣ ଶାସନର ୪୦ଟି ପରିବାରଙ୍କ ଘରୁ ଭୋଗ ଖାଇଥାନ୍ତି। କେବଳ ୪୦ଟି ବ୍ରାହ୍ମଣ ପରିବାରଙ୍କ ଘରେ ଠାକୁର ଭୋଗ ଖାଇବାର ବିଧି ରହିଛି। ୫ଦିନ ଧରି ଭୋଗରେ ୫୦ପ୍ରକାର ମିଠା, ଫଳମୂଳ, ଉଖୁଡ଼ା, ନଡ଼ିଆ ଆଦି ଲାଗି କରାଯାଇଥିଲା। ପୂର୍ଣ୍ଣିମା ଦିନ ଗ୍ରାମର ଝୁଲଣ ମଣ୍ଡପରେ ମହାଦେବଙ୍କ ଚଳନ୍ତି ପ୍ରତିମା ବିଜେ ହୋଇ ଝୁଲିଥାନ୍ତି। ଏହି ଦିନ ସକାଳ ହରଡ଼ କାଠିକୁ ଘସାଯାଇ ଉପନ୍ନ ନିଆଁରେ ମେଣ୍ଢା କୁଡ଼ିଆ ପୋଡ଼ାଯାଇଥାଏ। ସନ୍ଧ୍ୟାରେ ୨ଟି ହଣ୍ଡାରେ ଭାଙ୍ଗପଣା ଠାକୁରଙ୍କ ପାଖରେ ଲାଗିହେବା ପରେ ଲୋକଙ୍କୁ ବଣ୍ଟାଯାଇଥାଏ। ହୋଲି ରାତିର ଭୋର ୫ଟାରେ ଠାକୁରଙ୍କ ଯମୁନା ସ୍ନାନ ନୀତି ଅନୁଷ୍ଠିତ ହୋଇଥାଏ। ମହାଦେବଙ୍କ ଚଳନ୍ତିପ୍ରତିମାକୁ କୁଶଭଦ୍ରା ନଦୀରେ ଖୋଳାଯାଇଥିବା ନୂଆ ଚୁଆରେ ସ୍ନାନ କରାଯାଇଥାଏ। ପରେ ନଦୀକୂଳରେ ହରିହର ଭେଟ ସହିତ ଏକ କିଶାବିକାର ମେଳନ ଅନୁଷ୍ଠିତ ହୋଇଥାଏ। ପରେ ଠାକୁରଙ୍କୁ ମନ୍ଦିର ଅଭିମୁଖେ ନିଆଯାଇଥାଏ। ମହାଦେବଙ୍କୁ ସମ୍ମାନ ଜଣାଇ ଏହି ପ୍ରତାପରୁଦ୍ରପୁରର ୬ଟି ସାହିର ଲୋକେ ହୋଲି ଖେଳନ୍ତି ନାହିଁ ବୋଲି ଗ୍ରାମର ରାଧାକାନ୍ତ ନନ୍ଦ କହିଛନ୍ତି।

# ଛାତ୍ରଙ୍କୁ ଭୁଜାଲିରେ ଆକ୍ରମଣ ଘଟଣା, ଜଣେ ଗିରଫ

- ସହଯୋଗୀଙ୍କ ସମେତ ୨ ନାବାଳକଙ୍କୁ ଖୋଜୁଛି ପୋଲିସ

ଭୁବନେଶ୍ୱର,୮।୩(ବ୍ୟୁରୋ)

ସାମାନ୍ୟ ବଚସାକୁ କେନ୍ଦ୍ରକରି ନୟାପଲ୍ଲୀ ଥାନା ଆଇଆରସି ଭିଲେଜ ସାଇମନ୍ଦିର ନିକଟରେ ଜଣେ ଛାତ୍ରଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜଗତ୍‌ସିଂପୁର ତିରତୋଲ ଅଞ୍ଚଳର ସଞ୍ଜୟ କୁମାର ନାୟକ(୨୦)। ଏହି ଘଟଣାରେ ସଞ୍ଜୟଙ୍କ ସହଯୋଗୀ ଓ ଅନ୍ୟ ୨ ଜଣ ନାବାଳକଙ୍କୁ ଧରିବା ନେଇ ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ ବାଜପେୟୀ ନଗର ଅଞ୍ଚଳରେ ଆକ୍ରମଣର ଶିକାର ଛାତ୍ର ଅନନ୍ତ ମହାନ୍ତି ରୁହନ୍ତି। ଗତ ଶୁକ୍ରବାର ସନ୍ଧ୍ୟା ୮ଟାରେ ସେ ଟିଉସନ୍ ସାରି ଘରକୁ ଫେରୁଥିବାବେଳେ ସାଇ ମନ୍ଦିର ଦେଇ ବାଇକରେ ଯାଉଥିବା ୨ଜଣ ନାବାଳକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଯାଉଥିଲେ। ଏହାକୁ ଅନନ୍ତ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ହାତାହାତି ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଦୁଇ ନାବଳକ ଫୋନ୍ କରି ଅଭିଯୁକ୍ତ ସଞ୍ଜୟଙ୍କୁ ଡକାଇଥିଲେ। ସଞ୍ଜୟ ସହଯୋଗୀଙ୍କ ସହ ଭୁଜାଲି ଧରି ଘଟଣାସ୍ଥଳରେ ପହଞ୍ଚି ଅନନ୍ତଙ୍କୁ ଭୁଜାଲିରେ ହାଣି ଫେରାର ହୋଇଯାଇଥିଲେ। ଏ ନେଇ ଅନନ୍ତଙ୍କ ପରିବାର ଲୋକ ଅଭିଯୋଗ କରିବା ପରେ ପୋଲିସ ନଂ.୧୨୬/୨୦ରେ ମାମଲା ରୁଜୁ କରି ସଞ୍ଜୟଙ୍କୁ ଗିରଫ କରିଥିଲା। ରବିବାର କୋର୍ଟ ଚାଲାଣ ପରେ ଜାମିନ ଖାରଜ ହେବାରୁ ସଞ୍ଜୟଙ୍କୁ ଜେଲ ଯିବାକୁ ପଡିଛି। ପ୍ରକାଶ ଥାଉକି ଅଭିଯୁକ୍ତ ସଞ୍ଜୟଙ୍କ ପିତା କୃଷ୍ଣ ନାୟକଙ୍କ ନୟାପଲ୍ଲୀ ଅଞ୍ଚଳରେ ରହୁଥିବା ଜଣେ ଭେଟେରାନ କ୍ରିମିନାଲ ତାରିଣୀଙ୍କ ସହ ପୂର୍ବରୁ ଶତ୍ରୁତା ରହିଥିଲା। ୨୦୧୩ରେ ଅଭିଯୁକ୍ତ ସଞ୍ଜୟଙ୍କ ଉପର ଦୁଇ ଭାଇ ତାରିଣୀ ଗ୍ୟାଙ୍ଗର ଜଣେ ଯୁବକଙ୍କୁ ହତ୍ୟା କରିବା ମାମଲାରେ ସମ୍ପୃକ୍ତି ନେଇ ପୂର୍ବରୁ ଜେଲ ଯାଇଥିଲେ। ପରେ ପୂର୍ବ ଶତ୍ରୁତାରୁ କେନ୍ଦ୍ର କରି ତାରିଣୀ ଅଭିଯୁକ୍ତ ସଞ୍ଜୟଙ୍କ ପିତା କୃଷ୍ଣ ନାୟକଙ୍କୁ ହତ୍ୟା କରିବା ମାମଲାରେ ସଂପୃକ୍ତି ନେଇ ଜେଲ ଯାଇଥିଲେ।

### ବିଶ୍ୱ ମହିଳା ଦିବସ ପାଳନ

କଟକ ରୋଡ,୮।୩ (ଡି.ଏନ୍.ଏ.)

ବଡ଼ଗଡ଼ସ୍ଥିତ ନେତାଜୀ ଯୁବକ ସଂଘ ପରିସରରେ ରବିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଯୁବକ ସଂଘ ସଭାପତି ସନ୍ତୋଷ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୫୭ ନଂ ୱାର୍ଡ ଅଞ୍ଚଳରେ ଥିବା ପ୍ରାୟ ୬୫ରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏସ୍‌ଜି) ଗ୍ରୁପ ପକ୍ଷରୁ ତିଆରି କରାଯାଇଥିବା ବିଭିନ୍ନ ଘରକରଣା ସହ ଅନ୍ୟାନ୍ୟ ସାମଗ୍ରୀର ଷ୍ଟଲକୁ ମନ୍ତ୍ରୀ ପଣ୍ଡା ବୁଲି ଦେଖିବା ସହ ସବୁବେଳେ ମହିଳାମାନେ ସ୍ୱାବଲମ୍ବୀ ହେବା ଜରୁରୀ ବୋଲି ପରାମର୍ଶ ଦେଇଥିଲେ।

### ନିର୍ଯାତନା ଦେଇ ସ୍ୱାମୀ ଗିରଫ

କଟକ ରୋଡ,୮।୩ (ଡି.ଏନ୍.ଏ.)

ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ରବିବାର ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଗୋଳାବାରି ଅଞ୍ଚଳର ନାଲୁ ସାହୁ। କିଛିଦିନ ଧରି ନାଲୁ ନିଜ ସ୍ତ୍ରୀଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦେଇ ଆସୁଥିଲେ। ଗତ ଶୁକ୍ରବାର ରାତିରେ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ପୋଲିସ ଥାନାରେ ମାମଲା ନଂ.୭୩/୨୦ ରୁଜୁ କରି ନାଲୁଙ୍କୁ ଧରିଥିଲେ।

# ଚୋରି ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୮।୩ (ବ୍ୟୁରୋ)

ଭୁବନେଶ୍ୱର ରେଲୱେ ଷ୍ଟେଶନ ପରିସରରେ ଥିବା ପ୍ରତିକ୍ଷାଳୟ ରୁମରୁ ଚୋରି ମୋବାଇଲକୁ ଜିଆରପି ଥାନା ପୋଲିସ ଶନିବାର ଜବତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳର ମାନସ ରଞ୍ଜନ ନାୟକ। ସୂଚନା ମୁତାବକ, ହାଇଦ୍ରାବାଦର ଟି. ସୀମା ତାଙ୍କ ପରିବାର ସହ ଭୁବନେଶ୍ୱର ଓ ପୁରୀ ବୁଲିବାକୁ ଆସିଥିଲେ। ବୁଲାବୁଲି ସାରି ଫେରିବା ନେଇ ଶୁକ୍ରବାର ରାତିରେ ଭୁବନେଶ୍ୱର ଷ୍ଟେସନ ପରିସରରେ ଥିବା ପ୍ରତୀକ୍ଷାଳୟରେ ଟ୍ରେନକୁ ଅପେକ୍ଷା କରିଥିଲେ। ତାଙ୍କର ଭ୍ୟାନିଟିବ୍ୟାଗ ଭିତରେ ମୋବାଇଲ ରଖି ଚାର୍ଜରେ ବସାଇଥିଲେ। ମଉକା ଦେଖି ଅଭିଯୁକ୍ତ ମାନସ ତାଙ୍କ ଭ୍ୟାନିଟି ବ୍ୟାଗ ସମେତ ମୋବଇଲ ଚୋରି କରି ଫେରାର ହୋଇଯାଇଥିଲା। ଏ ନେଇ ସୀମା ଜିଆରପି ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୪୯/୨୦ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ସିସିଟିଭି ଫୁଟେଜ ସହ ଚୋରି ମୋବାଇଲକୁ ଟ୍ରାକ କରି ପୋଲିସ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଥିଲା। ଏଥିସହ ତାଙ୍କ ନିକଟରୁ ୨ଟି ମୋବାଇଲ ଓ ଗୋଟିଏ ଏଟିଏମ କାର୍ଡ ଜବତ କରିଥିଲା।

# ମିଶନ ଶକ୍ତି ମହିଳାମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି

ପୁରୁଣା ଭୁବନେଶ୍ୱର, ୮।୩ (ଡି.ଏନ.ଏ.)

ମିଶନ ଶକ୍ତି ମହାସଂଘ ଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ହେବା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରନ୍ତି। ବିଏମସିର ୬୦ ନଂ. ୱାର୍ଡର ଶକ୍ତିସୁଧା ମିଶନ ଶକ୍ତି ମହାସଂଘ ପକ୍ଷରୁ ମହିଳା ଦିବସ ସ୍ଥାନୀୟ ରବି ଟକିଜ ଛକ ନିକଟସ୍ଥ ଏକ କଲ୍ୟାଣ ମଣ୍ଡପରେ ପାଳିତ ହୋଇଯାଇଛି। ଅନୁଷ୍ଠିତ ପ୍ରତିଯୋଗିତାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୪୫ ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଖୋର୍ଦ୍ଧା ଜିଲାପାଳ ହୃଷୀକେଶ ତ୍ରିପାଠୀ, ବିଜେଡି ରାଜ୍ୟ ଯୁବ ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା, ଏକାମ୍ର ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଧୀରେନ ପଟ୍ଟନାୟକ ଉପସ୍ଥିତ ଥିଲେ। ମହାସଂଘର ସଭାନେତ୍ରୀ ପ୍ରତିଭା ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା ଅନ୍ନପୂର୍ଣ୍ଣା ବାରିକ ବିବରଣୀ ପାଠ କରିଥିଲେ। ସୂର୍ଯ୍ୟପ୍ରଭା ମେକାପ ଧନ୍ୟବାଦ ଦେଇଥିଲେ।

# ପ୍ରତ୍ୟେକ ମହିଳା ସଚେତନ, ଶିକ୍ଷିତା ହେବା ଜରୁରୀ

ଭୁବନେଶ୍ୱର, ୮।୩ (ବ୍ୟୁରୋ)

ଲିଙ୍ଗଭିତ୍ତିକ ସମାନତା ସମାଜ ଗଠନ ପାଇଁ ପ୍ରତ୍ୟେକ ମହିଳା ଓ ଯୁବତୀ ଶିକ୍ଷିତ ହେବା ଜରୁରୀ। ସେମାନଙ୍କ ପ୍ରତି ହେଉଥିବା ହିଂସା ଦୂର ପାଇଁ ମହିଳାମାନେ ଚୁପ୍ ନ ରହି ସ୍ୱର ଉତ୍ତୋଳନ କରିବା ଦରକାର ବୋଲି ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି। ରବିବାର ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ମହିଳା ଦିବସ ପାଳିତ ହୋଇଯାଇଛି। ଓଜସ୍ୱୀ ଫାଉଣ୍ଡେଶନ ପକ୍ଷରୁ ୟୁନିଟ୍-୬ ସରକାରୀ ଉଚ୍ଚବିଦ୍ୟାଳୟ ଆବାସିକ ଛାତ୍ରୀ ନିବାସରେ 'ସୁରକ୍ଷା ଓ ସଚେତନତା' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ସ୍ୱାବଲମ୍ବୀ, ସାହସୀ ଏବଂ ଆତ୍ମ ନିର୍ଭରଶୀଳ କରିବା ପାଇଁ ବିଶିଷ୍ଟ ବ୍ୟକ୍ତିମାନେ ଆହ୍ୱାନ ଦେଇଥିଲେ। ସେହିଭଳି ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ୍) ଦ୍ୱାରା ଉତ୍କଳ କରାଟେ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ୧୦୦ ବସ୍ତିରୁ ୧୫୦ରୁ ଅଧିକ ବାଳିକା, ମହିଳାଙ୍କ ସହ ପ୍ରଗତି ସାଥୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଲିଙ୍ଗଗତ ସମାନତା ବିଷୟକୁ ନେଇ ବାଳିକା ଓ ଯୁବକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାବ୍ୟତୀତ ବାଳିକା ଓ ମହିଳାଙ୍କ ପାଇଁ ଜୋନ୍ ସ୍ତରୀୟ କ୍ରିକେଟ୍ ଏବଂ କବାଡି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଦିନତମାମ ପଟିଆସ୍ଥିତ ଜୟଦେବ ଶିକ୍ଷାକେନ୍ଦ୍ରରେ ସଂସଦ ପକ୍ଷରୁ ମହିଳା ସଶକ୍ତୀକରଣ ଉପରେ କବିତା ପାଠ, ଆଲୋଚନାଚକ୍ର ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବହୁ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଏକକ ନାଟକ ପରିବେଷିତ ହୋଇଥିବାବେଳେ ମହିଳାଙ୍କୁ ସେମାନଙ୍କ ଅଧିକାର ଉପରେ ସଚେତନ କରାଯାଇଥିଲା। ସିସିଡବ୍ଲୁଡି, ଆକ୍ସନ୍‌ଏଡ୍ ଓ ଏଚ୍‌ପି ପକ୍ଷରୁ ପଥରବନ୍ଧ ବସ୍ତିଠାରେ ମହିଳା ଦିବସ ପାଳନ ଅବସରରେ ରଙ୍ଗୋଲି, ଶପଥ ପାଠ, ମାନବ ଶୃଙ୍ଖଳ ଓ ହାତଛପା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଏକାମ୍ର କ୍ଷେତ୍ର ଉଚ୍ଛେଦ ସ୍ଥଳରେ ଉଠା ଦୋକାନୀ

ପୁରୁଣା ଭୁବନେଶ୍ୱର, ୮।୩ (ଡି.ଏନ.ଏ.)

ଏକାମ୍ର କ୍ଷେତ୍ରର ବିକାଶ ଓ ସୌନ୍ଦର୍ଯ୍ୟକରଣ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇ ସେଠାରେ ସିମେଣ୍ଟ ଟାଇଲ ବିଛା ଯାଇଥିଲା। ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ପ୍ଲାଷ୍ଟିକ କୁଣ୍ଡରେ ଭଲିକିଭଲି ଗଛ ଲଗା ଯାଇଥିଲା। ସାଧାରଣ ଟ୍ରାଫିକ ସମସ୍ୟା, ଉଚ୍ଛେଦ ସ୍ଥଳ ଓ ଦେବୀପାଦହରା ତଳ ବଜାର ନିକଟରେ ପୂର୍ବରୁ ଯେଉଁଭଳି ଉଠା ଦୋକନୀମାନଙ୍କ ସମସ୍ୟା ଲାଗି ରହିଥିଲା ଏବେ ତାହାଠାରୁ ଅଧିକ ବଢି ଯାଇଛି। ପ୍ରଶାସନ ପକ୍ଷରୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ଉପଲକ୍ଷେ ସାଧାରଣ ଲୋକଙ୍କୁ ପାର୍କିଂ ପକେଟମାର ପ୍ରତି ସଚେତନ କରିବା ଉଦ୍ଦେଶ୍ୟରେ ହୋର୍ଡିଂମାନ ଲଗା ଯାଇଥିଲା। ବେଆଇନ ଭାବେ ପାର୍କିଂ ଜରିମାନା ଦେବାକୁ ପଡିବ ବୋଲି ହୋର୍ଡିଂମାନ ଲଗାଯାଇଥିଲା। ଅଳିଆ ନ ପକାଇବାକୁ ମଧ୍ୟ କୁହାଯାଇଥିଲା। ହେଲେ ଏସବୁର ତଦାରଖ କିଏ କରିବ, ଫାଇନ କିଏ ଆଦାୟ କରିବ ତାହାକୁ ଅଧିକାରୀମାନେ ପାସୋରି ଗଲେଣି। ଯେଉଁଠାରେ କଟକଣା ହୋର୍ଡିଂ ଲଗାଯାଇଥିଲା ସେଠାରେ ଆଇନକୁ ଆଖିଠାର ମାରି ଗୁପଚୁପ, ଦହିବରା, ଆଇସକ୍ରିମ ଠେଲା ଗାଡିରେ ବ୍ୟବସାୟୀମାନେ ଆଣି ପସରା ମେଲାଇ ବିକ୍ରୟ କରୁଛନ୍ତି। ବିଏମସି କର୍ମଚାରୀ ଓ ପୋଲିସ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ଅଜଥା ଉଠା ଦୋକାନୀଙ୍କ ରୋଷର ଶିକାର ହେବାକୁ ଚାହୁଁ ନାହିଁ। ଏଣୁ ସାଧାରଣ ଛୋଟଛୋଟ ସମସ୍ୟା ଦୂର କରି ଟ୍ରାଫିକ୍ ଓ ଉଠାଦୋକାନୀଙ୍କ ଯୋଗୁ ଉପୁଜୁ ଥିବା ସମସ୍ୟା ଦୂର କରିବାକୁ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏହାସହ କଟକଣା ନେଇ ଲଗା ଯାଇଥିବା ହୋର୍ଡିଂ ଅନୁଯାୟୀ ଫାଇନ ଆଦାୟ ସହ ବିଦ୍ୟୁତ୍ ଅଫିସ ଛକ ଓ ବଡେଇବାଙ୍କ ଛକ ପରି ଜାଗାକୁ ଉଠା ଦୋକାନୀ ମୁକ୍ତ କରିବାକୁ ସ୍ଥାନୀୟ ବାସିନ୍ଦା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ସ୍ଥାନୀୟ ଲୋକଙ୍କ ମତରେ କେବଳ ଉଚ୍ଛେଦ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରଶାସନ ଚୁପ ହୋଇ ବସିଲେ ଏକାମ୍ର କ୍ଷେତ୍ରର ବିକାଶ ଓ ସୌନ୍ଦର୍ଯ୍ୟକରଣ ଅଧୁରା ରହିଯିବ।





ଉଚ୍ଛେଦ ସ୍ଥଳରେ ଉଠାଦୋକାନୀମାନେ ଗୁପଚୁପ୍ ବିକୁଛନ୍ତି ।



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର,
ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
-ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ସ୍ୱାବଲମ୍ବୀ ହେବେ ଗ୍ରାମାଞ୍ଚଳ ମହିଳା

ବେଗୁନିଆ, ୮।୩ (ଡି.ଏନ୍.ଏ.): ଗ୍ରାମାଞ୍ଚଳ ମହିଳାମାନଙ୍କୁ ସରକାରଙ୍କ ପକ୍ଷରୁ ବହୁ ଯୋଜନା ମାଧ୍ୟମରେ ଆତ୍ମନିର୍ଭରଶୀଳ କରାଯାଉଛି। ତେବେ ଗ୍ରାମାଞ୍ଚଳର ମହିଳାମାନେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେଥିପ୍ରତି ସରକାର ଗୁରୁତ୍ୱ ଦେଉଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ରବିବାର ବେଗୁନିଆ ମିନିଷ୍ଟାଡିୟମ ପଡିଆରେ ଆୟୋଜିତ ସଭାରେ ଥିବା ଅତିଥିମାନେ ମତ ଦେଇଥିଲେ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ଅଭିନେତ୍ରୀ ଅନୁ ଚୌଧୁରୀ, ନମ୍ରତା ଦାସ, ସଙ୍ଗୀତା ମାଝି, ଦିଲୀପ ଶ୍ରୀଚନ୍ଦନ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିରେ ବେଗୁନିଆ ଓ ବୋଲଗଡ ଅଞ୍ଚଳର ବହୁ ମହିଳା ଯୋଗଦେଇଥିଲେ।

### କରୋନା ପାଇଁ ଜୟୀ ରାଜଗୁରୁଙ୍କ ସ୍ମାରକୀ ଉତ୍ସବ ବନ୍ଦ

ପୁରୀ ଅଫିସ, ୮।୩: କରୋନାକୁ ଦୃଷ୍ଟିରେ ରଖି ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଜୟୀ ରାଜଗୁରୁଙ୍କ ବାରବାଟୀ ଯାତ୍ରା ୨୧୭ତମ ସ୍ମାରକୀ ଉତ୍ସବ କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଛି। ଆସନ୍ତା ୧୧ତାରିଖରେ ଏହି ଅବସରରେ ସିଂହଦ୍ୱାରରୁ ପାଇକ ଆଖଡ଼ା, ସଂକୀର୍ତ୍ତନ ସହ ବିରାଟ ଶୋଭାଯାତ୍ରା ବାହାରିଥାନ୍ତା। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସଭାକକ୍ଷରେ ଆଲୋଚନାଚକ୍ର ଓ ଶ୍ରଦ୍ଧାଞ୍ଜଳି ସଭା ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ସଂକୀର୍ତ୍ତନ କଳାକାର, ପାଇକ ଆଖଡ଼ା ଦଳ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ ଆଗ୍ରହ ପ୍ରକାଶ କରିଥିଲେ। କିନ୍ତୁ ବର୍ତ୍ତମାନ କରୋନା ଭାଇରସ୍‌ର ଭୟାବହତାକୁ ନେଇ ସରକାରଙ୍କ ସଚେତନତାକୁ ଦୃଷ୍ଟିରେ ରଖି ତଥା ସମସ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ପରିଷଦ ସ୍ମାରକୀ ଯାତ୍ରାରେ କେତେକ ପରିବର୍ତ୍ତନ ଲାଗି ନିଷ୍ପତ୍ତି ନେଇଛି। ଶୋଭାଯାତ୍ରା ଏବଂ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ହେବାକୁ ଥିବା ଆଲୋଚନାଚକ୍ର ଓ ଶ୍ରଦ୍ଧାଞ୍ଜଳି ସଭାକୁ ସ୍ଥଗିତ ରଖାଯାଇଛି। ସ୍ମାରକୀ ଉପଲକ୍ଷେ ବଳଗଣ୍ଡି ଛକସ୍ଥିତ ଭକ୍ତ ସାଲବେଗ ସମ୍ମିଳନୀ କକ୍ଷରେ ସେହିଦିନ ଅପରାହ୍ନ ୫ଟାରେ କେବଳ ଶ୍ରଦ୍ଧାଞ୍ଜଳି ସଭା ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

### ସିବିଆଇକୁ ଦିଆଯିବ ଭକ୍ତଙ୍କ ଦସ୍ତଖତ ପତ୍ର

#### ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା ରଖାଯିବା ପ୍ରସଙ୍ଗ

ପୁରୀ ଅଫିସ, ୮।୩: ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ୟେସ୍ ବ୍ୟାଙ୍କ କାରବାର ଉପରେ କଟକଣା ଜାରି କରିଛି। ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ି ଥିବାରୁ ଆର୍‌ବିଆଇ ଏହି ପଦକ୍ଷେପ ନେଇଛି। ଏଭଳି ସ୍ଥିତିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ଫେରିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପରିଚାଳନା କମିଟି ଏବଂ ଗଜପତି ମହାରାଜଙ୍କୁ କାହିଁକି ଆଢୁଆଳରେ ରଖାଯାଇଥିଲା ବୋଲି ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥ ପ୍ରଶ୍ନ କରିଛନ୍ତି। ଉକ୍ତ ଟଙ୍କାକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପରିବର୍ତ୍ତେ ଘରୋଇ ବ୍ୟାଙ୍କରେ ରଖିବା ପଛରେ ନିଶ୍ଚିତ ଭାବେ ମନ୍ଦ ଉଦ୍ଦେଶ୍ୟ ରହିଛି। ପରିଚାଳନା କମିଟି ଓ ଅର୍ଥ ସବ୍ କମିଟି ଅଗୋଚରରେ ଏହି ଟଙ୍କା ଏକ ଘରୋଇ ବ୍ୟାଙ୍କରେ ରଖାଯାଇଥିଲା। ଏହି ଘଟଣାର ସିବିଆଇ ତଦନ୍ତ ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବନ ଓ ଗିରଫ କରାଯିବାକୁ ରଥ ଦାବି କରିଛନ୍ତି। ଏ ନେଇ ୯ତାରିଖଠାରୁ ଭକ୍ତଙ୍କ ଦସ୍ତଖତ ଅଭିଯାନ ଆରମ୍ଭ କରାଯିବ। ୧୦ହଜାରରୁ ଊର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଦାବିପତ୍ର ସିବିଆଇକୁ ଦିଆଯିବ। ସେହିପରି ଆଇନମନ୍ତ୍ରୀଙ୍କ ମନ୍ତବ୍ୟ ହାସ୍ୟାସ୍ପଦ ବୋଲି ସେ କହିଛନ୍ତି। ତାଙ୍କୁ ହଟାଯିବାକୁ ସେ ଦାବି କରିଛନ୍ତି। ୟେସ୍ ବ୍ୟାଙ୍କରେ ଏତେ ଟଙ୍କା ରଖିବା ପଛରେ ଅଧିକ ସୁଧ ଲୋଭ ନା ଆଉ କିଛି ରହସ୍ୟ ରହିଛି ତାହାର ତଦନ୍ତ ପାଇଁ ରଥ ଏକ ପ୍ରେସ ବିବୃତିରେ ଦାବି କରିଛନ୍ତି।

### ସିଏଏକୁ ବିରୋଧ

ବ୍ରହ୍ମଗିରି,୮।୩ (ଡି.ଏନ୍.ଏ.)– ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଗୋରୁଆଳ ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରଗତିଶୀଳ ମହିଳା ମଞ୍ଚ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ମହିଳାମାନେ କିଭଳି ମୁଖ୍ୟସ୍ରୋତରେ ସାମିଲ ହେବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାସହ କେନ୍ଦ୍ର ସରକାର ଲଗାଇଥିବା ନୂଆ ଆଇନ ସିଏଏ, ଏନ୍ଆର୍‌ସି, ଏନ୍‌ପିଆରକୁ ଅତିଥିମାନେ ସମାଲୋଚନା କରିଥିଲେ। ଏହିସବୁ ଆଇନ ଓଡ଼ିଶାରେ କାର୍ଯ୍ୟକାରୀ ହେଲେ ଅନେକ ଗରିବ ସେମାନଙ୍କ ରୋଜଗାର ହରାଇବେ।

# ୮ ବର୍ଷ ହେଲା ଚିଠିରେ ଅଟକିଛି ଶୌଚାଳୟ

■ହଇରାଣ ହେଉଛନ୍ତି ରୋଗୀଙ୍କ ସମ୍ପର୍କୀୟ
■ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା
■ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ

**ଖୋର୍ଦ୍ଧା ଅଫିସ, ୮।୩ :**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ନାନା ଅବ୍ୟବସ୍ଥା ଲାଗି ରହିଛି। ଭିତ୍ତିଭୂମିର ଅଭାବ, ଡାକ୍ତର ପଦବୀ ଖାଲି ସହ ଅନେକ ସମୟରେ ରୋଗୀ ସେବା ଠିକ୍‌ରେ ମିଳୁନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏଠାରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସମ୍ପର୍କୀୟ ଶୌଚାଳୟ ନ ଥିବାରୁ ହଇରାଣ ହେଉଛନ୍ତି। ଏହାକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ଶୌଚାଳୟ ନିର୍ମାଣ ପାଇଁ ଦୀର୍ଘବର୍ଷ ହେଲା ଦାବି କରି ଆସୁଛନ୍ତି। ଏହାକୁ ଦୃଷ୍ଟିଦେଇ ୨୦୧୨ରେ ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। ଏଯାବତ ଏହା କାର୍ଯ୍ୟକାରୀ ହେଲାନାହିଁ।

୨୦୦୭ ସେପ୍ଟେମ୍ବରରେ ଚଣ୍ଡିତୁଆ ନିକଟସ୍ଥ ନୂତନ କୋଠାକୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହୋଇଥିଲା। ଜିଲା ଓ ବାହାର ଜିଲାର ରୋଗୀ ଦୈନନ୍ଦିନ ଚିକିତ୍ସା ଲାଗି ଏଠାକୁ ଆସୁଛନ୍ତି। ଏହା ପରିସରରେ ସୁଲଭ ଶୌଚାଳୟ ଓ ପରିସ୍ରାଗାର ନାହିଁ। ଫଳରେ ଚିକିତ୍ସାଧୀନ ରୋଗୀଙ୍କ ସମ୍ପର୍କୀୟମାନେ ଶୌଚ କାର୍ଯ୍ୟ ଲାଗି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଖୋର୍ଦ୍ଧା ସହରର ହାବେଳିପଡିଆଠାରେ ଉଠା ଦୋକାନୀମାନଙ୍କୁ ଥଇଥାନ କରିବାର ଯୋଜନା ପୌରପାଳିକା ପକ୍ଷରୁ କରାଯାଇଥିଲା। ପୌରପାଳିକା ପକ୍ଷରୁ ଉଭୟ ସ୍ଥାନରେ ଶୌଚାଳୟ ନିର୍ମାଣ ଲାଗି ପ୍ରାୟ ୧୮ ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ଅଟକଳ କରାଯାଇଥିଲା। ଏହାକୁ ନେଇ ମଧ୍ୟ ୨୦୦୮ ଅଗଷ୍ଟରେ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଉକ୍ତ ୨ ସ୍ଥାନରେ ସେହିବର୍ଷ ଜୁଲାଇରେ ଶିଳାନ୍ୟାସ କରାଯାଇଥିଲା। ହେଲେ ଆଜକୁ ୧୨ ବର୍ଷ ଗତ ହୋଇଛି। ଆଗାମୀ ପୌର ନିର୍ବାଚନ ପାଖେଇ ଆସୁଛି। ହେଲେ ଉକ୍ତ ୨ ସ୍ଥାନରେ ଶୌଚାଳୟ ହୋଇ ନ ଥିବା ଯୋଗୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଭିନ୍ନ ଭିନ୍ନ ସମୟରେ ଆୟୋଜିତ ସଭାସମିତିକୁ ଯୋଗଦେବାକୁ ନେତା, ମନ୍ତ୍ରୀ ଆସୁଛନ୍ତି। ହେଲେ କେହି ମଧ୍ୟ ଶୌଚାଳୟ ଲାଗି ଚିନ୍ତା କରୁନାହାନ୍ତି। ସେହିପରି ଜିଲାର ରୋଗୀ କଲ୍ୟାଣ ସମିତି ବୈଠକରେ ଏହି ଜନହିତକର ଯୋଜନା ପ୍ରତି କେହି ମଧ୍ୟ ପ୍ରସ୍ତାବ ଦେଉନାହାନ୍ତି। କେବଳ ୨୦୧୨ ଜୁଲାଇରେ ପୂର୍ବତନ ସିଡିଏମ୍‌ଓ ଚିଠି ନଂ. ୫୬୮୦ ବଳରେ ରାଜ୍ୟ ସରକାରଙ୍କୁ ପତ୍ର ଲେଖି ଦେଇଥିଲେ। ଫେବୃୟାରୀ ୨୬ରେ ଏହି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଗସ୍ତ କରିଥିଲେ। ଏଠାରେ ନୂତନ ପଞ୍ଜୀକରଣ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ତେବେ ମନ୍ତ୍ରୀ ଦାସଙ୍କୁ ଡାକ୍ତରଖାନାର ଅସଜଡା ଭିତ୍ତିଭୂମି ସମ୍ପର୍କରେ ସ୍ଥାନୀୟ ଲୋକେ ଅବଗତ କରାଇଥିଲେ। ଚିକିତ୍ସାଳୟରେ ଲାଗି ରହିଥିବା ପରିମଳ ବ୍ୟବସ୍ଥାର ସୁଧାର ପାଇଁ ଯଥାଶୀଘ୍ର ବନ୍ଦୋବସ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ବିଗତ ଦିନରେ ଏଠାକାର ଜନସାଧାରଣଙ୍କୁ ବହୁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ତାହା ସବୁ କିଛି ଶୀତଳଭଣ୍ଡାରରେ ରହି ଯାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଶ୍ୱରଞ୍ଜନ ପତିଙ୍କୁ ପଚାରିବାରେ ଚିକିତ୍ସାଳୟରେ ଲାଗି ରହିଥିବା ଅନେକ ଅସୁବିଧାର ସୁଧାର ଆଣିବାକୁ ପର୍ଯ୍ୟାୟକ୍ରମେ ଉଦ୍ୟମ କରାଯାଉଛି। ତେବେ ଶୌଚାଳୟ ଓ ସ୍ନାନାଗାର ପାଇଁ ଧ୍ୟାନ ଦେବେ ବୋଲି ସେ କହିଥିଲେ।

# ମହିଳାଙ୍କୁ ସୁରକ୍ଷା, ସମ୍ମାନ ଦେବା ଆବଶ୍ୟକ



ଅନୁଷ୍ଠିତ ଶିବିରରେ ଉପସ୍ଥିତ ମହିଳା ଓ ଅନ୍ୟମାନେ ।

**ଖୋର୍ଦ୍ଧା ଅଫିସ, ୮।୩ :**

ମହିଳାମାନଙ୍କୁ ସୁରକ୍ଷା ଓ ସମ୍ମାନ ଦେବା ନିହାତି ଆବଶ୍ୟକ। ନାରୀମାନେ ଏବେ ରାଜ୍ୟରେ ଅସୁରକ୍ଷିତ ହୋଇପଡିଛନ୍ତି। ବିଶ୍ୱ ମହିଳା ଦିବସ ଅବସରରେ ନାରୀମାନଙ୍କ ପକ୍ଷରୁ ଏଭଳି ବାର୍ତ୍ତା ପ୍ରକାଶ ପାଇଥିଲା। ତେବେ ମହିଳାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କରାଯାଇଥିଲା। ଓଡ଼ିଶା ପୋଲିସ ପରିବାର ପକ୍ଷରୁ ଆୟୋଜିତ ଶିବିରରେ ଜିଲାର ବହୁ ମହିଳାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଶ୍ୱ ରଞ୍ଜନ ପତି, ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ, ଅତିରିକ୍ତ ମେଡିକାଲ ଅଫିସର ବିଜୟ କୃଷ୍ଣ ମାହାନ୍ତି, ଜିଲା ରୋଗ ନିରୀକ୍ଷଣ ଅଧିକାରୀ ଡା. ବାସୁଦେବ ପାତ୍ରଙ୍କ ସହ ପୋଲିସ, ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ।

# ସତ୍ୟପୀର, ଯାଁଳା ଦଳ ସେମିରେ

**ଖୋର୍ଦ୍ଧା ଅଫିସ, ୮।୩ :**







ମ୍ୟାନ୍ ଅଫ ଦି ମ୍ୟାଚ ଉଭୟ ଖେଳାଳି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**କାଇପଦର କପ୍ କ୍ରିକେଟ ଟୁର୍ନାମେଣ୍ଟ**

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଖେଳପଡିଆଠାରେ ଚାଲୁଥିବା ସତ୍ୟପୀର କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ରବିବାର ସେମିଫାଇନାଲ ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚରେ କାଇପଦରର ସତ୍ୟପୀର କ୍ରିକେଟ କ୍ଲବ ୬ ଉଇକେଟରେ ଓ ଦ୍ୱିତୀୟ ମ୍ୟାଚରେ ଯାଁଳାର ବ୍ଲୁ ରକ୍‌ଷ୍ଟାର କ୍ରିକେଟ କ୍ଲବ ୩ ଉଇକେଟରେ ବିଜୟ ହୋଇ ସେମିରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚରେ ଭୁବନେଶ୍ୱରର ଘାଟିକିଆ ଦଳ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୧୭.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୮ ରନ୍ ସଂଗ୍ରହ କରିଥିଲା। ଜବାବରେ କାଇପଦରର ସତ୍ୟପୀର କ୍ଲବ ୧୨.୫ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ୧୧୯ ରନ୍ ସଂଗ୍ରହ କରି ସେମିରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ ଟସ୍ ଜିତି ପାନବରଜ କ୍ରିକେଟ କ୍ଲବ ୧୮ ଓଭରରେ ୭ ଉଇକେଟ ହରାଇ ୧୧୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଯାଁଳା କ୍ରିକେଟ କ୍ଲବ ୧୬.୨ ଓଭରରେ ୭ ଉଇକେଟ୍ ହରାଇ ୧୨୩ ରନ୍ ସଂଗ୍ରହ କରିଥିଲା। ପ୍ରଥମ ମ୍ୟାଚରେ ସତ୍ୟପୀର କ୍ରିକେଟ୍ କ୍ଲବର ଖେଳାଳି ପ୍ରଶାନ୍ତ ମାର୍ଥା ବୋଲିଂ କରି ୪ ଓଭରରେ ୩ଟି ଉଇକେଟ୍ ହରାଇ ୨୬ ରନ୍ ଦେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଯାଁଳା କ୍ରିକେଟ୍ କ୍ଲବର ଖେଳାଳି ସୁକାନ୍ତ ଦାସ ବ୍ୟକ୍ତିଗତ ବ୍ୟାଟିଂରେ ୧୭ ରନ୍ ଓ ବୋଲିଂରେ ୩ଟି ଉଇକେଟ୍ ଅକ୍ତିଆର କରି ୩ ଓଭରରେ ୨୨ ରନ୍ ବ୍ୟୟ କରିଥିଲେ। ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଝଜ ସାମନ୍ତରାୟ ଓ ପ୍ରକାଶ ସିଂହ ଉଭୟ ମ୍ୟାଚ୍‌କୁ ପରିଚାଳନା କରିଥିଲେ। ସୁଶାନ୍ତ ସୁନ୍ଦରରାୟ ଓ ସୌମ୍ୟରଞ୍ଜନ ପାଇକରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଗୋପୀନାଥ ମାର୍ଥା ଓ ଶଙ୍କର ରଥ ଅତିଥି ଭାବେ ଯୋଗଦେଇଥିଲେ।

# ବ୍ରହ୍ମଗିରି–ଡେଲାଙ୍ଗ ରାସ୍ତାରେ ଅଟୋ ଓଲଟି ୨ ଗୁରୁତର

**ବ୍ରହ୍ମଗିରି,୮।୩(ଡି.ଏନ.ଏ.):**

ବ୍ରହ୍ମଗିରି ବ୍ଲକର ବ୍ରହ୍ମଗିରି–ଡେଲାଙ୍ଗ ରାସ୍ତାରେ ରବିବାର ଏକ ଅଟୋ ଓଲଟି ପଡ଼ିବାରୁ ଦୁଇଜଣ ଗୁରୁତର ହୋଇଛନ୍ତି। ସୂଚନାଯୋଗ୍ୟ, ଡେଲାଙ୍ଗ –ବ୍ରହ୍ମଗିରି ରାସ୍ତାର ମରାମତି ପାଇଁ ମୁଖ୍ୟମନ୍ତ୍ରୀ ୨୦୦୯ ମସିହାରେ ଶୁଭ ଦେଇଥିଲେ। ହେଲେ ଏହି ରାସ୍ତାର ଅଧିକାଂଶ କାମ ସରିଥିଲେ ମଧ୍ୟ ଗୋପଠାରୁ ବଡ଼ବନ୍ଧକେରା ପର୍ଯ୍ୟନ୍ତ ରାସ୍ତାକାମ ସରିପାରୁ ନାହିଁ। ଫଳରେ ଏହି ରାସ୍ତାରେ ଏବେ ବଡ଼ ବଡ଼ ଖାଲ ହୋଇ ପ୍ରାୟ ସମୟ ଦୁର୍ଘଟଣାମାନ ଘଟୁଛି। ଉକ୍ତ ରାସ୍ତାରେ ପ୍ରତିଦିନ ହଜାର ହଜାର ସଂଖ୍ୟକ ଗାଡି ଯାତାୟତ କରୁଥିଲେ ମଧ୍ୟ ଏଥି ପ୍ରତି କାହାର ଦୃଷ୍ଟି ନାହିଁ । ରବିବାର ଉକ୍ତ ବ୍ଲକ ଅନ୍ତର୍ଗତ ମଣପଡା ଭୋଇସାହିର ଶିବ ଭୋଇ ଏକ ଅଟୋ ଯୋଗେ ବେଣ୍ଟପୁର ଗ୍ରାମସ୍ଥିତ ତାଙ୍କ ବନ୍ଧୁ ଘରକୁ ଭାର ନେଇ ଆସୁଥିଲେ। ଏହି ସମୟରେ ରାସ୍ତାରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଅଟୋଚାଳକ ବିଦୁରବାଙ୍କ ଗ୍ରାମର ଅଜୟ ପ୍ରଧାନ ଓ ଶିବ ଗୁରୁତର ହୋଇଥିଲେ। ଏହାଦେଖି ସ୍ଥାନୀୟଲୋକେ ଗୁରୁତରଙ୍କୁ ରେବଣାନୂଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# ବ୍ୟାପକ ବ୍ରାଉନ୍‌ସୁଗାର କାରବାର

**ଯାଁଳା/ଜଟଣୀ, ୮।୩(ଡି.ଏନ.ଏ.):**

ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ ଥାନା ଅଞ୍ଚଳରେ ବ୍ୟାପକ ବ୍ରାଉନସୁଗାର କାରବାର ଚାଲିଥିବା ଅଭିଯୋଗ ହେଉଛି। ମୁଖ୍ୟତଃ ଯୁବକମାନଙ୍କୁ ନିଶା ବେପାରୀ ଟାର୍ଗେଟ କରୁଛନ୍ତି। ଅନେକ ଯୁବକ ଏହି ନିଶାରେ ଅଭ୍ୟସ୍ତ ହେବା ଦ୍ୱାରା ସମ୍ପୃକ୍ତ ଅଞ୍ଚଳର ବାତାବରଣ ଖରାପ ହେବାରେ ଲାଗିଛି। ଅଭିଭାବକ ଓ ଅଞ୍ଚଳ ବାସିନ୍ଦା ଏହାକୁ ନେଇ ଚିନ୍ତାରେ ପଡିଛନ୍ତି। ଫୋନ୍ ମାଧ୍ୟମରେ ଗ୍ରାହକ ଓ ବେପାରୀଙ୍କ ମଧ୍ୟରେ ଯୋଗସୂତ୍ର ହୋଇ ଏହି ବ୍ୟବସାୟ ଚାଲିଛି। ସମ୍ପୃକ୍ତ ଅଞ୍ଚଳରେ ବିଭିନ୍ନ ନିକାଞ୍ଚନ ସ୍ଥାନ, ମନ୍ଦିର ଓ ଶିକ୍ଷାନୁଷ୍ଠାନ ନିକଟ, ବଜାର ଆଦି ସ୍ଥାନରେ ଚୋରାରେ ବ୍ରାଉନସୁଗାର ବ୍ୟବସାୟ ଚାଲିଛି। ସେହିପରି ଜଟଣୀ ଥାନା ଅଞ୍ଚଳରେ ମଧ୍ୟ ବ୍ରାଉନସୁଗାର କାରବାର ବୃଦ୍ଧି ପାଇବାରେ ଲାଗିଛି। ସ୍ଥାନୀୟ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଇ ବ୍ରାଉନସୁଗାର ଜବତ ସହ ବିକ୍ରୟ କରୁଥିବା ବ୍ୟବସାୟୀଙ୍କୁ ଧରୁଛନ୍ତି। ହେଲେ ଏହି ନିଶା କାରବାର କମିବା ପରିବର୍ତ୍ତେ ଦିନକୁଦିନ ବଢି ଚାଲିଛି। ପୋଲିସକୁ ଚକ୍‌ମା ଦେଇ ନୂଆ ଢଙ୍ଗରେ ନିଶା ବ୍ୟବସାୟ ଚାଲିଛି। ଧାରାବାହିକ ଭାବେ ଚଢ଼ାଉ ଜାରି ରଖିବାକୁ ସାଧାରଣରେ ଦାବି ହେଉଛି।

# ଦୁର୍ଘଟଣାରେ ଜଣେ ମୃତ: କାର୍ ଚାଳକ ଗିରଫ

**ପିପିଲି, ୮।୩ (ସ୍ୱ.ପ୍ର.)**

ପିପିଲି ଥାନା ଅନ୍ତର୍ଗତ ମକୁନ୍ଦପୁର ୪ର୍ଥ ବାଇପାସ ନିକଟରେ ଶନିବାର ରାତିରେ ଏକ ବାଇକକୁ ଗୋଟିଏ କାର୍ ଧକ୍କା ଦେବାରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛି। ମୃତକ ହେଲେ ଏହି ଥାନା ଅଧୀନ ନୂଆଶାସନ ଗ୍ରାମର ଲିଟୁ ରଥ(୨୯)। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବା ସହ ନଂ.୬୯/୨୦ରେ ଏକ ମାମଲା ରୁଜୁ କରିବା ସହ କାର୍ ଚାଳକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗର ସାଇକତ ଭଟ୍ଟାଚାର୍ଯ୍ୟ। ସୂଚନାଯୋଗ୍ୟ, ଶନିବାର ବିଳମ୍ବିତ ରାତିରେ ଲିଟୁ ସହ ସ୍ଥାନୀୟ ଗ୍ରାମର ରମାକାନ୍ତ ବେହେରା(୨୮) ଏକ ବାଇକରେ ମକୁନ୍ଦପୁର ନିକଟ ବାଇପାସ୍‌ରେ ରାସ୍ତାପାର ହେଉଥିଲେ। ଏହି ସମୟରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା (ଡବ୍ଲୁବି୦୨ଏଏନ୩୫୩୬) କାର ସହ ଧକ୍କା ହେବାରୁ ବାଇକ ଆରୋହୀଦ୍ୱୟ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ପୋଲିସଙ୍କୁ ଜଣାଇବା ସହ ଗୁରୁତରଦ୍ୱୟଙ୍କୁ ପିପିଲି ସରକାରୀ ଡାକ୍ତରଖାନାକୁ ଆଣିଥିଲେ। କିନ୍ତୁ ଉଭୟଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଭୁବନେଶ୍ୱର ମେଡିକାଲକୁ ପଠାଯାଇଥିଲା। ମାତ୍ର ସେଠାରେ ଡାକ୍ତର ଲିଟୁଙ୍କୁ ମୃତ ଘୋଷଣା କରିଥିଲେ। ରମାକାନ୍ତ ଅବସ୍ଥା ଆହୁରି ସଙ୍ଗିନ ହେବାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

# ଘରକୋଣରେ ସୀମିତ ନାହାନ୍ତି ମହିଳା

**କୃଷ୍ଣପ୍ରସାଦ, ୮।୩(ଡି.ଏନ.ଏ)**

**କୃଷ୍ଣପ୍ରସାଦରେ ଅନ୍ତର୍ଜାତୀୟ ମହିଳା ଦିବସ**

ନାରୀ ଶକ୍ତି ଓ ଶାନ୍ତିର ପ୍ରତୀକ। ସେ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ। ପ୍ରତ୍ୟେକଙ୍କୁ ବୁଝି ପାରିବା ଭଳି ଶକ୍ତି ତା’ ପାଖରେ ରହିଛି। ଆଜି ସମୟ ବଦଳି ଯାଇଛି। ପୂର୍ବଭଳି ମହିଳା ଆଉ ଘର କୋଣରେ ସୀମିତ ହୋଇନାହାନ୍ତି। ପ୍ରତିଟି କ୍ଷେତ୍ରରେ ପୁରୁଷଙ୍କ ସହ ତାଳ ଦେଇ ମହିଳାମାନେ ଆଗକୁ ଯାଉଛନ୍ତି। ସେ ଅବଳା କି ଦୁର୍ବଳା ନୁହନ୍ତି। ନାରୀ ଆଜି ସଶକ୍ତ ଏ କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ ଉପରୋକ୍ତ ମନ୍ତବ୍ୟ ରଖିଛନ୍ତି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ପ୍ରଭାତି ପ୍ରଧାନ, ସମ୍ମାନିତ ଅତିଥି ଭାବେ ଚିଲିକା ନୂଆପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ବେହେରା ଯୋଗଦେଇ ମହିଳାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ଉପଦେଶମାନ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବିପିଏମ୍ ସବିତା ତରେଇ କହିଥିଲେ, ଆଜି ମହିଳାମାନେ କୌଣସି କ୍ଷେତ୍ରରେ ପଛରେ ନାହାନ୍ତି। ସେମାନେ ସଚେତନ ଏବଂ ସ୍ୱାବଲମ୍ବୀ ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ। ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ମନୋରମା ଦେବୀ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ବେଳେ ମହିଳା ଦିବସର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସିଡିପିଓ ମନୋରମା ଦେବୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ବ୍ଲକ, ତହସିଲ, ମେଡିକାଲ, ବଜାର ଆଦି ନିକଟସ୍ଥ ଗ୍ରାମ ପରିକ୍ରମା କରିଥିଲା। ମହିଳାଙ୍କ ଉନ୍ନତି ପାଇଁ ଭଲ କାମ କରିଥିବା ସ୍ୱୟଂ ସହାୟିକ ଗୋଷ୍ଠୀ ଏବଂ ଅଙ୍ଗନୱାଡି କର୍ମୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚିଲିକା ନୂଆପଡା ପଞ୍ଚାୟତ ସମିତିସଭ୍ୟ ଉତ୍ତମ କୁମାର ତରେଇ, ଅମିତାଭ ବିଶ୍ୱାଳଙ୍କ ସମେତ ଶହେରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟିକ ଗୋଷ୍ଠୀ ଭାଗ ନେଇଥିଲେ।





ଅତିଥିମାନେ ମହିଳାଙ୍କୁ ପୁରସ୍କୃତ କରୁଛନ୍ତି ।

# ବିଶ୍ୱ ମହିଳା ଦିବସ

ଯାଁଳା, ୮।୩(ଡି.ଏନ.ଏ) : ଭୁବନେଶ୍ୱର ଉପକଣ୍ଠ ଡୁମୁଡୁମା ରଘୁନାଥନଗରସ୍ଥିତ ଆଇଓଭା ଅନୁଷ୍ଠାନ ପରିସରରେ ରବିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଥିଲା। ଏଥିରେ ବିଜେଡି ନେତା ମୁନା ଖାଁ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦିକା ରଶ୍ମିତା ଟେଟେ ଓ ଅନ୍ୟ ସଦସ୍ୟାସଦସ୍ୟଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ୧୦ରେ ମା’ ମଙ୍ଗଳାଙ୍କ ନେତ ଉତ୍ସବ

**କାକଟପୁର, ୮।୩ (ଡି.ଏନ୍.ଏ.)**

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା’ ମଙ୍ଗଳାଙ୍କ ଚୈତ୍ର ମାସର ପ୍ରଥମ ପାଳି ମଙ୍ଗଳବାର ତଥା ନେତ ବନ୍ଧା ଉତ୍ସବ ଆସନ୍ତା ୧୦ତାରିଖ ପବିତ୍ର ହୋଲି ଦିନ ଅନୁଷ୍ଠିତ ହେବ। ଏଥିପାଇଁ ଏହି ପ୍ରସିଦ୍ଧ ଶକ୍ତି ପୀଠ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ମନ୍ଦିର ଭିତର ଏବଂ ବାହାରକୁ ଉଜ୍ଜ୍ୱଳ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଭକ୍ତମାନେ ଶାନ୍ତିଶୃଙ୍ଖଳା ଭାବେ ମା’ଙ୍କ ଦର୍ଶନ ନିମନ୍ତେ ମନ୍ଦିର ବେଢାରେ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ଉକ୍ତ ଦିନ ଘ୧.୩୦ମିନିଟ୍‌ରୁ ୨ଘଟିକା ମଧ୍ୟରେ ନେତ ବନ୍ଧା ଉତ୍ସବ ଅନୁଷ୍ଠିତ ହେବ। ଯେହେତୁ ଏହି ଉତ୍ସବ ହୋଲି ଦିନ ପଡୁଥିବାରୁ ଏ ନେଇ ଶ୍ରଦ୍ଧାଳୁମାନେ ପ୍ରତ୍ୟୁଷରୁ ମନ୍ଦିରରେ ମା’ଙ୍କ ଦର୍ଶନ ନିମନ୍ତେ ଭିଡ ହେବ। ଏହାକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ମଧ୍ୟରାତ୍ରରୁ ମା’ଙ୍କ ନିତିକାନ୍ତି କାର୍ଯ୍ୟ ସମାପନ କରାଯିବ ବୋଲି ମନ୍ଦିର ପ୍ରଶାସନ ସ୍ଥିର କରିଛି।

# ଯାଁଳାରେ ନାଟକ ମଞ୍ଚସ୍ଥ

**ଯାଁଳା,୮।୩ (ଡି.ଏନ.ଏ.):**

ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମ ଗ୍ରାମେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ନାଟକ ‘ଅକୁହା କାହାଣୀ ଶୁଣିବ କିଏ’ ମଞ୍ଚସ୍ଥ ହୋଇଯାଇଛି। ମହେନ୍ଦ୍ର କୁମାର ପରିଡା ଏହାର ନିର୍ଦ୍ଦେଶନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସଭାରେ ବିଧାୟକ ସୁରେଶ କୁମାର ରାଉତରାୟ, ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ, ଦେବୁ ବ୍ରହ୍ମା, ହାଡୁ ଅତିଥି ଭାବେ ଯୋଗଦେଇଥିଲେ। ଆଇନଜୀବୀ ଦାତାରାମ ଅଶୋକ କୁମାର ମଙ୍ଗରାଜ, ମାନସ କୁମାର ଦାଶ ସହଯୋଗର ହାତ ବଢାଇଥିଲେ।



କଳାକାରମାନଙ୍କୁ ବିଧାୟକ ସୁରେଶ କୁମାର ରାଉତରାୟ ସମ୍ବର୍ଦ୍ଧିତ କରୁଛନ୍ତି ।

# ନିମ୍ନମାନର କାମକୁ ନେଇ ପ୍ରକଳ୍ପ ଅଧିକାରୀଙ୍କୁ ଦାବିପତ୍ର

**ଖୋର୍ଦ୍ଧା ଅଫିସ, ୮।୩ :**

**ପୋଖରୀ ହୁଡାରେ ଚିଲ୍‌ଡ୍ରେନ୍ ପାର୍କ, କାଞ୍ଜିଆହୁଦା, ମାର୍କେଟ କମ୍ପ୍ଲେକ୍ସ**

**କେରଙ୍ଗ ପଞ୍ଚାୟତ**

ଖୋର୍ଦ୍ଧା ବ୍ଲକ କେରଙ୍ଗ ପଞ୍ଚାୟତରେ ଥିବା ଏକ ପୋଖରୀ ହୁଡାରେ ଜନସାଧାରଣଙ୍କ ହିତ ପାଇଁ ନିର୍ମାଣ କରାଯାଉଥିବା ଚିଲ୍‌ଡ୍ରେନ୍ ପାର୍କ, କାଞ୍ଜିଆହୁଦା ଓ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ପଞ୍ଚାୟତର ୱାର୍ଡସଭ୍ୟମାନେ ଖୋର୍ଦ୍ଧା ବ୍ଲକ ପ୍ରକଳ୍ପ ଅଧିକାରୀଙ୍କୁ ଗ୍ରାମର ବହୁବ୍ୟକ୍ତିଙ୍କ ଦସ୍ତଖତ ଥାଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗରୁ ପ୍ରକାଶ, ୨୦୧୮–୧୯ ତିତ୍‌ଲି (ଏଫ୍‌ଡିଆର) ଯୋଜନାରେ ରାସ୍ତା ନିର୍ମାଣ ପାଇଁ ୯ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ରାସ୍ତା ନିର୍ମାଣର ୨ ମାସ ପରେ ଅସରାଏ ବର୍ଷାରେ ଧୋଇ ଯାଇଥିଲା। ଏ ସମ୍ପର୍କରେ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଅଭିଯୋଗ ପତ୍ର ଦିଆଯାଇଥିଲା। ହେଲେ ସେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ସେହିପରି ଏବେ ପୋଖରୀ ହୁଡାରେ ନିର୍ମାଣାଧୀନ ଚିଲ୍‌ଡ୍ରେନ୍ ପାର୍କର ନିର୍ମାଣ ସମୟରେ ୩ ଥର କାନ୍ଥ ଭାଙ୍ଗି ପଡିଥିଲା। ଏଥିସହ କାଞ୍ଜିଆହୁଦା ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣରେ କୌଣସି ସଠିକତା ରହୁ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ସିମେଣ୍ଟ ଓ ବାଲି ସହ ଲୁହାରଡ ଆବଶ୍ୟକ ଅନୁଯାୟୀ ଲଗାଯାଉନି। ଅନ୍ୟପକ୍ଷରେ ଉକ୍ତ ପଞ୍ଚାୟତ ଅଞ୍ଚଳରେ ଯେକୌଣସି ଉନ୍ନତିମୂଳକ କାର୍ଯ୍ୟ କରାଯାଉଛି ସେ ସମ୍ପର୍କରେ ୱାର୍ଡ ସଭ୍ୟମାନଙ୍କୁ ଅବଗତ କରାଯାଉନାହିଁ। ଏଥିଯୋଗୁ ନିର୍ବାଚିତ ୱାର୍ଡ ସଭ୍ୟମାନେ ଲୋକଙ୍କ ପାଖରେ ଉତ୍ତରଦାୟୀ ରହୁଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ତେଣୁ ଏହି ପ୍ରକଳ୍ପ କାର୍ଯ୍ୟଗୁଡିକର ଯାଞ୍ଚ ପାଇଁ ଦାବି କରାଯାଇଛି।



କେରଙ୍ଗ ପୋଖରୀ ହୁଡାରେ ନିର୍ମାଣାଧୀନ ଚିଲ୍‌ଡ୍ରେନ୍ ପାର୍କ ଓ କାଞ୍ଜିଆହୁଦା।



ନିର୍ବୋଧମାନଙ୍କ ଅଭିଧାନରେ ହିଁ
ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
-ନେପୋଲିୟନ



## ସଂକ୍ଷେପରେ

### ପଞ୍ଚୁଦୋଳ ମେଳଣ ପାଇଁ କଣାସ ଉତ୍ସବମୁଖର

କଣାସ, ୮।୩(ସ୍ୱ.ପ୍ର.): ପଞ୍ଚୁଦୋଳ ମେଳଣ ପାଇଁ କଣାସ, ଦୋକନ୍ଦା, ସିରେଇ, ଜଙ୍କିଆ, ଅଣ୍ଡାରସିଂହ ଗ୍ରାମ ଉତ୍ସବମୁଖର ହୋଇପଡ଼ିଛି। ଆସନ୍ତା ୧୪ତାରିଖରେ ଏହି ୫ଟି ସ୍ଥାନରେ ପୃଥକ ପୃଥକ ଭାବେ ମେଳଣ ହେବାକୁ ଯାଉଛି। ତେଣୁ ମେଳଣ କିପରି ସୁଚାରୁରୂପେ ସମ୍ପନ୍ନ ହେବ ସେ ନେଇ ଗ୍ରାମବାସୀ ଏବଂ ଗ୍ରାମ କମିଟି କର୍ମକର୍ତ୍ତା ମିଳିମିଶି ଆଲୋଚନା କରିଛନ୍ତି। ଜଙ୍କିଆ ମେଳଣରେ ଜନଗହଳିକୁ ଦୃଷ୍ଟିରେ ରଖି ପୋଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କଣାସ ମେଳଣର ଥାନପତି ବାବା ବୈଦ୍ୟନାଥ ଦେବ, ଦୋକନ୍ଦା ମେଳଣର ଥାନପତି ଗୋପୀନାଥ ଦେବ, ସିରେଇ ମେଳଣର ଥାନପତି ଗତିଶ୍ୱର ଦେବ, ଜଙ୍କିଆ ମେଳଣର ଥାନପତି କପିଳେଶ୍ୱର ଦେବ, ଅଣ୍ଡାରସିଂହ ଥାନପତି ଇନ୍ଦ୍ରେଶ୍ୱର ଦେବ ସୁସଜ୍ଜିତ ବିମାନରେ ବସି ବାଦ୍ୟ, ନାଚଗୀତ ଓ ସଂକୀର୍ତ୍ତନ ଶୋଭାଯାତ୍ରାରେ ମେଳଣ ପଡ଼ିଆକୁ ଯିବା ପାଇଁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ହୋଇଛି।

### ମହିଳାଙ୍କ ବିକାଶ ଉପରେ ଗୁରୁତ୍ୱ

କଣାସ, ୮।୩(ସ୍ୱ.ପ୍ର.): ଦୟାବିହାରରେ ନୀଳାଚଳ ସେବା ପ୍ରତିଷ୍ଠାନ ସଭାଗୃହରେ ରବିବାର ପୁରୀ ଜନଶିକ୍ଷା ସଂସ୍ଥାନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ କସ୍ତୁରୀ ଚରଣ ଚମ୍ପତି ଅଧ୍ୟକ୍ଷତା କରିଥିଲେ। ମହନ୍ତ ବନମାଳୀ ଦାଶ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ, ଗଡ଼ସାହି ପଞ୍ଚାୟତର ସମିତି ସଭ୍ୟା ପ୍ରତିମା ବଡଜେନା, ରାଜ୍ୟ କମ୍ୟୁନ୍ୱ ଏକତା ପରିଷଦ ବିଷ୍ଣୁପ୍ରିୟା ସ୍ୱାଇଁ, ସିଲା ପଟ୍ଟନାୟକ ନିୟୁ ଇଣ୍ଡିଆ ଫାଉଣ୍ଡର, ଅଭ୍ୟା ଅତିଥି ଭାବେ ଯୋଗଦେଇ ସମାଜରେ ମହିଳାଙ୍କ ପ୍ରତି ହେଉଥିବା ନିର୍ଯାତନା ପାଇଁ ଉଦ୍‌ବେଗ ପ୍ରକାଶ କରିଥିଲେ। ମହିଳାଙ୍କ ବିକାଶ ଉପରେ ସେମାନେ ଗୁରୁତ୍ୱ ଦେଇଥିଲେ। ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ, ମହିଳା ଏହି ସଭାରେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ମହିଳା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ରାଜକିଶୋର ଜେନା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ମହିଳା ଦିବସରେ ସିଏଏକୁ ବିରୋଧ

ବ୍ରହ୍ମଗିରି,୮।୩ (ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଗୋରୁଆଳ ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରଗତିଶୀଳ ମହିଳା ମଞ୍ଚ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏଥିରେ ମହିଳା ମଞ୍ଚ ଓଡ଼ିଶାର ସଭାପତି ଭବାନୀ ଭୂୟାଁଙ୍କ ଅଧ୍ୟକ୍ଷତାରେ ମୋତି ଭୋଇ, ଖୁଲଣା ବେହେରା, ବିଶାଖା ମହାରଣା, ଜହ୍ନି ରାଉତ, ଶ୍ରୀକାନ୍ତ ମହାନ୍ତି, ମୋହନ ନାଇଡୁ, ବଟକୃଷ୍ଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ମହିଳାମାନେ କିଭଳି ମୁଖ୍ୟସ୍ରୋତରେ ସାମିଲ ହେବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହାସହ କେନ୍ଦ୍ର ସରକାର ଲଗାଇଥିବା ନୂଆ ଆଇନ ସିଏଏ, ଏନ୍‌ଆର୍‌ସି, ଏନ୍‌ପିଆରକୁ ଅତିଥିମାନେ ସମାଲୋଚନା କରିଥିଲେ। ଏହି ସବୁ ଆଇନ ଓଡ଼ିଶାରେ କାର୍ଯ୍ୟକାରୀ ହେଲେ ଅନେକ ଗରିବ ସେମାନଙ୍କ ରୋଜଗାର ହରାଇବେ। ଫଳରେ ଏହି ମହିଳା ଦିବସରେ କେନ୍ଦ୍ର ସରକାରଙ୍କ ନୂତନ ଆଇନକୁ ବିରୋଧ କରାଯିବ ବୋଲି ଉପସ୍ଥିତ ମହିଳାମାନେ ଶପଥ ନେଇଥିଲେ।

### ୬ ବିଜ୍ଞାନ ପ୍ରକଳ୍ପ ପୁରସ୍କୃତ

କଣାସ, ୮।୩(ସ୍ୱ.ପ୍ର.): କଣାସ ବ୍ଲକ ଗଡ଼ସାହି ପଞ୍ଚାୟତର ବେଣାଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୟୁଥ୍ ଓ ୟୁକୋ କ୍ଲବ ପକ୍ଷରୁ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲକ ସହଶିକ୍ଷା ଅଧିକାରୀ ମୀନକେତନ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଏଥିରେ ଛାତ୍ରୀଛାତ୍ରମାନେ ବିଜ୍ଞାନ ଓ ପରିବେଶ ସମ୍ପର୍କରେ ୧୫ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଛାତ୍ରୀଛାତ୍ରମାନେ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ୬ଟି ପ୍ରକଳ୍ପକୁ ପ୍ରଧାନଶିକ୍ଷକ ଜନାର୍ଦ୍ଦନ ବେହେରା ପୁରସ୍କୃତ କରିଥିଲେ। ଏହାକୁ ବିଜ୍ଞାନ ଶିକ୍ଷକ ବିକାଶ କୁମାର ସାହୁ, ଶିକ୍ଷୟିତ୍ରୀ ପ୍ରଗତିକା ଜଗଦେବ ଏବଂ ରେଣୁବାଳା ବଳିୟାରସିଂହ ସଂଯୋଜନା କରିଥିଲେ।

# ପ୍ରତ୍ୟେକଙ୍କୁ ବୁଝିବା ଶକ୍ତି ନାରୀ ପାଖରେ ରହିଛି





ପୁରୀ ଜିଲା ବିଜେଡି ପକ୍ଷରୁ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।



ପୁରୀ ଜିଲା ଭାଜପା ପକ୍ଷରୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଉଛି।

ପୁରୀ ଅଫିସ, ୮।୩

ନାରୀ ଶକ୍ତି ଓ ଶାନ୍ତିର ପ୍ରତୀକ। ସମସ୍ତଙ୍କ ପାଇଁ ସେ ପ୍ରେରଣାଦାୟୀ। ପ୍ରତ୍ୟେକଙ୍କୁ ବୁଝି ପାରିବା ଭଳି ଶକ୍ତି ତା' ପାଖରେ ରହିଛି। ଆଜି ସମୟ ବଦଳିଯାଇଛି। ପୂର୍ବଭଳି ମହିଳା ଆଉ ଘରକୋଣରେ ସୀମିତ ନାହିଁ। ପ୍ରତିଟି କ୍ଷେତ୍ରରେ ପୁରୁଷ ସହିତ ତାଳ ଦେଇ ମାଡ଼ି ଚାଲିଛି। ପାଣିରେ ବୁଡ଼ିବାଠୁ ଆକାଶରେ ଉଡ଼ିବା ଯାଏ ନାରୀ ଆଉ ପଛରେ ପଡ଼ିନାହିଁ। ସେ ଅବଳା କି ଦୁର୍ବଳା ନୁହେଁ, ନାରୀ ଆଜି ସଶକ୍ତ ଏ କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ନାରୀ ଭିତରେ ପର୍ଯ୍ୟାପ୍ତ ଶକ୍ତି ରହିଛି। ଏହାକୁ ଯଦି ଠିକ୍ ଭାବେ ବ୍ୟବହାର କରା ନ ଯିବ ତେବେ ସମାଜର ମଙ୍ଗଳ ସାଧିତ ହୋଇପାରିବ ନାହିଁ। ସେମାନେ ସଚେତନ ଏବଂ ସ୍ୱାବଲମ୍ବୀ ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ। ରବିବାର ବିଭିନ୍ନ ସଙ୍ଗଠନ ଏବଂ ରାଜନୈତିକ ଦଳ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ଟାଉନ ହଲ୍‌ରେ ବିଜୁ ଜନତା ଦଳ ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ପୌରସଂସ୍ଥାର ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ନାରୀମାନଙ୍କ ପାଇଁ ସରକାର କ'ଣ ସବୁ ଯୋଜନା କରିଛନ୍ତି ତାହା ଉପରେ ଆଲୋଚନା ହୋଇଥିଲା।

### ଭାଜପା ଶୋଭାଯାତ୍ରାରେ କମ୍ପିଲା ସହର

ପୁରୀ ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ସନ୍ଧ୍ୟାରେ ସିଂହଦ୍ୱାରରୁ ଏକ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଶହ ଶହ ସଂଖ୍ୟାରେ ମହିଳା ଯୋଗଦେଇଥିଲେ। ବିଭିନ୍ନ ପ୍ରକାର ମେଢ ନୃତ୍ୟ ସାଙ୍ଗକୁ ବାଜାରେ କମ୍ପିଥିଲା ବଡ଼ଦାଣ୍ଡ। ହୋଟେଲ ଗୋଲ୍‌ଡେନ ପ୍ୟାଲେସରେ ପହଞ୍ଚିବା ପରେ ସମାବେଶ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଅଭିନେତ୍ରୀ ବିଦୁସ୍ମିତା, ମହିଳା ମୋର୍ଚ୍ଚା ସଭାପତି ଜ୍ୟୋତି ମହାପାତ୍ର, ସମ୍ପାଦକ ମମତା ପତି, ରାଜଶ୍ରୀ ଦୋରା, ରଞ୍ଜିତା ପାଢୀ ପ୍ରମୁଖ ମଞ୍ଚାସୀନ ଥିଲେ। ମହିଳା କର୍ମୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହିଳାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।





ପୁରୀ ସଂସ୍କୃତି ଭବନରେ ରବିବାର ଜାତୀୟ ପୋଷ୍ଟାଲ ଏମ୍ପ୍ଲୋଇ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

## କୁରୁଜଙ୍ଗଙ୍କୁ ବାଲ୍ୟବିବାହ ମୁକ୍ତ ଲାଗି ମହିଳାଙ୍କ ଶପଥ

କୋଣାର୍କ, ୮।୩ (ଡି.ଏନ୍.ଏ.)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ନମସ୍କାର ପକ୍ଷରୁ ମହିଳାମାନଙ୍କୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଅତିଥି ରୂପେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଶିବପ୍ରସାଦ ମଙ୍ଗରାଜ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଂଯୁକ୍ତା ମିଶ୍ର, ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଆଇନ ଅଧିକାରୀ ସନ୍ତୋଷ ସାହୁ, ସାମାଜିକ କର୍ମୀ କମଳା ମହାରଣା, କାକଟପୁର ବ୍ଲକ କୁରୁଜଙ୍ଗ ପଞ୍ଚାୟତର ନାରୀନେତ୍ରୀ ଝରଣା ପରିଡ଼ା, ଶିକ୍ଷୟିତ୍ରୀ ସବିତା ପ୍ରଧାନ, ରେଡିଓ ନମସ୍କାରର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ୍ ପ୍ରଧାନ ପ୍ରମୁଖ ଯୋଗଦେଇ ନାରୀ ଜାତିର ଉନ୍ନତିରେ ଦେଶର ପ୍ରଗତି ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଏହାସହ ବାଲ୍ୟ ବିବାହ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ମହିଳାଙ୍କୁ ସଚେତନ କରାଇଥିଲେ। ବିଶ୍ୱ ମହିଳା ଦିବସରେ ସମସ୍ତ ମହିଳା କୁରୁଜଙ୍ଗକୁ ବାଲ୍ୟ ବିବାହ ମୁକ୍ତ ହେବ ବୋଲି ଶପଥ କରିଥିଲେ। ଆଗାମୀ ଦିନରେ ବାଲ୍ୟ ବିବାହ କରିବେ ନାହିଁ ବା ଯେଉଁଠାରେ ହେଉଛି ତାକୁ ବିରୋଧ କରିବେ ବୋଲି ମହିଳାମାନେ ମତ ପ୍ରକାଶ କରିଥିଲେ। ଏଥିରେ କୁରୁଜଙ୍ଗ ପଞ୍ଚାୟତରୁ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିଥିଲେ। ରେଡିଓ ନମସ୍କାର ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ମହିଳାଙ୍କୁ ସଚେତନ କରାଯାଉଥିବା ଅଧ୍ୟକ୍ଷ ଏନ୍.ଏ.ଶାହା ଅନ୍‌ସାରୀ କହିଥିଲେ। ରେଡିଓ ନମସ୍କାରର ସଂଯୋଜିକା ଏସ୍ କାଜଲ, ଟିଙ୍କିନା ରାଉତ, ପ୍ରିୟବ୍ରତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରତି କ୍ଷେତ୍ରରେ ଅଧିକାର ହାସଲ ଲାଗି ଆହ୍ୱାନ

ସାକ୍ଷୀଗୋପାଳ, ୮।୩(ଡି.ଏନ୍.ଏ)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାଙ୍କ ସମେତ ଅନ୍ୟମାନେ।

ଗ୍ରାମ କୃଷି ବିକାଶ ପରିଷଦ ପକ୍ଷରୁ ବୀରଗୋବିନ୍ଦପୁରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟ ଅଧୀନ ଖାଦ୍ୟ ଓ ପୁଷ୍ଟିକର ଯୋଜନା ଆଞ୍ଚଳିକ କାର୍ଯ୍ୟାଳୟର ମିଳିତ ସହଯୋଗରେ ମହିଳାଙ୍କ ଅଧିକାର ସମ୍ପର୍କରେ ଆଲୋଚନାଚକ୍ର ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମହିଳାମାନେ କାର୍ଯ୍ୟାଳୟ ପରିସର ସଫେଇ କରିଥିଲେ। ମୁଖ୍ୟଅତିଥି ଭାବେ ସତ୍ୟବାଦୀ ବ୍ଲକ ସିଡିପିଓ ପ୍ରେମବାଳା ତ୍ରିପାଠୀ ଯୋଗଦେଇ ଉପସ୍ଥିତ ମହିଳାମାନଙ୍କୁ ପୁରୁଷଙ୍କ ଭଳି ପ୍ରତିଟି କ୍ଷେତ୍ରରେ ସମାନ ଅଧିକାର ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବାର୍ ଆସୋସିଏଶନ ସଭାପତି ପ୍ରଶାନ୍ତ କୁମାର ନନ୍ଦ, ପଶ୍ଚିମବଙ୍ଗ ହାୱଡ଼ା ଜିଲାରୁ ଆସିଥିବା ସିଡିପିଓ ପ୍ରୀତା ଢ଼ୋଲ, ସୁପରଭାଇଜର ଆଜମିଲା ଖାତୁନ, ଖାଦ୍ୟ ଓ ପୁଷ୍ଟିକର ଯୋଜନା ଆଞ୍ଚଳିକ ଅଧିକାରୀ ମନୋଜ କୁମାର ବାରିକ ଏବଂ ସହକାରୀ ଟେକ୍ନିସିଆନ ଶୁଭଙ୍କର ପାଲ ଯୋଗଦେଇଥିଲେ। ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ମହିଳାଙ୍କୁ ନେଇ କୁଇଜ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱାଦ ପକ୍ଷରୁ ମହିଳା ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ପୁରୀ ବାର୍ ଆସୋସିଏଶନର ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, ଆଇନଜୀବୀ ଅଞ୍ଜନ ହୋତା, ଟାଏକୋଣ୍ଡୋ ନିର୍ଦ୍ଦେଶିକା ସବିତା ନନ୍ଦ ଓ ସ୍ୱାଦର ସମ୍ପାଦିକା ବୀଣାପାଣି ମିଶ୍ର ଯୋଗଦେଇ ମହିଳାମାନଙ୍କ ଅଧିକାରକୁ ନେଇ ରହିଥିବା ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ନିମାପଡ଼ା, ଡେଲାଙ୍ଗ ଓ ସତ୍ୟବାଦୀ ବ୍ଲକର ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ଦୋଳବେଦିରେ ହୋଲିକା ଦହନ ନୀତି ପରେ ମାରୱାଡି ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

## ଅଟୋ ଓଲଟି ୨ ଗୁରୁତର

ବ୍ରହ୍ମଗିରି,୮।୩(ଡି.ଏନ.ଏ.)

ବ୍ରହ୍ମଗିରି ବ୍ଲକର ବ୍ରହ୍ମଗିରି-ଡେଲାଙ୍ଗ ରାସ୍ତାରେ ରବିବାର ଏକ ଅଟୋ ଦୁଇଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଉକ୍ତ ବ୍ଲକ ଅନ୍ତର୍ଗତ ମଣପଡା ଭୋଇସାହିର ଅଟୋଚାଳକ ବିଦୁରବାଙ୍କ ଗ୍ରାମର ଅଜୟ ପ୍ରଧାନ ଓ ଶିବ ଭୋଇ। ଏକ ଅଟୋ ଯୋଗେ ଦୁହେଁ ବେଣ୍ଟପୁର ଗ୍ରାମସ୍ଥିତ ତାଙ୍କ ବନ୍ଧୁ ଘରକୁ ଭାର ନେଇ ଆସୁଥିଲେ। ରାସ୍ତାରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଲୋକେ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସାନ ଥିଲେ ପଚାରି**
**ବଡ଼ ଥିଲେ ବିଚାରି ।**

ବୟସରେ ସାନ ହେଲେ ମଧ୍ୟ ତାଙ୍କ କଥାକୁ ଟାଳି ନ ଦେଇ ବିଚାର କରିବା ଉଚିତ। ସେହିପରି ବୟସ୍କ ବ୍ୟକ୍ତି ବହୁ ଅଭିଜ୍ଞତା ହାସଲ କରିଥାନ୍ତି। କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ତାଙ୍କ ମତାମତ ବା ପରାମର୍ଶ ଗ୍ରହଣ କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସମସ୍ତଙ୍କ ସହ ବିଚାରବିମର୍ଶ କରିବା ଜରୁରୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହାଟର କନିଆ ବାଟର ବର**
**ଧରିଆଣି ବିଭାଘର କର ।**

ସାଧାରଣତଃ ପୁଅ ହେଉ ବା ଝିଅ ବାହାହେବା ପୂର୍ବରୁ ଅନେକ ଧାଁଧଉଡ଼ କରିବାକୁ ପଡ଼ିଥାଏ। ଝିଅର ସଂସ୍କାର, ଚାଲିଚଳଣ ତଥା ପୁଅର ଗୁଣଗ୍ରାମ, ଚାକିରି ଘର ପରିବାର ବିଷୟରେ ଟିକିନିଖି ଜାଣି ପରଖି ପସନ୍ଦ ଆସିଲେ ଯାଇ ବାହାଘର କରାଯାଏ। ତେବେ ଏଥିରେ ବ୍ୟତିକ୍ରମ ଘଟି ବେଳେ ବେଳେ ଅଚାନକ ଭାବେ ବାହାଘର ସ୍ଥିର ହୋଇଯାଉଥିବା ଦେଖିବାକୁ ମିଳିଥାଏ। ହାଟସଉଦା କରିବାକୁ ଯାଇ କନିଆଁ ପସନ୍ଦ କରି ବାହା ହେବା ଭଳି ହଠାତ୍ ବୁଝାବୁଝି ବିଭାଘର ଅନୁଷ୍ଠିତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ୫-ଟିରେ ଥାନାଧିକାରୀଙ୍କ ବିରୋଧରେ ଅଭିଯୋଗ

### ମହିଳାଙ୍କ ଫଟୋ ଭାଇରାଲ ଘଟଣା

ଗୋପ, ୮।୩(ଡି.ଏନ୍.ଏ)

ଗୋପ ଥାନା ଅଞ୍ଚଳର ଜଣେ ମହିଳାଙ୍କ ଫଟୋ ଭାଇରାଲ ଘଟଣାରେ ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ବସିପଡ଼ିଛି। ତେଣୁ ୫-ଟିରେ ଥାନାଧିକାରୀଙ୍କ ବିରୋଧରେ ସମ୍ପୃକ୍ତ ମହିଳା ରବିବାର ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ମହିଳା ଜଣଙ୍କ ସୂଚନା ଅଧିକାର ଆଇନ୍ ବଳରେ ଏକ ତଥ୍ୟ ମାଗିଥିବାବେଳେ ଜନୈକ ବ୍ୟକ୍ତି ତାଙ୍କୁ ଧମକ ଚମକ ଦେଇଥିଲେ। ଏ ନେଇ ସେ ଗୋପ ଥାନାରେ ନଭେମ୍ବର ୧୯ରେ ଅଭିଯୋଗ କରିବା ପରେ ପୋଲିସ୍ ଏକ କେସ୍ (ନଂ. ୭୨୧୫/୧୯) ରୁଜୁ କରିଥିଲା। ସେହିଦିନ ରାତିରେ ତାଙ୍କ ଫଟୋକୁ କଦର୍ଯ୍ୟ କରାଯାଇ ଏକ ପ୍ରୋଫାଇଲ୍‌ରୁ ଫଟୋ ଅପଲୋଡ଼ କରାଯାଇଥିଲା। ଏ ନେଇ ସମ୍ପୃକ୍ତ ମହିଳା ପୁଣି ଗୋପ ଥାନାରେ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ ପୋଲିସ୍ କେବଳ ୨ଟି ମାମଲା ରୁଜୁ କରି ବସିରହିଛି। ଥାନାଧିକାରୀ ତାଙ୍କ ମାମଲା ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗକୁ ଥାନାଧିକାରୀ ସୁଧୀର କୁମାର ସାହୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ସମ୍ପୃକ୍ତ ମହିଳାଙ୍କ ଅଭିଯୋଗକୁ ନେଇ ୨ଟି ମାମଲା ରୁଜୁ କରି ତଦନ୍ତ କରୁଛି। ଖୁବ୍‌ଶିଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

## ଗୋପ ଥାନାରୁ ଅଭିଯୁକ୍ତ ଫେରାର
### ପୋଲିସର ଅସ୍ୱୀକାର

ଗୋପ, ୮।୩(ଡି.ଏନ୍.ଏ.)

ପୁରୀ ଜିଲା ସ୍ପେଶାଲ ସ୍କାଡ୍ ଦ୍ୱାରା ଧରାପଡ଼ି ଗୋପ ଥାନାରେ ଅଟକ ଥିବା ଜଣେ ଅଭିଯୁକ୍ତ ରବିବାର ଚମ୍ପଟ ମାରିଛନ୍ତି। ସମ୍ପୃକ୍ତ ଅଭିଯୁକ୍ତ ଗୋପ ବଜାରରେ ଦୌଡ଼ି ପଳାଉଥିବା କେତେକ ଲୋକ ଦେଖିଥିବାବେଳେ ଏଭଳି ଘଟଣାକୁ ପୋଲିସ ଅସ୍ୱୀକାର କରିଛି। ତେବେ ଥାନାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଗଲେ ସତ୍ୟ ପଦାକୁ ଆସିପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପ୍ରକାଶ ଯେ, ଗୋପ ଥାନା ଅଞ୍ଚଳରେ କିଛି ଦିନ ହେଲା ଚୋରି, ଡକାୟତି, ଲୁଟ୍ ଘଟଣା ବଢିଚାଲିଛି। ତେଣୁ ଦୁଇଦିନ ହେଲ ଜିଲା ପୋଲିସର ସ୍ପେଶାଲ ସ୍କାଡ୍ ପକ୍ଷରୁ ଗୋପ ଥାନା ଅଞ୍ଚଳରେ ଚଢ଼ାଉ ଚାଲିଛି। ଶନିବାର ବିଳମ୍ବିତ ରାତିରେ ଜଣେ ଅଭିଯୁକ୍ତଙ୍କୁ ଏହି ସ୍କାଡ୍ ଧରିଥିଲା। ତାଙ୍କୁ ପଚରାଉଚରା ପାଇଁ ଗୋପ ଥାନାକୁ ଅଣାଯାଇ ଅଟକ ରଖାଯାଇଥିଲା। ତେବେ ରବିବାର ସକାଳେ କୌଣସି ପ୍ରକାରେ ଅଭିଯୁକ୍ତ ଜଣଙ୍କ ଖସିଯାଇଥିବା ଜଣାପଡ଼ିଛି। ଏହି ଅଭିଯୁକ୍ତ କେଉଁ ମାମଲାରେ ଧରାପଡ଼ିଥିଲେ, ତାଙ୍କୁ ଜାଣିଶୁଣି ଛାଡ଼ି ଦିଆଗଲା କି ବୋଲି ନାନା ପ୍ରଶ୍ନ ଉଠିଛି। ଏହି ଘଟଣାର ତଦନ୍ତ ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ସୁଧିର କୁମାର ସାହୁଙ୍କୁ ପଚାରିବାରେ ଥାନାରୁ ଅଭିଯୁକ୍ତ ଚମ୍ପଟ ମାରିଥିବା କଥାକୁ ଖଣ୍ଡନ କରିଛନ୍ତି।

## ଇ-ଷ୍ଟାମ୍ପ ବ୍ୟବସ୍ଥା ଉଚ୍ଛେଦ ଦାବି





ବୈଠକରେ ଓଡ଼ିଶା ଷ୍ଟାମ୍ପ ଭେଣ୍ଡର ମହାସଂଘର କର୍ମକର୍ତ୍ତାମାନେ।

ପୁରୀ ଅଫିସ, ୮।୩

ଓଡ଼ିଶା ଷ୍ଟାମ୍ପ ଭେଣ୍ଡର ମହାସଂଘର ରାଜ୍ୟସ୍ତରୀୟ ବୈଠକ ରବିବାର ବଡଶଙ୍ଖ ନାରାୟଣୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘ ସଭାପତି ଆଇନଜୀବୀ ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିଲେ। ସେ କହିଥିଲେ, ଇ-ଷ୍ଟାମ୍ପ ବ୍ୟବସ୍ଥା ପ୍ରଚଳନ ଦ୍ୱାରା ଗରିବ ଷ୍ଟାମ୍ପଭେଣ୍ଡରଙ୍କ ପ୍ରତି ଅନ୍ୟାୟ କରାଯାଇଛି। ତେଣୁ ରାଜ୍ୟ ସରକାର ଏହି ନିଷ୍ପତ୍ତିର ତର୍ଜମା କରିବାକୁ ସେ ଦାବି କରିଛନ୍ତି। ଏ ନେଇ ସରକାରଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବ। ଇ-ଷ୍ଟାମ୍ପରେ କମିଶନ ଧାର୍ଯ୍ୟ କରି ଷ୍ଟାମ୍ପଭେଣ୍ଡରଙ୍କୁ ସାମିଲ କରାଯିବା, କୋର୍ଟ ଫି ଷ୍ଟାମ୍ପରେ କ୍ରୟ ବିକ୍ରୟ, କ୍ଷମତା ଓ କମିଶନ ବୃଦ୍ଧି, ଷ୍ଟାମ୍ପ ଭେଣ୍ଡରଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନ ପାଇଁ ସଂଘ ଦାବି କରିଛି। ଇ-ଷ୍ଟାମ୍ପ ପ୍ରଚଳନ ନିଷ୍ପତ୍ତିକୁ ସଂଘ ୨୦୧୫ ମସିହାରୁ ବିରୋଧ କରି ଆସୁଛି। ଇ-ଷ୍ଟାମ୍ପ ବ୍ୟବସ୍ଥା ଉଚ୍ଛେଦ ନ ହେଲେ, ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଜେନା ଚେତାବନୀ ଦେଇଛନ୍ତି। ଏହି ଅବସରରେ ରାଜ୍ୟ ସମ୍ପାଦକ ରାମକୃଷ୍ଣ ପରିଡ଼ା, ପୁରୀ ଜିଲା ସଭାପତି ସୁକାନ୍ତ ମହାନ୍ତି, ଜୟୀରାମ ସେନାପତି, ବିଶ୍ୱମୋହନ ମିଶ୍ର, ତପନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବସନ୍ତ ମିଳନ ସାରସ୍ୱତ ସମାରୋହ

ପୁରୀ ଅଫିସ, ୮।୩





ସମାବେଶରେ ମଞ୍ଚାସୀନ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ଓ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ସଭାଗୃହରେ ରବିବାର ବସନ୍ତ ମିଳନ ସାରସ୍ୱତ ସମାରୋହ ଓ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସଦାଶିବ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ସେବାୟତ ସୌମେନ୍ଦ୍ର ମୁଦୁଲି ଏହାକୁ ଉଦ୍‌ଘାଟନ କରି କହିଥିଲେ, ବସନ୍ତ ହେଉଛି ଯୌବନର ପ୍ରତୀକ। ମଣିଷ ନିଜ ଭିତରେ ଯୁବ ଭାବନା ଜାଗ୍ରତ କରିପାରିଲେ ଶରୀର ସୁସ୍ଥ ଓ ମନ ଶାନ୍ତ ରହିପାରିବ। ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ଡ. ଶୁଭେନ୍ଦୁ ମୁଣ୍ଡ ଓଡ଼ିଶାର ସାରସ୍ୱତ ବାଣୀଭଣ୍ଡାରକୁ ଶ୍ରୀକ୍ଷେତ୍ରର ଅବଦାନ ଅତୁଳନୀୟ ବୋଲି କହିଥିଲେ। ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ସମ୍ପାଦକ ଚକ୍ରଧର ମହାପାତ୍ର, ସେବାୟତ ଭଗବାନ ସୁଆର ଓ ଲକ୍ଷ୍ମୀଧର ଖୁଣ୍ଟିଆ ଏବଂ ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ରଥ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ରଖିଥିବା ବେଳେ ଉପସଭାପତି ଶିବସୁନ୍ଦର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନାରୀ ପ୍ରତିଭା ସମ୍ମାନ ଓ ବସନ୍ତ ମିଳନ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା।



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
-ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ: କାର୍ ଚାଳକ ଗିରଫ

ପିପିଲି, ୮।୩ (ସ୍ୱ.ପ୍ର.): ପିପିଲି ଥାନା ଅନ୍ତର୍ଗତ ମକୁନ୍ଦପୁର ୪ର୍ଥ ବାଇପାସ ନିକଟରେ ଶନିବାର ରାତିରେ ବାଇକକୁ କାର୍ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛି। ମୃତକ ହେଲେ ଏହି ଥାନା ଅଧୀନ ନୂଆଶାସନ ଗ୍ରାମର ଲିଟୁ ରଥ(୨୯)। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରି ନଂ.୬୯/୨୦ରେ ଏକ ମାମଲା ରୁଜୁ କରିବା ସହ କାର୍ ଚାଳକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗର ସାଇକତ ଭଟ୍ଟାଚାର୍ଯ୍ୟ। ସୂଚନାଯୋଗ୍ୟ, ଶନିବାର ବିଳମ୍ବିତ ରାତିରେ ଲିଟୁଙ୍କ ସହ ସ୍ଥାନୀୟ ଗ୍ରାମର ରମାକାନ୍ତ ବେହେରା(୨୮) ଏକ ବାଇକରେ ମକୁନ୍ଦପୁର ନିକଟ ବାଇପାସ୍‌ରେ ରାସ୍ତା ପାର ହେଉଥିଲେ। ଏହି ସମୟରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା (ଡବ୍ଲୁ ବି୦୨ଏଏନ୩୫୩୬) କାର ଉକ୍ତ ବାଇକ୍‌କୁ ଧକ୍କା ଦେବାରୁ ବାଇକ ଆରୋହୀଦ୍ୱୟ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ପୋଲିସଙ୍କୁ ଜଣାଇବା ସହ ଗୁରୁତର ଦ୍ୱୟଙ୍କୁ ପିପିଲି ସରକାରୀ ଡାକ୍ତରଖାନାକୁ ଆଣିଥିଲେ। କିନ୍ତୁ ଉଭୟଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଭୁବନେଶ୍ୱର ପଠାଯାଇଥିଲା। ମାତ୍ର ସେଠାରେ ଡାକ୍ତର ଲିଟଙ୍କୁ ମୃତ ଘୋଷଣା କରିଥିଲେ। ରମାକାନ୍ତ ଅବସ୍ଥା ଆହୁରି ସଙ୍ଗିନ ହେବାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

### କରୋନା ପାଇଁ ଜୟୀ ରାଜଗୁରୁଙ୍କ ସ୍ମାରକୀ ଉତ୍ସବ ବନ୍ଦ

ପୁରୀ ଅଫିସ, ୮।୩: କରୋନାକୁ ଦୃଷ୍ଟିରେ ରଖି ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଜୟୀ ରାଜଗୁରୁଙ୍କ ବାରବାଟୀ ଯାତ୍ରା ୨୧୭ତମ ସ୍ମାରକୀ ଉତ୍ସବ କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଛି। ଆସନ୍ତା ୧୧ତାରିଖରେ ଏହି ଅବସରରେ ସିଂହଦ୍ୱାରରୁ ପାଇକ ଆଖଡ଼ା, ସଂକୀର୍ତ୍ତନ ସହ ବିରାଟ ଶୋଭାଯାତ୍ରା ବାହାରିଥାନ୍ତା। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସଭାକକ୍ଷରେ ଆଲୋଚନାଚକ୍ର ଓ ଶ୍ରଦ୍ଧାଞ୍ଜଳି ସଭା ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ସଂକୀର୍ତ୍ତନ କଳାକାର, ପାଇକ ଆଖଡ଼ା ଦଳ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ ଆଗ୍ରହ ପ୍ରକାଶ କରିଥିଲେ। କିନ୍ତୁ ବର୍ତ୍ତମାନ କରୋନା ଭାଇରସ୍‌ର ଭୟାବହତାକୁ ନେଇ ସରକାରଙ୍କ ସଚେତନତାକୁ ଦୃଷ୍ଟିରେ ରଖି ତଥା ସମସ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ପରିଷଦ ସ୍ମାରକୀ ଯାତ୍ରାରେ କେତେକ ପରିବର୍ତ୍ତନ ଲାଗି ନିଷ୍ପତ୍ତି ନେଇଛି। ଶୋଭାଯାତ୍ରା ଏବଂ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ହେବାକୁ ଥିବା ଆଲୋଚନାଚକ୍ର ଓ ଶ୍ରଦ୍ଧାଞ୍ଜଳି ସଭାକୁ ସ୍ଥଗିତ ରଖାଯାଇଛି। ସ୍ମାରକୀ ଉପଲକ୍ଷେ ବଳଗଣ୍ଡି ଛକସ୍ଥିତ ଭକ୍ତ ସାଲବେଗ ସମ୍ମିଳନୀ କକ୍ଷରେ ସେହିଦିନ ଅପରାହ୍ନ ୫ଟାରେ କେବଳ ଶ୍ରଦ୍ଧାଞ୍ଜଳି ସଭା ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

### ସ୍ୱପ୍ନା ସାହୁ ସମ୍ବର୍ଦ୍ଧିତ



ପୁରୀ ଅଫିସ, ୮।୩ : ପୁରୀ ରେଲୱେ ଆର୍‌ପିଏଫ୍ ଥାନାରେ କାର୍ଯ୍ୟରତ ମହିଳା କନଷ୍ଟେବଲ ସ୍ୱପ୍ନା ସାହୁଙ୍କୁ ଖୋର୍ଦ୍ଧା ଡିଭିଜନ ପକ୍ଷରୁ ବିଶ୍ୱ ମହିଳା ଦିବସରେ ସମ୍ବର୍ଦ୍ଧିତ କରାଯାଇଛି। ସ୍ୱପ୍ନାଙ୍କ କାର୍ଯ୍ୟଦକ୍ଷତା, ସାଧୁତା, କେସ୍ ପରିଚାଳନା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ତାଙ୍କୁ ଏହି ସମ୍ମାନ ଦିଆଯାଇଛି। ଏଥିଲାଗି ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ମହିଳାଙ୍କ ସମୃଦ୍ଧିରେ ଦେଶର ସମୃଦ୍ଧି

ପୁରୀ ଅଫିସ, ୮।୩:




ଏସ୍‌ସିଏସ୍ କଲେଜ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ ବାଲୁକା କଳା।

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୩ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ପିଲାଙ୍କ ମଧ୍ୟରେ କବିତା ପାଠ, ଲିଖନ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ କଲେଜ ଅଧ୍ୟକ୍ଷା ପ୍ରଫେସର ସୁଜାତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମହିଳା ସମାନତା ଶୀର୍ଷକ ଆଲୋଚନାଚକ୍ରରେ ଡ. ଅଞ୍ଜଳି ଶୁକ୍ଳା ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ମହିଳାଙ୍କ ସମୃଦ୍ଧିରେ ଦେଶର ସମୃଦ୍ଧି ବୋଲି ସେ କହିଥିଲେ। ଉଦ୍‌ଯାପନୀ ଦିବସରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜିକା ଡ. ସବିତା ସୋରେନ୍ ଏବଂ ଅଶୋକ କୁମାରଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ କଲେଜ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ସୁଭାଷ ବୋଷ ଛକ, ଭିଆଇପି ରୋଡ୍ ଦେଇ ସହର ପରିକ୍ରମା କରିଥିଲେ। ସେମାନେ ପ୍ଲାକାର୍ଡ ଧରି ବେଟି ବଚାଓ ବେଟି ପଢାଓ, ମହିଳାଙ୍କ ସୁରକ୍ଷା, ଶିକ୍ଷା ଉତ୍ତର ଦାୟିତ୍ୱ ଉପରେ ସଚେତନତା ସୃଷ୍ଟି କରିଥିଲେ।

ସେହିପରି ଓଡ଼ିଶା ଲେଖିକା ସଂସଦ, ପୁରୀ ଜିଲା ଶାଖା ଆନୁକୂଲ୍ୟରେ ରବିବାର ସାଲବେଗ ସମାଧି ପୀଠ ପରିସରରେ ଆବାହିକା ସୁବାସିନୀ ଧଳଙ୍କ ଅଧ୍ୟକ୍ଷତାରେ ମହିଳା ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରମୋଦା ଦେବୀ ମୁଖ୍ୟ ଅତିଥି, କବୟିତ୍ରୀ ହରପ୍ରିୟା ସାହୁ, ଶିକ୍ଷାବିତ୍ ଅଦ୍ୱୈତ ଚରଣ ଧଳ, ଶିଶୁ ସାହିତ୍ୟିକ ସତ୍ୟନାରାୟଣ ମିଶ୍ର, ଚାରୁଲତା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏକ ସୁସ୍ଥ ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନେ କହିଥିଲେ। ଆଶାଲତା ପ୍ରଧାନ, ସରୋଜିନୀ ସାହୁ, ସୁଧାଂଶୁବାଳା ପଟ୍ଟନାୟକ, ବନଲତା ଦେଇ ପ୍ରମୁଖ ଉପସ୍ଥିତ ଥିଲେ। କୁମ୍ଭାରପଡ଼ାସ୍ଥିତ କଲ୍ୟାଣୀ ମହିଳା ଆରୋଗ୍ୟ ସମିତି ପକ୍ଷରୁ ମହିଳା ଦିବସ ପାଳନ ସହ ଯକ୍ଷ୍ମା ଓ ସଂକ୍ରମଣ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପୂର୍ବତନ ପୌର ସଦସ୍ୟ ସୁଦର୍ଶନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱହିନ୍ଦୁ ପରିଷଦ ପୁରୀ ନଗର ଶାଖା ପକ୍ଷରୁ ବଡଦାଣ୍ଡଠାରେ ମହିଳା ନଗର ସଭାପତି ନାରାୟଣ ଦାଶଙ୍କ ସଂଯୋଜନାରେ ମହିଳା ଦିବସ ପାଳନ କରାଯାଇଥିଲା।

# ୧୮ରେ ନୀଳାଦ୍ରି ଭକ୍ତ ନିବାସରେ ଜନଶୁଣାଣି

## ଶ୍ରୀମନ୍ଦିର ସୁରକ୍ଷା ବଳୟ ଉନ୍ନତୀକରଣ

ପୁରୀ ଅଫିସ, ୮।୩:

ଶ୍ରୀମନ୍ଦିର ସୁରକ୍ଷା ବଳୟ ଉନ୍ନତୀକରଣ ନିମନ୍ତେ ସାମାଜିକ ପ୍ରଭାବ ବିବରଣୀ ପ୍ରସ୍ତୁତ କରାଯାଇଛି। ପ୍ରଭାବିତ ହେଉଥିବା ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବାସେଲିସାହି, ଦୋଳମଣ୍ଡପ ସାହି, ମଣିକର୍ଣ୍ଣିକା ସାହି, କାଳିକାଦେବୀ ସାହି ଏବଂ ଚୁଡ଼ଙ୍ଗସାହି ଅଧୀନ ୱାର୍ଡ ୨, ୩, ୪, ୯, ୧୨, ୧୫ ଏବଂ ୧୭ର ଅଧିବାସୀଙ୍କ ଅବଗତି ନିମନ୍ତେ ଏହି ବିବରଣୀ ଜାରି ହୋଇଛି। ଏ ସମ୍ପର୍କରେ ଉକ୍ତ ୱାର୍ଡବାସୀଙ୍କ ମତାମତ ନେବା ପାଇଁ ଆସନ୍ତା ୧୮ ତାରିଖରେ ନୀଳାଦ୍ରି ଭକ୍ତ ନିବାସରେ ଜନଶୁଣାଣି ହେବ। ଏଥିରେ ପ୍ରଭାବିତ ୱାର୍ଡବାସୀ ଜମି ଅଧିଗ୍ରହଣ ଓ ତଜ୍ଜନିତ ପ୍ରସଙ୍ଗ ଉପରେ ସେମାନଙ୍କ ମତାମତ ଉପସ୍ଥାପନ କରିବେ।

ଶ୍ରୀମନ୍ଦିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ଜମି ଅଧିଗ୍ରହଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୫ ପ୍ରତିଶତ ଜମିର ବିକ୍ରି କବଲା ସରିଥିବାବେଳେ ସୁରକ୍ଷା ଜୋନରେ ଉଚ୍ଛେଦ ଚାଲିଛି। ଅଧିଗ୍ରହଣ ଜମି ମଧ୍ୟରେ ବାସେଲି ସାହି ମୌଜାର ୩ ଏକର ୨୮ ଡେସିମିଲ ବେସରକାରୀ ଓ ୬୪ ଡେସିମିଲ ସରକାରୀ ଜମି ରହିଛି। ସେହିପରି ମଣିକର୍ଣ୍ଣିକା ସାହିର ୩ ଏକର ୬୨୭ ଡେସିମିଲ ବେସରକାରୀ ଓ ୧୩୩ ଡେସିମିଲ ସରକାରୀ, କାଳିକାଦେବୀ ସାହିର ୧ ଏକର ୯୫୧ ଡେସିମିଲ ବେସରକାରୀ ଓ ୫୨ ଡେସିମିଲ ସରକାରୀ, ଦୋଳମଣ୍ଡପ ସାହିର ୭୭ ଡେସିମିଲ ବେସରକାରୀ ଓ ୭୪ ଡେସିମିଲ ସରକାରୀ, ଚୁଡ଼ଙ୍ଗସାହି ମୌଜାର ୩ ଏକର ୮୧୫ ଡେସିମିଲ ବେସରକାରୀ ଏବଂ ୧ ଏକର ୨୮ ଡେସିମିଲ ସରକାରୀ ଜମି ରହିଛି।

# ଉନ୍ନୟନମୂଳକ କାର୍ଯ୍ୟର ଠିକାନେବେ ମହିଳା



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ମହିଳାମାନେ।

ପିପିଲି, ୮।୩ (ସ୍ୱ.ପ୍ର.):

ପିପିଲି ବିଜୁ ଜନତା ଦଳ ପକ୍ଷରୁ ରବିବାର କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ପିପିଲି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅଧ୍ୟାପିକା ଡ. ପ୍ରତିଭା ମହାରଥୀ ଯୋଗଦେଇ ସମାଜରେ ନାରୀର ବିଶେଷ ଭୂମିକା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଧାୟକ ପ୍ରଦୀପ ମହାରଥୀ ଯୋଗଦେଇ ପିପିଲି ଓ ଡେଲାଙ୍ଗ ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଠିକାକାର୍ଯ୍ୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମିଳିବ ଏବଂ ମହିଳା ଏସଏଚଜି ଗ୍ରୁପ ପିଡିଏସ୍ ଯୋଗାଣ ସାମଗ୍ରୀ ବାଣ୍ଟିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କଳ୍ପନା ସାମନ୍ତରାୟ ଓ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ସମିତି ସଭ୍ୟ ଧରଣୀଧର ସାହୁ ଯୋଗ ଦେଇଥିଲେ। ଚାନ୍ଦୁଆ କାରିଗରୀରେ ସୁଖ୍ୟାତି ଆଣିଥିବା ପିପିଲି ଏନଏସିର ଖୁଦା ହାଫିଜ୍ ଓ ବନଦୁର୍ଗା ଏସ୍‌ଏଚ୍‌ଜି ସମେତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡେଲାଙ୍ଗ ବ୍ଲକ ବିଜେଡି ସଭାପତି ବୈରାଗୀ ଜେନା, ଜିଲା ପରିଷଦ ସଭ୍ୟା ରାଧାମଣୀ ପ୍ରଧାନ, ଗୀତାଞ୍ଜଳି ଦାସ, ନାରୀନେତ୍ରୀ ଜ୍ୟୋତ୍ସ୍ନା ପୃଷ୍ଟି, ଉମାମଣୀ ରଥ, ନିରୁପମା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ୧୦ରେ ମା' ମଙ୍ଗଳାଙ୍କ ନେତ ଉତ୍ସବ

କାକଟପୁର, ୮।୩ (ଡି.ଏନ୍.ଏ.)

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା' ମଙ୍ଗଳାଙ୍କ ଚୈତ୍ର ମାସର ପ୍ରଥମ ପାଳି ମଙ୍ଗଳବାର ତଥା ନେତ ବନ୍ଧା ଉତ୍ସବ ଆସନ୍ତା ୧୦ତାରିଖ ପବିତ୍ର ହୋଲି ଦିନ ଅନୁଷ୍ଠିତ ହେବ। ଏଥିପାଇଁ ଏହି ପ୍ରସିଦ୍ଧ ଶକ୍ତି ପୀଠ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ମନ୍ଦିର ଭିତର ଏବଂ ବାହାରକୁ ଉଜ୍ଜ୍ୱଳ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଭକ୍ତମାନେ ଶାନ୍ତିଶୃଙ୍ଖଳା ଭାବେ ମା'ଙ୍କ ଦର୍ଶନ ନିମନ୍ତେ ମନ୍ଦିର ବେଢାରେ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ଉକ୍ତ ଦିନ ଘ୧.୩୦ମିନିଟ୍‌ରୁ ୨ଘଟିକା ମଧ୍ୟରେ ନେତ ବନ୍ଧା ଉତ୍ସବ ଅନୁଷ୍ଠିତ ହେବ। ଯେହେତୁ ଏହି ଉତ୍ସବ ହୋଲି ଦିନ ପଡୁଥିବାରୁ ଏ ନେଇ ଶ୍ରଦ୍ଧାଳୁମାନେ ପ୍ରତ୍ୟୁଷରୁ ମନ୍ଦିରରେ ମା'ଙ୍କ ଦର୍ଶନ ନିମନ୍ତେ ଭିଡ ହେବ। ଏହାକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ମଧ୍ୟରାତ୍ରରୁ ମା'ଙ୍କ ନିତିକାନ୍ତି କାର୍ଯ୍ୟ ସମାପନ କରାଯିବ ବୋଲି ମନ୍ଦିର ପ୍ରଶାସନ ସ୍ଥିର କରିଛି।

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

କାକଟପୁର, ୮।୩ (ଡି.ଏନ୍.ଏ.)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁକଲ୍ୟାଣ ୱେଲଫେୟାର ସେଣ୍ଟର, କୋଲକାତା ତଥା ପ୍ରାଚୀ ୟୁଥ ସୋସିଆଲ ଅର୍ଗାନାଇଜେଶନ ସହଯୋଗରେ ସ୍ଥାନୀୟ ଏଫ୍ ଏଲ ସି ସେଣ୍ଟରରେ ଆର୍ଥିକ ସାକ୍ଷରତା ତାଲିମ ନେଉଥିବା ୫୦ରୁ ଊର୍ଦ୍ଧ୍ୱ ମହିଳାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହ ସଚେତନ କରାଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ସହ ସମସ୍ତ ମହିଳାମାନଙ୍କୁ ଏକ ଫାଷ୍ଟଏଡ କିଟ୍ ବଣ୍ଟନ କରାଯାଇଥିଲା। ଏଥିରେ ଡା. ରାଜକିଶୋର ପ୍ରଧାନ ମହିଳାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରକୁ ଭ୍ରମରବର ରାଉତ, ଅନସୂୟା ପରିଡା, ମହିମା ବିଶ୍ୱାଳ, ଲିଜା ବେହେରା, ଅର୍ଜ୍ଜୁନ ଦାସ, ସଞ୍ଜୟ ସାମଲ, ରାଜା, ମଣ୍ଟୁ, ପବିତ୍ର, ରୁଦ୍ର ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ସିବିଆଇକୁ ଦିଆଯିବ ଭକ୍ତଙ୍କ ଦସ୍ତଖତପତ୍ର

- ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି
- ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା ରଖାଯିବା ପ୍ରସଙ୍ଗ

ପୁରୀ ଅଫିସ, ୮।୩:

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ୟେସ୍ ବ୍ୟାଙ୍କ କାରବାର ଉପରେ କଟକଣା ଜାରି କରିଛି। ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ି ଥିବାରୁ ଆର୍‌ବିଆଇ ଏହି ପଦକ୍ଷେପ ନେଇଛି। ଏଭଳି ସ୍ଥିତିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ଫେରିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପରିଚାଳନା କମିଟି ଏବଂ ଗଜପତି ମହାରାଜଙ୍କୁ କାହିଁକି ଆଢୁଆଳରେ ରଖାଯାଇଥିଲା ବୋଲି ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥ ପ୍ରଶ୍ନ କରିଛନ୍ତି। ଉକ୍ତ ଟଙ୍କାକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପରିବର୍ତ୍ତେ ଘରୋଇ ବ୍ୟାଙ୍କରେ ରଖିବା ପଛରେ ନିଶ୍ଚିତ ଭାବେ ମନ୍ଦ ଉଦ୍ଦେଶ୍ୟ ରହିଛି। ପରିଚାଳନା କମିଟି ଓ ଅର୍ଥ ସବ୍ କମିଟି ଅଗୋଚରରେ ଏହି ଟଙ୍କା ଏକ ଘରୋଇ ବ୍ୟାଙ୍କରେ ରଖାଯାଇଥିଲା। ଏହି ଘଟଣାର ସିବିଆଇ ତଦନ୍ତ ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବନ ଓ ଗିରଫ କରାଯିବାକୁ ରଥ ଦାବି କରିଛନ୍ତି। ଏ ନେଇ ୯ତାରିଖଠାରୁ ଭକ୍ତଙ୍କ ଦସ୍ତଖତ ଅଭିଯାନ ଆରମ୍ଭ କରାଯିବ। ୧୦ହଜାରରୁ ଊର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଦାବିପତ୍ର ସିବିଆଇକୁ ଦିଆଯିବ। ସେହିପରି ଆଇନମନ୍ତ୍ରୀଙ୍କ ମନ୍ତବ୍ୟ ହାସ୍ୟାସ୍ପଦ ବୋଲି ସେ କହିଛନ୍ତି। ତାଙ୍କୁ ହଟାଯିବାକୁ ସେ ଦାବି କରିଛନ୍ତି। ୟେସ୍ ବ୍ୟାଙ୍କରେ ଏତେ ଟଙ୍କା ରଖିବା ପଛରେ ଅଧିକ ସୁଧ ଲୋଭ ନା ଆଉ କିଛି ରହସ୍ୟ ରହିଛି ତାହାର ତଦନ୍ତ ପାଇଁ ରଥ ଏକ ପ୍ରେସ ବିବୃତିରେ ଦାବି କରିଛନ୍ତି।

# ନିମାପଡ଼ାରେ ମହିଳା ଦିବସ ପାଳିତ




ଜଣେ ମହିଳାଙ୍କୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସମ୍ବର୍ଦ୍ଧିତ କରୁଛନ୍ତି।

ନିମାପଡ଼ା, ୮।୩ (ଡି.ଏନ୍.ଏ.)

ସମାଜରେ ମହିଳାମାନେ ଆଜି ସଶକ୍ତ। ନାରୀ ବିନା କୌଣସି କାର୍ଯ୍ୟରେ ସଫଳତା ମିଳେ ନାହିଁ ବୋଲି ରାଜ୍ୟ ଜନମଙ୍ଗଳ ବୋର୍ଡ ଅଧ୍ୟକ୍ଷା କସ୍ତୁରବା ମହାପାତ୍ର କହିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ଓ ୧୦୪ତମ ବିଜୁ ଜୟନ୍ତୀ ଅବସରରେ ବିଜେଡି ପକ୍ଷରୁ ନିମାପଡ଼ାରେ ଅନୁଷ୍ଠିତ ମହିଳା ଦିବସରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷା ମହାପାତ୍ର ଯୋଗଦେଇ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ମହିଳାଙ୍କ ବିକାଶ ହେଲେ ଦେଶର ବିକାଶ ହେବ ବୋଲି କହିଥିଲେ। ପ୍ରମୁଖ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ନିମାପଡ଼ା ବିଜେଡି ସଭାନେତ୍ରୀ ମୋହିନୀ ଜେନା, ନଗର ମହିଳା ଜନତା ଦଳ ସଭାନେତ୍ରୀ କୌଶଲ୍ୟା ସାହୁ, ସନ୍ତୋଷୀ ସେଠୀ, ମିନାକ୍ଷୀ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୮ଜଣ ମହିଳାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାବେଶରେ ୩ହଜାର ମହିଳା ଉପସ୍ଥିତ ଥିଲେ। ଶେଷରେ ସ୍ଥାନୀୟ ନଟରାଜ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ପୋଲିସ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




କାର୍ଯ୍ୟକ୍ରମରେ ଏସ୍‌ପି ଉମାଶଙ୍କର ଦାଶ ଏବଂ ଅନ୍ୟ ଅତିଥିମାନେ।

ପୁରୀ ଅଫିସ, ୮।୩:

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରବିବାର ପୁରୀ ପୋଲିସ ଓ ଜିଲା ସ୍ୱାସ୍ଥ୍ୟ ସମିତି ମିଳିତ ଆନୁକୂଲ୍ୟରେ ପୋଲିସ ରିଜର୍ଭ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର ଉଦଘାଟିତ ହୋଇଛି। ଏସ୍‌ପି ଉମାଶଙ୍କର ଦାଶ ଏହାକୁ ଉଦଘାଟନ କରିଥିଲେ। ଡା. ଭାସ୍କର ସାମନ୍ତରାୟ ଉପସ୍ଥିତ ଥିଲେ। ପୁରୀ ଜିଲାରେ କାର୍ଯ୍ୟରତ ମହିଳା ପୋଲିସ ଏବଂ ପୋଲିସ ଅଧିକାରୀମାନଙ୍କ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଶିବିର ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଚାଲିବ।

# ସୁସ୍ଥ ସମାଜ ଗଠନରେ ନାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ପୁରୀ ଅଫିସ, ୮।୩ :

ପୁରୀ ଜିଲା ଆଇନସେବା ପ୍ରାଧିକରଣ ଓ ଜିଲା ସମାଜ କଲ୍ୟାଣ ବିଭାଗ ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସୁଭାଷ ବୋଷ ଛକରୁ ବାହାରି ସିଭିଲ କୋର୍ଟ ପରିସରରେ ପହଞ୍ଚିଥିଲା। ସଭାରେ ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର ମାଗଣା ଆଇନ ସେବା, ମହିଳାଙ୍କ ଲାଗି ରହିଥିବା ନ୍ୟାୟିକ ପ୍ରକ୍ରିୟା, ଘରୋଇ ହିଂସା ଅଧିନିୟମ, ଯୌତୁକ ନିରୋଧ ଅଧିନିୟମ, ପୀଡ଼ିତାଙ୍କୁ କ୍ଷତିପୂରଣ ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲା ଓ ଦୌରା ଜଜ୍ ଶୁଭଶ୍ରୀ ତ୍ରିପାଠୀ କହିଲେ ଯେ, ଏକ ସୁସ୍ଥ ସମାଜ ଗଠନ ଦିଗରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଅତିଥି ଭାବେ ବିଚାର ବିଭାଗୀୟ ଅଧିକାରୀ ଇନ୍ଦୁ ଶର୍ମା, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।




ପୁରୀ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରବିବାର ବାହାରିଥିବା ସଚେତନତା ଶୋଭାଯାତ୍ରା।

# ସାହିତ୍ୟ ଆସର, ପ୍ରତିଭା ସମ୍ମାନ ସମାରୋହ

## ୨୨ଜଣ ପ୍ରତିଭା ସମ୍ବର୍ଦ୍ଧିତ

କୋଣାର୍କ, ୮।୩ (ଡି.ଏନ୍.ଏ.)

କୋଣାର୍କସ୍ଥିତ ଅର୍ବାନହାଟ ସମ୍ମେଳନ କକ୍ଷଠାରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ଆନୁକୂଲ୍ୟରେ ପୁରୀ ନେହେରୁ ଯୁବକେନ୍ଦ୍ର ସହାୟତାରେ ଦ୍ୱିତୀୟ ବାର୍ଷିକ ରାଜ୍ୟସ୍ତରୀୟ ସାହିତ୍ୟ ଆସର ଓ ପ୍ରତିଭା ସମ୍ମାନ ସମାରୋହ ୨୦୨୦ ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନ ସଭାପତି ପ୍ରଦୀପ୍ତ କୁମାର ଛାଟୋଇଙ୍କ ସଭାପତିତ୍ୱରେ ଅତିଥି ଭାବେ ସମବାୟ ବିଭାଗର ପୂର୍ବତନ ଅତିରିକ୍ତ ଶାସନ ସଚିବ ହରୀଶ ମିଶ୍ର, ନେହେରୁ ଯୁବକେନ୍ଦ୍ରର ଯୁବ ସଂଯୋଜକ ଜୟଶଙ୍କର ଜୋଷୀ, ଯୁବ ଲେଖିକା ତପସ୍ୱିନୀ ବେହେରା, କବୟିତ୍ରୀ ରଂଜିତା ମିଶ୍ର, ଗବେଷକ ବିକ୍ରମାଦିତ୍ୟ ବାରିକ, ସଂଗଠନର ଉପଦେଷ୍ଟା ସୁବାସଚନ୍ଦ୍ର ବରାଳ, ଅକ୍ଷୟ ନାୟକ ଓ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇ ସମାଜରେ ସାହିତ୍ୟିକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ବକ୍ତାମାନେ ମତ ରଖିଥିଲେ। ସଂଗଠନର ସମ୍ପାଦକ ଭାଗୀରଥି ସ୍ୱାଇଁ ଅତିଥି ପରିଚୟ ପ୍ରଦାନ ଓ ବିବରଣୀ ପାଠ କରିଥିଲେ। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଲେଖକ ଲେଖିକା କବି କବୟିତ୍ରୀ, ସାହିତ୍ୟ ଓ ସଂସ୍କୃତି ପ୍ରେମୀ ପ୍ରତିଭା ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାବା ଶକ୍ତିଦେବ ଶତପଥୀ ସଂଯୋଜନା କରିଥିଲେ। ଅପରାହ୍ନରେ ଆୟୋଜିତ କବିତା ପାଠ ଉତ୍ସବ କାର୍ଯ୍ୟକ୍ରମରେ ଅତିଥି ଭାବେ ପଣ୍ଡିତ ବିଶ୍ୱନାଥ ଶତପଥୀ, ଚିତ୍ତରଞ୍ଜନ ଦାଶ, କମଳକୁମାରୀ ଦାଶ, ପ୍ରଶନ୍ନ ମଣ୍ଡଳ, ଅନନ୍ତ ଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ପରେ ଭୁବନେଶ୍ୱରର କମଳ କୁମାରୀ ଦେବୀଙ୍କୁ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ସୁରଭୀ ସମ୍ମାନ, ଭବାନୀ ଶଙ୍କର ପୋଥାଲଙ୍କୁ ଜନପ୍ରିୟ ଇଞ୍ଜିନିୟର ସମ୍ମାନ, ଛବିରାଣୀ ପତିଙ୍କୁ କୋଣାର୍କ ନବଦିଗନ୍ତ ସମ୍ମାନ, କନକଲତା ଦାଶଙ୍କୁ କବି ବିନୋଦିନ ସମ୍ମାନ, ପୁଷ୍ପାଞ୍ଜଳି ମିଶ୍ରଙ୍କୁ କୋଣାର୍କ ସାହିତ୍ୟ ମଂଜରୀ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଦୁଇଜଣ ବିଶିଷ୍ଟ କବିଙ୍କୁ ମରଣୋତ୍ତର ସମ୍ମାନ ସହ ୨୨ଜଣ ପ୍ରତିଭାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କୁନାଲ ପାତ୍ର, ସ୍ୱଭାଗ୍ୟ ସ୍ୱାଇଁ, ଗଣେଶ ବେହେରା, ମାନସ ବେହେରା, ପ୍ରିୟଙ୍କା ସାମଲ ପ୍ରମୁଖ ପରିଚାଳନା କରିଥିଲେ।




ରାଜ୍ୟସ୍ତରୀୟ ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି।